
# ଧରିତ୍ରୀ
DHARITRI

ବାଲେଶ୍ୱର, ଶୁକ୍ରବାର, ଜୁନ୍ ୨୬/୨୦୨୦ (୧୯ ପୃଷ୍ଠା) | Balasore, Friday, June 26/2020 | ★★★★

୪୬ଶ ଭାଗ ୨୧୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-

**ସଞ୍ଜିତା ପାଇବେ ଅର୍ଜୁନ ପୁରସ୍କାର**

ଡୋପିଂ ଅଭିଯୋଗରୁ ମୁକ୍ତ ହେବାପରେ ଭାରୋତ୍ତୋଳିକା ସଞ୍ଜିତା ଚାନୁ ଅର୍ଜୁନ ପୁରସ୍କାର ପାଇବା ନିଶ୍ଚିତ ହୋଇଛି।

୧୧

୧୦

**ନ୍ୟୁଜିଲାଣ୍ଡରେ ପ୍ରଥମେ ରିଲିଜ୍ ହେବ ଅଜୟଙ୍କ ଫିଲ୍ମ**

ଭାରତୀୟ ଫିଲ୍ମ ପାଇଁ ଖୁସି ଖବର ଆସିଛି। ଅଜୟ ଦେବଗନ ଅଭିନୀତ ଫିଲ୍ମ 'ଗୋଲ୍‌ମାଲ ଏଗେନ୍' ନ୍ୟୁଜିଲାଣ୍ଡର ହଲ୍‌ରେ ପ୍ରଥମେ ରିଲିଜ ହେବ।




ହୀରାକୁଦ ଡ୍ୟାମ୍‌ର ୧୦ ଗେଟ୍ ଖୋଲିଲା

ଗର୍ଭଗୃହ କାନ୍ଥରେ ଧଳା ଆସ୍ତରଣ ........ ୩

ପର୍ଯ୍ୟଟନ ଋତୁ ପୂର୍ବରୁ ନୂଆ ଲୁକ୍ ପ୍ରିଣ୍ଟ ........ ୫

୧୨ ଅଗଷ୍ଟ ପର୍ଯ୍ୟନ୍ତ ରେଗୁଲାର ଟ୍ରେନ୍ ବାତିଲ ........ ୧୯

**ଆଜିର ସମ୍ପାଦକୀୟ**

ଗରିବଙ୍କୁ ବାଧିବ


# ଆର୍‌ଟିଆଇ ଅସ୍ତ୍ର ନିଷ୍କ୍ରିୟ ହେଉଛି

**ଶାସନ-ପ୍ରଶାସନରେ ଚାଲିଥିବା ଦୁର୍ନୀତିର ମୂଳକୁ ଉପାଡ଼ି ସ୍ୱଚ୍ଛତା ଆଣିବା ଲକ୍ଷ୍ୟରେ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ଗଢ଼ାଯାଇଥିଲା। ସାଧାରଣ ଜନତାଙ୍କ ପାଇଁ ଏହି ଆଇନ ଥିଲା ଗଣତାନ୍ତ୍ରିକ ଉପାୟରେ ସୂଚନା ହାସଲର ଅମୋଘ ଅସ୍ତ୍ର। ସୁପ୍ରିମକୋର୍ଟଙ୍କ ଏକାଧିକ ରାୟ ଓ ନିର୍ଦ୍ଦେଶକ୍ରମେ ଆର୍‌ଟିଆଇ ବଳରେ ସରକାରୀ କଳ ନିଷ୍ପତ୍ତି ନେବା ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରିବାକୁ ବାଧ ହେଉଥିଲା। କିନ୍ତୁ କେନ୍ଦ୍ରରେ ନରେନ୍ଦ୍ର ମୋଦି ସରକାର ଆସିବା ପରେ ଆର୍‌ଟିଆଇକୁ କ୍ରମଶଃ ପାଣିଚିଆ କରିଦିଆଗଲା। ସରକାରଙ୍କ ଦୋଷଦୁର୍ବଳତା ପଦାରେ ପଡ଼ିବା ଭୟରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ(ପିଏମ୍‌ଓ) ମଧ ଅନେକ ଆବେଦନର ଉତ୍ତର ଦେବାକୁ ମନା କରିଦେଲା। ଫଳରେ ଅନ୍ୟ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକ ମଧ ଏଥିରୁ ଉତ୍ସାହିତ ହୋଇ ଆବେଦନକାରୀଙ୍କ ପିଟିଶନଗୁଡ଼ିକୁ ଖାରଜ କରିବାରେ ଲାଗିଲେ। ଏଥିଯୋଗୁ ୨୦୧୪ ପରଠୁ ଲକ୍ଷ ଲକ୍ଷ ଆବେଦନ ଅନୁତ୍ତରିତ ହୋଇ ପଡ଼ିରହିଥିବାବେଳେ ୨୦୧୯ ଜୁଲାଇ ୨୫ରେ କେନ୍ଦ୍ର ସରକାର ଆର୍‌ଟିଆଇ ସଂଶୋଧନ ବିଲ୍ ଆଣି ଧାରା ୧୩, ୧୬ ଓ ୨୭ରେ ପରିବର୍ତ୍ତନ କରିବା ସହ ଏହି ଅସ୍ତ୍ରର ଧାରକୁ ଆହୁରି କମାଇଦେଲେ। ସଂଶୋଧିତ ଆଇନରେ ସୂଚନା କମିଶନରମାନଙ୍କ ପାହ୍ୟା, ଦରମା ଓ ସ୍ୱାୟତ୍ତତା ସମ୍ପର୍କିତ ନିଷ୍ପତ୍ତି କେନ୍ଦ୍ର ସରକାରଙ୍କ ହାତକୁ ଚାଲିଗଲା। ୨୦୦୫ରେ ଆର୍‌ଟିଆଇ ଆଇନରେ ସୂଚନାକୁ ଏକ ସାମ୍ବିଧାନିକ ଅଧିକାର ବୋଲି ସ୍ପଷ୍ଟ କରାଯାଇଥିଲା। ହେଲେ ଆଇନ ସଂଶୋଧନ ଆଣିବା ପରେ କେନ୍ଦ୍ର ଯୁକ୍ତି ବାଢ଼ିଥିଲା ଯେ ଆର୍‌ଟିଆଇ ଏକ ସାମ୍ବିଧାନିକ ଅଧିକାର ହୋଇ ନ ଥିବାରୁ ସିଆଇସି ଏବଂ ରାଜ୍ୟ ସୂଚନା କମିଶନ ସାମ୍ବିଧାନିକ ସଂସ୍ଥା ନୁହନ୍ତି।**




**ନୂଆଦିଲ୍ଲୀ,୨୫।୬**

ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ପାର୍ଲାମେଣ୍ଟରେ ୨୦୦୫ ଜୁନ ୧୫ରେ ଗୃହୀତ ହୋଇ ସେହିବର୍ଷ ଅକ୍ଟୋବର ୧୨ରୁ ଦେଶରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ ହୋଇଥିଲା। ଦୁର୍ନୀତି ବିରୋଧରେ ଲୋକଙ୍କ ପାଇଁ ଏକ ଶକ୍ତିଶାଳୀ ଅସ୍ତ୍ର ବୋଲି ବିବେଚନା କରାଯାଉଥିବା ଆର୍‌ଟିଆଇ ଆଇନକୁ ଇତିମଧ୍ୟରେ ୧୫ ବର୍ଷ ବିତିଗଲାଣି। ସରକାରଙ୍କ କାର୍ଯ୍ୟକାରିତାରେ ସ୍ୱଚ୍ଛତା ଆଣିବା ଲାଗି ପ୍ରତିଶ୍ରୁତି ଦିଆଯାଇ ଅଣାଯାଇଥିବା ଏହି ଆଇନ ଧୀରେ ଧୀରେ ନିଷ୍କ୍ରିୟ ହୋଇ ଏକ ନିଶ୍ଚିତ ମୃତ୍ୟୁ ପଥରେ ଅଗ୍ରସର ହେଉଛି।

ଏକ ଆକଳନ ଅନୁସାରେ ଦେଶରେ ପ୍ରତିବର୍ଷ ୪୦ ଲକ୍ଷରୁ ୬୦ ଲକ୍ଷ ଆର୍‌ଟିଆଇ ଆବେଦନ କରାଯାଏ। କିନ୍ତୁ ଆର୍‌ଟିଆଇରେ ସୂଚନା ପାଇବା ପାଇଁ ଆବେଦନ କରୁଥିବା ନାଗରିକଙ୍କ ସଂଖ୍ୟା ମାତ୍ର ୩%। ଆବେଦନ ହୋଇଥିବା ସମସ୍ତ ଆପ୍ଲିକେଶନ ମଧ୍ୟରୁ ୪୫%ରୁ କମ୍‌ରେ ମଗାଯାଇଥିବା ତଥ୍ୟର ଉତ୍ତର ମିଳିଛି। ଯେଉଁ ୫୫% ଆବେଦନକାରୀଙ୍କୁ ଉତ୍ତର ମିଳିନାହିଁ, ସେମାନଙ୍କ ମଧ୍ୟରୁ ୧୦%ରୁ କମ୍ ଅପିଲ୍



ଫାଇଲ୍ କରିଛନ୍ତି। ସତର୍କ ନାଗରିକ ସଙ୍ଗଠନ (ଏସ୍‌ଏସ୍‌ଏନ୍) ଏବଂ ସେଣ୍ଟର ଫର୍ ଇକ୍ୱିଟି ଷ୍ଟଡିଜ୍ (ସିଇଏସ୍) ପକ୍ଷରୁ ଜାରି କରାଯାଇଥିବା 'ରିପୋର୍ଟ କାର୍ଡ ଅଫ୍ ଇନ୍‌ଫର୍ମେଶନ କମିଶନ୍ସ ଇନ୍ ଇଣ୍ଡିଆ, ୨୦୧୮-୧୯' ରୁ ଏହି ବିଷୟ ଜଣାପଡ଼ିଛି। ମୁଖ୍ୟ ସୂଚନା କମିଶନ (ସିଆଇସି) ଏବଂ ରାଜ୍ୟ ସୂଚନା କମିଶନ(ଏସ୍‌ଆଇସି)ମାନେ ଏକ ଅଲିଖିତ ନିୟମକୁ ଆପଣାଇଛନ୍ତି। ତାହା ହେଉଛି ଭୁଲ୍ କରୁଥିବା ଜନ ସୂଚନା ଅଧିକାରୀମାନଙ୍କୁ ଆର୍‌ଟିଆଇ ଆବେଦନର ଉଚିତ ସମୟରେ ଓ ଠିକ୍ ଭାବେ ଉତ୍ତର ଦେବାରେ ବିଫଳତା ପାଇଁ ଦଣ୍ଡିତ ନ କରିବା। ଏଥିଯୋଗୁ ବହୁସଂଖ୍ୟକ ଆବେଦନ ପଡ଼ିରହିଛି। ଉକ୍ତ ରିପୋର୍ଟ କାର୍ଡରୁ ଆହୁରି ଜଣାପଡ଼ିଛି ଯେ, ୨୦୧୯ ମାର୍ଚ୍ଚ ୩୧ ସୁଦ୍ଧା ଏସ୍‌ଆଇସିମାନଙ୍କ ନିକଟରେ ୨.୧୮ ଲକ୍ଷ ଅପିଲ ଓ କମ୍ପ୍ଲେଣ୍ଟ ପଡ଼ିରହିଥିଲା। ରାଜ୍ୟ ସୂଚନା କମିଶନମାନେ ଅଭିଯୋଗ/ଅପିଲର ଫଇସଲା ପାଇଁ ହାରାହାରି ବର୍ଷେରୁ ଅଧିକ ସମୟ ନେଇଥିଲେ। ଆନ୍ଧ୍ର ପ୍ରଦେଶର ଏସ୍‌ଆଇସି ଗୋଟିଏ କମ୍ପ୍ଲେଣ୍ଟର ଶୁଣାଣି ଶେଷ କରିବା ପାଇଁ ୧୮ ବର୍ଷ ନେଉଥିବାବେଳେ ପଶ୍ଚିମବଙ୍ଗରେ ୭ ବର୍ଷ ୫ ମାସ ଲାଗୁଛି।

**ସମ୍ମିଳିତ ଉଦ୍ୟମ**

ବିମୁଦ୍ରୀକରଣ ବେଳେ ଆର୍‌ଟିଆଇ ଆବେଦନଗୁଡ଼ିକୁ ଭାରତର ☞ପୃଷ୍ଠା-୪

# 'ଫେୟାର ଆଣ୍ଡ ଲଭ୍‌ଲି'ରୁ ହଟିବ 'ଫେୟାର'

## ହିନ୍ଦୁସ୍ଥାନ ୟୁନିଲିଭରର ନିଷ୍ପତ୍ତି

**ନୂଆଦିଲ୍ଲୀ,୨୫।୬**

ଦେଶର ସର୍ବବୃହତ୍ କଞ୍ଜ୍ୟୁମର ପ୍ରଡକ୍ଟ ବ୍ରାଣ୍ଡ ହିନ୍ଦୁସ୍ଥାନ ୟୁନିଲିଭର ଲିମିଟେଡ୍(ଏଚ୍‌ୟୁଏଲ୍) ଏହାର ଲୋକପ୍ରିୟ ଫେୟାରନେସ କ୍ରିମ୍ 'ଫେୟାର ଆଣ୍ଡ ଲଭ୍‌ଲି'ର ନାମକୁ ବଦଳାଇବ। ଏହି ପ୍ରଡକ୍ଟର ବ୍ରାଣ୍ଡ ନାମରୁ ଫେୟାର ଶବ୍ଦ ବ୍ୟବହାରକୁ କମ୍ପାନୀ ହଟାଇବ ବୋଲି ଜଣାପଡ଼ିଛି। ଆଫ୍ରିକୀୟ-ଆମେରିକୀୟ ଜର୍ଜ ଫ୍ଲୟେଡ୍‌ଙ୍କ ପୋଲିସ ଆକ୍ରମଣ ଦ୍ୱାରା ଗତ କିଛିଦିନ ତଳେ ଆମେରିକାରେ ମୃତ୍ୟୁ ଘଟିଛି। ଏହା ପରେ ବର୍ଣ୍ଣବୈଷମ୍ୟବାଦ ବିରୋଧୀ ପ୍ରତିବାଦ ତୀବ୍ର ହୋଇଛି। ଏଭଳି ବିଭିନ୍ନ ପ୍ରସଙ୍ଗକୁ ବିଚାରକରି ନୂଆ ଯୋଜନା ହାତକୁ ନେବ ବୋଲି କମ୍ପାନୀ ସୂଚନା ଦେଇଛି।

୧୯୭୫ଠାରୁ ଫେୟାର ଆଣ୍ଡ ଲଭ୍‌ଲି ବଜାରକୁ ଆସିଛି। ତ୍ୱଚାକୁ ଉଜ୍ଜ୍ୱଳ କରିବା ଏବଂ କଳାପଣ ହଟାଇବାରେ ଏହି କ୍ରିମ୍ ଭଲ କାମ କରିଥାଏ ବୋଲି ପ୍ରଡକ୍ଟ ମାର୍କେଟିଂ କ୍ୟାମ୍ପେନରେ କୁହାଯାଉଛି। ମୋଟାମୋଟି ଭାବେ କହିବାକୁ ଗଲେ ଏହି କ୍ରିମ୍ ଫେସ୍‌କ୍ରିମ୍ ବର୍ଗରେ ମାର୍କେଟ ଲିଡର ରହି ଆସିଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ଅଧ୍ୟକ୍ଷ ସଞ୍ଜୀବ ମେହେଟ୍ଟା କହିଛନ୍ତି ଯେ, ସ୍କିନ କେୟାର ପୋର୍ଟଫୋଲିଓକୁ ଅଧିକ ସାର୍ବଜନୀନ କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଇଛି। ସୁନ୍ଦରତା ବିଭିନ୍ନତାକୁ ଦର୍ଶାଇବା ସହ ଏହାକୁ ସେଲିବ୍ରେଶନ ଲାଗି ଏବେ ଅଗ୍ରସର ହେଉଛି। ପ୍ୟାକେଜିଂ ଏବଂ ☞ପୃଷ୍ଠା-୪

# ୪ ଜିଲାରେ ନିର୍ମାଣ ହେବ ବାତ୍ୟା ନିରୋଧ ବିଦ୍ୟୁତ୍ ଭିତ୍ତିଭୂମି

**ଭୁବନେଶ୍ୱର,୨୫।୬(ବ୍ୟୁରୋ)**

- ବାତ୍ୟା ଉଜାଡୁଛି ବିଦ୍ୟୁତ୍ କ୍ଷେତ୍ର
- ପ୍ରଥମ ପର୍ଯ୍ୟାୟରେ ଖର୍ଚ୍ଚ ହେବ ୧୧ ହଜାର କୋଟି
- ଗ୍ରୀଡ୍‌କୋ, ଓପିଟିସିଏଲ୍‌କୁ ଥିଙ୍କ୍ ଟ୍ୟାଙ୍କ୍ ଗଠନ କରିବାକୁ ନିର୍ଦ୍ଦେଶ

ଉପକୂଳବର୍ତ୍ତୀ ଜିଲାଗୁଡ଼ିକୁ ସବୁ ସମୟରେ ବାତ୍ୟା ଭୟ ରହିଛି। ବାତ୍ୟା ଯୋଗୁ ବିଦ୍ୟୁତ୍ ଭିତ୍ତିଭୂମି ଗୁରୁତର ଭାବେ ପ୍ରଭାବିତ ହେଉଛି। ଏହାକୁ ଦୃଷ୍ଟିରେ ରଖି ବାତ୍ୟା ଅମ୍ଫନ ଯୋଗୁ କ୍ଷତିଗ୍ରସ୍ତ ହୋଇଥିବା ଉପକୂଳବର୍ତ୍ତୀ ୪ଟି ଜିଲାରେ ବାତ୍ୟା ନିରୋଧ ବିଦ୍ୟୁତ୍ ଭିତ୍ତିଭୂମି କାର୍ଯ୍ୟ ଆରମ୍ଭ ହେବ। ସେହି ଜିଲାଗୁଡ଼ିକ ହେଲା କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ବାଲେଶ୍ୱର ଓ ଭଦ୍ରକ। ଗୁରୁବାର ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ବସିଥିବା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏହି ୪ଟି ଜିଲାରେ ବିଦ୍ୟୁତ୍ ଭିତ୍ତିଭୂମି ପାଇଁ ୧୧ ହଜାର କୋଟି ଟଙ୍କା ଖର୍ଚ୍ଚ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ପୁରୀ, କଟକ, ଖୋର୍ଦ୍ଧା, ଗଞ୍ଜାମ, ଗଜପତି ଆଦି ଜିଲାକୁ ସାମିଲ କରାଯିବ। ଏହି ୫ଟି ଜିଲା ପାଇଁ ୮ ହଜାର କୋଟି ଟଙ୍କାର ଯୋଜନା ପ୍ରସ୍ତୁତ କରାଯାଇଛି। ବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ବୈଷୟିକ , ଆର୍ଥିକ ଏବଂ ଆଇନଗତ ଦିଗର ପରିଚାଳନା ନିମନ୍ତେ 'ଥିଙ୍କ୍ ଟ୍ୟାଙ୍କ୍' ଗଠନ କରିବାକୁ ଗ୍ରୀଡ୍‌କୋ ଏବଂ ଓପିଟିସିଏଲ୍‌କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଆରମ୍ଭ କରିବାକୁ ସମ୍ପୃକ୍ତ ବିଭାଗ ଏବଂ ବିଦ୍ୟୁତ ବିତରଣ କମ୍ପାନୀଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ବାତ୍ୟା ନିରୋଧ ଭିତ୍ତିଭୂମି ନିର୍ମାଣ ହେଲେ ବହୁ ଧନଜୀବନ ରକ୍ଷା ପାଇବ। ଏହି କାର୍ଯ୍ୟକୁ ମିଶନ ମୁଡ୍‌ରେ କରିବାକୁ ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ର ପରାମର୍ଶ ଦେଇଛନ୍ତି। ବୈଠକରେ ପ୍ରକଳ୍ପର ଚିଠା ପ୍ରସ୍ତାବକୁ ଉପସ୍ଥାପନ କରାଯାଇଥିଲା। ଉପକୂଳ ଜିଲାଗୁଡ଼ିକରେ କେବୁଲ ଯୋଗେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା କରିବା ସହ ୩୦୦ କି.ମି.ରୁ ଉର୍ଦ୍ଧ୍ୱ ପବନ ସମ୍ଭାଳି ପାରୁଥିବା ଭିତ୍ତିଭୂମି ପ୍ରସ୍ତୁତ କରିବାକୁ ସ୍ୱତନ୍ତ୍ର ରିଲିଫ କମିଶନର ପ୍ରଦୀପ କୁମାର ଜେନା କହିଛନ୍ତି। ଜିଲାଗୁଡ଼ିକର ସହରାଞ୍ଚଳରେ ଭୂତଳ ବିଦ୍ୟୁତ୍ କେବୁଲ କରାଯିବା ବେଳେ ସହରାଞ୍ଚଳରେ ବାତ୍ୟା ସମ୍ଭାଳି ପାରୁଥିବା ଓଭରହେଡ୍ କେବୁଲ ବ୍ୟବସ୍ଥା କରାଯିବା ଉପରେ ସେ ଗୁରୁତ୍ୱ ☞ପୃଷ୍ଠା-୪

**ହସ୍ପିଟାଲରେ କର୍ମଚାରୀଙ୍କୁ ବଢ଼ୁଛି କରୋନା ସଂକ୍ରମଣ**




# ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା ବାତିଲ

**ନୂଆଦିଲ୍ଲୀ, ୨୫।୬**

ଜୁଲାଇ ୧ରୁ ୧୫ ମଧ୍ୟରେ ହେବାକୁ ଥିବା କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦଶମ ଓ ଦ୍ୱାଦଶ ଶ୍ରେଣୀ ବାକିଥିବା ପରୀକ୍ଷାକୁ ବାତିଲ କରାଯାଇଛି। ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କହିଛନ୍ତି, ପରିସ୍ଥିତି ଅନୁକୂଳ ହେବା ପରେ ସିବିଏସ୍‌ଇ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଚାହୁଁଥିବା ଛାତ୍ର ଦେଇପାରିବେ। ମହାମାରୀ କରୋନା ଯୋଗୁ ବିଭିନ୍ନ ରାଜ୍ୟ ପକ୍ଷରୁ ଏହି ପରୀକ୍ଷା ବାତିଲ କରିବା ଲାଗି କୋର୍ଟରେ ଆବେଦନ କରିଥିଲେ। ଜୁନ୍ ୨୩ରେ ବିଚାରପତି ଏ. ଏମ୍. ଖାନୱିଲ୍‌କରଙ୍କ ନେତୃତ୍ୱରେ ଗଠିତ ସୁପ୍ରିମକୋର୍ଟଙ୍କ ୩ ଜଣିଆ ଖଣ୍ଡପୀଠକୁ ସଲିସିଟର ଜେନେରାଲ ମେହେଟ୍ଟା କହିଥିଲେ ଯେ, ଛାତ୍ରୀଛାତ୍ରଙ୍କ ☞ପୃଷ୍ଠା-୪






# ପାରାଦୀପଠାରେ ଆଇଓସିଏଲ୍‌ର ପିଏଡିସି ଉଦ୍‌ଘାଟିତ

**ଭୁବନେଶ୍ୱର,୨୫।୬(ବ୍ୟୁରୋ)**

ପାରାଦୀପଠାରେ ଭାରତୀୟ ତୈଳ ନିଗମ(ଆଇଓସିଏଲ୍) ୪୩ କୋଟି ଟଙ୍କା ବ୍ୟୟରେ ଉତ୍ପାଦ ପ୍ରୟୋଗ ଓ ବିକାଶ କେନ୍ଦ୍ର ବା ପ୍ରଡକ୍ଟ ଆପ୍ଲିକେଶନ ଆଣ୍ଡ୍ ଡେଭଲପମେଣ୍ଟ ସେଣ୍ଟର(ପିଏଡିସି) ନିର୍ମାଣ କରିଛି। ଗୁରୁବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମିଳିତ ଭାବେ ଭିଡିଓ କନ୍‌ଫରେନ୍ସ ଜରିଆରେ ଏହାକୁ ଉଦ୍‌ଘାଟନ କରିଛନ୍ତି।




ଭର୍ଚୁଆଲ୍ କନ୍‌ଫରେନ୍ସରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

ପିଏଡିସି ଉଦ୍‌ଘାଟନକୁ ନେଇ ମୁଖ୍ୟମନ୍ତ୍ରୀ ଖୁସିବ୍ୟକ୍ତ କରିବା ସହ କହିଛନ୍ତି ଯେ, ଏହା ଉତ୍ପାଦ ବିକାଶ ଏବଂ ନୂତନ ବ୍ୟବସ୍ଥା କ୍ଷେତ୍ରରେ କେବଳ ଯେ, ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ତାହା ନୁହେଁ, ଏହା ପ୍ଲାଷ୍ଟିକ ଓ ପଲିମର ଭଳି ଶିଳ୍ପ ପ୍ରତିଷ୍ଠା ପାଇଁ ପୁଞ୍ଜିନିବେଶକାରୀଙ୍କୁ ସହାୟତା କରିବ। ଆଇଓସିଏଲ୍ ଓଡ଼ିଶାରେ ପ୍ଲାଷ୍ଟିକ ଓ ପେଟ୍ରୋକେମିକାଲ ଶିଳ୍ପର ଏକ ବୃହତ୍ ଶକ୍ତି। ଏହା ଉକ୍ତ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ଭିତ୍ତିଭୂମି, କଞ୍ଚାମାଲ ଯୋଗାଣ ସହ ଉଦ୍ୟୋଗୀଙ୍କୁ ଶିଳ୍ପ ସ୍ଥାପନ କରିବା କ୍ଷେତ୍ରରେ ବୈଷୟିକ ସହାୟତା ଯୋଗାଇବାରେ ସକ୍ରିୟ ଭୂମିକା ଗ୍ରହଣ କରିବା ଆବଶ୍ୟକ। ପାରାଦୀପ ତୈଳ ବିଶୋଧନାଗାରର ସମ୍ପ୍ରସାରଣ ପଲିମର ଏବଂ ପେଟ୍ରୋକେମିକାଲ ଶିଳ୍ପ ପାଇଁ

- ପଲିମର କ୍ଷେତ୍ରରେ ପିଏଡିସି ଉତ୍କର୍ଷ କେନ୍ଦ୍ର ଭାବେ ଉଭାହେବ: ମୁଖ୍ୟମନ୍ତ୍ରୀ
- ଭଦ୍ରକ ପ୍ରକଳ୍ପକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ପରାମର୍ଶ
- ରାଜ୍ୟର ଶିଳ୍ପାୟନରେ ଯୁବକଙ୍କ ଆକାଂକ୍ଷାକୁ ପୂରଣ କରୁଛି ମୋଦିଙ୍କ ପୂର୍ବୋଦୟ ନୀତି: ଧର୍ମେନ୍ଦ୍ର
- ଓଡ଼ିଶା ଏବଂ ପୂର୍ବ ଭାରତର ପଲିମର ଶିଳ୍ପ ବିକାଶକୁ ପ୍ରୋତ୍ସାହନ ଦେବ
- ଓଡ଼ିଶା ପିଲାଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିବ

କଞ୍ଚାମାଲ ଯୋଗାଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ☞ପୃଷ୍ଠା-୪

## ୨ ଆତଙ୍କବାଦୀ ନିହତ

ଜମ୍ମୁ-କଶ୍ମୀରର ବାରମୁଲ୍ଲା ଜିଲା ସୋପୋର ଅଞ୍ଚଳରେ ଏନ୍‌କାଉଣ୍ଟରରେ ୨ ଆତଙ୍କବାଦୀ ନିହତ ହୋଇଛନ୍ତି। ଆତଙ୍କବାଦୀଙ୍କ ଉପସ୍ଥିତି ନେଇ ସୂଚନା ପାଇବା ପରେ ସୁରକ୍ଷାକର୍ମୀମାନେ ଅଞ୍ଚଳକୁ କର୍ଡନ କରିବା ସହ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲେ। ଆତଙ୍କବାଦୀମାନେ ଗୁଳି ଚଳାଇବାରୁ ସର୍ଚ୍ଚ ପାର୍ଟି ଏହାର ଜବାବ ଦେଇଥିଲେ। ଏଥିରେ ୨ ଆତଙ୍କବାଦୀ ନିହତ ହୋଇଥିବା ବେଳେ ତଲାସି ଅଭିଯାନ ଜାରି ରହିଥିବା ସୂତ୍ରରୁ ପ୍ରକାଶ।

# ରାଜନୈତିକ ଉତ୍ତରଦାୟିତ୍ୱ ରହୁ

**ଭାରତ-ଚାଇନା ସୀମା ବିବାଦ ନେଇ ବିଶ୍ଳେଷକଙ୍କ ମତ**



**ସେନାକୁ ଅସ୍ତ୍ର ବ୍ୟବହାର ପାଇଁ ସ୍ୱାଧୀନତା ଦେବା ପରିବର୍ତ୍ତେ ଭାରତକୁ ଉପଯୁକ୍ତ କୂଟନୀତି ଆପଣାଇବାକୁ ପଡ଼ିବ । କିନ୍ତୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂ ସବୁ ଉତ୍ତରଦାୟିତ୍ୱ ସଶସ୍ତ୍ର ବଳ ଉପରେ ଲଦି ଦେଇଛନ୍ତି ।**

ନୂଆଦିଲ୍ଲୀ,୨୫।୬

ଲଦାଖର ଗଲୱାନ ଉପତ୍ୟକାରେ ଭାରତ ଓ ଚାଇନା ସୈନ୍ୟଙ୍କ ମଧ୍ୟରେ ସଂଘର୍ଷ ଘଟି ୬୩ ସୈନ୍ୟ ମୃତାହତ ହେବା ପରେ ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି)ରେ ଚରମ ଉତ୍ତେଜନା ଲାଗିରହିଛି। ଏଭଳି ସମୟରେ ଭାରତୀୟ ନେତାମାନଙ୍କ ମନ୍ତବ୍ୟ ସ୍ଥିତିକୁ ଆହୁରି ସଙ୍ଗିନ କରିଛି। ଏକ ଗଣତନ୍ତ୍ରରେ ସଶସ୍ତ୍ର ବଳ ରାଜନୈତିକ ନେତୃତ୍ୱ ଅଧୀନରେ କାର୍ଯ୍ୟ କରିଥାଏ। ଏହି ପରିପ୍ରେକ୍ଷୀରେ ସେନାକୁ ଅସ୍ତ୍ର ବ୍ୟବହାର ପାଇଁ ସମ୍ପୂର୍ଣ୍ଣ ସ୍ୱାଧୀନତା ଦିଆଯାଇଛି ବୋଲି ପ୍ରଧାନମନ୍ତ୍ରୀ ଓ ପ୍ରତିରକ୍ଷାମନ୍ତ୍ରୀଙ୍କ ଘୋଷଣା ହେଉଛି ନିଜ ରାଜନୈତିକ ଉତ୍ତରଦାୟିତ୍ୱକୁ ତ୍ୟାଗକରି ଭବିଷ୍ୟତ ସଙ୍କଟ ପାଇଁ ଦ୍ୱାର ଖୋଲିଦେବା ସଦୃଶ। ଏପରି କାର୍ଯ୍ୟ ଆଗକୁ ମଧ୍ୟ ଭାରତ-ଚାଇନା ସମ୍ପର୍କରେ ବ୍ୟବଧାନ ବଢ଼ାଇବା ସହ ସମ୍ଭାବ୍ୟ ସଂଘର୍ଷ ପରିସ୍ଥିତି ସୃଷ୍ଟି କରିବ ବୋଲି ବିଶ୍ଳେଷକମାନେ ମତ ଦେଇଛନ୍ତି।

ବିଶେଷଜ୍ଞମାନଙ୍କ ଅନୁସାରେ ଯବାନମାନେ ଆମ ସୀମାକୁ ସୁରକ୍ଷିତ ରଖିବା ପାଇଁ କାର୍ଯ୍ୟ କରିବା ଦରକାର। ସ୍ଥାନୀୟ ସ୍ତରରେ, ସୀମିତ ପରିଧି ଓ ସମୟକୁ ନେଇ କିପରି କାର୍ଯ୍ୟାନୁଷ୍ଠାନ ନେବେ ତାହା ସେମାନେ ଚିନ୍ତା କରିବେ। ଏଥିରେ ଦ୍ୱିମତ ନାହିଁ। ତେବେ ଦେଶର ନେତୃତ୍ୱ ନିଜ ଉତ୍ତରଦାୟିତ୍ୱ ତ୍ୟାଗ କରି ସଶସ୍ତ୍ର ବଳ ଉପରେ ତାହା ଲଦିଦେବା ଉଚିତ ନୁହେଁ। ଯୁଦ୍ଧ ଓ ଶାନ୍ତି ସମ୍ପର୍କିତ ବିଷୟ ଉପରେ ରାଜନୈତିକ ନେତୃତ୍ୱ ନିଷ୍ପତ୍ତି ନେବା କଥା। କିନ୍ତୁ ଜବାବୀ କାର୍ଯ୍ୟାନୁଷ୍ଠାନ ପାଇଁ ସେନାକୁ ମୁକ୍ତ କରିବା ଲାଗି ନେତୃତ୍ୱ ନିଷ୍ପତ୍ତି ନେବାର ତାତ୍ପର୍ଯ୍ୟ ହେଉଛି ଦେଶର ନିରାପତ୍ତା ପ୍ରତି ବିପଦକୁ ଆହ୍ୱାନ କରିବା। ସମ୍ଭାବ୍ୟ ଉତ୍ତେଜନା କେବଳ ଏକ ସାମରିକ ପ୍ରସଙ୍ଗ ନୁହେଁ। ବିଶେଷକରି ଶତ୍ରୁପକ୍ଷ ଭାରତ ଭଳି ଆଣବିକ ଅସ୍ତ୍ରସମ୍ପନ୍ନ ରାଷ୍ଟ୍ର ହୋଇଥିଲେ ଏହାର ବିସ୍ତୃତ ପ୍ରଭାବ ପଡ଼ିପାରେ। ଏପରି ଗମ୍ଭୀର ଘଟଣାକୁ କେବଳ ସ୍ଥାନୀୟ ମିଲିଟାରି ସ୍ତରରେ ସମାଧାନ କରାଯାଇ ପାରିବ ନାହିଁ। ୨୦୧୭ ଡୋକ୍‌ଲାମ ବିବାଦ ବେଳେ ସମ୍ମିଳନୀସ୍ତରୀୟ ହସ୍ତକ୍ଷେପ ଭଳି କୂଟନୈତିକ କଳକୁ ଅବିଳମ୍ୱେ ସକ୍ରିୟ କରାଯିବା ଜରୁରୀ।

ଭାରତ-ଚାଇନା ସୀମାରେ ଶାନ୍ତି ବଜାୟ ରଖିବା ପାଇଁ ଦୁଇଦେଶ ମଧ୍ୟରେ ୨୦ ବର୍ଷରେ ୪ ଥର ଦ୍ୱିପାକ୍ଷିକ ଚୁକ୍ତି ସ୍ୱାକ୍ଷର ହୋଇଛି। ୧୯୯୩, ୧୯୯୬, ୨୦୦୫ ଓ ୨୦୧୩ରେ ହୋଇଥିବା ଏହି ରାଜିନାମାଗୁଡ଼ିକୁ ଗଲୱାନ ସଂଘର୍ଷ ପରିପ୍ରେକ୍ଷୀରେ ଏକତରଫା ଭାବେ ଅସ୍ୱୀକାର କରିବା ଅନୁଚିତ। ଚାଇନାର ବିଶାଳ ସେନା ଅନେକ ଦଶନ୍ଧି ଧରି ସୀମାରେ ଶାନ୍ତି ବଜାୟ ରଖିଆସିଛି। ଏହି ଗୁରୁତ୍ୱପୂର୍ଣ୍ଣ ସଫଳତାକୁ ନ୍ୟୂନ କରିବା ଉଚିତ ନୁହେଁ। ଚାଇନା ସୈନ୍ୟଙ୍କୁ ମୁକାବିଲା କରିବାକୁ ଯାଇ ଭାରତୀୟ ସେନା ଅସ୍ତ୍ର ପ୍ରୟୋଗ କଲେ ପିପୁଲ୍ସ ଲିବରେଶନ ଆର୍ମି (ପିଏଲ୍‌ଏ) ମଧ୍ୟ ଅନୁରୂପ ପନ୍ଥା ଆପଣାଇବ। ଫଳରେ ଗଲୱାନ ସଂଘର୍ଷଠାରୁ ଅଧିକ ରକ୍ତପାତ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ଚାଇନା ଯେପରି ଏହି ଚୁକ୍ତିଗୁଡ଼ିକ ପ୍ରତି ପ୍ରତିଶ୍ରୁତିବଦ୍ଧ ଭାବେ କାର୍ଯ୍ୟ କରିବ ସେନେଇ ଭାରତ ପକ୍ଷରୁ ଉଦ୍ୟମ ହେବା ଆବଶ୍ୟକ। ଏଥିପାଇଁ ଭାରତକୁ ରାଜନୈତିକ, କୂଟନୈତିକ, ଅର୍ଥନୈତିକ ଓ ସାମରିକ କ୍ଷେତ୍ରରେ ରଣନୀତି ପ୍ରସ୍ତୁତ କରିବାକୁ ପଡ଼ିବ ବୋଲି ବିଶ୍ଳେଷକମାନେ କହିଛନ୍ତି।

## ମେ' ଆରମ୍ଭରୁ ଏଲ୍‌ଏସିରେ ସୈନ୍ୟ ଠୁଳ କରିଥିଲା ଚାଇନା

ନୂଆଦିଲ୍ଲୀ,୨୫।୬(ପି.ଟି.)

ମେ' ଆରମ୍ଭରୁ ଚାଇନା ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ରେ ବ୍ୟାପକ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ଠୁଳ କରିଥିଲା ଏବଂ ସମସ୍ତ ଦ୍ୱିପାକ୍ଷିକ ନିୟମାବଳୀକୁ ଉପେକ୍ଷା କରିଆସୁଥିଲା ବୋଲି ଭାରତ କହିଛି। ପୂର୍ବ ଲଦାଖରେ ମୁହାଁମୁହିଁ ସ୍ଥିତି ଲାଗି ଭାରତ ବେଜିଂକୁ ଦାୟୀ କରିଛି। ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଅନୁରାଗ ଶ୍ରୀବାସ୍ତବ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ମେ' ଆରମ୍ଭରୁ ଗଲୱାନ ଉପତ୍ୟକା ଅଞ୍ଚଳରେ ଭାରତର ସ୍ୱାଭାବିକ ତଥା ପାରମ୍ପରିକ ପାଟ୍ରୋଲିଂକୁ ଚାଇନା ବାଧା ଦେଇଥିଲା। ମେ' ମଧ୍ୟଭାଗରେ ସେମାନେ ଉକ୍ତ ଅଞ୍ଚଳର ସ୍ଥିତାବସ୍ଥାରେ ପରିବର୍ତ୍ତନ କରିବାକୁ ଚାହିଁଥିଲେ। ଚାଇନାର ଏଭଳି କାର୍ଯ୍ୟକୁ ବିରୋଧ କରି ଭାରତ ଉଭୟ କୂଟନୈତିକ ଓ ସାମରିକ ଚ୍ୟାନେଲରେ ପ୍ରତିବାଦ ଜଣାଇଥିଲା। ଜୁନ୍ ୬ରେ ବରିଷ୍ଠ କମାଣ୍ଡର ସ୍ତରୀୟ ଆଲୋଚନାବେଳେ ଏଲ୍‌ଏସିରୁ ସୈନ୍ୟ ହଟାଇବା ଓ ଉତ୍ତେଜନା ହ୍ରାସ କରିବା ଲାଗି ଉଭୟ ପକ୍ଷ ରାଜି ହୋଇଥିଲେ। ତେବେ ଚାଇନା ପକ୍ଷ ବୁଝାମଣାରୁ ଓହରିଯାଇ ଗଲୱାନ ଉପତ୍ୟକାରେ ନିର୍ମାଣ ଉଦ୍ୟମ କରିଥିଲା। ନିର୍ମାଣ ଉଦ୍ୟମ ବିଫଳ ହେବାରୁ ଜୁନ୍ ୧୫ରେ ଚାଇନା ସୈନ୍ୟ ଭାରତୀୟ ଯବାନଙ୍କ ଉପରେ ଆକ୍ରମଣ କରିଥିଲେ, ଯେଉଁଥିରେ ଉଭୟ ପକ୍ଷରୁ ବହୁ ସୈନ୍ୟ ମୃତାହତ ହୋଇଥିଲେ। ଏହା ପରେ ଦୁଇଦେଶ ସୀମାରେ ଅଧିକ ସୈନ୍ୟ ଓ ଅସ୍ତ୍ରଶସ୍ତ୍ର ଠୁଳ କରିଛନ୍ତି। ଏଥିସହିତ କୂଟନୈତିକ ଓ ସାମରିକ ସ୍ତରରେ ଆଲୋଚନା ଜାରି ରହିଛି।




ହଂକଂରେ ଗଣତନ୍ତ୍ର ସପକ୍ଷବାଦୀ ବିକ୍ଷୋଭକାରୀ ହାତରେ ପ୍ଲାକାର୍ଡ ଧରି ଚାଇନା ଲିଆସନ ଅଫିସକୁ ଶୋଭାଯାତ୍ରାରେ ଯାଉଛନ୍ତି। ପ୍ଲାକାର୍ଡରେ ଜେଲରେ ଥିବା ଚାଇନାର ଅଧିକାର କର୍ମୀ ଓ ଆଇନଜୀବୀମାନଙ୍କ ଫଟୋ ରହିଛି। ହଂକଂର ସ୍ୱାଧୀନତା ଓ ମାନବାଧିକାର ସୁରକ୍ଷା ଦାବି ସହ ଜାତୀୟ ନିରାପତ୍ତା ଆଇନକୁ ଉଚ୍ଛେଦ କରାଯାଉ ବୋଲି ବିକ୍ଷୋଭକାରୀମାନେ କହିଛନ୍ତି।

## ପାର୍ଲାମେଣ୍ଟ ଅଧିବେଶନ ଦାବିକଲା କଂଗ୍ରେସ

ନୂଆଦିଲ୍ଲୀ,୨୫।୬

ଗଲୱାନ ଉପତ୍ୟକାରେ ଚାଇନା ସହ ସଂଘର୍ଷ ସମେତ ଦେଶ ଆଗରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି। ସେସବୁର ଆଲୋଚନା ପାଇଁ ପାର୍ଲାମେଣ୍ଟର ଏକ ଭର୍ଚୁଆଲ ଅଧିବେଶନ ଡକାଯାଉ ବୋଲି ଗୁରୁବାର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। କଂଗ୍ରେସ ମୁଖପାତ୍ର ପୱନ ଖେରା ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ୧୯୬୨ ଯୁଦ୍ଧ ବେଳେ ତତ୍କାଳୀନ ଭାଜପା(ଜନସଂଘ) ନେତା ଅଟଳ ବିହାରୀ ବାଜପେୟୀ ପାର୍ଲାମେଣ୍ଟର ଅଧିବେଶନ ଡାକିବାକୁ ଦାବି କରିଥିଲେ। ତାଙ୍କର ଏହି ଦାବିକୁ ସେତେବେଳର ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଗ୍ରହଣ କରିଥିଲେ। ତେଣୁ ବର୍ତ୍ତମାନ ଚାଇନା ସହିତ ହୋଇଥିବା ଭାରତୀୟ ସେନାର ସଂଘର୍ଷ ପରିପ୍ରେକ୍ଷୀରେ ଭିଡିଓ କନ୍‌ଫରେନ୍ସ ଜରିଆରେ ପାର୍ଲାମେଣ୍ଟର ସ୍ୱତନ୍ତ୍ର ଅଧିବେଶନ ଆୟୋଜନ କରି ଚାଇନା ପ୍ରସଙ୍ଗରେ ଆଲୋଚନା କରାଯାଉ। କାରଣ ପାର୍ଲାମେଣ୍ଟ ହେଉଛି ଏକମାତ୍ର ମାଧ୍ୟମ ଯେଉଁଠି ସମସ୍ତେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ନେଇ ଆଲୋଚନା କରିପାରିବେ ଏବଂ ଏକ ରଣନୀତି ପ୍ରସ୍ତୁତ କରାଯାଇ ପାରିବ। ଏହା ପୂର୍ବରୁ ବୁଧବାର କଂଗ୍ରେସ ମୁଖପାତ୍ର ମନୀଷ ତିୱାରୀ ମଧ୍ୟ ଅନୁରୂପ ଦାବି କରିଥିଲେ।



ପୱନ ଖେରା

## ରାଜୀବ ଗାନ୍ଧୀ ଫାଉଣ୍ଡେଶନକୁ ପାଣ୍ଠି ଯୋଗାଉଛି ଚାଇନା ଦୂତାବାସ: ଭାଜପା

ନୂଆଦିଲ୍ଲୀ,୨୫।୬

ରାଜୀବ ଗାନ୍ଧୀ ଫାଉଣ୍ଡେଶନ (ଆର୍‌ଜିଏଫ୍)କୁ ଚାଇନା ଦୂତାବାସ ପାଣ୍ଠି ଯୋଗାଉଛି ବୋଲି ଗୁରୁବାର ଭାଜପା ପକ୍ଷରୁ ଅଭିଯୋଗ ଅଣାଯାଇଛି। ଭାଜପାର ସୋସିଆଲ ମିଡିଆ ଟିମ୍ ଉକ୍ତ ଦାବି ସପକ୍ଷରେ ଦସ୍ତାବିଜ ମଧ୍ୟ ଦେଖାଇଛି। କଂଗ୍ରେସ ଅଧ୍ୟକ୍ଷା ସୋନିଆ ଗାନ୍ଧୀ ଆର୍‌ଜିଏଫ୍ ଚେୟାରପର୍ସନ ଥିବାବେଳେ ଏହାର ବୋର୍ଡରେ ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ସମେତ ରାହୁଲ ଗାନ୍ଧୀ, ପି. ଚିଦାମ୍ବରମ ଓ ପ୍ରିୟଙ୍କା ଗାନ୍ଧୀଙ୍କ ଭଳି ନେତାମାନେ ଅଛନ୍ତି। ଭାଜପା ସୋସିଆଲ ମିଡିଆ ମୁଖ୍ୟ ଅମିତ୍ ମାଲବ୍ୟ ଏନେଇ ଏକ ଦସ୍ତାବିଜ ଶେୟାର କରିଛନ୍ତି। ଆର୍‌ଜିଏଫ୍‌ର ବାର୍ଷିକ ରିପୋର୍ଟ ୨୦୦୫-୦୬ରେ ଦର୍ଶାଯାଇଛି ଯେ, ଉକ୍ତ ସଂସ୍ଥା ଚାଇନା ଏମ୍ବାସିଠାରୁ ଏକ ଦାନ ଗ୍ରହଣ କରିଥିଲା, ଯାହାକି ଆର୍‌ଜିଏଫ୍‌ର ସାଧାରଣ ଦାତାଙ୍କ ତାଲିକାରେ ଉଲ୍ଲେଖ କରାଯାଇଛି। ପାଣ୍ଠି ଗ୍ରହଣ କରିବା ପରେ ଏହାର ପ୍ରଭାବ ଦେଖିବାକୁ ମିଳିଥିଲା। ଭାରତ-ଚାଇନା ମଧ୍ୟରେ ମୁକ୍ତ ବାଣିଜ୍ୟ ଚୁକ୍ତି (ଏଫ୍‌ଟିଏ) ଆବଶ୍ୟକ ବୋଲି ଆର୍‌ଜିଏଫ୍ ପକ୍ଷରୁ କେତେକ ଅଧ୍ୟୟନ କରାଯାଇଥିଲା। ଉକ୍ତ ଅଧ୍ୟୟନଗୁଡ଼ିକର ପରିଣାମ ମଧ୍ୟ ଚକିତ କରିଦେବା ଭଳି। ସେମାନେ ପ୍ରତ୍ୟକ୍ଷ ଭାବେ ଚାଇନାକୁ ସମର୍ଥନ କରିଥିଲେ। ଚାଇନା ଅପେକ୍ଷା ଭାରତକୁ ଏଫ୍‌ଟିଏ ଅଧିକ ଆବଶ୍ୟକ ଥିବା ନେଇ ଯୁକ୍ତି ବାଢ଼ିଥିଲେ ବୋଲି ଭାଜପା ସମାଲୋଚନା କରିଛି।



ଅମିତ୍ ମାଲବ୍ୟ

## ଲଦାଖ ସୀମାରେ ଲାଗିବ ୫୪ ମୋବାଇଲ ଟାୱାର

ନୂଆଦିଲ୍ଲୀ, ୨୫।୬ : ଚାଇନା ସହ ସୀମା ସମସ୍ୟା ଜଟିଳ ରୂପ ଧାରଣ କରିଥିବା ବେଳେ ଲଦାଖ ସୀମାରେ ସରକାରଙ୍କ ପକ୍ଷରୁ ୫୪ ମୋବାଇଲ ଟାୱାର ଲଗାଯିବାକୁ ନିଷ୍ପତ୍ତି ହୋଇଛି। ସୀମାଞ୍ଚଳରେ ଭିତ୍ତିଭୂମି ବିକାଶ କାର୍ଯ୍ୟ ତ୍ୱରାନ୍ୱିତ କରିବାରେ ଏହା ସହାୟକ ହେବ। ଏଲ୍‌ଏସିକୁ ଲାଗିଥିବା ଡେମ୍‌ଚୋକ୍‌ରେ ମଧ୍ୟ ଗୋଟିଏ ମୋବାଇଲ ଟାୱାର ପ୍ରତିଷ୍ଠା କରାଯିବ। ନୁବ୍ରା ଅଞ୍ଚଳରେ ୭ଟି, ଲେହରେ ୧୭ଟି, ଜନସ୍କରରେ ୧୧ଟି, କାର୍‌ଗିଲରେ ୧୯ଟି ମୋବାଇଲ ଟାୱାର ପ୍ରତିଷ୍ଠା ହେବ। ଗଲ୍‌ୱାନ ଉପତ୍ୟକାରେ ଭାରତ-ଚାଇନା ସେନା ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଓ ୨୦ ଯବାନ ଶହୀଦ ହେବା ପରେ ସରକାରଙ୍କ ପକ୍ଷରୁ ଏଭଳି ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ଟିକ୍‌ଟକ୍ କୁଇନ୍ ସିୟାଙ୍କ ଆତ୍ମହତ୍ୟା



ମୁମ୍ବାଇ, ୨୫।୬: ଅଭିନେତା ସୁଶାନ୍ତ ସିଂହ ରାଜପୁତଙ୍କ ପରେ ସୋସିଆଲ ମିଡିଆର ଟିକ୍‌ଟକ୍ କୁଇନ ସିୟା କକ୍କଡ(୧୬) ଆତ୍ମହତ୍ୟା କରିଛନ୍ତି। ସିୟା ଟିକ୍‌ଟକ୍‌ର ଜଣେ ଲୋକପ୍ରିୟ ସେଲିବ୍ରିଟି ଥିଲେ। ତାଙ୍କ ମୃତ୍ୟୁ ଖବର ଶୁଣି ପ୍ରଶଂସକମାନେ ବିସ୍ମିତ ହୋଇଯାଇଛନ୍ତି। ଆତ୍ମହତ୍ୟାର କାରଣ ଜଣାପଡ଼ିନାହିଁ। ତାଙ୍କ ମ୍ୟାନେଜର ଅର୍ଜୁନ ସରିନ କହିଛନ୍ତି, ସିୟା ବୁଧବାର ଠିକ ଥିଲେ। ତାଙ୍କ ସହ ଏକ ଗୀତ ନେଇ ଆଲୋଚନା ହୋଇଥିଲା। ସେ ଏଭଳି ପଦକ୍ଷେପ କାହିଁକି ନେଲେ ଜଣାପଡୁନାହିଁ। ସିୟା କିଛିଦିନ ପୂର୍ବରୁ ନିଜ ଇନ୍‌ଷ୍ଟାଗ୍ରାମରେ ଏକ ଭିଡିଓ ପୋଷ୍ଟ କରିଥିଲେ, ଯେଉଁଥିରେ ସେ ପଞ୍ଜାବୀ ଗୀତରେ ଡ୍ୟାନ୍ସ କରୁଥିବା ନଜର ଆସିଥିଲେ। ସିୟାଙ୍କ ଏହା ଶେଷ ଭିଡିଓ ଥିଲା।

## ଇନ୍‌ଷ୍ଟାଗ୍ରାମରେ ଶିଶୁ ବିକ୍ରି: ୩ ଗିରଫ

ତେହେରାନ, ୨୫।୬ : ଇନ୍‌ଷ୍ଟାଗ୍ରାମରେ ଶିଶୁ ବିକ୍ରି ଅଭିଯୋଗରେ ୩ ଅଭିଯୁକ୍ତଙ୍କୁ ଇରାନରେ ଗିରଫ କରାଯାଇଛି। ଗୋଟିଏ ଶିଶୁ ୨୦ ଦିନର ହୋଇଥିବା ବେଳେ ଅନ୍ୟ ଶିଶୁଟି ୨ ମାସର ବୋଲି ତେହେରାନ ପୋଲିସ ମୁଖ୍ୟ ହୋସେନ୍ ରହିମି ପ୍ରକାଶ କରିଛନ୍ତି। ଶିଶୁମାନଙ୍କୁ ୫୦୦ ଡଲାର ଓ ୪୦୦ ଡଲାରରେ ଅଣାଯାଇ ୨ ହଜାର ଡଲାର ଓ ୨,୫୦୦ ଡଲାରରେ ପୁଣି ବିକ୍ରି କରାଯାଉଥିଲା। ଗରିବ ପରିବାରରୁ କମ୍ ମୂଲ୍ୟରେ ଏହି ଶିଶୁମାନଙ୍କୁ କିଣାଯାଇ ଉଜ୍ଜ୍ୱଳ ଭବିଷ୍ୟତ ଯୋଗାଇ ଦେବା ବାହାନାରେ ସେମାନଙ୍କୁ ଏଭଳି ବିକ୍ରି କରାଯାଉଥିବା ଜଣାପଡ଼ିଛି। ଜଣେ ଅଭିଯୁକ୍ତ ଏହାକୁ ସ୍ୱୀକାର ମଧ୍ୟ କରିଛନ୍ତି। ପରିବାର ନିୟୋଜନ ଉପରେ ଇରାନ ଗୁରୁତ୍ୱ ଦେଉଥିବା ବେଳେ ଇନ୍‌ଷ୍ଟାଗ୍ରାମରେ ଏଭଳି ଶିଶୁ ବିକ୍ରିକୁ ଦୃଢ଼ ବିରୋଧ କରାଯାଇଛି। ପୋଲିସ ଏବେ ଇନ୍‌ଷ୍ଟାଗ୍ରାମ ବିଜ୍ଞାପନ ଉପରେ ନଜର ରଖିଥିବା ରହିମି ପ୍ରକାଶ କରିଛନ୍ତି। ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ୩ ବ୍ୟକ୍ତିଙ୍କ ସହ ୨ ଶିଶୁଙ୍କ ଫଟୋ ରହିଥିଲା। ଘଟଣା ସମ୍ପର୍କରେ ଜଣାପଡ଼ିବା ପରେ ୩ ଅଭିଯୁକ୍ତଙ୍କୁ ପୋଲିସ ବାନ୍ଧିବା ସହ ୨ ଶିଶୁଙ୍କୁ ସାମାଜିକ ସଂଗଠନକୁ ହସ୍ତାନ୍ତର କରାଯାଇଥିବା ଜଣାପଡ଼ିଛି।

## 'ଗଣତନ୍ତ୍ର ପାଇଁ ଲଢ଼ିଥିବା ବ୍ୟକ୍ତିଙ୍କୁ ସମ୍ମାନ'

ନୂଆଦିଲ୍ଲୀ,୨୫।୬(ଆଇଏଏନ୍‌ଏସ୍)

**ଇମର୍ଜେନ୍ସିକୁ ୪୫ ବର୍ଷ**



ଦେଶରେ ଜରୁରୀ ପରିସ୍ଥିତି (ଇମର୍ଜେନ୍ସି) ଲାଗୁ ହେବାର ୪୫ତମ ବାର୍ଷିକୀ ଅବସରରେ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗଣତନ୍ତ୍ର ପାଇଁ ଲଢ଼ିଥିବା ବ୍ୟକ୍ତିବିଶେଷଙ୍କୁ ସାଲ୍ୟୁଟ ଜଣାଇଛନ୍ତି। ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ କଦାପି ସେମାନଙ୍କ ବଳିଦାନକୁ ଭୁଲିପାରିବ ନାହିଁ। ଠିକ୍ ୪୫ ବର୍ଷ ପୂର୍ବେ ୧୯୭୫ ଜୁନ୍ ୨୫ରେ ଦେଶରେ ଇମର୍ଜେନ୍ସି ଘୋଷଣା କରାଯାଇଥିଲା। ସେହି ସମୟରେ ଯେଉଁମାନେ ଗଣତନ୍ତ୍ରର ସୁରକ୍ଷା ପାଇଁ ଲଢ଼ିଥିଲେ, ସେମାନଙ୍କୁ ନାନା ନିର୍ଯାତନା ସହିବାକୁ ପଡ଼ିଥିଲା। ଏହି ସମୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ଅଧିକାଂଶ ରାଜନୈତିକ ବିରୋଧୀଙ୍କୁ ଜେଲ ପଠାଯାଇଥିଲା ଓ ଗଣମାଧ୍ୟମର କଣ୍ଠରୋଧ କରାଯାଇଥିଲା। ଗୋଟିଏ ପରିବାରର କ୍ଷମତା ଲୋଭ ଯୋଗୁ ୪୫ ବର୍ଷ ପୂର୍ବେ ଦେଶରେ ଜରୁରୀ ପରିସ୍ଥିତି ଲାଗୁ କରାଯାଇଥିଲା ବୋଲି ଇନ୍ଦିରା ଗାନ୍ଧୀଙ୍କୁ ସମାଲୋଚନା କରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା କହିଛନ୍ତି। ଇମର୍ଜେନ୍ସି ଘୋଷଣା ଫଳରେ ରାତାରାତି ଦେଶ ଏକ ବନ୍ଦୀଶାଳାରେ ପରିଣତ ହୋଇଥିଲା। ଗଣମାଧ୍ୟମ, ଅଦାଲତ ଓ ମତବ୍ୟକ୍ତ କରିବାର ସ୍ୱାଧୀନତା ରଦ୍ଦ ହୋଇଯାଇଥିଲା। ୪୫ ବର୍ଷ ପରେ ମଧ୍ୟ କଂଗ୍ରେସର ଇମର୍ଜେନ୍ସି ମାନସିକତାରେ ପରିବର୍ତ୍ତନ ଆସି ନଥିବା ଶାହା କହିଛନ୍ତି।

## ମଣିପୁର ସରକାରକୁ ସମର୍ଥନ ଜଣାଇଲେ ଏନ୍‌ପିପି ବିଧାୟକ

ଇମ୍ଫାଲ,୨୫।୬(ପି.ଟି.)

ନ୍ୟାଶନାଲ ପିପୁଲ୍ସ ପାର୍ଟି (ଏନ୍‌ପିପି)ର ୪ ବିଧାୟକ ଗୁରୁବାର ପୁନର୍ବାର ମୁଖ୍ୟମନ୍ତ୍ରୀ ଏନ୍.ବୀରେନ୍ ସିଂଙ୍କ ନେତୃତ୍ୱାଧୀନ ସରକାରକୁ ସମର୍ଥନ ଜଣାଇଛନ୍ତି। ମଣିପୁର ସରକାରରେ ମନ୍ତ୍ରୀ ଥିବା ଏହି ବିଧାୟକମାନେ ଗତ ସପ୍ତାହରେ ଇସ୍ତଫା ଦେଇଥିଲେ। ଗୁରୁବାର ସେମାନେ ରାଜ୍ୟପାଳ ନଜ୍‌ମା ହେପତୁଲ୍ଲାଙ୍କୁ ଭେଟି ସମର୍ଥନ ପତ୍ର ଦେଇଛନ୍ତି। ସେମାନଙ୍କ ସହ ଦଳର ନେତା କନ୍‌ରାଡ ସାଙ୍ଗମା ଏବଂ ଭାଜପାର ଟ୍ରବୁଲ୍ ଶୁଟର ଭାବେ ପରିଚିତ ଆସାମ ମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ରାଜଭବନ ଯାଇଥିଲେ। ବରିଷ୍ଠ ଭାଜପା ନେତା ତଥା ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହାଙ୍କ ପ୍ରତିଶ୍ରୁତି ପରେ ବିଧାୟକମାନେ ମନ୍ତ୍ରୀ ଭାବେ ଦେଇଥିବା ଇସ୍ତଫା ପ୍ରତ୍ୟାହାର କରିନେବେ ବୋଲି ନିଷ୍ପତ୍ତି ନେଇଥିବା ସାଙ୍ଗମା ଦିଲ୍ଲୀରୁ ଫେରି ଗଣମାଧ୍ୟମକୁ କହିଛନ୍ତି। ସେମାନେ ପୁଣିଥରେ ମନ୍ତ୍ରିମଣ୍ଡଳରେ ସାମିଲ ହେବେ।

## ବଜ୍ରପାତରେ ଶତାଧିକ ମୃତ

**ବିହାରରେ ୮୩, ୟୁପିରେ ୨୪**

ପାଟନା,୨୫।୬(ପି.ଟି.)



ବିହାରର ବିଭିନ୍ନ ଜିଲାରେ ଗୁରୁବାର ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହେବାରୁ ୨୪ ଘଣ୍ଟା ମଧ୍ୟରେ ୮୩ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ୩ ଶିଶୁ ଅଛନ୍ତି। ସେହିପରି ଉତ୍ତରପ୍ରଦେଶରେ ପ୍ରବଳ ବର୍ଷା ଓ ବଜ୍ରପାତରେ ୨୪ ଜଣ ପ୍ରାଣ ହରାଇଛନ୍ତି। ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଏହି ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ଘୋଷଣା କରିଛନ୍ତି। ରାଜ୍ୟ ବିପର୍ଯ୍ୟୟ ପରିଚାଳନା ବିଭାଗ ରିପୋର୍ଟ ଅନୁଯାୟୀ ବିହାରରେ ୮୩ ମୃତକଙ୍କ ମଧ୍ୟରୁ କେବଳ ଗୋପାଳଗଞ୍ଜ ଜିଲାରେ ସର୍ବାଧିକ ୧୩ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ମଧୁବଣି ଓ ନୱାଦାରେ ୮ଜଣ ଲେଖାଏ, ଭାଗଲପୁର ଓ ସିୱାନରେ ୬ ଜଣ ଲେଖାଏ, ବାଙ୍କା, ଦରଭଙ୍ଗା ଓ ପୂର୍ବ ଚମ୍ପାରନରେ ୫ ଜଣ ଲେଖାଏ ପ୍ରାଣ ହରାଇଛନ୍ତି। ଅଧିକାଂଶ କ୍ଷେତରେ କାମ କରୁଥିବାବେଳେ ବଜ୍ରପାତର ଶିକାର ହୋଇଥିଲେ। ସେହିପରି ଖଗରିଆ ଓ ଔରଙ୍ଗାବାଦ ଜିଲାରେ ୩ ଜଣ ଲେଖାଏ ବଜ୍ରପାତରେ ପ୍ରାଣ ହରାଇଥିବାବେଳେ ଜେହନାବାଦ, କିଶନଗଞ୍ଜ, ପଶ୍ଚିମ ଚମ୍ପାରନ, ଜାମୁଇ, ପୂର୍ଣ୍ଣିଆ, ସୁପୌଲ, କୈମୁର ଏବଂ ବକ୍ସାର ଜିଲାରେ ୨ ଜଣ ଲେଖାଏ, ସରନ, ଶିବହର, ସମସ୍ତିପୁର, ମାଧେପୁରା ଏବଂ ସୀତାମାଢ଼ିରେ ଜଣେ ଲେଖାଏ ମୃତ୍ୟୁ ମୁଖରେ ପଡ଼ିଛନ୍ତି। ଆହତମାନଙ୍କୁ ବିଭିନ୍ନ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆଗାମୀ ୩ ଦିନ ପର୍ଯ୍ୟନ୍ତ ବିହାର ଓ ଅନ୍ୟ କେତେକ ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ଥିବା ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ସେହିପରି ଉତ୍ତରପ୍ରଦେଶର ୨୪ ଜଣଙ୍କ ମଧ୍ୟରୁ କେବଳ ଦେଓରିଆ ଜିଲାରେ ୯ ଜଣଙ୍କ ମୃତ୍ୟୁ ଘଟିଛି।

## ଆଇଆଇଟି ବମ୍ବେରେ ହେବ ଅନ୍‌ଲାଇନ ପାଠପଢ଼ା


ନୂଆଦିଲ୍ଲୀ, ୨୫।୬

ବମ୍ବେ ଆଇଆଇଟିରେ ଅନ୍‌ଲାଇନରେ ଆସନ୍ତା ସେମିଷ୍ଟାର ଲାଗି ପାଠ ପଢ଼ାଯିବ। କୋଭିଡ୍ ସଂକ୍ରମଣ ବେଳେ ଛାତ୍ରୀଛାତ୍ରଙ୍କ ନିରାପତ୍ତାକୁ ଦୃଷ୍ଟିରେ ରଖି ଆଇଆଇଟି ବମ୍ବେ ସିନେଟ ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଥିବା ସଂସ୍ଥାର ନିର୍ଦ୍ଦେଶକ ଶୁଭାଶିଷ ଚୌଧୁରୀ ପ୍ରକାଶ କରିଛନ୍ତି। ଦେଶର ପ୍ରଥମ ବଡ଼ ଶିକ୍ଷାନୁଷ୍ଠାନ ଭାବେ ବମ୍ବେ ଆଇଆଇଟି ଏଭଳି ନିଷ୍ପତ୍ତି ଗ୍ରହଣ କରିଛି। ପ୍ରକାଶଥାଉ କି, ମାର୍ଚ୍ଚ ୧୪ରୁ ଏହି ଅନୁଷ୍ଠାନ ବନ୍ଦ ରହିଛି।

## ଆସିଲା କୋଭିଡ୍ ଇଞ୍ଜେକ୍‌ଶନ

ନୂଆଦିଲ୍ଲୀ,୨୫।୬

**ପ୍ରଥମ ପର୍ଯ୍ୟାୟରେ ୫ ରାଜ୍ୟରେ ଉପଲବ୍ଧ ହେବ**




ହାଇଦ୍ରାବାଦର ଔଷଧ ପ୍ରସ୍ତୁତକାରୀ କମ୍ପାନୀ ହେଟେରୋ କୋଭିଡ୍-୧୯ ଔଷଧ ରେମଡେସିଭିର୍‌ର ଜେନେରିକ୍ ଭର୍ସନ ଉତ୍ପାଦନ କରିବା ସହ ପ୍ରଥମ ପର୍ଯ୍ୟାୟରେ ମହାରାଷ୍ଟ୍ର, ଦିଲ୍ଲୀ ସମେତ ସର୍ବାଧିକ କରୋନା ଆକ୍ରାନ୍ତ ୫ ରାଜ୍ୟକୁ ୨୦ ହଜାର ଇଞ୍ଜେକ୍‌ଶନ ପଠାଇଛି। ଔଷଧ ଉପଲବ୍ଧ ହେବାକୁ ଥିବା ଅନ୍ୟ ରାଜ୍ୟ ହେଲା ଗୁଜରାଟ, ତାମିଲନାଡୁ ଓ ତେଲଙ୍ଗାନା। ଭାରତରେ ଏହା କୋଭିଫର ବ୍ରାଣ୍ଡ ନାମରେ ଉପଲବ୍ଧ। ୧୦୦ ମିଲିଗ୍ରାମ ଇଞ୍ଜେକ୍‌ଶନର ଦାମ୍ ରହିଛି ୫,୪୦୦ ଟଙ୍କା। ବୟସ୍କ ଏବଂ ଶିଶୁ ରୋଗୀଙ୍କୁ ପ୍ରଥମ ଦିନରେ ୨୦୦ ମିଲିଗ୍ରାମ ଓ ପରବର୍ତ୍ତୀ ୫ ଦିନରେ ୧୦୦ ମିଲିଗ୍ରାମ ଲେଖାଏ ଡୋଜ୍ ଦିଆଯିବ। ପରବର୍ତ୍ତୀ ବ୍ୟାଚ୍‌ରେ ଏହା ଭୁବନେଶ୍ୱର ସମେତ କୋଲକାତା, ଇନ୍ଦୋର, ଭୋପାଳ, ଲକ୍ଷ୍ନୌ, ପାଟନା, ରାଞ୍ଚି, ବିଜୟୱାଡା, କୋଚି, ତ୍ରିଭେନ୍ଦ୍ରମ୍ ଏବଂ ଗୋଆ ପଠାଯିବ। ୩/୪ ସପ୍ତାହ ମଧ୍ୟରେ ଲକ୍ଷେ ଇଞ୍ଜେକ୍‌ଶନ ପ୍ରସ୍ତୁତି ଲାଗି କମ୍ପାନୀ ଲକ୍ଷ୍ୟ ରଖିଛି। ଏହା କେବଳ ହସ୍ପିଟାଲ ଓ ସରକାରଙ୍କ ଜରିଆରେ ଉପଲବ୍ଧ ହେବ, ରିଟେଲ୍ ବିକ୍ରି ହେବନାହିଁ।

## ଲକ୍ଷଣ ନ ଥାଇ ହଠାତ୍ ମୃତ୍ୟୁ ହେଉଛି

ବିଶାଖାପାଟଣା,୨୫।୬

**ଆନ୍ଧ୍ରରେ କୋଭିଡ୍ ସ୍ଥିତି ଚିନ୍ତାଜନକ**



ମହାମାରୀ କରୋନା ଆନ୍ଧ୍ରବାସୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଏହି ଦକ୍ଷିଣ ଭାରତୀୟ ରାଜ୍ୟରେ ରୋଗୀଙ୍କଠାରେ କୋଭିଡ୍-୧୯ ଲକ୍ଷଣ ନ ଥାଇ ହଠାତ୍ ମୃତ୍ୟୁ ଘଟୁଛି। ବିଜୟୱାଡା ସରକାରୀ ହସ୍ପିଟାଲ ପରିସରରେ ଥିବା ଏଆର୍‌ଟି ସେଣ୍ଟରରେ କାର୍ଯ୍ୟରତ ଜଣେ ଡାକ୍ତର ହଠାତ୍ ଶ୍ୱାସ ନେବାରେ କଷ୍ଟ ଅନୁଭବ କରିଥିଲେ। ଏକ୍ସ-ରେ ହେବାରୁ ତାଙ୍କ ଛାତିରେ ଅସ୍ୱାଭାବିକତା ଜଣାପଡିଥିଲା। ସଙ୍ଗେ ସଙ୍ଗେ ତାଙ୍କୁ କୋଭିଡ୍ ହସ୍ପିଟାଲକୁ ନିଆଯାଇଥିଲା ଓ ସେହିଦିନ ତାଙ୍କର ମୃତ୍ୟୁ ଘଟିଲା। ମୃତ୍ୟୁର ଦିନକ ପୂର୍ବରୁ ଏହି ଡାକ୍ତର ରୋଗୀ ଦେଖୁଥିଲେ। ପୂର୍ବ ଗୋଦାବରୀ ଜିଲାରେ ପ୍ରାୟ ୨୦୦ ଲୋକଙ୍କୁ ସଂକ୍ରମିତ କରିଥିବା ସୁପର ସ୍ପ୍ରେଡର କାକିନାଡା ହସ୍ପିଟାଲରେ ଭର୍ତ୍ତି ହେବାର ଅଧଘଣ୍ଟା ମଧ୍ୟରେ ପ୍ରାଣ ହରାଇଥିଲେ। ସେହିପରି ୩ ଦିନ ତଳେ ଅମଲାପୁରମ ଅଞ୍ଚଳର ଜଣେ ରୋଗୀ ହସ୍ପିଟାଲରେ ପହଞ୍ଚିବା ପୂର୍ବରୁ ଆଖିବୁଜି ଦେଇଥିଲେ। ଅନ୍ୟ ଜିଲାଗୁଡ଼ିକରେ ମଧ୍ୟ ଅନୁରୂପ ମାମଲା ସାମ୍ନାକୁ ଆସିଛି। ଲକ୍ଷଣ ଜଣାପଡ଼ିବାର କିଛି ସମୟ ମଧ୍ୟରେ କିମ୍ବା ଅତିବେଶିରେ ଦିନକରେ ରୋଗୀଙ୍କର ମୃତ୍ୟୁ ଘଟୁଛି। ବିଶେଷଜ୍ଞଙ୍କ କହିବା ଅନୁଯାୟୀ ଲକ୍ଷଣ ଜଣାପଡୁ ନ ଥିବା ରୋଗୀ ସ୍ଥିର ମନେହେଉଥିଲେ ହେଁ ଭୂତାଣୁ ସେମାନଙ୍କ ଅଙ୍ଗ ନଷ୍ଟ କରିଦେଇଥାଏ। ଏହା ରକ୍ତ ଅମ୍ଳଜାନ ସ୍ତରକୁ ହ୍ରାସ କରିଦେଇଥାଏ। ଫଳରେ ରୋଗୀକୁ ବଞ୍ଚାଇବା ପାଇଁ ଡାକ୍ତରଙ୍କୁ ଯଥେଷ୍ଟ ସମୟ ମିଳେନାହିଁ।

ସେଭେନ ହିଲ୍ସ ହସ୍ପିଟାଲର କନ୍‌ସଲ୍ଟାଣ୍ଟ ପଲମୋଲୋଜିଷ୍ଟ ଡ. ଭାମ୍‌ସି କ୍ରିଷ୍ଣାଙ୍କ କହିବା ଅନୁଯାୟୀ, ଚିକିତ୍ସାର ଫଳାଫଳ ପ୍ରାରମ୍ଭିକ ଭାବେ ରୋଗର ତୀବ୍ରତା ଓ ରୋଗୀଙ୍କ ରୋଗ ପ୍ରତିରୋଧକ ଶକ୍ତି ଉପରେ ନିର୍ଭର କରେ। ତେବେ କେତେଜଣ କରୋନା ରୋଗୀଙ୍କଠାରେ ବ୍ଲଡ୍ ଅକ୍ସିଜେନ୍ ସ୍ତର ଅତ୍ୟଧିକ ହ୍ରାସ ପାଇଥିଲେ ହେଁ ସେମାନଙ୍କଠାରେ ଲକ୍ଷଣ ଦେଖାଯାଏ ନାହିଁ। ଯେତେବେଳେ ହଠାତ୍ ମୃତ୍ୟୁ ଆସେ, ସାଇଲେନ୍ସ ହାଇପୋକ୍ସିଆ କିମ୍ବା ଅନ୍ୟ ଜଟିଳତା ଦେଖାଯାଏ, ସେତେବେଳେ କିଛି କରିହୁଏ ନାହିଁ ବୋଲି ଡ. କ୍ରିଷ୍ଣା କହିଛନ୍ତି। ଅଧିକାଂଶ କରୋନା ରୋଗୀଙ୍କଠାରେ ଲକ୍ଷଣ ଦେଖାଯାଏ ନାହିଁ। ଲକ୍ଷଣ ନାହିଁ ମାନେ କୌଣସି କ୍ଷତି ନାହିଁ ଭାବିବା ଠିକ୍ ନୁହେଁ।

## ଆଜି ୧୩ ରାଜନୈତିକ ଦଳର ପ୍ରତିବାଦ

ଭୁବନେଶ୍ୱର(ବ୍ୟୁରୋ): ପୂର୍ବ ଘୋଷଣା ମୁତାବକ ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇବା ଲାଗି ୧୩ ରାଜନୈତିକ ଦଳ ନିଜର ପ୍ରସ୍ତୁତି ଆରମ୍ଭ କରିଛନ୍ତି। ଶୁକ୍ରବାର ଏହି ଦଳର ନେତା ଓ କର୍ମୀମାନେ ସ୍ଥାନୀୟ ମାଷ୍ଟର କ୍ୟାଣ୍ଟିନ ଛକସ୍ଥିତ ଲୋୟର ପିଏମ୍‌ଜିଠାରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ବିରୋଧରେ ଏକାଠିହୋଇ ଉଭୟ ସରକାରର ବିଫଳତାକୁ ଲୋକଙ୍କ ସମ୍ମୁଖରେ ଉପସ୍ଥାପନ କରିବେ। ଅହେତୁକ ଦର ବୃଦ୍ଧି, କରୋନା ମହାମାରୀ ପରିଚାଳନାରେ ବିଫଳତା ଏବଂ ଲୋକଙ୍କ ଜୀବନ ଜୀବିକାର ସୁରକ୍ଷା ଦାବିରେ ରାଜ୍ୟସ୍ତରୀୟ ପ୍ରତିବାଦ କାର୍ଯ୍ୟକ୍ରମ ଘୋଷଣା କରିଛନ୍ତି। ଏକ ପ୍ରତିନିଧି ଦଳ ରାଜ୍ୟପାଳଙ୍କୁ ସାକ୍ଷାତକରି ଦାବିପତ୍ର ଦେବେ।

### ସଂକ୍ଷେପରେ

## ୨୧୦ ନୂଆ ଆକ୍ରାନ୍ତ, ୧୬୮ ସୁସ୍ଥ

ଭୁବନେଶ୍ୱର, ୨୫।୬(ବ୍ୟୁରୋ): ରାଜ୍ୟରେ ଆଉ ୨୧୦ ନୂଆ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୭୪ଜଣ କ୍ୱାରାଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୩୬ଜଣ ସ୍ଥାନୀୟ ସଂକ୍ରମିତ ରହିଛନ୍ତି। ଗଞ୍ଜାମ ଜିଲାରୁ ସର୍ବାଧିକ ୫୮ଜଣ ଆକ୍ରାନ୍ତ ରହିଥିବାବେଳେ ଖୋର୍ଦ୍ଧାରୁ ୪୭, ଗଜପତିରୁ ୨୯, ବଲାଙ୍ଗୀରରୁ ୧୧, ଯାଜପୁର ଓ ପୁରୀରୁ ୮ଜଣ ଲେଖାଏ, ଢେଙ୍କାନାଳ ଓ ମୟୂରଭଞ୍ଜରୁ ୭ଜଣ ଲେଖାଏ, ସୁନ୍ଦରଗଡ଼ରୁ ୬, କେନ୍ଦୁଝର ଓ କଟକରୁ ୫ଜଣ ଲେଖାଏ, କେନ୍ଦ୍ରାପଡ଼ା ଓ ନୟାଗଡ଼ରୁ ୩ଜଣ ଲେଖାଏ ରହିଛନ୍ତି। ସେହିପରି ନବରଙ୍ଗପୁର ଓ ବାଲେଶ୍ୱରରୁ ୨ଜଣ ଲେଖାଏ ଥିବାବେଳେ ଅନୁଗୋଳ, ସମ୍ବଲପୁର ଓ ଦେବଗଡ଼ରୁ ଜଣେ ଲେଖାଏ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିସହିତ ପଶ୍ଚିମବଙ୍ଗରୁ ଫେରିଥିବା ଆଉ ୬ଜଣ ଏନ୍‌ଡିଆର୍‌ଏଫ୍ କର୍ମଚାରୀ କରୋନାରେ ସଂକ୍ରମିତ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ଏବେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୫୯୬୨ରେ ପହଞ୍ଚିଛି।

ଅନ୍ୟପକ୍ଷରେ ରାଜ୍ୟରେ ପୁଣି ସୁସ୍ଥ ହୋଇଛନ୍ତି ୧୬୮ କରୋନା ରୋଗୀ। ଏମାନଙ୍କ ମଧ୍ୟରେ ଗଞ୍ଜାମରୁ ୩୯, ଖୋର୍ଦ୍ଧା ଓ ଗଜପତିରୁ ୨୩ଜଣ ଲେଖାଏ, ପୁରୀରୁ ୧୯, ବରଗଡ଼ରୁ ୧୩, ସୁନ୍ଦରଗଡ଼ରୁ ୮, ବାଲେଶ୍ୱରରୁ ୭, ଭଦ୍ରକ ଓ ରାୟଗଡ଼ାରୁ ୫ଜଣ ଲେଖାଏ ସୁସ୍ଥ ହୋଇଛନ୍ତି। ସେହିଭଳି ମାଲକାନଗିରି, କେନ୍ଦ୍ରାପଡ଼ା, କେନ୍ଦୁଝର, ଜଗତ୍‌ସିଂହପୁର ଓ ସୋନପୁରରୁ ୪ଜଣ ଲେଖାଏ ସୁସ୍ଥ ହୋଇଥିବାବେଳେ ଅନୁଗୋଳ ୩, ଢେଙ୍କାନାଳ ୨, ଝାରସୁଗୁଡ଼ାରୁ ଜଣେ ସୁସ୍ଥ ହୋଇ ହସ୍ପିଟାଲରୁ ଡିସ୍‌ଚାର୍ଜ ହୋଇଛନ୍ତି। ଫଳରେ ରାଜ୍ୟରେ ସୁସ୍ଥ ହୋଇଥିବା କରୋନା ରୋଗୀଙ୍କ ସଂଖ୍ୟା ୪୨୯୧କୁ ବୃଦ୍ଧି ପାଇଛି ଓ ୧୬୪୭ ସକ୍ରିୟ ଆକ୍ରାନ୍ତ ରହିଛନ୍ତି।

# ହୀରାକୁଦ ଡ୍ୟାମ୍‌ର ୧୦ ଗେଟ୍ ଖୋଲିଲା

ସମ୍ବଲପୁର,୨୫।୬(ବ୍ୟୁରୋ)

- ଗେଟ୍ ଖୋଲିବା ପୂର୍ବରୁ ପାରମ୍ପରିକ ପୂଜାର୍ଚ୍ଚନା
- ନ ଥିଲା ବିଗତ ବର୍ଷର ଜାକଜମକ
- କରୋନା କଟକଣା ନିୟମ କଡ଼ାକଡ଼ି

ହୀରାକୁଦ ଡ୍ୟାମ୍‌ରୁ ଗୁରୁବାର ପ୍ରଥମ ବନ୍ୟାଜଳ ନିଷ୍କାସିତ ହୋଇଛି। ଧାର୍ଯ୍ୟ ସମୟ ପୂର୍ବାହ୍ନ ୧୦ଟାରେ ପାରମ୍ପରିକ ପୂଜାର୍ଚ୍ଚନା ପରେ ଡ୍ୟାମ୍‌ରୁ ପାଣି ଛଡ଼ାଯାଇଥିଲା। ଡ୍ୟାମ୍ ବାମ ପାର୍ଶ୍ୱର ୪ଟି ଓ ଡାହାଣ ପାର୍ଶ୍ୱରେ ୬ଟି ଗେଟ୍‌କୁ ମିଶାଇ ମୋଟ ୧୦ଟି ଗେଟ୍ ଖୋଲାଯାଇଛି। ପ୍ରତି ସେକେଣ୍ଡରେ ଡ୍ୟାମ୍‌ରୁ ୧ ଲକ୍ଷ ୫୫ ହଜାର କ୍ୟୁସେକ ଜଳ ନିଷ୍କାସିତ ହେଉଛି। ଡ୍ୟାମ୍ ମୁଖ୍ୟଯନ୍ତ୍ରୀ ସୁନୀଲ ନାଏକ, ନିର୍ବାହୀଯନ୍ତ୍ରୀ ନିରାକର ବିଶି ପ୍ରମୁଖ ଉପସ୍ଥିତ ଥିଲେ। ମିଳିଥିବା ରିପୋର୍ଟ ଅନୁସାରେ ଡ୍ୟାମ୍‌ରେ ଜଳସ୍ତର ୬୧୮.୦୪ ଫୁଟ ରହିଥିଲା। ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ଡ୍ୟାମ୍ ଭିତରକୁ ପ୍ରତି ସେକେଣ୍ଡରେ ୧ ଲକ୍ଷ ୧୧ ହଜାର ୨୪୪ କ୍ୟୁସେକ ପାଣି ପ୍ରବେଶ କରୁଥିବାବେଳେ


ହୀରାକୁଦ ଡ୍ୟାମ୍‌ରୁ ଗୁରୁବାର ପ୍ରଥମ ବନ୍ୟାଜଳ ନିଷ୍କାସିତ ହେଉଛି।

୧୬ ହଜାର ୫୦୧ କ୍ୟୁସେକ ପାଣି ନିଷ୍କାସନ କରାଯାଉଛି। ତଳ ମୁଣ୍ଡ ବେଲଗାଁରେ ୨୨ ହଜାର ୫ ଶହ କ୍ୟୁସେକ, ପର୍ଥଲାରେ ୫୭.୯୫୬ କ୍ୟୁସେକ, ଖଇରମାଳରେ ୯୨,୦୦୦ କ୍ୟୁସେକ, ବରମୁଲାରେ ୯୬ ଲକ୍ଷ ୭୫୦ ଓ ମୁଣ୍ଡଲିରେ ୯୫ ହଜାର ୨୦୦ କ୍ୟୁସେକ ଜଳ ପ୍ରବାହିତ ହେଉଛି।

ପ୍ରତିବର୍ଷ ଗେଟ୍ ଖୋଲିବାକୁ ବହୁ ଜାକଜମକର ଆୟୋଜନ କରାଯାଇଥାଏ। ଏଥର କରୋନା କଟକଣା ଯୋଗୁ ସେ ପରିବେଶ ନ ଥିଲା। ସେହିଭଳି ଲୋକ ଗହଳି ବି ନ ଥିଲା କି ଜିଲା ପ୍ରଶାସନର ବିଭିନ୍ନ ଅଧିକାରୀ ଓ କୌଣସି ଅତିଥିଙ୍କୁ ମଧ୍ୟ ନିମନ୍ତ୍ରଣ କରାଯାଇ ନ ଥିଲା। କେବଳ ସାମାଜିକ ଦୂରତା ରକ୍ଷା କରି ଡ୍ୟାମ୍‌ର ଅଧିକାରୀମାନେ ନିଜ କାର୍ଯ୍ୟ ତୁଲାଇଥିଲେ। ଏପରିକି ଗଣମାଧ୍ୟମ ପ୍ରତିନିଧିଙ୍କୁ ମଧ୍ୟ ବାରଣ କରାଯାଇଥିଲା।

# ଚାକିରି ଆରମ୍ଭରୁ ଲାଞ୍ଚ

ବ୍ରହ୍ମପୁର ଅଫିସ/ଜଗନ୍ନାଥପ୍ରସାଦ, ୨୫।୬(ଡି.ଏନ.ଏ.)

### ଭିଜିଲାନ୍ସ ଜାଲରେ ଏସ୍‌ଆଇ


ଗିରଫ ଏସ୍‌ଆଇ ସିଦ୍ଧାର୍ଥ କୁମାର ଗୌଡ଼

ଚାକିରି ଜୀବନ ଆରମ୍ଭରୁ ଲାଞ୍ଚ। ଆଉ ଏପରି ବେଆଇନ କାର୍ଯ୍ୟ କରୁଥିବାବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନାରେ ତାଲିମ ନେଉଥିବା କ୍ୟାଡେଟ୍ ଏସ୍‌ଆଇ ସିଦ୍ଧାର୍ଥ କୁମାର ଗୌଡ଼। ଅଭିଯୁକ୍ତ ଏସ୍‌ଆଇ ରାଉତି ପଞ୍ଚାୟତ ଜଗନ୍ନାଥପାଟଣା ଗ୍ରାମର ପି. ରାଜା ସେନାପତିଙ୍କଠାରୁ ଏକ ମାମଲାର ସମାଧାନ କରିବାକୁ ୩ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଗିରଫ ହୋଇଥିବା ବ୍ରହ୍ମପୁର ଭିଜିଲାନ୍ସ ଏସ୍‌ପି ମାୟାଧର ସ୍ୱାଇଁ ସୂଚନା ଦେଇଛନ୍ତି। ଏ ନେଇ ନଂ. ୮/୨୦ରେ ମାମଲା ରୁଜୁ ହୋଇଛି। ଘଟଣାରୁ ପ୍ରକାଶ, ରାଜା ସେନାପତି ତାଙ୍କର ଏକ ଘର ଭଡ଼ାସୂତ୍ରରେ ଦେଇଥିଲେ। ଭଡ଼ାଟିଆଙ୍କୁ ଘର ଛାଡିବାକୁ କହିବା ସତ୍ତ୍ୱେ ସେ ଘର ଖାଲି କରି ନ ଥିଲେ। ଏହାକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଗତ ୨୩ତାରିଖରେ ଘର ମାଲିକ ଓ ଭଡାଟିଆ ଜଗନ୍ନାଥପ୍ରସାଦ ଥାନାକୁ ଆସିଥିଲେ। ଅନ୍ୟପଟେ ପୋଲିସ ଟ୍ରେନିଂ ଏକାଡ଼େମୀରୁ ତାଲିମ ପରେ କ୍ୟାଡେଟ୍ ଏସ୍‌ଆଇ ସିଦ୍ଧାର୍ଥ ଏପ୍ରିଲ ୨୦ରେ ଜଗନ୍ନାଥପ୍ରସାଦ ଥାନାରେ ଯୋଗ ଦେଇଥିଲେ। ସେ ସମୟରେ ଏସ୍‌ଆଇ ସିଦ୍ଧାର୍ଥ ୩ ହଜାର ଟଙ୍କା ଲାଞ୍ଚ ଦେବାକୁ କହି ସମସ୍ୟାର ସମାଧାନ କରିଥିଲେ। ଏ ନେଇ ଘର ମାଲିକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ଅନୁଯାୟୀ ରାଜା ଗୁରୁବାର ଥାନାକୁ ଯାଇ ଏସ୍‌ଆଇ ସିଦ୍ଧାର୍ଥଙ୍କୁ ୩ ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ସେଠାରେ ଜଗିଥିବା ଭିଜିଲାନ୍ସ କର୍ମଚାରୀମାନେ ସିଦ୍ଧାର୍ଥଙ୍କୁ ଗିରଫ କରିଥିଲେ।

# ଗର୍ଭଗୃହ କାନ୍ଥରେ ଧଳା ଆସ୍ତରଣ

### ଶ୍ରୀମନ୍ଦିରରେ ଯାଞ୍ଚ ସରିଲା

- ନାଟମଣ୍ଡପ ଚଟାଣ ଖରାପ ପଥର ବଦଳିବ
- ୮ ଦିନରେ ସରିବ ମରାମତି କାମ

ପୁରୀ ଅଫିସ,୨୫।୬: ଗର୍ଭଗୃହରେ ମଇଶ୍ଚର ହୋଇଛି। କାନ୍ଥରେ ଫିମ୍ପି ଭଳି ଧଳାର ଆସ୍ତରଣ ଜମିଯାଇଛି। ଏହାକୁ ସଫା କରାଯାଇ ରାସାୟନିକ ପ୍ରଲେପ ଦିଆଯିବ। ରୋଷଘର, ଭୋଗମଣ୍ଡପର ଚଟାଣ କାମ ହେବ। ନାଟମଣ୍ଡପ ଚଟାଣର କେତେକ ପଥର ନଷ୍ଟ ହୋଇଯାଇଛି। ତାହାକୁ ପରିବର୍ତ୍ତନ କରାଯିବ। ଏତଦ୍‌ବ୍ୟତୀତ ନାଟମଣ୍ଡପର ଉପର ଓ ତଳ ଛାତ ମଧ୍ୟ ମରାମତି ହେବ। ୮ ଦିନ ମଧ୍ୟରେ ଏସବୁ ମରାମତି କାର୍ଯ୍ୟ ସରିବ ବୋଲି କହିଛନ୍ତି ଏଏସ୍‌ଆଇ କୋର କମିଟି ସଦସ୍ୟ ଡ. ଏନ୍.ସି. ପାଲ୍। ଗୁରୁବାର ଶ୍ରୀମନ୍ଦିର ଗର୍ଭଗୃହ, ନାଟମଣ୍ଡପ, ଜଗମୋହନ, ରୋଷଘର ଏବଂ ଭୋଗମଣ୍ଡପ ଯାଞ୍ଚ ପରେ ଏହି ନିଷ୍ପତ୍ତି ହୋଇଛି।

ଗୁରୁବାର ଯାଞ୍ଚ ହୋଇଛି ଶ୍ରୀମନ୍ଦିର ଗର୍ଭଗୃହ। ଏଥିସହ ନାଟମଣ୍ଡପ, ଜଗମୋହନ, ଭୋଗମଣ୍ଡପ ଏବଂ ରୋଷଶାଳାର ସ୍ଥିତି ମଧ୍ୟ ଅନୁଧ୍ୟାନ


ଗର୍ଭଗୃହ ସ୍ଥିତି ଅନୁଧ୍ୟାନ କରୁଥିବା ଟିମ୍।

କରାଯାଇଛି। ଶ୍ରୀଜଗନ୍ନାଥ ମନ୍ଦିର ବୈଷୟିକ କୋର କମିଟି, ଶ୍ରୀମନ୍ଦିର ପ୍ରଶାସନିକ ଅଧିକାରୀ, ପୂର୍ତ୍ତ ବିଭାଗ ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ସଂସ୍ଥା (ଏଏସ୍‌ଆଇର) ବରିଷ୍ଠ ଅଧିକାରୀ ଏବଂ ଇଞ୍ଜିନିୟର ପ୍ରଥମେ ଗର୍ଭଗୃହ ଯାଞ୍ଚ କରିଥିଲେ। କାନ୍ଥରେ ଫିମ୍ପି ଭଳି ଧଳା ଆସ୍ତରଣ ଜମିଥିବା ବେଳେ ତେଲିଆ ବି ରହିଥିବା ଦେଖିଥିଲେ। ଏହାପରେ ବନ୍ଧା ଯାଇଥିବା ଭାରା ଉପରେ ଚଢ଼ି ପ୍ରଥମ ମହଲାକୁ ଯାଇ ସ୍ଥିତି ପରଖିଥିଲେ। ନାଟମଣ୍ଡପ ଗରୁଡ଼ସ୍ତମ୍ଭ ସମ୍ମୁଖ ମୁଖ୍ୟ ବିମ୍‌ରେ ଫାଟ ହୋଇଛି। ଏହି ଫାଟର ସ୍ଥିତି ଜାଣିବା ପାଇଁ ସେଠାରେ କ୍ରାକ୍ ମିଟର ଲଗାଯାଇଛି। ଫାଟ ମେଲୁଛି ନା ନାହିଁ ତାହାକୁ ଯାଞ୍ଚ କରିଥିଲେ ବିଶେଷଜ୍ଞ। ଏହାର ରିଡିଂକୁ ଦେଖିଥିଲେ। ଜଗମୋହନ ଏବଂ ଭୋଗମଣ୍ଡପ ଚାଲିରେ ଦିଆଯାଇଥିବା ଲୁହା ଫ୍ରେମ୍‌କୁ ବି ଅନୁଧ୍ୟାନ କରିଥିଲେ। ଏହାପରେ ନାଟମଣ୍ଡପ ଚଟାଣର କେତେକ ପଥର ନଷ୍ଟ ହୋଇଥିବା ଦେଖି ଏହାକୁ ପରିବର୍ତ୍ତନ ପାଇଁ କହିଥିଲେ। ସେହିପରି ଭୋଗ ମଣ୍ଡପ ଏବଂ ରୋଷଘର ଚଟାଣ ବୁଲି ଦେଖିଥିଲେ। ଏହି ଯାଞ୍ଚ ପରେ ମନ୍ଦିର ପରିସର ସେବାୟତଙ୍କ ବିଶ୍ରାମ ଗୃହରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କ'ଣ କ'ଣ ମରାମତି କରାଯିବ ସେ ନେଇ ଆଲୋଚନା କରାଯାଇଥିଲା। ବୈଠକରେ ହାଇକୋର୍ଟଙ୍କ ଦ୍ୱାରା ନିଯୁକ୍ତ ଆମିକସ୍‌କ୍ୟୁରି ଏନ୍.କେ. ମହାନ୍ତି, ଶ୍ରୀଜଗନ୍ନାଥ ମନ୍ଦିର ବୈଷୟିକ ପରାମର୍ଶଦାତା କମିଟି ସଦସ୍ୟ ଡ. ଏନ୍.ସି. ପାଲ, ପୂର୍ତ୍ତ ବିଭାଗର ମୁଖ୍ୟ ଯନ୍ତ୍ରୀ ବି.କେ. ତ୍ରିପାଠୀ, ଆସିଷ୍ଟାଣ୍ଟ ଇଞ୍ଜିନିୟର ଅର୍ଣ୍ଣବ ଦାସ, ବରିଷ୍ଠ ସଂରକ୍ଷଣ ଅଧିକାରୀ ପି. ଶ୍ରୀନିବାସ ରାଓ, କନିଷ୍ଠ ସଂରକ୍ଷଣ ସହାୟକ ଜ୍ୟୋତିରଞ୍ଜନ ପ୍ରଧାନ ପ୍ରମୁଖ ଯାଞ୍ଚ ସମୟରେ ଉପସ୍ଥିତ ଥିଲେ। କରୋନା ଯୋଗୁ ଧାନବାଦର ସିଏମ୍‌ଏଫ୍‌ଆରଆଇରୁ କୌଣସି ବିଶେଷଜ୍ଞ ଆସି ନାହାନ୍ତି। ଫଳରେ ଗର୍ଭଗୃହରେ ବାୟୁ ସଞ୍ଚାଳନ ଅନୁଧ୍ୟାନ ସମ୍ପୂର୍ଣ୍ଣ ହୋଇପାରି ନ ଥିବା ଜଣାପଡ଼ିଛି।






# ଅନ୍‌ଲାଇନ୍ ପାଠପଢ଼ାକୁ ଗଣଶିକ୍ଷା ବିଭାଗର ଗୁରୁତ୍ୱ

ଭୁବନେଶ୍ୱର, ୨୫।୬(ବ୍ୟୁରୋ)

- ୬୦ ଲକ୍ଷରୁ ୨୨ ଲକ୍ଷ ପିଲା ଅନ୍‌ଲାଇନକୁ ଆସିଛନ୍ତି
- ଅବଶିଷ୍ଟ ପିଲାଙ୍କୁ ସୁବିଧା ଯୋଗାଇବା ପାଇଁ କମିଟି ଗଠିତ
- ଜୁଲାଇ ୩୧ ପରେ ସ୍କୁଲ ଖୋଲିବା ନିଷ୍ପତ୍ତି

କରୋନା ମହାମାରୀ ଯୋଗୁ ଜୁଲାଇ ୩୧ ପର୍ଯ୍ୟନ୍ତ ସ୍କୁଲ ଓ କଲେଜ ବନ୍ଦ ରହିଛି। ଏଥିପାଇଁ ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେଉଛି। ତେଣୁ ଏହି ସମସ୍ୟା ଦୂର କରିବାକୁ ଚେଷ୍ଟା କରୁଛି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ। ଅନ୍‌ଲାଇନ୍ ପାଠପଢ଼ା ଉପରେ ବିଭାଗ ଗୁରୁତ୍ୱ ଦେଉଛି। ଅନଲାଇନ୍‌ରେ ପିଲାମାନେ କିପରି କୋର୍ସ ଆଧାରରେ ପାଠପଢ଼ିବେ ଓ ଅଧିକରୁ ଅଧିକ ସୁବିଧା ପାଇପାରିବେ ସେ ସମ୍ପର୍କରେ ଗଠିତ କମିଟି ତର୍ଜମା ଚଳାଇଥିବା ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାସ କହିଛନ୍ତି।

ମନ୍ତ୍ରୀ କହିଛନ୍ତି, ରାଜ୍ୟର ୬୦ ଲକ୍ଷ ପିଲାଙ୍କ ମଧ୍ୟରୁ ୨୨ ଲକ୍ଷ ପିଲା ଅନ୍‌ଲାଇନକୁ ଆସିଛନ୍ତି। ଅବଶିଷ୍ଟ ପିଲାଙ୍କୁ କିପରି ଏହି ସୁବିଧା ଯୋଗାଇ ହେବ ସେ ସମ୍ପର୍କରେ ଆଲୋଚନା ଚାଲିଛି। ଏହି ସମସ୍ୟାର ସମାଧାନ ନିମନ୍ତେ ଏକ ଏକ୍ସପର୍ଟ କମିଟି ଗଠିତ ହୋଇଛି। ଏହି କମିଟି ଗ୍ରାମାଞ୍ଚଳଗୁଡ଼ିକୁ ଯାଇ ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ଆଲୋଚନା କରି ଏହାର ବିକଳ୍ପ ଖୋଜିବେ। ୧୦ ଦିନ ମଧ୍ୟରେ କମିଟି ରିପୋର୍ଟ ଦେବ। ଅପରପକ୍ଷେ ଅନଲାଇନ୍ ସୁବିଧା ପାଇପାରୁ ନ ଥିବା ଛାତ୍ରୀଛାତ୍ର ରହୁଥିବା ଅଞ୍ଚଳରେ ଥିବା ଶିକ୍ଷକଙ୍କୁ କିପରି ବିନିଯୋଗ କରାଯାଇପାରିବ ତାହାର ମଧ୍ୟ ବିଶ୍ଳେଷଣ ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି। ସେପଟେ ସ୍କୁଲ ଖୋଲିବା ନେଇ ମନ୍ତ୍ରୀ କହିଛନ୍ତି, ଜୁଲାଇ ମାସରେ ମଧ୍ୟ କରୋନାର ପ୍ରକୋପ ବଢ଼ିବା ଆଶଙ୍କା ରହିଛି। ତେଣୁ ଜୁଲାଇ ୩୧ ପରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବ।

### ବଦଳିପାରେ ଯୁକ୍ତ୨ ପରୀକ୍ଷା ନିଷ୍ପତ୍ତି

ଜୁଲାଇ ଦ୍ୱିତୀୟ ସପ୍ତାହରେ ଯୁକ୍ତ୨ର ଅବଶିଷ୍ଟ ପରୀକ୍ଷା କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଏକ ପ୍ରକାର ପ୍ରସ୍ତୁତି ସରିଥିବାବେଳେ ଏନେଇ ସରକାରଙ୍କ ଅନୁମତି ଲୋଡ଼ା ଯାଇଛି। ମାତ୍ର ଇତିମଧ୍ୟରେ କେତେକ ରାଜ୍ୟ ଯୁକ୍ତ୨ ପରୀକ୍ଷା ବନ୍ଦ କରିଦେଇଛନ୍ତି। ଏବେ ଆଇସିଏସ୍‌ସି ଓ ସିବିଏସ୍‌ଇ ଯୁକ୍ତ୨ ପରୀକ୍ଷା ବାତିଲ କରାଯାଇଥିବାରୁ ରାଜ୍ୟରେ ମଧ୍ୟ ପରୀକ୍ଷା ସଂକ୍ରାନ୍ତ ନିଷ୍ପତ୍ତିରେ ପରିବର୍ତ୍ତନ କରାଯାଇପାରେ। ଖୁବ୍‌ଶୀଘ୍ର ରାଜ୍ୟ ସରକାର ଓଡ଼ିଶାରେ ଯୁକ୍ତ୨ ପରୀକ୍ଷା ବନ୍ଦ କରିପାରନ୍ତି ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ମାତ୍ର ବିଭାଗୀୟ ମନ୍ତ୍ରୀ ସମୀର ରଞ୍ଜନ ଦାସ ଏ ନେଇ କୌଣସି ସ୍ପଷ୍ଟ ସୂଚନା ଦେଇନାହାନ୍ତି। ସେ କହିଛନ୍ତି, ଯୁକ୍ତ୨ର ବହୁ ପରୀକ୍ଷା ବାକି ରହିଛି। ଜୁଲାଇରୁ ଏହି ପରୀକ୍ଷା ହେବାର ଥିଲା। କିନ୍ତୁ ବର୍ତ୍ତମାନ ପରିସ୍ଥିତି ଦେଖି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ମତାମତ ପାଇଁ ପଠାଯାଇଛି। ଏଯାଏ ପରୀକ୍ଷା ପାଇଁ କିଛି ନିଷ୍ପତ୍ତି ନିଆଯାଇ ନାହିଁ ବୋଲି ସେ କହିଛନ୍ତି।

# ନାବାଳିକା ଗୁରୁତର, ଆର୍‌ଜିଏଚ୍‌ରେ ଭର୍ତ୍ତି

ସୁନ୍ଦରଗଡ଼ ୨୫।୬ (ଡି.ଏନ.ଏ.)

### ଥାନାରେ ରଖି ନାବାଳିକାଙ୍କୁ ବଳାତ୍କାର ଘଟଣା

- ଡିଏସ୍‌ପିଙ୍କ ନେତୃତ୍ୱରେ ତଦନ୍ତ ଆରମ୍ଭ
- ଛୁଟିରେ ଅଛନ୍ତି ଆଇଆଇସି

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନାରେ ରଖି ଜଣେ ନାବାଳିକାଙ୍କୁ କ୍ରମାଗତ ବଳାତ୍କାର କରାଯିବା ଓ ସମ୍ପୃକ୍ତ ନାବାଳିକା ଗର୍ଭବତୀ ହେବା ଜଣାପଡିବା ପରେ ତାଙ୍କ ଗର୍ଭପାତ କରାଯିବା ଘଟଣାକୁ ନେଇ ଏଠାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଭିନ୍ନ ସଙ୍ଗଠନ, ବ୍ୟକ୍ତି ବିଶେଷ ଏହି ଘଟଣାକୁ ନିନ୍ଦା କରିବା ସହ ସମ୍ପୃକ୍ତ ପୋଲିସ ଅଧିକାରୀ, ଡାକ୍ତରଙ୍କ ସମେତ ୬ ଅଭିଯୁକ୍ତଙ୍କ ଗିରଫ ଦାବି କରିଛନ୍ତି। ଅନ୍ୟପକ୍ଷେ ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଜିଲା ପୋଲିସ ଗମ୍ଭୀରତା ସହ ଗ୍ରହଣ କରିଛି। ଗୁରୁବାର ନାବାଳିକାଙ୍କ ଡାକ୍ତରୀମାଇନା କରାଯିବା ପାଇଁ ଡାକ୍ତରଖାନାକୁ ନିଆଯାଇଥିଲା। ହେଲେ ଗର୍ଭପାତ ପରେ ତାଙ୍କର ରକ୍ତସ୍ରାବ ବନ୍ଦ ହେଉ ନ ଥିବାରୁ ତାଙ୍କୁ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ହସ୍ପିଟାଲରେ ଭର୍ତ୍ତି କରାଯାଇଛି।

ଏହି ମାମଲାରେ ବୀରମିତ୍ରପୁର ଥାନା ଅଧିକାରୀ ଆନନ୍ଦ ଚନ୍ଦ୍ର ମାଝି ଓ ଅନ୍ୟ ଜଣେ ପୋଲିସ ଅଧିକାରୀ, ବୀରମିତ୍ରପୁର ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କ ସମେତ ନାବାଳିକାଙ୍କ ସାବତ ବାପା ଓ ତାଙ୍କର ୨ ବନ୍ଧୁଙ୍କ ନାମରେ ମାମଲା ରୁଜୁ ହୋଇଛି। ଥାନା ଅଧିକାରୀ ଛୁଟିରେ ଥିବା ଜଣାପଡିଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶ୍ରୀବତ୍ସ ଜେନା ରାୟବଗା ଥାନାରେ ଦେଇଥିବା ଏତଲାକୁ ଭିତ୍ତି କରି ଅଭିଯୁକ୍ତମାନଙ୍କ ବିରୋଧରେ ଏପରି ପଦକ୍ଷେପ ଗ୍ରହଣ କରାଯାଇଥିବା ତଦନ୍ତକାରୀ ଅଧିକାରୀ କହିଛନ୍ତି। ସମ୍ପୃକ୍ତ ନାବାଳିକାଙ୍କୁ ସୁରକ୍ଷା ଓ ସହାୟତା ଯୋଗାଇ ଦିଆଯିବ ବୋଲି ଜିଲାପାଳ ନିଖିଳ ପବନ କଲ୍ୟାଣ କହିଛନ୍ତି। ସୁନ୍ଦରଗଡ଼ ଏସ୍‌ପି ସୌମ୍ୟା ମିଶ୍ରା ଘଟଣାର ଅନୁଧ୍ୟାନ କରିବା ସହ ନାବାଳିକାଙ୍କୁ ଭେଟିଛନ୍ତି। ଡିଏସ୍‌ପି ଜ୍ୟୋତ୍ସ୍ନା ପ୍ରଧାନଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ଉକ୍ତ ମାମଲାର ତଦନ୍ତ ଆରମ୍ଭ କରାଯାଇଛି।

ସୂଚନାଯୋଗ୍ୟ, ଗତ ମାର୍ଚ୍ଚ ୨୫ରେ ମେଳା ଦେଖିବାକୁ ସମ୍ପୃକ୍ତ ନାବାଳିକା ବୀରମିତ୍ରପୁର ଆସିଥିଲେ। ହେଲେ କରୋନା କଟକଣା ପାଇଁ ମେଳା ବନ୍ଦ ହୋଇ ଯାଇଥିଲା। ନାବାଳିକା ଜଣଙ୍କ କୌଣସି କାରଣରୁ ଆଉ ଗାଁକୁ ଫେରି ପାରି ନ ଥିଲେ। ପାଟ୍ରୋଲିଂରେ ଥିବା ପୋଲିସ ତାଙ୍କୁ ଥାନାକୁ ଆଣି ଅଟକ ରଖିଥିଲେ। ପରେ ଥାନା ବାବୁ ଝିଅଟିକୁ ଥାନା ଉପର ମହଲାରେ ନେଇ ରଖିଥିଲେ। ସେଦିନ ଥାନା ଅଧିକାରୀ ନାବାଳିକାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ପରଦିନ ଝିଅଟିକୁ ତାଙ୍କ ଘରକୁ ନେଇ ଛାଡି ଦିଆଯାଇଥିଲା। ଏହା ପରେ ୩ମାସ କାଳ ନିୟମିତ ସମ୍ପୃକ୍ତ ନାବାଳିକାଙ୍କୁ ଥାନାକୁ ଡକା ଯାଉଥିଲା। ତାଙ୍କୁ ଥାନାର ଉପର ମହଲାରେ ରହିବାକୁ ଦିଆଯାଉଥିଲା। ଥାନା ବାବୁଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀମାନେ ତାଙ୍କ ସହ ଶାରୀରିକ ସମ୍ପର୍କ ସ୍ଥାପନ କରିଥିବା ଅଭିଯୋଗ ହୋଇଛି।

ଗତ ୧୬ତାରିଖ ଦିନ ଝିଅଟି ନିଜର ଶାରୀରିକ ଅସୁସ୍ଥତା ନେଇ ବୀରମିତ୍ରପୁର ଡାକ୍ତରଖାନାକୁ ଆସିଥିଲେ। ଏକଥା ଜଣାପଡିବା ପରେ ଥାନା ବାବୁ ଭୟଭୀତ ହୋଇ ତରବରିଆ ଭାବେ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତରଙ୍କ ଦ୍ୱାରା ଗର୍ଭପାତ କରାଇଥିବା ନାବାଳିକା ଜଣକ ତାଙ୍କ ବୟାନରେ କହିଛନ୍ତି। ଗର୍ଭପାତ ପରେ ତାଙ୍କୁ ଡ୍ରେସ ଓ ୨ହଜାର ଟଙ୍କା ଦେଇ ଛାଡି ଦିଆଯାଇଥିଲା। ହେଲେ ଘରକୁ ଫେରିବାର ଦିନକ ପରେ ନାବାଳିକାଙ୍କ ରକ୍ତସ୍ରାବ ବଢ଼ି ଯାଇଥିଲା। ଘଟଣା ପ୍ରଘଟ ପରେ ଜିଲା ଶିଶୁ ମଙ୍ଗଳ ଅଧିକାରୀ ଓ ଚାଇଲ୍ଡ ଲାଇନକୁ ହସ୍ତକ୍ଷେପ କରିବାକୁ ପଡିଥିଲା।




**ଆଜିର ମନ୍ତବ୍ୟ**

"ଆମ ଗୋଳାବାରୁଦ ଅଣ୍ଡା ଫଟାଇବା ଲାଗି ନାହିଁ। ଚାଇନା ଉପରେ ଭାରତ ଆକ୍ରମଣ କରୁ।
– ଅଧୀର ରଞ୍ଜନ ଚୌଧୁରୀ, କଂଗ୍ରେସ ନେତା

## ଜନ୍ମଦିନର ଶୁଭେଚ୍ଛା

ନାମ: ................................
ବୟସ:................................
ଜନ୍ମ ତାରିଖ: ...........................



ଜୋୟା
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଷ୍ଟିଲ୍ ହବ୍ ହେବ କଳିଙ୍ଗନଗର: ଧର୍ମେନ୍ଦ୍ର

**ଯାଜପୁର ଅଫିସ୍/ଯାଜପୁର ଟାଉନ୍, ୨୫।୬ (ଡି.ଏନ୍.ଏ.)**

କେନ୍ଦ୍ରରେ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବର୍ଷ ପୂର୍ତ୍ତି ଉପଲକ୍ଷେ ଭାଜପା ପକ୍ଷରୁ ଯାଜପୁର ବିଧାନସଭାସ୍ତରୀୟ ଜନ ସମ୍ବାଦ ଭର୍ଚୁଆଲ ରାଲି ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ଯାଜପୁର ଜିଲା କଳିଙ୍ଗନଗର ଅଞ୍ଚଳକୁ ଷ୍ଟିଲ୍ ହବ୍‌ରେ ପରିଣତ କରାଯିବ ବୋଲି କହିଥିଲେ। ଆଗାମୀ ଦିନରେ ଯାଜପୁର କଳିଙ୍ଗନଗର ଇସ୍ପାତ ଉଦ୍ୟୋଗକୁ ରେଳ ଯୋଗେ ଦେଶର ବିଭିନ୍ନ ଶିଳ୍ପ ସମୃଦ୍ଧ ସ୍ଥାନକୁ ଯୋଡ଼ା ଯିବା ବ୍ୟବସ୍ଥା କରାଯିବ ଏବଂ ଯାଜପୁରକୁ ଶିଳ୍ପ ସମୃଦ୍ଧ ଅଞ୍ଚଳ କରାଯିବ। ଏହାସହ ଏହି ଅଞ୍ଚଳକୁ ଭାରତର ସବୁଠୁ ବଡ ଲୁହା ଉତ୍ପାଦନର କେନ୍ଦ୍ର କରିବା ପାଇଁ ଯୋଜନା କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣକାରୀ ଯୋଜନାକୁ ଘର ଘର ବୁଲି ଲୋକଙ୍କ ପାଖରେ ପହଞ୍ଚାଇବା ସହ ଦଳୀୟ ସଂଗଠନକୁ ମଜବୁତ୍ କରିବାକୁ ଧର୍ମେନ୍ଦ୍ର ଆହ୍ୱାନ ଦେଇଥିଲେ। ଏଥିରେ ଜିଲା ସଭାପତି ଗୌତମ ରାୟ, ଏମ୍‌ପି ପ୍ରାର୍ଥୀ ଅମୀୟ ମଲ୍ଲିକ, ରାଜ୍ୟ ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର, ପୂର୍ବତନ ଏମ୍‌ପି ମୋହନ ଜେନା, ରାଜ୍ୟ ସମ୍ପାଦକ ଅମର ନାୟକ, ପ୍ରଦୀପ ବଳସାମନ୍ତ, ବିଶ୍ୱରଞ୍ଜନ ମଲ୍ଲିକ, ବିଶ୍ୱଜିତ୍ ନାୟକ, ରମେଶ ଚନ୍ଦ୍ର ପରିଡ଼ା, ବବିତା ମଲ୍ଲିକ ପ୍ରମୁଖ ଯୋଗଦେଇଥିଲେ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଜୋରୁ, ଗୋରୁ, ଧନ**
**ଏ ତିନି ନିଜର ଗୁଜୁରାଣ।**

ପତ୍ନୀ ନିଜର ଏକାନ୍ତ ବ୍ୟକ୍ତିଗତ। ତା'ର ହାନିଲାଭ ବୁଝିବା ବ୍ୟକ୍ତି ପକ୍ଷେ ନିହାତି ଜରୁରୀ। ଗୋରୁ ବଳଦ ଚାଷ କାର୍ଯ୍ୟରେ ନିୟୋଜିତ ହୋଇଥାଏ। ସେମାନଙ୍କ ପ୍ରତି ବିଶେଷ ଧ୍ୟାନ ଦେବା ଉଚିତ। ସେହିପରି ସ୍ୱ ଅର୍ଜିତ ଧନ ସମ୍ପତ୍ତି ପ୍ରତି ସତର୍କ ଦୃଷ୍ଟି ଦେବା ନିହାତି ଜରୁରୀ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଜୀବର ଭଲ ମନ୍ଦ ବାଣୀ**
**ମରଣ କାଳେ ତାହା ଜାଣି।**

ଆତ୍ମା ଯେତେବେଳେ ପରମାତ୍ମାଠାରେ ଲୀନ ହେବାକୁ ଯାଉଥାଏ ସେତେବେଳେ ସେ ନିଜକୁ ଈଶ୍ୱରଙ୍କଠାରେ ସମର୍ପି ଦେଇଥାଏ। ଜୀବନରେ ଯେତେ ଯାହା କର୍ମ ଅପକର୍ମ କରିଥାଏ ସେସବୁ ପ୍ରକାଶ କରିବାରେ ଆଉ କୁଣ୍ଠାବୋଧ କରି ନ ଥାଏ। ମୃତ୍ୟୁ ନିକଟତର ହେଲେ ମଣିଷ ସବୁ ସତକଥା କହିପକାଏ ବୋଲି ବିଶ୍ୱାସ ରହିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଓଡ଼ିଆ ଢଗ ଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:**

## ପ୍ରଥମ ପୃଷ୍ଠାରୁ...

### ଆର୍‌ଟିଆଇ ଅସ୍ତ୍ର...

ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନିୟମିତ ଭାବେ ପ୍ରତ୍ୟାଖ୍ୟାନ କରି ଚାଲିଥିଲା, ଏଇ ସନ୍ଦେହରେ ଯେ ତଥ୍ୟ ପ୍ରଘଟ ହେଲେ ଭାରତର ସାର୍ବଭୌମତ୍ୱ, ଅଖଣ୍ଡତା, ନିରାପତ୍ତା, ରଣନୈତିକ, ବୈଜ୍ଞାନିକ ବା ଅର୍ଥନୈତିକ ସ୍ୱାର୍ଥ ଉପରେ ପ୍ରତିକୂଳ ପ୍ରଭାବ ପଡ଼ିବ। ଏଥିଯୋଗୁ ଅପରାଧକୁ ପ୍ରଶ୍ରୟ ମିଳିବ ବୋଲି ମଧ୍ୟ ଆର୍‌ବିଆଇ ବିବେଚନା କରୁଥିଲା। ଏସବୁ ଆର୍‌ଟିଆଇ ଆଇନର ଧାରା ୮ରେ ଉଲ୍ଲେଖ କରାଯାଇଛି, ଯାହାକି ବ୍ୟତିକ୍ରମ ପର୍ଯ୍ୟାୟର ଅନ୍ତର୍ଭୁକ୍ତ। ଦେଶର ଇଚ୍ଛାକୃତ ଋଣ ଖିଲାପକାରୀଙ୍କ ତାଲିକା ପ୍ରଦାନ କରିବାକୁ ଆର୍‌ବିଆଇକୁ ସିଆଇସି ନିର୍ଦ୍ଦେଶ ଦେବା ପରେ କେନ୍ଦ୍ରୀୟ ବ୍ୟାଙ୍କ କୋର୍ଟକୁ ଯାଇ ଏହା ଉପରେ ସ୍ଥଗିତାଦେଶ ଆଣିଲା। ଶେଷରେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆର୍‌ବିଆଇ ଉକ୍ତ ତାଲିକା ଜାରି କଲା। ବର୍ତ୍ତମାନ କଥା ବିଚାରକୁ ନେଲେ ନରେନ୍ଦ୍ର ମୋଦି ସରକାର ନିକଟରେ କୋଭିଡ୍-୧୯ ମହାମାରୀର ମୁକାବିଲା ପାଇଁ ନାଗରିକମାନଙ୍କଠାରୁ ଆର୍ଥିକ ସହାୟତା ସଂଗ୍ରହ ପାଇଁ ପ୍ରାଇମ୍ ମିନିଷ୍ଟର୍ସ ସିଟିଜେନ୍ ଆସିଷ୍ଟାନ୍ସ ଆଣ୍ଡ ରିଲିଫ୍ ଇନ୍ ଏମର୍ଜେନ୍ସି ସିଚୁଏଶନ୍ସ (ପିଏମ୍ କେୟାର୍ସ) ଫଣ୍ଡ ଗଠନ କରିଛନ୍ତି। ହେଲେ ଏହି ପାଣ୍ଠି ସମ୍ପର୍କରେ ସୂଚନା ପାଇବା ପାଇଁ ଆବେଦନ କରାଯାଇଥିବା ଆପ୍ଲିକେଶନଗୁଡ଼ିକୁ ରଦ୍ଦ କରାଯାଇଛି। ନ୍ୟାୟପାଳିକା ମଧ୍ୟ ନିଜର କାର୍ଯ୍ୟକାରିତାରେ ସ୍ୱଚ୍ଛତା ନ ଆଣି ପରୋକ୍ଷରେ ଆର୍‌ଟିଆଇ ଆନ୍ଦୋଳନକୁ ନିଷ୍ପ୍ରଭ କରିବାରେ ସରକାରଙ୍କୁ ସହାୟକ ହୋଇଛି। ନ୍ୟାୟପାଳିକାରେ ନିଯୁକ୍ତି କ୍ଷେତ୍ରରେ ଆର୍‌ଟିଆଇ ଆଇନକୁ ଲାଗୁ କରାଇବା ସମ୍ପର୍କିତ ମାମଲାଗୁଡ଼ିକରେ ସୁପ୍ରିମକୋର୍ଟଙ୍କ ନିଜ ରେକର୍ଡରୁ ଏହା ବୁଝାପଡ଼େ। ସରକାରୀ ଅଫିସଗୁଡ଼ିକରେ ପର୍ଯ୍ୟାପ୍ତ ଭିତ୍ତିଭୂମିର ଅଭାବ ଓ କର୍ମଚାରୀ ନିଅଣ୍ଟ ହେବା ଆର୍‌ଟିଆଇ ଆବେଦନଗୁଡ଼ିକ ପାଇଁ ଆଉ ଏକ ଚିନ୍ତାର ବିଷୟ। ସେହିପରି ଆର୍‌ଟିଆଇ ଆକ୍ଟିଭିଷ୍ଟ ବା ସୂଚନା ଅଧିକାର କର୍ମୀମାନଙ୍କ ଉପରେ ଆକ୍ରମଣ କରି ସେମାନଙ୍କୁ ଧମକ ମଧ୍ୟ ଦିଆଯାଉଛି। ବିଗତ ୧୫ ବର୍ଷରେ ଅନ୍ୟୂନ ୮୬ ଜଣ ବ୍ୟକ୍ତି ଆର୍‌ଟିଆଇ ବଳରେ ଆପ୍ଲିକେଶନ ଦେଇଥିବା କାରଣରୁ ପ୍ରାଣ ହରାଇଛନ୍ତି। ଅନ୍ୟ ୧୭୫ ଆବେଦନକାରୀଙ୍କ ଉପରେ ଆକ୍ରମଣ ହୋଇଛି। ଅନୁରୂପ ଭାବେ ୭ ଆବେଦନକାରୀ ଆତ୍ମହତ୍ୟା କରିଥିବାବେଳେ ୧୮୪ ଜଣଙ୍କୁ ହଇରାଣ କରାଯାଇଥିବା ସେମାନେ ଅଭିଯୋଗ କରିଛନ୍ତି।

#### କ'ଣ କହୁଛି ସଂଖ୍ୟା:

ଉପଲବ୍ଧ ତଥ୍ୟ ଏବଂ ସିଆଇସିଙ୍କ ବାର୍ଷିକ ରିପୋର୍ଟକୁ ଦେଖିଲେ ଜଣାପଡୁଛି ଯେ, ପ୍ରତିବର୍ଷ ଆର୍‌ଟିଆଇରେ ଆବେଦନ ସଂଖ୍ୟା ଖୁବ୍ କମ୍ ବଢୁଥିବାବେଳେ ଫଇସଲା ନ ହୋଇ ଗଡୁଥିବା ମାମଲା ସଂଖ୍ୟା ତା'ଠୁ ଢେର ଅଧିକ ବୃଦ୍ଧି ପାଉଛି। କମନ୍‌ୱେଲ୍‌ଥ ହ୍ୟୁମାନ୍ ରାଇଟ୍ସ ଇନିସିଏଟିଭ୍ ପକ୍ଷରୁ କରାଯାଇଥିବା ଏକ ଅଧ୍ୟୟନ ଅନୁସାରେ ୨୦୧୨-୧୩ରୁ ୨୦୧୮-୧୯ ମଧ୍ୟରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ଅଫିସରେ ଆବେଦନ ସଂଖ୍ୟା (୮.୮୬ ଲକ୍ଷରୁ ୧୬.୩୦ ଲକ୍ଷ) ୮୩% ବଢ଼ିଛି। କିନ୍ତୁ ଉକ୍ତ ଆବେଦନଗୁଡ଼ିକୁ ବିଚାର କରିବା ପାଇଁ କେନ୍ଦ୍ରୀୟ ଜନ ସୂଚନା ଅଧିକାରୀ (ସିପିଆଇଓ)ଙ୍କ ସଂଖ୍ୟା ୨୧,୨୦୪ରୁ ୨୪,୦୪୮କୁ ବୃଦ୍ଧିପାଇଛି, ଯାହାକି ମାତ୍ର ୧୩%। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ସିଆଇସିଙ୍କ ନିକଟରେ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକ ପକ୍ଷରୁ ତଥ୍ୟ ପ୍ରଦାନ ପାଇଁ ରିପୋର୍ଟିଂ ମଧ୍ୟ କମିଯାଇଛି। ଆର୍‌ଟିଆଇ ଆଇନ ଅଧୀନରେ ତଥ୍ୟ ବାହାରକୁ ନ ଯିବାର ଆଉ ଏକ କାରଣ ହେଉଛି ପୂର୍ବତନ ସରକାରୀ କର୍ମଚାରୀମାନଙ୍କୁ ସୂଚନା କମିଶନର ଭାବେ ନିଯୁକ୍ତି ଦିଆଯିବା। ସରକାରଙ୍କୁ ଅଡୁଆରେ ପକାଇବା ଭଳି ସୂଚନାକୁ ପ୍ରଘଟ ହେବାରୁ ରୋକିବା କାର୍ଯ୍ୟ ଜଣେ ଅବସରପ୍ରାପ୍ତ ଅମଲାତନ୍ତ୍ରୀଙ୍କଠାରୁ ଅନ୍ୟ କେହି ଭଲରେ କରିପାରିବେ ନାହିଁ। ୨୦୧୮-୧୯ ଏସ୍‌ଏସ୍‌ଏନ୍-ସିଇଏସ୍ ରିପୋର୍ଟ କାର୍ଡରୁ ଜଣାପଡ଼ିଛି ଯେ, ଆର୍‌ଟିଆଇ ଆଇନ କାର୍ଯ୍ୟକାରୀ ହେବା ଦିନଠାରୁ ୨୯ଟି ରାଜ୍ୟ ସୂଚନା କମିଶନ ଅଫିସରେ ୩୭୪ ସୂଚନା କମିଶନରଙ୍କୁ ନିଯୁକ୍ତି ଦିଆଯାଇଛି। ସେମାନଙ୍କ ମଧ୍ୟରୁ ୫୮% ହେଉଛନ୍ତି ସରକାରଙ୍କ ପୂର୍ବତନ ଅଧିକାରୀ। ଏହି ଅବଧି ମଧ୍ୟରେ ନିଯୁକ୍ତି ପାଇଥିବା ୧୧୫ ମୁଖ୍ୟ ସୂଚନା କମିଶନରଙ୍କ ମଧ୍ୟରୁ ୮୩% ହେଉଛନ୍ତି ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ସେମାନଙ୍କ ମଧ୍ୟରୁ ୬୪% ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ଅଧିକାରୀ ଥିଲେ।

#### ଖାଲି ପଦବୀ ପୂରଣ ହେଉନାହିଁ:

ଆର୍‌ଟିଆଇ ଆଇନ ବଳରେ ତଥ୍ୟ ନ ଦେବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନେ ଏକ ପ୍ରଭାବଶାଳୀ ଉପାୟ ବାହାର କରିଛନ୍ତି। ତାହା ହେଉଛି ଖାଲିଥିବା ସୂଚନା କମିଶନର ପଦବୀଗୁଡ଼ିକୁ ପୂରଣ ନ କରିବା। ୨୦୧୯ ଡିସେମ୍ବରରେ ସିଆଇସି ଏବଂ ଏସ୍‌ଆଇସିଗୁଡ଼ିକରେ ୩ ମାସ ମଧ୍ୟରେ ସୂଚନା କମିଶନର ନିଯୁକ୍ତ କରି ଖାଲି ପଦବୀ ପୂରଣ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଆର୍‌ଟିଆଇ ଆଇନକୁ ସୁରୁଖୁରୁରେ କାର୍ଯ୍ୟକାରୀ କରିବା ପାଇଁ ଏହି ନିର୍ଦ୍ଦେଶନାମା ଗୁରୁତ୍ୱପୂର୍ଣ୍ଣ ବୋଲି ଶୀର୍ଷ ଅଦାଲତ କହିଥିଲେ। କିନ୍ତୁ ସରକାରମାନେ ଅଦାଲତଙ୍କ ନିର୍ଦ୍ଦେଶକୁ ଗୁରୁତ୍ୱ ଦେଲେ ନାହିଁ। ୨୦୧୭ ମେ'ରେ ଆନ୍ଧ୍ର ଓ ତେଲଙ୍ଗାନା ସୂଚନା କମିଶନରମାନଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଆନ୍ଧ୍ର ପ୍ରଦେଶ ଓ ତେଲଙ୍ଗାନା ହାଇକୋର୍ଟ ଦୁଇରାଜ୍ୟରେ ଏସ୍‌ଆଇସି ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆନ୍ଧ୍ରରେ ୩ ଜଣ ସୂଚନା କମିଶନରଙ୍କୁ ନିଯୁକ୍ତି ଦେବା ପାଇଁ ବର୍ଷେରୁ ଅଧିକ ସମୟ ଲାଗିଲା। ତାହା ପୁଣି ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ପରେ। ସେହିପରି ଭାଜପା ଶାସିତ ତ୍ରିପୁରାରେ ୬ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଏସ୍‌ଆଇସି ପଦବୀ ଖାଲିପଡ଼ିଛି।

#### ସୁପ୍ରିମକୋର୍ଟଙ୍କ ରାୟ ଢାଲ:

୨୦୧୧ ଅଗଷ୍ଟ ୯ରେ ସୁପ୍ରିମକୋର୍ଟ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ବନାମ ଆଦିତ୍ୟ ବନ୍ଦୋପାଧ୍ୟାୟ ମାମଲାର ରାୟ ପ୍ରକାଶ କରିଥିଲେ। ଏଥିରେ ସର୍ବୋଚ୍ଚ ଅଦାଲତ କହିଥିଲେ, ଆର୍‌ଟିଆଇ ଆଇନର ଅପବ୍ୟବହାରକୁ ଅନୁମତି ଦିଆଯିବା ଅନୁଚିତ। ସେହିପରି ଏହାକୁ ଜାତୀୟ ବିକାଶ ଓ ସଂହତି ପଥରେ ବାଧାସୃଷ୍ଟି ବା ନାଗରିକଙ୍କ ମଧ୍ୟରେ ଶାନ୍ତିଶୃଙ୍ଖଳା ଓ ସହାବସ୍ଥାନ ଭଙ୍ଗ କରିବା ପାଇଁ ମଧ୍ୟ ଦିଆଯିବା ଉଚିତ ନୁହେଁ। ଅନୁରୂପ ଭାବେ ନିଜ କର୍ତ୍ତବ୍ୟ ପାଳନ କରୁଥିବା ଜଣେ ସଚ୍ଚୋଟ ଅଧିକାରୀଙ୍କୁ ଉତ୍ପୀଡ଼ନ ବା ଶୋଷଣର ମାଧ୍ୟମ ଭାବେ ମଧ୍ୟ ଆର୍‌ଟିଆଇକୁ ପରିବର୍ତ୍ତିତ କରାଯାଇପାରିବ ନାହିଁ ବୋଲି ଖଣ୍ଡପୀଠ କହିଥିଲେ।

ଆର୍‌ଟିଆଇରେ ତଥ୍ୟ ମଗାଗଲେ ଅନେକ ଜନ ସୂଚନା ଅଧିକାରୀ ଆବେଦନକାରୀଙ୍କୁ ନିରୁତ୍ସାହିତ କରିବା ପାଇଁ ସୁପ୍ରିମକୋର୍ଟଙ୍କ ଉପରୋକ୍ତ ମନ୍ତବ୍ୟର ଅବତାରଣା କରିଥାନ୍ତି। ଆଜିକାଲି ଅନ୍ୟ କ୍ଷେତ୍ରଗୁଡ଼ିକ ଭଳି କୋର୍ଟଗୁଡ଼ିକ ମଧ୍ୟ ସରକାରଙ୍କ ପକ୍ଷ ନେବାରେ ଲାଗିଛନ୍ତି। ଏଥିଯୋଗୁ ଆର୍‌ଟିଆଇ ଆଇନର ମୌଳିକତା ବଜାୟ ରଖାଯାଇ ପାରୁନାହିଁ। ସରକାରଙ୍କ ଭୁଲ୍ କାମଗୁଡ଼ିକୁ ଲୋକଲୋଚନକୁ ଆଣିବା ଏକ ବିପଜ୍ଜନକ କାର୍ଯ୍ୟ ବୋଲି ଧାରଣା ସୃଷ୍ଟି କରାଯାଉଛି। ଏଭଳି ସ୍ଥିତିରେ ସରକାରଙ୍କୁ ଉତ୍ତରଦାୟୀ କରିବା ଲାଗି ସାଧାରଣ ନାଗରିକଙ୍କ ପାଖରେ କେଉଁ ଅସ୍ତ୍ର ଅଛି ? ଭାରତୀୟ ନାଗରିକମାନଙ୍କ ପକ୍ଷରୁ ସମ୍ଭବତଃ ନ୍ୟାୟପାଳିକା ଏହି ପ୍ରଶ୍ନ କରିପାରିବ।

### ପାରାଦୀପଠାରେ...

ମୁଖ୍ୟମନ୍ତ୍ରୀ କହିଛନ୍ତି। ଓଡ଼ିଶାରେ ବୟନଶିଳ୍ପର ବୈଷୟିକ କ୍ଷେତ୍ରକୁ ଆଗେଇନେବାରେ ଆଇଓସିଏଲ୍‌ର ପ୍ରସ୍ତାବିତ ଭଦ୍ରକ ଟେକ୍ସଟାଇଲ ପାର୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଆଇଓସିଏଲ୍ ପକ୍ଷରୁ ଏହି ପାର୍କର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ପିଏଡିସି ଓଡ଼ିଶାରେ ପଲିମର ଶିଳ୍ପର ବିକାଶ ଦିଗରେ ମହତ୍ତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବା ସହ ପଲିମର ଆପ୍ଲିକେଶନ କ୍ଷେତ୍ରରେ ଏହା ଏକ ଉତ୍କର୍ଷ କେନ୍ଦ୍ରରେ ପରିଣତ ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ, ପିଏଡିସି ଓଡ଼ିଶା ଏବଂ ପୂର୍ବଭାରତରେ ପଲିମର ଶିଳ୍ପ ବିକାଶକୁ ପ୍ରୋତ୍ସାହନ ଦେବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନକୁ ସାକାର କରିବ। ଓଡ଼ିଶାର ଶିଳ୍ପାୟନରେ ରାଜ୍ୟର ଯୁବତୀଯୁବକଙ୍କ ଆକାଂକ୍ଷାକୁ ପୂରଣ କରିବାରେ ପ୍ରଧାନମନ୍ତ୍ରୀଙ୍କ ଦୂରଦୃଷ୍ଟିସମ୍ପନ୍ନ ନୀତି ସର୍ବଦା ସହଯୋଗ କରିଆସୁଛି। ଶିଳ୍ପାୟନ ତଥା ଓଡ଼ିଶାର ବିକାଶ କରିବା ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ମିଳିତ ଉଦ୍ୟମରେ ଇଣ୍ଡିଆନ ଅଏଲ ପକ୍ଷରୁ ୪୩ କୋଟି ଟଙ୍କା ବ୍ୟୟରେ ଏହି କେନ୍ଦ୍ର ନିର୍ମାଣ କରାଯାଇଛି। ଆଗାମୀ ଦିନରେ ଭଦ୍ରକ ଏବଂ ଧାମରାରେ ଟେକ୍ସଟାଇଲ ଡାଉନ୍‌ଷ୍ଟ୍ରିମ୍ ୟୁନିଟ ପାଇଁ ପଲିଷ୍ଟର ସୂତା ଓ କପଡ଼ା ନିମନ୍ତେ ପିଏଡିସି ଏକ ବୈଷୟିକ କେନ୍ଦ୍ର ଭାବରେ କାର୍ଯ୍ୟ କରିବ। ଏହା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର ସେଣ୍ଟରରେ ଓଡ଼ିଆ ପିଲାଙ୍କ ପାଇଁ ନୂଆ ବ୍ୟବସାୟ ବାତାବରଣ ସୃଷ୍ଟି କରିବ। ଏହି କେନ୍ଦ୍ର ଓଡ଼ିଆ ଶିଳ୍ପୋଦ୍ୟୋଗୀ ଓ ଯୁବକମାନଙ୍କୁ ଆତ୍ମନିର୍ଭର କରିବାରେ ବଡ ଭୂମିକା ନେବ ବୋଲି ଧର୍ମେନ୍ଦ୍ର କହିଛନ୍ତି। କେନ୍ଦ୍ର ସରକାରଙ୍କ ସହଯୋଗରେ ଓଡ଼ିଶା ସରକାର ପେଟ୍ରୋକେମିକାଲ, ଇସ୍ପାତ, ଖଣି, କୋଇଲା, ଆଲୁମିନିୟମ, ପର୍ଯ୍ୟଟନ, ଟେକ୍ସଟାଇଲ, ଉଦ୍ୟୋଗୀ ତଥା ଅନ୍ୟାନ୍ୟ ଶିଳ୍ପ କ୍ଷେତ୍ରରେ ରୋଜଗାର ସୃଷ୍ଟି କରି ରାଜ୍ୟର ରାଜସ୍ୱ ବଢ଼ାଇବାକୁ ଲକ୍ଷ୍ୟ ରଖିଛନ୍ତି।

ଧର୍ମେନ୍ଦ୍ର କହିଛନ୍ତି ଯେ, ଆଇଓସିଏଲ୍ ପାରାଦୀପରେ ୪୦ ହଜାରରୁ ଅଧିକ କୋଟିର ପୁଞ୍ଜିନିବେଶ କରିଛି। ଇଡକୋ ଏବଂ ଆଇଓସିଏଲ୍ ପକ୍ଷରୁ ଯୁଗ୍ମ ଭାବରେ ଏସ୍‌ପିଭି ଗଠନ କରାଯାଇ ପାରାଦୀପରେ ବିଶ୍ୱସ୍ତରୀୟ ପ୍ଲାଷ୍ଟିକ ପାର୍କ ନିର୍ମାଣ କରାଯାଇଛି। ଭାରତ ସରକାରଙ୍କ କେମିକାଲ ଓ ପେଟ୍ରୋକେମିକାଲ ବିଭାଗ ପକ୍ଷରୁ ଭୁବନେଶ୍ୱର ସିପେଟର ଉଚ୍ଚସ୍ତରର ପ୍ରଶିକ୍ଷଣ କେନ୍ଦ୍ର କରାଯାଇଛି। ପାରାଦୀପ, ବାଲେଶ୍ୱର, ଖୋର୍ଦ୍ଧା ଜିଲାର ଉଦ୍ୟୋଗୀମାନଙ୍କୁ ନିରନ୍ତର କମ୍ ମୂଲ୍ୟରେ କଞ୍ଚାମାଲ ଦେବାର ଦାୟିତ୍ୱ ଇଣ୍ଡିଆନ ଅଏଲ ନେବ।

ଓଡ଼ିଶାକୁ ଗ୍ୟାସ୍ ଆଧାରିତ ଅଞ୍ଚଳ ଭାବେ ତିଆରି କରିବା, ତୈଳ ଭିତ୍ତିଭୂମି ଅଞ୍ଚଳ ଭାବରେ ପରିଣତ କରିବା, ପେଟ୍ରୋଲିୟମ ଓ ପେଟ୍ରୋକେମିକାଲ ଏବଂ ଆନୁଷଙ୍ଗିକ କ୍ଷେତ୍ରକୁ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ତୋଳିବା ପାଇଁ ତୈଳ ଶିଳ୍ପରେ ସର୍ବମୋଟ ୧ ଲକ୍ଷ ୩୫ ହଜାର କୋଟି ଟଙ୍କା ପୁଞ୍ଜିନିବଶେ କରାଯାଇଛି ବୋଲି ପ୍ରଧାନ କହିଛନ୍ତି। ଏହି ଭର୍ଚୁଆଲ ଉତ୍ସବରେ ପେଟ୍ରୋଲିୟମ ମନ୍ତ୍ରଣାଳୟ ସଚିବ ତରୁଣ କାପୁର, ଆଇଓସିଏଲ୍‌ର ଅଧ୍ୟକ୍ଷ ସଞ୍ଜୀବ ସିଂ ଏବଂ ଭାରତ ଓ ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ସିବିଏସ୍‌ଇ ଦଶମ...

ଚିନ୍ତାକୁ ଦୃଷ୍ଟିରେ ରଖି ସରକାର ଓ ବୋର୍ଡ ଏନେଇ ଖୁବ୍‌ଶୀଘ୍ର ପଦକ୍ଷେପ ନେବେ। ଏବେ ସମସ୍ତ ପରୀକ୍ଷା ବାତିଲ କରାଯାଇଥିବା ଗୁରୁବାର ପ୍ରକାଶ କରାଯାଇଛି। ପୂର୍ବ ୩ଟି ପରୀକ୍ଷାଗୁଡ଼ିକୁ ଆଧାର କରି ସେମାନଙ୍କ ଫଳ ଜୁଲାଇ ୧୫ ସୁଦ୍ଧା ପ୍ରକାଶ କରାଯିବ। ସିବିଏସ୍‌ଇ ନିଷ୍ପତ୍ତି ଉପରେ ବରିଷ୍ଠ ଓକିଲ ଜୟଦୀପ ଗୁପ୍ତା ସମ୍ମତି ପ୍ରକାଶ କରିଥିବା ବେଳେ ଏନେଇ ବିଜ୍ଞପ୍ତି ପ୍ରକାଶ କରାଯିବ ବୋଲି କହିଛନ୍ତି। ଇଣ୍ଡିଆନ୍ ସାର୍ଟିଫିକେଟ୍ ଅଫ୍ ସେକେଣ୍ଡାରି ଏଜୁକେଶନ (ଆଇସିଏସ୍‌ଇ) ପରୀକ୍ଷା କରାଯିବା ସମ୍ପର୍କରେ ଅନ୍ୟ ଏକ ଆବେଦନର ଶୁଣାଣିରେ ସର୍ବୋଚ୍ଚ ଅଦାଲତ କହିଛନ୍ତି, ପରୀକ୍ଷା କରିବା ଦ୍ୱାରା ମହାମାରୀ କରୋନା ବ୍ୟାପିବା ଆଶଙ୍କା ରହିଛି। ଲକ୍ଷ ଲକ୍ଷ ଛାତ୍ରୀଛାତ୍ରଙ୍କୁ ଏପରି ବିପଦ ମୁହଁକୁ ଠେଲିଦେବା ଠିକ୍ ହେବନି। ତେଣୁ ସରକାରଙ୍କ କଥାରେ ସମ୍ମତି ପ୍ରକାଶ କରି ବାକିଥିବା ସମସ୍ତ ପରୀକ୍ଷା ରଦ୍ଦ କରିବା ଲାଗି ଆଇସିଏସ୍‌ଇ ରାଜି ହୋଇଛି। ଜୁନ୍ ୨୬ ସୁଦ୍ଧା ଏ ସମ୍ପର୍କିତ ସମସ୍ତ ତଥ୍ୟ ସତ୍ୟପାଠ ସହ ଦାଖଲ କରିବାକୁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶଥାଉ କି, ମହାମାରୀ କରୋନାର ଉଗ୍ର ସ୍ଥିତି ଯୋଗୁ ଜୁଲାଇ ୫ରେ ହେବାକୁ ଥିବା ସେଣ୍ଟ୍ରାଲ ଟିଚର ଇଲିଜିବିଲିଟି ଟେଷ୍ଟ (ସିଟିଇଟି) ପରୀକ୍ଷାକୁ ସିବିଏସ୍‌ଇ ପକ୍ଷରୁ ସ୍ଥଗିତ ରଖାଯାଇଛି। ଏହି ପରୀକ୍ଷା ସମ୍ପର୍କରେ ପରେ ଘୋଷଣା କରାଯିବ ବୋଲି ଜଣାପଡ଼ିଛି।

### 'ଫେୟାର ଆଣ୍ଡ ଲଭ୍‌ଲି'ରୁ...

ବ୍ରାଣ୍ଡ କମ୍ୟୁନିକେଶନରେ ବିଭିନ୍ନ ପରିବର୍ତ୍ତନ ଅଣାଯାଇଛି। ସେହିଭଳି ଗତବର୍ଷ କମ୍ପାନୀ ଏହାର ପ୍ୟାକେଜିଂରୁ ଫେୟାର- ଫେୟାରନେସ୍, ହ୍ୱାଇଟ୍-ହ୍ୱାଇଟ୍‌ନିଂ, ଲାଇଟ୍-ଲାଇଟନିଂ ଭଳି ଶବ୍ଦକୁ ହଟାଇ ଦେଇଥିଲା। ଫେୟାର ଆଣ୍ଡ ଲଭ୍‌ଲିର ନୂଆ ନାମକୁ ନେଇ ନିୟାମକ ମଞ୍ଜୁରୀକୁ ଅପେକ୍ଷା ରହିଛି। ଆଗାମୀ କିଛି ମାସରେ ପରିବର୍ତ୍ତିତ ପ୍ୟାକ୍ ଏବଂ ନୂଆ ନାମ ସହ ପ୍ରଡକ୍ଟ ବଜାରରେ ଉପଲବ୍ଧ ହେବ। ଗତ ସପ୍ତାହରେ ଜନସନ ଆଣ୍ଡ ଜନସନ ଏଭଳି ଏକ ପଦକ୍ଷେପ ହାତକୁ ନେଇଛି। ଏହା ବଜାରରେ ଉପଲବ୍ଧ କରାଉଥିବା ନ୍ୟୁଟ୍ରୋଜିନା ଫାଇନ ଆଣ୍ଡ ଫେୟାରନେସ ପ୍ରଡକ୍ଟ ବିକ୍ରି ବନ୍ଦ କରିବ ବୋଲି ନିଷ୍ପତ୍ତି ନେଇଛି। କଳାପଣ ଏବଂ ଦାଗ ହଟାଇବା ଦିଗରେ ଏହି ପ୍ରଡକ୍ଟକୁ କମ୍ପାନୀ ବଜାରକୁ ଛାଡ଼ିଥିଲା।

### ୪ ଜିଲାରେ ନିର୍ମାଣ...

ଦେଇଛନ୍ତି। ୨୨୦. ୧୩୨, ୩୩ ଏବଂ ୧୧ କେ.ଭି. ତାରଗୁଡ଼ିକୁ ବାତ୍ୟା ସମ୍ଭାଳୁଥିବା କେବୁଲରେ ପରିବର୍ତ୍ତନ କରାଯିବ। ଏହାଦ୍ୱାରା ବାତ୍ୟା ପରେ ଖୁବ୍‌ଶୀଘ୍ର ବିଦ୍ୟୁତ୍ ପୁନଃ ସଂଯୋଗ କରାଯାଇପାରିବ। ଲୋକମାନଙ୍କର ଜୀବନ ଓ ସମ୍ପତ୍ତି ନଷ୍ଟହେବାରୁ ରକ୍ଷା କରାଯାଇପାରିବ ବୋଲି ସେ କହିଛନ୍ତି। ଏହି ବୈଠକରେ ଶକ୍ତି ସଚିବ ନିକୁଞ୍ଜ ବିହାରୀ ଧଳ, ଗ୍ରୀଡ୍‌କୋ ସିଏମ୍‌ଡି ସୌରଭ ଗର୍ଗ, ଅର୍ଥ ବିଭାଗ ସଚିବ ଅଶୋକ କୁମାର ମୀନା, ଗ୍ରୀଡ୍‌କୋ ଡାଇରେକ୍ଟର ଫାଇନାନ୍ସ ଗଗନ ସ୍ୱାଇଁ ଏବଂ ଟାଟାପାୱାର ସିଇଓ ସେନ ବେଗମ ପ୍ରମୁଖ ଯୋଗ ଦେଇଥିଲେ।


## classifieds Everyday 0674-2580101, 2549302

**real estate**

**SALE**

ଫୁଲନଖରା ଛକ ନିକଟରେ boundary ହୋଇଥିବା developed gharabari plot କିଣନ୍ତୁ। 9937166932. D-69317

1/2 BHK House for Sale at Sidharth Tower, Jajpur Road, Contact: 8249660097. D-68694

1/2/3 BHK House for Sale at G-Next Valley, Near Gita Engineering College, Kaimatia, Bhubaneswar. Contact: 8249660097 D-68693

**to-let**

Kharabela Nagar, Bhubaneswar 1800 sqft ground floor. Office, residence. 9437008388. D-17552

Fully furnished 4BHK House available rent at Ghatikia near Sum Hospital Office/ Bank prefered, also 3BHK House rent/ sale. Contact: 9437054239, 9437007239, 8895612742. D-56665

**healthcare**

Ayurvedic full body massage Ladies and Gents. Contact- 9861064981. D-69516

Rejuvenate and Ayurvedic full body massage by smart therapist. 9114402304. D-69289

Get refreshment, body massage by expert therapist @ 999 Pokhariput, Bhubaneswar. 9556978408. D-69287

Herbal full body massage by smart / expert therapist. Contact: 8338067247. D-69288

Newly open full body massage SPA in Bhubaneswar. Contact: 7205058838. D-69292

Experience full body massage with us (expert). Call: 7377048581, 06742597822. D-69293

Full body herbal massage with refreshment expert therapist. 7381239385, 06742540855. D-69294

**LOST**

I, Sri Akash Putel, S/o. Dabal Putel, At/P.O.- Belpada, District- Balangir, Odisha. I lost my Rank Card of AIPMT 2015. If any body got please contact in Mob. No. 9937525795. D.17589

**ପୋଷ୍ୟ ସନ୍ତାନ ଗ୍ରହଣ**

ପୋଷ୍ୟକନ୍ୟା ଗ୍ରହୀତାମାନଙ୍କ ନାମ ଓ ଧାମ: ୧. ସତ୍ୟନାରାୟଣ ଜେନା, ବୟସ ୪୭ ବର୍ଷ, ପିତା: ୰ କସ୍ତୁରୀ ଜେନା, ୨. ଇତିଶ୍ରୀ ଜେନା, ବୟସ: ୪୫, ସ୍ୱାମୀ: ସତ୍ୟନାରାୟଣ ଜେନା, ପ୍ଲଟ ନଂ. ୧୦୪୬, କପିଳ ପ୍ରସାଦ, ଭୁବନେଶ୍ୱର, ନିଜର ପୋଷ୍ୟକନ୍ୟା ରୂପେ ନନ୍ଦିନୀ ଜେନା, ବୟସ- ୧୦ବର୍ଷ (ପିତା: ନରେନ୍ଦ୍ର ଜେନା, ବୟସ- ୪୪, ମାତା: ତପସ୍ୱିନୀ ଜେନା, ବୟସ- ୩୫, କପିଳ ପ୍ରସାଦ, ଭୁବନେଶ୍ୱର)ଙ୍କୁ ଗତ ତା୦୩।୦୬।୨୦୨୦ରିଖ ଦିନ ଗ୍ରହଣ କଲେ ଓ ରେଜେଷ୍ଟ୍ରିଭୁକ୍ତ ପୋଷ୍ୟକନ୍ୟା ଦଲିଲି ଆକାରରେ ତା୧୦।୦୬।୨୦୨୦ ଦିନ ଓଡ଼ିଶା ସରକାର କାର୍ଯ୍ୟାଳୟରେ ପଞ୍ଜୀକୃତ କଲେ। ଧ-୧୭୫୭୭

**AFFIDAVIT**

I, do hereby declare that Satya Ranjan Mohanty and Satya Ranjana Mohanty, At- Sathilo, P.O.- Pakshyot, Kendrapada is one and same person who is myself. D-68092

**ପାଠକଙ୍କ ପାଇଁ ସୂଚନା:**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com


## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଚନ୍ଦ୍ର ଓ ମଙ୍ଗଳ ଷଡ଼ାଷ୍ଟକ ସ୍ଥିତିରେ ରହୁଥିବାରୁ ଆପଣ ଯାହା ଓ ଯେମିତି ଚାହୁଁଛନ୍ତି ପରିବାର ସଦସ୍ୟମାନେ ତାହା ମାନି ନ ପାରନ୍ତି। କିନ୍ତୁ କର୍ମକ୍ଷେତ୍ରରେ ବନ୍ଧୁମାନଙ୍କ ସହାୟତାରେ ଗତକାଲିର ସମସ୍ୟା ଆଜି ଅପରାହ୍ଣରେ ସମାଧାନ ହୋଇଯିବ। ଶ୍ରମିକ କିମ୍ବା କଞ୍ଚାମାଲର ଅଭାବ କାରଣରୁ ନିର୍ମାଣ କାର୍ଯ୍ୟ ବାଧାପ୍ରାପ୍ତ ହୋଇପାରେ।

**ବୃଷ** – ଭୁଲ୍ ବୁଝାମଣା ହେତୁ ସୁସମ୍ପର୍କରେ ବୈର ମନୋଭାବ, ଜମିଜମା କାରବାରରେ କଳହର ସମ୍ମୁଖୀନ ହୋଇପାରନ୍ତି। ପ୍ରତିଦ୍ୱନ୍ଦ୍ୱିତା ହେତୁ ବ୍ୟବସାୟ ଓ ପରିବହନରେ ସାମାନ୍ୟ ସମସ୍ୟା ଦେଖାଦେବ। ବାଧବାଧକତାରେ ସରକାରୀ କାମରେ ବିଶେଷ ଭ୍ରମଣ ସ୍ୱାସ୍ଥ୍ୟହାନିର କାରଣ ହୋଇପାରେ।

**ମିଥୁନ** – ପାପକ୍ରାନ୍ତ ବୁଧଙ୍କ ଯୋଗୁ ଅସୁବିଧାରେ ଥିଲେ ମଧ୍ୟ ନିଜ ପରିସରର ଲୋକମାନଙ୍କ ସାହାଯ୍ୟରୁ କୌଣସି କାମ ଅଟକିବ ନାହିଁ। ଗୃହସୀମାକୁ କେନ୍ଦ୍ରକରି ବନ୍ଧୁଙ୍କ ସହ ଭୁଲ୍ ବୁଝାମଣା ସୃଷ୍ଟି ହୋଇପାରେ। ଗବେଷଣା, ସଭାସମିତି, କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ।

**କର୍କଟ** – ବିଳାସକାରକ ଗ୍ରହ ଶୁକ୍ର ଏକାଦଶସ୍ଥ ହେତୁ ଭୋଗ ବିଳାସ, କ୍ରୀଡ଼ା, ଚଳଚ୍ଚିତ୍ର ଓ ମଉଜ ମଜଲିସ୍ ସକାଶେ ମନ ବଳାଇବେ। ସାଧାରଣ ବ୍ୟତିକ୍ରମଜନିତ ସମସ୍ୟା ଆଲୋଚନା ଦ୍ୱାରା ସମାଧାନ ହୋଇଯିବ। ଅନ୍ୟ ଉପରେ ବିରକ୍ତି ପ୍ରକାଶ କରିପାରନ୍ତି , ଋଣ ସୂତ୍ରରେ ଅର୍ଥଲାଭ କରିବେ ଓ ବ୍ୟବସାୟ, ବାଣିଜ୍ୟରେ ଉନ୍ନତି ଘଟିବ।

**ସିଂହ** – ଦୁଃସ୍ଥାନସ୍ଥ ମଙ୍ଗଳଙ୍କ ଯୋଗୁ ପାରିବାରିକ ସମସ୍ୟା କ୍ରମଶଃ ଜଟିଳ ହେବା କାରଣରୁ ମନ ଭଲ ରହିବ ନାହିଁ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା ସହ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେଇପାରନ୍ତି। ସାମାଜିକ ସ୍ତରରେ ମିଥ୍ୟା ଭାଷଣରୁ ସମାଲୋଚନାର ପାତ୍ର ହେବାକୁ ପଡ଼ିପାରେ।

**କନ୍ୟା** – ସ୍ୱଗୃହୀ ଶନି ଶତ୍ରୁ ନକ୍ଷତ୍ରସ୍ଥ ଯୋଗୁ ଭୁଲ୍ ନିଷ୍ପତ୍ତି ନେଇ ପରେ ଅନୁତାପ କରିପାରନ୍ତି। ଭୁଲ୍ ବୁଝାମଣା କାରଣରୁ ଶିକ୍ଷା,ସନ୍ତାନ କ୍ଷେତ୍ରରେ ସମସ୍ୟା ଦେଖାଦେଇପାରେ। ମିଥ୍ୟା ଗୁଜବରେ ଆତଙ୍କିତ ହୁଅନ୍ତୁ ନାହିଁ। ବନ୍ଧୁ ପ୍ରତିଶ୍ରୁତି ରକ୍ଷାକରି ଠିକ୍ ସମୟରେ ଆସିବାରେ ଅବହେଳା କରିପାରନ୍ତି।

**ତୁଳା** – କୌଣସି ବିଜାତୀୟ ବ୍ୟକ୍ତିଙ୍କ ସହ ସମ୍ପର୍କ ବୃଦ୍ଧିକୁ ସନ୍ଦେହକରି ଘରେ ବିଭିନ୍ନ ପ୍ରକାର କଥା ଶୁଣିବାକୁ ପଡ଼ିପାରେ। ଭାଗ୍ୟଭାବସ୍ଥ ରବି ସହ ବୁଧ ଜନିତ ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ସହଯୋଗରୁ ଉପକୃତ ହେବ। ଶତ୍ରୁ ଉପଦ୍ରବ ସମ୍ପୂର୍ଣ୍ଣ ଭାବେ କମିଯିବା ଅନୁଭବ କରିପାରନ୍ତି।

**ବିଛା** – ଷଡ଼ାଷ୍ଟକ ସ୍ଥିତିରେ ଶନି ଓ ଚନ୍ଦ୍ର ଯୋଗୁ ନିକଟ ସମ୍ପର୍କୀୟମାନେ ଈର୍ଷାପରାୟଣ ହୋଇ ପଛରୁ ଗୋଡ଼ ଟାଣିପାରନ୍ତି। ପରିବାରରେ ସହମତି ଓ ସହଯୋଗ ଅଭାବରୁ ଯୋଜନାଗୁଡ଼ିକ ଠିକ୍‌ଭାବେ ସମ୍ପୂର୍ଣ୍ଣ ହେବ ନାହିଁ। ଆଶା କରୁଥିବା ଦିଗରୁ ଅର୍ଥ ପାଇବା କଷ୍ଟକର ହୋଇପଡ଼ିବ।

**ଧନୁ** – ରବିଙ୍କ ନକ୍ଷତ୍ରରେ ଧନାଧିପ ଶନିଙ୍କ ସ୍ଥିତି କାରଣରୁ ଆଶା କରୁଥିବା ଦିଗରୁ ଅର୍ଥ ଓ ଆବଶ୍ୟକୀୟ ସହଯୋଗ ପାଇବେନି। କେତେକ ବ୍ୟକ୍ତିଗତ କାରଣରୁ ପାରିବାରିକ କ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଦୀର୍ଘଦିନର ପୁରୁଣା ରୋଗ ସକାଶେ ବିଶେଷ ଚିନ୍ତିତ ରହିପାରନ୍ତି।

**ମକର** – ଦ୍ୱାଦଶସ୍ଥ ପାପଗ୍ରହ କେତୁଙ୍କ ଯୋଗୁ ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ଅଦଳବଦଳ ହୋଇଯାଇପାରେ। ଏକ ଗୁରୁତ୍ୱପୂର୍ଣ୍ଣ କାମରେ ଯାଇଥିବା ବନ୍ଧୁଙ୍କ ଫେରିବା ବିଳମ୍ବତାକୁ ଲକ୍ଷ୍ୟକରି ବ୍ୟସ୍ତ ହୋଇପାରନ୍ତି। କେତେକ ମନଗଢ଼ା କଥା କହି ବନ୍ଧୁଙ୍କ ମନରେ ବିଶ୍ୱାସ ହେଲା ଭଳି କାମ କରିବେ।

**କୁମ୍ଭ** – ମଙ୍ଗଳଗ୍ରହ ଶନିଙ୍କ ତୃତୀୟ ଦୃଷ୍ଟିରେ ଥିବାରୁ ପ୍ରତ୍ୟେକ ଦିଗରୁ ଅସୁବିଧା ଭିତର ଦେଇ କାମ କରିବାକୁ ପଡ଼ିପାରେ। ଅପରକୁ ସାହାଯ୍ୟ ପରିପ୍ରେକ୍ଷୀରେ ଅଯଥା କଷ୍ଟ ଅନୁଭବ କରିବାକୁ ପଡ଼ିପାରେ। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ ଓ ସାଧାରଣ କଥାକୁ ଅସାଧାରଣ ଭାବେ ଚିନ୍ତା କରିବେ।

**ମୀନ** – ବଳବାନ୍ ଶନିଙ୍କ କୃପାରୁ ଆଜିର ପ୍ରତ୍ୟୁଷ ଯାତ୍ରାରେ ଲକ୍ଷ୍ୟସ୍ଥଳକୁ ଯିବାରେ କୌଣସି ଅସୁବିଧା ରହିବ ନାହିଁ। କିନ୍ତୁ ରାଶିରେ ମୁଖାଧିପ ମଙ୍ଗଳ ଥିବାରୁ ପରିବାରରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି। ଆର୍ଥିକ ସ୍ଥିତି ମନ୍ଦ ନ ହେଲେ ମଧ୍ୟ ଋଣ ପରିଶୋଧ କରିବା ସକାଶେ ଚିନ୍ତିତ ରହିପାରନ୍ତି।

ଆଜି ଆଷାଢ଼ ଶୁକ୍ଳ ଷମୀଯୁକ୍ତ ଷଷ୍ଠୀ ଶୁକ୍ରବାର, ଜୁନ୍ ୨୬ ତାରିଖ, ଅନ୍ତର୍ଜାତୀୟ ନିଶାମୁକ୍ତି ଦିବସ, ରାଶିନକ୍ଷତ୍ର-ଦିବା ଘ.୧୨.୨୫ମି. ଗତେ, ପୂର୍ବାଫାଲ୍‌ଗୁନୀ/ସିଂହ, କର୍କଟ ଓ ମକର ରାଶିର ଘାତଚନ୍ଦ୍ର, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ମଧ୍ୟାହ୍ନ ଘ.୧୨.୧୫ମି. ଗତେ ଘ.୦୨.୫୪ମି. ମଧ୍ୟେ, ସନ୍ଧ୍ୟା ଘ.୦୬.୩୫ମି. ଗତେ ଘ.୦୮.୩୫ମି.ମଧ୍ୟେ, ରାତ୍ରି ଘ.୧୨.୫୪ମି. ଗତେ ଘ.୦୩.୦୪ମି. ମଧ୍ୟେ ଅମୃତବେଳା। ସକାଳ ଘ.୦୬.୦୬ମି.ଗତେ ଘ.୦୬.୫୯ମି. ମଧ୍ୟେ, ଘ.୦୯.୩୭ମି. ଗତେ ଘ.୧୦.୩୦ମି. ମଧ୍ୟେ ମାହେନ୍ଦ୍ରବେଳା। ଦିବା ଘ.୧୦.୧୧ମି. ଗତେ ଘ.୧୧.୫୦ମି. ମଧ୍ୟେ ରାହୁକାଳ।

# ପର୍ଯ୍ୟଟନ ଋତୁ ପୂର୍ବରୁ ନୂଆ ବ୍ଲୁ ପ୍ରିଣ୍ଟ

## ସଂକ୍ଷେପରେ

### ଥାନାରୁ ଖସିଗଲେ ଅଭିଯୁକ୍ତ, ୩ ଘଣ୍ଟା ପରେ କାବୁ

**କଟକ ଅଫିସ,୨୫।୬:** ମରଣାନ୍ତକ ଆକ୍ରମଣ ଅଭିଯୋଗରେ ଗିରଫ ହୋଇଥିବା ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ୩ଘଣ୍ଟା ପରେ ତାଙ୍କୁ ପୋଲିସ କବୁ କରିଥିଲା। ଏଭଳି ଘଟଣା ଗୁରୁବାର ଲାଲବାଗ ଥାନାରେ ଘଟିଛି। ସୂଚନା ଅନୁଯାୟୀ, ଅଲିଶାବଜାର ଗୋପାଳ ସାହିର ସେଣ୍ଟୁ ଓରଫ ଦିଲ୍ଲୀପ ଜେନା ଗୁରୁବାର ସକାଳେ ବିଜୟ ପରିଡ଼ା ଓ ମନମୋହନ ସାହୁଙ୍କୁ ଫାର୍ସାରେ ଆକ୍ରମଣ କରିଥିଲେ। ନିଶାଗ୍ରସ୍ତ ହୋଇ ଦିଲ୍ଲୀପ ଏହି କାଣ୍ଡ ଘଟାଇଥିଲେ ବୋଲି ପୋଲିସ କହିଛି। ଆହତ ବିଜୟ ଓ ମନମୋହନଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ସିଟି ହସ୍ପିଟାଲକୁ ପଠାଇଥିଲେ। ପରେ ଲାଲବାଗ ଥାନା ପୋଲିସ ଅଭିଯୁକ୍ତ ଦିଲ୍ଲୀପଙ୍କୁ ଗିରଫ କରି ଥାନାକୁ ଆଣିଥିଲା। ପଚରାଉଚରା ପରେ ଦିଲ୍ଲୀପ ଥାନା ବାରଣ୍ଡାରେ ବସିଥିଲେ। ତାଙ୍କ ନିକଟରେ ଦୁଇ ଜଣ ପୋଲିସ କର୍ମଚାରୀ ମଧ ଥିଲେ। ହେଲେ ପୋଲିସକୁ ଚକ୍‌ମା ଦେଇ ସେ ଖସି ଯାଇଥିଲେ। ତେବେ ଏହି ଘଟଣାକୁ ଅସ୍ୱୀକାର କରିଛନ୍ତି ଥାନାଧିକାରୀ ଆଶୁତୋଷ ମିଶ୍ର। ଅଭିଯୁକ୍ତଙ୍କ ନାମରେ ଆଇପିସି ଦଫା ୩୦୭, ୩୨୬, ୭୫ରେ କେସ୍ ନଂ. ୧୫୯/୨୦ ରୁଜୁ ହୋଇଛି।

ଭୁବନେଶ୍ୱର,୨୫।୬(ବ୍ୟୁରୋ)

କରୋନା ପରିସ୍ଥିତି ଆଉ କେତେଦିନ ଲାଗିରହିବ, ତାହାର ଉତ୍ତର କାହା ପାଖରେ ନାହିଁ। କିନ୍ତୁ ଏଭଳିସ୍ଥଳେ ଗତ ୩ ମାସ ଧରି ସମ୍ପୂର୍ଣ୍ଣ ବନ୍ଦହୋଇ ପଡ଼ିଥିବା ପର୍ଯ୍ୟଟନ ଶିଳ୍ପକୁ ପୁଣିଥରେ ଟ୍ରାକ୍‌କୁ ଫେରାଇ ଆଣିବା ପାଇଁ ଉଦ୍ୟମ ଆରମ୍ଭ କରିଛି ଓଡ଼ିଶା ପର୍ଯ୍ୟଟନ ବିଭାଗ। କୋଭିଡ୍ ଓ ଏହା ପରବର୍ତ୍ତୀ ସମୟରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଓଡ଼ିଶା ପଡ଼ୋଶୀ ରାଜ୍ୟ ବିଶେଷକରି ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ, ଛତିଶଗଡ଼ ଓ ପଶ୍ଚିମବଙ୍ଗ ଉପରେ ଅଧିକ ଫୋକସ କରିବ। ଏଥିଲାଗି ରାଜ୍ୟରେ ପଥପାର୍ଶ୍ୱ ପର୍ଯ୍ୟଟନର ବିକାଶ କରାଯିବ। ପଡ଼ୋଶୀ ରାଜ୍ୟରୁ ପର୍ଯ୍ୟଟକମାନେ ଯେପରି ନିଜ ବ୍ୟକ୍ତିଗତ କିମ୍ବା ଭଡ଼ା ଗାଡ଼ିରେ ଓଡ଼ିଶା ଆସିପାରିବେ, ତାହା ଉପରେ ଗୁରୁତ୍ୱ ଦିଆଯିବ। ଏଥିପାଇଁ ରୋଡ୍‌ସାଇଡ୍ ପାର୍କ, ପିକ୍‌ନିକ୍ ଫାସିଲିଟି, ରୋଡ୍‌ସାଇଡ୍ ହୋଟେଲ ଏବଂ ରେଷ୍ଟୁରାଣ୍ଟ, ରେଷ୍ଟ ପାର୍କ, ୱେସାଇଡ୍ ଆମେନିଟି ସେଣ୍ଟର ଆଦି ପ୍ରତିଷ୍ଠା ଉପରେ ଅଗ୍ରାଧିକାର ଦିଆଯିବ।

### ପର୍ଯ୍ୟଟନ ଶିଳ୍ପର ପୁନରୁଦ୍ଧାର ଚିନ୍ତା

Odisha Tourism
ODISHA
Scenic : Serene : Sublime
The Soul of Incredible India

- ଫୋକସରେ ଘରୋଇ ପର୍ଯ୍ୟଟକ, ଇକୋ ଟୁରିଜମ୍
- ପଥପାର୍ଶ୍ୱ ପର୍ଯ୍ୟଟନର ବିକାଶ କରାଯିବ
- ରୋଡ୍ ଶୋ, ନୂତନ ଭିତ୍ତିଭୂମି ପ୍ରତିଷ୍ଠାକୁ ଗୁରୁତ୍ୱ
- ପଡ଼ୋଶୀ ରାଜ୍ୟଗୁଡ଼ିକ ସହ ରାଜିନାମା

ପର୍ଯ୍ୟଟନ ବିଭାଗ ସୂଚନା ମୁତାବକ, ଘରୋଇ ପର୍ଯ୍ୟଟନର ବିକାଶ ପାଇଁ କେତେକ ନିର୍ଦ୍ଦିଷ୍ଟ ଅଞ୍ଚଳ ଉପରେ ଫୋକସ କରାଯିବ। ସେପ୍ଟେମ୍ବର ମାସରୁ ପର୍ଯ୍ୟଟନ ଋତୁ ଆରମ୍ଭ ହେଉଥିବା ବେଳେ ଏହି ସମୟରେ ରାଜ୍ୟକୁ ଅଧିକାଂଶ ପର୍ଯ୍ୟଟକ ଆସିଥାନ୍ତି। ଏଥର ବିଦେଶୀ ପର୍ଯ୍ୟଟକଙ୍କ ଆଗମନ ବାଟ ବନ୍ଦ ହୋଇଯାଇଥିବାରୁ ଘରୋଇ ପର୍ଯ୍ୟଟକଙ୍କ ଉପରେ ସମସ୍ତଙ୍କ ନଜର ରହିଛି। ଏଭଳିସ୍ଥଳେ ଅନ୍ୟ ରାଜ୍ୟକୁ ଟକ୍କର ଦେଇ ଓଡ଼ିଶା କିଭଳି ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ, ସେଥିଲାଗି ବିଭାଗ ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରିଛି। ପୁରୀ, ଭୁବନେଶ୍ୱର ଓ କୋଣାର୍କରୁ ବାହାରି ରାଜ୍ୟ ଏଥର ଇକୋ ଟୁରିଜମ୍ ଉପରେ ଫୋକସ୍ କରିବ। ଏଥିପାଇଁ ଭିତରକନିକା, ଚିଲିକା, ଶିମିଳିପାଳ, ଦେବ୍ରିଗଡ଼, ସାତକୋଶିଆ, ଅଂଶୁପା, ଦାରିଙ୍ଗବାଡ଼ି ଭଳି ପରିବେଶଭିତ୍ତିକ ପର୍ଯ୍ୟଟନସ୍ଥଳୀକୁ ଓଡ଼ିଶା ପର୍ଯ୍ୟଟନ ଅଧିକ ମାଇଲେଜ୍ ଦେବ। କରୋନା ପରବର୍ତ୍ତୀ ସମୟରେ ଏହି ପର୍ଯ୍ୟଟନ ସ୍ଥଳୀଗୁଡ଼ିକ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରିବ। ଏଥିପାଇଁ ବିଭାଗ ଏବେଠାରୁ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରୁଛି। ରାଜ୍ୟ ପର୍ଯ୍ୟଟନ ବିଭାଗ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରଣାଳୟ ସହ ମିଳିତ ଭାବେ କାର୍ଯ୍ୟ କରୁଥିବାବେଳେ କେନ୍ଦ୍ରୀୟ କର୍ତ୍ତୃପକ୍ଷ ଘରୋଇ ପର୍ଯ୍ୟଟନର ବିକାଶ ଉପରେ ଗୁରୁତ୍ୱ ଦେଉଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ପଡ଼ୋଶୀ ରାଜ୍ୟଗୁଡ଼ିକ ସହ ଓଡ଼ିଶା ଏବେଠାରୁ ରାଜିନାମା ସ୍ୱାକ୍ଷର ଆରମ୍ଭ କରିଛି। ଏହାଦ୍ୱାରା ଆଗକୁ ଦୁଇ ରାଜ୍ୟ ପରସ୍ପର ପର୍ଯ୍ୟଟନ କ୍ଷେତ୍ରର ପ୍ରଚାର ପ୍ରସାର କରିବେ। ଆନ୍ଧ୍ରପ୍ରଦେଶ, ଛତିଶଗଡ଼ ଓ ଝାଡ଼ଖଣ୍ଡ ସରକାର ଓଡ଼ିଶା ପର୍ଯ୍ୟଟନକୁ ପ୍ରୋତ୍ସାହିତ କରିବେ ଏବଂ ସମାନ ଭାବେ ଓଡ଼ିଶା ସେମାନଙ୍କ ପର୍ଯ୍ୟଟନସ୍ଥଳୀକୁ ଏଠାରେ ପ୍ରଚାର ପ୍ରସାର କରିବ। ଏହାବ୍ୟତୀତ ପଡ଼ୋଶୀ ରାଜ୍ୟର ପ୍ରମୁଖ ସହରଗୁଡ଼ିକରେ ଓଡ଼ିଶା ଟୁରିଜିମ୍‌ର ରୋଡ୍ ଶୋ' ହେବ। ବିଶାଖାପାଟଣା, ବୋକାରୋ, ରାଞ୍ଚି, ରାୟପୁର ଭଳି ସହରରେ ଏହି ରୋଡ୍ ଶୋ' କରାଯିବ। କିଛିଦିନ ତଳେ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ସହ ରାଜ୍ୟ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ କରୋନା ପରବର୍ତ୍ତୀ ସମୟରେ କେଉଁ କେଉଁ ଅଞ୍ଚଳରେ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ହୋଇପାରିବ, ତାହାର ଅନୁଧ୍ୟାନ କରିଥିଲେ। ରାଜ୍ୟର ଅର୍ଥନୀତି କ୍ଷେତ୍ରରେ ପର୍ଯ୍ୟଟନ ଶିଳ୍ପ ପ୍ରମୁଖ ଭୂମିକା ଗ୍ରହଣ କରୁଥିବାବେଳେ କରୋନା ପାଇଁ ୩ମାସ ହେଲା ହୋଟେଲ ଶିଳ୍ପ ସହ ପର୍ଯ୍ୟଟନ ସହ ଜଡ଼ିତ ଅନ୍ୟ ସଂସ୍ଥା ବନ୍ଦହୋଇ ପଡ଼ିଛି। ଏଭଳିସ୍ଥଳେ ରାଜ୍ୟ ସରକାର ହୋଟେଲ ଶିଳ୍ପର ପୁନରୁଦ୍ଧାର ପାଇଁ ନୂତନ ଯୋଜନା ପ୍ରସ୍ତୁତ କରୁଛନ୍ତି, ଯାହାକି କରୋନା ପରବର୍ତ୍ତୀ ସମୟରେ ହୋଟେଲ ଏବଂ ହସ୍ପିଟାଲିଟି କ୍ଷେତ୍ର ପାଇଁ ସହାୟକ ହେବ।

### ଡାକ୍ତରଙ୍କ ସଂସ୍ପର୍ଶରେ ଆସି ଔଷଧ କମ୍ପାନୀ ପ୍ରତିନିଧି ସଂକ୍ରମିତ

କଟକ ଅଫିସ,୨୫।୬

ଏସ୍‌ସିବି ଭେଷଜ ବିଭାଗ ଡାକ୍ତରଙ୍କ ସଂସ୍ପର୍ଶରେ ଆସିଥିବା ଜଣେ ଔଷଧ କମ୍ପାନୀ ପ୍ରତିନିଧି ସଂକ୍ରମିତ ହୋଇଛନ୍ତି। ତେବେ ତାଙ୍କ ସଂସ୍ପର୍ଶରେ ଆସିଥିବା ଅନ୍ୟ ୭ ଡାକ୍ତର ଓ ଅନ୍ୟ କର୍ମଚାରୀଙ୍କ ସ୍ୱାବ ରିପୋର୍ଟ ନେଗେଟିଭ ଆସିଛି। ସେହିପରି ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ସଂସ୍ଥାନରେ ଜଣେ କରୋନା ରୋଗୀଙ୍କ ସଂସ୍ପର୍ଶରେ ୫୦ଜଣ ଆସିଥିବା ଜଣାପଡ଼ିଛି। ସେମାନଙ୍କ ମଧ୍ୟରେ ୫ଜଣ ଷ୍ଟାଫ୍ ନର୍ସ ଏବଂ ୯ଜଣ ଆହାର କେନ୍ଦ୍ର କର୍ମଚାରୀ ରହିଛନ୍ତି। ତେଣୁ ଦୁଇଦିନ ପାଇଁ ଇନ୍‌ଡୋର ଆଡମିଶନ ବନ୍ଦ ରଖାଯିବ ବୋଲି ସୂଚନା ମିଳିଛି। ଏସ୍‌ସିବି ଦନ୍ତ ବିଭାଗର ୨ଜଣ ପଜିଟିଭ ଚିହ୍ନଟ ଛାତ୍ରଙ୍କ ସଂସ୍ପର୍ଶରେ ଆସିଥିବା ୧୫ ଜଣଙ୍କ ସ୍ୱାବ ପରୀକ୍ଷା କରାଯିବା ସହ ସମସ୍ତଙ୍କୁ ଆଇସୋଲେଶନରେ ରଖାଯାଇଛି। ଆଗାମୀ ୨୮ତାରିଖ ପର୍ଯ୍ୟନ୍ତ କେବଳ ମୁଖ ଗହ୍ୱର ଶଲ୍ୟ ବିଭାଗକୁ ବନ୍ଦ ରଖାଯିବ ବୋଲି ହସ୍ପିଟାଲ ପକ୍ଷରୁ ସୂଚନା ଦିଆଯାଇଛି।

# ୧୪ ନର୍ସିଂହୋମ୍‌ରେ ଚଢ଼ାଉ




ଏକ ଘରୋଇ ନର୍ସିଂହୋମ୍‌ରେ ସିଏମ୍‌ସିର ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରୁଛି।

କଟକ ଅଫିସ,୨୫।୬

କଟକ ସହରସ୍ଥ ବିଭିନ୍ନ ନର୍ସିଂହୋମ୍‌ରେ ଗୁରୁବାର କଟକ ମହାନଗର ନିଗମ (ସିଏମ୍‌ସି)ର ଏକ ସ୍ୱତନ୍ତ୍ର ଟିମ୍ ଚଢ଼ାଉ କରିଛି। ଗୋଟିଏ ଦିନରେ ପ୍ରାୟ ୧୪ଟି ନର୍ସିଂହୋମ୍‌ରେ ଚଢ଼ାଉ କରାଯାଇଛି। କୋଭିଡ୍-୧୯କୁ ନେଇ ସରକାରଙ୍କ ତରଫରୁ ଘରୋଇ ନର୍ସିଂହୋମ୍‌ଗୁଡ଼ିକୁ ଯେଉଁ ଗାଇଡ୍‌ଲାଇନ ଜାରି ହୋଇଛି, ସେଗୁଡ଼ିକ ଠିକ୍ ଭାବେ ପାଳନ ହେଉଛି କି ନାହିଁ, ସେନେଇ ଯାଞ୍ଚ କରାଯାଇଛି। ବିଶେଷକରି ସାମାଜିକ ଦୂରତ୍ୱ, ଥର୍ମାଲ୍ ସ୍କ୍ରିନିଂ ଏବଂ ଅନ୍ୟାନ୍ୟ ବିଷୟରେ ଯାଞ୍ଚ ହୋଇଥିଲା। ତେବେ ଅଧିକାଂଶ ନର୍ସିଂହୋମ୍‌ରେ କୋଭିଡ୍ ଗାଇଡ୍‌ଲାଇନ ପାଳନ ହେଉ ନ ଥିବା ଏହି ଟିମ୍ ଜାଣିବାକୁ ପାଇଥିଲା। ନର୍ସିଂହୋମ୍‌ଗୁଡ଼ିକରେ ଭିଡ଼ ଜମୁଥିବାରୁ ସାମାଜିକ ଦୂରତ୍ୱ ପାଳନ ହେଉନାହିଁ। ସେହିପରି ନର୍ସିଂହୋମ୍‌ରେ ପ୍ରବେଶ ବେଳେ ସମସ୍ତଙ୍କ ଥର୍ମାଲ୍ ସ୍କ୍ରିନିଂ କରାଯିବା କଥା। ମାତ୍ର ଅନେକ ନର୍ସିଂହୋମ୍‌ରେ ଏଭଳି ବ୍ୟବସ୍ଥା ନାହିଁ। ତେବେ ସ୍ୱତନ୍ତ୍ର ଟିମ୍‌ର ଅଧିକାରୀମାନେ ସମ୍ପୃକ୍ତ ନର୍ସିଂହୋମ୍‌ଗୁଡ଼ିକୁ କେବଳ ଚେତାବନୀ ଦେଇ ଛାଡ଼ିଛନ୍ତି। ଏଣିକି ଗାଇଡ୍‌ଲାଇନ ଅନୁପାଳନ ନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସିଏମ୍‌ସିର ଜଣେ ଅଧିକାରୀ କହିଛନ୍ତି।

- ଚେତାବନୀ ଦେଇ ଛାଡ଼ିଦେଲା ସିଏମ୍‌ସି ଟିମ୍
- ଏଣିକି ଗାଇଡ୍‌ଲାଇନ ନ ମାନିଲେ କାର୍ଯ୍ୟାନୁଷ୍ଠାନ

ସୂଚନାଯୋଗ୍ୟ, ଭୁବନେଶ୍ୱରସ୍ଥ ବ୍ଲୁ-ହ୍ୱିଲ୍ ନାମକ ଘରୋଇ ହସ୍ପିଟାଲରୁ ବୁଧବାର ୨୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ। ଏଥିସହ ଭୁବନେଶ୍ୱରର ଅନ୍ୟ କେତେକ ନର୍ସିଂହୋମ୍‌ରୁ ମଧ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ତେଣୁ ଏନେଇ ରାଜ୍ୟ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ତରଫରୁ ନର୍ସିଂହୋମ୍‌ଗୁଡ଼ିକ ପାଇଁ ଗାଇଡ୍‌ଲାଇନ ଜାରି ହୋଇଛି। କର୍ମଚାରୀଙ୍କୁ କରୋନା ମୁକାବିଲା ତାଲିମ୍, ସାମାଜିକ ଦୂରତ୍ୱ ପାଳନ, ରୋଗୀଙ୍କ ତଥ୍ୟ ରଖିବା, ସ୍ୱତନ୍ତ୍ର ଜ୍ୱର ଏବଂ ଥଣ୍ଡା ଚିକିତ୍ସା ବ୍ୟବସ୍ଥା ସହ ଅନ୍ୟ କେତେକ ଗାଇଡ୍‌ଲାଇନ ଦିଆଯାଇଛି। ଏଗୁଡ଼ିକ ଠିକ୍‌ଭାବେ ପାଳନ କରିବା ପାଇଁ ନିର୍ଦ୍ଦେଶ ରହିଛି।

# କରୋନା କଟକଣା ମାନୁନାହାନ୍ତି ଘରୋଇ ହସ୍ପିଟାଲ

ଭୁବନେଶ୍ୱର, ୨୫।୬(ବ୍ୟୁରୋ)

କେତେକ ଘରୋଇ ହସ୍ପିଟାଲ କରୋନା ନିର୍ଦ୍ଦେଶନାମା ମାନୁନାହାନ୍ତି। ଫଳରେ ଡାକ୍ତର ଓ କର୍ମଚାରୀ ସଂକ୍ରମଣର ଶିକାର ହେବା ସହ ଏମାନଙ୍କ ପାଇଁ ସ୍ଥିତି ଜଟିଳ ହେବାରେ ଲାଗିଛି। ରାଜଧାନୀର ବହୁ ଘରୋଇ ହସ୍ପିଟାଲ କର୍ମଚାରୀ ଆକ୍ରାନ୍ତ ହେବା ପରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପଦକ୍ଷେପ ଆରମ୍ଭ କରିଛି। ବୁଧବାର ମଞ୍ଚେଶ୍ୱରସ୍ଥିତ ବ୍ଲୁ ହ୍ୱଇଲ ଘରୋଇ ହସ୍ପିଟାଲ ସିଲ୍ କରାଯାଇଥିବାବେଳେ ଗୁରୁବାର ଅନ୍ୟ କେତେକ ଘରୋଇ ହସ୍ପିଟାଲରେ ଯାଞ୍ଚ କରାଯାଇଛି। ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ କହିଛନ୍ତି, ସ୍ପେଶାଲ ଟିମ୍ ୧୦ଟି ହସ୍ପିଟାଲରେ ଚଢ଼ାଉ କରିଥିଲା। କେତେକ ହସ୍ପିଟାଲ ଠିକ ଭାବେ କରୋନା ନିର୍ଦ୍ଦେଶନାମା ପାଳନ କରୁ ନ ଥିବା ଯାଞ୍ଚବେଳେ ଦେଖିବାକୁ ମିଳିଥିଲା। ତେବେ କୌଣସି ହସ୍ପିଟାଲକୁ ବନ୍ଦ କରିବା ପାଇଁ ନୋଟିସ ଦିଆଯାଇ ନାହିଁ। କେବଳ ନିୟମ ଉଲ୍ଲଂଘନ କରୁଥିବା ହସ୍ପିଟାଲଗୁଡ଼ିକୁ ନୋଟିସ ଦିଆଯିବା ସହ ତାଗିଦ୍ କରାଯାଇଛି। ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ନ ସୁଧୁରିଲେ ସମ୍ପୃକ୍ତ ହସ୍ପିଟାଲ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ଚୌଧାରୀ କହିଛନ୍ତି। ଏହି ଟିମ୍‌ରେ ବିଏମ୍‌ସି ଅଧିକାରୀ, ବିଏମ୍‌ସି ଓ ବିଡିଏର ଏନ୍‌ଫୋର୍ସମେଣ୍ଟ ଟିମ୍, ସ୍ୱାସ୍ଥ୍ୟ ବିଭାଗ ଓ କମିଶନରେଟ୍ ପୋଲିସର କର୍ମଚାରୀମାନେ ସାମିଲ ଅଛନ୍ତି।

- ଡାକ୍ତର ଓ କର୍ମଚାରୀ ହେଉଛନ୍ତି ସଂକ୍ରମିତ
- ରାଜଧାନୀରେ ୧୦ ହସ୍ପିଟାଲ ଯାଞ୍ଚ କଲା ବିଏମ୍‌ସି
- ଉଲ୍ଲଂଘନ କରୁଥିବା ହସ୍ପିଟାଲ କର୍ତ୍ତୃପକ୍ଷଙ୍କୁ ନୋଟିସ୍



### ଭୁବନେଶ୍ୱରରୁ ପୁଣି ୩୮ ଚିହ୍ନଟ, ୬ ହସ୍ପିଟାଲ କର୍ମଚାରୀ

ରାଜଧାନୀ ଭୁବନେଶ୍ୱରରୁ ପୁଣି ୩୮ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୨୫ଜଣ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବାବେଳେ ୧୩ ସ୍ଥାନୀୟ ଆକ୍ରାନ୍ତ ରହିଥିବା ବିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି। ଏହି ସ୍ଥାନୀୟ ଆକ୍ରାନ୍ତଙ୍କ ମଧ୍ୟରୁ ୪ଜଣ ଶିରିପୁର ଲକ୍ଷ୍ମୀବଜାର ବସ୍ତି ଅଞ୍ଚଳର। ଏମାନେ ଜଣେ ବମ୍ବେ ଫେରନ୍ତାଙ୍କ ସଂସ୍ପର୍ଶରେ ଆସିଥିଲେ। ସେହିଭଳି ଚଇେସିଆଣି ହାଡ଼ବାଇ ବସ୍ତିର ଜଣେ ଆକ୍ରାନ୍ତ ରହିଥିବାବେଳେ ୫ଜଣ ଘରୋଇ ହସ୍ପିଟାଲ ଓ ଜଣେ ସରକାରୀ ଡାକ୍ତରଖାନାର କର୍ମଚାରୀ ଅଛନ୍ତି। ସେହିପରି ମଞ୍ଚେଶ୍ୱର ଅଞ୍ଚଳର ୪୦ବର୍ଷୀୟ ଯୁବକଙ୍କ ରିପୋର୍ଟ ପଜିଟିଭ୍ ଆସିଥିବାବେଳେ ସେ ପୂର୍ବରୁ ଜଣେ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସି ସଂକ୍ରମିତ ହୋଇଥିବା ଜଣାପଡିଛି। ଅନ୍ୟଜଣେ ଭିଏସ୍‌ଏସ୍ ନଗର ଅଞ୍ଚଳର ଓ ସେ ମଧ ସଂକ୍ରମିତ ବୋଲି ବିଏମ୍‌ସି ତଥ୍ୟ ଦେଇଛି।

# ହସ୍ପିଟାଲ ପାଇଁ ନୂଆ ନିର୍ଦ୍ଦେଶନାମା

**ଭୁବନେଶ୍ୱର, ୨୫।୬(ବ୍ୟୁରୋ):** ରାଜ୍ୟରେ ଦ୍ରୁତ ଗତିରେ ବଢ଼ି ଚାଲିଛି କରୋନା ସଂକ୍ରମଣ। ଆକ୍ରାନ୍ତଙ୍କ ସଂଖ୍ୟା ୬ ହଜାର ପାଖାପାଖି ପହଞ୍ଚିଥିବାବେଳେ ଏବେ ଏହି ଲଢ଼େଇରେ ସାମିଲ୍ ହୋଇଥିବା ବହୁ ଆଗଧାଡ଼ିର ଯୋଦ୍ଧା ଡାକ୍ତର, ନର୍ସ ଓ ଅନ୍ୟ କର୍ମଚାରୀ ସଂକ୍ରମିତ ହେବାରେ ଲାଗିଛନ୍ତି। ସରକାରଙ୍କ ନିର୍ଦ୍ଦେଶନାମାକୁ ଠିକ୍‌ଭାବେ ପାଳନ କରାଯାଉ ନ ଥିବାରୁ ହସ୍ପିଟାଲରେ ସଂକ୍ରମଣ ବଢୁଥିବା ଜଣାପଡିଛି। ରାଜ୍ୟର ବିଭିନ୍ନ ଘରୋଇ ଓ ସରକାରୀ ହସ୍ପିଟାଲର ଡାକ୍ତର ଓ କର୍ମଚାରୀ ସଂକ୍ରମଣର ଶିକାର ହୋଇଛନ୍ତି। ବିଶେଷକରି ଭୁବନେଶ୍ୱରସ୍ଥିତ ବ୍ଲୁ ହ୍ୱଇଲ୍ ଘରୋଇ ହସ୍ପିଟାଲରେ ୨୭ରୁ ଊର୍ଦ୍ଧ୍ୱ କର୍ମଚାରୀ କରୋନାରେ ଆକ୍ରାନ୍ତ ହେବା ପରେ ଚିନ୍ତା ବଢ଼ିଛି। ଏହାକୁ ନେଇ ରାଜ୍ୟ ସରକାର ଉଦ୍‌ବେଗ ପ୍ରକାଶ କରିବା ସହ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏନେଇ ନୂଆ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏଥିସହ ସମସ୍ତ ନିୟମ କଡ଼ାକଡ଼ି ପାଳନ କରିବାକୁ ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲକୁ ନିର୍ଦ୍ଦେଶ ଦିଆଯାଇଛି।

- କୋଭିଡ୍ ଆକ୍ରାନ୍ତ ଓ ସନ୍ଦିଗ୍ଧ ପାଇଁ ରହିବ ପୃଥକ ଅଞ୍ଚଳ
- ୭ଦିନିଆ ପ୍ରଶିକ୍ଷଣ ନେବେ ନିୟୋଜିତ କର୍ମଚାରୀ
- ପ୍ରତି ହସ୍ପିଟାଲରେ ସ୍ୱତନ୍ତ୍ର ଫିଭର କ୍ଲିନିକ୍

ତେବେ ଏହି ନିର୍ଦ୍ଦେଶନାମା ସଂକ୍ରାନ୍ତରେ ଡିଏମ୍‌ଇଟି ପକ୍ଷରୁ ବିସ୍ତୃତ ସୂଚନା ଦିଆଯାଇଛି। ପ୍ରତ୍ୟେକ ହସ୍ପିଟାଲ କୋଭିଡ୍-୧୯ ଓ ଅଣକୋଭିଡ୍ ଚିକିତ୍ସାରେ ନିୟୋଜିତ ସ୍ୱାସ୍ଥ୍ୟ କର୍ମୀଙ୍କ ପାଇଁ ଆବଶ୍ୟକ ନିୟମକୁ କଡ଼ାକଡ଼ି ଭାବେ ପାଳନ କରିବେ। ପ୍ରତ୍ୟେକ ହସ୍ପିଟାଲ କର୍ତ୍ତୃପକ୍ଷ ସ୍ୱତନ୍ତ୍ର ଫିଭର କ୍ଲିନିକ୍ ଖୋଲିବେ। ହସ୍ପିଟାଲ ମଧ୍ୟରେ ସନ୍ଦିଗ୍ଧ ବା ଚିହ୍ନଟ କୋଭିଡ୍ ରୋଗୀଙ୍କ ଚିକିତ୍ସା ପାଇଁ ଏକ ପୃଥକୀକୃତ ଅଞ୍ଚଳ ନିରୂପଣ କରିବେ। ଏଠାରେ କାର୍ଯ୍ୟରତ କର୍ମଚାରୀ ହସ୍ପିଟାଲର ଅନ୍ୟ ସ୍ଥାନରେ ନିୟୋଜିତ ହେବେ ନାହିଁ। ସମସ୍ତ କର୍ମଚାରୀଙ୍କୁ କରୋନା ସଂକ୍ରମଣ ଓ ପ୍ରତିଷେଧ ମୂଳକ ପଦକ୍ଷେପ ସମ୍ପର୍କରେ ୭ଦିନ ମଧ୍ୟରେ ପ୍ରଶିକ୍ଷଣ ଦେବେ। ପ୍ରଶିକ୍ଷଣ ସମ୍ପୂର୍ଣ୍ଣ ହେବା ପରେ ସେ ସଂକ୍ରାନ୍ତ ପ୍ରମାଣପତ୍ର ଦାଖଲ କରିବେ। ସମସ୍ତ ଘରୋଇ ହସ୍ପିଟାଲ ସେମାନଙ୍କ ନୋଡାଲ ଅଫିସରଙ୍କ ନାମ, ଫୋନ୍ ନମ୍ବର ଓ ଇ-ମେଲ୍ ଠିକଣା ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକଙ୍କ ନିକଟରେ ଦାଖଲ କରିବେ ବୋଲି କୁହାଯାଇଛି।


**ପୂର୍ବ ତଟ ରେଳପଥ**

**ସିଗ୍‌ନାଲ ଏବଂ ଟେଲିକମ୍ କାର୍ଯ୍ୟ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ. STCONBBSeOTEIBRTG-DNM16, ତା:17.06.2020

**କାର୍ଯ୍ୟର ନାମ :** ପୂର୍ବ ତଟ ରେଳପଥର ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଭଦ୍ରକ-ନିର୍ଗୁଣ୍ଡି ମଧ୍ୟରେ ତୃତୀୟ ଲାଇନ୍ ସମ୍ବନ୍ଧୀୟ ବରିଠେଙ୍ଗଗଡ଼ ଏବଂ ଧାନମଣ୍ଡଳ ଷ୍ଟେସନଠାରେ ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଙ୍ଗ୍‌ର ଯୋଗାଣ, ସଂସ୍ଥାପନ, ଡିଜାଇନ୍ ଏବଂ ସମ୍ପାଦନ ତଥା ବୈରୀ-ହରିଦାସପୁର, ଜଖପୁରା ଜଂକ୍ସନ-ବୈତରଣୀ ରୋଡ଼ ସେକ୍ସନରେ ଉପଯୋଗିତା ସ୍ଥାନାନ୍ତରଣ (ଲେଭେଲ କ୍ରସିଙ୍ଗ୍ ଫାଟକ, IBS, କେବୁଲ, ଲୋକେସନ ବାକ୍ସ, ନୂଆ ଲାଇନ୍‌ରେ ବାଧା ସୃଷ୍ଟି କରୁଥିବା (infringing) ଅନ୍ୟ ସିଗ୍‌ନାଲିଙ୍ଗ୍ ଗିଅର)।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** ₹21,33,29,928/-, EMD (ଟଙ୍କାରେ): ₹12,16,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ(ଟଙ୍କାରେ) : ₹ 11,800/-, କାର୍ଯ୍ୟ ଶେଷ ହେବା ଅବଧି : 24 (ଚବିଶି) ମାସ।

**ଟେଣ୍ଡର ବନ୍ଦ/ଖୋଲା ହେବା ତାରିଖ ଓ ସମୟ :** ତା.20.07.2020 ରିଖ 1200 ଘଟିକାରେ।

ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫର ଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଉପରୋକ୍ତ ଇ-ଟେଣ୍ଡର ର ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ।

ଉପ ମୁଖ୍ୟ ସଂକେତ ଏବଂ ଦୂରସଂଚାର ଯନ୍ତ୍ରୀ/ନିର୍ମାଣ/ଭୁବନେଶ୍ୱର
PR-18/CD/20-21

See Career Appointment on every Wednesday & Saturday

**OFFICE OF THE PRINCIPAL, R.C.M. SCIENCE COLLEGE, KHALIKOTE, GANJAM**
https://www.rcmscollegekhallikote.com
Adv. No. RCM/OURHP/01/2020 Date: 25.06.2020

**NOTIFICATION**
**(WALK IN INTERVIEW)**

Walk-in-Interview will be held on 10.7.2020 in the Office of the Principal at 10.00 A.M. for Appointment/Engagement of Project Assistant under OURHP Scheme in the following subject.

| S.N. | Department | Category | Fellowship | Qualification |
|---|---|---|---|---|
| 1 | Botany | UR | Rs.8000/- P.M. | **Essential:** M.Sc. in Botany/Lifescience with 55% marks **Desirable:** UGC/CSIR NET |
| 2 | Odia | UR | Rs.8000/- P.M. | **Essential:** M.A. in Odia with 55% marks **Desirable:** UGC/CSIR NET |

**Note:** Interested candidate may send their CV in advance via e-mail: **rcmsccollegekhallikote@gmail.com**. If lockdown/shutdown will continued in Ganjam district the interview will be conducted online mode which will be published in the college website.
Sd./- Principal

OFFICE OF THE PRINCIPAL
**R.C.M. SCIENCE COLLEGE, KHALLIKOTE, GANJAM**
https://www.rcmscollegekhallikote.com
Adv. No. RCM/OOHEEP/02/2020 Date: 25.06.2020

**CORRIGENDUM**
**To Tender Call Notice No. RCM/03/20**

The last date of submission of bids against the above tender call notice for procurement of books, equipment's and other items is hereby extended to 02.07.2020, 12.00 hr. All other terms and conditions, time of opening will remain unchanged. For details the intending bidders may visit the above website.
Sd./- Principal

**NESCO UTILITY**
Head Office: Januganj, Balasore-756019
Email-purchase@nescoodisha.com
Notice No. NESCO Utility / GHIP / 06 / 20-21 / 4657(4) Dt : 24.06.20

**NOTICE INVITING EXPRESSION OF INTEREST**

For and on behalf of NESCO Utility, Expression of Interest is invited from the registered Insurance Companies, who are dealing with group insurance health policy for **"Group Health Insurance"** of the employees of NESCO Utility .
**Last date of submission of EOI : 03. 07.20 up to 3.00 PM**
**Date of Opening of EOI : 03.07.20 up to 3.30 PM**
For details regarding nature of job, features, eligibility criteria etc. please visit our website- **www.nescoodisha.com**. Corrigendum if any will be published in the website only.
Sd./- General Manager (C&MM)

**୨୬ ଜୁନ୍ ୨୦୨୦**

"ଅନ୍ତର୍ଜାତୀୟ ନିଷିଦ୍ଧ ନିଶ୍ଚେତକ ନିଶା ଦ୍ରବ୍ୟର ଅପବ୍ୟବହାର ଓ ଚୋରାଚାଲାଣ ବିରୁଦ୍ଧ ଦିବସ"

**OBSERVANCE ON 26TH JUNE, 2020**
**"INTERNATIONAL DAY AGAINST DRUG ABUSE & ILLICIT TRAFFICKING"**
*"Say 'NO' to drugs; Say 'YES' to Life"*

(ସୌଜନ୍ୟ: ଜିଲ୍ଲା ପ୍ରଶାସନ, ନବରଙ୍ଗପୁର, ଓଡ଼ିଶା)

**ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ**

**ଭଣ୍ଡାର ସାମଗ୍ରୀ ଯୋଗାଣ ପାଇଁ ଟେଣ୍ଡର ବିଜ୍ଞପ୍ତି**

ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଏନ୍‌ଆଇଟି/୧୪/୨୦/୨୨, ତାରିଖ: ୨୩।୦୬।୨୦୨୦

ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ଏକ ଇ-ପ୍ରଣାଳୀର କାର୍ଯ୍ୟାନ୍ୱୟନ କରିଛି। ଭାରତର ରାଷ୍ଟ୍ରପତିଙ୍କ ତରଫରୁ ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଦକ୍ଷିଣ ପୂର୍ବ ମଧ୍ୟ ରେଳପଥ ନିମ୍ନଲିଖିତ ସାମଗ୍ରୀର ଯୋଗାଣ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି। ବିଜ୍ଞାପିତ ଟେଣ୍ଡରଗୁଡ଼ିକ ସଂକ୍ରାନ୍ତ କାରବାର କେବଳ ଇ-ସଂଗ୍ରହଣ ପ୍ରଣାଳୀ ମାଧ୍ୟମରେ କରାଯିବ। କୌଣସି ମାନୁଆଲ ଅଫରକୁ ପ୍ରଶ୍ରୟ ଦିଆଯିବ ନାହିଁ। ଟେଣ୍ଡରଗୁଡ଼ିକୁ ଲିଙ୍କ୍ www.ireps.gov.in ଅଧୀନରେ ଦେଖାଯାଇପାରିବ।

| କ୍ର. ସଂ. | ଟେଣ୍ଡର ନଂ. | ବର୍ଣ୍ଣନା | ଟେଣ୍ଡର ସମାପ୍ତି/ଖୋଲାଯିବା ତାରିଖ ଓ ସମୟ | ପରିମାଣ |
|---|---|---|---|---|
| ୧ | ୦୩୧୯୧୩୪୩ | ଇନର୍ ବୋଲଷ୍ଟର ସସପେନ୍ସନ୍ ସ୍ପ୍ରିଙ୍ଗ | ୧୬।୦୭।୨୦୨୦ ୧୦.୩୦ ଘ. | ୫୩୪୪ ଗୋଟି |
| ୨ | ୦୩୨୦୧୫୨୨ | ଆଡାପ୍ଟର | ୧୬।୦୭।୨୦୨୦ ୧୦.୩୦ ଘ. | ୪୫୮୩୭ ଗୋଟି |
| ୩ | ୦୩୧୯୧୪୭୦ | କପ୍ଲର୍ ରଡ୍ | ୧୭।୦୭।୨୦୨୦ ୧୦.୩୦ ଘ. | ୧୫୫୨୩ ଗୋଟି |
| ୪ | ୦୩୧୯୧୦୩୮ | ଡିଷ୍ଟ୍ରିବ୍ୟୁଟର ଭାଲ୍‌ଭ | ୧୮।୦୭।୨୦୨୦ ୧୦.୩୦ ଘ. | ୧୧୧ ଗୋଟି |
| ୫ | ୦୩୨୦୩୧୫୮ | ବ୍ରିଦର୍ ଭାଲ୍‌ଭ ଆସେମ୍ବ୍ଲି | ୨୦।୦୭।୨୦୨୦ ୧୦.୩୦ ଘ. | ୬୦୦୦ ଗୋଟି |
| ୬ | ୦୫୧୯୫୨୨୮ଏ | ସିଗ୍ନାଲ୍ ୱିଣ୍ଡୋର ଯୋଗାଣ, ସ୍ଥାପନ ଓ କମିଶନିଂ | ୨୩।୦୭।୨୦୨୦ ୧୦.୩୦ ଘ. | ୩ ସେଟ୍ |
| ୭ | ୦୩୨୦୧୦୦୯ | ଉଚ୍ଚ କ୍ଷମତାବିଶିଷ୍ଟ ଥର୍ମୋପ୍ଲାଷ୍ଟିକ ପଲିଷ୍ଟର ଇଲାଷ୍ଟୋମର | ୧୦।୦୮।୨୦୨୦ ୧୦.୩୦ ଘ. | ୩୧୪୪ ଗୋଟି |

ଟେଣ୍ଡରଗୁଡ଼ିକ ପାଇଁ କୌଣସି ଶୁଦ୍ଧିପତ୍ର ଜାରି କରିବାର ଅଧିକାର ରେଳପଥ ସଂରକ୍ଷିତ ରଖିଛି। ଶୁଦ୍ଧିପତ୍ର ଏବଂ ବିକ୍ରେତାମାନଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୋଟିସ ଲିଙ୍କ୍ www.ireps.gov.inରେ ଦେଖାଯାଇପାରିବ।

ଭ୍ରମ ସଂଶୋଧନ: (i) ଟେଣ୍ଡର ନଂ. ୦୫୨୦୧୩୧୫ ଧାର୍ଯ୍ୟ ତାରିଖ ୦୧।୦୭।୨୦୨୦ (ii) ଟେଣ୍ଡର ନଂ. ୦୩୧୯୨୦୬୦ ଧାର୍ଯ୍ୟ ତାରିଖ: ୦୬।୦୭।୨୦୨୦ (iii) ଟେଣ୍ଡର ନଂ. ୦୩୧୯୧୩୧୭ ଧାର୍ଯ୍ୟ ତାରିଖ: ୦୮।୦୭।୨୦୨୦

CPR/10/139 ପ୍ରଧାନ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଏସ୍.ଇ.ସି. ରେଳପଥ/ବିଳାସପୁର

South East Central Railway @Secrail

**ତହସିଲଦାରଙ୍କ କାର୍ଯ୍ୟାଳୟ, କୋଡିଙ୍ଗା, ଜିଲ୍ଲା-ନବରଙ୍ଗପୁର**
**ଲଘୁ ଖଣିଜ ଉତ୍ସର ଦୀର୍ଘମିଆଦୀ ଲିଜ୍ ନିମନ୍ତେ ବିଜ୍ଞାପନ**

ଏହି ତହସିଲ ଅନ୍ତର୍ଗତ ୭ ଗୋଟି ସଇରାତ ଉତ୍ସ (ପଥର ଓ ବାଲି ଖାଦାନ)ଗୁଡିକୁ ପାଞ୍ଚ ବର୍ଷ ନିମନ୍ତେ ଦୀର୍ଘମିଆଦୀ ଲିଜ୍ ସୂତ୍ରରେ ଲିଜ୍ ପ୍ରଦାନ କରିବା ନିମନ୍ତେ ଏହି କାର୍ଯ୍ୟାଳୟ ବିଜ୍ଞାପନ ସଂଖ୍ୟା ୧୧୪୦/୨୦୨୦, ତା୨୫।୬।୨୦୨୦ରେ ସର୍ବସାଧାରଣଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଇଅଛି। ଉକ୍ତ ବିଜ୍ଞାପନ ସମ୍ବନ୍ଧୀୟ ସବିଶେଷ ତଥ୍ୟ ନବରଙ୍ଗପୁର ଜିଲ୍ଲା ୱେବ୍‌ସାଇଟ www.nabarangpur.nic.inରେ ଉପଲବ୍ଧ ଅଛି। ଇଚ୍ଛୁକ ବ୍ୟକ୍ତିବିଶେଷ ଉପରୋକ୍ତ ୱେବ୍‌ସାଇଟରୁ ସମସ୍ତ ତଥ୍ୟ ହାସଲ କରି ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦରଖାସ୍ତ କରିପାରିବେ। ସରକାରୀ କାର୍ଯ୍ୟଦିବସମାନଙ୍କରେ ଏହି କାର୍ଯ୍ୟାଳୟରୁ ମଧ କାର୍ଯ୍ୟାଳୟ ସମୟ ମଧ୍ୟରେ ଉକ୍ତ ବିଜ୍ଞାପନ ସମ୍ବନ୍ଧୀୟ ସବିଶେଷ ତଥ୍ୟ ହାସଲ କରିପାରିବେ। ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଦରଖାସ୍ତ ଗ୍ରହଣ ଯୋଗ୍ୟ ହେବ ନାହିଁ। କୌଣସି କାରଣରୁ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଦରଖାସ୍ତ ପହଞ୍ଚିବାରେ ବିଳମ୍ବ ହେଲେ, ନିମ୍ନ ସ୍ୱାକ୍ଷରକାରୀ ଦାୟୀ ରହିବେ ନାହିଁ।
ସ୍ୱା./- ତହସିଲଦାର, କୋଡିଙ୍ଗା

**SOUTHCO UTILITY**
**OFFICE OF THE SUPERINTENDING ENGINEER, ELECTRICAL CIRCLE, JEYPORE**
PHONE: 06854-241276 Fax:06854-241128
E-mail ID: circlehead.jeypore@southcoodisha.com
Ref: 1271 Dated:24.06.20

**E-TENDER CALL NOTICE No. 02/20-21/SE/JYPR**

Sealed tenders are invited on two part bidding system from the eligible Electrical Contractors with required license, from Govt. of Odisha who comply with the terms and conditions for carrying out Electrical Installation work on "Turnkey" basis for **"Construction of 25KVA S/S,11 KV Line, 11 KV Line AB Switch at sukraguda & MV 02 under Malkangiri Municipality"**. For details specification, terms & conditions please visit SOUTHCO'swebsite **www.southcoodisha.com.www.tenderwizard.com/SOUTHCO.** The sale of BID document starts from dt. 26.06.2020. The last date of submission of tender document is up to 13.00 Hrs.on dt. 13.07.20 & opening of techno commercial bid is at 15:00Hrs. on 14.07.20. Any addendum/corrigendum to this tender shall be uploaded in the website only. Southco utility Reserves the right to accept/reject any or all bids without assigning any reason thereof.
Sd./- Superintending Engineer
Jeypore Electrical Circle, Jeypore

District Mineral Foundation
Collectorate Premises, Sundargarh-770001
Email ID: dmfsundergarh@gmail.com
Tel. No.: 06622-273846

**ଜିଲ୍ଲା ଖଣିଜ ପ୍ରତିଷ୍ଠାନ, ସୁନ୍ଦରଗଡ଼**
**DISTRICT MINERAL FOUNDATION, SUNDARGARH**
Letter No. 1079/(DMF) Dated: 25.06.2020
**Bid Identification No. DMF/SNG/05/2020-21**

| | | | |
|---|---|---|---|
| 1 | The Collector-cum-Chairperson, District Mineral Foundation (DMF) Sundargarh, Government of Odisha invites Technical and Financial proposals from reputed consulting firms of National and International repute for **"SELECTION OF ARCHITECTURAL CONSULTANCY FIRM/AGENCIES FOR PREPARATION OF DETAILED PROJECT REPORT (DPR) FOR DEVELOPMENT OF EDUCATION INFRASTRUCTURE IN SUNDARGARH DISTRICT, ODISHA OUT OF OMBADC/DMF FUND"** as detailed in the Scope of Work in this DTCN. The interested and eligible firms with valid Registration Certificate as a Company, as detailed in DTCN, may apply for the same in OFFLINE mode. (For details visit **www.sundargarh.nic.in**). | | |
| 2 | Nature of Works | : | **"SELECTION OF ARCHITECTURAL CONSULTANCY FIRM/AGENCIES FOR PREPARATION OF DETAILED PROJECT REPORT (DPR) FOR DEVELOPMENT OF EDUCATION INFRASTRUCTURE IN SUNDARGARH DISTRICT, ODISHA OUT OF OMBADC/DMF FUND"** |
| 3 | Tender (Bid) Cost | : | Rs.10,000/- |
| 4 | EMD | : | Rs.1,00,000/- |
| 5 | Places where works will be executed | : | Sundargarh, Odisha |
| 6 | Availability of bid document in the website | : | **From 11.00 A.M. of 26.06.2020 to 07.07.2020 upto 5.00 P.M.** |
| 7 | Last date of receipt of Bid | : | 07.07.2020 upto 5.00 P.M. |
| 8 | Mode of Receipt of Bids | : | Through Speed Post/Registered Post (India Post)/By Hand/By Courier and in no other means. |
| 9 | Date of opening of Technical Bid and Commercial Bid | : | Date 08.07.2020 at 11.00 A.M. |
| 10 | Issuer Address | : | Collector & Chairperson-cum-Managing Trustee, District Mineral Foundation, Sundargarh, Sundargarh - 770001, Tel.: 06622-273846 |
| 11 | Address for Business query and Correspondence | : | Chief Executive Officer, District Mineral Foundation, Sundargarh, Sundargarh - 770001, Tel.: 06622-273846, Website: **www.sundargarh.nic.in**, E-mail ID: **dmfsundergarh@gmail.com** |
| 12 | The bidders have to participate in OFFLINE bidding only. Further details can be seen from the Sundargarh District website **(www.sundergarh.nic.in)**. Any addendum/corrigendum/cancellation of tender can also be seen in the said websites. If any query then contact E-mail ID: **dmfsundargarh@gmail.com** | | |

Sd./- Collector-cum-Chairperson
DMF, Sundargarh

> ପ୍ରତିଭାବାନ ମଣିଷମାନେ ସମସ୍ତେ ମନେ ହୁଅନ୍ତି– ସତେ କି ଅସ୍ୱାଭାବିକ ! ଏବଂ ସେମାନଙ୍କ ଧାତୁ ବି ମନେ ହୁଏ ଅଲଗା। କାହିଁକି ହେବ ନାହିଁ? ପ୍ରତିଭାର ଜନ୍ମ ତ ଅସ୍ୱାଭାବିକ। ସାଧାରଣ ଧାତୁ ବା ପ୍ରକୃତିର ବାହାରେ ତା'ର ସ୍ଥାନ। –ଶ୍ରୀଅରବିନ୍ଦ

# ଗରିବଙ୍କୁ ବାଧିବ

ଦେଶରେ ଚାଇନା ବିରୋଧରେ କ୍ରୋଧ ବଢ଼ିବାରେ ଲାଗିଛି। ଚାଇନାକୁ ଉଚିତ ଶିକ୍ଷା ଦେବା ପାଇଁ ଏହାର ସମସ୍ତ ସାମଗ୍ରୀ, ସେବା ତଥା ଏପରିକି ପ୍ରଯୁକ୍ତିବିଦ୍ୟାକୁ ଦେଶବ୍ୟାପୀ ବର୍ଜନ କରିବା ପାଇଁ ଆହ୍ୱାନ ଦିଆଯାଉଛି। ଅନ୍ୟାନ୍ୟ ସାମଗ୍ରୀ ଭିତରେ ପୂର୍ଣ୍ଣ କାର୍ଯ୍ୟକ୍ଷମ ଟିଭି ସେଟ୍ ଓ ସ୍ମାର୍ଟ ଫୋନ୍ ପ୍ରଭୃତି ଚାଇନାନିର୍ମିତ ସୁଦୃଶ୍ୟ ଉପକରଣଗୁଡ଼ିକୁ ସର୍ବସାଧାରଣରେ ଭାଙ୍ଗିରୁଜି ନଷ୍ଟ କରିଦିଆଯାଉଥିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଘୂରିବୁଲୁଛି। କେନ୍ଦ୍ରମନ୍ତ୍ରୀ ରାମଦାସ ଅଠାୱାଲେ ଚାଇନାର ଖାଦ୍ୟ ବିକ୍ରୟ କରୁଥିବା ରେଷ୍ଟୁରାଣ୍ଟ ଉପରେ ପ୍ରତିବନ୍ଧକ ଲଗାଇବାକୁ ଦାବି କରିଛନ୍ତି। ତଥାକଥିତ ଚାଇନିଜ୍ ଖାଦ୍ୟ ବିକ୍ରୟ କରୁଥିବା ରେଷ୍ଟୁରାଣ୍ଟଗୁଡ଼ିକରେ ଭାରତୀୟ ରୋଷେୟା ଓ ଭାରତୀୟ ଶ୍ରମିକମାନେ ନିୟୋଜିତ ହୋଇଥିବା ବିଷୟରେ ଧ୍ୟାନ ଦେଇ ନ ଥିବା ମନ୍ତ୍ରୀ ଦେଶର ଗ୍ରାମାଞ୍ଚଳରେ ଗରିବ କୃଷକଙ୍କ ଦ୍ୱାରା ଉତ୍ପାଦିତ ଶସ୍ୟ ଓ ପନିପରିବା ଆଦି ଯେ ଏହି ରୋଷେଇରେ ବ୍ୟବହୃତ ହୁଏ, ସେ ବିଷୟରେ ଚିନ୍ତା କରି ନ ଥିବା ସ୍ୱାଭାବିକ। କୋଟିକୋଟି ଡଲାର ମୂଲ୍ୟର କାରବାର ବର୍ତ୍ତମାନ ଏକ ପ୍ରକାର ଠପ୍ ହୋଇଯାଇଛି। ମହାରାଷ୍ଟ୍ର ସରକାର ସୋମବାର ୫୦୦୦ କୋଟି ଟଙ୍କା ମୂଲ୍ୟର ଚାଇନାର ପୁଞ୍ଜିଲଗାଣ ଉପରେ ରହିତାଦେଶ ଜାରି କରିଥିବା ଘୋଷଣା କରିଛନ୍ତି। ଅନ୍ୟାନ୍ୟ ଅନେକ ରାଜ୍ୟ ସରକାର ଏହାକୁ ଅନୁସରଣ କରିପାରନ୍ତି। ୨୦ ଜଣ ଭାରତୀୟ ସୈନିକଙ୍କ ନିର୍ଦ୍ଦୟ ହତ୍ୟା ଏବଂ ସୀମାନ୍ତରେ ଚାଇନା କ୍ରମାଗତ ଉତ୍ତେଜନା ସୃଷ୍ଟି କରୁଥିବା ପରିପ୍ରେକ୍ଷୀରେ ଦେଶରେ ଚାଇନାବିରୋଧୀ ଆକ୍ରୋଶ ସୃଷ୍ଟିହେବା ସ୍ୱାଭାବିକ। କିନ୍ତୁ ତା' ବୋଲି ଚାଇନାର ସମସ୍ତ ସାମଗ୍ରୀ ଏବଂ ସେବାର ଦ୍ୱାର ବନ୍ଦ କରିଦେବା ଅର୍ଥନୈତିକ ଦୃଷ୍ଟିରୁ କେବଳ ଅର୍ଥହୀନ ନୁହେଁ ବରଂ ଏହା ସ୍ୱଳ୍ପରୁ ମଧ୍ୟମ ଅବଧି ମଧ୍ୟରେ ଦେଶ ପାଇଁ ବିପରୀତ ଫଳଦାୟୀ ହୋଇପାରେ। ଅନେକ ସମୟରେ ଯୁକ୍ତି କରାଯାଉଛି ଯେ, ଚାଇନା ସହିତ ଭାରତ ବାଣିଜ୍ୟିକ ନିଅଣ୍ଟ ଦେଇ ଗତି କରୁଛି। କିନ୍ତୁ ବାଣିଜ୍ୟିକ ନିଅଣ୍ଟ ସବୁବେଳେ ଖରାପ ନୁହେଁ। ଏହାର ଅର୍ଥ ନୁହେଁ ଯେ, ଏକ ଦେଶ ସହିତ ବାଣିଜ୍ୟିକ ଉଦ୍‌ବୃତ୍ତ ସବୁବେଳେ ଭାରତକୁ ଆର୍ଥିକ ଦୃଷ୍ଟିରୁ ଉକ୍ତ ଦେଶ ଅପେକ୍ଷା ଅଧିକ ସମୃଦ୍ଧ କରିବ। ଉଦାହରଣ ସ୍ୱରୂପ ଆମେରିକା, ବ୍ରିଟେନ ଏବଂ ନେଦରଲାଣ୍ଡ ସହିତ ଭାରତର ବାଣିଜ୍ୟିକ ଉଦ୍‌ବୃତ୍ତ ରହିଛି। କିନ୍ତୁ ଏହା ଭାରତୀୟ ଅର୍ଥନୀତିକୁ ଏହି ଦେଶଗୁଡ଼ିକ ତୁଳନାରେ ଅଧିକ ଶକ୍ତିଶାଳୀ କିମ୍ବା ଉନ୍ନତ କରିନାହିଁ। ସେହିଭଳି ଦକ୍ଷିଣ ଆଫ୍ରିକା ସମେତ ୨୦ଟିରୁ ଅଧିକ ଦେଶ ସହିତ ଭାରତର ବାଣିଜ୍ୟିକ ନିଅଣ୍ଟ ରହିଛି। କିନ୍ତୁ ଏହାର ଅର୍ଥ କ'ଣ ଦକ୍ଷିଣ ଆଫ୍ରିକା ତୁଳନାରେ ଭାରତର ଅର୍ଥନୀତି ଖରାପ ? ତେଣୁ ବାଣିଜ୍ୟିକ ନିଅଣ୍ଟ ଏକ ଦୁର୍ବଳ ଅର୍ଥନୀତିର ସ୍ପଷ୍ଟ ସୂଚକ ହୋଇ ନ ପାରେ। ଚାଇନା ସହିତ ବାଣିଜ୍ୟିକ ନିଅଣ୍ଟର ଅର୍ଥ ହେଉଛି ଚାଇନିଜ୍‌ମାନେ ଯେତିକି ଭାରତୀୟ ସାମଗ୍ରୀ କିଣୁଛନ୍ତି, ସେହି ତୁଳନାରେ ଭାରତୀୟମାନେ ଅଧିକ ଚାଇନିଜ୍ ସାମଗ୍ରୀ କିଣୁଛନ୍ତି। ଏହାର ଅନ୍ୟ ଅର୍ଥ ହେଉଛି ଚାଇନା ସାମଗ୍ରୀ ଜର୍ମାନ୍ କିମ୍ବା ଜାପାନୀ ଉତ୍ପାଦ କିମ୍ବା ତା'ର ଭାରତୀୟ ବିକଳ୍ପ ତୁଳନାରେ ଅଧିକ ଭଲ। ଉଭୟ ଭାରତୀୟ ଗ୍ରାହକ ଏବଂ ଚାଇନାର ଉତ୍ପାଦକମାନେ ଦ୍ୱିପାକ୍ଷିକ ବାଣିଜ୍ୟରୁ ଲାଭବାନ୍ ହୁଅନ୍ତି। ଯଦି ଭାରତ ଏକ ବିକଳ୍ପ ବ୍ୟବସ୍ଥା କରି ନ ପାରେ ଯେଉଁଥିରେ ସମାନ ଜିନିଷ ସମାନ ଦରରେ ଉତ୍ପାଦିତ ହୋଇପାରିବ, ତା'ହେଲେ ପରିସ୍ଥିତି ବଦଳିବ ନାହିଁ। ଆହୁରି ମଧ୍ୟ ଭାରତୀୟମାନେ ଚାଇନା କିମ୍ବା ଚାଇନାର ଉତ୍ପାଦକୁ ଭଲ ପାଆନ୍ତି ବୋଲି ଚାଇନା ଜିନିଷ କିଣନ୍ତି ନାହିଁ। ପ୍ରକୃତରେ ଭାରତରେ ଏହି ଦେଶ ପ୍ରତି ଯଥେଷ୍ଟ ଘୃଣାଭାବ ରହିଛି। କିନ୍ତୁ ଅର୍ଥନୀତି ସବୁବେଳେ ଅନ୍ୟ ବିଚାର ଅପେକ୍ଷା ପ୍ରାଧାନ୍ୟ ପାଇଥାଏ। ଅଧିକ ଭଲ ବିକଳ୍ପ ନ ଥିବାରୁ ଭାରତୀୟମାନେ ଚାଇନାର ଉତ୍ପାଦ କିଣୁଛନ୍ତି। ନିଜ ଦେଶର ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ଉତ୍ପାଦନ କରିବାର କ୍ଷମତା ଆମର ନାହିଁ। ସମାନ ମୂଲ୍ୟରେ ସମାନ ଜିନିଷ ଉତ୍ପାଦନ କରିବା ପାଇଁ ଆମର ଦକ୍ଷ ମାନବସମ୍ବଳ କିମ୍ବା ଏକ ଦକ୍ଷ ବ୍ୟବସ୍ଥା ନାହିଁ। ପୃଥିବୀର କୌଣସି ଦେଶ ସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ନୁହନ୍ତି। ଗୋଟିଏ ଉତ୍ପାଦ କିମ୍ବା ସେବା କିମ୍ବା ଅନ୍ୟ କିଛି ପାଇଁ ପ୍ରତ୍ୟେକ ଦେଶ ଅନ୍ୟ ଉପରେ ନିର୍ଭର କରେ। କେବଳ ରପ୍ତାନି ଏବଂ ଆମଦାନି ମଧ୍ୟରେ ଅନୁପାତ ଭିନ୍ନ ହୋଇଥାଏ। ଅତୀତ ତୁଳନାରେ ଆଜି ଭାରତ ପାଖରେ ୫୦୦ ବିଲିୟନ ଡଲାରର ବୈଦେଶିକ ମୁଦ୍ରା ରହିଛି, ଯାହାଦ୍ୱାରା ଏକ ବର୍ଷରୁ ଅଧିକ ସମୟ ପାଇଁ ବିଦେଶରୁ ଆବଶ୍ୟକ ସାମଗ୍ରୀ ଆମଦାନି କରାଯାଇପାରିବ। ଚାଇନା ସାମଗ୍ରୀ ଉପରେ ନିଷେଧାଦେଶ ଜାରି କରାଗଲେ ତାହା ଗରିବ ଭାରତୀୟଙ୍କୁ ଅଧିକ ପ୍ରଭାବିତ କରିବ କାରଣ ଭାରତ ଏକ ମୂଲ୍ୟ-ସମ୍ବେଦନଶୀଳ ବଜାର ଏବଂ ସମ୍ଭାବ୍ୟ ମୂଲ୍ୟବୃଦ୍ଧି ଦ୍ୱାରା ଗରିବ ଲୋକମାନେ ସବୁଠାରୁ ବେଶି ପ୍ରଭାବିତ ହେବେ। ଯଦି ଚାଇନା ସାମଗ୍ରୀକୁ ନିଷିଦ୍ଧ କରାଯାଏ ଧନୀ ଲୋକମାନଙ୍କର କିଛି ଅସୁବିଧା ହେବନାହିଁ କାରଣ ସେମାନେ ବିକଳ୍ପ ସ୍ୱରୂପ ଅଧିକ ମୂଲ୍ୟବାନ୍ ଜାପାନୀ କିମ୍ବା ଜର୍ମାନ୍ ଉତ୍ପାଦ କିଣିପାରିବେ। କିନ୍ତୁ ଯଦି ସରକାର ଦେଶର ଅତିଗରିବମାନଙ୍କ ପାଇଁ ଶସ୍ତା ଉତ୍ପାଦ ଉପଲବ୍ଧ କରାଇ ନ ପାରନ୍ତି ତେବେ ସେମାନଙ୍କ ଦୁଃଖର ସୀମା ରହିବ ନାହିଁ।

## ଆଜିର ଅର୍ଥନୀତି

## ଚିରନ୍ତନୀ

ଅନ୍ଧକାର
ଆସଇ ଧୀରେ
ଉଦାସ ତାର ଗତି
ଏ ଘରେ ଆଜି ଜଳିଲା ନାହିଁ ବତୀ !

(ସନ୍ଧ୍ୟା ପଥେ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 2 | A | | | | | | | | | 4 | C |
| D | | | | | C | A | 1 | | | | | | | 7 |
| | C | 8 | | | | | | | | 9 | | | | |
| 4 | | | | | 8 | | 2 | E | | | 1 | 9 | | 5 |
| | 5 | | | E | | | | 9 | B | | 3 | | 0 | |
| E | | | B | | | 3 | 8 | | | | | | | |
| 1 | | 0 | | 4 | | | | 6 | | | | 7 | | |
| A | 2 | 4 | 6 | | 9 | | | | | | D | 0 | E | |
| 5 | | | | 3 | | | E | | | | | | A | |
| | | | | | | C | D | 4 | | 7 | | | | |
| | A | | 8 | | E | | | 1 | | | | 3 | | |
| B | | | D | 9 | | | | | 6 | | 5 | | 1 | |
| | 6 | | 3 | | 1 | 7 | 0 | B | | | | | | E |
| | 8 | 9 | | | | | | 5 | | | 0 | | | |
| | | | C | 2 | | D | 4 | 3 | 9 | A | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 8 | 5 | 4 | 3 | C | 9 | A | 0 | B | D | 2 | E | 7 | 1 | 6 |
| 2 | B | D | 8 | 6 | 0 | C | E | 1 | 9 | A | 7 | 5 | 4 | 3 |
| 6 | 0 | 7 | 1 | A | 4 | 2 | 9 | 3 | 5 | 8 | C | D | B | E |
| E | 3 | A | B | 2 | 5 | 7 | 8 | D | 1 | 6 | 4 | 0 | C | 9 |
| 9 | 1 | C | 7 | D | E | 4 | 6 | 5 | 3 | 0 | B | 8 | 2 | A |
| 0 | C | 9 | 6 | 3 | B | 1 | D | 8 | 2 | 5 | A | 4 | E | 7 |
| 3 | 7 | 5 | E | 9 | 1 | 6 | 4 | 2 | C | B | D | A | 8 | 0 |
| A | 4 | E | 5 | 8 | 2 | 3 | C | 9 | 6 | 7 | 0 | B | D | 1 |
| D | 6 | 2 | 0 | 4 | A | E | B | 7 | 8 | 1 | 3 | C | 9 | 5 |
| B | 8 | 1 | C | 7 | D | 5 | A | 0 | 4 | E | 9 | 3 | 6 | 2 |
| C | A | 6 | 9 | B | 8 | D | 1 | E | 7 | 3 | 5 | 2 | 0 | 4 |
| 7 | 2 | B | 4 | E | 6 | 0 | 3 | C | A | 9 | 8 | 1 | 5 | D |
| 4 | 9 | 0 | 2 | 1 | 3 | 8 | 5 | A | B | D | 6 | E | 7 | C |
| 1 | E | 3 | D | 5 | C | B | 7 | 6 | 0 | 4 | 2 | 9 | A | 8 |
| 5 | D | 8 | A | 0 | 7 | 9 | 2 | 4 | E | C | 1 | 6 | 3 | B |

ଗତକାଲିର ଉତ୍ତର

# ଜିରୋ ବଜେଟ ଫାର୍ମିଂ ଓ ଅତୀତର ଚାଷ



ହାଡ଼ିବନ୍ଧୁ ଖଣ୍ଡୁଆଳ

ଚାଷ ଓ ଚାଷୀଙ୍କ ବହୁବିଧ ଉନ୍ନତି ପାଇଁ ୨୦୨୦-୨୧ ବଜେଟରେ ଅନେକ ସାମ୍ମୁଖ୍ୟରେ ଖର୍ଚ୍ଚର ବ୍ୟବସ୍ଥା କରାଯାଇଛି। ସେଥିରୁ ଗୋଟିଏ ସାମ୍ମୁଖ୍ୟ ହେଲା, 'ଜିରୋ ବଜେଟ ଫାର୍ମିଂ'। ଫୋକସ୍ କରାଯାଇଥିବା ଜିରୋ ବଜେଟ ଫାର୍ମିଂ ହେଲା– ସ୍ୱଳ୍ପ ଖତସାର, ସ୍ୱଳ୍ପ ଜଳ ଓ ସ୍ୱଳ୍ପ ବ୍ୟୟରେ ଗୁଣାତ୍ମକ ମାନର ଫସଲ ଉତ୍ପାଦନ କରିବା। ସରକାର ଉପଲବ୍ଧି କଲେଣି ଏବେ ଶସ୍ୟକ୍ଷେତ୍ରରେ ବ୍ୟବହୃତ ଅତ୍ୟଧିକ ରାସାୟନିକ ସାର ଓ କୀଟନାଶକ ବିଷାକ୍ତ ପଦାର୍ଥର କିଛି ଅଂଶ ଉତ୍ପାଦିତ ଶସ୍ୟରେ ବାହାରିଲାଣି। ଏପରି କି ଏ ଉତ୍ପାଦିତ ଶସ୍ୟ, ଫଳମୂଳ ଖାଇଥିବା ମା'ର କ୍ଷୀରରେ ବିଷାକ୍ତ ପଦାର୍ଥର ସନ୍ଧାନ ମିଳିଲାଣି, ଯାହା ମା'ଠାରୁ ଛୁଆର ଶରୀରରେ ପ୍ରବେଶ କଲାଣି। ଏବେ ଚାଷରେ ବ୍ୟୟବହୁଳ ରାସାୟନିକ ସାର, ବିଷାକ୍ତ କୀଟନାଶକ, କୃଷି ଯନ୍ତ୍ରପାତି ବ୍ୟବହାର କରି ଓ ଜଳସେଚନର ସୁବିଧା କରି ଏକର ପ୍ରତି ଉତ୍ପାଦନହାର (ପୂର୍ବର ଅଢ଼େଇ ଗୁଣ) ବଢ଼ାଯାଇଥିଲେ ମଧ୍ୟ ଚାଷଧନ୍ଦା କ୍ଷତିରେ ଚାଲୁଥିବାରୁ ଯୁବପିଢ଼ି ଚାଷ ପ୍ରତି ବିମୁଖ ହେଉଛନ୍ତି। ଅତୀତରେ ଚାଷୀଟିଏ ଫସଲରେ ଗୋବରଖତ ଦେଇ, ବର୍ଷାଜଳ ଉପରେ ନିର୍ଭର କରି, ସ୍ୱଳ୍ପ ବ୍ୟୟରେ, ସ୍ୱଳ୍ପ ହାରରେ ଫସଲ ଉତ୍ପାଦନ କରି, ଉତ୍ପାଦର ଗୁଣାତ୍ମକ ମାନ ରକ୍ଷା କରୁଥିଲା ଓ ଚାଷ ବେଶ୍ ଲାଭଜନକ ଧନ୍ଦା ଥିଲା। ସମାଜରେ ଚାଷୀଟିଏ ସମ୍ମାନର ସହ ବଞ୍ଚିପାରୁଥିଲା। ସେଥିପାଇଁ ପୂର୍ବେ ଚାଟଶାଳିରେ ପଢ଼ା ଯାଉଥିଲା– ''ଚାଷ ଅଛି ଯାହାର, କେତେ ସୁଖ ତାହାର, ଚାଷୀ ସିନା ଯୋଗାଉଛି ଦୁନିଆକୁ ଆହାର।'' ପୂର୍ବର ଚାଷ ଓ ଚାଷୀର ପ୍ରତିଷ୍ଠା ବିଷୟରେ ସଂକ୍ଷିପ୍ତ ଆଲୋଚନା କରିବା।

୧୯୫୫-୬୦ ମସିହା ବେଳର ଚାଷ ଓ ଚାଷୀ ବିଷୟରେ ଆଲୋକପାତ କରୁଛି। ସେତେବେଳେ ଜଣେ ଚାଷୀ କିମ୍ବା ଜଣେ ଚାଷ ଚାକର ଏକ ହଳ ବଳଦ ଓ ଲଙ୍ଗଳରେ ଚାଷ କରିପାରୁଥିଲା ୩ ହେକ୍ଟର (୭.୫ ଏକର) ଜମି। ଅଣଜଳସେଚିତ ୩ ହେକ୍ଟର ଜମିରୁ ଚାଷୀଟିଏ କେବଳ ଶାରଦ ଧାନଚାଷରୁ ଖର୍ଚ୍ଚ ବାଦ୍ କେତେ ଲାଭ ପାଉଥିଲା, ତା'ର ଏକ ସଂକ୍ଷିପ୍ତ ହିସାବ ଦେବା। ଧାନ ଅମଳ ପାଇଁ ଚାକରଟିଏକୁ ଲାଗେ ୧୨୦ ଶ୍ରମଦିବସ। ଧାନକଟା ଓ କିଆରିରେ ବାଲୁଙ୍ଗା ବଛା ସମୟରେ ବାହାର ମଜୁରିଆ ଆବଶ୍ୟକ ହୁଏ ଯଥାକ୍ରମେ ୨୩ ଓ ୧୫ଟା, ଯାହାର ଦୈନିକ ମଜୁରି ୧ ଟଙ୍କା ହିସାବରେ ଖର୍ଚ୍ଚ ହେଉଥିଲା ୩୮ ଟଙ୍କା। ଜଣେ ଚାଷ ଚାକର ବର୍ଷକୁ ଦରମା ନେଉଥିଲା ୧୨୦ ଟଙ୍କା ଓ ମୁନିବ ଘରେ ଭାତ, ଜଳଖିଆ, ପାନ ଖାଉଥିଲା ଓ ହଳେ ଧୋତି, ଗାମୁଛା ନେଉଥିଲା। ଏଥିପାଇଁ ମୁନିବକୁ ଖର୍ଚ୍ଚ କରିବାକୁ ପଡୁଥିଲା ୨୦୦ ଟଙ୍କା ଭିତରେ। ସୁତରାଂ ୧୨୦ ଦିନ ବା ୪ ମାସ ପାଇଁ ଚାକର ଖର୍ଚ୍ଚ ପଡୁଥିଲା ୧୦୭ ଟଙ୍କା। ୨୦୦ ଟଙ୍କାରେ ମିଳୁଥିବା ହଳେ ଦାମୁଡ଼ି, ନିର୍ବିଘ୍ନରେ ୭/୮ ବର୍ଷ ଚଷୁଥିଲା। ବଳଦ ଓ ତା'ର ଖାଦ୍ୟ କୁଣ୍ଡା ବାବଦକୁ ବର୍ଷକୁ ଖର୍ଚ୍ଚ ହେଉଥିଲା ୪୦ ଟଙ୍କା। ଚାଷ ଉପକରଣ ତିଆରି ଓ ମରାମତି କରୁଥିଲେ ଗ୍ରାମ୍ୟ ବଢ଼େଇ ଓ କମାର। ସେମାନେ ବାର୍ଷିକ ବର୍ତ୍ତନ ହଳ ପିଛା ନେଉଥିଲେ ଗୌଣିଏ ହିସାବରେ ଦୁଇ ଗୌଣି ଧାନ, ଯାହାର ଦାମ୍ ଥିଲା ୨ ଟଙ୍କା। ଏହିପରି ଚାଷରେ ସର୍ବମୋଟ ଖର୍ଚ୍ଚ ହେଉଥିଲା (୧୦୭+୩୮+୪୦+୨) ୧୮୭ ଟଙ୍କା। ସେତେବେଳେ ଏକରକୁ ଧାନ ଉତ୍ପନ୍ନ ହେଉଥିଲା ୬ କୁଇଣ୍ଟାଲ (ଏବେ ଏକରକୁ ୧୫ କୁଇଣ୍ଟାଲ) ଏବଂ ସେହି ହିସାବରେ ୭.୫ ଏକରରୁ ମିଳୁଥିଲା ୪୫ କୁଇଣ୍ଟାଲ। ଧାନ କୁଇଣ୍ଟାଲ ୩୫ ଟଙ୍କା ହିସାବରେ ଉତ୍ପନ୍ନ ଧାନର ମୂଲ୍ୟ ଥିଲା ୧,୫୭୫ ଟଙ୍କା। ସୁତରାଂ ଜମିରୁ ନିଟ୍ ଲାଭ ମିଳୁଥିଲା (୧୫୭୫-୧୮୭) ୧,୩୮୮ ଟଙ୍କା। ସେତେବେଳେ ସୁନା ଭରି (୧୦ ଗ୍ରାମ୍) ଦାମ୍ ଥିଲା ୧୦୦ ଟଙ୍କା। ସୁତରାଂ ୩ ହେକ୍ଟର ଚାଷ କରିଥିବା ଚାଷୀଟିଏ କେବଳ ଏକ ଫସଲ ଧାନ ଚାଷରୁ ଲାଭ ପାଉଥିଲା ୧୪ ଭରି ସୁନା (ବର୍ତ୍ତମାନ ଦାମ୍ ୫,୮୮,୦୦୦ ଟଙ୍କା)। ଧାନରୁ ଆୟ ସାଙ୍ଗକୁ ଚାଷୀଟି ମୁଗ, ବିରି, କୋଳଥ, ମାଣ୍ଡିଆ, ଫେଶୀ, ସୋରିଷ, ବାଦାମ, ଟମାଟୋ, ଗୋଲାଆଳୁ, ଦେଶୀଆଳୁ, ସାରୁ, ପିଆଜ, ନଳିତା, କୋବି ଇତ୍ୟାଦି ଅର୍ଥକରୀ ଫସଲ ଉତ୍ପନ୍ନ କରୁଥିଲା ହଳଲଙ୍ଗଳରେ। ମାଟିରେ ଗୋବରଖତ ଦେଇ ଫଳାଇ ପାରୁଥିଲା କଖାରୁ, କଲରା, ଲଙ୍କା, ଛଚିନ୍ଦ୍ରା, ଶାଗ, ବାଇଗଣ, କଦଳୀ, ଭେଣ୍ଡି, ଜହ୍ନି ଇତ୍ୟାଦି। ନଈ, ନାଳ, ପୋଖରୀ, ପାଟରୁ ମିଳୁଥିଲା ଆବଶ୍ୟକ ମାଛ। ଗୋରୁଗାଈଙ୍କ ଗୋବର ଘଷି, ଲୁଣ୍ଡା ଓ ଛଣକୁଟାରୁ ଚାଷୀ ପରିବାର ପାଉଥିଲା ବର୍ଷକର ଜାଳେଣି। ଖରିଫ୍ ଧାନ ବାହାରେ ଏସବୁରୁ ଚାଷୀ ପାଉଥିଲା ପ୍ରାୟ ଏକ ହଜାର ଟଙ୍କାର ଆୟ ଯାହା ୧୦ ଭରି ସୁନା ସହ ସମାନ। ଚାଷରୁ ସେତେବେଳେ ଏତେ ଲାଭ ମିଳୁଥିଲା ବେଳେ, ଏବେ କେନ୍ଦ୍ର ସରକାର ଫୋକସ୍ କରୁଛନ୍ତି ପୂର୍ବପରି ଗୋବର ଖତ ଓ କମ୍ ପାଣିରେ ଜିରୋ ବଜେଟ ଫାର୍ମିଂ ପାଇଁ, ଯେଉଁଥିରୁ ବିନା ଲାଭକ୍ଷତିରେ ଗୁଣାତ୍ମକ ମାନର ଫସଲ ଉତ୍ପାଦନ ହେବ।

ସେତେବେଳେ ଚାଷୀର ସାମାଜିକ ସ୍ଥିତି ବିଷୟରେ ଆଲୋକପାତ କରିବା। କୁହାଯାଉଥିଲା ଚାଷୀର ହାତଟେକା ଚାଉଳ ଓ ଉତ୍ପାଦରେ ୩୬ ପାଟକ ପ୍ରତିପାଳିତ ହେଉଥିଲେ। ଚାଷୀର ଦାଣ୍ଡକୁ ବେପାରୀମାନେ ଆସନ୍ତି ଲୁଣ, ମାଛ, ଶୁଖୁଆ, ଆମ୍ବ, ପଣସ, କୋଳି, ଆଚାର ନେଇ ଓ ଚାଷୀଘରୁ ଚାଉଳ ନିଅନ୍ତି। କୁମ୍ଭାର ମାଟିର ହାଣ୍ଡି ମାଠିଆ ଆଣି ଚାଉଳ ଅଥବା ହାଣ୍ଡି ପୋଡ଼ିବାକୁ ଚାଷୀର ଛଣ ନିଏ। ଚାହାଳିର ଅବଧାନ ଚାଷୀ କ୍ଷେତକୁ ଆସି ହଳା ମାଗି ନିଅନ୍ତି। ଗାଁ ଦାଣ୍ଡରେ ବୁଲି ବୁଲି ଚାଉଳ ସଂଗ୍ରହ କରୁଥିଲେ ଚକୁଳିଆ ପଣ୍ଡା, ଭାଟ, ଘଣ୍ଟୁଆ, ପାଟୁଆ ଓ ସବାଖିଆ କେଳା। ଚକୁଳିଆ ପଣ୍ଡା ନୀତିବାଣୀ ଶୁଣାନ୍ତି ସରଳ ଓଡ଼ିଆ ଭାଷାରେ ଓ ଭାଟ ଶୁଣାନ୍ତି ସଂସ୍କୃତ ଭାଷାରେ। ପାଟ ପିନ୍ଧି ପାଟୁଆ ଦାଣ୍ଡରେ ନୃତ୍ୟ କରେ। ଠାକୁରାଣୀଙ୍କ ଚଳନ୍ତି ପ୍ରତିମା ଓ ପାଦୁକ ଧରି ଗ୍ରାମ ଦାଣ୍ଡରେ ଘଣ୍ଟ ବଜାଇ ରଣପା ନୃତ୍ୟ କରନ୍ତି ଘଣ୍ଟୁଆ। ପ୍ରତି ଘରର ପିଲାମାନେ ଗିନାରେ ଚାଉଳ ଆଣି ଠାକୁରାଣୀଙ୍କ ପାଦୁକ ନେଉଥିଲେ। ପାଟୁଆ ପାଟ ପିନ୍ଧି ଦାଣ୍ଡରେ ବିଭିନ୍ନ ଭଙ୍ଗିରେ ନାଚ କରି ଚାଉଳ ନିଏ। ଚାଷୀର ଦାଣ୍ଡ ଦୁଆରକୁ ଆସି, ଚାଷୀ ପରିବାର ପାଇଁ ଶୁଭ ମନାସି ଗୀତ ଗାଇ ଚାଉଳ ଭିକ୍ଷା କରନ୍ତି ଯୋଗୀ ଭିକାରୀ। ଚାଷୀର ଅଗଣା ବା ଦୁଆରକୁ ପଶି ଦୁଆର ପଡ଼ି ଚାଉଳ ନିଅନ୍ତି ମଠର ଯୋଗୀ ବାବାଜି। ପ୍ରାଥମିକ ବିଦ୍ୟାଳୟର ଶିକ୍ଷକଙ୍କ ଦୈନିକ ଭୋଜନ ପାଇଁ ଗ୍ରାମବାସୀ ପାଳି କରି ପଠାନ୍ତି ଚାଉଳ, ଡାଲି, ପନିପରିବା ଓ ଜଳଖିଆ। ପିଲାମାନେ ପ୍ରତିଦିନ ବିଦ୍ୟାଳୟକୁ ନିଅନ୍ତି ମୁଠି ଚାଉଳ। ବିଭା, ବ୍ରତ, ଶ୍ରାଦ୍ଧ ଓ ପୂଜା କର୍ମରେ ଚାଷୀର ଘରକୁ ଆମନ୍ତ୍ରିତ ହୋଇ ଆସନ୍ତି ପୁରୋହିତ। ସେ ଯଜମାନଙ୍କୁ (ପରିବାରକୁ) ଆଶୀର୍ବାଦ କରି, ନୀତିବାଣୀ ଶୁଣାନ୍ତି ଓ ହୋମ ଯଜ୍ଞାଦି କରନ୍ତି। ଚାଷୀ ପରିବାର ତାଙ୍କୁ ଜଳଖିଆରେ ଆପ୍ୟାୟିତ କରନ୍ତି ଓ ଚାଷର ଉତ୍ପାଦ ଚାଉଳ, ଡାଲି, ପନିପରିବା ସାଙ୍ଗକୁ ଦାନ ଦକ୍ଷିଣା ଦିଅନ୍ତି।

ଚାଷୀ ଘରେ ପାଳିତ ହୁଏ କୃଷିଭିତ୍ତିକ ପର୍ବପର୍ବାଣି। ସେଗୁଡ଼ିକ ହେଲା– ଅକ୍ଷୟ ତୃତୀୟା, ସାବିତ୍ରୀ ବ୍ରତ, ରଜ, ଗହ୍ମାପୂନେଇ, ଚିତଉ ଅମାବାସ୍ୟା, ମାଣବସା, ଶାମ୍ବ ଦଶମୀ, ବଉଳ ଅମାବାସ୍ୟା, ପୁଷ୍ ପୂନେଇ, ମକର ସଂକ୍ରାନ୍ତି, ଧନୁ ସଂକ୍ରାନ୍ତି, ପଣା ସଂକ୍ରାନ୍ତି ଇତ୍ୟାଦି। ସେ ସମୟରେ ବନ୍ଧୁବାନ୍ଧବଙ୍କ ଭାର ବେଭାର ସାଙ୍ଗକୁ ଚାଷୀ ପରିବାରରେ ପିଠାପଣା, ଉଖୁଡ଼ା, ମୁଆଁ, ଖଇ ମୁଢ଼ି, ନଡ଼ିଆ, ଆମ୍ବ, ପଣସ, କଦଳୀର ଆସର ଜମୁଥିଲା। ପ୍ରତି ପର୍ବରେ ଗୃହ ମାଲିକାଣୀ ଘରର ଚାକର ଓ ମୂଲିଆ ପରିବାର ପାଇଁ ପାଚିଆ, ଡାଲାଭରା ପିଠା, ଉଖୁଡ଼ା, ମୁଆଁ, ଖଇ, ମୁଢ଼ି ଟେକି ଦେଉଥିଲା। ଚାଷୀ ଘରେ ବିବାହବ୍ରତ, ଜନମ ମରଣ, ଘରକୁ ବୋହୂ ଅଣା ଓ ଅଷ୍ଟମ ପ୍ରହରୀ ଧାର୍ମିକ କାର୍ଯ୍ୟରେ ଏ ସମସ୍ତଙ୍କୁ ମାଲିକାଣୀ କଂସା କଂସା ଭୋଜି ଭାତ, ଡାଲି, ତରକାରି ଓ ଖିରି ଅଜାଡ଼ି ଦେଉଥିଲା। ପିଠାପଣାରେ ନିଜ ଉତ୍ପାଦ ମୁଗ, ଫେଶୀ, ମାଣ୍ଡିଆ, ନଡ଼ିଆପୁରର ମଣ୍ଡା ସାଙ୍ଗକୁ ପୋଡ଼ପିଠା ଓ ତାଳପିଠା ମହକରେ ଗ୍ରାମ ମହକୁଥିଲା।

ଚାଷୀର ଅତୀତ ଗୌରବକୁ ସ୍ମରଣ କରି ଏବେ ଚାଷୀ ସଙ୍ଗଠନଗୁଡ଼ିକ ଆନ୍ଦୋଳନ କରୁଛି ଚାଷୀ ପାଇଁ ପ୍ରାଇସ୍ (ଉତ୍ପାଦର ଉପଯୁକ୍ତ ମୂଲ୍ୟ), ପ୍ରେଷ୍ଟିଜ୍ (ସମାଜରେ ସମ୍ମାନ) ଓ ପେନ୍‌ସନ୍ (ପରିଣତ ବୟସରେ ଚାଷୀ ଭତ୍ତା)ର ବ୍ୟବସ୍ଥା କରାଯିବାକୁ।

୨୨୪୮, କୋଟିତୀର୍ଥ, ଭୁବନେଶ୍ୱର,
ମୋ: ୭୦୦୮୮୪୬୨୭୨

# ତେଲ: ଦର ବଢ଼ିଲେ ଭଲ



ଡ. କୁଳାଙ୍ଗାର

ଇନ୍ଧନ ବା ତେଲ ଦର ବୃଦ୍ଧି ପାଇବା ମାତ୍ରେ ଆମ ମନରେ ନାନା ନକାରାତ୍ମକ ଚନ୍ତାଧାରା ଧସେଇ ପଶିଥାଏ। ଧେତେରିକା ଏ ସରକାର ବି କୋଉ କାମକୁ ନୁହଁ ବୋଲି କିଏ ପାଟିଫିଟେଇ ଆଉ କିଏ ମନକୁ ମନ ଚିତ୍କାର କରିଥାଆନ୍ତି। ଆଉ ପାହୁଣ୍ଡେ ଆଗେଇ ଯାଇ କେହି କେହି ଭୋଟରେ ତମକୁ ଦେଖିନେବୁ ବୋଲି ସମ୍ବୋଧନ କରି ସରକାର ସହ ମଧୁର ସମ୍ପର୍କ ଯୋଡ଼ିଥାଆନ୍ତି। ଏପରି ହେବା ମଧ୍ୟ ସ୍ୱାଭାବିକ କାରଣ ଆଜି ତାରିଖରେ ଆମେମାନେ ଗାଡ଼ିବିନା ଅଗାଡ଼ି। ଆଉ ସେଇ ଗାଡ଼ି ଗଡ଼ିବା ପାଇଁ ଦର୍କାର ତେଲ। ତେଲ ପାଇଁ ଦର୍କାର ଟଙ୍କା। ଟଙ୍କା ଦେବାକୁ କିଏ ବା ସୁଖ ପାଏ ?

ତେଣୁ ତେଲ ପାଇଁ ଅଧିକ ଟଙ୍କା ଦେବାକୁ ପଡ଼ିବ ବୋଲି ଶୁଣିବା ମାତ୍ରେ ମଣିଷମାନେ ଚିହିଁକି ଉଠନ୍ତି। ବିଭିନ୍ନ ଦେଶରେ ତେଲ ଅର୍ଥାତ୍ ପେଟ୍ରୋଲ, ଡିଜେଲର ଦର କେତେ ଅଛି ତାହାର ତାଲିକା କରି ଦେଖ ଆମକୁ କେମିତି ସରକାର ଲୁଟୁଛନ୍ତି ବୋଲି ବିଭିନ୍ନ ମାଧ୍ୟମରେ ଏହାର ପ୍ରଚାର କରନ୍ତି। ତେଲ ଦର ବୃଦ୍ଧିକୁ ରୋକି ନ ପାରିଲେ ସରକାର ଏକରକମ ବେଜିତ ହୋଇଥାଏ।

ମାସିକ ବା କିଛିମାସ ଅନ୍ତରରେ ଏକାବେଳକେ ଅଧିକ ତେଲଦର ବଢ଼ିଲେ ଗ୍ରାହକମାନେ ଆନ୍ଦୋଳନ କରିବେ। ଏଥକୁ ବିକଳ୍ପ ଉପାୟ ସ୍ୱରୂପ ତେଲକମ୍ପାନୀମାନେ ଦୈନିକ ତେଲଦରକୁ ଅଳ୍ପଅଳ୍ପ ଉଠାପକା କଲେ। ଉପରକୁ ଉଦ୍ଦେଶ୍ୟ– ବିଶ୍ୱ ବଜାର ସହିତ ତାଳଦେଇ ହିସାବ ହେବ। ଭିତିରି ଉଦ୍ଦେଶ୍ୟ– ପ୍ରତିଦିନ କିଛି ପଇସା କମ୍‌ବେଶି ହେଲେ କାହା ଦୃଷ୍ଟିରେ ପଡିବନି। ସେଥିରେ ମଧ୍ୟ ତେଲ କମ୍ପାନୀମାନଙ୍କର ବୁଦ୍ଧି ଫେଲ୍ ମାରିଲା। ଦର ବଢ଼ିବଢ଼ି ଏମିତି ନାକୁଆଣୀ ହେଲା ଯେ, ଲୋକେ ଅଣନିଃଶ୍ୱାସୀ ହେଲେ।

ତାକୁ ତ ଆପଣ ଜାଣନ୍ତି, ସିଏ ସେଇ ହାତଗଣତି ଲୋକଙ୍କ ଭିତରୁ ଜଣେ, ଯିଏ ତେଲଦର ବୃଦ୍ଧିପାଇଲେ ଖୁସି ହୁଏ। ଗାଡ଼ି ତେଲର ଦରର ଖାଇବା ତେଲଦର ସହ ସମାସ୍କନ୍ଦ ହୋଇଯାଇଛି ଶୁଣି ଆହୁରି ଖୁସି ହେଲା। କାରଣ ସିଏ ସରକାରୀ କମ୍ପାନୀ ବସ୍‌ରେ ଆଜିକାଲି ଚଲାଉଛି। ପେଟ୍ରୋଲ, ଡିଜେଲ ଆଦି ତେଲର ଦରବୃଦ୍ଧି ଖବର ପାଇ ସିଏ ଖୁସିମନରେ ଘରକୁ ଫେରିଲା ଏବଂ ତା'ର କଲେଜପଢୁଆ ଝିଅକୁ ଡାକି କହିଲା– ବୁଝିଲୁ ଝିଅ, ତୋ' ବାପା ତେଲ ଖାଉଛି ବୋଲି ଏଥର ଯଦି କିଏ କହିଲା ତେବେ ତୁ ଆଦୌ ଚିଡ଼ିବୁନି। କାରଣ ଏବେ ଖାଇବା ତେଲଦର ଯେତିକି, ପୋଡ଼ିବା ତେଲଦର ବି ସେତିକି! ତେଣୁ ମୁଁ ତେଲ ଖାଉଛି ତ ସଂସାର ଯାକ ଖାଉଛନ୍ତି ନା!

ତା' କଥା ଶୁଣି ବାତେରା ପୁଅ କହିଲା– ତା'ହେଲେ ତମେ ବି ମୋତେ ଆଉ ମଦୁଆ ବୋଲି ଗାଳି କରିବନି କାରଣ ଏବେ ତେଲ ବୋତଲ ଯେତିକି ଟଙ୍କା ବିୟର ଟିଣଟା ବି ସେତିକି ଟଙ୍କା।

ପୁଅ କହିଲା– ବାପା ତମେ ତେଲଦର ବଢ଼େଇ ଏତେ ଲୋକଙ୍କର କ୍ଷତି କରୁଥିବା ସରକାର ଉପରେ ଖୁସି ହେଉଛ ଆଉ ମୁଁ କେତେବେଳେ କେମିତି ବିୟରଟେ ପିଇଦେଲି ବୋଲି ମୋ ଉପରେ ଗରଗର! ସିଏ କହିଲା– ରାଗିବିନି! ହେରେ ଟୋକା ତୁ କୁଆଡୁ ଜାଣିବୁ ଯେ ତେଲଦର ବଢ଼େଇବା ଦ୍ୱାରା ସରକାରୀ ତେଲ କମ୍ପାନୀଏ ଆମ ଦେଶର କେତେ ମଙ୍ଗଳ କରୁଛନ୍ତି? ପୁଅ ପଚାରିଲା– ଟିକେ କହୁନ ମୁଁ ଶୁଣେ! ସିଏ କହିଲା– ଦେଖ୍ ତୋ'ଠୁ ଆରମ୍ଭ କରୁଛି। ତେଲଦର ବଢ଼ିବା ପ୍ରଭାବରେ ମଦ ସମେତ ଅନ୍ୟସବୁ ସାମଗ୍ରୀର ଦର ମଧ୍ୟ ବୃଦ୍ଧି ପାଉଛି। ତେଲଦର ବଢ଼ିବାର ଦୁଃଖରେ ଆଉ ଘରଖର୍ଚ୍ଚ ସମ୍ଭାଳିବା ଚାପରେ ଖର୍ଚ୍ଚକାଟ କରିବା ପାଇଁ କେତେ ମଦୁଆ ମଦ ପିଇବା କମେଇ ଦେଉଛନ୍ତି।

ଝିଅ ପଚାରିଲା– ବାପା, ତମେ କ'ଣ ଖାଲି ଗୋଟେ ମଦୁଆ ପୁଅର ବାପା ? ସିଏ କହିଲା– ନାଇଁ ଲୋ ନାଇଁ। ମୁଁ ତ ତେଲଦର ବୃଦ୍ଧି ପାଇବା ଦ୍ୱାରା ତୁ ବେଶି ସୁରକ୍ଷିତ ରହିବୁ ବୋଲି ମନେମନେ ଭାରି ଖୁସି ହୁଏ। ଝିଅ ପଚାରିଲା– ବାପା, ତେଲଦର ବଢ଼ିଲେ ମୁଁ କେମିତି ସୁରକ୍ଷିତ ରହିବି? ସିଏ ଭାବପ୍ରବଣ ହୋଇ କହିଲା– ଝିଅଲୋ ଖାଲି ତୁ ନୁହେଁ ତୋ ପରି କେତେ ଝିଅ ଯୌତୁକ ଯୁଇରେ ପୋଡ଼ା ହୋଇ ମରିବାରୁ ରକ୍ଷା ପାଇଯିବେ। ଏତେ ଗୁଡ଼ାଏ ଟଙ୍କା ଦେଇ ପେଟ୍ରୋଲ କିଣି ପୋଡ଼ାମୁହଁଟାକୁ କାହିଁକି ପୋଡ଼ିବାକୁ ଯିବି ବୋଲି ଭାବି ଅନେକେ ବଧୂହତ୍ୟାରୁ ଦୂରେଇ ରହିବେ।

ଝିଅ କହିଲା– ବାପା, ତମର ସବୁବେଳେ ଖାଲି ମୋର ବାହା ଚିନ୍ତା। ମୁଁ କ'ଣ ଏବେ ବୁଢ଼ୀ ହୋଇଗଲିଣି କି? ସିଏ ଉତ୍ତର ଦେଲା– ବୁଢ଼ୀ ନ ହେଲା ଯାଏ ତ ମୋର ଚିନ୍ତା, ଯାହା କି ତେଲଦର ବଢ଼ିବା ଦ୍ୱାରା ସାମାନ୍ୟ ଲାଘବ ହୋଇଥାଏ। ଦେଖ୍ ତେଲଦର କମ୍ ଥିଲେ ବାପାମାନେ ପୁଅମାନଙ୍କୁ ଟାଙ୍କିରେ ତେଲ ପକେଇ ପୁତ୍ରମଣିଙ୍କୁ ବାଇକ୍ ଚାବି ଧରେଇ ଦିଅନ୍ତି। ତା' ପରେ ପୁଅମାନେ ବାଇକ୍ ଧରି ତମମାନଙ୍କ ପଛରେ ପଡ଼ନ୍ତି। ତମେମାନେ ଯାହାର ତପସ୍ୟା ବା ସାଧନାରେ ସନ୍ତୁଷ୍ଟ ହୁଅ ତା' ବାଇକ୍ ପଛରେ ବସିଯାଅ। କେତେ ଜାଗା ଯାଅ, କେତେ ସମୟ କଟାଅ। କେବେକେବେ ଭାଇରାଲ୍ ଭିଡିଓ ଶୁଟିଂ କର। ଆଉ ତା' ପରେ ମୋ ପରି ମାଆବାପାଙ୍କର ନାମ ଉଜ୍ଜ୍ୱଳ କର। ତେବେ ତେଲଦର ବଢ଼ିଲେ ଏ ଧନ୍ଦା ସାମାନ୍ୟ କମେ।

ଝିଅ କହିଲା– ହୁଁ..ସମସ୍ତେ କ'ଣ ସମାନ? ତେଲଦର ବଢ଼ିଲେ ବି ତ ଅନେକ ପୁଅ ବାଇକ୍ ଆଣୁଛନ୍ତି। ସିଏ କହିଲା– ସେଥିରୁ ଦଳେ ଗାଡ଼ିଚଢ଼ା ଅଭ୍ୟାସକୁ ବଜାୟ ରଖିବା ପାଇଁ ଚୋରି କରୁଛନ୍ତି। ପୋଲିସ ହାତରେ ଧରାପଡ଼ି ଛେଚା ଖାଉଛନ୍ତି। ଆଉ କେତେ ମାସମାସ ଧରି ଜେଲ୍‌ରେ ରହୁଛନ୍ତି। ଝିଅ କହିଲା– ବାପା ଏଇଟା ଅନ୍ୟାୟ, ଖାଲି ଆମ ପୁଅଝିଅଙ୍କର କଥା ତମକୁ ଦିଶୁଛି। ସିଏ କହିଲା– ନାଇଁ, ତେଲଦର ବଢ଼ିବା ଦ୍ୱାରା ଲୋଭୀ ଲୋକେ ହିସାବ କରି ପୂର୍ବାପେକ୍ଷା କମ୍ ଗାଡ଼ି ଚଳାଉଛନ୍ତି। ଫଳରେ ସାମଗ୍ରିକ ଭାବରେ ପ୍ରଦୂଷଣ କମୁଛି। ଦୁର୍ଘଟଣା କମୁଛି। ଗାଡ଼ିରେ ଯିବା ବଦଳରେ ଲୋକେ ଚାଲିଚାଲି ଯିବା ଫଳରେ ବ୍ୟାୟାମ ହେବା ସହ ଶରୀର ସୁସ୍ଥ ରହୁଛି। ଗାଡ଼ି ଧରିଥିଲେ ଚୁଙ୍ଗୁଚୁଙ୍ଗୁ ହେଉଥିବା ମଣିଷ ଏହାଦ୍ୱାରା ସ୍ଥିତପ୍ରଜ୍ଞ ପାଲଟୁଛି।

ଝିଅ ପଚାରିଲା– ସେତିକି ନା ଆଉକିଛି ଲାଭ ହେଉଛ? ସିଏ କହିଲା– ସବୁଠୁ ବେଶି ଲାଭ ହେଉଛି ତେଲ କମ୍ପାନୀମାନଙ୍କର। ସେମାନେ ଏଥିରୁ ଲାଭ କମେଇ ବଡ଼ବଡ଼ ହୋର୍ଡିଂ ଲଗାଇ ପାରୁଛନ୍ତି। ଟିଭି, ଖବରକାଗଜରେ ରଙ୍ଗିନ ବିଜ୍ଞାପନ ଛାପୁଛନ୍ତି। ବହୁ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ପ୍ରାୟୋଜକ ସାଜୁଛନ୍ତି। କେତେ ସଭାସମିତି ଆୟୋଜନ କରି ନେତାମନ୍ତ୍ରୀଙ୍କୁ ଲୋକଙ୍କ ସହିତ ଯୋଡ଼ିବାରେ ସହାୟକ ହେଉଛନ୍ତି। ଝିଅ କହିଲା– ତା' ମାନେ ତେଲଦର ଯେବେ ସୁନା ଦରକୁ ଟକ୍କର ଦେବ, ଆମ ଦେଶଟା ସୁନା ହୋଇଯିବ ଜାଣ। ସିଏ ମୁଣ୍ଡ ଟୁଙ୍ଗାରି କହିଲା– ହଁ ହଁ... ଠିକ୍ ଠିକ୍!!

ମୋ– ୯୩୩୮୫୮୧୩୦୯

## ଏଇ ଭାରତରେ

ସକାଳୁ ଉଠି ମହମ୍ମଦ ଆବାଦ ଅଟୋ ନେଇ ବାହାରି ଯାଉଛନ୍ତି ଲୋକସେବା ପାଇଁ। ରାଜସ୍ଥାନ ଛୁରୁ ଜିଲା ସୁଜାନଗଡ଼ ନିବାସୀ ଆବାଦ ଅଟୋରେ ଲୋକମାନଙ୍କୁ ନେଉନାହାନ୍ତି ବରଂ ନେଉଛନ୍ତି ପାଣି। ସହରର ଜନଗହଳି ସ୍ଥାନରେ ମାଗଣାରେ ଲୋକମାନଙ୍କୁ ଥଣ୍ଡା ଫିଲ୍‌ଟର ପାଣି ପିଇବାକୁ ଦେଉଛନ୍ତି। ଆବାଦ ସୌରଶକ୍ତିଚାଳିତ ଅଟୋକୁ ଚଳନ୍ତି ପାଣିଟାଙ୍କି କରିଦେଇଛନ୍ତି ଓ ଏହାର ନାମ ଦେଇଛନ୍ତି 'ଶୁଦ୍ଧ ଫିଲ୍‌ଟର ପାଣି'। ଏହାକୁ ସେ 'ୱାଟର ହଟ୍' ବି କହନ୍ତି। ଆବାଦଙ୍କୁ ବର୍ତ୍ତମାନ ବୟସ ୪୮। ସେ ଏହି ସେବା ଗତ ୫ ବର୍ଷ ହେବ କରି ଆସୁଛନ୍ତି। ସକାଳ ୬ରୁ ପାଣି ନେଇ ବାହାରି ଯାଆନ୍ତି ଓ ଫେରନ୍ତି ସନ୍ଧ୍ୟାରେ। ପ୍ରତିଦିନ ତାଙ୍କ ୱାଟର ହଟ୍‌ରୁ ପାଖାପାଖି ୩,୦୦୦ ଲୋକ ପାଣି ପିଉଛନ୍ତି ବୋଲି କହନ୍ତି ଆବାଦ। ସରକାରୀ ଅଫିସ, ଡାକ୍ତରଖାନା ଓ କୋର୍ଟ ପାଖରେ ୩୦ ମିନିଟ୍ ପାଖାପାଖି ରହନ୍ତି। ଏହାପରେ ପରିବା ହାଟ, ବସ୍‌ଷ୍ଟାଣ୍ଡ ଓ ରେଲୱେ ଷ୍ଟେଶନ୍‌କୁ ଯାଇଥାନ୍ତି। ସେ ଅଟୋରେ ୱାଟର ଟ୍ୟାଙ୍କର, କୁଲର୍ ଓ ୫୦୦ ୱାଟ୍ ସୋଲାର ପ୍ୟାନେଲ ଲଗାଇଛନ୍ତି। ପିଇବା ପାଣି ଦେବାରେ ସେ ଦୈନିକ ୨,୦୦୦ ହିସାବରେ ମାସକୁ ୬୦ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। ଆର୍‌ଓ ପ୍ଲାଣ୍ଟରୁ ପାଣି ଆଣୁଛନ୍ତି। ଏହି କାର୍ଯ୍ୟରେ ପରିବାରର ସହଯୋଗ ମଧ୍ୟ ରହିଛି। ତାଙ୍କ ତିନି ପୁଅ ଚାକିରି କରିଛନ୍ତି ଓ ଆର୍ଥିକ ସହଯୋଗ କରିଆସୁଛନ୍ତି। ଲୋକାମାନେ ବି ଏଥିପାଇଁ ଦାନ କରୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୨୬ ଜୁନ୍ ୧୯୯୫

- ଦକ୍ଷିଣ ଆଫ୍ରିକାର ୧୪ ବର୍ଷ ବୟସ୍କା ସ୍କୁଲଛାତ୍ରୀ ଲି. ଡିଭିଲିୟର୍ସ ଷ୍ଟେରଏଡ୍ ନିଶାଦ୍ରବ୍ୟ ବ୍ୟବହାର କରିଥିବା କାରଣରୁ ତାଙ୍କୁ ୪ ବର୍ଷ ପାଇଁ ସମସ୍ତ ଆଥଲେଟିକ୍ ଇଭେଣ୍ଟରୁ ନିଷିଦ୍ଧ ଘୋଷଣା କରାଯାଇଛି।
- ନରସିଂହ ରାଓ ସରକାର ବିରୁଦ୍ଧରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯାଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ କେ.କେ. ତିୱାରୀଙ୍କ ସମେତ ଅନେକ ନେତା ସ୍ୱେଚ୍ଛାରେ ଗିରଫ।
- ଜଗତ୍‌ସିଂହପୁର ଜିଲାର ତିର୍ତ୍ତୋଲଠାରେ ଥିବା ଏକମାତ୍ର ଶାରଳା ସମବାୟ ସୂତାକଳ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ।

# ପାଠକ ଶ୍ରେଷ୍ଠ ବିଚାରକ

### ସାମାଜିକ ଦୂରତ୍ୱ ରଖି କୋଚିଂ ସେଣ୍ଟର ଖୋଲାଯାଉ

ମହାଶୟ,

ଲକ୍‌ଡାଉନ୍ ଯୋଗୁ ତିନି ମାସରୁ ଊର୍ଦ୍ଧ୍ୱ ସମୟ ଧରି ରାଜ୍ୟରେ ବିଭିନ୍ନ ଛୋଟବଡ଼ କୋଚିଂ ସେଣ୍ଟର ବନ୍ଦ ରହିଛି। ଫଳରେ ଉଭୟ ଶିକ୍ଷକ ଏବଂ ଛାତ୍ରୀଛାତ୍ର ପ୍ରଭାବିତ ହୋଇଛନ୍ତି। କେତେକ କୋଚିଂ ସେଣ୍ଟର ଦ୍ୱାରା ଅନ୍‌ଲାଇନ୍ ଶିକ୍ଷା ବ୍ୟବସ୍ଥା ଆରମ୍ଭ କରାଯାଇଥିଲେ ବି ତାହା ସବୁ ଛାତ୍ରୀଛାତ୍ରଙ୍କ ନିକଟରେ ପହଞ୍ଚି ପାରୁନାହିଁ। ଲକ୍‌ଡାଉନ୍ ଯୋଗୁ କୋଚିଂ ସେଣ୍ଟରର ଶିକ୍ଷକମାନେ ସେମାନଙ୍କ ମାସିକ ପ୍ରାପ୍ୟରୁ ବଞ୍ଚିତ ହୋଇଛନ୍ତି। ଫଳରେ ସେମାନଙ୍କର ଆର୍ଥିକ ଅବସ୍ଥା ଉତ୍କଟ ହେବାରେ ଲାଗିଛି। ଯଦିଓ ଏହି ସମୟରେ କୋଚିଂ ସେଣ୍ଟର ଖୋଲିବା ସମ୍ଭବ ନୁହେଁ, ତଥାପି ମାସ୍କ, ସାନିଟାଇଜର ବ୍ୟବହାର କରି ଏବଂ ସାମାଜିକ ଦୂରତ୍ୱ ରକ୍ଷାକରି କୋଚିଂ ସେଣ୍ଟରଗୁଡ଼ିକୁ ଖୋଲିବାକୁ ଅନୁମତି ଦିଆଯାଉ।

ସୌରୀ ମହାରଣା, ଛାତ୍ର, ଆଦିମାତା କଲୋନୀ, ଭୁବନେଶ୍ୱର

### ମଣିଷପଣିଆ ଉଭେଇ ନ ଯାଉ

କରୋନା ମହାମାରୀ କାୟା ବିସ୍ତାର କରିବା ଦିନଠାରୁ ରାଜ୍ୟରେ ଯେତେ ସରକାରୀ ଓ ବେସରକାରୀ ଅର୍ଥ ହରିଲୁଟ୍ ହେଉଛି ତାକୁ ଧରିବାକୁ କେହି ନାହିଁ। ସରକାରୀ ସ୍ତରରେ କିଣାଯାଇଥିବା କିଟ୍ସ ଓ ପିପିଇ ଇତ୍ୟାଦିକୁ ନେଇ ବିରୋଧୀ ଉଠାଉଥିବା ପ୍ରାସଙ୍ଗିକ ଓ ପ୍ରାମାଣିକ ତଥ୍ୟର ଉପଯୁକ୍ତ ଉତ୍ତର ମିଳିପାରୁ ନାହିଁ। ସେହିପରି କ୍ୱାରାଣ୍ଟାଇନ୍ ସେଣ୍ଟରରେ ଖାଦ୍ୟପେୟଠାରୁ ଆରମ୍ଭ କରି ଆବଶ୍ୟକ ସରଞ୍ଜାମ କିଣାରେ ହେରଫେର ହେଉଛି। ଏହି ସୁଯୋଗରେ ପନିପରିବା ଦୋକାନୀଠାରୁ ଆରମ୍ଭ କରି ଛୋଟବଡ଼ ବ୍ୟବସାୟୀମାନେ ମଧ୍ୟ ମନଇଚ୍ଛା ଦରବୃଦ୍ଧି କରି ସାଧାରଣ ଜନତାଙ୍କୁ ଶୋଷଣ କରୁଛନ୍ତି। ମହାମାରୀ ବ୍ୟାପୁଥିବା ସମୟରେ ଦୁର୍ନୀତି କଲେ ସମାଜର ପ୍ରଭୂତ କ୍ଷତି ଘଟିବ। ଏଭଳି ଏକ ସଙ୍କଟମୟ ସମୟରେ ଆମ ଭିତରୁ ମଣିଷପଣିଆ ଟିକକ ଉଭେଇ ନ ଯାଉ।

ଯଦୁନାଥ ସାହୁ, ସାବରଙ୍ଗ, ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ବେଆଇନ ବାଲି ଖାଦାନରେ ଚଢ଼ାଉ: ୨୧ ଟ୍ରାକ୍ଟର ଜବତ



**ଭଣ୍ଡାରିପୋଖରୀ, ୨୫।୬(ଡି.ଏନ.ଏ.):** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ତହସିଲ ଅଧୀନ ବୈତରଣୀ ନଦୀ ବନ୍ଧାଲୋ ମଢ଼ିଆଳିଠାରୁ ଖୋଳମପୁର ପଞ୍ଚାୟତ ଦାଣ୍ଡକୁଳ ପର୍ଯ୍ୟନ୍ତ ବିଭିନ୍ନ ଘାଟରୁ ଶହ ଶହ ଟ୍ରିପ ବାଲି ଚୋରାଚାଲାଣ ହେଉଛି। ଏନେଇ ବାରମ୍ବାର ଅଭିଯୋଗ ହେବା ପରେ ଗୁରୁବାର ଭୋର ସମୟରେ ପୋଲିସ ପକ୍ଷରୁ ବାଲିପୋଖରୀଠାରେ ଚଢ଼ାଉ କରାଯାଇ ୨୧ ଟ୍ରାକ୍ଟର ଜବତ କରାଯାଇଛି। ଖବରପାଇ ସ୍ଥାନୀୟ ଅଞ୍ଚଳର ଟ୍ରାକ୍ଟରଗୁଡ଼ିକ ଖସିଯିବାରେ ସକ୍ଷମ ହୋଇଥିବା ବେଳେ ଅନ୍ୟ ଟ୍ରାକ୍ଟର ଧରାପଡ଼ିଛନ୍ତି। ଏହି ଚଢ଼ାଉ ଅପରାହ୍ନ ପର୍ଯ୍ୟନ୍ତ ଚାଲୁ ରହିଥିଲା। ପୋଲିସ ଜବତ କରିଥିବା ଟ୍ରାକ୍ଟରଗୁଡ଼ିକୁ ଉପରେ ମାମଲା ରୁଜୁ କରିବା ସହ ପରିବହନ ବିଭାଗ ଦ୍ୱାରା ଗାଡ଼ିର ଆବଶ୍ୟକ କାଗଜପତ୍ର, ଟ୍ୟାକ୍ସ, ଇନ୍ସୁରାନ୍ସ, ଫିଟନେସ ଯାଞ୍ଚ କରାଯିବ ବୋଲି ତହସିଲଦାର ମୃତ୍ୟୁଞ୍ଜୟ ଭୂୟାଁ ସୂଚନା ଦେଇଛନ୍ତି। ଜବତ ୨୧ ଟ୍ରାକ୍ଟରକୁ ତହସିଲ ପରିସରରେ ରଖାଯାଇଛି। ସେହିପରି ମଣିନାଥପୁର, ମୁଢ଼ାପଦା, ଦାଣ୍ଡକୁଳ, ନେରଡା, ଝୁଟଣା, ବନ୍ଧାଲୋ ଆଦି ଅଞ୍ଚଳରେ ଦୈନନ୍ଦିନ ଶହ ଶହ ଟ୍ରିପ ବାଲି ଚୋରାଚାଲାଣ ହେଉଥିବା ଅଭିଯୋଗ ହୋଇଛି।

## ଆତ୍ମନିର୍ଭରଶୀଳତା ବନାମ ରକ୍ଷଣଶୀଳତା

# ବଢୁଛି 'ସେକ୍ସ ଟୟ' ଉଦ୍ୟୋଗ

**ଆତ୍ମନିର୍ଭର ଭାରତ ନାରା 'ସେକ୍ସ ଟୟ' ଉଦ୍ୟୋଗ ଲାଗି ନୂଆ ସମ୍ଭାବନା ସୃଷ୍ଟି କରିଛି। ଭାରତୀୟ ସମାଜରେ ତଥାକଥିତ ପ୍ରଚଳିତ ରକ୍ଷଣଶୀଳତାର ବାଡ଼ ଡେଇଁ ଏହି ଖେଳଣା ବ୍ୟବସାୟ ମେଟ୍ରୋଠାରୁ ଛୋଟ ସହରରେ ଉପସ୍ଥିତି ଜାହିର କଲାଣି। ପରିଣତ ବୟସରେ 'ସେକ୍ସ ଟୟ' ଯୌନଜୀବନର ସାଥୀ ପାଲଟୁଛି। ଏହି ଖେଳଣାର ବିଜନେସ କେବଳ ମହାନଗରରେ ସୀମିତ କି? ଏହାର ପ୍ରମୁଖ ଗ୍ରାହକ କେଉଁମାନେ? ଏହି ବ୍ୟବସାୟର ପରିଧି କ'ଣ? ଏସବୁ ପ୍ରଶ୍ନର ଉତ୍ତର ଖୋଜିବା ବେଳକୁ ସାମ୍ନାକୁ ଆସିଛି ଅନେକ ରୋଚକ ତଥ୍ୟ।**

**ନୂଆଦିଲ୍ଲୀ, ୨୫।୬**

କରୋନା ପ୍ରଭାବିତ ଦେଶର ଅର୍ଥବ୍ୟବସ୍ଥା ସୁଧାରିବା ଏବଂ ଗ୍ରାମୀଣ ହସ୍ତଶିଳ୍ପ ସହ କ୍ଷୁଦ୍ର ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହିତ କରିବାକୁ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର 'ଆତ୍ମନିର୍ଭର ଭାରତ' ନାରା ଦେଇଛନ୍ତି। ଏହାପରେ ଦେଶରେ ଲୁକ୍କାୟିତ ଭାବେ ପ୍ରଭାବ ବିସ୍ତାର କରୁଥିବା 'ସେକ୍ସ ଟୟ' ବ୍ୟବସାୟ ଆତ୍ମନିର୍ଭରଶୀଳତା ମନ୍ତ୍ରକୁ ନେଇ ବେଶ୍ ଉତ୍ସାହିତ। ଅନ୍ୟପଟେ ସଂସ୍କାରୀ ଭାରତ ସ୍ଲୋଗାନ ଏହି ବ୍ୟବସାୟ ଆଗରେ ପ୍ରତିବନ୍ଧକ ସାଜିବା ଆଶଙ୍କା ମଧ୍ୟ ରହିଛି।

ଜନସଂଖ୍ୟାର ବିସ୍ଫୋରଣ କ୍ଷେତ୍ରରେ ଭାରତ ନିକଟ ଭବିଷ୍ୟତରେ ଚାଇନାକୁ ପଛରେ ପକାଇ ଦେବା ସମ୍ଭାବନା ଜଳଜଳ ହୋଇ ଦିଶୁଛି। ପାଶ୍ଚାତ୍ୟ ସଂସ୍କୃତିର ବଢୁଥିବା ଚାପ ନୂଆ ବ୍ୟବସାୟ ଲାଗି ପଥ ମଧ୍ୟ ଉନ୍ମୁକ୍ତ କରୁଛି। ଏସବୁ ଭିତରେ ସାରା ପୃଥିବୀକୁ ଯୌନଜୀବନର ସକାରାତ୍ମକ ବାର୍ତ୍ତା ଦେଇଥିବା ଭାରତ ଭଳି ବିଶାଳ ଦେଶରେ 'ସେକ୍ସ ଟୟ' ସମ୍ପର୍କିତ ବ୍ୟବସାୟରେ ଅଭିବୃଦ୍ଧି ଘଟିଛି। ହେଲେ ପ୍ରଚଳିତ ପରମ୍ପରା, ସଂସ୍କୃତି ଏହି ବିଜନେସ୍‌ର ପଥରୋଧ କରୁଛି। ତଥାପି ଆଗାମୀ ଦଶନ୍ଧିରେ ଏହି ଉଦ୍ୟୋଗର ଭବିଷ୍ୟତ ବେଶ୍ ଉଜ୍ଜ୍ୱଳ ବୋଲି କୁହାଯାଉଛି।

'ଆଡଲ୍ଟ ଟୟ'ର ପ୍ରମୁଖ ଅନ୍‌ଲାଇନ୍ ଷ୍ଟୋର 'ବେସରମ ଡଟ୍ କମ୍'ର ପ୍ରତିଷ୍ଠାତା ରାଜ୍ ଅରମାନୀଙ୍କ ମତରେ 'ଯେବେଠାରୁ ସରକାରଙ୍କ ଆତ୍ମନିର୍ଭର ଭାରତ ମନ୍ତ୍ର ଶୁଣିବାକୁ ମିଳିଛି, ସେବେଠାରୁ ଏହି ବ୍ୟବସାୟକୁ ଗତି ମିଳିବ ବୋଲି ଅନୁଭବ ହେଉଛି। ଯଦିଓ ଭାରତରେ 'ସେକ୍ସ ଟୟ' ବିକ୍ରି ହେଉଛି, ତଥାପି ଅଧିକାଂଶ ମାଲ୍ ବାହାରୁ ଆମଦାନୀ ହେଉଛି। ଏବେ ଦେଶରେ ଏହି ଉଦ୍ୟୋଗକୁ ଅଭିବୃଦ୍ଧି କରିବାକୁ ଅନେକ କମ୍ପାନୀ ଉତ୍ସାହିତ ଅଛନ୍ତି। ଅନୁକୂଳ ବାତାବରଣ ସୃଷ୍ଟି ହେଲେ ଡିସେମ୍ବର ସୁଦ୍ଧା ଭାରତୀୟ ବଜାରରେ 'ମେଡ୍ ଇନ୍ ଇଣ୍ଡିଆ' ଟ୍ୟାଗ୍‌ମାର୍କରେ 'ଆଡଲ୍ଟ ଟୟ'ର ଅନେକ ଉପକରଣ ଉଭୟ ମହିଳା ଏବଂ ପୁରୁଷଙ୍କ ପାଇଁ ଉପଲବ୍ଧ ହେବ।



କରୋନା ପ୍ରଭାବିତ ଲକ୍‌ଡାଉନ୍ ସମୟରେ ପର୍ନ ୱେବ୍‌ସାଇଟ୍‌ର ଚାହିଦା ବଢ଼ିଛି। ଏହା ପ୍ରମାଣିତ କରୁଛି ଆମ ସାମାଜିକ ବ୍ୟବସ୍ଥାରେ ଉଗ୍ର ଆଧୁନିକତାର ପଦଧ୍ୱନି ଶୁଭିଲାଣି। ଏଥିରେ ଯୁବପିଢ଼ି ସାମିଲ ହେବା ଭିନ୍ନ ଦିଗକୁ ସୂଚାଉଛି। ଫଳରେ ଯୁବବର୍ଗଙ୍କ ମାନସିକତାକୁ ବୁଝିବା ଭଳି ଉପକରଣଗୁଡ଼ିକୁ ନାମିତ କରିବାକୁ ବିଭିନ୍ନ କମ୍ପାନୀ ଯୋଜନା କରୁଛନ୍ତି। ଭାରତୀୟ ବଜାରରେ 'ସେକ୍ସ ଟୟ' କାରବାର ସମ୍ପୂର୍ଣ୍ଣ ଭାବେ ଚାଇନା ଉପରେ ନିର୍ଭରଶୀଳ। ହାରାହାରି ୭୦% ମାଲ୍ ଚାଇନାରୁ ଆମଦାନୀ ହୋଇଥାଏ। ଏବେ ଚାଇନା ସହିତ ସମ୍ପର୍କ ବିଗିଡ଼ିବା ପରେ ଦେଶରେ ଏହି ଉଦ୍ୟୋଗକୁ ପରିବର୍ଦ୍ଧିତ କରିବାକୁ ବିଭିନ୍ନ କମ୍ପାନୀ ଅଣ୍ଟା ଭିଡ଼ିଲେଣି। ଏହି ଧାଡ଼ିରେ ଆଗରେ ଅଛନ୍ତି ଦାଟ୍ସ ପର୍ସନାଲ, ଲଭଟ୍ରିଟ୍ସ, ଇଟ୍‌ସପ୍ଲେଜର, ସାୟକାର୍ଟ, ପ୍ରିଭିପ୍ଲେଜର, କିଂକପିନ୍ ଭଳି କମ୍ପାନୀ।

'ଆଡଲ୍ଟ ଟୟ'ର ବ୍ୟବସାୟ କେବଳ ଦିଲ୍ଲୀ, ମୁମ୍ବାଇ ଭଳି ମେଟ୍ରୋ ସହରରେ ସୀମିତ ହୋଇ ରହିନାହିଁ। 'ଦାଟ୍ସ ପର୍ସନାଲ' ପକ୍ଷରୁ ଦିଆଯାଇଥିବା ତଥ୍ୟ ଅନୁଯାୟୀ, ୪୮% ମେଟ୍ରୋଠାରୁ ଛୋଟ ସହରରେ, ୪୦% ଟିୟର-୨ ଅର୍ଥାତ୍ ସାଧାରଣ ସହରରେ ଏବଂ ୧୨% ଛୋଟ ସହରରେ ଏହି ଖେଳଣା ନିଜର ଉପସ୍ଥିତି ଜାହିର କରିସାରିଲାଣି। ସେହିପରି 'ଅରମାନୀ ଷ୍ଟୋର' ନିଜର ୩୭% ବ୍ୟବସାୟ କେବଳ ମେଟ୍ରୋଠୁ ଛୋଟ ସହରରେ କରୁଥିବା କହିଛି। ଦିବ୍ୟା ଚୌହାନଙ୍କ କମ୍ପାନୀ 'ଇଟ୍‌ସ ପ୍ଲେଜର' ପକ୍ଷରୁ ମିଳିଥିବା ତଥ୍ୟ ଅନୁଯାୟୀ, ପୂର୍ବରୁ କେବଳ ୭୫% ପୁରୁଷ 'ସେକ୍ସ ଟୟ' କ୍ରେତା ଥିଲେ। ଏହି ଟ୍ରେଣ୍ଡରେ ଦ୍ରୁତ ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ଏବେ ପୁରୁଷ ମହିଳାଙ୍କ ମଧ୍ୟରେ ଏହି ଅନୁପାତ ୫୦:୫୦ ହୋଇଗଲାଣି। ଛୋଟ ସହରରୁ ମେଟ୍ରୋ ଯାଏ ମହିଳାମାନେ 'ସେକ୍ସ ଟୟ'କୁ ଯୌନଜୀବନର ସାଥୀ ଭାବେ ଗ୍ରହଣ କରିବା ଆରମ୍ଭ କଲେଣି। ମହାରାଷ୍ଟ୍ର, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, କର୍ନାଟକ, ତାମିଲନାଡୁ, ଗୁଜରାଟ, ଉତ୍ତରପ୍ରଦେଶ, ମଧ୍ୟପ୍ରଦେଶ ଭଳି ରାଜ୍ୟ ସେକ୍ସଟୟର ପ୍ରମୁଖ ବଜାର ପାଲଟିଛି ବୋଲି ସେ ସୂଚନା ଦେଇଛନ୍ତି।

### କ'ଣ କହେ ଆଇନ

ଆଇପିସିର ଦଫା ୨୯୨ ଅନୁଯାୟୀ, ଅଶ୍ଳୀଳତାକୁ ପ୍ରୋତ୍ସାହିତ କରୁଥିବା ସାମଗ୍ରୀର ପ୍ରକାଶନ ଉପରେ ପ୍ରତିବନ୍ଧକ ଜାରି କରାଯାଇଛି। ପୁରୁଣା ଆଇନର ପରିଧିରେ ସେକ୍ସଟୟ ଭଳି ଉଦ୍ୟୋଗ ଦୀର୍ଘଦିନ ହେଲା ଅଣନିଃଶ୍ୱାସୀ ହୋଇପଡ଼ିଛି। ତଥାପି ଆଇନର ଛକାପଞ୍ଝା ଭିତରେ ଏହି କାରବାର ନିଜର ବ୍ୟବସାୟିକ ପରିସର ବଢ଼ାଇ ଚାଲିଛି। ଏହି ବ୍ୟବସାୟରେ ଭଲ ଲାଭ ମିଳୁଥିବା ସତ୍ତ୍ୱେ ନିବେଶ ଏବଂ ବିକାଶର ରାସ୍ତା ସମ୍ପୂର୍ଣ୍ଣ ଉନ୍ମୁକ୍ତ ହୋଇନାହିଁ।

### ଭାରତରେ କାରବାର ୮୭୦୦କୋଟି

ଦେଶରେ 'ସେକ୍ସଟୟ' କାରବାରର ପ୍ରକୃତ ତଥ୍ୟ ଆକଳନ କରିବା କଷ୍ଟକର ବ୍ୟାପାର। ତଥାପି ଏକ ରିପୋର୍ଟ ଅନୁଯାୟୀ ୨୦୨୦ ସୁଦ୍ଧା ଏହି କାରବାର ୮୭୦୦ କୋଟି ପାର୍ କରିସାରିଲାଣି। ଅନ୍ୟ ଏକ ରିପୋର୍ଟ ଅନୁଯାୟୀ ଚଳିତବର୍ଷ ଦେଶରେ ସେକ୍ସଟୟ ସମ୍ପର୍କିତ ଉପକରଣର ବ୍ୟବସାୟ ୧୨୦ ବିଲିୟନ ଟଙ୍କା ଟପିବ ବୋଲି ଅନୁମାନ କରାଯାଉଛି। ସେହିପରି ସାରା ଦୁନିଆରେ ଏହାର କାରବାର ୨୯ ବିଲିୟନ ଡଲାର ଟପିବ ବୋଲି କୁହାଯାଉଛି।

### ସଙ୍ଗରୋଧରେ ଗଲେ ଥାନାର ୮ କର୍ମଚାରୀ

**ବ୍ରହ୍ମପୁର ଅଫିସ,୨୫।୬:** ବ୍ରହ୍ମପୁର ମଣ୍ଡଳ କାରାଗାରରେ ପୁଣି ଜଣେ ଅନ୍ତେବାସୀ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ତେଣୁ ଅଭିଯୁକ୍ତଙ୍କ ସଂସ୍ପର୍ଶରେ ଆସିଥିବା ବଡବଜାର ଥାନା ଇନ୍ସପେକ୍ଟରଙ୍କ ସମେତ ୮ ପୋଲିସ କର୍ମଚାରୀଙ୍କୁ ଗୃହ ସଙ୍ଗରୋଧରେ ରହିବାକୁ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। ୨୦୧୫ ଜାନୁୟାରୀରେ ହୋଇଥିବା ଏକ ଡକାୟତି ମାମଲାରେ ୨ ଅଭିଯୁକ୍ତ ଫେରାର ଥିଲେ। ଉଭୟଙ୍କୁ ବଡବଜାର ଥାନା ପୋଲିସ ଗତ ୨୨ତାରିଖରେ ଗିରଫ କରିଥିଲା। କୋର୍ଟ ଚାଲାଣ ସମୟରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିବା ବେଳେ କରୋନା ପରୀକ୍ଷା ପାଇଁ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ଗତ ବୁଧବାର ଉଭୟ ଅଭିଯୁକ୍ତଙ୍କ ରିପୋର୍ଟ ଆସିଥିଲା। ଜଣେ ଅଭିଯୁକ୍ତ କରୋନା ପଜିଟିଭ ଥିବା ସ୍ପଷ୍ଟ ହେବା ପରେ ସ୍ୱାସ୍ଥ୍ୟ ବିଭାଗ ତରଫରୁ ପୋଲିସକୁ ଖବର ଦିଆଯାଇଥିଲା। ପଜିଟିଭ ଥିବା ଅଭିଯୁକ୍ତଙ୍କୁ ଚିକିତ୍ସା ପାଇଁ କୋଭିଡ୍ ହସ୍ପିଟାଲ ନିଆଯାଇଛି। ଅଭିଯୁକ୍ତଙ୍କ ସଂସ୍ପର୍ଶରେ ଆସିଥିବା ପୋଲିସ କର୍ମଚାରୀଙ୍କୁ ସଙ୍ଗରୋଧରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଏନେଇ ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର କୁହନ୍ତି, ବଡବଜାର ପୋଲିସ ଗତ ୨୦ ତାରିଖରେ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସେମାନଙ୍କ ମଧ୍ୟରୁ ଜଣେ ଅଭିଯୁକ୍ତଙ୍କ ସ୍ୱାବ୍ ପରୀକ୍ଷା ରିପୋର୍ଟ ପଜେଟିଭ ଆସିଛି। ଏଣୁ ବଡବଜାର ଥାନା ଅଧିକାରୀଙ୍କ ସମେତ ୮ଜଣ ଗୁରୁବାରରୁ ଗୃହ ସଙ୍ଗରୋଧରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ବାପାଙ୍କ ଜୀବନ ରକ୍ଷା କରିବାକୁ ଯାଇ ପୁଅର ମୃତ୍ୟୁ

**ସିମୁଳିଆ, ୨୫।୬(ଡି.ଏନ.ଏ.):** ବାପାଙ୍କ ଜୀବନ ରକ୍ଷା କରିବାକୁ ଯାଇ ଦୁର୍ଘଟଣାରେ ପୁଅ ଜୀବନ ଯାଇଛି। ଏଭଳି ଦୁଃଖଦ ଘଟଣା ଘଟିଛି ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ମଇତାପୁର ଅଞ୍ଚଳରେ। ବୁଧବାର ରାତିରେ ଭାଗୀରଥି ବେହେରାଙ୍କୁ ସାପ କାମୁଡ଼ି ଦେଇଥିଲା। ପୁଅ ମନୋଜ ବାଇକ୍‌ରେ ତାଙ୍କୁ ସିମୁଳିଆ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଡାକ୍ତର ତାଙ୍କୁ ଭଦ୍ରକ ମେଡିକାଲ ସ୍ଥାନାନ୍ତର କରିବାକୁ କହିଥିଲେ। ଉଭୟେ ବାଇକ୍‌ରେ ଯାଉଥିବାବେଳେ ଚରମ୍ପା ନିକଟ ଏକ ହମ୍ପସରେ ଭାରସାମ୍ୟ ହରାଇ ଛିଟିକି ପଡ଼ିଥିଲେ। ସେମାନଙ୍କୁ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ମନୋଜଙ୍କ ମୃତ୍ୟୁ ଘଟିଥିଲା। ଭାଗୀରଥିଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଗୁରୁବାର ମନୋଜଙ୍କ ମୃତଦେହ ପହଞ୍ଚିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

### ବ୍ରହ୍ମପୁର ୨୭ରୁ ୪ଦିନିଆ ଶଟ୍‌ଡାଉନ୍

**ଛତ୍ରପୁର,୨୫।୬(ଡି.ଏନ୍.ଏ.):** ବ୍ରହ୍ମପୁର ମହାନଗରରେ ଦିନକୁ ଦିନ କରୋନା ପଜିଟିଭ ସଂଖ୍ୟା ବଢ଼ିବାରେ ଲାଗିଛି। ସହରରେ କରୋନା ସଂକ୍ରମଣ ଚେନ୍ ଭାଙ୍ଗିବା ପାଇଁ ଆସନ୍ତା ୨୭ରୁ ୩୦ ତାରିଖ (୪ଦିନ) ପର୍ଯ୍ୟନ୍ତ ବ୍ରହ୍ମପୁର ସମ୍ପୂର୍ଣ୍ଣ ଶଟ୍‌ଡାଉନ୍ ରହିବ। ଏହି ସମୟରେ କେବଳ ସ୍ୱାସ୍ଥ୍ୟସେବା ଓ କ୍ଷୀର ଯୋଗାଣ ଚାଲୁ ରହିବ। ଅନ୍ୟସବୁ ଅତ୍ୟାବଶ୍ୟକ ଓ ଅଣଆବଶ୍ୟକ ସାମଗ୍ରୀ ଦୋକାନ ବନ୍ଦ ରହିବ ବୋଲି ଗୁରୁବାର ରାତିରେ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଏକ ଭିଡିଓ ବାର୍ତ୍ତାରେ ସୂଚନା ଦେଇଛନ୍ତି।

### ୨ ବ୍ଲକରେ ହେବ ଚାରା ରୋପଣ

**ଭୁବନେଶ୍ୱର, ୨୫।୬ (ବ୍ୟୁରୋ):** ମାହାଙ୍ଗା ନିର୍ବାଚନମଣ୍ଡଳୀ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକରେ ବ୍ୟାପକ ବୃକ୍ଷରୋପଣ କାର୍ଯ୍ୟ ହାତକୁ ନେଇ ଗ୍ରାମ୍ୟ ଜଙ୍ଗଲ ସୃଷ୍ଟି କରାଯିବ। ଏନେଇ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ସମୀକ୍ଷା କରିଛନ୍ତି। ଚଳିତ ବର୍ଷ ଏମ୍‌ଜିଏନ୍‌ଆର୍‌ଜିଏସ୍‌ରେ ମାହାଙ୍ଗା ବ୍ଲକରେ ୪ କୋଟି ଏବଂ ନିଶ୍ଚିନ୍ତକୋଇଲି ବ୍ଲକରେ ୧୦ କୋଟି ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଜଳଛାୟା ନିର୍ମାଣ ଉପରେ ମଧ୍ୟ ବୈଠକରେ ଗୁରୁତ୍ୱାରୋପ କରାଯାଇଛି। ମାହାଙ୍ଗାରେ ୫୨ ଏବଂ ନିଶ୍ଚିନ୍ତକୋଇଲି ବ୍ଲକରେ ୯୬ ଅଙ୍ଗନୱାଡି ଗୃହ ନିର୍ମାଣ କାର୍ଯ୍ୟ ଚାଲିଛି। ସେଗୁଡ଼ିକର କାର୍ଯ୍ୟ ତ୍ୱରାନ୍ୱିତ କରି ଯଥାଶୀଘ୍ର ସମ୍ପୂର୍ଣ୍ଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଲୋକସେବା ଭବନଠାରେ ଅନୁଷ୍ଠିତ ବୈଠକରେ ଏହି ଦୁଇ ବ୍ଲକର ଅଧକ୍ଷ ଏବଂ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

**ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟ, ଜୁନାଗଡ଼**
ପତ୍ର ସଂ. 1013 ତା 24.6.20
**ବିଜ୍ଞାପନ**

ଜୁନାଗଡ଼ ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧୀନରେ ଥିବା ନିମ୍ନଲିଖିତ ସମ୍ପତ୍ତିଗୁଡିକର ଠିକା ପାଇଁ ଜଉମୁଦ ଟେଣ୍ଡର ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତିମାନେ ଆସନ୍ତା ତା ୦୬।୦୭।୨୦୨୦ରିଖ ଅପରାହ୍ନ ଘ.୧.୦୦ଷା ପର୍ଯ୍ୟନ୍ତ ନିର୍ଦ୍ଧାରିତ ଅମାନତ ରାଶିର ବ୍ୟାଙ୍କ ଡ୍ରାଫ୍ଟ ସହ ଟେଣ୍ଡର ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ରଖାଯାଇଥିବା ଟେଣ୍ଡର ବାକ୍ସରେ ଦାଖଲ କରିପାରିବେ । ଏହି ଟେଣ୍ଡରଗୁଡିକୁ ସେହିଦିନ ଅପରାହ୍ନ ଘ.୩.୩୦ମି. ସମୟରେ ଟେଣ୍ଡର ଦାଖଲକାରୀ କିମ୍ବା ତାଙ୍କର ପ୍ରାଧିକୃତ ପ୍ରତିନିଧିଙ୍କ ଉପସ୍ଥିତିରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଖୋଲାଯିବ । ଯେଉଁମାନଙ୍କ ଉପରେ ବିଜ୍ଞାପିତ ଅଞ୍ଚଳ ପରିଷଦର ଯେକୌଣସି ଦେୟ ବକେୟା ଥିଲେ ସେମାନେ ଟେଣ୍ଡର ପ୍ରକ୍ରିୟାରେ ଅଂଶ ଗ୍ରହଣ କରିପାରିବେ ନାହିଁ । ଠିକା ସର୍ବୋଚ୍ଚ ମୂଲ୍ୟ ଉଲ୍ଲେଖ କରିଥିବା ବ୍ୟକ୍ତିଙ୍କ ନାମରେ ସାବ୍ୟସ୍ତ କରାଯିବ । ଠିକା ସାବ୍ୟସ୍ତର ୩ ଦିନ ମଧ୍ୟରେ ସମୁଦାୟ ଠିକା ମୂଲ୍ୟର ଶତକଡା ୫୦ ଭାଗ ଅର୍ଥ ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟାଳୟରେ ଜମାଦେବାକୁ ପଡିବ । ନଚେତ୍ ସାବ୍ୟସ୍ତ କରାଯାଇଥିବା ଠିକା ବାତିଲ କରାଯାଇ ସାନି ଟେଣ୍ଡର କରାଯିବ । ନିର୍ଦ୍ଧାରିତ ସମୟ ସୀମା ପରେ କୌଣସି ଟେଣ୍ଡରକୁ ବିଚାରକୁ ନିଆଯିବ ନାହିଁ । ବିଜ୍ଞାପିତ ଅଞ୍ଚଳ ପରିଷଦ କର୍ତ୍ତୃପକ୍ଷ ଯେ କୌଣସି ସମୟରେ ବିନା କାରଣରେ ଟେଣ୍ଡର ପ୍ରକ୍ରିୟାକୁ ରଦ୍ଦ କରିପାରିବେ । ଏହି ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ www.junagarhnac.inରେ ଉପଲବ୍ଧ ଅଟେ ।

ସ୍ୱା./- କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଞ୍ଚଳ ପରିଷଦ, ଜୁନାଗଡ଼

**NOTICE**

**No. C-60:-** The following contractor, who were registered as "C" Class Contractor under S.E.P.H. Circle, Bhubaneswar and their Registration Certificate are hereby cancelled as per his written request and their one time deposit in shape of NSC will be refunded to him.

| Sl. No. | Name and Address | Regn. No & Class | This office order No. & Date |
|---|---|---|---|
| 1) | **Sri Jatindra Kumar Mohanty,** S/o Raghunath Mohanty, At- Kalajhari, Po- Kalarahanga, PS- Nandan Kanan, Dist.- Khordha | Regd. No.1260 of 2013-14 'C' Class | S.E.P.H. Circle, BBSR No.1618 Dt.22.04.2013 |
| 2) | **Sri Ranjan Kumar Nayak,** S/o- Harihar Nayak, At- Jogeswar Patna, Po- Kapilprasad, Old Town, Dist.- Khordha | Regd. No. 734 of 1999-2000 'C' Class | S.E.P.H. Circle, BBSR No.6469 Dt.06.09.1999 |
| 3) | **M/s MAHAVEER CONSTRUCTION,** Prop. Sankarsan Pradhan, S/o. Bairagi Pradhan, At- Khandiagiri, Po/Ps- Pipili, Dist.- Puri | Regd. No. 1402 of 2015-16 'C' Class | S.E.P.H. Circle, BBSR No.5739 Dt.18.11.2015 |

This notice is required to be published for information of all Govt. Deptt./Offices where they have executed the work. If any Govt. dues/materials are outstanding against the above contractor which are due to be recovered, may please be reported to the undersigned within 30 (thirty) days from the date of publication of this notice for recovery/adjustment to Govt. accounts.
In case no report from any office / Deptt are received within the stipulated period i.e. 30 days from the date of publication of this notice, the one time deposit made by the contractor will be released/refunded to them without any further notice.
If any Govt. dues/materials detected by any office beyond the stipulated time, it will be their responsibility for the lapses whatsoever.

**Sd./- Superintending Engineer, P.H. Circle, Bhubaneswar**
OIPR-13039/11/0001/2021

**OFFICE OF THE SUPERINTENDENT FMMCH, BALASORE**
**Ph. No.: 06782-240153, E-mail: supdt.gmchb@gmail.com**
**Letter No. 1846/S/FMMCHB Date: 22.06.2020**

No. E-83: Sealed tenders are invited from manufacturers or their authorized distributors or suppliers/agency/retail counters for:
**A. Supply of Medicine & Medical Consumables/ Laboratory Chemcial & reagents.**
**B. Supply of Orthopedic Implants.**
**C. Empanelment for supply of Branded Medicines & Medical Consumables & Orthopedic Implants.**
The detail list, terms and conditions and Technical Bid are available in **www.baleswar.nic.in/www.blsmch.nic.in** which can be downloaded. The last date & time of submission of bid 13.07.2020 at 5 P.M. & the Technical Bid shall be opened later on in the presence of bidders or their authorized representatives. Tender paper incomplete or received after the scheduled date & time shall be rejected.

**Superintendent, FMMCH, Balasore**
OIPR-10134/11/0004/2021

GOVERNMENT OF ODISHA No. B-106
**e-Procurement Notice, Angul (R&B) Division**
**Bid Identification No. 02 of 2020-21**
e-mail ID: angulrbdivision@yahoo.co.in

| | | | |
|---|---|---|---|
| 1. | Number of Works | : | 12 (Twelve) number of building works |
| 2. | Approximate Estimated Cost | : | Varies from Rs.06.00 lakh to 88.00 Lakh |
| 3. | Period of Completion | : | 01 (One) to 08 (Eight) Calendar Months |
| 4. | Date & Time of availability of bid document in the portal | : | Dt.29.06.2020 at 10.00 A.M. |
| 5. | Last date/time for receipt of bid in the portal | : | Dt.14.07.2020 upto 5.00 P.M. |
| 6. | Date of Opening Bid | : | Dt.15.07.2020 at 11.00 A.M. |
| 7. | Name and address of the Office Inviting Bid | : | Executive Engineer, Angul (R&B) Division, Angul |
| 8. | The bidders have to participate **ONLINE** bidding only. | | |

Further details can be seen from the e-procurement portal **https://tendersodisha.gov.in**.

**Sd./- Executive Engineer**
**Angul (R&B) Division**
OIPR-34074/11/0002/2021

GOVERNMENT OF ODIHSA No. B-105
**OFFICE OF THE SUPERINTENDING ENGINEER, PHULBANI (R&B) CIRCLE, PHULBANI**
Phone : - 06842 254004, Email: sernbphulbani@gmail.com
**INVITATION FOR BIDS (IFB)**
Bid Identification No. SE-(R&B)-PLB- 02/2020-21
No. 588 Dated. 17.06.2020

| | | | |
|---|---|---|---|
| 1 | The Superintending Engineer, Phulbani (R& B) Circle, Phulbani on behalf of the Governor of Odisha invites percentage rate bid in double cover system in ONLINE MODE for construction of Bridge works detailed in the table below from eligible contractors. | | |
| 2 | Nature of work | : | Bridge work |
| 3 | No. of tenders | : | 3 Nos of Bridge works |
| 4 | Tender cost | : | Rs. 10,000/- (through online) only. |
| 5 | Class of Contractor | : | 'B', 'A' & Special Class |
| 6 | Date & Time of sale & receipt of bids | : | 10.00 AM of 30.06.2020 to 5.00PM of 14.07.2020 |
| 7 | Date of Opening of bid | : | 11.00 AM of 15.07.2020 |
| 8 | The Bidders shall have to participate in online bidding only. Further details can be seen from the website **https://tendersodisha.gov.in**. Any addendum/Corrigendum / Cancellation of tender can also be seen in the said website. The authority reserves the right to reject any or all bids without assigning any reason. | | |

Sd/- Er. M.K.Tripathy
Superintending Engineer,
Phulbani (R&B) Circle, Phulbani
OIPR-34129/11/0002/2021

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE EXECUTIVE ENGINEER, MAIN DAM DIVISION, BURLA**
**Government of Orissa "e" Procurement Notice**
**Bid Identification No. MDD-e-03/2020-21 (Online)**
**Email: ee_mddburla@rediffmail.com**
**No. 5640 /Date: 20.06.2020**

1. No. of work : 5 Nos.
2. Estimated Cost : Rs.6.31 to 8.90 lakhs
3. Period of completion : 2 to 6 months
4. Date & Time of availbe of bid document in the Portal. : **29.06.2020 at 10 A.M.**
5. Last date/time for receipt of bids in the portal : **08.07.2020 upto 05.00 P.M.**
6. Date of opening of bid : **09.07.2020 at 11.00 A.M.**
7. Name & Address of the Officer Inviting bid : Executive Engineer, Main Dam Division, Burla, At/PO- Burla, Dist.- Sambalpur, Odisha, Email:- ee_mddburla@rediffmail.com

Further details, any corrigendum or addendum can be seen from the e-procurement portal **http://tendersorissa.gov.in**

**Sd./- Executive Engineer**
**Main Dam Division, Burla**
**No. A-149:-** OIPR-32017/11/0005/2021

**CLASSIFIED DISPLAY**
**TARIFF — MORE SPACE • SAME PRICE — GST 5%**

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଘୋଷଣା
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ ମାମଲା, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
7503449786
9818298397
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
**DHANLAXMI BANK LTD.** REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
73765-91521
73106-44620
B-34/7 A Block Vijay Enclave, Bururi, New Delhi

**BIJAY FINANCE**
BIJAY FINANCE
ସମସ୍ତ ପ୍ରକାର LOAN ୭ ଦିନ ମଧ୍ୟରେ ଯୋଗାଇ ଦେଉଛି। ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, କୃଷି, ଶିକ୍ଷା, ଗୃହ, କୁକୁଡ଼ା ପାଳନ, ଗାଈ ପାଳନ ଓ ମାଛଚାଷ ୨% ସୁଧରେ।
7656825269
7656825011
Yamuna Vihar, Shadara, New Delhi, Budamal, Baragarh, Odisha

**INDIA NETWORK**
ଗୋଲ୍ଡ ମେଡାଲିଷ୍ଟ Govt. Approved କମ୍ପାନି ଦ୍ୱାରା ମାନ୍ୟତା ପ୍ରାପ୍ତ ସମସ୍ତ ଡିଜିଟାଲ ମଲ୍ଟିମିଡିଆ 4G/5G ଟାଓାର କମ୍ପାନି ଆପଣଙ୍କ ର ଖାଲି ଜମି, ଛାତ ଏବଂ ପ୍ଲଟରେ ଲଗାନ୍ତୁ।
Rupees 20 ଲକ୍ଷ advance 35,000/- rent, 2 ଜଣଙ୍କୁ ଚାକିରି ସହିତ 20,000/- ଦରମା
www.indiatelecom.in
7599145935
8280122168

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ZILLA SWASTHYA SAMITI, DEOGARH**
**(Deptt. of Health & FW, Govt. of Odisha)**
**No. 1981 Dt.11.06.2020**

No. E-79: Sealed tenders are invited from Manufacturer / Importer / Registered Firms / Dealers / Agencies procurement equipments for Geriatric Ward. The tender documents shall have to submit in one envelope containing two separate envelopes, one for technical bid & another for financial bid through Speed Post/ Registered Post/Courier only on or before 30.06.2020 by 1.00 P.M. to the Office of CDM & PHO, DHH, Deogarh. The quotation will open on Dt.01.07.2020 at 11.00 A.M. in the presence of bidders or their authorized representatives. The tender paper along with terms and conditions will be available in the website **www.deogarh.nic.in** & deposit the tender paper cost of Rs.500/- in shape of DD in favour of "ZSS/Non-NRHM Funds Account, Deogarh payable at Deogarh", which is not refundable. The authority reserves right to accept or reject any or all the tender without assigning any reason thereof. The envelope containing the tender document must be clearly superscribed as "Tender for procurement equipments for Geriatric Ward".

**Sd./- CDM & PHO-cum-District Mission Director, Deogarh**
OIPR-10113/11/0002/2021

**ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ଯାଜପୁର**
**ନିଲାମ ବିଜ୍ଞାପନ**

No. 12-L: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଯାଜପୁର ଜିଲ୍ଲାର ୧୦ ଗୋଟି ବ୍ଲକରେ ୨୦୨୦-୨୧ ମସିହାରେ ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ଅନ୍ୟାନ୍ୟ ଯୋଜନା ମାଧ୍ୟମରେ ବିଭିନ୍ନ ପ୍ରକାର ଫଳ ଚାରା ରୋପଣ କରାଯିବାର ପ୍ରସ୍ତାବ ରହିଅଛି। ଏଥିପାଇଁ ନିମ୍ନଲିଖିତ ଫଳ ଗଛର ଚାରା ରୋପଣ କରାଯିବ। ଏଥିପାଇଁ ସ୍ୱୀକୃତିପ୍ରାପ୍ତ ଫାର୍ମ ଓ ନର୍ସରୀମାନଙ୍କଠାରୁ ଫଳ କଲମୀ ଚାରା ଓ ଅନ୍ୟାନ୍ୟ ଚାରା ଯୋଗାଇ ଦିଆଯିବ। ସେଥିପାଇଁ କେବଳ ସରକାରୀ ସ୍ୱୀକୃତିପ୍ରାପ୍ତ ନର୍ସରୀମାନଙ୍କୁ ନିଲାମ ବିଜ୍ଞାପନ ମାଧ୍ୟମରେ ଅଂଶଗ୍ରହଣ କରିବା ପାଇଁ ଅନୁରୋଧ କରାଯାଉଅଛି। ଏହି ଉନ୍ମୁକ୍ତ ନିଲାମ (Open Tender) ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଆସନ୍ତା ଜୁନ୍ ମାସ ୩୦ ତାରିଖ ଦିନ ୧୧ଟା ସମୟରେ ନିର୍ଦ୍ଧାରଣ କରାଯିବ। ଅଂଶଗ୍ରହଣକାରୀ ଫାର୍ମ ଓ ନର୍ସରୀ ଲାଇସେନ୍ସ ନଂ. ବର୍ଷ ଏବଂ ଯୋଗାଇପାରୁଥିବା ଫଳ ଗଛର ନାମ ଏବଂ ଦର ଦର୍ଶାଇବେ। ନିଲାମ ସମାପ୍ତ ହେବା ପରେ ମନୋନୀତ ହୋଇଥିବା ନର୍ସରୀ ଏବଂ ସେମାନଙ୍କ ଦ୍ୱାରା ଯୋଗଇ ଦିଆଯାଇପାରୁଥିବା ଫଳ ଗଛ ଏବଂ ତା'ର ଦର ୧୦ଗୋଟି ବ୍ଲକ ଉନ୍ନୟନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯୋଗାଇ ଦିଆଯିବ। ବ୍ଲକଗୁଡ଼ିକ ନିଜର ଆବଶ୍ୟକ ହେଉଥିବା ଫଳ ଚାରା ମନୋନୀତ ହୋଇଥିବା ନର୍ସରୀମାନଙ୍କଠାରୁ (MGNREGA) ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ପାଇଁ ନେଇ ଲଗାଇପାରିବେ।

ସ୍ୱା./- ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ
ଯାଜପୁର
OIPR-01384/11/0001/2021

Your classified advertisement published in Dharitri will be listed free in Dharitri online edition :
**www.dharitri.com**

## ବିଦ୍ୟୁତ୍ ନେଲା ଜେଜେମା', ନାତୁଣୀ ଜୀବନ

**ରାୟଗଡ଼ା ଅଫିସ:** ରାୟଗଡ଼ା ଟାଉନ ଥାନା ଅଧୀନ ତୁମ୍ପିଗୁଡ଼ାଠାରେ ଗୁରୁବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜେଜେମା' ଓ ନାତୁଣୀଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ ତୁମ୍ପିଗୁଡ଼ା ଅଞ୍ଚଳର ବାଙ୍ଗାରାମା ମାଣ୍ଡାଙ୍ଗୀ(୭୦) ଏବଂ ତାଙ୍କ ନାତୁଣୀ ତପସ୍ୱିନୀ। ଦୁହେଁ ଲୁଗା ଶୁଖାଇବା ସମୟରେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ଉଭୟଙ୍କୁ ଗ୍ରାମବାସୀ ରାୟଗଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ତେବେ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ।

# ଦର୍ଶନ ମିଳିଲାନି, ମିଳିଲା ଆଢ଼ପ ଅବଢ଼ା

**ପୁରୀ ଅଫିସ,୨୫।୬:**

ନବଦିନାତ୍ମକ ଯାତ୍ରାରେ ବାହାରି ଏବେ ଜନ୍ମବେଦିରେ ମହାପ୍ରଭୁ। ଶ୍ରୀଗୁଣ୍ଡିଚା ମନ୍ଦିର ଆଢ଼ପ ମଣ୍ଡପରେ ବିଜେ କରିଛନ୍ତି ବିଶ୍ୱନିୟନ୍ତା। ଆଢ଼ପମଣ୍ଡପରେ ଗୁରୁବାର ଦାରୁଦିଅଁଙ୍କୁ ଲାଗି ହୋଇଛି ଅନ୍ନ ପ୍ରସାଦ। ଶ୍ରଦ୍ଧାଳୁ ବି ପାଇଛନ୍ତି ଆଢ଼ପ ଅବଢ଼ା। ହେଲେ ଚତୁର୍ଦ୍ଧାବିଗ୍ରହଙ୍କୁ ଭକ୍ତ ଦର୍ଶନ କରିପାରୁନାହାନ୍ତି। ଭକ୍ତ-ଭଗବାନଙ୍କ ମଧ୍ୟରେ ଲକ୍ଷ୍ମଣରେଖା ଟାଣିଛି ମହାମାରୀ କରୋନା। ତେଣୁ ଶରଧାବାଲିକୁ ମୁଣ୍ଡରେ ମାରି ମନଉଣା କରି ଫେରୁଛନ୍ତି ଭକ୍ତ। ଅନ୍ୟପକ୍ଷରେ ଶୁକ୍ରବାର ଦାରୁବିଗ୍ରହଙ୍କର ବନକଲାଗି ହେବ। ମଧ୍ୟାହ୍ନ ଧୂପ ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ।

ବୁଧବାର ଗୋଟି ପହଣ୍ଡିରେ ଜନ୍ମବେଦିକୁ ବିଜେ କରିଥିଲେ ଚତୁର୍ଦ୍ଧାମୂର୍ତ୍ତି। ଏହାପରେ ସମସ୍ତ ନୀତିକାନ୍ତି କରାଯାଇ ଠାକୁରଙ୍କ ପହୁଡ଼ ହୋଇଥିଲା। ଗୁରୁବାର ଭୋର ୫ଟା ୫୭ରେ ଦ୍ୱାର ଫିଟାଯାଇ ୭ଟା ୬ରେ ମଙ୍ଗଳ ଆଳତି କରାଯାଇଥିଲା। ପରେ ଅନ୍ୟାନ୍ୟ ନୀତି ବଢି ସକାଳ ୮ଟା ୫ରେ ଅବକାଶ ଓ ଗୋପାଳ ବଲ୍ଲଭ ସରିଥିଲା। ଯେହେତୁ ଏଥର ଭକ୍ତଙ୍କ ଦର୍ଶନ ବନ୍ଦ ରହିଛି ତେଣୁ ସଅଳ ସକାଳ ଧୂପ ନୀତି ବଢିଥିଲା। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ବାହାରିଥିଲା ଆଢ଼ପ ଅବଢ଼ା। ସକାଳ ଧୂପରେ କମ୍ ଅବଢ଼ା ବାହାରିଥିବାବେଳେ ଭୋଗମଣ୍ଡପରେ ପର୍ଯ୍ୟାପ୍ତ ମହାପ୍ରସାଦ ବାହାରିଥିଲା। ବର୍ଷକୁ ଥରେ ଆଢ଼ପ ଅବଢ଼ା ମିଳୁଥିବାରୁ ଏହାକୁ ପାଇବା ଲାଗି ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍କଣ୍ଠା ଦେଖିବାକୁ ମିଳିଥିଲା। କିନ୍ତୁ ଏଥର ଭକ୍ତଙ୍କ ମନ୍ଦିର ପ୍ରବେଶ ବାରଣ ରହିଥିବାରୁ ପ୍ରଶାସନ ସହାୟତାରେ ସୁଆର ମହାସୁଆର ନିଯୋଗ ପକ୍ଷରୁ ଅବଢା ପାଇବା ଲାଗି ବ୍ୟବସ୍ଥା ହୋଇଛି। ବସ୍ଷ୍ଟାଣ୍ଡ ପରିସରରେ ପ୍ରଶାସନ ପକ୍ଷରୁ ଏକ ଶେଡ୍ କରାଯାଇଛି। ସେଠାରେ ସୁଆର ସେବକ ରହିଛନ୍ତି। ଭକ୍ତ ସେଠାରେ ପହଞ୍ଚି ବରାଦ ମୁତାବକ ଟୋକନ କରିବେ। ଏହାପରେ ବୋଝିଆ ଗୁଣ୍ଡିଚା ମନ୍ଦିର ଆନନ୍ଦ ବଜାରରୁ ମହାପ୍ରସାଦ ନେଇ ସେଠାରେ ଭକ୍ତଙ୍କୁ ଯୋଗାଇବେ ବୋଲି ସୁଆର ମହାସୁଆର ନିଯୋଗ ସମ୍ପାଦକ କୃଷ୍ଣଚନ୍ଦ୍ର ପ୍ରତିହାରୀ କହିଛନ୍ତି।



### ଜନ୍ମବେଦିରେ ଦାରୁଦିଅଁ
■ଆଜି ମହାପ୍ରଭୁଙ୍କ ବନକ ଲାଗି

ସେହିପରି ଶ୍ରୀମନ୍ଦିର ଉତ୍ତର ଦ୍ୱାର ବାହାରେ ମଧ୍ୟ ମହାପ୍ରସାଦ ଦେବାର ବ୍ୟବସ୍ଥା ହୋଇଥିବା ସୂଚନା ମିଳିଛି।

ଶ୍ରୀମନ୍ଦିର ପ୍ରଶାସନର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି, ଆସନ୍ତା ଶନିବାର ହେରାପଞ୍ଚମୀ। ଏହାର ପୂର୍ବଦିନ ମହାପ୍ରଭୁଙ୍କ ବନକଲାଗି ହେବାର ପରମ୍ପରା ରହିଛି। ତେଣୁ ଶୁକ୍ରବାର ଗୁଣ୍ଡିଚା ମନ୍ଦିରରେ ମହାପ୍ରଭୁଙ୍କ ବନକଲାଗି ନୀତି ଅନୁଷ୍ଠିତ ହେବ। ମଧ୍ୟାହ୍ନ ଧୂପ ପରେ ପଚ୍ଛଭୋଗ ମଣ୍ଡପ ଶେଷ ହୋଇ ବନକଲାଗି ନୀତି କରାଯିବ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଗୁଣ୍ଡିଚା ମନ୍ଦିରର ଜୟବିଜୟ ଦ୍ୱାର ବନ୍ଦ କରାଯିବ। ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ପ୍ରାକୃତିକ ପ୍ରଣାଳୀରେ ତିଆରି ପ୍ରସାଧାନରେ ଶ୍ରୀବିଗ୍ରହଙ୍କ ଶ୍ରୀମୁଖ ଶୃଙ୍ଗାର କରାଯିବ।

# ପିପିଲିକୁ ଗଡ଼ିଲା 'ମୋ ବସ୍'

**ଭୁବନେଶ୍ୱର,୨୫।୬(ବ୍ୟୁରୋ)/ ପିପିଲି (ସ୍ୱ.ପ୍ର.)**

ଦୀର୍ଘଦିନର ପ୍ରତୀକ୍ଷାପରେ ଭୁବନେଶ୍ୱରରୁ ପିପିଲିକୁ ଆରମ୍ଭ ହୋଇଛି 'ମୋ ବସ୍' ସେବା। ଗୁରୁବାର ସକାଳେ ପିପିଲିଠାରେ ବିଧାୟକ ପ୍ରଦୀପ ମହାରଥୀ ପତାକା ଦେଖାଇ ଏହି ସେବାର ଶୁଭାରମ୍ଭ କରିବା ସହ ପ୍ରଥମେ ଟିକେଟ କାଟି ସେଥିରେ ଯାତ୍ରା କରିଥିଲେ। ପିପିଲିକୁ ମୋ ବସ୍ ଚାଲିବା ଦ୍ୱାରା ସ୍ଥାନୀୟ ବାସିନ୍ଦାଙ୍କ ସମେତ ଛାତ୍ରୀଛାତ୍ର, ବରିଷ୍ଠ ନାଗରିକ, ସାମ୍ବାଦିକ, ଶ୍ରମିକ ଓ ପର୍ଯ୍ୟଟକ ବିଶେଷ ଉପକୃତ ହୋଇପାରିବେ ବୋଲି ସେ କହିଥିଲେ।

କ୍ରୁଟ ପକ୍ଷରୁ ମିଳିଥିବା ସୂଚନାନୁସାରେ, ଭୁବନେଶ୍ୱର-ପିପିଲି ରୁଟ୍ ନଂ.୩୩ରେ ମୋଟ ୪ଟି ବସ୍ ଚଳାଚଳ ପାଇଁ ଅନୁମତି ମିଳିଛି। ମାଷ୍ଟର କ୍ୟାଣ୍ଟିନଠାରୁ ସକାଳ ୭ଟାରୁ ପ୍ରଥମ ମୋ ବସ୍ ବାହାରି ପିପିଲି ଅଭିମୁଖେ ଯାତ୍ରା କରିବା ସହ ଦାଣ୍ଡମୁକୁନ୍ଦପୁର ବାଇପାସ ଛକ ପର୍ଯ୍ୟନ୍ତ ଯିବ। ସେହିପରି ପିପିଲିରୁ ୭ଟା ୩୦ରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଫେରିବ। ପ୍ରତି ୪୦ ମିନିଟ୍ ବ୍ୟବଧାନରେ ଗୋଟିଏ ବସ୍ ଚଳାଚଳ କରିବ। ପ୍ରତିଦିନ ମାଷ୍ଟରକ୍ୟାଣ୍ଟିନ ଷ୍ଟାଣ୍ଡରେ ବସ୍‌ଗୁଡିକୁ ସାନିଟାଇଜ୍ କରାଯିବା ପରେ ସେବା ଯୋଗାଇବ ବୋଲି ଡିପୋ ମ୍ୟାନେଜର ଆଶୁତୋଷ ନାୟକ କହିଛନ୍ତି। ଅନ୍ୟପକ୍ଷରେ ଯାତ୍ରୀଙ୍କ ନିମନ୍ତେ ନୋ ମାସ୍କ, ନୋ ଏଣ୍ଟ୍ରି କଟକଣା ଲାଗୁ କରାଯାଇଥିବାବେଳେ ଅନଲାଇନ୍ ଟିକେଟ 'ଫି' ପେମେଣ୍ଟର ବ୍ୟବସ୍ଥା ରହିଥିବା ଦୀପ୍ତିମୟୀ ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱରରୁ ପୁରୀକୁ ପ୍ରତିଦିନ ଶତାଧିକ ବସ୍ ଚାଲୁଥିଲେ ମଧ ଏହାଦ୍ୱାରା ପିପିଲି ଓ ଦାଣ୍ଡମୁକୁନ୍ଦପୁର ବାସିନ୍ଦା କିନ୍ତୁ ଉପକୃତ ହୋଇପାରୁ ନ ଥିଲେ। ଏବେ ବସ୍ ଚଳାଚଳ ଆରମ୍ଭ ହେବାପରେ ସ୍ଥାନୀୟ ବାସିନ୍ଦା ଖୁସିବ୍ୟକ୍ତ କହିଛନ୍ତି। ଶୁଭାରମ୍ଭ ଅବସରରେ ପିପିଲି ବ୍ଲକ ଉପାଧ୍ୟକ୍ଷ ଯୁଧିଷ୍ଠିର ସ୍ୱାଇଁ, ଆମ୍ବା ଅଧ୍ୟକ୍ଷ ଧରଣୀଧର ସାହୁ, ଆର୍ତ୍ତବନ୍ଧୁ ସାମନ୍ତରାୟ, ସମବାୟବିତ୍ ସଦାଶିବ ଦାଶ, ଶ୍ରୀଧର ପ୍ରଧାନ ପ୍ରମୁଖ ବସରେ ଯାତ୍ରା କରିଥିଲେ। ଶ୍ରୀତମ ସ୍ୱାଇଁ, ଟ୍ରାଭେଲ ଟାଇମର ମୁଖ୍ୟ ପରିଚାଳକ ତପନ ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।



ବିଧାୟକ ପ୍ରଦୀପ ମହାରଥୀ ମୋ ବସ୍‌କୁ ଉଦ୍‌ଘାଟନ କରୁଛନ୍ତି।

## ସଂକ୍ଷେପରେ

### ଡ୍ରାଇଭରଙ୍କ ହାତକୁ ହାଣି ଲୁଟିନେଲେ ୪ ଲକ୍ଷ

**ଖୁଣ୍ଟୁଣୀ,୨୫।୬(ଡି.ଏନ୍.ଏ):** ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ ଲିଙ୍ଗାପଦା ଗ୍ରାମ ଲିଙ୍ଗେଇ ଠାକୁରାଣୀ ପାଖରେ ଗୁରୁବାର ୪ ଦୁର୍ବୃତ୍ତ ଏକ ୪୦୭ ଗାଡ଼ିର ଡ୍ରାଇଭରଙ୍କ ହାତକୁ ହାଣି ୪ ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଗାଡ଼ି ମାଲିକ ବଡ଼ମ୍ବା ଥାନା ବେଲିଆପାଳ ଗ୍ରାମର ଶରତ ସାହୁ ଧବଳେଶ୍ୱର ଫାଣ୍ଡିରେ ଅଭିଯୋଗ କରିବା ପରେ ଉକ୍ତ ଥାନା ଓ ଫାଣ୍ଡି ପୋଲିସ ଡ୍ରାଇଭର ଓ ଜଣେ ମ୍ୟାନେଜରଙ୍କୁ ଅଟକ ରଖି ପଚରାଉଚୁରା କରିଛି। ଏ ସଂକ୍ରାନ୍ତରେ ମାମଲା (ନଂ.୭୬/୨୦) ରୁଜୁ କରିଛି। ସୂଚନା ମୁତାବକ, ଶରତଙ୍କ ଏକ ତେଜରାତି ଦୋକାନ ରହିଛି। ଗୁରୁବାର ପୂର୍ବାହ୍ନ ସାଢ଼େ ୯ଟାବେଳେ ଶରତ ନିଜ ଗାଡ଼ି (ଓଆର ୦୨ ଏଇ-୧୦୧୭)କୁ ଡ୍ରାଇଭର ନରସିଂହପୁର ଥାନା ଅନ୍ତର୍ଗତ ରଣସିଂହ ଗ୍ରାମର ଅଙ୍କୁଳ ପଇଲଙ୍କୁ ମ୍ୟାନେଜର ନରସିଂହ ଗୁହାଳ ସାହିର ଅଶୋକ ବେହେରାଙ୍କ ସହ କିଛି ସାମଗ୍ରୀ କିଣିବା ପାଇଁ ୪ଲକ୍ଷ ଟଙ୍କା ଦେବା ସହ ଅଦରକାରୀ ପେଟି ଗାଡ଼ିରେ ନେଇ ମଙ୍ଗୁଳିରେ ବିକ୍ରି କରିବାକୁ କହିଥିଲେ। ୨ଟି ପଲ୍‌ସରରେ ପୂର୍ବରୁ ପିଛା କରୁଥିବା ୪ଜଣ ଦୁର୍ବୃତ୍ତ ଲିଙ୍ଗେଇ ଛକଠାରେ ୪୦୭ ଗାଡ଼ିକୁ ଅଟକାଇଥିଲେ। ଜଣେ ଯୁବକ କଟୁରି ଧରି ଆସି ଡ୍ରାଇଭରଙ୍କ ହାତକୁ ହାଣି ଦେଇଥିବାବେଳେ ଅନ୍ୟଜଣେ ଯୁବକ ମ୍ୟାନେଜରଙ୍କୁ ଆକ୍ରମଣ କରି ୪ଲକ୍ଷ ଟଙ୍କା ନେଇ ଫେରାର ହୋଇଯାଇଥିଲେ। ଏ ନେଇ ତଦନ୍ତ ଚାଲିଥିବା ଥାନାଧିକାରୀ ବିଜୟ ବିସି କହିଛନ୍ତି।

### ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୧ଲକ୍ଷ ଟଙ୍କା ଦାନ

**ଭୁବନେଶ୍ୱର,୨୫।୬ (ବ୍ୟୁରୋ):** ଓଡ଼ିଶା ରାଜ୍ୟ ସାଧାରଣ ବୀମା ପେନ୍‌ଶନ ଭୋଗୀ ସଂଘ ଭୁବନେଶ୍ୱର ତରଫରୁ ମୁଖ୍ୟମନ୍ତ୍ରୀ ରିଲିଫ୍ ପାଣ୍ଠିକୁ ୧ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। କରୋନା ମୁକାବିଲା ପାଇଁ ଏହି ଅର୍ଥ ପ୍ରଦାନ କରାଯାଇଥିବା ସଂଘର ସମ୍ପାଦକ ପ୍ରଦୀପ୍ତ କୁମାର ମହାନ୍ତି କହିଛନ୍ତି।

### ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ମୃତ

**ଗୋପ,(ଡି.ଏନ୍.ଏ):** କୋଣାର୍କ ଥାନା ଅଧୀନ ଆମ୍ବିଳି ଗାଁର କୃଷ୍ଣଚନ୍ଦ୍ର ଦାଶ (୪୮)ଙ୍କ ଗୁରୁବାର ସକାଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମୃତ୍ୟୁ ହୋଇଛି। ସୂଚନାଯୋଗ୍ୟ, ସକାଳ ୮ଟାରେ କୃଷ୍ଣଚନ୍ଦ୍ର କୌଣସି କାର୍ଯ୍ୟରେ ବାହାରକୁ ଯାଇଥିବା ବେଳେ ଏକ ଏଲ୍‌ଟି ବିଦ୍ୟୁତ୍ ତାର ଓହଳି ରହିଥିଲା। ଅସାବଧାନତାବଶତଃ କୃଷ୍ଣଚନ୍ଦ୍ର ସେହି ତାର ସଂସ୍ପର୍ଶରେ ଆସିଯାଇଥିଲେ। ସେଠାରେ ସେ ଅଚେତ ହୋଇପଡ଼ିଥିବା ବେଳେ ସ୍ଥାନୀୟ ଲୋକେ ଦେଖି ଗୋପ ଡାକ୍ତରଖାନା ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ପୋଲିସ ପହଞ୍ଚି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ନଂ.୪/୨୦ ରୁଜୁ କରିଛି।

### ଦାୟିତ୍ୱ ନେଲେ ସିଡିଏମ୍‌ଓ

**ପୁରୀ ଅଫିସ,୨୫।୬:** ପୁରୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ ଡା. ସୁଜାତା ମିଶ୍ର ଗୁରୁବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ତାଙ୍କୁ ବିଭିନ୍ନ ସଙ୍ଗଠନ ପକ୍ଷରୁ ସ୍ୱାଗତ କରାଯାଇଛି। ସାହିଭାଇ ଅନୁଷ୍ଠାନ ପକ୍ଷରୁ ସିଡିଏମ୍‌ଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯିବା ସହ ମୁଖ୍ୟ ଚିକିତ୍ସାଳୟର ସମସ୍ୟା ନେଇ ଆଲୋଚନା କରାଯାଇଥିଲା। ଅନୁଷ୍ଠାନର କାର୍ଯ୍ୟକାରୀ ଅଧ୍ୟକ୍ଷ ବ୍ରଜବନ୍ଧୁ ମହାରଣା, ସମ୍ପାଦକ ଅଜୁ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ନାବାଳିକା ଅପହରଣ ମାମଲା, ଯୁବକ ଗିରଫ

**ବାଲକାଟୀ,୨୫।୬(ଡି.ଏନ୍.ଏ):** ବାଲିଅନ୍ତା ଥାନା ଅଞ୍ଚଳରେ ଜଣେ ନାବାଳିକା ଅପହରଣ ମାମଲାରେ ପୋଲିସ ଫେରାର ଥିବା ଜଣେ ଯୁବକଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି। ସେ ହେଲେ ଏହି ଥାନା ଅଞ୍ଚଳର ଅମିର ଖାଁ। ଏ ନେଇ ନଂ.୧୨୦/୨୦ରେ ମାମଲା ରୁଜୁ ହୋଇଛି। ୨୩ ତାରିଖରେ ଏହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଯୁବକ ଜଣକ ଅପହରଣ କରି ନେଇ ଗ୍ରାମ ଠାକୁରାଣୀ ମନ୍ଦିର ନିକଟରେ ଥିବା ଏକ ପରିତ୍ୟକ୍ତ ଘରେ ବାନ୍ଧି ରଖିଥିଲେ। ପରିବାର ଲୋକେ ଖୋଜାଖୋଜି କରିବା ପରେ କୌଣସି ସୂତ୍ରରୁ ଜାଣି ସେହି ଘରେ ପହଞ୍ଚି ଗୁରୁତର ଅବସ୍ଥାରେ ଝିଅକୁ ଉଦ୍ଧାର କରି ବାଲକାଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ପରେ ନାବାଳିକାଙ୍କ ବାପା ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୁକ୍ତଙ୍କ ଘରେ ପୋଲିସ ଚଢ଼ାଉ କରି ତାଙ୍କୁ ଧରିଥିଲା।





ଅନ୍ତର୍ଜାତୀୟ ନିଶା ବିରୋଧୀ ଦିବସ ଅବ୍ୟବହିତ ପୂର୍ବରୁ ଗୁରୁବାର ପୁରୀ ବେଳାଭୂମିରେ ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ବାଲୁକା କଳା।

## ଖୋର୍ଦ୍ଧାରେ ୧୦ କରୋନା ପଜିଟିଭ୍

**ଖୋର୍ଦ୍ଧା ଅଫିସ,୨୫।୬**

ଖୋର୍ଦ୍ଧା ଜିଲା (ଭୁବନେଶ୍ୱରକୁ ବାଦ୍ ଦେଇ)ରେ ଗୁରୁବାର ପୁଣି ୧୦ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସେଥିରେ ବାଣପୁରର ୩, ବେଗୁନିଆର ୫ ଏବଂ ବୋଲଗଡ଼ ଓ ଜଟଣୀରୁ ଜଣେ ଲେଖାଏ ରହିଛନ୍ତି। ସମସ୍ତ ଆକ୍ରାନ୍ତଙ୍କୁ ଚିକିତ୍ସା ଲାଗି ଭୁବନେଶ୍ୱର କୋଭିଡ୍ ହସ୍ପିଟାଲକୁ ପଠାଇ ଦିଆଯାଇଛି। ଏହା ସହ ବିଭିନ୍ନ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ୨୩ଜଣ ସୁସ୍ଥ ହୋଇ ଫେରିଛନ୍ତି।

ଅନ୍ୟପଟେ ଗୁରୁବାର ୬୭ଜଣଙ୍କ ନମୁନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ଭୁବନେଶ୍ୱର ପଠାଯାଇଛି ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ମିଳିଛି।

## ଚାକିରିରୁ ବହିଷ୍କାର ସହ ଗିରଫ ଦାବି

### ନାବାଳିକାଙ୍କୁ ଥାନା ଅଧିକାରୀଙ୍କ ବଳାତ୍କାର ମାମଲା

**ଭୁବନେଶ୍ୱର,୨୫।୬(ବ୍ୟୁରୋ)**

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ଥାନା ଅଧିକାରୀ ଓ ତାଙ୍କ ଡ୍ରାଇଭର, କନଷ୍ଟେବଳ ମିଶି ଜଣେ ୧୩ ବର୍ଷର ନାବାଳିକାଙ୍କୁ ଥାନା ଭିତରେ ବାରମ୍ବାର ବଳାତ୍କାର କରିବା ଘଟଣା ଓଡ଼ିଶାର ପୋଲିସ ଇତିହାସରେ ଏକ କଳଙ୍କିତ ଅଧ୍ୟାୟ ବୋଲି ସମାଜବାଦୀ ପାର୍ଟି ପକ୍ଷରୁ କୁହାଯାଇଛି। ସରକାରୀ ଡାକ୍ତରଙ୍କ ଉପରେ ଚାପ ପ୍ରୟୋଗ କରି ଗର୍ଭବତୀ ହୋଇଥିବା ନାବାଳିକାର ଗର୍ଭପାତ କରିବା ବିଷୟ ଏହି ମାମଲାକୁ ଆହୁରି ରହସ୍ୟମୟ କରିଛି। ତୁରନ୍ତ ଏହି ବଳାତ୍କାର ମାମଲାରେ ସମ୍ପୃକ୍ତ ଥାନା ଅଧିକାରୀ, ଡ୍ରାଇଭର, କନେଷ୍ଟବଳଙ୍କ ସମେତ ଅନ୍ୟ ଦୁଇଜଣ ଅଭିଯୁକ୍ତ ଓ ବୀରମିତ୍ରପୁର ଡାକ୍ତରଖାନାର ଡାକ୍ତରଙ୍କୁ ଗିରଫ କରିବାକୁ ପାର୍ଟି ଦାବି କରିଛି। ତୁରନ୍ତ ସମ୍ପୃକ୍ତ ଆଇଆଇସି, ଡ୍ରାଇଭର ଓ କନଷ୍ଟେବଳଙ୍କୁ ପୋଲିସ୍ ଚାକିରିରୁ ବହିଷ୍କୃତ କରି ଗିରଫ କରିବା ସହ ସମ୍ପୃକ୍ତ ଅନ୍ୟ ଦୁଇଜଣ ଦୋଷୀ ଓ ଡାକ୍ତରଙ୍କୁ ଗିରଫ କରାଯାଉ ବୋଲି ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଦାବି କରିଛନ୍ତି। ଏଥିସହ ମହିଳା କମିଶନଙ୍କ ଏକ ଟିମ୍ ଘଟଣାସ୍ଥଳ ପରିଦର୍ଶନ କରି ଏହାର ନିରପେକ୍ଷ ତଦନ୍ତ କରିବା ଉଚିତ୍। ସମ୍ପୃକ୍ତ ନାବାଳିକାଙ୍କୁ ୧୦ଲକ୍ଷ ଟଙ୍କା କ୍ଷତିପୂରଣ ଦେବାସହିତ ସରକାରୀସ୍ତରରେ ତାଙ୍କର ଥଇଥାନର ସମସ୍ତ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ପାର୍ଟିର ସାଧାରଣ ସମ୍ପାଦକ ସୁଦର୍ଶନ ପ୍ରଧାନ, ରୀତା ପଟ୍ଟନାୟକ ପ୍ରମୁଖ ମହିଳା କମିଶନ ସଦସ୍ୟା ସ୍ୱର୍ଣ୍ଣଲତା ଦେବୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି ଏହି ତିନିଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ। ରାଜ୍ୟ ଶିଶୁ କମିଶନ ଅଧ୍ୟକ୍ଷା, ପୋଲିସ୍ ମହାନିର୍ଦ୍ଦେଶକ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଧ୍ୟ ଗୋଟିଏ ଗୋଟିଏ ଦାବିପତ୍ର ପ୍ରଦାନ କରାଯାଇଛି।

# ନେଗେଟିଭ ରିପୋର୍ଟଧାରୀ ସେବାୟତ କରିବେ ନୀତିକାନ୍ତି

**ପୁରୀ ଅଫିସ,୨୫।୬:**

ସବୁ ସେବାୟତଙ୍କର ଦୁଇରାଉଣ୍ଡ କୋଭିଡ୍ ଟେଷ୍ଟ କରାଯିବ। ଗୁରୁବାରଠାରୁ ଏହି ଟେଷ୍ଟିଂ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ୬୮ ଜଣଙ୍କ ସ୍ୱାବ୍ ସଂଗ୍ରହ ହୋଇଛି।

ଯେଉଁମାନଙ୍କର ରଥଯାତ୍ରା ପୂର୍ବରୁ ଟେଷ୍ଟ କରାଯାଇଥିଲା ସେମାନଙ୍କର ଆଉଥରେ ପରୀକ୍ଷା କରାଯିବ। କେବଳ ନେଗେଟିଭ ରିପୋର୍ଟ ଆସିଥିବା ସେବାୟତ ବାହୁଡ଼ାଠାରୁ ନୀଳାଦ୍ରିବିଜେ ପର୍ଯ୍ୟନ୍ତ ମହାପ୍ରଭୁଙ୍କ ନୀତିକାନ୍ତିରେ ସାମିଲ ହେବେ ବୋଲି ଶ୍ରୀମନ୍ଦିର ପରିଚାଳନା କମିଟି କାର୍ଯ୍ୟକାରୀ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି। ଗୁରୁବାର ନୀଳାଦ୍ରି ଭକ୍ତନିବାସରେ ଅନୁଷ୍ଠିତ ଛତିଶା ନିଯୋଗ ବୈଠକ ପରେ କାର୍ଯ୍ୟକାରୀ ଅଧ୍ୟକ୍ଷ କହିଥିଲେ, କୋଭିଡ୍ ସଂକ୍ରମଣ ଯେପରି ନ ବ୍ୟାପିବ ସେଥିପ୍ରତି ପ୍ରାଥମିକତା ରହିବ। ପୁରୀ ରଥଯାତ୍ରାକୁ ଏମିତି କିଛି ସର୍ତ୍ତ ରଖି ଅନୁମତି ଦେଇଛନ୍ତି ସୁପ୍ରିମ୍‌କୋର୍ଟ। ତେଣୁ ଏହାକୁ ଗୁରୁତ୍ୱର ସହ ନିଆଯାଉଛି। ବୈଠକରେ କୋଭିଡ୍ ଟେଷ୍ଟ ସଂକ୍ରାନ୍ତରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଛି।

ପୁରୀରେ ୨ଟି ସ୍ପେଶାଲ ମେଡିକାଲ କ୍ୟାମ୍ପ ପ୍ରତିଷ୍ଠା ହେବ। ଡୁଡୁୱାଲା ଧର୍ମଶାଳାରେ ଏବଂ ଭିତର ସେବାୟତ ନିଯୋଗ ପରିସରରେ ଏହି କ୍ୟାମ୍ପ କରାଯିବ। ଶୁକ୍ରବାରଠାରୁ ଏହା କାର୍ଯ୍ୟକ୍ଷମ କରିବ। ଏଠାରେ ଭେଷଜ ବିଶେଷଜ୍ଞ, ଅସ୍ଥିଶଲ୍ୟ ବିଶେଷଜ୍ଞଙ୍କ ସମେତ ଅନ୍ୟ ବିଭାଗର ଡାକ୍ତର ରହିବେ। ସେବାୟତଙ୍କ ମଧ୍ୟରୁ କାହାର ଯଦି କୌଣସି ପ୍ରକାର ସ୍ୱାସ୍ଥ୍ୟଗତ ସମସ୍ୟା ଥିବ ସେଠାରେ ଦେଖାଇପାରିବେ। ଏଥିସହ କରୋନା ଲକ୍ଷଣ ଚିହ୍ନଟ ପାଇଁ ଡୋର୍ ଟୁ ଡୋର୍ ସର୍ଭେ କରାଯିବ। ଯାହାର କିଛି ଲକ୍ଷଣ ଜଣାପଡ଼ିବ ତାଙ୍କୁ ନୀଳାଦ୍ରିବିଜେ ପରେ ବି ୧୦/୧୫ ଦିନ ସର୍ଭେଲାନ୍ସରେ ରଖାଯିବ। ଏଥିସହ ଶ୍ରୀମନ୍ଦିର ଓ ମ୍ୟୁନିସିପାଲିଟି କର୍ମଚାରୀ, ପୋଲିସଙ୍କ ସମେତ ଅନ୍ୟ ଯେଉଁମାନେ ରଥଯାତ୍ରା ସହ ସମ୍ପୃକ୍ତ ସମସ୍ତଙ୍କର ମଧ୍ୟ କୋଭିଡ୍ ଟେଷ୍ଟ କରାଯିବ। ରଥଯାତ୍ରା ପୂରା ପ୍ରକ୍ରିୟାରେ ଯେପରି ଜଣେ ହେଲେ ବି ପଜିଟିଭ ସମ୍ପୃକ୍ତ ନ ରହିବେ ତାହା ଉପରେ ସତର୍କ ଦୃଷ୍ଟି ରହିବ। ବଡ଼ଦାଣ୍ଡ ଏବଂ ଏହାକୁ ସଂଯୋଗ କରୁଥିବା ଗଳିକନ୍ଦିକୁ ୨/୩ ପର୍ଯ୍ୟାୟ ବିଶୋଧନ କରାଯିବ। ରଥଯାତ୍ରା ଯୋଗୁ ଯେପରି ପୁରୀ ସହରରେ କୋଭିଡ୍ ସଂକ୍ରମଣ ନ ବ୍ୟାପିବ ସେଥିଲାଗି ସମସ୍ତ ପଦକ୍ଷେପ ନିଆଯିବ। ବାହୁଡା ଯାତ୍ରାରେ କେବଳ ନେଗେଟିଭ ରିପୋର୍ଟ ଆସିଥିବା ସେବାୟତମାନେ ହିଁ ରଥ ଟାଣିବେ। ଯଦି ସେମାନଙ୍କର ସଂଖ୍ୟା କମ୍ ରୁହେ ତେବେ କୋଭିଡ୍ ଟେଷ୍ଟରେ ଯେଉଁମାନେ ନେଗେଟିଭ ରହିଥିବେ ସେମାନେ ଟାଣିପାରିବେ ବୋଲି କାର୍ଯ୍ୟକାରୀ ଅଧ୍ୟକ୍ଷ କହିଛନ୍ତି। ବୈଠକରେ ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂ, ଏସ୍‌ପି ଉମାଶଙ୍କର ଦାଶ ଏବଂ ଛତିଶା ନିଯୋଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।



ଛତିଶା ନିଯୋଗ ବୈଠକରେ ପ୍ରଶାସନିକ ଅଧିକାରୀ ଓ ଛତିଶାନିଯୋଗର କର୍ମକର୍ତ୍ତା।

## ଜଙ୍ଗଲ ଜମିରୁ ମାଟି ଖୋଳି ରାସ୍ତା ନିର୍ମାଣ

**ଯୋଡ଼ା ୨୫।୬(ଡି.ଏନ.ଏ.)**

କେନ୍ଦୁଝର ଜିଲା ଯୋଡା ବ୍ଲକ ତଥା ଚମ୍ପୁଆ ରେଞ୍ଜ ଅଧୀନ ବାଲିବନ୍ଧ ଜଙ୍ଗଲ ଜମିରୁ ମାଟି ଖୋଳାଯାଇ ଜାମିର୍ଡା କମଳପୁର ରାସ୍ତା ନିର୍ମାଣରେ ବ୍ୟବହାର କରାଯାଉଛି। ଏହି ରାସ୍ତା ନିର୍ମାଣରେ ମୋରମ ପକାଯିବା ପରିବର୍ତ୍ତେ ରାସ୍ତା ପାଖ ପଟ୍ଟା ଭୁକ୍ତ ଜମିରୁ ବିନା ଅନୁମତିରେ ମାଟି ଆଣି ପକାଯାଉଥିବାରୁ କମଳପୁର ଗ୍ରାମବାସୀଙ୍କ ପକ୍ଷରୁ ବିରୋଧ କରାଯାଇଛି। ଏନେଇ ଗ୍ରାମବାସୀ ବାଲିବନ୍ଧ ଫରେଷ୍ଟର ଖଗେଶ୍ୱର ବାରିକ ଓ ରାସ୍ତା ନିର୍ମାଣ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ରଞ୍ଜିତ ନାୟକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଗୁରୁବାର ବାଲିବନ୍ଧ ଫରେଷ୍ଟର ବାରିକ ଓ କନିଷ୍ଠଯନ୍ତ୍ରୀ ନାୟକ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରିବା ସହ ରାସ୍ତାର ବିଭିନ୍ନ ସ୍ଥାନରୁ ନମୁନା ସଂଗ୍ରହ କରିଛନ୍ତି। ଅଭିଯୋଗ ଅନୁଯାୟୀ, ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଜୁରୁଡିଠାରୁ କମଳପୁର ୮.୭୬ କି.ମି ଦୂର ରାସ୍ତାର ନିର୍ମାଣ କାର୍ଯ୍ୟାଦେଶ ଜଣେ ଠିକାଦାରଙ୍କୁ ଦିଆଯାଇଛି। କିନ୍ତୁ ସେ ନିୟମକୁ ନ ମାନି ନିମ୍ନମାନର ରାସ୍ତା ନିର୍ମାଣ କରୁଥିବା କମଳପୁର ଗ୍ରାମର ପ୍ରଶାନ୍ତ ଘଣା, ମିତ୍ରଭାନୁ ବେହେରା, କମଳାକାନ୍ତ ବେହେରା ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କେନ୍ଦୁଝର ଡିଏଫଓ ସନ୍ତୋଷ ଯୋଶୀ କହିଛନ୍ତି ଯେ, ଜଙ୍ଗଲଜମିକୁ ବେଆଇନ ଭାବେ ଖନନ କରାଯାଇଥିଲେ ଖୁବ୍‌ଶୀଘ୍ର ଏହାର ଉପଯୁକ୍ତ ବିଭାଗୀୟ ତଦନ୍ତ କରାଯିବ।

## ଫର୍ନିଚର ଦୋକାନରେ ଭିଜିଲାନ୍ସ ଚଢ଼ାଉ

### ବ୍ୟବସାୟୀ ଗିରଫ

**ଯାଜପୁର ଅଫିସ/କଟକ ଅଫିସ,୨୫।୬**

ଯାଜପୁର ରୋଡ଼ସ୍ଥିତ ଏକ ଫର୍ନିଚର ଦୋକାନ ଉପରେ ଗୁରୁବାର କଟକ ଭିଜିଲାନ୍ସ ଡିଭିଜନ୍ ପକ୍ଷରୁ ଚଢ଼ାଉ କରାଯାଇଛି। ଏଥିରେ ଯାଜପୁର ରୋଡ୍ ରେଞ୍ଜ ଏବଂ ସ୍ଥାନୀୟ ପୋଲିସର ଅଧିକାରୀମାନେ ସାମିଲ ଥିଲେ। ଚଢ଼ାଉ ବେଳେ ଉକ୍ତ ଫର୍ନିଚର୍ ଦୋକାନରେ ବିନା ଲାଇସେନ୍ସରେ ଗୃହ ଉପକରଣ ସାମଗ୍ରୀ ବିକ୍ରି ହେଉଥିବା ଜଣାପଡ଼ିଥିଲା। ଏପରି କି ବ୍ୟବସାୟୀ ଜଣକ ଏକ ଡିପୋ ମଧ୍ୟ ଚଳାଉଥିଲେ। ସେଠାରେ ବିପୁଳ ପରିମାଣର କାଠ ମହଜୁଦ୍ ଥିଲା। ପ୍ରାୟ ୧ ଲକ୍ଷ ୨୮ହଜାର ୫୪୦ ଟଙ୍କାର ସାମଗ୍ରୀ ଜବତ କରାଯାଇଛି। ଏ ନେଇ ଏକ ମାମଲା ରୁଜୁ କରାଯାଇ ବ୍ୟବସାୟୀ ରବୀନ୍ଦ୍ର କୁମାର ମହାରଣାଙ୍କୁ ଗିରଫ କରାଯାଇଛି। ତାଙ୍କ ଘର ପାଣିକୋଇଲି ଥାନା ଅର୍ନ୍ତଗତ ବଡ଼େଇଜଳନ୍ଦା ଗ୍ରାମରେ ବୋଲି ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିଭଳି କାଳିଆପାଣି ଥାନା ଅର୍ନ୍ତଗତ ଓସ୍ତପାଳ ଗ୍ରାମରେ ଚଢ଼ଉ କରାଯାଇ ୧ ଲକ୍ଷ ୩ହଜାର ୮୩୬ ଟଙ୍କାର ଶାଳ କାଠ ଜବତ କରାଯାଇଛି। ଏ ନେଇ ସୁକିନ୍ଦା ଫରେଷ୍ଟ ରେଞ୍ଜରେ ଦୁଇଟି ମାମଲା ରୁଜୁ ହୋଇଛି। ଏହି ୩ଟି ଚଢ଼ାଉରେ ମୋଟ ୨ଲକ୍ଷ ୩୨ ହଜାର ୩୭୬ ଟଙ୍କାର କାଠ ଏବଂ କାଠ ତିଆରି ଉପକରଣ ଜବତ ହୋଇଥିବା କଟକ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।



# ଚର୍ଚ୍ଚାରେ ବାହୁବଳୀ ସେବାୟତ

**ପୁରୀ ଅଫିସ,୨୫।୬**

ପ୍ରତିବର୍ଷ ରଥଯାତ୍ରାରେ ପୋଲିସ ଏବଂ ଭକ୍ତ ରଥ ଟାଣନ୍ତି। କିନ୍ତୁ ଏଥର ସ୍ଥିତି ଏବଂ ଚିତ୍ର ସମ୍ପୂର୍ଣ୍ଣ ଭିନ୍ନ ଥିଲା। ଏଥର ରଥଯାତ୍ରା ଭକ୍ତଶୂନ୍ୟ ହୋଇଛି। ମହାମାରୀ କରୋନା ପାଇଁ ଭକ୍ତଙ୍କୁ ବଡ଼ଦାଣ୍ଡ ମନା ଥିଲା। ତେଣୁ ଏବର୍ଷ ରଥ ଟାଣିଥିଲେ ଶ୍ରୀମନ୍ଦିର ସେବାୟତ। ହେଲେ ଏହି ସେବାୟତଙ୍କ ମଧ୍ୟରେ ବେଶ୍ ଚର୍ଚ୍ଚାରେ ରହିଥିଲେ ବାହୁବଳୀ ସେବାୟତ ଅନୀଲ ଗୋଚ୍ଛିକାର। ବଡି ବିଲ୍ଡିଂ ପ୍ରତିଯୋଗିତାରେ ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ବେଶ୍ ସଫଳତା ପାଇଥିବା ଅନୀଲ କହିଛନ୍ତି ଏଥର ମହାପ୍ରଭୁଙ୍କ ରଥଟାଣିବା ଅନୁଭୂତି ବାସ୍ତବିକ ସ୍ମରଣୀୟ ରହିବ।

ଏଥର ମହାପ୍ରଭୁଙ୍କ ରଥଯାତ୍ରା ଭିନ୍ନ ଢଙ୍ଗରେ ଅନୁଷ୍ଠିତ ହୋଇଛି। କରୋନା ପାଇଁ ରଥଯାତ୍ରାଠୁ ଭକ୍ତଙ୍କୁ ଦୂରେଇ ରଖାଯାଇଛି। ରଥ ଟାଣିଛନ୍ତି ସେବାୟତ। ଏହାଥିଲା ଶ୍ରୀମନ୍ଦିର ଇତିହାସରେ ସବୁଠୁ ନିଆରା ଦୃଶ୍ୟ। ବଡ଼ଦାଣ୍ଡ ଖାଲି, ଭକ୍ତ ଶୂନ୍ୟ ପରିବେଶ ମଧ୍ୟରେ ଟାଣ ଖରାକୁ ଖାତିର ନ କରି ଗୁଣ୍ଡିଚା ମନ୍ଦିରରେ ତିନିରଥ ପହଞ୍ଚାଇ ଦେଇଥିଲେ ସେବାୟତ। ହେଲେ ଏହି ସେବାୟତଙ୍କ ମଧ୍ୟରେ ଆକର୍ଷଣ ସାଜିଥିଲେ ବାହୁବଳୀ ସେବାୟତ ଅନୀଲ ଗୋଚ୍ଛିକାର। ବାହୁବଳୀ କହିବାର ଯଥାର୍ଥତା ବି ରହିଛି। କାରଣ ୪୦ ବର୍ଷୀୟ ଅନୀଲ ବଡି ବିଲ୍ଡିଂ ମାଧ୍ୟମରେ ଜାତୀୟ ତଥା ଅନ୍ତର୍ଜାତୀୟସ୍ତରରେ ବେଶ୍ ସୁନାମ ସାଉଣ୍ଟିଛନ୍ତି। ତେବେ କେମିତି ରହିଥିଲା ବଡ଼ଦାଣ୍ଡରେ ରଥ ଟାଣିବାର ଅନୁଭୂତି ସମ୍ପର୍କରେ ଅନୀଲ କୁହନ୍ତି, ସେଦିନ ରଥଟାଣିବାର ଅନୁଭୂତି ବର୍ଣ୍ଣନା କରିହେବ ନାହିଁ। ସେଦିନ ଅଲୌକିକ ଦୃଶ୍ୟ ଆମେ ଦେଖିଲୁ। ବଡ଼ଦାଣ୍ଡରେ ହସିଖେଳି, ମଉଜମସ୍ତି କରି ରଥ ଭିଡୁଥିଲୁ। ମହାପ୍ରଭୁ ଆମ ସହିତ କୌଣସି ମାନ ଅଭିମାନ ନ କରି ନିଜେ ଆମ ସହିତ ଚାଲୁଥିବା ଅନୁଭବ ହେଉଥିଲା। ପ୍ରବଳ ଖରା ଏବଂ ଗୁଳୁଗୁଳି ହେଉଥିଲେ ବି ସେମିତି କିଛି କଷ୍ଟ ଜଣାପଡୁ ନ ଥିଲା। ପ୍ରଥମଥର ପାଇଁ କେବଳ ସେବାୟତମାନେ ପାରମ୍ପରିକ ପୋଷାକ ଧୋତି, ମକୁଟା ପିନ୍ଧି ଖାଲି ପାଦରେ ହିଁ ରଥ ଟାଣିଥିଲେ। ଭାରତ ଏମିତି କି ଅନ୍ୟ କେଉଁଠି ବି ଏପରି ହେବାର ନଜିର ନାହିଁ। ଆଗକୁ ଏପରି ହେବ କି ନ ହେବ ତାହା ସନ୍ଦେହ। ୨୦୨୦ ରଥଯାତ୍ରା ଶ୍ରୀମନ୍ଦିର ଇତିହାସରେ ନିଶ୍ଚିତ ଏକ ନୂତନ ଫର୍ଦ୍ଦ ଯୋଡ଼ିଦେଇଛି। ଅନ୍ୟପକ୍ଷରେ ଏଥର ରଥଯାତ୍ରା ଯେଉଁଭଳି ପରିସ୍ଥିତିରେ ହେଲା ସେ ସମ୍ପର୍କରେ ଅନୀଲ କହିଛନ୍ତି, ରଥଯାତ୍ରା ବନ୍ଦ ହେବା ନେଇ ପ୍ରଥମେ ଯେଉଁ ନିଷ୍ପତ୍ତି ଥିଲା ସେଥିରେ ସେବାୟତମାନେ ଦୁଃଖିତ ଥିଲେ। କିନ୍ତୁ ଶେଷ ମୁହୂର୍ତ୍ତରେ ମହାପ୍ରଭୁ ଚମତ୍କାର କଲେ। ଭକ୍ତ ପ୍ରଶାସନର କଟକଣାକୁ ମାନିଛନ୍ତି। ସେମାନେ ମହାପ୍ରଭୁଙ୍କ ରଥ ବଡ଼ଦାଣ୍ଡରେ ଗଡୁ ଏହା ସମସ୍ତେ ଚାହୁଁଥିଲେ। ତାହା ମଧ୍ୟ ସଫଳ ହୋଇଛି ବୋଲି ଅନୀଲ କହିଛନ୍ତି।

### ବଡ଼ଦାଣ୍ଡରେ ଟାଣିଲେ ରଥ



**ଗଜପତିରେ ୨୯ ନୂଆ ପଜିଟିଭ**

**ପାରଳାଖେମୁଣ୍ଡି(ସ୍ୱ.ପ୍ର.):** ଗଜପତି ଜିଲାରେ ୨୪ ଘଣ୍ଟା ମଧ୍ୟରେ ୨୯ ନୂଆ ପଜିଟିଭ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ଏଥିସହ ଜିଲାରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୩୮୪ରେ ପହଞ୍ଚିଛି। ଏଥିମଧ୍ୟରୁ କେବଳ ଗୋଷାଣୀ ବ୍ଲକରୁ ସର୍ବାଧିକ ୨୪୭ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ନୂତନଭାବେ ଚିହ୍ନଟ ହୋଇଥିବା ୨୯ଜଣଙ୍କ ମଧ୍ୟରେ ୧୫ଜଣ ବାହାର ରାଜ୍ୟ ଫେରନ୍ତା ରହିଛନ୍ତି। ସେହିପରି ୭ ଜଣ କଣ୍ଟେନମେଣ୍ଟ ଜୋନ୍‌ରୁ ଚିହ୍ନଟ ହୋଇଥିବାବେଳେ ଅନ୍ୟ ୭ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ଜଣାପଡ଼ିଛି। ସମସ୍ତ ୨୯ଜଣଙ୍କୁ ଆର୍.ସୀତାପୁରସ୍ଥିତ କୋଭିଡ୍ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିବା ଗଜପତି ଜିଲାପାଳ ଅନୁପମ ଶାହା ଭିଡିଓ ବାର୍ତ୍ତା ମାଧ୍ୟମରେ ସୂଚନା ଦେଇଛନ୍ତି।

# ପୋଲିସ-ଗ୍ରାମବାସୀ ଧସ୍ତାଧସ୍ତି

**ଅନୁଗୋଳ ଅଫିସ/ ବନ୍ତଲା, ୨୫।୬**



ଧାରଣାରେ ବସିଥିବା ଗ୍ରାମର ମହିଳାମାନେ।

- ଅଭିଯୁକ୍ତଙ୍କୁ ଗିରଫ ବେଳେ ଉତ୍ତେଜନା
- ମୃଦୁ ଲାଠି ଚାଳନା ଅଭିଯୋଗ
- ୬ଜଣଙ୍କୁ ଗିରଫ କଲା ପୋଲିସ

ଏକ ଓଭରହେଡ୍ ପାଣି ଟାଙ୍କି ନିର୍ମାଣ ପାଇଁ ଜଣଙ୍କ ଘର ଭାଙ୍ଗିଦେଇଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଗୁରୁବାର ଅନୁଗୋଳ ବ୍ଲକ ଶରଧାପୁର ଗ୍ରାମକୁ ଯାଇଥିବା ପୁରୁଣାକୋଟ ପୋଲିସ ସହ ଗ୍ରାମବାସୀଙ୍କ ଧସ୍ତାଧସ୍ତି ହୋଇଛି। ଏହାକୁ ନେଇ ଗ୍ରାମରେ ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ ଗ୍ରାମର ୬ଜଣ ସନାତନ ସାହୁ, ଶ୍ରୀପତି ସାହୁ, ଦୀପକ ସାହୁ, ବାପୁନୁ ସାହୁ, ଶଙ୍କର ବିଶ୍ୱାଳ ଓ ସଂସାର ରାଧାନଙ୍କୁ ଗିରଫ କରିଥିବା ସୂଚନା ମିଳିଛି।

ପ୍ରକାଶ ଯେ, ମାଣିକଯୋଡି ପଞ୍ଚାୟତ କୁଲୁସର ଗ୍ରାମର ମାଗତା ନାଏକ(୫୦) ଶରଧାପୁର ଉଚ୍ଚ ବିଦ୍ୟାଳୟ ନିକଟ ସରକାରୀ ଜମିରେ ୫ ବର୍ଷ ହେଲା ଘର କରି ରହୁଥିଲେ। ତେବେ ଶରଧାପୁର ଗ୍ରାମକୁ ଜଳ ଯୋଗାଣ ପାଇଁ ମଞ୍ଜୁର ହୋଇଥିବା ଏକ ଓଭର୍ ହେଡ ପାଣି ଟାଙ୍କିର ବୋରିଂ ବେଳେ ଅନ୍ୟସ୍ଥାନ ଅପେକ୍ଷା ମାଗତାଙ୍କ ଘର ନିକଟରେ ସହଜରେ ଜଳସ୍ତର ମିଳିଥିଲା। ତେଣୁ ଗ୍ରାମବାସୀ ସଭା କରି ମାଗତାଙ୍କୁ ଘର ଭାଙ୍ଗି ଅନ୍ୟତ୍ର ରହିବାକୁ କହିଥିଲେ। ଏଥିରେ ସେ ରାଜି ନ ହେବାରୁ ପରେ ଗ୍ରାମ ସଭାପତି ବ୍ରହ୍ମାନନ୍ଦ ସାହୁଙ୍କ ସହ ଅନ୍ୟମାନେ ପୁରୁଣାକୋଟ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପରେ ଅନୁଗୋଳ ତହସିଲଦାର, ଜିଲାପାଳ ଓ ଏସ୍‌ପିଙ୍କୁ ମଧ୍ୟ ଗ୍ରାମବାସୀ ଅବଗତ କରିଥିଲେ। ସମାଧାନ ପାଇଁ ପୁରୁଣାକୋଟ ଥାନା ଅଧିକାରୀ ବିକ୍ରମ ଜୟପୁରିଆ ଉଦ୍ୟମ କରିଥିଲେ ହେଁ ବିଫଳ ହୋଇଥିଲେ। ଗତ ମାସରେ ମାଗତାଙ୍କ ଘରକୁ ଗ୍ରାମବାସୀ ଭାଙ୍ଗି ଦେଇଥିଲେ। ଏ ସମ୍ପର୍କରେ ମାଗତା ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ରମେଶ ଚନ୍ଦ୍ର ମୁଖୀ ଓ ପୁରୁଣାକୋଟ ଥାନା ଅଧିକାରୀ ବିକ୍ରମ ଜୟପୁରିଆ ଗ୍ରାମକୁ ଯାଇଥିଲେ। ତେବେ ଗିରଫଦାରିର ପ୍ରତିବାଦ କରି ଲୋକେ ପୋଲିସ ଗାଡି ଆଗରେ ଧାରଣା ଦେବାରୁ ପରିସ୍ଥିତି ଅଣାୟତ୍ତ ହୋଇଥିଲା। ଏହାପରେ ତହସିଲଦାର ନେହୁରୁ ମାଝି, ଡିଏସ୍‌ପି ରମେଶ ଚନ୍ଦ୍ର ମୁଖୀ, ଅନୁଗୋଳ ଥାନା ଅଧିକାରୀ ରମେଶ ଚନ୍ଦ୍ର ବିଶୋଇ, ବନ୍ତଲା ଥାନା ଅଧିକାରୀ ଗୀତାଞ୍ଜଳି ସାହୁଙ୍କ ସହିତ ୩ ପ୍ଲାଟୁନ ଫୋର୍ସ ପହଞ୍ଚି ବୁଝାଶୁଝା କରିଥିଲେ। କିନ୍ତୁ ସ୍ଥିତି ଅଧିକ ଉତ୍ତେଜନାପୂର୍ଣ୍ଣ ହେବାରୁ ପୋଲିସ ମୃଦୁ ଲାଠି ଚାଳନା କରିଥିବା ଅଭିଯୋଗ ହୋଇଛି। ଏ ନେଇ ଡିଏସ୍‌ପି ମୁଖୀ କହିଛନ୍ତି, ଘରଭଙ୍ଗା ମାମଲାରେ ପୋଲିସ ଗାଁ ଲୋକଙ୍କୁ ଗିରଫ କରିବାକୁ ଯାଇଥିଲା ବେଳେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୁରୁଣାକୋଟ ଥାନା ଅଧିକାରୀ ବିକ୍ରମ ଜୟପୁରିଆ କହିଛନ୍ତି, ଲୋକମାନେ ପୋଲିସକୁ ବିରୋଧ କରିଥିଲେ। ସେଥିପାଇଁ ଅଧିକ ଫୋର୍ସ ମୁତୟନ କରି ଗ୍ରାମର ୬ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। କେବଳ ଧସ୍ତାଧସ୍ତି ହୋଇଛି। ଲାଠିଚାଳନା ହୋଇ ନାହିଁ ବୋଲି ଥାନା ଅଧିକାରୀ ପ୍ରକାଶ କରିଛନ୍ତି।

# ବ୍ୟାଙ୍କ ମ୍ୟାନେଜର କରୋନା ସଂକ୍ରମିତ

**ପାରଳାଖେମୁଣ୍ଡି,୨୫।୬(ସ୍ୱ.ପ୍ର.)**




ପାରଳାଖେମୁଣ୍ଡିସ୍ଥିତ ଏସ୍‌ବିଆଇ ମୁଖ୍ୟ ଶାଖା।

- ସିଲ୍ ହେଲା ବ୍ୟାଙ୍କ
- ଭୁବନେଶ୍ୱରରୁ ଫେରି ଗୃହ ସଙ୍ଗରୋଧରେ ଥିଲେ
- ଅସୁସ୍ଥ ହେବାରୁ ପୁଣି ଭୁବନେଶ୍ୱର ଯାଇଥିଲେ

ପାରଳାଖେମୁଣ୍ଡିସ୍ଥିତ ଷ୍ଟେଟ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଏସ୍‌ବିଆଇ)ମୁଖ୍ୟ ଶାଖା ପରିଚାଳକ କରୋନା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଏହା ସ୍ପଷ୍ଟହେବା ପରେ ସଂକ୍ରମଣ ଏଡ଼ାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ବ୍ୟାଙ୍କକୁ ସିଲ୍ କରାଯାଇଛି। ଏ ନେଇ ଜିଲା ଅଗ୍ରଣୀ ବ୍ୟାଙ୍କ୍ ପରିଚାଳକ କିଶୋର ଚନ୍ଦ୍ର ନାୟକ ସୂଚନା ଦେଇ କହିଛନ୍ତି, ସଂକ୍ରମିତ ବ୍ୟାଙ୍କ ମ୍ୟାନେଜର(ଏଫ୍‌ଆଇ) କିଛିଦିନ ତଳେ ଭୁବନେଶ୍ୱରରୁ ଫେରିଥିଲେ। ୨ ରୁ ୨୨ ତାରିଖ ପର୍ଯ୍ୟନ୍ତ ସେ ମୁଖ୍ୟ ଶାଖା କୋଠା ଉପରେ ଥିବା ଗେଷ୍ଟ ହାଉସ୍‌ରେ ଗୃହ ସଙ୍ଗରୋଧରେ ଥିଲେ। ୨ଦିନ ତଳେ ସେ ଅସୁସ୍ଥ ଅନୁଭବ କରିବାରୁ ଭୁବନେଶ୍ୱର ଯାଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ। କରୋନା ପଜିଟିଭ ଚିହ୍ନଟହେବା ପରେ ଭୁବନେଶ୍ୱରସ୍ଥିତ ସମ୍ ହସ୍ପିଟାଲରେ ତାଙ୍କର ଚିକିତ୍ସା ଚାଲିଛି। ତେବେ ସୁରକ୍ଷା ଦୃଷ୍ଟିରୁ ବ୍ୟାଙ୍କର ଉଚ୍ଚପଦସ୍ଥ ଅଧିକାରୀ ଏବଂ ଜିଲା ପ୍ରଶାସନର ନିର୍ଦ୍ଦେଶକ୍ରମେ ବ୍ୟାଙ୍କକୁ ସିଲ୍ କରାଯାଇଥିବା ସେ କହିଛନ୍ତି।

## ସଂକ୍ଷେପରେ

### ଓଏଏସ୍, ଓଏଫ୍‌ଏସ୍ ସ୍ତରରେ ଅଦଳବଦଳ

**ଭୁବନେଶ୍ୱର,୨୫।୬(ବ୍ୟୁରୋ):** ରାଜ୍ୟ ସରକାର ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଓଏଏସ୍ ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ବିଭୂତି ଭୂଷଣ ଦାସ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ସଚିବ ସହିତ ଓପିଏସ୍‌ସି ସଚିବ ଦାୟିତ୍ୱରେ ଥିଲେ। ନୂଆ ନିର୍ଦ୍ଦେଶନାମା ଅନୁଯାୟୀ ତାଙ୍କୁ ଓପିଏସ୍‌ସି ସଚିବ ପଦବୀରୁ ଅବ୍ୟାହତି ଦିଆଯାଇଛି। ସେହିପରି କୈଳାସ ଚନ୍ଦ୍ର ସାହୁଙ୍କୁ ଗୋପବନ୍ଧୁ ଏକାଡେମୀ ପ୍ରଶାସନିକ ପଦବୀର ଅତିରିକ୍ତ କମିଶନର ପଦରୁ କାଢ଼ି ଦିଆଯାଇଛି। ସେ କେବଳ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ବିଭାଗରେ ରହିବେ। ଲକ୍ଷ୍ମୀକାନ୍ତ ବେହେରାଙ୍କୁ ଆସ୍କା ଚିନି ମିଲ୍‌ର ଏମ୍‌ଡି ପଦବୀରୁ କାଢି ତାଙ୍କୁ ବାଣିଜ୍ୟ ଓ ପରିବହନ ବିଭାଗର ଅତିରିକ୍ତ ସଚିବ ଦାୟିତ୍ୱ ଦିଆଯାଇଛି। ସେହିପରି ଆଉ କେତେଜଣ ଓଏଏସ୍ ଅଧିକାରୀଙ୍କୁ ମଧ ବଦଳି କରାଯାଇଛି। ସେହିପରି ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଗୁରୁବାର ୮ଜଣ ଓଏଫ୍‌ଏସ୍ ଅଧିକାରୀଙ୍କୁ ଅଦଳବଦଳ କରିଛନ୍ତି।

### ୬ ଗାଡ଼ି ପୋଡ଼ିଲେ ମାଓବାଦୀ



**ମାଲକାନଗିରି, ୨୫।୬ (ଡି.ଏନ୍.ଏ.):** ରାସ୍ତାକାମକୁ ବିରୋଧ କରି ମାଲକାନଗିରି ସୀମାନ୍ତ ଛତିଶଗଡ଼ ରାଜ୍ୟ ସୁକ୍‌ମା ଜିଲା କୁକନାର ଥାନା ଅଧୀନ ଧନିକୋରତାରେ ଲଙ୍କାକାଣ୍ଡ ଘଟାଇଛନ୍ତି ମାଓବାଦୀ। ବୁଧବାର ବିଳମ୍ବିତ ରାତିରେ ରାସ୍ତାକାମରେ ନିୟୋଜିତ ଥିବା ୨ଟି ଜେସିବି, ଗୋଟିଏ ପ୍ରକୋଲିନ୍, ୩ଟି ଟିପ୍ପରରେ ଲାଲ୍‌ବାହିନୀ ନିଆଁ ଲଗାଇ ଦେଇଛନ୍ତି। ସୂଚନା ପାଇ ସୁକୁମା ସୀମା ସୁରକ୍ଷା ବାହିନୀ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରାଯାଇଛି। ମାଓବାଦୀଙ୍କ ଗଡ଼ ରୂପେ ପରିଚିତ ଏହି ଅଞ୍ଚଳରେ ଗମନାଗମନର ସୁବିଧା ଲାଗି ପକ୍କା ରାସ୍ତା ନିର୍ମାଣ ଚାଲିଥିଲା। ତେବେ କରୋନା କଟକଣା ଯୋଗୁ ୩ମାସ ହେଲା ରାସ୍ତା କାର୍ଯ୍ୟ ବନ୍ଦ ଥିଲା। କଟକଣା କୋହଳ ହେବା ପରେ ଠିକାଦାର ରାସ୍ତା କାମ ଆରମ୍ଭ କରିଥିଲେ।

### ଘରେ ପଶି ବୃଦ୍ଧାଙ୍କୁ ହତ୍ୟା, ଝିଅ ଗୁରୁତର

**ଏମ୍‌ଭି-୭୯,୨୫।୬(ଡି.ଏନ.ଏ.):** ମାଲକାନଗିରି ଜିଲା ମୋଟୁ ଥାନା ବିନାୟକପୁର ଅଞ୍ଚଳରେ ବୁଧବାର ରାତିରେ ଅଭାବନୀୟ ଘଟଣା ଘଟିଛି। ଘର ଭିତରେ ଶୋଇଥିବା ଅବସ୍ଥାରେ ଦୁର୍ବୃତ୍ତଙ୍କ ମରଣାନ୍ତକ ଆକ୍ରମଣରେ ପ୍ରାଣ ହରାଇଛନ୍ତି ବୃଦ୍ଧା ସାଲବମ ଲାଛି (୮୫)। ଗୁରୁତର ଅବସ୍ଥାରେ ଝିଅ କାନି ସାଲବମ (୪୫)ଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନାଯୋଗ୍ୟ, ଲାଛି, ଝିଅ କାନି ଏବଂ ନାତି ଭେଙ୍କଟେଶ୍ ଏକାଠି ରହୁଥିଲେ। ଭେଙ୍କଟେଶ କାଲିମେଲାରେ ରହି କେନ୍ଦୁପତ୍ର ଗୋଦାମରେ କାମ କରୁଛନ୍ତି। ରାତିରେ ମା’ଝିଅ ଶୋଇଥିବାବେଳେ କେହି ଦୁର୍ବୃତ୍ତ ଘରେ ପଶି ଉଭୟଙ୍କୁ ଆକ୍ରମଣ କରିଥିଲା। ଏଥିରେ ଲାଛିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ସକାଳେ ଘଟଣା ଜଣାପଡ଼ିବା ପରେ ଥାନାଧିକାରୀ ରଘୁନାଥ ମାଝି ସଦଳବଳ ପହଞ୍ଚି ତଦନ୍ତ କରିଥିଲେ। ଏ ନେଇ ନଂ. ୩୯/୨୦ରେ ଏକ ମାମଲା ରୁଜୁ ହୋଇଛି। ଆକ୍ରମଣର କାରଣ ଜଣାପଡିନାହିଁ। ଗୁଣିଗାରେଡ଼ି ସନ୍ଦେହରୁ ଏହି ହତ୍ୟାକାଣ୍ଡ ଘଟିଥିବା ଅନୁମାନ କରାଯାଉଛି।

### କରୋନା ପରିଚାଳନାରେ ରାଜ୍ୟ ସରକାରଙ୍କୁ ରାଜ୍ୟପାଳଙ୍କ ପ୍ରଶଂସା

**ଭୁବନେଶ୍ୱର, ୨୫।୬(ବ୍ୟୁରୋ):** ମହାମାରୀ କୋଭିଡ୍-୧୯ ପରିଚାଳନାରେ ରାଜ୍ୟ ସରକାର ସମୟୋପଯୋଗୀ ପଦକ୍ଷେପ ନେଇ ସଂକ୍ରମଣକୁ ଉଲ୍ଲେଖନୀୟ ଭାବେ ନିୟନ୍ତ୍ରଣ କରିପାରିଥିବାରୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରଶଂସା କରିଛନ୍ତି। ଗ୍ରାମ ପଞ୍ଚାୟତ ସ୍ତରରେ ଅସ୍ଥାୟୀ ଚିକିତ୍ସା କେନ୍ଦ୍ର (ଟିଏମ୍‌ସି) ନିର୍ମାଣ, ପ୍ରବାସୀ ଶ୍ରମିକଙ୍କ ପାଇଁ ବିଶେଷ ବ୍ୟବସ୍ଥା, ସରପଞ୍ଚଙ୍କୁ ବିଶେଷ କ୍ଷମତା ପ୍ରଦାନ, କୋଭିଡ୍ ସମ୍ପର୍କିତ ଆବଶ୍ୟକ ସରଞ୍ଜାମ ସଂଗ୍ରହ ଓ ବ୍ୟାପକ ଜନସଚେତନତା କ୍ଷେତ୍ରରେ ଓଡ଼ିଶା ସମସ୍ତ ଦିଗରେ ନିଆଯାଉଥିବା ଦୃଷ୍ଟାନ୍ତମୂଳକ ପଦକ୍ଷେପକୁ ବଜାୟ ରଖିବାକୁ ରାଜ୍ୟପାଳ ପ୍ରଶଂସା କରିଛନ୍ତି। ରାଜଭବନରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ୍ତ କୁମାର ମହାପାତ୍ର କୋଭିଡ୍-୧୯ ନିୟନ୍ତ୍ରଣ ପାଇଁ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ରାଜ୍ୟପାଳଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ।

# ତଦନ୍ତ ରିପୋର୍ଟ ମିଳିବା ପରେ କାର୍ଯ୍ୟାନୁଷ୍ଠାନ: ଡିଏଫ୍‌ଓ

**ଢେଙ୍କାନାଳ ଅଫିସ, ୨୫।୬**

**ଫରେଷ୍ଟ କଲୋନୀରେ ବୋମା ବିସ୍ଫୋରଣ ଘଟଣା**

- ସୁଜିତଙ୍କ ଆଖି, ହାତରେ ଗଭୀର କ୍ଷତ
- କଟକରୁ ସ୍ଥାନାନ୍ତର ହେଲେ ଭୁବନେଶ୍ୱର

ଢେଙ୍କାନାଳ ସହର ଗଣେଶ ବଜାର ନିକଟ ଫରେଷ୍ଟ କଲୋନୀ ବୋମା ବିସ୍ଫୋରଣ ଘଟଣାରେ ଥାନାରେ ମାମଲା (ନଂ.୨୭୨/୨୦) ରୁଜୁ ହେବା ପରେ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି। ଘଟଣାରେ ଗୁରୁତର ହୋଇଥିବା ହାତୀ ସ୍କ୍ୱାଡ୍ କର୍ମଚାରୀ ସୁଜିତ କୁମାର ସାମଲ (୪୦)ଙ୍କ ଆଖି ଏବଂ ଡାହାଣ ହାତ ପାପୁଲିରେ ଗଭୀର କ୍ଷତ ସୃଷ୍ଟି ହୋଇଥିବାବେଳେ ସେ ଏବେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ତଦନ୍ତ ରିପୋର୍ଟ ମିଳିବା ପରେ ବନ ବିଭାଗ ପକ୍ଷରୁ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୁରୁବାର ଜିଲା ବନଖଣ୍ଡ ଅଧିକାରୀ ବିମଳ ପ୍ରସନ୍ନ ଆଚାର୍ଯ୍ୟ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ, ବୁଧବାର ପୂର୍ବାହ୍ନରେ ହାତୀ ଘଉଡ଼ାଇବାକୁ ରଖାଯାଇଥିବା ବୋମା ବିସ୍ଫୋରଣରେ ଫରେଷ୍ଟ କଲୋନୀର ଏକ କ୍ୱାର୍ଟର୍ସ ଆଜବେଷ୍ଟସ୍ ଉଡ଼ିଯିବା ସହ କଂକ୍ରିଟ୍ ପିଲର ଭୁଶୁଡ଼ି ଯାଇଥିଲା। ବୋମା ବିସ୍ଫୋରଣରେ ଗୁରୁତର ହୋଇଥିବା ସୁଜିତଙ୍କୁ କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାବେଳେ ରାତିରେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଏ ସଂକ୍ରାନ୍ତରେ ଡିଏଫ୍‌ଓ କୁହନ୍ତି, ଜିଲାରେ ୨୭୮ ହାତୀ ସ୍କ୍ୱାଡ୍ ସଦସ୍ୟ ଅଛନ୍ତି। ଇପିଏଫ ଏବଂ ଇଏସ୍‌ଆଇ ମିଶାଇ ଜଣକୁ ମାସିକ ୧୨,୦୫୧ ଟଙ୍କା ପ୍ରଦାନ କରାଯାଉଛି। ହାତୀ ଘଉଡ଼ାଇବାରେ ସୁଜିତ ଜଣେ ଦକ୍ଷ କର୍ମଚାରୀ। ବନ କର୍ମଚାରୀମାନେ ତାଙ୍କ ଚିକିତ୍ସା ଲାଗି ସହାୟତାର ହାତ ବଢ଼ାଇଛନ୍ତି। ସେହିପରି ହାତୀ ସ୍କ୍ୱାଡ୍ କର୍ମଚାରୀଙ୍କୁ ଅଧିକାରୀମାନେ ବ୍ୟକ୍ତିଗତ କାର୍ଯ୍ୟରେ ଲଗାଉଥିବା ଅଭିଯୋଗ ସମ୍ପର୍କରେ ସେ କହିଛନ୍ତି ଯେ, ଏ ନେଇ ତାଙ୍କ ନିକଟରେ କୌଣସି ଅଭିଯୋଗ ହୋଇନାହିଁ। ଯଦି ଏଭଳି କିଛି ହେଉଥାଏ ତେବେ ତାହା ନିନ୍ଦନୀୟ। ଦୁର୍ଘଟଣା ସମ୍ପର୍କରେ ପିସିସିଏଫ୍ ସାଧାରଣ ପ୍ରଶାସନ, ପିସିସିଏଫ୍ ବନ୍ୟପ୍ରାଣୀ, ଅନୁଗୋଳସ୍ଥିତ ଆରସିସିଏଫ୍‌ଙ୍କୁ ଅବଗତ କରାଯାଇଥିବା ଡିଏଫ୍‌ଓ ସୂଚନା ଦେଇଛନ୍ତି।

# ଦୁର୍ଘଟଣାରେ ଶ୍ରମିକଙ୍କ ମୃତ୍ୟୁକୁ ନେଇ ଉତ୍ତେଜନା

**ବାଲେଶ୍ୱର ଅଫିସ, ୨୫।୬**

ବାଲେଶ୍ୱର ରେଳଷ୍ଟେଶନ ନିକଟସ୍ଥ ଅଙ୍ଗାରଗଡ଼ିଆ ରେଳଗେଟ୍ ନିକଟରେ ନିର୍ମାଣାଧୀନ ଓଭରବ୍ରିଜ୍ କାମରେ ନିୟୋଜିତ ଜଣେ ଶ୍ରମିକଙ୍କ ଗୁରୁବାର ଦୁର୍ଘଟଣାରେ ମୃତ୍ୟୁ ହୋଇଛି। ମୃତକ ହେଲେ ତେଲେଙ୍ଗାସାହି ଅଞ୍ଚଳର ସୁନାରାମ ସୋରେନ(୨୮)। ପୋଲ ନିର୍ମାଣ କରୁଥିବା କମ୍ପାନୀର ବେପରୁଆ ନୀତି ଯୋଗୁ ଶ୍ରମିକଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ କରି ତାଙ୍କ ପରିବାର ଲୋକେ ଓ ଗ୍ରାମବାସୀ ଉତ୍ତେଜନା ସୃଷ୍ଟି କରିଥିଲେ। ସହଦେବଖୁଣ୍ଟା ମଡ଼େଲ ଥାନା ଏଏସ୍‌ଆଇ ଉତ୍କଳକାନ୍ତି ଭୂୟାଁଙ୍କ ସମେତ ଏକ ପୋଲିସ ଟିମ୍ ପହଞ୍ଚି କମ୍ପାନୀ କର୍ମକର୍ତ୍ତାଙ୍କୁ ଡାକିଥିଲେ। ପ୍ରଥମ ପର୍ଯ୍ୟାୟରେ କ୍ଷତିପୂରଣ ପାଇଁ ମୃତକଙ୍କ ପରିବାରକୁ ୧ଲକ୍ଷ ଟଙ୍କା ଦିଆଯାଇଥିଲା। କମ୍ପାନୀ ନିୟମ ଅନୁସାରେ ସମସ୍ତ କାଗଜପତ୍ରକୁ ଡିପୋଜିଟ୍ କରିବା ପରେ ଇନ୍‌ସ୍ୟୁରାନ୍ସ ଯୋଗାଇ ଦିଆଯିବ ବୋଲି କମ୍ପାନୀ ପକ୍ଷରୁ ପ୍ରତିଶ୍ରୁତି ଦିଆଯିବା ପରେ ଉତ୍ତେଜନା ଥମିଥିଲା। ଏନେଇ ସହଦେବଖୁଣ୍ଟା ମଡ଼େଲ ଥାନା ପୋଲିସ ଏକ ମାମଲା (ନଂ. ୧୭୦/୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସୂଚନା ଅନୁଯାୟୀ, ଓଭରବ୍ରିଜ୍ ପାଇଁ ସିମେଣ୍ଟରେ ତିଆରି ଏକ ବଡ଼ ବିମ୍‌କୁ ଟ୍ରାକ୍ଟର ଯୋଗେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ନିଆଯାଉଥିଲା। ଟ୍ରାକ୍ଟର ହେଲପର ସୁନାରାମ ଡଲାରେ ବସିଥିଲେ। ଟ୍ରାକ୍ଟର ରେଳଲାଇନ୍ ପାର୍ଶ୍ୱରେ ଯାଉଥିବା ବେଳେ ହଠାତ୍ ଭାରସାମ୍ୟ ହରାଇ ଡଲାଟି ଓଲଟି ପଡ଼ିଥିଲା। ଫଳରେ ସୁନାରାମ ଉକ୍ତ ସିମେଣ୍ଟ ବିମ୍ ତଳେ ଚାପି ହୋଇଯାଇଥିଲେ। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। କମ୍ପାନୀ ପକ୍ଷରୁ କ୍ଷତିପୂରଣ ପ୍ରତିଶ୍ରୁତି ମିଳିବା ପରେ ମୃତଦେହ ଉଦ୍ଧାର କରାଯାଇ ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି।

# ଅନ୍‌ଲାଇନ୍‌ରେ ଅଭିଯୋଗ ପଞ୍ଜୀକରଣ କରିପାରିବେ ଶ୍ରମିକ

**ଭୁବନେଶ୍ୱର,୨୫।୬(ବ୍ୟୁରୋ)**

**ଶ୍ରମ ଆଇନ କେସ୍ ପୋର୍ଟାଲ ଶୁଭାରମ୍ଭ**

ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ଦ୍ୱାରା ଆରମ୍ଭ ହୋଇଛି ଶ୍ରମ ଆଇନ କେସ୍ ପୋର୍ଟାଲ। ଗୁରୁବାର ଲୋକସେବା ଭବନଠାରେ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଏହାର ଶୁଭାରମ୍ଭ କରାଯାଇଥିଲା। ଏହି ପୋର୍ଟାଲ ଜରିଆରେ ଶ୍ରମିକମାନେ ଅନ୍‌ଲାଇନ୍ କେସ୍ ପଞ୍ଜୀକରଣ କରିବା ସହିତ ଅଭିଯୋଗର ସ୍ଥିତି ସମ୍ବନ୍ଧରେ ଜାଣିପାରିବେ। କେବଳ ଏତିକି ନୁହେଁ, ସେମାନଙ୍କ ପାଖକୁ ଏସ୍‌ଏମ୍‌ଏସ୍ ଜରିଆରେ ଦାଖଲ କରିଥିବା ମାମଲାର ବିବରଣୀ, ତାରିଖ ଇତ୍ୟାଦି ପଠାଯିବ। ଏହାଦ୍ୱାରା ଶ୍ରମିକମାନେ ସେମାନଙ୍କର ନ୍ୟାଯ୍ୟ ଦାବି ହାସଲ କରିବା ସହିତ ଠିକ୍ ସମୟରେ ଉପକୃତ ହୋଇପାରିବେ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ପୂର୍ବରୁ ଶ୍ରମିକମାନେ ନିଜର ଅଭିଯୋଗ ବିଷୟରେ ଆଦୌ ଅବଗତ ହୋଇପାରୁ ନ ଥିଲେ। ବର୍ତ୍ତମାନ ଏହି ପୋର୍ଟାଲ ମାଧ୍ୟମରେ ମାମଲାର ସବିଶେଷ ବିବରଣୀ ଶ୍ରମିକଙ୍କ ମୋବାଇଲ୍ ଫୋନ୍‌କୁ ମେସେଜ୍ ମାଧ୍ୟମରେ ପଠାଯିବାର ବ୍ୟବସ୍ଥା କରାଯାଇଛି। ଶ୍ରମିକମାନେ କର୍ମଚାରୀ କ୍ଷତିପୂରଣ ଆଇନ୍ ୧୯୨୩, ସର୍ବନିମ୍ନ ମଜୁରି ଆଇନ୍ ୧୯୪୮ ଏବଂ ଗ୍ରାଚ୍ୟୁଇଟି ପ୍ରଦାନ ଆଇନ୍ ୧୯୭୨ ଅନୁଯାୟୀ ସମସ୍ତ ସୁବିଧା ପାଇପାରିବେ ବୋଲି ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ସୂଚନା ଦିଆଯାଇଛି।

# ମାଛଧରା ବିଲେଇ ସଂରକ୍ଷଣ ଆରମ୍ଭ

**କେନ୍ଦ୍ରାପଡ଼ା ଅଫିସ, ୨୫।୬**



ଭିତରକନିକାରେ ମାଛଧରା ବିଲେଇ।

ରାଜ୍ୟ ସରକାରଙ୍କ ବନ ବିଭାଗ ପକ୍ଷରୁ ଜାତୀୟ ଉଦ୍ୟାନ ଭିତରକନିକାରେ ବିଲୁପ୍ତପ୍ରାୟ ମାଛଧରା ବିଲେଇର ସଂରକ୍ଷଣ ଆରମ୍ଭ ହୋଇଛି। ୧୯୭୨ର ବନ୍ୟପ୍ରାଣୀ ସଂରକ୍ଷଣ ଆଇନର ପ୍ରଥମ ସିଡୁଲରେ ଥିବା ଏହି ପ୍ରାଣୀ ଭିତରକନିକା ଅଭୟାରଣ୍ୟ ମଧ୍ୟରେ ମାତ୍ର ୨୦ଟି ଥିବା ୨୦୧୯ ପଶୁପକ୍ଷୀ ଗଣନା ସମୟରେ ଜଣାପଡିଛି। ପରିବେଶବିତ୍ ହେମନ୍ତ କୁମାର ରାଉତ କୁହନ୍ତି, ମାଛଧରା ବିଲେଇଙ୍କ ସଂଖ୍ୟା କମିବାର କାରଣ ଅନେକ ଅଛି। ସମୁଦ୍ର ତଟକ୍ଷୟ ସହିତ ଏହି ଅଭୟାଞ୍ଚଳରେ ଅନୁପ୍ରବେଶକାରୀଙ୍କ ସଂଖ୍ୟା ଅଧିକ ହେଉଛି। ଏହା ନିଷିଦ୍ଧାଞ୍ଚଳ ହୋଇଥିଲା ବେଳେ ରାତାରାତି ଜନବସତି ଗଢ଼ିଉଠୁଛି। ଜଙ୍ଗଲ ଜମି ଜବରଦଖଲ ସହ ନଦୀ ନାଳ ଅଞ୍ଚଳରୁ ବେଆଇନ ଭାବେ ମାଛଧରା ଓ ଜଙ୍ଗଲ ନଷ୍ଟ ଜାରି ରହିଛି। ଗତ ୧୦ ବର୍ଷ ମଧ୍ୟରେ ଚିଙ୍ଗୁଡି ଘେରି ନଦୀ, ନାଳ ଓ ସ୍ଥାନୀୟ ପରିବେଶ ନଷ୍ଟ କରିଛି। ଏଠାରୁ ଉତ୍ପନ୍ନ ରାସାୟନିକ ଗ୍ୟାସ ପ୍ରଭାବରେ ନଦୀ ଓ ସମୁଦ୍ର ଅଞ୍ଚଳର ଜୀବଙ୍କ ହ୍ରାସ ଘଟୁଛି। ଏହି ଅଞ୍ଚଳରେ ୨୦୧୮ ମସିହାରେ ୩୦୭ ଡଲଫିନ ଥିବାବେଳେ ଚଳିତବର୍ଷ ଗଣନା ସମୟରେ ମାତ୍ର ୬୨ଟି ଥିବା ଜଣାପଡିଛି। ଜାତୀୟଉଦ୍ୟାନର ଜୈବ ବିବିଧତାର ସୁରକ୍ଷା ନ ହେଲେ ବନ୍ୟ ଓ ସାମୁଦ୍ରିକ ପ୍ରାଣୀଙ୍କୁ ଆମ ଉତ୍ତରପିଢ଼ି ଦେଖିବାକୁ ପାଇବେ ନାହିଁ। ଡିଏଫ୍‌ଓ ବିକାଶ ରଞ୍ଜନ ଦାଶ କୁହନ୍ତି, ଅନ୍ତର୍ଜାତୀୟସ୍ତରରେ ଏହି ପ୍ରାଣୀଙ୍କ ସଂଖ୍ୟା କମ୍ ରହିଛି। ଭିତରକନିକା ତ୍ରିକୋଣଭୂମି ଅଞ୍ଚଳର ପରିବେଶ ଅନୁଯାୟୀ ଏମାନଙ୍କ ସଂଖ୍ୟା ଅଧିକ ହେବା କଥା। ତେବେ ଏହି ପ୍ରାଣୀ ରାତ୍ରି ସମୟରେ ବାହାରୁଥିବାରୁ ଏମାନଙ୍କ ଚିହ୍ନଟରେ ସମସ୍ୟା ଅଛି। ସାଧାରଣରେ ଏହି ପ୍ରାଣୀ ସ୍ଥଳଭାଗରେ ଚଳାବୁଲା କରିଥିବା ବେଳେ ପାଣି ମଧ୍ୟରୁ ଖାଦ୍ୟ ସଂଗ୍ରହକୁ ବେଶି ଭଲପାଏ। ଗୋଡର ପଞ୍ଝା ଓ ମୁହଁ ମାଧ୍ୟମରେ ଶିକାର କରିଥାଏ। ଏହାର ସଂରକ୍ଷଣ ପାଇଁ ରାଜ୍ୟ ସରକାର ଗୁରୁତ୍ୱ ଦେଉଥିବା ସେ ପ୍ରକାଶ କରିଛନ୍ତି।

# କମ୍ ସୁଧର ଋଣ ଉପରେ ସରକାରଙ୍କ ନଜର

**ଭୁବନେଶ୍ୱର,୨୫।୬(ବ୍ୟୁରୋ)**

**ଆଜି ବସିବ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ବୈଠକ**

କରୋନା ମହାମାରୀ ଯୋଗୁ ରାଜସ୍ୱ ଆଦାୟ ହ୍ରାସ ପାଇବାରେ ଲାଗିଛି। ବ୍ୟାପକ ରାଜସ୍ୱ ହ୍ରାସ ଦ୍ୱାରା ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟ ବାଧାପ୍ରାପ୍ତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ମାର୍ଚ୍ଚ ଆରମ୍ଭରୁ କରୋନା ମହାମାରୀ ଦେଖାଦେବାପରେ ରାଜ୍ୟର ରାଜସ୍ୱ ସଂଗ୍ରହ ଆଶାତୀତ ହ୍ରାସ ପାଇଛି। ଗତ ଦୁଇରୁ ୩ ମାସ ମଧ୍ୟରେ ଧାର୍ଯ୍ୟଲକ୍ଷ୍ୟଠାରୁ ୬୦ପ୍ରତିଶତ କମ୍ ରାଜସ୍ୱ ଆଦାୟ ହୋଇଛି। ଖଣି କ୍ଷେତ୍ରରୁ ରାଜସ୍ୱ ଆୟ ମଧ କମିଛି। ଅବକାରୀ କ୍ଷେତ୍ରରେ ମଧ ସମଦଶା ଦେଖିବାକୁ ମିଳିଛି। ତେଣୁ ବର୍ତ୍ତମାନ ସ୍ଥିତିରେ କମ୍ ସୁଧରେ ଆସୁଥିବା ଅର୍ଥ ଦ୍ୱାରା କିଭଳି ଭିତ୍ତିଭୂମି ବିକାଶ ହୋଇପାରିବ ସେନେଇ ସରକାର ଗୁରୁତ୍ୱଦେବା ଆରମ୍ଭ କରିଛନ୍ତି। ସେହି ଅନୁସାରେ ନାବାର୍ଡରୁ ସ୍ୱଳ୍ପ ସୁଧରେ ମିଳୁଥିବା ଗ୍ରାମ୍ୟ ଭିତ୍ତିଭୂମି ବିକାଶ ପାଣ୍ଠି(ଆର୍‌ଆଇଡିଏଫ) ପାଇଁ ଅର୍ଥ ଦେବା ଲାଗି ରାଜ୍ୟ ଅର୍ଥ ସଚିବ ଅଶୋକ କୁମାର ମୀନା ଗତ ୧୮ ତାରିଖରେ ସମସ୍ତ ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ସଚିବ ଏବଂ ବିଭାଗଗୁଡିକର କମିଶନରମାନଙ୍କୁ ପତ୍ର ଲେଖିଛନ୍ତି। ପତ୍ରରେ ମୀନା ଉଲ୍ଲେଖ କରିଛନ୍ତି ଯେ, ଆର୍‌ଆଇଡିଏଫ୍ ପାଣ୍ଠିରେ ଗ୍ରାମ୍ୟ ଭିତ୍ତିଭୂମିର ବିକାଶ ହେଉଥିବା ବେଳେ ଗାଁ ଗହଳର ଅର୍ଥନୀତି ଆଗକୁ ବଢାଇବା କ୍ଷେତ୍ରରେ ଏହା ବିଶେଷ ସହାୟକ ହୋଇପାରିବ। ସେହିଭଳି ଯୋଜନା ଓ ସଂଯୋଜନା ବିଭାଗର ସ୍ୱତନ୍ତ୍ର ସଚିବ ଜି.ଶତପଥୀ ଗତ ୧୯ ତାରିଖରେ ଚିଠି ଲେଖି ଶୁକ୍ରବାର ଏ ବାବଦରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡକାଇଛନ୍ତି। ଲୋକସେବା ଭବନଠାରେ ଅପରାହ୍ଣ ସାଢେ ୪ଟାରେ ଅନୁଷ୍ଠିତ ହେବାକୁ ଥିବା ଏହି ବୈଠକରେ ଆର୍‌ଡି, ଅର୍ଥ କୃଷି, ଜଳ ସମ୍ପଦ, ପଞ୍ଚାୟତିରାଜ, ପୂର୍ତ୍ତ ବିଭାଗ ସଚିବ ଏବଂ ନାବାର୍ଡର ରିଜିଓନାଲ ମ୍ୟାନେଜରଙ୍କୁ ଯୋଗଦେବାକୁ କୁହାଯାଇଛି। ଉନ୍ନୟନ କମିଶନରଙ୍କ ଅଧ୍ୟକ୍ଷତାରେ ହେବାକୁଥିବା ଆର୍‌ଆଇଡିଏଫ୍ କାର୍ଯ୍ୟସୂଚୀ ସାଙ୍ଗକୁ ୫ଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯିବ।

# ସ୍କୁଲ କୂଅରୁ ଯୁବତୀଙ୍କ ମୃତଦେହ ଉଦ୍ଧାର

**ଖୋର୍ଦ୍ଧା ଅଫିସ,୨୫।୬**

- ସାଇଣ୍ଟିଫିକ ଟିମ୍ ସହ ଏସ୍‌ପିଙ୍କ ଅନୁଧ୍ୟାନ
- ଯୁବକଙ୍କୁ ଅଟକ ରଖି ପୋଲିସର ଜେରା

ଖୋର୍ଦ୍ଧା ଟାଉନ(ଆଦର୍ଶ) ଥାନା ଅନ୍ତର୍ଗତ ଜରିପୁଟ ଉନ୍ନୀତ ମଧ୍ୟ ଇଂରାଜୀ ବିଦ୍ୟାଳୟ ପରିସରସ୍ଥ କୂଅରୁ ଗୁରୁବାର ପୋଲିସ ଜଣେ ଯୁବତୀଙ୍କ ମୃତଦେହ ଉଦ୍ଧାର କରିଛି। ସେ ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର +୩ ଛାତ୍ରୀ ବୋଲି ଜଣାପଡିଛି। ବ୍ୟବଚ୍ଛେଦ ପରେ ପୋଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ସାଇଣ୍ଟିଫିକ୍ ଟିମ୍ ସହ ଏସ୍‌ପି ଅଜୟ ପ୍ରତାପ ସ୍ୱାଇଁ, ଅତିରିକ୍ତ ଏସ୍‌ପି କେ.ପି. ଜେନା, ସଦର ଏସ୍‌ଡିପିଓ ସୁଶିଲ କୁମାର ମିଶ୍ର, ଥାନାଧିକାରୀ ଉମାଶଙ୍କର ସିଂ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ମୃତାଙ୍କ ମା’ଙ୍କ ଅଭିଯୋଗକ୍ରମେ ପୋଲିସ ଦଫା ୩୦୬/୩୪ରେ ଏକ ମାମଲା (ନଂ.୨୧୩/୨୦)ରୁଜୁକରି ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି। ଅନ୍ୟପକ୍ଷରେ ଯୁବତୀ ଜଣଙ୍କ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରାଯାଇ ଫିଙ୍ଗି ଦିଆଯାଇଛି ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଥାନା ଅଧିକାରୀ ଉମାଶଙ୍କର ସିଂ କହିଛନ୍ତି, ଏହି ଘଟଣାରେ ଜଣେ ଯୁବକଙ୍କୁ ଅଟକ ରଖାଯାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଘଟଣାର ସତ୍ୟାସତ୍ୟ ଜଣାପଡିବ ବୋଲି କହିଛନ୍ତି।

# ଧର୍ମେନ୍ଦ୍ରଙ୍କ କୁଶପୁତ୍ତଳିକା ଦାହକଲେ ଅସନ୍ତୁଷ୍ଟ କର୍ମୀ

**ପାରାଦୀପ,୨୫।୬(ସ୍ୱ.ପ୍ର.)**



କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ କୁଶପୁତ୍ତଳିକା ଦାହ କରାଯାଉଛି।

ପାରାଦୀପ ନୂଆବଜାରସ୍ଥିତ ଅଟଳବିହାରୀ ଟ୍ରଷ୍ଟ ପରିସରରେ ଗୁରୁବାର ସନ୍ଧ୍ୟାରେ ଭାଜପା ପକ୍ଷରୁ ଭର୍ଚୁଆଲ ରାଲି ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଭିଡିଓ କନ୍‌ଫରେନ୍ସ ଯୋଗେ କର୍ମୀଙ୍କୁ ଉଦ୍‌ବୋଧନ ଦେଇଥିଲେ। ତେବେ କେନ୍ଦ୍ରମନ୍ତ୍ରୀ ବୈଠକ କରୁଥିବାବେଳେ ପାରାଦୀପ ନିର୍ବାଚନମଣ୍ଡଳୀର କେତେଜଣ ଅସନ୍ତୁଷ୍ଟ ଭାଜପା କର୍ମୀ ତାଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ହାତଗଣତି ଲୋକ ମୁହଁରେ ଗାମୁଛା ବାନ୍ଧି ମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିବା ସହ ତାଙ୍କୁ କଟୁ ସମାଲୋଚନା କରିଥିଲେ। ସ୍ଥାନୀୟ ଯୁବକଙ୍କୁ ପାରାଦୀପରେ ନିଯୁକ୍ତି ଦେବାକୁ କେନ୍ଦ୍ରମନ୍ତ୍ରୀ ଦେଇଥିବା ପ୍ରତିଶ୍ରୁତି ମିଥ୍ୟା ବୋଲି ସେମାନେ ପ୍ରଚାର କରିଥିଲେ। ଏପରି କି କେନ୍ଦ୍ରମନ୍ତ୍ରୀ ମିଛୁଆ ରାଧୁଆ ବୋଲି ସେମାନେ ଏକ ବ୍ୟାନରରେ ଲେଖିଥିଲେ, ଯାହାକୁ ଧରି ଏହି ବିରୋଧ କରିଥିଲେ। ଅନ୍ୟପକ୍ଷରେ କେନ୍ଦ୍ରମନ୍ତ୍ରୀ କହିଥିଲେ, ପାରାଦୀପ ୧୯୯୯ ମହାବାତ୍ୟାରେ ସମ୍ପୂର୍ଣ୍ଣ ଉଜୁଡି ଯାଇଥିଲା। ସେତେବେଳେ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀଙ୍କ ପ୍ରୟାସରେ ବିକାଶ ପାଇଁ ଉଦ୍ୟମ ଆରମ୍ଭ ହୋଇଥିଲା। ୨୦୦୦ ମସିହା ମେ’ ୨୪ରେ ତୈଳବିଶୋଧନାଗାର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଯାହା ଏବେ ପୂର୍ବ ଭାରତର ଉଦୀୟମାନ ପ୍ରକଳ୍ପ। ଗୁରୁବାର ଏହି ପ୍ରକଳ୍ପର ଆଉ ଏକ ଫର୍ଦ୍ଦ ଯୋଡିହୋଇଛି। ଉତ୍ପାଦ ଓ ପ୍ରୟୋଗ ବିକାଶ କେନ୍ଦ୍ର (ପିଏଡିସି)ଲୋକାର୍ପିତ ହୋଇଛି। ଭାଜପା ଜିଲା ସଭାପତି ସତ୍ୟବ୍ରତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଭର୍ଚୁଆଲ ରାଲିରେ ପୂର୍ବତନ ଏମ୍‌ପି ବିଭୁପ୍ରସାଦ ତରାଇ, ଯୁବନେତା ସମ୍ପଦ ସ୍ୱାଇଁଙ୍କ ସମେତ ବହୁ ଆଗଧାଡିର କର୍ମୀ ଉପସ୍ଥିତ ଥିଲେ। କୁଶପୁତ୍ତଳିକା ଦାହ ସମ୍ପର୍କରେ ଯୁବନେତା ସ୍ୱାଇଁ କହିଛନ୍ତି, କେତେକ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏପରି କରିଛନ୍ତି। ସେମାନେ ଚୋରଙ୍କ ଭଳି ଏପରି କରିଥିବା ଖବର ମିଳିଛି। କିନ୍ତୁ ସେମାନେ ଦଳୀୟ କର୍ମୀ ନୁହନ୍ତି ବୋଲି ସେ ପ୍ରକାଶ କରିଛନ୍ତି।



ବଲିଉଡ୍ ଅଭିନେତା ନୱାଜୁଦ୍ଦିନ ସିଦ୍ଦିକ୍ ନିଜ କ୍ଷେତରେ ମୁଣ୍ଡ ଝାଳ ତୁଣ୍ଡରେ ମାରି ଫସଲ କରୁଥିବା ନଜର୍‌କୁ ଆସିଛନ୍ତି। ସେ ତାଙ୍କ କ୍ଷେତରେ କାମ କରୁଥିବାର ଏକ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ତେବେ ନିଜେ ନୱାଜୁଦ୍ଦିନ ମଧ ଏହି ଭିଡିଓକୁ ଟ୍ୱିଟରରେ ଶେୟାର କରି ଟୁଇଟ କରିଛନ୍ତି। ନୱାଜୁଦ୍ଦିନ ଲକ୍‌ଡାଉନ ପାଇଁ ମୁମ୍ବାଇରୁ ନିଜ ଘର ବୁଢ଼ାନାକୁ ପଳେଇ ଆସିଥିଲେ। ସେ ଖାଲି ନ ବସି ସେଠାରେ ଚାଷ କରୁଛନ୍ତି। ସକାଳୁ କୋଦାଳ ଧରି କ୍ଷେତରେ ପହଞ୍ଚି ଗଛ ଲଗାଇବା ପରେ କ୍ଷେତ ପାଖରେ ଥିବା କେନାଲ ପାଣିରେ ହାତ ଏବଂ ମୁହଁ ଧୋଉଥିବା ଦେଖିବାକୁ ମିଳିଛି। କରୋନା ମଣିଷକୁ ବଞ୍ଚିବା ଶିଖାଇଦେଲା ବୋଲି ସେ କହିଛନ୍ତି।



# ନ୍ୟୁଜିଲାଣ୍ଡରେ ରିଲିଜ୍ ହେବ ଅଜୟ୍ ଦେବଗନ୍‌ଙ୍କ ଫିଲ୍ମ


**ମୁମ୍ବାଇ :** କରୋନା ଭାଇରସ୍ ଯୋଗୁ ନ୍ୟୁଜିଲାଣ୍ଡରେ ଫିଲ୍ମ ହଲ୍ ବନ୍ଦ ରହିଥିଲା। ଏବେ ଏହି ଦେଶ ଧୀରେ ଧୀରେ କରୋନା ମୁକ୍ତ ହେବାରେ ଲାଗିଛି। ଏହି ସମୟରେ ନ୍ୟୁଜିଲାଣ୍ଡରୁ ଭାରତୀୟ ଫିଲ୍ମ ପାଇଁ ଖୁସି ଖବର ଆସିଛି। ଫିଲ୍ମ ନିର୍ମାତା ତଥା ନିର୍ଦ୍ଦେଶକ ରୋହିତ ସେଟ୍ଟୀଙ୍କ ଫିଲ୍ମ 'ଗୋଲ୍‌ମାଲ ଏଗେନ୍' ଲକ୍‌ଡାଉନ୍ ପରେ ନ୍ୟୁଜିଲାଣ୍ଡର ହଲ୍‌ରେ ରିଲିଜ ହେବ। ଯାହା ପ୍ରଥମ ଫିଲ୍ମ ଭାବେ ରିଲିଜ ହେବାକୁ ଯାଉଛି। ଫିଲ୍ମଟି ଦର୍ଶକଙ୍କୁ ମନୋରଞ୍ଜନର ଖୋରାକ ଯୋଗାଇବ। ଏ ସମ୍ପର୍କରେ ଫିଲ୍ମ ପ୍ରସ୍ତୁତକର୍ତ୍ତା କମ୍ପାନୀ ରିଲାଏନ୍ସ ଏଣ୍ଟରଟେନ୍‌ମେଣ୍ଟ ନିଜର ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରି ଜଣାଇଛି। ଫିଲ୍ମ 'ଗୋଲ୍‌ମାଲ ଏଗେନ୍' ରୋହିତ୍ ସେଟ୍ଟୀଙ୍କ ଫ୍ରାଞ୍ଚାଇଜ୍‌ର ୪ର୍ଥ ଫିଲ୍ମ ଅଟେ। ଯାହାକି ୨୦୧୭ରେ ରିଲିଜ୍ ହୋଇଥିଲା। ଏହି ଫିଲ୍ମରେ ଅଜୟ ଦେବଗନ, ଅରଶଦ ୱାର୍‌ସୀ, ଶ୍ରେୟସ୍ ତଲପଡେ, କୁଣାଲ ଖେମୁ, ତୁଷାର କପୁର, ପରିଣୀତି ଚୋପ୍ରା ଏବଂ ତବୁଙ୍କ ପରି ନାମୀଦାମୀ କଳାକାର ଅଭିନୟ କରିଥିଲେ। ରିଲିଜ୍ ହେବା ପରଠାରୁ ଆଜିପର୍ଯ୍ୟନ୍ତ ଏହି ଫିଲ୍ମ ସମଗ୍ର ବିଶ୍ୱରେ ୩ ଶହ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିଛି। କରୋନା ଭାଇରସ୍‌ରୁ ଟିକେ ନିସ୍ତାର ମିଳିବା ପରେ ନ୍ୟୁଜିଲାଣ୍ଡ ଫିଲ୍ମ ହଲ୍‌ରେ ଏହା ପ୍ରଥମ ଫିଲ୍ମ ଭାବେ ରିଲିଜ୍ ହେବାକୁ ଯାଉଛି।



ଅଜୟ ଦେବଗନ

# ଭିନ୍ନ ଆଚରଣ କରେ ଏକୁଟିଆ ଲୋକଙ୍କ ସ୍ନାୟୁ

ୱାଶିଂଟନ: ଅନ୍ୟମାନଙ୍କ ସହ ସହଜରେ ମିଶିପାରୁଥିବା ଲୋକଙ୍କ ନ୍ୟୁରାଲ ଆକ୍ଟିଭିଟି ବା ସ୍ନାୟୁଗତ କାର୍ଯ୍ୟକଳାପ ଏକୁଟିଆ ଅନୁଭବ କରୁଥିବା ଲୋକଙ୍କ ସ୍ନାୟୁଠାରୁ ଭିନ୍ନ ହୋଇଥାଏ ବୋଲି ଏକ ଅଧ୍ୟୟନରୁ ଜଣାପଡିଛି। ସାମାଜିକ ହୋଇପାରୁଥିବା ବ୍ୟକ୍ତିମାନେ ନିଜ ବିଷୟରେ ଏବଂ ଅନ୍ୟମାନଙ୍କ ସମ୍ପର୍କରେ ଭାବିବା ବେଳେ ସେମାନଙ୍କ ମସ୍ତିଷ୍କର ସ୍ନାୟୁତନ୍ତ୍ରରେ ସମାନ ଧରଣର ପ୍ରତିଫଳନ ହୋଇଥାଏ। ହେଲେ ଏକୁଟିଆ ଅନୁଭବ କରୁଥିବା ବା ସାମାଜିକ ବିଚ୍ଛିନ୍ନତା ଅବଲମ୍ବନ କରୁଥିବା ଲୋକଙ୍କ ନ୍ୟୁରାଲ ଆକ୍ଟିଭିଟି ଉପରୋକ୍ତ ବ୍ୟକ୍ତିଙ୍କଠାରୁ ଅଲଗା ହୋଇଥାଏ ବୋଲି ଜର୍ନାଲ ଅଫ ନ୍ୟୁରୋ ସାଇନ୍ସରେ ରିପୋର୍ଟ ପ୍ରକାଶ ପାଇଛି। ରିପୋର୍ଟ ମୁତାବକ, ୫୦ରୁ ଊର୍ଦ୍ଧ୍ୱ କଲେଜ ଛାତ୍ର, ୧୮ରୁ ୪୭ ବର୍ଷ ବୟସର ଲୋକଙ୍କୁ ଏହି ଗବେଷଣାରେ ସାମିଲ କରାଯାଇଥିଲା। ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ନିକଟତମ ବ୍ୟକ୍ତି ଓ ସେମାନେ ପସନ୍ଦ କରୁଥିବା ଲୋକ ତଥା ସେଲିବ୍ରିଟିଙ୍କ ନାମକୁ ଗୁଣାତ୍ମକ ବିଚାର ଅନୁସାରେ ର୍‌ୟାଙ୍କିଙ୍ଗ କରି କହିବାକୁ କୁହାଯାଇଥିଲା। ଏଥିସହ ନିଜ ବିଷୟରେ ଏବଂ ସେମାନେ କହିଥିବା ବ୍ୟକ୍ତିଙ୍କ ଗୁଣ ବର୍ଣ୍ଣନା କରିବାକୁ କୁହାଯାଇଥିଲା। ଲୋକଙ୍କ ସହ ମିଶି ପାରୁଥିବା ବ୍ୟକ୍ତିଙ୍କ ମସ୍ତିଷ୍କ କିପରି ନିଜକୁ, ନିକଟତର ବ୍ୟକ୍ତି ଓ ପସନ୍ଦ କରୁଥିବା ଲୋକଙ୍କୁ ୩ଟି ଗ୍ରୁପ୍‌ରେ ରଖି ଏହାକୁ ସମାନ ଭାବେ ଅନୁଭବ କରୁଥିଲା ତାହା ଫଳାଫଳରୁ



ଜାଣିବାକୁ ମିଳିଥିଲା। ଅନ୍ୟପ୍ରତି ନିକଟତର ଅନୁଭବ କରିବାର ଭାବନା ମଣିଷର ମେଡିଆଲ ପ୍ରିଫ୍ରଣ୍ଟାଲ କର୍ଟେକ୍ସ(ମସ୍ତିଷ୍କର ଏକ ଭାଗ ଯାହା ଆତ୍ମ ଧାରଣା ସହ ଜଡିତ)ରେ ସମାନ ଭାବେ ପ୍ରତିଫଳିତ ହୋଇଥାଏ। ଏହାଦ୍ୱାରା ଜଣେ ବ୍ୟକ୍ତି ନିଜ ବିଷୟରେ ଏବଂ ଅନ୍ୟମାନଙ୍କ ବାବଦରେ ଚିନ୍ତା କରିବାବେଳେ ସ୍ନାୟୁସମୂହ ସମାନ ଭାବେ କାର୍ଯ୍ୟ କରିଥାଏ। ଏଥିଯୋଗୁ ବ୍ୟକ୍ତିଜଣକ ନିଜକୁ ସହଜରେ ସାମାଜିକ କରାଇପାରିଥାନ୍ତି। କିନ୍ତୁ ଏକାକୀ ଅନୁଭବ କରୁଥିବା ବ୍ୟକ୍ତି ନିଜ ବିଷୟରେ ଓ ଅନ୍ୟମାନଙ୍କ ବିଷୟରେ ଭାବିବା ସମୟରେ ମେଡିଆଲ ପ୍ରିଫ୍ରଣ୍ଟାଲ କର୍ଟେକ୍ସରେ ଭିନ୍ନତା ପରିଲକ୍ଷିତ ହୋଇଥାଏ। ଏହି ଭିନ୍ନତା ଯୋଗୁ ସମ୍ପୃକ୍ତ ବ୍ୟକ୍ତି ଅନ୍ୟମାନଙ୍କଠାରୁ ନିଜକୁ ଅଲଗା ଭାବିଥାନ୍ତି। ଫଳରେ ସେ ସାମାଜିକ ହୋଇ ନ ପାରି ଏକୁଟିଆ ଅନୁଭବ କରିଥାନ୍ତି। ସ୍ନାୟୁ ମ୍ୟାପିଙ୍ଗରେ ବିକୃତି ସହିତ କିପରି ଏକଲାପଣ ସହ ଜଡିତ ଥାଏ ତାହା ଏହି ଅନୁସନ୍ଧାନରୁ ଜଣାପଡିଛି।

# ରାଗିଗଲେ ସୋନା

ମୁମ୍ବାଇ: ବଲିଉଡ୍ ଗାୟିକା ସୋନା ମହାପାତ୍ର କିଛି ନା କିଛି କାରଣକୁ ନେଇ ଚର୍ଚ୍ଚାରେ ରହିବାକୁ ପସନ୍ଦ କରିଥାଆନ୍ତି। ବହୁବାର ସେ ବଲିଉଡ୍ ଭାଇଜାନ ସଲ୍‌ମାନଙ୍କୁ ଟାର୍ଗେଟ କରି ଆସିଛନ୍ତି ଚର୍ଚ୍ଚାକୁ। ଏଥର ବି ତାଙ୍କ ଟାର୍ଗେଟକୁ ଆସିଯାଇଛନ୍ତି ଭାଇଜାନ। ବଲିଉଡ୍ ନାୟକ ସୁଶାନ୍ତ ସିଂ ରାଜପୁରଙ୍କ ଆତ୍ମହତ୍ୟାକୁ ନେଇ ସୋନା ମହାପାତ୍ର ଏଥର ସଲ୍‌ମାନଙ୍କୁ ଟାର୍ଗେଟ କରିଛନ୍ତି। ଟୁଇଟ୍ କରି ସୋନା ଲେଖିଛନ୍ତି, 'ବିଷାକ୍ତ ପୁରୁଷପଣିଆର ଗୋଟିଏ ବା ଏକମାତ୍ର ପୋଷ୍ଟର ବୟ।' ଏହା ସେ ସଲ୍‌ମାନଙ୍କ ଉଦ୍ଦେଶ୍ୟରେ ଲେଖିଛନ୍ତି। କିଛି ସମୟ ହେଲା ଅର୍ଥାତ୍ ସୁଶାନ୍ତଙ୍କ ମୃତ୍ୟୁ ପରେ ବଲିଉଡ୍‌ରେ ପ୍ରିୟାପ୍ରୀତି ତୋଷଣକୁ ନେଇ ଆଲୋଚନା କରାଯାଉଥିବା ବେଳେ ଏବେ ଟାର୍ଗେଟରେ ଅଛନ୍ତି ସଲ୍‌ମାନ। ଅନେକେ ସୁଶାନ୍ତଙ୍କ ମୃତ୍ୟୁକୁ ନେଇ ସଲ୍‌ମାନଙ୍କୁ ସମାଲୋଚନା କରୁଥିବା ବେଳେ ନିକଟରେ କିନ୍ତୁ ସଲ୍‌ମାନ କହିଥିଲେ, ଏହିସମୟରେ ସମସ୍ତେ ସୁଶାନ୍ତଙ୍କ ପରିବାର ଓ ତାଙ୍କ ପ୍ରଶଂସକଙ୍କ ସହ ରହିବା ଉଚିତ। ଏହା ବ୍ୟତୀତ କୌଣସି ଭୁଲ ଶବ୍ଦର ବ୍ୟବହାର ନ କରିବାକୁ ସଲ୍‌ମାନ ଅନୁରୋଧ କରିଥିଲେ।




# ନଦୀ ପୁନରୁଦ୍ଧାର ସହ ୮୦୦ ଶ୍ରମିକ ରୋଜଗାର ପାଇଲେ

ବାରବାଙ୍କି(ଉତ୍ତର ପ୍ରଦେଶ): ଲକ୍‌ଡାଉନରେ ସମସ୍ତ କାମଧନ୍ଦା ବନ୍ଦ ରହିଥିଲା। ଏହା ଅନେକ ଶ୍ରମିକ ଶ୍ରେଣୀର ଲୋକଙ୍କୁ ବିଶେଷ ପ୍ରଭାବିତ କରିଛି। ଏଭଳି ପରିସ୍ଥିତିରେ ଜଣେ ଆଇଏଏସ୍ ଅଧିକାରୀ ପରିସ୍ଥିତିର ସଦୁପଯୋଗକରି ଏକ ନଦୀକୁ ପୁନର୍ଜୀବିତ କରିବା ସହ ୮ଶହ ଲୋକଙ୍କୁ ରୋଜଗାର ଯୋଗାଇବାରେ ସଫଳ ହୋଇଛନ୍ତି। ମାର୍ଚ୍ଚ ମାସରେ କରୋନା ସଂକ୍ରମଣ ଯୋଗୁ ଲକ୍‌ଡାଉନ ପୂର୍ବରୁ ହିଁ ଅନେକ ଲୋକ କାମ ହରାଇଥିଲେ। ଏହି ସମୟରେ ବାରବାଙ୍କି ଜିଲା ମାଭୈଭ୍ୟ ଗ୍ରାମର ନାଥୁ ଲକ୍ଷ୍ନୌରୁ ଘରମୁହାଁ ହୋଇଥିଲେ। ସେହିପରି ଗାଁର ଅନ୍ୟ ଜଣେ ଶ୍ରମିକ ମନୋଜ ମଧ ଲକ୍‌ଡାଉନ କଟକଣା ଯୋଗୁ କାମ ନ ପାଇ ବସିଥିଲେ। ଏଭଳି ସମୟରେ ଜିଲାର କଲ୍ୟାଣୀ ନଦୀ(୨.୬ କି.ମି.) ପୁନରୁଦ୍ଧାର କାର୍ଯ୍ୟରେ ନାଥୁ ଓ ମନୋଜଙ୍କୁ ନିୟୋଜିତ କରାଯାଇଥିଲା। ପରେ ରୋଜଗାର ହରାଇଥିବା ଗାଁର ଆଉ ୮ଶହ ଗ୍ରାମବାସୀଙ୍କୁ ବାରବାଙ୍କି ଜିଲାପାଳ ଆଦର୍ଶ ସିଂଙ୍କ ଦ୍ୱାରା ୨ମାସ ତଳେ ଆରମ୍ଭ ହୋଇଥିବା ନଦୀ ପ୍ରକଳ୍ପ କାର୍ଯ୍ୟରେ ସାମିଲ କରାଯାଇଥିଲା। ଏମ୍‌ଜିଏନ୍‌ଆରଇଜିଏସ୍ ଅଧୀନ ଏହି ନଦୀ ପୁନରୁଦ୍ଧାର ପ୍ରକଳ୍ପ ପାଇଁ ପ୍ରଥମ ପର୍ଯ୍ୟାୟରେ ୫୯ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିଲା। ପର୍ଯ୍ୟାୟକ୍ରମେ ମାଭୈଭ୍ୟ ଦେଇ ଯାଇଥିବା ନଦୀର ୨.୬ କି.ମି. ପର୍ଯ୍ୟନ୍ତ ପୁନରୁଦ୍ଧାର କାର୍ଯ୍ୟ ଶେଷ ହୋଇଥିବା ବେଳେ ହାଇଦରଗଡ଼ଠାରେ ନଦୀର ଆଉ ୧.୫ କି.ମି. ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଥିବା ଜଣାପଡ଼ିଛି। କଲ୍ୟାଣୀ ନଦୀ ଦିନେ ଅଞ୍ଚଳରେ ଜଳସେଚନର ପ୍ରମୁଖ ମାଧ୍ୟମ ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଲୋକେ ଶୌଚ ହେବା ସହ ଆବର୍ଜନା ପକାଇବା ଦ୍ୱାରା ନଦୀ ଶୁଖିଯାଇଥିଲା। ଶ୍ରମିକଙ୍କ ଅଭାବ ଯୋଗୁ ପୁନରୁଦ୍ଧାର କାର୍ଯ୍ୟ ଅଟକି ରହିଥିଲା। ଲକ୍‌ଡାଉନ ସମୟରେ ଶ୍ରମିକଙ୍କ ଜୀବନ ଜୀବିକା ଦୁର୍ବିଷହ ହୋଇପଡ଼ିଥିବାବେଳେ ସେମାନଙ୍କ ସମସ୍ୟା ଦୂରକରିବା ଏବଂ ନଦୀ ସମସ୍ୟାର ସମାଧାନ ପାଇଁ ଆମେ ଚିନ୍ତା କରିଥିଲୁ ବୋଲି ଜିଲାପାଳ ସିଂ କୁହନ୍ତି। ସେହିପରି ସ୍ଥାନୀୟ ବିଡିଓ ହେମନ୍ତ କୁମାର ଯାଦବ କହିଛନ୍ତି, ଏହି ପ୍ରକଳ୍ପ ସ୍ଥାନୀୟ ଶ୍ରମିକମାନଙ୍କ ପାଇଁ ଆଶାର କିରଣ ସଦୃଶ ହୋଇଛି। ଏବେ କଲ୍ୟାଣୀ ନଦୀ ଅତି ସୁନ୍ଦର ଦେଖାଯାଉଥିବା ବେଳେ ନଦୀର ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ ମଧ କରାଯାଉଛି।

**ଆଇଏଏସ୍ ଅଧିକାରୀଙ୍କ ସଫଳ ଉଦ୍ୟମ**





# ଡାଲ୍ ହ୍ରଦ ସଫା କରୁଛନ୍ତି ଛାତ୍ରୀ

ଶ୍ରୀନଗର: ପ୍ରକୃତିକୁ ସୁରକ୍ଷା ଦେବା ନିମନ୍ତେ ୭ ବର୍ଷର ଝିଅ ଜନ୍ନତଙ୍କ ନିଷ୍ଠାପର ଉଦ୍ୟମ ଏବେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଛି। ଏଇ ବୟସରୁ ଜନ୍ନତ ଏବେ କଶ୍ମୀରର ଡାଲ୍ ହ୍ରଦକୁ ସଫା କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ଡାଲ୍ ହ୍ରଦକୁ ସମ୍ପୂର୍ଣ୍ଣରୂପେ ପ୍ରଦୂଷଣମୁକ୍ତ କରିବା ନିମନ୍ତେ ପ୍ରତିଦିନ ନିଜେ ସେଥିରୁ ଦଳ ସହିତ ଅନ୍ୟ ଆବର୍ଜନାକୁ ସଫା କରିବାରେ ଲାଗିଛନ୍ତି। ଡାଲ୍ ହ୍ରଦକୁ ସଫା କରିବାର ତାଙ୍କର ଏହି ଉଦ୍ୟମ ଦୁଇ ବର୍ଷ ତଳୁ ଆରମ୍ଭ ହୋଇଛି। ଡାଲ୍ ହ୍ରଦକୁ ସଫା କରୁଥିବାବେଳେ ଦୁଇ ବର୍ଷ ତଳେ ସେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଜନ୍ନତଙ୍କ ପରିବାର ବହୁ ବର୍ଷ ହେଲା ଡାଲ୍ ହ୍ରଦରେ ହାଉସ୍‌ବୋଟ୍‌ରେ ରହୁଛନ୍ତି। ତାଙ୍କ ବାପା ତାରିକ୍ ପଟ୍‌ଲୁ ଜଣେ ପରିବେଶବିତ୍। ତାଙ୍କଠାରୁ ପ୍ରେରଣା ପାଇ ଜନ୍ନତ ମଧ ପରିବେଶ ସୁରକ୍ଷା ନେଇ କାମ କରୁଛନ୍ତି। ଏବେ ସେ ତୃତୀୟ ଶ୍ରେଣୀରେ ପାଠ ପଢୁଛନ୍ତି କିନ୍ତୁ ସ୍ୱଚ୍ଛତା ଅଭିଯାନ ନେଇ ତାଙ୍କର ଉଦ୍ୟମ ପାଇଁ ସେ ସବୁଆଡୁ ପ୍ରଶଂସିତ ହେବାରେ ଲାଗିଛନ୍ତି। ବିଭିନ୍ନ କମ୍ପାନୀ ନିଜ ନିଜ କ୍ୟାମ୍ପେନରେ ଜନ୍ନତଙ୍କୁ ନେଇଛନ୍ତି। ଏହାଛଡ଼ା ହାଇଦ୍ରାବାଦର ଏକ ପାଠ୍ୟପୁସ୍ତକରେ ମଧ ଜନ୍ନତଙ୍କର ଉଦାହରଣ ଦିଆଯାଇଛି, ଯାହା ଏବେ ତାଙ୍କୁ ଆହୁରି ଲୋକପ୍ରିୟ କରିପାରିଛି। ଜନ୍ନତଙ୍କ ଏହି ଲୋକପ୍ରିୟତା ପାଇଁ ଏବେ ତାଙ୍କ ପରିବାର ଲୋକେ ବି ଗର୍ବ ଅନୁଭବ କରୁଛନ୍ତି।





# ଜଙ୍ଗଲରେ ପାଠପଢ଼ିଲେ ଛାତ୍ରୀଛାତ୍ର

ଡେରାଡୁନ୍: ମହାମାରୀ କରୋନା ସଂକ୍ରମଣ ନେଇ ଦେଶବ୍ୟାପୀ ଲକ୍‌ଡାଉନ୍ ଜାରି ରହିଥିବା ବେଳେ ସବୁଠାରୁ ବେଶୀ ପ୍ରଭାବିତ ହୋଇଛନ୍ତି ସ୍କୁଲ ଓ କଲେଜର ଛାତ୍ରୀଛାତ୍ରମାନେ। ବିନା ମୋବାଇଲ, ଲାପ୍‌ଟପରେ ସେମାନେ ପାଠ ପଢ଼ିପାରୁ ନାହାନ୍ତି। ସ୍କୁଲ, କଲେଜ ବନ୍ଦ ହୋଇଥିବାରୁ ଛାତ୍ରୀଛାତ୍ରମାନେ ଅନ୍‌ଲାଇନ୍‌ରେ ପାଠପଢ଼ା କରୁଛନ୍ତି। ତେବେ ମୋବାଇଲ୍ ସିଗ୍‌ନାଲ ନ ମିଳିଲେ ଇଣ୍ଟରନେଟ୍ କାମ କରିବା ଅସମ୍ଭବ। ଏପରିସ୍ଥଳେ ଛାତ୍ରୀଛାତ୍ର ସିଗ୍‌ନାଲ୍ ମିଳୁଥିବା ସ୍ଥାନକୁ ଲାପ୍‌ଟପ୍,ମୋବାଇଲ ଅବା ଟ୍ୟାବ୍ ନେଇଯାଉଛନ୍ତି। ଉତ୍ତରାଖଣ୍ଡରେ ମୋବାଇଲ ସେବା ପ୍ରଦାନକାରୀ କମ୍ପାନୀ ଗୁଡ଼ିକର ସିଗ୍‌ନାଲ୍ ପ୍ରାୟତଃ ମିଳୁନାହିଁ। ଜଙ୍ଗଲ ନିକଟବର୍ତ୍ତୀ ଖୋଲା ପଡ଼ିଆରେ ମୋବାଇଲ୍ ସିଗ୍‌ନାଲ୍ ମିଳୁଛି। ସ୍ଥାନୀୟ ଭବାଲୀ ଅଞ୍ଚଳରେ ସିଗ୍‌ନାଲ୍ ନ ମିଳିବାରୁ ଛାତ୍ରୀଛାତ୍ର ଅସୁବିଧାରେ ପଡୁଛନ୍ତି। ଏଥିଲାଗି ସେମାନଙ୍କୁ ଘରଠାରୁ ୪ କିଲୋମିଟର ଜଙ୍ଗଲାଞ୍ଚଳକୁ ଯିବାକୁ ପଡୁଛି। ସେମାନେ ଜଙ୍ଗଲରେ ସିଗନାଲ୍ ମିଳୁଥିବା ସ୍ଥାନରେ ବସି ଅନ୍‌ଲାଇନ୍‌ରେ ପାଠପଢ଼ା କରୁଛନ୍ତି। ସ୍ଥାନୀୟ ଅଞ୍ଚଳରେ ସିଗ୍‌ନାଲ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ବାରମ୍ବାର ଅନୁରୋଧ କଲେ ମଧ ସୁଫଳ ମିଳୁ ନ ଥିବା କୁହାଯାଉଛି।

**ଅନ୍‌ଲାଇନ୍ କ୍ଲାସ୍ ଲାଗି ଗାଁରେ ନାହିଁ ମୋବାଇଲ ନେଟ୍‌ୱାର୍କ**



# ଶାଢ଼ି ପିନ୍ଧି ବୟସ୍କ ମହିଳାଙ୍କ ଯୋଗ

ନୂଆଦିଲ୍ଲୀ: ମନର ବଳ ଆଗରେ ବୟସ ହାର ମାନେ। ଏହାର ଏକ ଉଦାହରଣ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି। ଜଣେ ବୟସ୍କ ମହିଳା ଶାଢ଼ି ପିନ୍ଧି ଯେଉଁଭଳି ଭାବେ ସହଜରେ ଯୋଗ ଓ ଆସନ କରି ପାରୁଛନ୍ତି ତାହା ସମସ୍ତଙ୍କୁ ପ୍ରଭାବିତ କରିପାରିଛି। ମହିଳା ଜଣକ ଅତି ସହଜରେ ଓ ସୁନ୍ଦରଭାବରେ ଅଣ୍ଟାକୁ ବଙ୍କା କରି ଢେର୍ ସମୟ ବିଭିନ୍ନ ଆସନ କରୁଛନ୍ତି। ଆଉ ସବୁଠୁ ବଡ଼ କଥା ହେଉଛି ଗୋଟିଏ ପରେ ଗୋଟିଏ ଯୋଗ ଆସନ କରୁଥିବା ବେଳେ ସେ ଆଦୌ ବିରାମ ନେଉ ନାହାନ୍ତି। ତାଙ୍କର ଏହି ଯୋଗର ୫୧ ସେକେଣ୍ଡର ଏକ ଭିଜୁଆଲ ସୋସିଆଲ ମିଡିଆରେ ପ୍ରଥମେ ଶେୟାର କରିଥିଲେ ଆଇଏଫ୍‌ଏସ୍ ଅଫିସର ସୁଧା ରମଣ। ଭିଜୁଆଲ ଶେୟାର କରିବାର ଦିନକ ପରେ ଏହା ୪ହଜାରରୁ ଅଧିକ ଲୋକ ଏହାକୁ ଦେଖିବା ପରେ ସୁନ୍ଦର ସୁନ୍ଦର କମେଣ୍ଟମାନ ଦେବାରେ ଲାଗିଛନ୍ତି।

**ଭିଡିଓ ଭାଇରାଲ**



ଜନ୍ମଦିନ ଶୁଭେଚ୍ଛା



ସତ୍ୟଜିତ୍ ଖମାରୀ (ଓମ୍)
ବୁଗବୁଗା, ଅତାବିରା, ବରଗଡ
ତୋର ଚଲାପଥ କୁସୁମିତ ହେଉ । ଆଜି ତୃତୀୟ ଜନ୍ମବାର୍ଷିକୀରେ ମାଁ ସମଲେଇଙ୍କଠାରେ ଏତିକି ପ୍ରାର୍ଥନା ।
ଶୁଭେଚ୍ଛା ସହ
ଅଭିଳାଷା, ଅଭିଜିତ୍, ଅଭିଲିପ୍‌ସା, ସୋନାଲିସା, ରୋଜାଲିସା, ଆଲିସା, ଲିପ୍‌ସା ।
ଧ-୧୭୫୮୮



ଧ-୧୭୫୬୨



ଧ-୬୯୪୧୬

# ଚା' ବିକାଳିଙ୍କ ଝିଅ ବାୟୁସେନା ପାଇଲଟ

ଭୋପାଳ: ଇଚ୍ଛାଶକ୍ତି ଆଗରେ ସମସ୍ତ ବାଧା ହାର ମାନିଥାଏ। ଶେଷରେ ସଫଳତା ମିଳିଥାଏ। ଏହା ସଦ୍ୟତମ ଉଦାହରଣ ପାଲଟିଛନ୍ତି ମଧ୍ୟପ୍ରଦେଶର ଜଣେ ଚା' ବିକାଳିଙ୍କ ଝିଅ। ସେ ଭାରତୀୟ ବାୟୁସେନାରେ ଫାଇଟର ପାଇଲଟ ହୋଇଛନ୍ତି। ସ୍ଥାନୀୟ ନିମଚ ଅଞ୍ଚଳରେ ସୁରେଶ ଗଙ୍ଗୱାଲ ଏକ ଛୋଟ ଚା' ଦୋକାନ କରିଛନ୍ତି। ଏଥିରୁ ମିଳୁଥିବା ଆୟରେ ତାଙ୍କର ଘର ଚଳିଥାଏ।



ସୁରେଶଙ୍କ ୨୩ ବର୍ଷ ବୟସ୍କା ଝିଅ ଆଞ୍ଚଲ ଗଙ୍ଗୱାଲ ଜୁନ ୨୦ରେ ବାୟୁସେନାରେ ଫାଇଟର ପାଇଲଟ ଭାବେ ଯୋଗ ଦେଇଛନ୍ତି। ସୁରେଶ କୁହନ୍ତି ସାରା ଜୀବନ ସଂଘର୍ଷରେ କଟିଗଲା। ଏବେ ଆଞ୍ଚଲର ଜୀବନରେ ଖୁସି ଆସିଛି। ନିଜର ସଫଳତା ନେଇ ଆଞ୍ଚଲ କୁହନ୍ତି ଯେ, ପିତାଙ୍କ ଉପଦେଶ ତାଙ୍କୁ ଏପର୍ଯ୍ୟନ୍ତ ନେଇଆସିଛି। ସୁରେଶ ସବୁବେଳେ ଆଞ୍ଚଲଙ୍କୁ ବିପଦରେ ଧର୍ଯ୍ୟହରା ନ ହେବାକୁ ପରାମର୍ଶ ଦେଇଥାନ୍ତି। ଲଢ଼େଇ ଜାରି ରଖିଲେ ଜୀବନ ସଂଘର୍ଷରେ ସଫଳତା ମିଳିଥାଏ ବୋଲି ସୁରେଶ ତାଙ୍କୁ ସବୁବେଳେ କହିଥାନ୍ତି।

ମନେ ପଡ଼ନ୍ତି
ପଞ୍ଚମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ଭୁଲେଶ୍ୱରୀ ପଣ୍ଡା
ସାଇକୃପା, ୯୬୩/୨୧୫୧, ପ୍ରକୃତି ବିହାର, ବରମୁଣ୍ଡା
ଆବିର୍ଭାବ: ୧୯୫୦
ତିରୋଧାନ: ୨୧।୦୭।୨୦୧୫
(ହେରାପଞ୍ଚମୀ)
ମା, ତୁ ଚାଲିଯିବାର ୫ ବର୍ଷ ପୂରିଗଲା, ତୋର ଅନୁପସ୍ଥିତିରେ ସବୁକିଛି ଖାଲି ଖାଲି ଲାଗୁଛି। ପ୍ରତ୍ୟେକ ଜନ୍ମରେ ତୋର ସନ୍ତାନ ଭାବେ ଜନ୍ମ ନେବା ଲାଗି ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା। ତୋର ସ୍ନେହ, ତ୍ୟାଗ, ପରୋପକାରିତା, କର୍ତ୍ତବ୍ୟନିଷ୍ଠା, ଶୃଙ୍ଖଳବୋଧ ଭଳି ଆଦର୍ଶରେ ଅନୁପ୍ରାଣୀତ ହୋଇ ଜୀବନର ଚଲାପଥରେ ଆଗେଇବା ଲାଗି ଆମ୍ଭେମାନେ ଚେଷ୍ଟିତ। ତୁ ଯେଉଁଠି ବି ଥା ଈଶ୍ୱରଙ୍କ କୃପାରୁ ଭଲରେ ଥା। ତୋ ଭଳି ଜଣେ ମହାନ୍ ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ତୋର ହତଭାଗ୍ୟ ପରିବାରବର୍ଗ
ଧ-୬୮୩୫୧


# ପ୍ରତ୍ୟାବର୍ତ୍ତନ ପଥରେ ଅନ୍ତର୍ଜାତୀୟ କ୍ରିକେଟ



ନିର୍ମଳ କୁମାର ମିଶ୍ର



ବେନ୍ ଷ୍ଟୋକ୍ସ



ଜାସନ ହୋଲ୍ଡର

**କରୋନା ଭୂତାଣୁ ସଂକ୍ରମଣର ଭୟାବହତା ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ନିୟନ୍ତ୍ରଣକୁ ଆସିନାହିଁ। ଏହା ସତ୍ତ୍ୱେ କ୍ରିକେଟ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛି। ଆସନ୍ତା ମାସରେ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ମଧ୍ୟରେ ଆୟୋଜନ ହେବାକୁ ଯାଉଛି ଟେଷ୍ଟ ସିରିଜ। ଆଇସିସିର ନୂଆ ନିର୍ଦ୍ଦେଶନାମା ଅନୁଯାୟୀ ଖାଲି ଷ୍ଟାଡିୟମ୍‌ରେ ମ୍ୟାଚଗୁଡ଼ିକ ଖେଳାଯିବ। ପ୍ରଶଂସକଙ୍କ ପାଇଁ ଏହା ଖୁସି ଖବର ସାବ୍ୟସ୍ତ ହେବାକୁ ଯାଉଛି...**

କ୍ରିକେଟପ୍ରେମୀଙ୍କ ପାଇଁ ଖୁସି ଖବର। କରୋନାର କହର ମଧ୍ୟରେ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛି ଅନ୍ତର୍ଜାତୀୟ କ୍ରିକେଟ। ଭୂତାଣୁ ସଂକ୍ରମଣର ଭୟାବହତା ଏବେ ମଧ୍ୟ ସଂପୂର୍ଣ୍ଣ ନିୟନ୍ତ୍ରଣକୁ ଆସିନାହିଁ। ତଥାପି ଇଂଲଣ୍ଡରେ ଆସନ୍ତା ମାସରୁ କ୍ରିକେଟ ପ୍ରତ୍ୟାବର୍ତ୍ତନ କରିବାକୁ ଯାଉଛି। ଇଂଲଣ୍ଡ ଆଣ୍ଡ ୱେଲ୍‌ସ କ୍ରିକେଟ୍ ବୋର୍ଡ ଓ କାରିବିୟନ କ୍ରିକେଟ୍ ବୋର୍ଡର ନିଷ୍ପତ୍ତିକ୍ରମେ ଅନ୍ତର୍ଜାତୀୟ କ୍ରିକେଟ କାଉନ୍‌ସିଲ (ଆଇସିସି) ଏହି ଟେଷ୍ଟ ସିରିଜକୁ ସ୍ୱୀକୃତି ଦେଇଛି। ଇଂଲଣ୍ଡରେ ସ୍ଥିତି ଅପେକ୍ଷାକୃତ ନିୟନ୍ତ୍ରଣାଧୀନ ଥିବାରୁ ଜୁନ୍ ୨ରେ ଉଭୟ ଦେଶର ବୋର୍ଡ ସିରିଜ୍ ଉପରେ ମୋହର ଲଗାଇବା ଫଳରେ ଏହା ସମ୍ଭବ ହେବାକୁ ଯାଉଛି। ଆଶା ଏବଂ ଆଶଙ୍କା ମଧ୍ୟରେ ଜୁନ୍ ୮ରେ ୱେଷ୍ଟଇଣ୍ଡିଜ ଟିମ୍ ଇଂଲଣ୍ଡରେ ପହଞ୍ଚି ଅଭ୍ୟାସ ଆରମ୍ଭ କରିଛି। ୱେଷ୍ଟଇଣ୍ଡିଜ ଦଳ ୧୪ଦିନ କ୍ୱାରେଣ୍ଟାଇନରେ ରହିଛି। ଦ୍ୱିପାକ୍ଷିକ ସିରିଜ ପାଇଁ କାର୍ଯ୍ୟସୂଚୀ ପ୍ରକାଶ ପାଇବା ସହିତ ପ୍ରସ୍ତୁତି ଶେଷ ହୋଇଛି। ଆଇସିସିର ନୂତନ ଗାଇଡଲାଇନ୍ ପାଳନ କରାଯିବା ସହିତ ଖାଲି ଷ୍ଟାଡିୟମ୍‌ରେ ମ୍ୟାଚଗୁଡିକ ଖେଳାଯିବ। କୋଭିଡ-୧୯ର ଗାଇଡଲାଇନ୍ ମଧ୍ୟ ଉଭୟ ଦେଶର ଖେଳାଳିମାନେ ମାନିବାକୁ ବାଧ୍ୟ। ସାମାଜିକ ଦୂରତା ବଜାଇ ରଖିବା ସହ ମାସ୍କ ବ୍ୟବହାର ଏବଂ ନୀତି ନିୟମ ପାଳିବା ପ୍ରତ୍ୟେକ ଖେଳାଳିଙ୍କ ପାଇଁ ବଡ ଚ୍ୟାଲେଞ୍ଜ୍ ହେବ।

ଜାସନ ହୋଲ୍ଡର ୱେଷ୍ଟଇଣ୍ଡିଜ ଦଳର ନେତୃତ୍ୱ ନେଉଥିବା ବେଳେ ଦଳର ୩ ପ୍ରମୁଖ ଖେଳାଳି ଡାରେନ୍ ବ୍ରାଭୋ, ସିମରନ ହେଟମେର ଏବଂ କେମୋ ପଲ କରୋନା ଭୟରେ ଦଳରୁ ଓହରିଯାଇଛନ୍ତି। ପ୍ରଥମ ଟେଷ୍ଟରେ ବେନ୍ ଷ୍ଟୋକ୍ସ ଇଂଲଣ୍ଡ ଦଳର ଅଧିନାୟକ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଜୋ ରୁଟ୍ ବ୍ୟକ୍ତିଗତ କାରଣରୁ ପ୍ରଥମ ଟେଷ୍ଟରେ ଖେଳିବେ ନାହିଁ। ଫଳରେ ଷ୍ଟୋକ୍ସଙ୍କ ଉପରେ ଗୁରୁଦାୟିତ୍ୱ ରହିବ। ସାମ୍ପ୍ରତିକ ସ୍ଥିତିରେ ୱେଷ୍ଟଇଣ୍ଡିଜ ଦଳର ଇଂଲଣ୍ଡ ଗସ୍ତକୁ ଘରୋଇ ଦଳର ତାରକା ପେସ୍ ବୋଲର ଜେମ୍ସ ଆଣ୍ଡରସନ୍ ସାହସିକ ପଦକ୍ଷେପ ବୋଲି କହିଛନ୍ତି। ଟୁରରେ ଥିବା ସମସ୍ତ କାରିବିୟନ ଖେଳାଳିଙ୍କର ଟେଷ୍ଟ ନେଗେଟିଭ ଆସିବା ପରେ ସିରିଜ ଖେଳାଯିବା ନିଶ୍ଚିତ ହୋଇଛି। ପ୍ରଥମ ଟେଷ୍ଟ ଜୁଲାଇ ୮ରୁ ୧୨ ରୋଜବାୱେଲ, ଦ୍ୱିତୀୟ ଟେଷ୍ଟ ୧୬ରୁ ୨୦ ଓଲ୍ଡ ଟ୍ରାଫୋର୍ଡ୍ ଏବଂ ତୃତୀୟ ଟେଷ୍ଟ ୨୪ରୁ ୨୮ ପର୍ଯ୍ୟନ୍ତ ସେହି ଓଲ୍ଡ ଟ୍ରାଫୋର୍ଡ୍‌ଠାରେ ଖେଳାଯିବ। ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ମାସଠାରୁ ସମସ୍ତ ଅନ୍ତର୍ଜାତୀୟ କ୍ରିକେଟ୍ ବନ୍ଦ ରହିଛି। ତେଣୁ ଏହି ଟେଷ୍ଟ ସିରିଜ ଉପରେ ସମସ୍ତ କ୍ରିକେଟ ଖେଳୁଥିବା ଦେଶର ନଜର ରହିଛି। ଆଇସିସି ଦ୍ୱାରା ପ୍ରଣୟନ ଗାଇଡ୍‌ଲାଇନ୍‌କୁ ସବୁ ସମୟରେ ପାଳନ କରିବା ବେଶ୍ ଚ୍ୟାଲେଞ୍ଜ୍‌ପୂର୍ଣ୍ଣ ହେବ ବୋଲି ଉଭୟ ଦେଶର ଖେଳାଳିମାନେ ସ୍ୱୀକାର କରିଛନ୍ତି।

ମ୍ୟାଚ ସମୟରେ ମାସ୍କ ପରିଧାନ କରିବା ସବୁଠାରୁ ବଡ ଚ୍ୟାଲେଞ୍ଜ ହେବ। ଏହା ଉଭୟ ଦ୍ରୁତ ବୋଲର ଏବଂ ବ୍ୟାଟ୍ସମ୍ୟାନମାନଙ୍କୁ ଅଡୁଆ ପରିସ୍ଥିତିରେ ପକାଇବ। ବ୍ୟାଟ୍ସମ୍ୟାନମାନେ ଏକାଗ୍ରତା ହରାଇବା ସମ୍ଭାବନା ରହିଛି। ଅନ୍ୟ ସମସ୍ତ ନିୟମ ଯଥା ବଲରେ ଛେପ ନ ଲଗାଇବା, ଉଇକେଟ ପତନ ସମୟରେ ଏକାଠି ନ ହେବା, ଖୁସି ନ ମନେଇବା, କରମର୍ଦ୍ଦନ ନ କରିବା, ସନ୍‌ଗ୍ଲାସ ଏବଂ ବ୍ୟବହୃତ ଟାୱେଲ ଅମ୍ପାୟରଙ୍କୁ ନ ଦେବା ପରି ନିୟମ କିପରି ପାଳନ କରାଯାଉଛି ତାହା ଦେଖିବାର କଥା। ଇତି ମଧ୍ୟରେ ବିଭିନ୍ନ ଦେଶରେ ଦଳଗତ ଖେଳ ଫୁଟବଲ ପ୍ରତ୍ୟାବର୍ତ୍ତନ କରିଛି। ମାତ୍ର ଏହା ବିନା ଦର୍ଶକରେ ଅନୁଷ୍ଠିତ ହୋଇଛି। ଷ୍ଟାଡିୟମ୍ ମଧ୍ୟରେ ମ୍ୟାଚ ଦେଖିବା ଏବଂ ଟିଭିରେ ମ୍ୟାଚ ଉପଭୋଗ କରିବାରେ ଆକାଶ ପାତାଳ ପ୍ରଭେଦ ବାରି ହୋଇପଡ଼ିଛି। ଫାଙ୍କା ଷ୍ଟାଡିୟମ ଯୋଗୁ ଖେଳାଳିଙ୍କ ପ୍ରଦର୍ଶନ ମଧ୍ୟ ପ୍ରଭାବିତ ହୋଇଛି।

କରୋନାକୁ ନିୟନ୍ତ୍ରଣରେ ରଖି ପାରିଥିବା ଦେଶ ନ୍ୟୁଜିଲାଣ୍ଡ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଆରମ୍ଭ କରି ଦର୍ଶକମାନଙ୍କୁ ପଡିଆ ମଧ୍ୟରେ ମ୍ୟାଚ ଉପଭୋଗ କରିବାକୁ ଅନୁମତି ଦେବ ବୋଲି ନିଷ୍ପତ୍ତି ନେଇଛି। ଅନ୍ୟପକ୍ଷରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବିନା ଦର୍ଶକରେ ବିଶ୍ୱର ଅନ୍ୟତମ ଗ୍ଲାମର୍ସ ଏବଂ ବ୍ୟୟବହୁଳ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଆୟୋଜନ ପାଇଁ ସରକାରଙ୍କଠାରୁ ଅନୁମତି ଆଣିବାକୁ ପ୍ରୟାସ ଆରମ୍ଭ କରିଛି। ବିସିସିଆଇ ଅଧ୍ୟକ୍ଷ ସୌରଭ ଗାଙ୍ଗୁଲି ସମସ୍ତ ରାଜ୍ୟ କ୍ରିକେଟ୍ ବୋର୍ଡକୁ ଚିଠି ଲେଖିବା ସହ ଅକ୍ଟୋବରରୁ ନଭେମ୍ବର ମଧ୍ୟରେ ଏହି ଲିଗ୍ ଆୟୋଜନ ଲକ୍ଷ୍ୟ ରଖିଛନ୍ତି। ଆଇପିଏଲ-୧୨ର ଆୟୋଜନ କରିବାକୁ ୪୦ ଦିନ ସମୟ ମାଗିଛି ବିସିସିଆଇ। ନଚେତ କ୍ଷତିର ପରିମାଣ ପାଖାପାଖି ୪ହଜାର କୋଟି ହେବ ବୋଲି ସୂଚନା ଦେଇଛି। ମୋଟାମୋଟିଭାବେ କହିବାକୁ ଗଲେ ଆସନ୍ତା ମାସରୁ ଆରମ୍ଭ ହେଉଥିବା ଇଂଲଣ୍ଡ-ୱେଷ୍ଟଇଣ୍ଡିଜ ଟେଷ୍ଟ ସିରିଜ ଫଳାଫଳ ଉପରେ ସବୁ କିଛି ନିର୍ଭର କରୁଛି। ନୂଆ ନିୟମରେ ଖେଳାଯିବାକୁ ଥିବା କ୍ରିକେଟକୁ ଦର୍ଶକମାନେ କିପରି ପସନ୍ଦ କରୁଛନ୍ତି ତାହା ଦେଖିବାକୁ ବାକି ରହିଛି।

**ମାତ୍ର ୧୫ ବର୍ଷରେ ବିଶ୍ୱର ସର୍ବକନିଷ୍ଠ ଫୁଟବଲର ଭାବେ ଲୁକା ରୋମେରୋ ଲା ଲିଗା ଖେଳି ଇତିହାସ ସୃଷ୍ଟି କରିଛନ୍ତି। ଲେଫ୍ଟ ଫୁଟେଡ ରୋମେରୋ ଆଟାକିଙ୍ଗ୍ ମିଡ୍‌ଫିଲ୍ଡର ଭାବେ ସେ ନିଜ ବୟସବର୍ଗର ପ୍ରତିଯୋଗିତାରେ ଉଚ୍ଚକୋଟୀର ପ୍ରଦର୍ଶନ କରି ନିଜ ପ୍ରତିଭାର ପରିଚୟ ଦେଇଛନ୍ତି। ଯଥାର୍ଥରେ ତାଙ୍କୁ ଆର୍ଜେଣ୍ଟିନା ଫୁଟବଲ ସୁପରଷ୍ଟାର ମେସିଙ୍କ ସହ ତୁଳନା କରାଯାଉଛି...**

## ନୂଆ ମେସି ରୋମେରୋ

ସ୍ପାନିଶ ଫୁଟବଲ କ୍ଲବ୍ ରିୟଲ ମାଲୋର୍କା ମିଡ୍‌ଫିଲ୍ଡର ଲୁକା ରୋମେରୋ ଇତିହାସ ସୃଷ୍ଟି କରିଛନ୍ତି। ବିଶ୍ୱର ସର୍ବକନିଷ୍ଠ ଖେଳାଳି ଭାବେ ସ୍ପାନିସ ଫୁଟବଲ ଲିଗ୍ ଲା ଲିଗା ଖେଳିଛନ୍ତି। ମାତ୍ର ୧୫ ବର୍ଷ ୨୧୯ ଦିନରେ ଲା ଲିଗାରେ ଅଂଶଗ୍ରହଣ କରିଛନ୍ତି। ଏହି କ୍ରମରେ ସେ ଫ୍ରାନ୍‌ସିସ୍କୋ ବାଓ ରୋଡ୍ରିଗୁଏଜ୍‌ଙ୍କ ୮୧ ବର୍ଷର ରେକର୍ଡକୁ ଭାଙ୍ଗିବାରେ ସକ୍ଷମ ହୋଇଛନ୍ତି। ରୋଡ୍ରିଗୁଏଜ ସାନସନ ଭାବେ ବେଶ୍ ଜଣାଶୁଣା ଥିଲେ। ସାନସନ ୧୫ ବର୍ଷ ୨୫୫ ଦିନରେ ୧୯୩୯ ଡିସେମ୍ବର ୩୧ ତାରିଖରେ ସେଲ୍ଟା ଭିଗୋ ତରଫରୁ ପ୍ରତିନିଧିତ୍ୱକରି ସେଭିଲା ବିପକ୍ଷରେ ମ୍ୟାଚ୍ ଖେଳିଥିଲେ। ଜଣେ ଆଟାକିଙ୍ଗ୍ ମିଡ୍‌ଫିଲ୍ଡର ଭାବେ ଖେଳୁଥିବା ରୋମେରୋଙ୍କୁ ଏବେ ମେସିଙ୍କ ସହ ତୁଳନା କରାଯାଉଛି। ଗତ ଜୁନ୍ ୧ ତାରିଖରେ ରୋମେରୋ ଜଣେ ବଦଳ ଖେଳାଳି ଭାବେ ରିୟଲ ମାଡ୍ରିଡ୍ ବିପକ୍ଷରେ ୮୩ତମ ମିନିଟ୍‌ରେ ପ୍ରଥମଥର ପାଇଁ ଖେଳିବାର ସୁଯୋଗ ପାଇଥିଲେ। ମେକ୍ସିକୋରେ ଜନ୍ମଗ୍ରହଣ କରିଥିଲେ ମଧ୍ୟ ରୋମେରୋଙ୍କ ପରିବାର ସଦସ୍ୟମାନେ ଆର୍ଜେଣ୍ଟିନାବାସୀ ଥିଲେ। ସେ ଆର୍ଜେଣ୍ଟିନା ପାଇଁ ୧୫ ବର୍ଷରୁ କମ୍ ଦଳ ତରଫରୁ ପ୍ରତିନିଧିତ୍ୱ କରିଥିଲେ। ଲା ଲିଗାରେ ପ୍ରଥମ ମ୍ୟାଚ୍ ଖେଳିବାର ଅନୁଭୂତି ଅବର୍ଣ୍ଣନୀୟ ବୋଲି ରୋମେରୋ କହିଛନ୍ତି। ଏଥିପାଇଁ ସେ ରିୟଲ ମାଲୋରକାର ଟେକ୍‌ନିକାଲ ଷ୍ଟାଫ୍‌ଙ୍କୁ କୃତଜ୍ଞତା ଜଣାଇଛନ୍ତି। ଏହି ଦିନ ମୋ ପାଇଁ ଅଭୁଲା ହୋଇ ରହିବ ବୋଲି ସେ କହିଛନ୍ତି। ଆର୍ଜେଣ୍ଟିନାର ପାଇଁ ସିନିୟରସ୍ତରରେ ଫୁଟବଲ ଖେଳିବାକୁ ଚାହୁଁଛି ବୋଲି ସେ କହିଛନ୍ତି। ସେ ଲେଫ୍ଟ ଫୁଟେଡ ହୋଇଥିବାରୁ ତାଙ୍କୁ ସ୍ପାନିଶ୍ ମିଡ୍‌ଫିଲ୍ଡର ଡେଭିଡ୍ ସିଲ୍‌ଭାଙ୍କ ସହ ମାଲୋର୍କା ଆସିଷ୍ଟାଣ୍ଟ କୋଚ୍ ଡାନି ପେନ୍‌ଡିନ୍ ତୁଳନା କରିଛନ୍ତି। ତାଙ୍କର ଆର୍ଜେଣ୍ଟିନା ସହିତ ସିଧାସଳଖ ସମ୍ପର୍କ ରହିଛି। ପୁଣି ମେସିଙ୍କ ସହିତ ତାଙ୍କ ଖେଳର ସମାନତା ବହୁ ପରିମାଣରେ ରହିଛି। ଫଳରେ ତାଙ୍କୁ ମେସିଙ୍କ ସହିତ ମଧ୍ୟ ତୁଳନା କରାଯାଇଛି। ମେସିଙ୍କ ଭଳି ସେ ଲେଫ୍ଟ ଫୁଟେଡ୍ ଓ ସ୍ମଲ୍ ଫ୍ରେମ୍ (ଅଧିକ ଡେଙ୍ଗାନୁହଁ)ର ହୋଇଥିବାରୁ ଓ ତାଙ୍କ ଭଳି ଡ୍ରିବ୍ଲିଂ କରୁଥିବାରୁ ତାଙ୍କୁ ନୂଆ ମେସି ବୋଲି କୁହାଯିବା ଆରମ୍ଭ କରାଯାଇଛି। ତାଙ୍କର ଭବିଷ୍ୟତ ଉଜ୍ଜ୍ୱଳ ବୋଲି ତାଙ୍କର ପ୍ରଥମ ଅନ୍ତର୍ଜାତୀୟ କୋଚ୍ ଆଲେଜାଣ୍ଡ୍ରୋ ସେଗେସେ କହିଛନ୍ତି।



**ଖେଳ ଖବର**

# ଚାନୁ ପାଇବେ ଅର୍ଜୁନ ପୁରସ୍କାର

ନୂଆଦିଲ୍ଲୀ, ୨୫।୬(ପି.ଟି.)



ଡୋପିଂ ଅଭିଯୋଗରୁ ମୁକ୍ତ ହୋଇଥିବା ଭାରୋତ୍ତୋଳିକା ସଞ୍ଜିତା ଚାନୁ ଶେଷରେ ୨୦୧୮ ପାଇଁ ସମ୍ମାନଜନକ ଅର୍ଜୁନ ପୁରସ୍କାର ହାସଲ କରିବା ନିଶ୍ଚିତ ହୋଇଛି। ୨ଥର ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ପଦକ ଜିତିଥିବା ଚାନୁଙ୍କୁ ୨୦୧୮ଠାରୁ ଏହି ପୁରସ୍କାର ପ୍ରଦାନ କରାଯିବା ନେଇ ରୋକ ଲଗାଯାଇଥିଲା। ତେବେ ତାଙ୍କୁ ୨୦୧୮ ଦିଲ୍ଲୀ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଏବେ ଅର୍ଜୁନ ପୁରସ୍କାର ପ୍ରଦାନ କରାଯିବ ବୋଲି କେନ୍ଦ୍ର କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ରରୁ ସୂଚନା ଦିଆଯାଇଛି। ଚାନୁ ଡୋପିଂ ଅଭିଯୋଗରୁ ମୁକ୍ତ ହେଲେ ତାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବା ନେଇ କୋର୍ଟଙ୍କ ନିର୍ଦ୍ଦେଶ ରହିଛି। କୋର୍ଟଙ୍କ ଏହି ରାୟକୁ ସିଲ୍ ବନ୍ଦ ଲଫାପାରେ ରଖାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ପୁଣି ଏହି ଲଫାପାକୁ ଚାନୁ ଡୋପିଂ ଅଭିଯୋଗରୁ ମୁକ୍ତ ହେବା ସ୍ଥିତିରେ ଖୋଲାଯିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଚାନୁଙ୍କୁ ଅନ୍ତର୍ଜାତୀୟ ଫେଡେରେଶନ ଡୋପିଂ ଅଭିଯୋଗରୁ ମୁକ୍ତ କରିଥିଲା। ଫଳରେ ଆମକୁ ଏବେ କୋର୍ଟଙ୍କ ନିର୍ଦ୍ଦେଶକୁ ପାଳନ କରିବାକୁ ଓ ଅର୍ଜୁନ ପୁରସ୍କାର ପାଇଁ ତାଙ୍କ ନାମ ବିଚାର କରିବାକୁ ହେବ ବୋଲି ମନ୍ତ୍ରଣାଳୟ ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ୨୦୧୭ରେ ଚାନୁ ଅର୍ଜୁନ ପୁରସ୍କାର ପାଇଁ ଅଣଦେଖାର ଶିକାର ହେଉଥିବା ନେଇ ହାଇକୋର୍ଟରେ ରିଟ୍ ପିଟିଶନ ଦାଖଲ କରିଥିଲେ। ତେବେ ଇତିମଧ୍ୟରେ ସେ ୨୦୧୮ ମେ'ରେ ନିଷିଦ୍ଧ ପଦାର୍ଥ ସେବନ ପାଇଁ ବାସନ୍ଦର ସମ୍ମୁଖୀନ ହୋଇଥିଲେ। ଗତ ବର୍ଷ ଅଗଷ୍ଟରେ ହାଇକୋର୍ଟ ଅର୍ଜୁନ ପୁରସ୍କାର ଚୟନ କମିଟିକୁ ଚାନୁଙ୍କ ନାମ ବିଚାରକୁ ନେବାକୁ ନିର୍ଦ୍ଦେଶ ଦେଇଥିଲେ ଓ ନିଜର ରାୟକୁ ସଂରକ୍ଷିତ ରଖିଥିଲେ। ଚାନୁଙ୍କ ନମୁନାକୁ ଠିକ୍‌ଭାବେ ହ୍ୟାଣ୍ଡଲ କରା ନ ଯିବା କାରଣରୁ ଅନ୍ତର୍ଜାତୀୟ ଭାରୋତ୍ତୋଳନ ଫେଡେରେଶନ (ଆଇଡବ୍ଲ୍ୟୁଏଫ୍) ତାଙ୍କୁ ସବୁ ଅଭିଯୋଗରୁ ମୁକ୍ତ କରିଥିଲା। ଚାନୁ ଏବେ ଆଇଡବ୍ଲ୍ୟୁଏଫ୍‌ଠାରୁ କ୍ଷତିପୂରଣ ଦାବି କରିଛନ୍ତି। ଇତିମଧ୍ୟରେ ଚାନୁ ୨୦୧୮ ପାଇଁ ଅର୍ଜୁନ ପୁରସ୍କାର ହାସଲ କରିବେ ବୋଲି ଭାରତୀୟ ଭାରୋତ୍ତୋଳନ ଫେଡେରେଶନ ସମ୍ପାଦକ ସ୍ପଷ୍ଟ କରିଛନ୍ତି। ୨୬ ବର୍ଷୀୟ ଚାନୁ ୨୦୧୪ ଓ ୨୦୧୮ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଯଥାକ୍ରମେ ୪୮ ଓ ୫୩ କେ.ଜି. ବର୍ଗରେ କ୍ରମାଗତ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ୨୦୧୬ ଓ ୨୦୧୭ରେ ସେ ଅର୍ଜୁନ ପରୁସ୍କାର ପାଇଁ ଆବେଦନ କରିଥିଲେ ମଧ୍ୟ ତାଙ୍କୁ ଅଣଦେଖା କରାଯାଇଥିଲା।

## ରୋହିତଙ୍କ ଆଉଟଡୋର ଟ୍ରେନିଂ ଆରମ୍ଭ



ମୁମ୍ବାଇ, ୨୫।୬(ପି.ଟି.)

ଭାରତୀୟ ସୀମିତ ଓଭର କ୍ରିକେଟ ଉପଅଧିନାୟକ ରୋହିତ ଶର୍ମା କୋଭିଡ-୧୯ ଜନିତ ଲକ୍‌ଡାଉନ୍ ପରେ ପ୍ରଥମଥରପାଇଁ ଆଉଟଡୋର ଟ୍ରେନିଂକୁ ଫେରିଛନ୍ତି। ଗୁରୁବାର ସେ ପଡ଼ିଆକୁ ଓହ୍ଲାଇ ଅଭ୍ୟାସ ଆରମ୍ଭ କରିଛନ୍ତି। ରୋହିତ ଶେଷଥରପାଇଁ ନ୍ୟୁଜିଲାଣ୍ଡ ଟି୨୦ ସିରିଜରେ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ କ୍ରିକେଟ ଖେଳିଥିଲେ। ଏହାପରେ ହାମ୍‌ଷ୍ଟ୍ରିଙ୍ଗ ଇଞ୍ଜୁରି ପାଇଁ କ୍ରିକେଟରୁ ଦୂରେଇ ରହିଥିଲେ। "ପଡ଼ିଆକୁ ଓହ୍ଲାଇବା ଯୋଗୁ ଖୁବ୍ ଭଲ ଲାଗୁଛି। ଦୀର୍ଘଦିନପରେ ମୁଁ ପଡ଼ିଆକୁ ଆସିଥିବା ଅନୁଭବ ହେଉଛି" ବୋଲି ରୋହିତ ନିଜ ଇନ୍‌ଷ୍ଟାଗ୍ରାମ ପେଜ୍‌ରେ ଲେଖିଛନ୍ତି। ତେବେ ସେ କେଉଁ ଗ୍ରାଉଣ୍ଡରେ ଅଭ୍ୟାସ ଆରମ୍ଭ କରିଛନ୍ତି ତାହା ଉଲ୍ଲେଖ କରି ନାହାନ୍ତି। କରୋନା ଭାଇରସ ସଂକ୍ରମଣ ଜନିତ ଦେଶବ୍ୟାପୀ ଲକ୍ ଡାଉନ୍ ଯୋଗୁ ମାର୍ଚ୍ଚ ୨୫ ପରଠାରୁ ଅନ୍ୟ କ୍ରିକେଟରଙ୍କ ପରି ରୋହିତ ଘର ମଧ୍ୟରେ ହିଁ ରହିଥିଲେ। ତାଙ୍କ ଟେଷ୍ଟ ଟିମ୍‌ମେଟ୍ ଚେତେଶ୍ୱର ପୂଜାରା ନିକଟରେ ରାଜକୋଟଠାରେ ନେଟ୍ସରେ ବ୍ୟାଟିଂ ଆରମ୍ଭ କରିଛନ୍ତି। ଭାରତର ପ୍ରଥମ କ୍ରିକେଟରଭାବେ ଶାର୍ଦ୍ଦୁଳ ଠାକୁର ଗତ ମାସରେ ଟ୍ରେନିଂ ଆରମ୍ଭ କରିଥିଲେ। ପାଲଘର ଜିଲା ବୋଇସାରଠାରେ ସେ ନେଟ୍ସରେ ବୋଲିଂ ଅଭ୍ୟାସ କରିଥିଲେ। ଅନ୍ୟତମ ଭାରତୀୟ ଦ୍ରୁତ ବୋଲର ଈଶାନ୍ତ ଶର୍ମା ବୁଧବାର ଅଭ୍ୟାସ ଆରମ୍ଭ କରିଥିବା ଫଟୋ ଶେୟାର କରିଥିଲେ।

## ନିଖିଲ ଚାମ୍ପିୟନ, ବିକାଶ ରନର୍ସଅପ୍

ଭୁବନେଶ୍ୱର, ୨୫।୬(କ୍ରୀଡ଼ା ପ୍ରତିନିଧି)

**୧୫ ବର୍ଷରୁ କମ୍ ଅନ୍‌ଲାଇନ୍ ଚେସ୍**



ନିଖିଲ ସାହୁ

ଏସଆର ଚେସ୍ ସେଣ୍ଟର ଆନୁକୂଲ୍ୟରେ ୧୫ ବର୍ଷରୁ କମ୍ ଅନ୍‌ଲାଇନ୍ ଚେସ୍ ଟୁର୍ନାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା, ବାହାର ରାଜ୍ୟ ଏବଂ ବିଦେଶର କେତେକ ଖେଳାଳି ଏଥିରେ ଅଂଶଗ୍ରହଣ କରିଥିଲେ। ୭ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ପୂରା ୭ ପଏଣ୍ଟ ହାସଲ କରି ଭୁବନେଶ୍ୱର ଷ୍ଟୁଆର୍ଟ ସ୍କୁଲର ୯ମ ଷ୍ଟାଣ୍ଡାର୍ଡ ଛାତ୍ର ନିଖିଲ ସାହୁ ଚାମ୍ପିୟନ ହୋଇଛନ୍ତି। ପ୍ରଭୁଜୀ ଇଂଲିଶ୍ ମିଡିୟମ ସ୍କୁଲର ବିକାଶ କୁମାର ଲେଙ୍କା ୫.୫ ପଏଣ୍ଟ ସହିତ ରନର୍ସଅପ୍ ହୋଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ତେଜାସ ଲୋହାନୀ, ତନ୍ମୟା ତ୍ରିପାଠୀ ଓ ହାଇଦ୍ରାବାଦର ଶିବମ୍ ମିଶ୍ର (ସମସ୍ତେ ୫ ପଏଣ୍ଟ ଲେଖାଏ) ଯଥାକ୍ରମେ ୩ୟରୁ ୫ମ ସ୍ଥାନ ଅଧିକାର କରିଛନ୍ତି। ସନ୍ଦୀପା ପ୍ରିୟଦର୍ଶିନୀ ସାହୁ(୪) ଶ୍ରେଷ୍ଠ ବାଳିକା ଖେଳାଳି ପୁରସ୍କାର ପାଇଛନ୍ତି। ୧୧ ବର୍ଷରୁ କମ୍ ବର୍ଗରେ ସାଇ ଅମୃତ ପରିଜା, ତ୍ରିଦେବ ତୀର୍ଥଙ୍କର, ୯ ବର୍ଷରୁ କମ୍‌ରେ ଧ୍ରୁବ ଏବଂ ୭ ବର୍ଷରୁ କମ୍ ବିଭାଗରେ ଅନ୍ୱବ ବିଶ୍ୱାଳ ଓ ଶୁଭସ୍ମିତା ପ୍ରିୟଦର୍ଶିନୀ ଶ୍ରେଷ୍ଠ ବିବେଚିତ ହୋଇଛନ୍ତି। ସତ୍ୟରଞ୍ଜନ ପଟ୍ଟନାୟକ, ଡାକ୍ତର ମାନସ ରଞ୍ଜନ ମିଶ୍ର ଓ ସତ୍ୟଜିତ ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ପରିଚାଳିତ ହୋଇଥିଲା। ଆଗାମୀ ରବିବାର ୯ମ ଓପନ ଅନ୍‌ଲାଇନ୍ ଚେସ୍ ଟୁର୍ନାମେଣ୍ଟ ଅନୁଷ୍ଠିତ ହେବ।

## ୫୪ ଜାତୀୟ କ୍ରୀଡ଼ା ମହାସଂଘରୁ ସାମୟିକ ସ୍ୱୀକୃତି ପ୍ରତ୍ୟାହାର

ନୂଆଦିଲ୍ଲୀ, ୨୫।୬ (ପି.ଟି.): ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କ୍ରୀଡ଼ା ମନ୍ତ୍ରଣାଳୟ ଗୁରୁବାର ୫୪ ଜାତୀୟ କ୍ରୀଡ଼ା ମହାସଂଘ ଉପରୁ ସାମୟିକ ସ୍ୱୀକୃତି ପ୍ରତ୍ୟାହାର କରିଛି। ପୁନଃ ନିର୍ଦ୍ଦେଶ ପର୍ଯ୍ୟନ୍ତ ସ୍ଥିତାବସ୍ଥା ବଜାୟ ରଖିବା ଲାଗି ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତଙ୍କ ବୁଧବାର ହୃଦ୍‌ବୋଧ ହୋଇଥିଲା ଯେ, ମନ୍ତ୍ରଣାଳୟ ଫେବୃୟାରୀ ୭ରେ କୋର୍ଟ ଦେଇଥିବା ଆଦେଶକୁଅନୁପାଳନ କରାଯାଇ ନାହିଁ। କୋର୍ଟଙ୍କୁ ଆଗୁଆ ସୂଚନା ନ ଦେଇ ମନ୍ତ୍ରଣାଳୟ ନିଷ୍ପତ୍ତି ନିଆଯାଇଛି। ଏହି ମର୍ମରେ କ୍ରୀଡ଼ା ମନ୍ତ୍ରଣାଳୟର ଉପ ସଚିବ ଏସ୍‌ପିଏସ୍ ତୋମାର ସାଇ ମହାନିର୍ଦ୍ଦେଶକ ସନ୍ଦୀପ ପ୍ରଧାନଙ୍କ ନିକଟକୁ ଏକ ଚିଠି ଲେଖିଛନ୍ତି। ମନ୍ତ୍ରଣାଳୟ ଚଳିତମାସରେ ୫୪ଟି କ୍ରୀଡ଼ା ମହାସଂଘର ଜାତୀୟ ସ୍ୱୀକୃତିକୁ ଏକ ବର୍ଷ ପରିବର୍ତ୍ତେ ସାମୟିକ ଆସନ୍ତା ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ବୃଦ୍ଧି କରିଥିଲା। ଦୁଇ ଦିନ ଭିତରେ ସାନି ନୋଟିସ୍ ଜାରି କରି ସମ୍ପୃକ୍ତ କ୍ରୀଡ଼ା ମହାସଂଘଗୁଡ଼ିକର ସ୍ୱୀକୃତି ପ୍ରତ୍ୟାହାର କରିନେବାକୁ ଏଥିରେ କୁହାଯାଇଛି। ଜାତୀୟ କ୍ରୀଡ଼ା ମହାସଂଘଗୁଡ଼ିକ ବାର୍ଷିକ ସ୍ୱୀକୃତି ପାଇଲେ ପ୍ରତିଯୋଗିତା ଓ ଟ୍ରେନିଂ ପାଇଁ ଆର୍ଥିକ ଅନୁଦାନ ପାଇଥାନ୍ତି।

## କୁକ୍‌ଙ୍କୁ ବହିଷ୍କାର କରିବ କୁସ୍ତି ମହାସଂଘ

ନୂଆଦିଲ୍ଲୀ, ୨୫।୬ (ପି.ଟି.)

ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ)ର ଅନ୍‌ଲାଇନ୍ ସେସନରେ ଅଂଶଗ୍ରହଣ କରିବା ଲାଗି ରାଜି ନ ହେବାରୁ ଭାରତ କୁସ୍ତି ମହାସଂଘ (ଡବ୍ଲ୍ୟୁଏଫ୍‌ଆଇ) ମହିଳା ବିଭାଗ କୋଚ୍ ଆମେରିକାର ଆଣ୍ଡ୍ର୍ୟୁ କୁକ୍‌ଙ୍କୁ ବହିଷ୍କାର କରିବ। କୋଭିଡ୍-୧୯ ମହାମାରୀ ଯୋଗୁ ମାର୍ଚ୍ଚରେ ଲକ୍ଷ୍ନୌରେ ମହିଳା କୁସ୍ତି ଯୋଦ୍ଧାଙ୍କର ଚାଲିଥିବା ଜାତୀୟ କ୍ୟାମ୍ପକୁ ସସ୍‌ପେଣ୍ଡ କରାଯାଇଥିଲା। ଫଳରେ କୁକ୍ ସିଆଟଲ ଚାଲିଯାଇଥିଲେ। ଡବ୍ଲ୍ୟୁଏଫ୍‌ଆଇର କହିବା ଅନୁସାରେ ଇ-ପାଠ୍‌ଶାଳାରେ ଯୋଗଦାନ ପାଇଁ ସାଇ ନିକଟରେ କୁକ୍‌ଙ୍କ ସହିତ ଯୋଗାଯୋଗ କରିଥିଲା। ମାତ୍ର ଆମେରିକୀୟ ଜଣକ କହିଥିଲେ ଯେ ପର୍ଯ୍ୟନ୍ତ ତାଙ୍କୁ ବକେୟା ବେତନ ନ ମିଳିଛି, ସେ ପର୍ଯ୍ୟନ୍ତ ସେ ଏଥିରେ ଯୋଗ ଦେଇ ପାରିବେ ନାହିଁ। ମାର୍ଚ୍ଚ ୧୭ରେ କୁକ୍ ଯେତେବେଳେ ଆମେରିକା ଫେରିଥିଲେ ସେ କହିଥିଲେ ସାଇ ତାଙ୍କର ଅଧା ବେତନ ବାକି ରଖିଛି। ଏହି ପରିପ୍ରେକ୍ଷୀରେ ଡବ୍ଲ୍ୟୁଏଫ୍‌ଆଇ ଆସିଷ୍ଟାଣ୍ଟ କୋଚ୍ ବିନୋଦ ତୋମାର କହିଛନ୍ତି, କୁକ୍‌ଙ୍କ ଏଭଳି ଆଚରଣ ଗ୍ରହଣୀୟ ନୁହେଁ। ଯାହା ଜଣାପଡୁଛି କୁକ୍ କେବଳ ବେତନ ପାଇଁ କାର୍ଯ୍ୟ କରୁଛନ୍ତି। ଭାରତୀୟ କୁସ୍ତିର ଉନ୍ନତି କ୍ଷେତ୍ରରେ କାର୍ଯ୍ୟ କରିବା ଲାଗି ତାଙ୍କର ସେତେଟା ଆଗ୍ରହ ନାହିଁ। କୁକ୍‌ଙ୍କ ସହିତ ଯୋଗାଯୋଗ ବେଳେ ସେସନରେ ଯୋଗ ଦେବାଲାଗି ଆମେ ତାଙ୍କୁ ପ୍ରବର୍ତ୍ତାଇ ଥିଲୁ। ତାଙ୍କ ବକେୟା ଦରମା ଦିଆଯିବ ବୋଲି ଆମେ ପ୍ରତିଶ୍ରୁତି ଦେଇଥିଲୁ। ମାତ୍ର ସେ ଅଳ୍ପ କେତୋଟି ସେସନରେ ଭାଗ ନେଇଥିଲେ। ତାଙ୍କର ଏଭଳି ବ୍ୟବହାର ଆମେ ପସନ୍ଦ କରୁନାହୁଁ। ଆମେ ତାଙ୍କ ବିଷୟରେ ଆଲୋଚନା କରିଥିଲୁ। ତାଙ୍କର ନିହାତି ଆବଶ୍ୟକତା ରହିଛି କି ନାହିଁ ଆମେ କୁସ୍ତିଯୋଦ୍ଧାମାନଙ୍କୁ ପଚାରିଥିଲୁ। ତା ପରେ ଯାଇ ଆମେ କୁକ୍‌ଙ୍କୁ ତୁରନ୍ତ ବହିଷ୍କାର ଲାଗି ନିଷ୍ପତ୍ତି ନେଇଥିଲୁ।

## କନ୍ନର ଏମ୍‌ସିସିର ପ୍ରଥମ ମହିଳା ସଭାପତି

ଲଣ୍ଡନ, ୨୫।୬ (ପି.ଟି.)



ଇଂଲଣ୍ଡର ମେରିଲବୋନ କ୍ରିକେଟ କ୍ଲବ(ଏମସିସି)ର ଦୀର୍ଘ ୨୩୩ ବର୍ଷର ଇତିହାସରେ ପୂର୍ବତନ ଅଧିନାୟିକା କ୍ଲେୟାର କନ୍ନର ଏହାର ପ୍ରଥମ ମହିଳା ସଭାପତି ଭାବେ ନିଯୁକ୍ତି ପାଇବେ। ବର୍ତ୍ତମାନ ଶ୍ରୀଲଙ୍କାର କୁମାର ସଙ୍ଗକାରା ଏମ୍‌ସିସିର ମୁଖ୍ୟ ଅଛନ୍ତି। ଆସନ୍ତା ବର୍ଷ ତାଙ୍କ କାର୍ଯ୍ୟକାଳ ଶେଷ ହେବ। ବୁଧବାର କ୍ଲବର ବାର୍ଷିକ ସାଧାରଣ ବୈଠକରେ ବର୍ତ୍ତମାନ ଇସିବି ମହିଳା କ୍ରିକେଟର ପରିଚାଳନା ନିର୍ଦ୍ଦେଶିକା ଥିବା କନ୍ନରଙ୍କୁ ତାଙ୍କ ଉତ୍ତରାଧିକାରୀ ଭାବେ ମନୋନୀତ କରାଯାଇଛି। ତାଙ୍କ ନାମକୁ ସଙ୍ଗକାରା ନିଜେ ସୁପାରିସ କରିଥିଲେ। କନ୍ନର ଆସନ୍ତାବର୍ଷ ଅକ୍ଟୋବର ୧ରୁ ଦାୟିତ୍ୱ ଗ୍ରହଣ କରିବେ। ସଙ୍ଗକାରାଙ୍କ କାର୍ଯ୍ୟକାଳ ଚଳିତବର୍ଷ ଶେଷ ହେବା କଥା ମାତ୍ର କୋଭିଡ୍-୧୯ ଯୋଗୁ ତାଙ୍କ କାର୍ଯ୍ୟକାଳ ମିଆଦକୁ ଆହୁରି ଏକ ବର୍ଷ ବୃଦ୍ଧି କରାଯାଇଥିଲା। କନ୍ନରଙ୍କୁ ୨୦୦୯ରେ ଏମ୍‌ସିସିର ଅବୈତନିକ ଆଜୀବନ ସଦସ୍ୟା କରାଯାଇଛି। ଏମ୍‌ସିସିର ପରବର୍ତ୍ତୀ ସଭାପତି ଭାବେ ମନୋନୟନ କରାଯାଇଥିବାରୁ ମୁଁ ନିଜକୁ ଗୌରବାନ୍ୱିତ ମନେ କରୁଛି ବୋଲି ସେ କହିଛନ୍ତି।

## ଘାଟରୁ ବାଲିଉଠାଣକୁ ଗ୍ରାମବାସୀଙ୍କ ବିରୋଧ

ମାହାଙ୍ଗା, (ସ୍ୱ.ପ୍ର.): କଟକ ଜିଲା ମାହାଙ୍ଗା ତହସିଲ ଅନ୍ତର୍ଗତ ଖର୍ଡାଙ୍ଗସ୍ଥିତ ବିରୂପା ନଦୀ ଘାଟରୁ ବାଲିଉଠାଣକୁ ଗୁରୁବାର ଗ୍ରାମବାସୀ ବିରୋଧ କରିଛନ୍ତି। ଘାଟରୁ ବାଲି ମାଫିଆମାନେ ଟ୍ରିପ୍ ଟ୍ରିପ୍ ବାଲି ଉଠାଇବା କାରଣରୁ ବନ୍ୟା ସୁରକ୍ଷା ପାଇଁ ନିର୍ମାଣ ହୋଇଥିବା ବନ୍ଧ ଦୁର୍ବଳ ହୋଇଯାଉଛି। ଫଳରେ ଗ୍ରାମପ୍ରତି ବନ୍ୟା ଆଶଙ୍କା ରହିଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ଚିତ୍ତରଞ୍ଜନ ପଟ୍ଟନାୟକ କହିଛନ୍ତି, ବାଲି ଉଠାଣ ପାଇଁ ସ୍ଥାନୀୟ ଅଞ୍ଚଳରେ ସମସ୍ୟା ଦେଖାଦେଲେ ଏହାକୁ ବନ୍ଦ କରାଯିବ।

## ସଂକ୍ଷେପରେ

### ଜମାକାରୀଙ୍କୁ ଟଙ୍କା ଫେରାଅ: ହାଇକୋର୍ଟ

କଟକ ଅଫିସ୍,୨୫।୬: ବାରିପଦା ସମବାୟ ବ୍ୟାଙ୍କର ପ୍ରାୟ ୭୨ ହଜାର ଜମାକାରୀଙ୍କ ଟଙ୍କା ଫେରାଇବା ପାଇଁ ହାଇକୋର୍ଟ ଗୁରୁବାର ନିର୍ଦ୍ଦେଶ ଦେଇଛନ୍ତି। ଏ ସଂକ୍ରାନ୍ତ ଏକ ମାମଲାର ଶୁଣାଣି କରି ବିଚାରପତି ପ୍ରମଥ ପଟ୍ଟନାୟକ ଏହି ନିର୍ଦ୍ଦେଶ ଦେଇଛନ୍ତି। ରିଜର୍ଭ ବ୍ୟାଙ୍କ ପକ୍ଷରୁ କୋର୍ଟରେ ସତ୍ୟପାଠ ଦାଖଲ କରାଯାଇଥିଲା। ଏଥିରେ ଉଲ୍ଲେଖ ରହିଥିଲା ଯେ, ବ୍ୟାଙ୍କର ଲାଇସେନ୍ସ ବାତିଲ୍ ହେବା ପରେ ଜମାକାରୀଙ୍କ ଟଙ୍କା ଫେରାଇବା ବ୍ୟାଙ୍କର ଦାୟିତ୍ୱ। ବ୍ୟାଙ୍କ ଦାୟିତ୍ୱରେ ଥିବା ଅଧିକାରୀ ଏ ଦିଗରେ ପଦକ୍ଷେପ ନେବା ଆବଶ୍ୟକ। ବାରିପଦାର ଅତିରିକ୍ତ ଜିଲାପାଳ ବର୍ତ୍ତମାନ ବ୍ୟାଙ୍କର ମ୍ୟାନେଜ୍‌ମେଣ୍ଟ ଦାୟିତ୍ୱରେ ରହିଛନ୍ତି। ଏଣୁ ଜମାକାରୀଙ୍କ ଟଙ୍କା ଫେରସ୍ତ ଦିଗରେ ସେ ପଦକ୍ଷେପ ଗ୍ରହଣ କରନ୍ତୁ। ରିଜର୍ଭ ବ୍ୟାଙ୍କ, ରାଜ୍ୟ ସରକାର ଏବଂ ବ୍ୟାଙ୍କ ପକ୍ଷରୁ ମାମଲାର ଶୁଣାଣି ବେଳେ ଯୁକ୍ତି ଉପସ୍ଥାପନ କରାଯାଇଥିଲା। ସମସ୍ତ ପକ୍ଷର ଯୁକ୍ତି ଶୁଣିବା ପରେ ଜମାକାରୀଙ୍କୁ ଚିହ୍ନଟ କରାଯିବା ସହ ସେମାନଙ୍କ ଟଙ୍କା ଫେରସ୍ତ ଦିଗରେ ପଦକ୍ଷେପ ନେବାକୁ ହାଇକୋର୍ଟଙ୍କ ପକ୍ଷରୁ ଅତିରିକ୍ତ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

### ବଦଳିଲେ ନନ୍ଦନକାନନ ଉପନିର୍ଦ୍ଦେଶକ

ବାରଙ୍ଗ,୨୫।୬(ଡି.ଏନ୍.ଏ.): ଦୀର୍ଘବର୍ଷ ଧରି ନନ୍ଦନକାନନରେ ଉପନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ଜୟନ୍ତ କୁମାର ଦାସଙ୍କର ଗୁରୁବାର ବଦଳି ହୋଇଛି। ଓଏମ୍‌ବିଏଡିସିରେ ଖାଲିପଡ଼ିଥିବା ଜେନେରାଲ ମ୍ୟାନେଜର ଅପରେଶନକୁ ଜୟନ୍ତଙ୍କ ବଦଳି ହୋଇଯାଇଛି। ନନ୍ଦନକାନନର ନୂତନ ଉପନିର୍ଦ୍ଦେଶକ ଭାବେ ଢେଙ୍କାନାଳ ଡିଏଫ୍‌ଓ ବିମଳ ପ୍ରଶନ୍ନ ଆଚାର୍ଯ୍ୟଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ଜଙ୍ଗଲ ବିଭାଗର ୮ଜଣ ଡିଏଫ୍‌ଓଙ୍କ ବଦଳି ହୋଇଥିବାବେଳେ ୩ଜଣ ଏସିଏଫଙ୍କର ପଦୋନ୍ନତି ହୋଇ ଡିଏଫଓ ଭାବେ ନିଯୁକ୍ତି ଦିଆଯାଇଛି।

### ଔଷଧ ଦୋକାନ ସିଲ୍

ପୁରୀ ଅଫିସ,୨୫।୬: ପିପିଲି ବ୍ଲକ କଣ୍ଟି ବଜାରରେ ଏକ ଔଷଧ ଦୋକାନ ବିନା ଲାଇସେନ୍ସରେ ଖୋଲିଥିବାରୁ ଗୁରୁବାର ଜିଲା ଡ୍ରଗ୍ ଇନ୍ସପେକ୍ଟର ସତ୍ୟବ୍ରତ ଗିରି ଚଢ଼ାଉ କରି ସିଲ୍ କରିଛନ୍ତି। ବିଶେଷ ସୂତ୍ରରୁ ଖବରପାଇ ଡ୍ରଗ୍ ଇନ୍ସପେକ୍ଟର ଉକ୍ତ ଦୋକାନକୁ ଯାଞ୍ଚ କରିବାକୁ ଯାଇଥିଲେ। ମାତ୍ର ଅନୁଧ୍ୟାନ କରିବା ବେଳେ ତାଙ୍କର ଲାଇସେନ୍ସ ନ ଥିଲା ଏବଂ ସେଠାରେ ବେଆଇନ ଭାବେ ଔଷଧ ବିକ୍ରି ହେଉଥିବାରୁ ତାହାକୁ ସିଲ୍ କରିଛନ୍ତି। ଏ ନେଇ ଶୁକ୍ରବାର ପିପିଲି କୋର୍ଟରେ ମାମଲା ରୁଜୁ ହେବ ବୋଲି ଡ୍ରଗ୍ ଇନ୍ସପେକ୍ଟର ଗିରି କହିଛନ୍ତି।

### ମହିଳାଙ୍କ କୋଭିଡ୍ ଟେଷ୍ଟକୁ ନେଇ ଉଠିଲା ଆପତ୍ତି

ପୁରୀ ଅଫିସ,୨୫।୬: ଉତ୍କଳ ହିନ୍ଦୀ ବିଦ୍ୟାପୀଠରେ ଗୁରୁବାର ପ୍ରଶାସନ ପକ୍ଷରୁ ସୁଆର ମହାସୁଆର ସେବାୟତଙ୍କ ସ୍ୱାବ୍ ସଂଗ୍ରହ କରାଯାଇଥିଲା। ମାତ୍ର ଜଣେ ମହିଳାଙ୍କର ଏଠାରେ କିଭଳି ସ୍ୱାବ୍ ସଂଗ୍ରହ କରାଗଲା ବୋଲି ଆପତ୍ତି ଉଠାଇଛି ଜଗନ୍ନାଥ ସେନା। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ଯେଉଁ ସ୍ଥାନକୁ ବାହାର ଲୋକ ପ୍ରବେଶ ନିଷେଧ ସେଠାରେ ସମ୍ପୃକ୍ତା ମହିଳା ପହଞ୍ଚି କିପରି ସ୍ୱାବ୍ ଦେଲେ? ଏ ସମ୍ପର୍କରେ ଶ୍ରୀମନ୍ଦିର କାର୍ଯ୍ୟାଳୟର ଜଣେ ଅଧିକାରୀ କହିଛନ୍ତି, କେବଳ ସେବାୟତଙ୍କର ସେଠାରେ କୋଭିଡ୍ ପରୀକ୍ଷା ବ୍ୟବସ୍ଥା କରାଯାଇଥିଲା। ସେଠାକୁ ଜଣେ ମହିଳା କିପରି ଗଲେ ଏବଂ ତାଙ୍କର ସ୍ୱାବ ସଂଗ୍ରହ ହୋଇଛି କି ନାହିଁ ସେନେଇ ମନ୍ଦିର ପ୍ରଶାସନ ପାଖରେ ଖବର ନାହିଁ।

# ଗସ୍ତ ଖର୍ଚ୍ଚ ତଥ୍ୟ ଦେବାକୁ ସରକାରଙ୍କୁ ନିର୍ଦ୍ଦେଶ



**ପ୍ରବାସୀ ଫେରିବା ମାମଲା**

କଟକ ଅଫିସ,୨୫।୬

ପ୍ରବାସୀ ଶ୍ରମିକମାନେ ଫେରିବାକୁ ନେଇ ହାଇକୋର୍ଟରେ ଆଗତ ଜନସ୍ୱାର୍ଥ ମାମଲାର ଶୁଣାଣି ହୋଇଛି। ଗୁରୁବାର ମୁଖ୍ୟ ବିଚାରପତି ଜଷ୍ଟିସ ମହମ୍ମଦ ରଫିକ ଏବଂ ଜଷ୍ଟିସ୍ ସାବିତ୍ରୀ ରଥଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି। ଆବେଦନକାରୀ ପ୍ରଫୁଲ୍ଲ ସାମନ୍ତରାଙ୍କ ପକ୍ଷରୁ ସତ୍ୟପାଠ ଦାଖଲ କରାଯାଇଥିଲା। ସରକାରଙ୍କ ପକ୍ଷରୁ ପୂର୍ବ ଦାଖଲ ସତ୍ୟପାଠରେ ଶ୍ରମିକଙ୍କୁ ଫେରାଇ ଆଣିବା ପାଇଁ କ'ଣ ବ୍ୟବସ୍ଥା କରାଯାଇଛି, ସେନେଇ ସୂଚନା ଦିଆଯାଇଥିଲା। ସରକାର ସେମାନଙ୍କ ଗସ୍ତ ଖର୍ଚ୍ଚ ବହନ କରିଥିବା ଉଲ୍ଲେଖ କରିଥିଲେ। ଏଣୁ ଯେଉଁ ଶ୍ରମିକମାନେ ନିଜସ୍ୱ ଉଦ୍ୟମରେ ଫେରିଛନ୍ତି, ସେମାନେ ଯେଉଁ ଟଙ୍କା ଖର୍ଚ୍ଚ କରିଛନ୍ତି, ରାଜ୍ୟ ସରକାର ତାହାକୁ ଭରଣା କରନ୍ତୁ ବୋଲି ଆବେଦନକାରୀ ସାମନ୍ତରା ଦର୍ଶାଇଛନ୍ତି। ଫଳରେ ଏହାକୁ ନେଇ ରାଜ୍ୟ ସରକାରଙ୍କୁ ନୋଟିସ୍ ଜାରି କରାଯାଇଛି। ପ୍ରବାସୀଙ୍କ ଗସ୍ତ ଖର୍ଚ୍ଚ ସରକାର ବହନ କରିବାକୁ ପୂର୍ବରୁ ସୁପ୍ରିମ୍‌କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏଣୁ ଓଡ଼ିଶାକୁ ଯେଉଁ ପ୍ରବାସୀମାନେ ଫେରିଛନ୍ତି, ସେମାନଙ୍କ ଗସ୍ତ ଖର୍ଚ୍ଚ କିଏ ଭରଣା କରିଛନ୍ତି, ସେନେଇ ରାଜ୍ୟ ସରକାରଙ୍କୁ ତଥ୍ୟ ଦାଖଲ ପାଇଁ ନିର୍ଦ୍ଦେଶରେ ଉଲ୍ଲେଖ କରାଯାଇଛି। ଯଦି ପ୍ରବାସୀ ଶ୍ରମିକ ନିଜେ ଦେଇଛନ୍ତି, ତେବେ ତାହାର ବିବରଣୀ ଦେବାକୁ କୁହାଯାଇଛି।

ସୂଚନାଯୋଗ୍ୟ, ପ୍ରବାସୀ ଶ୍ରମିକଙ୍କ ଫେରିବା ପ୍ରସଙ୍ଗକୁ ନେଇ ସାମାଜିକ କର୍ମୀ ପ୍ରଫୁଲ୍ଲ ସାମନ୍ତରା ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଏହି ମାମଲାରେ ରାଜ୍ୟ ସରକାରଙ୍କ ପକ୍ଷରୁ ପୂର୍ବରୁ ସତ୍ୟପାଠ ଦାଖଲ କରାଯାଇଛି। ରାଜ୍ୟ ଶ୍ରମ ଓ ଇଏସ୍‌ଆଇ ବିଭାଗର ସ୍ୱତନ୍ତ୍ର ସଚିବ ଶରତ ଚନ୍ଦ୍ର ମିଶ୍ର ଦାଖଲ କରିଥିବା ସତ୍ୟପାଠରେ ଉଲ୍ଲେଖ କରିଥିଲେ ଯେ, ଶ୍ରମିକଙ୍କୁ ସହଜରେ ଫେରାଇ ଆଣିବା ପାଇଁ ୨୪ ଘଣ୍ଟିଆ ସହାୟତା କେନ୍ଦ୍ର ଖୋଲାଯାଇଛି। ଯେଉଁମାନେ ଫେରିବାକୁ ଚାହୁଁଛନ୍ତି, ସେମାନେ ନିଜ ନାମ ପଞ୍ଜୀକରଣ କରାଉଛନ୍ତି। ରାଜ୍ୟ ଗୃହ ବିଭାଗ ପକ୍ଷରୁ କେନ୍ଦ୍ର ରେଳ ମନ୍ତ୍ରଣାଳୟ, ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ସହିତ ଅନ୍ୟ ରାଜ୍ୟ ସରକାରଙ୍କ ସହଯୋଗରେ ପ୍ରବାସୀଙ୍କୁ ଫେରାଇ ଅଣାଯାଉଛି ବୋଲି ସତ୍ୟପାଠରେ ଦର୍ଶାଯାଇଥିଲା। ଏଣୁ ସରକାର କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ଏବଂ ପ୍ରବାସୀମାନେ କୌଣସି ପ୍ରକାର ଦେୟ ଦେଇଛନ୍ତି କି ବୋଲି ହାଇକୋର୍ଟ ପ୍ରଶ୍ନ କରିଛନ୍ତି।

# ଗଙ୍ଗୁଆ ନାଳ ପାର୍ଶ୍ୱରୁ ଗଳିତ ମୃତଦେହ ଉଦ୍ଧାର

**ହତ୍ୟା ପରେ ଫିଙ୍ଗି ଦିଆଯାଇଥିବା ସନ୍ଦେହ**

ଭୁବନେଶ୍ୱର,୨୫।୬(ବ୍ୟୁରୋ)

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ସତ୍ୟବିହାର ଦେଇ ଯାଇଥିବା ଗଙ୍ଗୁଆ ନାଳ ନିକଟରୁ ଜଣେ ଯୁବକଙ୍କ ଗଳିତ ମୃତଦେହ ଉଦ୍ଧାର କରିଛି ପୋଲିସ। ମୃତକଙ୍କ ପରିଚୟ ଜଣାପଡ଼ି ନ ଥିବାବେଳେ ସେ ଅନେକ ସମୟରେ ସତ୍ୟବିହାର ଓ ପଳାଶୁଣୀ ପୋଲ ତଳ ବସ୍ତି ଅଞ୍ଚଳରେ ବୁଲାବୁଲି କରୁଥିବା ସ୍ଥାନୀୟ ଲୋକେ କହିଛନ୍ତି। ତେବେ ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇବା ସହ ପ୍ରାଥମିକ ପର୍ଯ୍ୟାୟରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଥାନା ଅଧିକାରୀ ଯତୀନ୍ଦ୍ରନାଥ ସେଠୀଙ୍କ ସୂଚନାନୁସାରେ, ଗୁରୁବାର ସନ୍ଧ୍ୟାରେ ଗଙ୍ଗୁଆ ନାଳ ପଠାରେ ଜଣେ ଯୁବକଙ୍କ ଗଳିତ ମୃତଦେହ ପଡିଥିବା ନେଇ ଖବର ପହଞ୍ଚିଥିଲା। ମୃତ ଯୁବକଙ୍କର କୌଣସି ପରିଚୟ ମିଳିପାରି ନ ଥିବାବେଳେ ବୟସ ୩୫ରୁ ୪୦ ମଧ୍ୟରେ ହେବ। ସ୍ଥାନୀୟ ଲୋକଙ୍କ ସୂଚନା ଆଧାରରେ ତଦନ୍ତ କରାଯାଉଛି। କେହି ତାଙ୍କୁ ହତ୍ୟା କରି ଗଙ୍ଗୁଆ ନାଳରେ ଫିଙ୍ଗି ଦେଇଥିବା ପାରପାର୍ଶ୍ୱିକ ସ୍ଥିତିରୁ ସନ୍ଦେହ କରଯାଉଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ହତ୍ୟା କିମ୍ବା ଅପମୃତ୍ୟୁ ତାହା ସ୍ପଷ୍ଟ ହେବ ବୋଲି ସେ କହିଛନ୍ତି।

# ଜେଲ ଗଲେ ଅଭିଯୁକ୍ତ ପଡ଼ୋଶୀ ମହିଳା

**ରାଜୀବନଗର ଶିଶୁପୁତ୍ର ହତ୍ୟା ଘଟଣା**

ଭୁବନେଶ୍ୱର,୨୫।୬(ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ରାଜୀବନଗରରେ ୪ ବର୍ଷର ଶିଶୁପୁତ୍ର ସାଇରାମଙ୍କ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ତଥା ପଡୋଶୀ ମହିଳା ତନୁଶ୍ରୀ ପାରମାଣିକ ଗୁରୁବାର ମେଡିକାଲରୁ ଡିସଚାର୍ଜ ହେବାପରେ ଜେଲ ଯାଇଛନ୍ତି। ପୋଲିସର କଡା ପହରା ଭିତରେ ଚିକିତ୍ସିତ ହେଉଥିବା ତନୁଶ୍ରୀ ଡିସ୍‌ଚାର୍ଜ ହେବାକ୍ଷଣି ତାଙ୍କୁ ଗିରଫ କରାଯାଇଥିଲା। ପରେ ପୋଲିସ ତାଙ୍କୁ ପଚରାଉଚରା କରି କୋର୍ଟରେ ହାଜର କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତ ତନୁଶ୍ରୀଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ଖଣ୍ଡଗିରି ଥାନା ଅଧିକାରୀ ମହାପାତ୍ର କହିଛନ୍ତି। ସୂଚନାଯୋଗ୍ୟ, ଗତ ଜୁନ ୪ ମଧ୍ୟାହ୍ନରେ ରାଜୀବନଗରରେ ରହୁଥିବା ସମୀର ପାତ୍ରଙ୍କ ଶିଶୁପୁତ୍ର ସାଇରାମ ସବୁଦିନ ପରି ପଡୋଶୀ ତନୁଶ୍ରୀଙ୍କ ଘରକୁ ଖେଳିବାକୁ ଯାଇଥିଲେ। ତନୁଶ୍ରୀ ଏକ ନୂଆ ଖେଳ ଖେଳିବା ପାଇଁ ସାଇରାମଙ୍କୁ ଶୋଇବା ଘରକୁ ଡାକି ନେଇ ତଣ୍ଟି ଚିପି ହତ୍ୟା ଦେଇଥିଲେ। ଏହାପରେ ନିଜେ ଆତ୍ମହତ୍ୟା ଉଦ୍ୟମ କରିଥିବାବେଳେ ଉଭୟଙ୍କୁ ଉଦ୍ଧାର କରାଯାଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସାଇରାମଙ୍କର ମୃତ୍ୟୁ ଘଟିଥିବାବେଳେ ଅଭିଯୁକ୍ତ ମହିଳା ତନୁଶ୍ରୀ ପୋଲିସ ପହରା ଭିତରେ ମେଡିକାଲରେ ଚିକିତ୍ସାଧୀନ ଥିଲେ। ତନୁଶ୍ରୀ ୨ବର୍ଷ ତଳେ ନିଜ ୪ ବର୍ଷର ପୁଅକୁ ହରାଇବା ପରେ ମାନସିକ ଭାରସାମ୍ୟ ହରାଇ ଏପରି କାଣ୍ଡ କରିଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଥିଲା। ଏହି ହତ୍ୟାକାଣ୍ଡରେ ତନୁଶ୍ରୀଙ୍କ ୬ବର୍ଷର ଝିଅର ବୟାନକୁ ବଳିଷ୍ଠ ପ୍ରମାଣ ଭାବେ ଗ୍ରହଣ କରିଛି କମିଶନରେଟ ପୋଲିସ।

# ୫ଶହ ଟପିଲା ଆକ୍ରାନ୍ତ ସଂଖ୍ୟା

କଟକ ଅଫିସ,୨୫।୬

କଟକରେ କରୋନା ସ୍ଥିତି ସାଂଘାତିକ ହେବାରେ ଲାଗିଛି। ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୫ଶହ ଟପିଗଲାଣି। ଗୁରୁବାର ସୁଦ୍ଧା ଜିଲାରେ ୫୨୨ଜଣ ଆକ୍ରାନ୍ତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୦୫ ଜଣ ସୁସ୍ଥ ହୋଇଛନ୍ତି। ଆହୁରି ୧୧୩ ଆକ୍ରାନ୍ତଙ୍କ ଚିକିତ୍ସା ଚାଲିଛି। ଗୁରୁବାର ୧୨ଜଣ ପିଜିଟିଭ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରେ କଟକ ସହରାଞ୍ଚଳର ଜଣେ ଥିବା ବେଳେ ଆଠଗଡ଼, ସାଲେପୁର, ଡମାପଡ଼ା ଓ ବାଙ୍କୀ ସହରାଞ୍ଚଳରୁ ଜଣେ ଲେଖାଏଁ ରହିଛନ୍ତି। ପଶ୍ଚିମବଙ୍ଗରେ ଅମ୍ଫନ୍ ବାତ୍ୟା ପରବର୍ତ୍ତୀ ପୁନରୁଦ୍ଧାର ପରେ ଫେରିଥିବା ୭ଜଣ ଏନ୍‌ଡିଆର୍‌ଏଫ୍ ଯବାନ୍ ଅଛନ୍ତି। କଟକ ସହରରେ ଚିହ୍ନଟ ହୋଇଥିବା ଆକ୍ରାନ୍ତ ଜଣକ କଟକ ଏସ୍‌ସିବି ମେଡ଼ିକାଲ୍‌ର ଦନ୍ତ ଚିକିତ୍ସାଳୟର ଜଣେ ଡାକ୍ତରୀ ଛାତ୍ର ବୋଲି ସୂଚନା ମିଳିଛି।



ସ୍ୱାଧୀନତା ସଂଗ୍ରାମୀ କବି ଅନନ୍ତ ପଟ୍ଟନାୟକଙ୍କ ଶ୍ରାଦ୍ଧବାର୍ଷିକୀରେ ଗୁରୁବାର କଟକ ସତୀଚଉରା ଶ୍ମଶାନ ପରିସର ତାଙ୍କ ସମାଧିସ୍ଥଳରେ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ଉପସ୍ଥିତ ବ୍ୟକ୍ତିମାନେ।

# ସ୍ଥାନାନ୍ତର ହେବ ସତୀଚଉରା ଡମ୍ପିଂୟାର୍ଡ

କଟକ ଅଫିସ,୨୫।୬

ସମସ୍ୟା ସୃଷ୍ଟି କରୁଛି ସତୀଚଉରା ଡମ୍ପିଂୟାର୍ଡ। ଅଳିଆ ଆବର୍ଜନା ଜମା ରହିବା ଫଳରେ ସ୍ଥାନୀୟ ଅଞ୍ଚଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଏହାକୁ ସ୍ଥାନାନ୍ତର ପାଇଁ ପ୍ରଚେଷ୍ଟା ଆରମ୍ଭ ହୋଇଛି। କେଉଁ ସ୍ଥାନକୁ ସ୍ଥାନାନ୍ତର କରାଯିବ ତାହା ଖୁବଶୀଘ୍ର ନିର୍ଦ୍ଧାରଣ କରାଯିବ ବୋଲି କହିଛନ୍ତି ବାରବାଟୀ–କଟକ ବିଧାୟକ ଇଂ ମହମ୍ମଦ ମୋକିମ୍। ଗୁରୁବାର ବିଧାୟକ ମୋକିମଙ୍କ ତତ୍ତ୍ୱାବଧାନରେ କଟକ ମହାନଗର ନିଗମ(ସିଏମ୍‌ସି) କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୌସୁମୀ ମୁକାବିଲା ନେଇ ସିଏମ୍‌ସିର ପ୍ରସ୍ତୁତି ସମ୍ପର୍କରେ ବିଶେଷ ଆଲୋଚନା ହୋଇଛି।

ସିଏମସି ଅନ୍ତର୍ଗତ ସମସ୍ତ ୱାର୍ଡ ଅଞ୍ଚଳର ରାସ୍ତାଘାଟ, ନାଳନର୍ଦ୍ଦମା ସଫେଇ, ପଙ୍କୋଦ୍ଧାର, ପରିମଳ, ମଶା ନିରାକରଣ ସମେତ ଜାଇକା ପ୍ରକଳ୍ପର ଗତିବିଧି ସମ୍ପର୍କରେ ଆଲୋଚନା ହୋଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମଧୁବାବୁ ପେନସନ, ହରିଶ୍ଚନ୍ଦ୍ର ଯୋଜନା, ରାଶନ କାର୍ଡ ହିତାଧିକାରୀ ଏହାର ସୁବିଧା ସୁଯୋଗ କିଭଳି ପାଉଛନ୍ତି ସେ ସମ୍ପର୍କରେ ବିଧାୟକ ମୋକିମ ପଚାରି ବୁଝିଥିଲେ। ଡ୍ରେନ ସଫେଇ, ପଙ୍କୋଦ୍ଧାର କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ବିଧାୟକ କହିଥିଲେ। ଅନ୍ୟପକ୍ଷରେ ଏସ୍‌ଏଚ୍‌ଜି ଗ୍ରୁପ ଦ୍ୱାରା ଚାଲିଥିବା ପଙ୍କୋଦ୍ଧାର କାର୍ଯ୍ୟ ଅନିୟମିତତା ହେଉଛି ବୋଲି ଅଭିଯୋଗର ତଦନ୍ତ କରିବାକୁ ଦାବି ହୋଇଥିଲା। ଜଳବନ୍ଦୀ ସମସ୍ୟା ଦୂର ପାଇଁ ପର୍ଯ୍ୟାପ୍ତ ପରିମାଣରେ ପମ୍ପସେଟ୍ ଯୋଗାଇବା ସମ୍ପର୍କରେ ଆଲୋଚନା ହୋଇଛି। ଷ୍ଟୁଆର୍ଟପାଟଣା, ଶ୍ରୀବିହାର କଲୋନୀ, କନିକା ଛକ ଡ୍ରେନ ନିର୍ମାଣ କାର୍ଯ୍ୟ ତୁରନ୍ତ ସାରିବାକୁ କୁହାଯାଇଛି। ବୈଠକରେ ସିଏମସି କମିଶନର ଅନନ୍ୟା ଦାସଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଉପସ୍ଥିତ ଥିଲେ।

# ପ୍ରବାସୀଙ୍କୁ ସ୍ୱାବଲମ୍ବୀ କରିବ 'ମୋବାଇଲ ଲକ୍ଷ୍ମୀ'

କଟକ ଅଫିସ,୨୫।୬

ପ୍ରବାସୀଙ୍କୁ ସ୍ୱାବଲମ୍ବୀ କରିବା ନିମନ୍ତେ କଟକ ଜିଲା ପ୍ରଶାସନ ପକ୍ଷରୁ 'କଟକ କାର୍ଟ ମୋବାଇଲ ଲକ୍ଷ୍ମୀ' ଏକ ଯୋଜନା କରାଯାଇଛି। ଏ ନେଇ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାସ୍ତରୀୟ ପରାମର୍ଶଦାତା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନା ମାଧ୍ୟମରେ ପ୍ରତ୍ୟେକ ପଞ୍ଚାୟତରୁ ୩ଜଣ ପ୍ରବାସୀଙ୍କୁ ଚୟନ କରାଯିବ। ବ୍ଲକ ସ୍ତରୀୟ କମିଟି ଏହି ଚୟନ ଦାୟିତ୍ୱ ସମ୍ଭାଳିବେ। ଚୟନ ପ୍ରବାସୀଙ୍କୁ ଡାଲା ଅଟୋ, ଲୁଗା ସଫା ମେଶିନ, ଆଇରନ ସମେତ ଅନ୍ୟାନ୍ୟ ଆନୁସଙ୍ଗିକ ଉପକରଣ ପ୍ରଦାନ କରାଯିବ। ଏହା ସହ ବ୍ୟାଙ୍କ ପକ୍ଷରୁ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ବ୍ୟବସ୍ଥା ରହିଛି। ଏମାନଙ୍କୁ ୩୫% ଋଣ ଛାଡ଼ ମଧ୍ୟ କରାଯିବ। କଟକ ଜିଲାକୁ ପ୍ରାୟ ୨୧ହଜାର ପ୍ରବାସୀ ପ୍ରତ୍ୟାବର୍ତ୍ତନ କରିଛନ୍ତି। ସମସ୍ତ ପ୍ରବାସୀଙ୍କୁ ରୋଜଗାରକ୍ଷମ କରିବା ପାଇଁ ଚେଷ୍ଟା ଚାଲିଛି ବୋଲି ଜିଲାପାଳ ଭବାନୀ ଶଙ୍କର ଚୟନୀ କହିଛନ୍ତି। ବୈଠକରେ ଜିଲା ଶିଳ୍ପକେନ୍ଦ୍ରର ସାଧାରଣ ପରିଚାଳକ ପ୍ରଭାକର ରାଓ, ନାବାର୍ଡର ଏଜିଏମ ଶଶାଙ୍କ ଶେଖର ପଣ୍ଡା, ବ୍ୟାଙ୍କ ମ୍ୟାନେଜର ରାଜେଶ ବେହେରା, ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ସରୋଜ କୁମାର କାଶ୍ୟପ, ଅତିରିକ୍ତ ଜିଲାପାଳ ବିଜୟ କୁମାର ଖଣ୍ଡାୟତରାୟ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନାଥାଉ କି, ପ୍ରବାସୀଙ୍କୁ ରୋଜଗାରକ୍ଷମ କରାଇବା ଜିଲା ପ୍ରଶାସନ ପକ୍ଷରୁ ପାଇଁ କିଛି ଦିନ ପୂର୍ବେ ଲକ୍ଷ୍ମୀ (ଲିଭ୍‌ଲିହୁଡ ଆଡଭାନ୍ସମେଣ୍ଟ ଥ୍ରୋ ନଲେଜ ସେଲ୍ଫ ହେଲ୍ପ ଆଣ୍ଡ ମର୍ଡନ ଇନିସିଏଟିଭ) ଯୋଜନା ଆରମ୍ଭ ହୋଇଥିଲା। ଏହା ପରେ 'ତୁ ମୋ ସାହାରା' ନାମରେ ଅନ୍ୟ ଏକ ଯୋଜନା ମଧ୍ୟ ପ୍ରଶାସନ ପକ୍ଷରୁ ହାତକୁ ନିଆଯାଇଛ। ଏ ପର୍ଯ୍ୟନ୍ତ ଗୋଟିଏ ବି ଯୋଜନା କାର୍ଯ୍ୟକାରୀ ହୋଇ ନ ଥିଲେ ସୁଦ୍ଧା ଆଗାମୀ ଦିନରେ ଏହା ଫଳପ୍ରଦ ହେବ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# କଳା ଦିବସ ପାଳିତ

କଟକ ଅଫିସ,୨୫।୬

ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧି ୧୯୭୫ ମସିହା ଜୁନ୍ ୨୫ ତାରିଖରେ ଦେଶରେ ଜରୁରିକାଳୀନ ପରିସ୍ଥିତି ଜାରି କରିଥିଲେ। ସେତେବେଳେ ବହୁ ସ୍ୱାଧୀନତା ସଂଗ୍ରାମୀ, ରାଜନେତା ଓ ଖବରଦାତାଙ୍କୁ ଗିରଫ କରାଯାଇଥିଲା। ବର୍ତ୍ତମାନ କେନ୍ଦ୍ରରେ କ୍ଷମତାରେ ଥିବା ଅନେକ ନେତା, ଯେଉଁମାନେ ଜରୁରି ପରିସ୍ଥିତିକୁ ଏକ ଛତ୍ରବାଦ ଶାସନ କହୁଥିଲେ, ସେମାନେ ସେତେବେଳେ ଜୟପ୍ରକାଶ ଆନ୍ଦୋଳନରେ ସାମିଲ ଥିଲେ। କିନ୍ତୁ ଏବେ ସେମାନେ ଦେଶର ଗଣତାନ୍ତ୍ରିକ ରୀତିନୀତିକୁ ଧ୍ୱଂସ କରି ଚାଲିଛନ୍ତି। ଆଇନ ବାହାନାରେ ଅଘୋଷିତ ଜରୁରି ପରିସ୍ଥିତି ଭଳି ପରିବେଶ ସୃଷ୍ଟି କରାଯାଉଛି ବୋଲି କଟକ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି କହିଛନ୍ତି। ସିଡିଏସ୍ଥିତ ଜୟପ୍ରକାଶ ପାର୍କ ନିକଟରେ ଗୁରୁବାର କଳା ଦିବସ ପାଳନ କରାଯାଇଛି। ଭାରତୀୟ ସମ୍ବିଧାନ ଓ ଗଣତାନ୍ତ୍ରିକ ମୂଲ୍ୟବୋଧ ସୁରକ୍ଷିତ ନ ରହିଲେ କେବଳ ନାଗରିକ ନୁହେଁ ଦେଶ ମଧ୍ୟ ତା'ର ଶକ୍ତି, ସ୍ୱାଧୀନତା ଓ ଅଖଣ୍ଡତା ହରାଇବ ବୋଲି ଚିତ୍ତରଞ୍ଜନ ମହାନ୍ତି, ସତ୍ୟ ରାୟ, ପ୍ରଶାନ୍ତ ଦାସ, ବସ୍ତିବାସିନ୍ଦା ଖଗେଶ୍ୱର ସେଠୀ, ଡ. ବିଶ୍ୱଜିତ୍, ଡଲି ଦାସ, ସୁକାନ୍ତ ନାୟକ, ମନୋଜ ପ୍ରଧାନ, ପାଭେଲ ପ୍ରିୟଦର୍ଶନ ଏବଂ ସ୍ୱାଧିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଆନ୍ତଃଜିଲା ୩ ଡକାୟତ ଗିରଫ

ମାହାଙ୍ଗା/ଲଳିତଗିରି,୨୫।୬(ସ୍ୱ.ପ୍ର.)

୩ ଆନ୍ତଃଜିଲା ଡକାୟତଙ୍କୁ କାବୁ କରିଛି ମାହାଙ୍ଗା ପୋଲିସ। ଅଭିଯୁକ୍ତମାନେ ହେଲେ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ଗଜେନ୍ଦ୍ରପୁର ଗ୍ରାମର ସୁନାକର ବେହେରା ଓରଫ କାଳିଆ, ଟାଙ୍ଗୀ ଥାନା ଅନ୍ତର୍ଗତ ବିରଳ ଗ୍ରାମର ଭକ୍ତ ଚରଣ ରାଉଳ ଓରଫ ପପୁ ଓ କେଉଁଝର ଜିଲା ଘସିପୁରା ଥାନା ଅଞ୍ଚଳର ସୁବ୍ରତ ବେହେରା ଓରଫ ମଣ୍ଟୁ। ସେମାନଙ୍କଠାରୁ ୮ ଚୋରା ବାଇକ ଜବତ କରାଯାଇଛି। ଏନେଇ ସାଲେପୁର ଏସଡିପିଓ ନିମାଇଁ ସେଠୀ ଗୁରୁବାର ଏକ ଖବରଦାତା ସମ୍ମିଳନୀ ଜରିଆରେ ସୂଚନା ଦେଇଛନ୍ତି। ସେ କହିଛନ୍ତି, ମାହାଙ୍ଗା ପୋଲିସ ପକ୍ଷରୁ ବୁଧବାର ଅପରାହ୍ନରେ ସ୍ଥାନୀୟ କଲ୍ୟାଣପୁର ଛକରେ ମାସ୍କ ଓ ହେଲମେଟ୍ ଯାଞ୍ଚ କରାଯାଉଥିଲା। ଏହି ସମୟରେ ଏକ ନମ୍ବରବିହୀନ ବାଇକ୍ ଯୋଗେ କାଳିଆ ଓ ପପୁ ଯାଉଥିଲେ। ସେମାନଙ୍କୁ ପୋଲିସ ଅଟକାଇ ପଚରାଉଚୁରା କରିଥିଲା। ମାତ୍ର କୌଣସି ସନ୍ତୋଷଜନକ ଉତ୍ତର ନମିଳିବାରୁ ଥାନାକୁ ଆଣି ଜେରା କରିଥିଲା। ଉଭୟ ଡକାୟତ ବୋଲି ଜଣାପଡ଼ିବା ପରେ ଅଧିକ ଖୋଳତାଡ଼ କରି ସେମାନଙ୍କ ଗ୍ୟାଙ୍ଗର ମୁଖ୍ୟ ମଣ୍ଟୁଙ୍କ ଘର ଉପରେ ପୋଲିସ ଚଢ଼ାଉ କରିଥିଲା। ସେଠାରୁ ଆଉ ୭ଟି ବାଇକ ଜବତ କରିବା ସହ ମଣ୍ଟୁଙ୍କୁ ଗିରଫ କରିଥିଲା। ଏନେଇ ମାମଲା (ନଂ.୧୩୩/୨୦) ରୁଜୁ ସହ ଅଭିଯୁକ୍ତମାନଙ୍କୁ କୋର୍ଟଚାଲାଣ କରାଯାଇଛି।

# ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟ୍

ବାଲିଅନ୍ତା,୨୫।୬(ଡି.ଏନ୍.ଏ.)

ବାଲିଅନ୍ତା ଥାନା ଅଧୀନ ଭିଙ୍ଗାରପୁରର ଖରାଖିଆଗଡ଼ା ନିକଟରୁ ଗୁରୁବାର ଜଣେ ମହିଳାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ସୁନା ଅଳଙ୍କାର ଲୁଟ ହୋଇଛି। ଲୁଟର ଶିକାର ହୋଇଥିବା ମହିଳାଙ୍କ ଘର ଗୋବିନ୍ଦପୁର ଥାନା ଅଧୀନ ଧାନମଣ୍ଡଳ ଅଞ୍ଚଳରେ। ସେ ଭୁବନେଶ୍ୱରରୁ ସ୍ୱାମୀଙ୍କ ସହ ବାଇକରେ ଫେରୁଥିଲେ। ଭିଙ୍ଗାରପୁର କେନାଲ ବନ୍ଧ ନିକଟରେ ଏକ ବାଇକ୍‌ରେ ୨ ଯୁବକ ଆସି ଅଟକାଇଥିଲେ। ମୁଣ୍ଡରେ ବନ୍ଧୁକ ଲଗାଇ ଦମ୍ପତିଙ୍କୁ ଭୟଭୀତ କରି ମଙ୍ଗଳସୂତ୍ର, ସୁନା ଚେନ ଓ ବ୍ୟାଗରେ ଥିବା ୭ହଜାର ଟଙ୍କା ଓ ୨ଟି ମୋବାଇଲ ଫୋନ ଲୁଟି ନେଇଯାଇଥିଲେ। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ।

# ସେବାୟତ, କର୍ମଚାରୀଙ୍କ କରୋନା ଟେଷ୍ଟ

**ପ୍ରଥମ ଦିନରେ ୬୮୮ ଜଣଙ୍କ ସ୍ୱାବ୍ ସଂଗ୍ରହ**

ପୁରୀ ଅଫିସ,୨୫।୬

କୋଭିଡ୍ ଗାଇଡ୍‌ଲାଇନକୁ କଡ଼ାକଡ଼ି ଭାବେ ପାଳନ କରାଯିବ। କରୋନା ସଂକ୍ରମଣ ଯେପରି ନ ବ୍ୟାପିବ ସେଥିପ୍ରତି ଗୁରୁତ୍ୱ ରହିବ। ଏମିତି କିଛି ସର୍ତ୍ତ ରଖି ପୁରୀ ଘୋଷଯାତ୍ରାକୁ ଅନୁମତି ଦେଇଛନ୍ତି ସୁପ୍ରିମ୍‌କୋର୍ଟ। ମାତ୍ର ପହଣ୍ଡି ସମୟରେ ଜଣେ ସେବାୟତ କରୋନା ସଂକ୍ରମିତ ଜଣାପଡ଼ିବା ଏବେ ସମସ୍ତଙ୍କୁ ଚିନ୍ତାରେ ପକାଇଦେଇଛି। ଆଗକୁ ଘୋଷଯାତ୍ରାର ଅନେକ ବିଧି ରହିଥିବାରୁ କିପରି ସେବାୟତ ଏବଂ ଅନ୍ୟମାନଙ୍କୁ ସଂକ୍ରମଣରୁ ଦୂରେଇ ରଖାଯାଇପାରିବ ସେନେଇ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯାଇଛି। ରଥଯାତ୍ରାରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ପୃକ୍ତ ସେବାୟତ ଏବଂ ଅନ୍ୟ କର୍ମଚାରୀଙ୍କ କରୋନା ଟେଷ୍ଟ କରାଯାଉଛି। ଗୁରୁବାର ପ୍ରଥମ ଦିବସରେ ୬୮୮ ଜଣଙ୍କ ସ୍ୱାବ୍ ସଂଗ୍ରହ ହୋଇଛି।

ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ମିଳିଥିବା ସୂଚନା ମୁତାବକ, ରଥଯାତ୍ରାରେ କାର୍ଯ୍ୟରତ ସେବାୟତ ଓ କର୍ମଚାରୀଙ୍କ କୋଭିଡ୍-୧୯ ସ୍ୱାବ୍ ଟେଷ୍ଟ ପାଇଁ ଗୁରୁବାରଠାରୁ ୪ଦିନ ଧରି ଟେଷ୍ଟିଂ କରାଯିବ। ଏଥିପାଇଁ ଉତ୍କଳ ହିନ୍ଦୀ ବିଦ୍ୟାପୀଠ, ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟ ଓ ବାଗାଡ଼ିଆ ଧର୍ମଶାଳାରେ ଟେଷ୍ଟିଂ ସେଣ୍ଟର ଖୋଲାଯାଇଛି। ପ୍ରଥମ ଦିନରେ ସୁଆର ମହାସୁଆର ନିଯୋଗର ୪୦୦, ପୁଷ୍ପାଳକ ନିଯୋଗର ୨୦୦, ବିମାନବଡୁ ନିଯୋଗର ୧୦୪ ଜଣ ଏବଂ ଶ୍ରୀମନ୍ଦିର କାର୍ଯ୍ୟାଳୟର ୨୦୦ କର୍ମଚାରୀଙ୍କ ପରୀକ୍ଷା ଲାଗି ସ୍ଥିର ହୋଇଥିଲା। ସେମାନଙ୍କ ମଧ୍ୟରୁ ୬୮୮ଜଣଙ୍କ ସ୍ୱାବ୍ ସଂଗ୍ରହ ହୋଇଥିବା ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି। ହିନ୍ଦୀ ବିଦ୍ୟାପୀଠରେ ୩୧୧, ବାଗାଡ଼ିଆରେ ୧୮୭ ଏବଂ ମାର୍କଣ୍ଡେଶ୍ୱର ସାହି ବାଳିକା ଉଚ୍ଚ ବିଦ୍ୟାଳୟରେ ୧୯୦ ଜଣଙ୍କ କରୋନା ଟେଷ୍ଟ ହୋଇଥିବା ଉନ୍ନୟନ ପ୍ରଶାସକ କହିଛନ୍ତି।

୨୬ ତାରିଖରେ ପୂଜାପଣ୍ଡା ନିଯୋଗର ୩୦୦, ଖୁଣ୍ଟିଆ ନିଯୋଗର ୧୨୦, ବଡୁ ସୁଆର ନିଯୋଗର ୭୫, ସୁଆରବଡୁ ୨, ବୈରାଖିଆ ୨, ମୁଲିଆ ଓ ସୁଆଁସିଆ ୨ଜଣଙ୍କ ସମେତ କାର୍ଯ୍ୟାଳୟ କର୍ମଚାରୀ ଓ ଆଉଟ୍ ସୋର୍ସିଂ କର୍ମଚାରୀ ୪୦୦ ଜଣଙ୍କ ଟେଷ୍ଟିଂ କରାଯିବ। ଏଥିସହ ଗରାବଡୁ ନିଯୋଗର ୧୭୨ ଜଣଙ୍କର ମଧ୍ୟ ପରୀକ୍ଷା ହେବ। ୨୭ ତାରିଖରେ ପ୍ରତିହାରୀ ନିଯୋଗର ୩୮୧, ଦଇତାପତି ନିଯୋଗର ୧୪୦, ପାଣିଆପଟ ୧୪, ଦତ୍ତମହାପାତ୍ର ୮, ଘଟୁଆରୀ ୫, ଟାହିଆ ୪, ସୁଦ୍ଧସୁଆର ୩, ତଢଉକରଣ ୨, ଦେଉଳକରଣ ଜଣେ, ଭକ୍ତନିବାସ କର୍ମଚାରୀ ୧୩୨, ଓଟିଡିସି କର୍ମଚାରୀ ୪୭ ଏବଂ ରଥଯାତ୍ରା ସହିତ ସମ୍ପୃକ୍ତ ଅନ୍ୟ ବିଭାଗର କର୍ମଚାରୀଙ୍କ ପରୀକ୍ଷା କରାଯିବ। ୨୮ ତାରିଖରେ ସୁଆର ମହାସୁଆର ନିଯୋଗର ୬୦୦, ପୁରୀ ଘଣ୍ଟୁଆ, ୬୨, ଭଟିମୁଣ୍ଡା ଘଣ୍ଟୁଆ ୨୧, ମୁଦୁଲି ନିଯୋଗ ୧୫, ମହାଜନ ନିଯୋଗ ୫୦, ପାଟରା ବିଶୋଇ ନିଯୋଗ ୯୫, ଚୁନରା ନିଯୋଗ ୨୦, କୋଠସୁଆଁସିଆ ୧୮, ମୁଖ ପଖାଳ ନିଯୋଗର ୨୪ ଏବଂ ମେକାପ ନିଯୋଗର ୪୦ ଜଣଙ୍କ ପରୀକ୍ଷା କରାଯିବ। ଯେଉଁମାନଙ୍କର ପରୀକ୍ଷା କରାଯିବ ସେମାନେ ହୋମ୍ କ୍ୱାରାଣ୍ଟାଇନରେ ରହିବେ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# ଶେଲ୍‌ଟର ହୋମ୍‌ରେ କୋଭିଡ୍ ସଂକ୍ରମଣ ରୋକିବାକୁ ବୈଠକ

ଭୁବନେଶ୍ୱର,୨୫।୬(ବ୍ୟୁରୋ)

ମହିଳା ଓ ଶିଶୁବିକାଶ ଏବଂ ମିଶନ ଶକ୍ତି ବିଭାଗ ଦ୍ୱାରା ପରିଚାଳିତ ସମଗ୍ର ରାଜ୍ୟରେ ଥିବା ସେଲଟର ହୋମ୍‌ର ଅନ୍ତେବାସୀମାନଙ୍କୁ ଯେପରି କୋଭିଡ୍-୧୯ ସଂକ୍ରମଣରୁ ରକ୍ଷା କରାଯାଇପାରିବ ସେନେଇ ପଦକ୍ଷେପ ନିଆଯାଇଛି। ପ୍ରାକ୍ ସଚେତନତା ସ୍ୱରୂପ କୋଭିଡ୍-୧୯ ନିୟମାବଳୀର କଡ଼ାକଡ଼ି ଅନୁପାଳନ ସହ ହାତ ଧୋଇବା, ମାସ୍କ ପିନ୍ଧିବା ଏବଂ ସାମାଜିକ ଦୂରତ୍ୱ ରକ୍ଷା କରିବା ଆଦି ସଂପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଇଛି। କୋଭିଡ୍-୧୯ ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ସେଲ୍‌ଟର ହୋମ୍‌ଗୁଡ଼ିକରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ସଂପର୍କରେ ଗୁରୁବାର ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ ଅନ୍‌ଲାଇନ୍ ବୈଠକ ମାଧ୍ୟମରେ ସମୀକ୍ଷା କରିଥିଲେ। ଏହି ସମୀକ୍ଷା ବୈଠକରେ ଜିଲା ସମାଜ ମଙ୍ଗଳ ଅଧିକାରୀ ଏବଂ ବିଭିନ୍ନ ସେଲ୍‌ଟର ହୋମ୍‌ର ସଭାପତି ଓ ସଂପାଦକମାନେ ଅନ୍‌ଲାଇନ୍‌ରେ ଯୋଗଦେଇଥିଲେ। କୋଭିଡ୍-୧୯ ସଂକ୍ରମଣକୁ ପ୍ରତିହତ କରିବା ନିମନ୍ତେ ସ୍ୱଚ୍ଛତା ଓ ବିଶୋଧନକୁ ସୁନିଶ୍ଚିତ କରିବା ସହ ଅନ୍ତେବାସୀମାନଙ୍କ ନିରାପତ୍ତା ଓ ସୁରକ୍ଷା ଉପରେ ପ୍ରମୁଖ ଶାସନ ସଚିବ ଗର୍ଗ ଗୁରୁତ୍ୱାରୋପ କରିଥିଲେ। ସମାଜ କଲ୍ୟାଣ ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ୍ ଅଂଶଗ୍ରହଣକାରୀମାନଙ୍କ ସହ ଶେଲ୍‌ଟର ହୋମ୍‌ଗୁଡ଼ିକର ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରି ଠିକ୍ ପରିଚାଳନା ତଦାରଖ ପାଇଁ ଜିଲା ସମାଜ ମଙ୍ଗଳ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

**ବିରିଡ଼ିରୁ ସୁସ୍ଥ ହେଲେଣି ୧୩**

**ବାଲିଆ:** ମହାମାରୀ କରୋନା ଦ୍ୱାରା ବିରିଡ଼ି ବ୍ଲକ୍‌ରେ ୧୬ଜଣ ଆକ୍ରାନ୍ତ ହୋଇଥିବାବେଳେ ୧୩ଜଣ ସୁସ୍ଥ ହୋଇ ସାରିଲେଣି। ସୁସ୍ଥଙ୍କ ମଧ୍ୟରେ ଅଢ଼ଙ୍ଗଗଡ଼ ପଞ୍ଚାୟତର ସମସ୍ତ ୬, ବାଲିଆ ଗୋପିନାଥପୁର ପଞ୍ଚାୟତର ୩, ଅଲଣ୍ଡୋ ପଞ୍ଚାୟତର ଜଣେ, ଅଢଙ୍ଗ ମଝୁରାଇର ଜଣେ, ଉତରଶାସନ ପଞ୍ଚାୟତର ଜଣେ ଓ ଦରଡ଼ା ପଞ୍ଚାୟତର ଜଣେ ରହିଛନ୍ତି। ଏମାନେ ସମସ୍ତେ ବାହାର ରାଜ୍ୟରୁ ଫେରି କ୍ୱାରାଣ୍ଟାଇନରେ ରହିଥିଲେ। ସ୍ୱାବ୍ ପରୀକ୍ଷା ପରେ ପଜିଟିଭ ଆସିବାରୁ ସମସ୍ତଙ୍କୁ କୋଭିଡ-୧୯ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ବଡିମୀରାର ଜଣେ, ଅରଣାର ଜଣେ ଓ ବାରଡ଼ିଆ ପଞ୍ଚାୟତର ଜଣେ ଆକ୍ରାନ୍ତ ଚିକିତ୍ସାଧୀନ ଅଛନ୍ତି।

## ସଂକ୍ଷେପରେ

### ଟିଏମ୍‌ସିରେ ବୃଦ୍ଧଙ୍କ ମୃତ୍ୟୁ

**କେନ୍ଦ୍ରାପଡ଼ା ଅଫିସ/ଡେରାବିଶ (ସ୍ୱ.ପ୍ର.),୨୫।୬:** ସଦର ଥାନା ଡେରାବିଶ ବ୍ଲକ ଗୁଆଲସିଂହ ପଞ୍ଚାୟତ ଠାକୁରହାଟସ୍ଥ ସୁଦର୍ଶନ ହାଇସ୍କୁଲ ଅସ୍ଥାୟୀ ସଙ୍ଗରୋଧ କେନ୍ଦ୍ରର ଜଣେ ବୃଦ୍ଧ ଅନ୍ତେବାସୀଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ ରାଜକନିକା ବ୍ଲକ ବନ୍ଧପଡା ଗ୍ରାମର ଚିନ୍ତାମଣୀ ସାହୁ (୭୦)। ବୃଦ୍ଧଙ୍କର ଅଣ୍ଡକୋଷ ସଂକ୍ରମିତ ହୋଇ ଏହି ମୃତ୍ୟୁ ହୋଇଥିବା ବିଡିଓ ଗୋପବନ୍ଧୁ ଭୋସାଗର ସୂଚନା ଦେଇଛନ୍ତି। ସେ ଗତ ୨୧ ତାରିଖରେ କୋଲକାତାରୁ ଆସି ଉକ୍ତ ସଙ୍ଗରୋଧ କେନ୍ଦ୍ରରେ ରହିଥିଲେ। ୨୩ ତାରିଖରେ ହାର୍ଣ୍ଣିଆ ରୋଗ ବାହାରିବା ପରେ ତାଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଦୁଇଦିନ ଚିକିତ୍ସା କରାଯାଇଥିଲା। ୨୪ତାରିଖରେ ପରିବାର ସଦସ୍ୟଙ୍କ ସହ କଟକ ବଡ ମେଡିକାଲକୁ ପଠାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ କେନ୍ଦ୍ରାପଡା ସହରର କଜଳାଠାରେ ଶବ ସତ୍କାର ହୋଇଛି।

### ନାବାଳିକା ବିବାହ ରୋକିଲା ପ୍ରଶାସନ

**କଳିଙ୍ଗନଗର, ୨୫।୬ (ଡି.ଏନ୍.ଏ):** କଳିଙ୍ଗନଗର ଥାନା ବାରଗାଡ଼ିଆ ଗ୍ରାମରେ ଗୁରୁବାର ବେଆଇନ ବିବାହରୁ ଜଣେ ନାବାଳିକାଙ୍କୁ ଉଦ୍ଧାର କରାଯାଇଛି। ଆଶ୍ୱସ୍ତି ଫାଉଡେଶନର ସମ୍ପାଦିକା ବିଜୟଲକ୍ଷ୍ମୀ ମହାପାତ୍ର ଓ କଳିଙ୍ଗ ଯୁବ ସଂଘ ସଭାପତି ଶିଶିର କୁମାର ପଣ୍ଡା, ସିଡବ୍ଲ୍ୟୁସିର ନିରଞ୍ଜନ ପଟ୍ଟନାୟକ ଓ ସଞ୍ଜୁକ୍ତା କାନୁନ୍‌ଗୋ ଖବରପାଇ ପୋଲିସ ସହ ସେଠାରେ ପହଞ୍ଚି ସମ୍ପୃକ୍ତ ନାବାଳିକାଙ୍କୁ ଉଦ୍ଧାର କରିଥିଲେ। ଏହାପରେ ଉଭୟ ଝିଅ ଓ ପୁଅ ପ୍ରାପ୍ତ ବୟସ୍କ ହେଲେ ଉଭୟଙ୍କ ବିବାହ କରିବେ ବୋଲି ସେମାନଙ୍କ ମାତାପିତା ଲିଖିତ ଆକାରରେ ଥାନାରେ ଦାଖଲ କରିଥିବା ଜଣପଡ଼ିଛି। ଏଥିରେ ଆଶ୍ୱସ୍ତି ଫାଉଣ୍ଡେଶନର ସଭାପତି ସୁଦର୍ଶନ ପତି, ସଂଯୋଜକ ସେକ ମୁଜିବୁର ରେହେମାନ ଓ କଳିଙ୍ଗ ଯୁବ ସଂଘର ଆନନ୍ଦ ପରିଡା, ତୋଫାନ ସାହୁ, ମଣ୍ଟୁ ପରିଡ଼ା, ସମରଜିତ ସରଗଡ଼ିଆ ପ୍ରମୁଖ ଉପସ୍ଥିତ ଥିଲେ।

### କାମ ହରାଇ ଥାନା ଦ୍ୱାରସ୍ଥ ହେଲେ ୧୮ ଶ୍ରମିକ

**ପାରାଦୀପ,୨୫।୬(ସ୍ୱ.ପ୍ର.):** ମହାମାରୀ କରୋନା ଯୋଗୁ ଏକ ଠିକା କମ୍ପାନୀରେ କାମ ହରାଇଥିବା ୧୮ ଜଣ ଶ୍ରମିକ ପାରାଦୀପ ଲକ୍ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ସେମାନେ ଠିକା କମ୍ପାନୀ ବିରୋଧରେ ଏକ ଅଭିଯୋଗ ପ୍ରଦାନ କରି ନ୍ୟାୟ ଦାବି କରିଛନ୍ତି। ପୋଲିସ ଏ ନେଇ ଏକ ମାମଲା ସଂଖ୍ୟା-(୮୩/୨୦)ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ଏସମ୍ପର୍କରେ ଥାନା ଅଧିକାରୀ ପ୍ରଭାସ ଚନ୍ଦ୍ର ସାହୁ କହିଛନ୍ତି, ସମ୍ପୃକ୍ତ ଶ୍ରମିକମାନେ ନୟାଗଡ଼ ଓ ଖୋର୍ଦ୍ଧା ଜିଲାର। ସେମାନେ ପୂର୍ବରୁ ଗୁଜରାଟର ଏକ ଠିକା କମ୍ପାନୀରେ କାମ କରୁଥିଲେ। ଜାନୁୟାରୀରେ ପାରାଦୀପ ଆସି ତୈଳବିଶୋଧନାଗାରରେ ସେହି କମ୍ପାନୀ ଅଧୀନରେ କାମ କରୁଥିଲେ। ମାର୍ଚ୍ଚରେ ଲକଡାଉନ ହେବାରୁ କାମ ବନ୍ଦ ହୋଇ ଯାଇଥିଲା। ଫଳରେ ଶ୍ରମିକମାନେ ଘରକୁ ଫେରି ଯାଇଥିଲେ। ଚଳିତ ମାସରେ କାମ ହେବାରୁ ଶ୍ରମିକମାନେ ୩ ଦିନ ହେଲା ଆସି କମ୍ପାନୀ ମ୍ୟାନେଜରଙ୍କୁ କାମ ଦେବା ପାଇଁ ନିବେଦନ କରିଥିଲେ। ମାତ୍ର କମ୍ପାନୀ ମ୍ୟାନେଜର କାମ ନାହିଁ ବୋଲି କହିବା ସହ ଶ୍ରମିକମାନଙ୍କୁ ଗାଳି କରିଥିଲେ ବୋଲି ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ମତାମତ ପାଇଁ ସମ୍ପୃକ୍ତ କମ୍ପାନୀ ମ୍ୟାନେଜରଙ୍କୁ ଯୋଗଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ ତାହା ସମ୍ଭବ ହୋଇନାହିଁ।

### ଦାଦାବଟି ପାଇଁ ବୋମାମାଡ଼ ଘଟଣା: ୨ଗିରଫ

**ଚଣ୍ଡିଖୋଲ, ୨୫।୬ (ଡି.ଏନ୍.ଏ.):** ବାଲିଚନ୍ଦ୍ରପୁର ଥାନା ଅଧୀନ ନଳୀପୁର ପଞ୍ଚାୟତର ମହମ୍ମଦନଗର ଗ୍ରାମରେ ଦାଦା ବଟି ପାଇଁ ହୋଇଥିବା ବୋମାମାଡ଼ ଘଟଣାରେ ପୋଲିସ ଗୁରୁବାର ୨ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାଲିଚନ୍ଦ୍ରପୁର ଥାନା ଚାରିନଙ୍ଗଳ ଗ୍ରାମର ସାବର ଖାଁଙ୍କ ପୁଅ ସାଜନ (୨୪) ଓ କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅଧୀନ ହଳଦିଆ ଗ୍ରାମର ଅଇନୁଲଙ୍କ ପୁଅ ସେକ୍ ଆକବର (୨୦)। ଏ ନେଇ ଥାନାରେ ୧୫୦/୨୦ନଂ.ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସୁକାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

# ଏମ୍‌ଜିଏନ୍‌ଆର୍‌ଇଜିଏ କାର୍ଯ୍ୟରେ ଚଞ୍ଚକତା

**ରସୁଲପୁର, ୨୫।୬ (ଡି.ଏନ୍.ଏ.)**


ରାସ୍ତା କାର୍ଯ୍ୟ ସ୍ଥଳରେ ଲାଗିଥିବା ସୂଚନାଫଳକ।

- ଠିକାଦାର-ଯନ୍ତ୍ରୀଙ୍କ ସଲାସୁତରାରେ ଚାଲିଛି ଅନିୟମିତତା
- ଜବ୍‌କାର୍ଡଧାରୀଙ୍କ ନାଁରେ କାମ କରୁଛନ୍ତି ବାହାର ଶ୍ରମିକ
- ସବୁଜାଣି ବିଭାଗୀୟ ଯନ୍ତ୍ରୀ ନୀରବଦ୍ରଷ୍ଟା

ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ(ଏମ୍‌ଜିଏନ୍‌ଆର୍‌ଇଜିଏ) ଜରିଆରେ ଜବକାର୍ଡଧାରୀଙ୍କ ପରିବାରକୁ ବର୍ଷକୁ ଅନ୍ୟୂନ ୧୦୦ ଦିନର କାର୍ଯ୍ୟ ଯୋଗାଇ ଦିଆଯିବା ପାଇଁ ସରକାରୀ ନିୟମ ରହିଛି। ହେଲେ ଅନେକ ସ୍ଥାନରେ ପ୍ରଶାସନିକ ଅଧିକାରୀ, ଠିକାଦାରଙ୍କ ସଲାସୁତରା ଯୋଗୁ ପ୍ରକୃତ ଶ୍ରମିକ କାମ ନ ପାଇ ହାତ ବାନ୍ଧି ଘରେ ବସିଥିବା ବେଳେ ସ୍ୱଳ୍ପ ମଜୁରି ଦେଇ ବାହାର ଶ୍ରମିକଙ୍କୁ କାମରେ ଲଗାଯାଉଛି। ଯାଜପୁର ଜିଲା ରସୁଲପୁର ବ୍ଲକ ଅତଲାପୁର ପଞ୍ଚାୟତରେ ଏଭଳି ଅନିୟମିତତା କରାଯାଉଥିବା ଅଭିଯୋଗ ହୋଇଛି। ଏମ୍‌ଜିଏନ୍‌ଆର୍‌ଇଜିଏ କାର୍ଯ୍ୟରେ ଚଞ୍ଚକତା କରାଯାଉଥିବା ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଅବଗତ ଥାଇ ବି ଏ ନେଇ କୌଣସି ପଦକ୍ଷେପ ନେଉ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ସୂଚନା ମୁତାବକ, ଉକ୍ତ ପଞ୍ଚାୟତ ଅଧୀନ ଘେରିବନ୍ଧ ରାସ୍ତା ଉନ୍ନତୀକରଣ ପାଇଁ ୨ଲକ୍ଷ ଟଙ୍କା ବ୍ୟୟ ବରାଦ ହୋଇଛି। ମାତ୍ର ସୂଚନା ଫଳକରେ ବ୍ୟୟବରାଦ ୫ଲକ୍ଷ ଉଲ୍ଲେଖ କରାଯାଇଥିବା ବେଳେ ଘେରି ବନ୍ଧଠାରୁ ନଦୀ ଆଡକୁ ରାସ୍ତା ତିଆରି ହୋଇଥିବା ବେଳେ ପ୍ରକଳ୍ପର ନାମ ଘେରିବନ୍ଧଠାରୁ ବ୍ରାହ୍ମଣୀ ନଦୀବନ୍ଧ ରାସ୍ତା ବୋଲି ଉଲ୍ଲେଖ କରାଯାଇଛି। ଅନ୍ୟପଟେ ରାସ୍ତା ନିର୍ମାଣରେ ମାଟି ବ୍ୟବହାର କରାଯାଇଥିବା ଆଧାରରେ ବିଲ୍ କରାଯାଇଥିବା ବେଳେ ପ୍ରକୃତରେ ବାଲି ପକାଯାଇ କାମ କରାଯାଇଥିବା ଦେଖାଯାଇଛି। ରାସ୍ତା ପାର୍ଶ୍ୱରେ ମାଟି ଉପଲବ୍ଧ ନ ହେବାରୁ ନଦୀରୁ ଟ୍ରାକ୍ଟର ଯୋଗେ ବାଲି ପରିବହନ କରାଯାଇଥିଲା। ମାତ୍ର ଟ୍ରାକ୍ଟର ଲୋଡ୍ କରିବାକୁ ବାହାର ଶ୍ରମିକଙ୍କୁ ନିୟୋଜିତ କରାଯାଇଥିବା ବେଳେ ଜବକାର୍ଡଧାରୀଙ୍କୁ ଏଥିରେ ସାମିଲ କରାଯାଇନାହିଁ। ପ୍ରକଳ୍ପ କାର୍ଯ୍ୟ ୨୦୨୦ ଫେବୃୟାରୀ ୧୩ରୁ ଆରମ୍ଭ ହୋଇ୨୦୨୦ଜୁନ୍ ୫ରେ ଶେଷ ହୋଇଛି। ବାଲି ପରିବହନରେ ଟ୍ରାକ୍ଟର ବ୍ୟବହାର ହୋଇଛି, ହେଲେ ବିଲ୍‌ରେ ସେ ସମ୍ପର୍କରେ ଦର୍ଶାଯାଇନାହିଁ। ଏ ଦିଗରେ ତଦନ୍ତ କରାଯାଇ ଅନିୟମିତାରେ ସମ୍ପୃକ୍ତ ଅଧିକାରୀ, ଜବକାର୍ଡଧାରୀ, ଜନପ୍ରତିନିଧିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀ ଅନିଲ କୁମାର ବିଶ୍ୱାଳଙ୍କୁ ପଚାରିବାରେ ରାସ୍ତା କାମ ପାଇଁ ୨ଲକ୍ଷ ବ୍ୟୟବରାଦ ହୋଇଥିଲା। ସୂଚନାଫଳକରେ ଭୁଲବଶତଃ ୫ଲକ୍ଷ ଉଲ୍ଲେଖ କରାଯାଇଛି ବୋଲି କହିଛନ୍ତି। ତେବେ କାର୍ଯ୍ୟରେ ଅନିୟମିତତା କରାଯାଇଥିବା ସତ୍ତ୍ୱେ ବିଲ୍ ପୈଠ ବେଳେ ସେ ସମ୍ପର୍କରେ ଉଲ୍ଲେଖ ନ ଥିବା ନେଇ ପଚାରିବାରେ ଯନ୍ତ୍ରୀଙ୍କଠାରୁ ସନ୍ତୋଷଜନକ ଉତ୍ତର ମିଳିପାରି ନ ଥିଲା।

ସୂଚନାଥାଉ କି, ବ୍ଲକ ଅଧୀନ ବିଭିନ୍ନ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏରେ ଅନିୟମିତତା କରାଯାଇ ଜବକାର୍ଡଧାରୀଙ୍କ ନାଁରେ ଅନ୍ୟମାନେ କାର୍ଯ୍ୟ କରୁଥିବା ଦେଖାଯାଉଛି।

## ବିଲରେ ଚାଷୀଙ୍କ ମୃତ୍ୟୁ: ଅଂଶୁଘାତ ସନ୍ଦେହ

**ମହାକାଳପଡ଼ା,୨୫।୬(ଡି.ଏନ୍.ଏ.):** ମହାକାଳପଡ଼ା ଥାନା ଆଳାଇଲୋ ପଞ୍ଚାୟତ କୁମ୍ଭାରୁଣୀ ଗ୍ରାମର ଜଣେ ଚାଷୀଙ୍କ ଗୁରୁବାର ମୃତ୍ୟୁ ଘଟିଛି। ସେ ହେଲେ ଅଭିରାମ ଦାସ(୬୫)। ବିଲରେ ତଳି ପକାଉଥିବା ବେଳେ ସଂଜ୍ଞାହୀନ ହୋଇ ପଡ଼ିଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ କେନ୍ଦ୍ରାପଡ଼ା ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କର ଅଂଶୁଘାତରେ ମୃତ୍ୟୁ ହୋଇଥିବା ପରିବାର ଲୋକ ଅଭିଯୋଗ କରିଛନ୍ତି। ଥାନାରେ ଅପମୃତ୍ୟୁ ମାମଲା (ନଂ.୮/୨୦) ରୁଜୁ ହୋଇଛି।

## ପୋଖରୀ ସଫେଇକୁ ବିରୋଧ, ଗ୍ରାମରେ ଉତ୍ତେଜନା

**ତିର୍ତ୍ତୋଲ,୨୫।୬(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ୍ ଗୋବିନ୍ଦପୁର ପଞ୍ଚାୟତର ଅରଡ଼ଙ୍ଗ ଗ୍ରାମରେ ଲିଙ୍ଗି ପୋଖରୀ ସଫେଇକୁ ନେଇ ଉତ୍ତେଜନା ସୃଷ୍ଟି ହୋଇଛି। ଗ୍ରାମର ଦୁଇ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗିବାରୁ ପୋଲିସ ମୁତୟନ କରାଯାଇଛି। ସୂଚନା ଅନୁସାରେ, ପୋଖରୀ ନିଲାମ ଧରିବାକୁ ୨ ମହିଳା ଗୋଷ୍ଠୀ ଆବେଦନ କରିଥିଲେ। ହେଲେ ତା'ର ସମାଧାନ ହୋଇ ନ ପାରିବାରୁ କୋର୍ଟ ବିଚାର କରି ମା'ଶାରଳା ଏସଏଚଜିକୁ ଲିଜ୍ ଦେଇଥିଲେ। ଫଳରେ ଦୁଇ ଗୋଷ୍ଠୀ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ପୋଖରୀ ଲିଜ ଅବଧି ଆସନ୍ତା ମାସରେ ସରୁଥିବାରୁ ଏହା ପୂର୍ବରୁ ମାଛ ଧରିବା ପାଇଁ ମା'ଶାରଳା ଏସଏଚଜି ଗୁରୁବାର ଦଳ ସଫେଇ ଆରମ୍ଭ କରିଥିଲେ। ମାତ୍ର ଏହାକୁ ଗ୍ରାମର ଅନ୍ୟ ମହିଳା ଗୋଷ୍ଠୀ ବିରୋଧ କରିଥିଲେ। ଏପରି କି ପୋଖରୀ ସଫେଇ କରିବାକୁ ଦେଇ ନ ଥିଲେ। ଫଳରେ ଶ୍ରମିକମାନେ ଫେରି ପଳାଇଥିଲେ। ଏହାପରେ ସମ୍ପୃକ୍ତ ମହିଳା ଗୋଷ୍ଠୀର ସଦସ୍ୟମାନେ ଦଳ ସଫେଇ ଜାରି ରଖିଥିଲେ। ଫଳରେ ଏହାକୁ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ଖବର ପାଇ ପୋଲିସ ପହଞ୍ଚି ପୋଖରୀ ସଫେଇ କାର୍ଯ୍ୟ ବନ୍ଦ କରିଥିଲା। ଘଟଣାର ସମାଧାନ ପରେ ପୋଖରୀ ସଫେଇ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ଯାଜପୁର: ୪୦୦ ଟପିଲା ସଂକ୍ରମିତଙ୍କ ସଂଖ୍ୟା

### କରୋନା ସ୍ଥିତି ସମୀକ୍ଷା କଲା ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଟିମ୍


ସମୀକ୍ଷାରେ ସାମିଲ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ଟିମ୍।

**ଯାଜପୁର ଅଫିସ/ ବିଞ୍ଝାରପୁର/ଯାଜପୁର ଟାଉନ(ଡି.ଏନ୍.ଏ), ୨୫।୬**

ଯାଜପୁର ଜିଲାର ଯାଜପୁର, ଦଶରଥପୁର ଓ ବିଞ୍ଝାରପୁର ବ୍ଲକ ଅଞ୍ଚଳରେ ଗୁରୁବାର ୮ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ଯାଜପୁର ବ୍ଲକର ୫ଜଣ, ଦଶରଥପୁରର ୨ ଓ ବିଞ୍ଝାରପୁର ବ୍ଲକର ଜଣେ ଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ମିଳିଛି। ତେବେ ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୦୧ରେ ପହଞ୍ଚିଛି। ସଂକ୍ରମିତଙ୍କ ମଧ୍ୟରୁ ଜଣେ ସ୍ଥାନୀୟ ବାସିନ୍ଦା ହୋଇଥିବାବେଳେ ୩ ଜଣ ତାମିଲନାଡୁ ଫେରନ୍ତା, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ରରୁ ଜଣେ ଲେଖାଏଁ ଓ ଦିଲ୍ଲୀରୁ ୨ ଜଣ ଫେରିଥିବା ଜଣାପଡ଼ିଛି।

ଅନ୍ୟପକ୍ଷେ ଗୁରୁବାର ରାଜ୍ୟ ସ୍ୱାସ୍ଥ୍ୟ ଟିମ୍‌ର ଏକ ଦଳ ଯାଜପୁର ଜିଲା ଗସ୍ତ କରି କରୋନା ସ୍ଥିତି ସମୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଅତିରିକ୍ତ ନିର୍ଦ୍ଦେଶକ ଡା. ରଶ୍ମିରଞ୍ଜନ ଶତପଥୀଙ୍କ ନେତୃତ୍ୱରେ ଏହି ଟିମ୍ ବରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, ନୂଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର, ନାଥପୁର ଓ ସାହୁପଡ଼ା ଉପକେନ୍ଦ୍ର ପରିଦର୍ଶନ କରିବା ସହ ସ୍ୱାସ୍ଥ୍ୟ ଅଭିଯାନର ସମୀକ୍ଷା କରିଥିଲେ। ବିଶେଷ କରି ଏଏନ୍‌ଏମ, ଆଶାକର୍ମୀ ଓ ସ୍ୱାସ୍ଥ୍ୟକର୍ମୀ ଘରକୁଘର ବୁଲି ଯେଉଁ କରୋନା ସନ୍ଦିଗ୍ଧଙ୍କ ତଥ୍ୟ ସଂଗ୍ରହ କରୁଛନ୍ତି, ତାହାକୁ ଅନୁଧ୍ୟାନ କରିଥିଲେ। ଏହି ଟିମ୍ ସହ ଏଡିଏମ୍‌ଓ ଡା. ସୁଧାଂଶୁ ଶେଖର ବଳ, ଏପିଡେମିଓଲୋଜିଷ୍ଟ ଡା. ପାର୍ଥ ସାରଥୀ ମିଶ୍ର, ଡା. ପି.କେ. ସାହୁ, ଡା. କୌଶିକ ପାତ୍ର ପ୍ରମୁଖ ସାମିଲ ଥିଲେ।

## ସବ୍ୟସାଚୀଙ୍କ ସହଯୋଗରେ ଫେରିଲେ ପକ୍ଷାଘାତ ରୋଗୀ

**ମାର୍ଶାଘାଇ, ୨୫।୬(ଡି.ଏନ୍.ଏ.):** ଅର୍ଥାଭାବ ଯୋଗୁ ଗୁଜରାଟରେ ଫସି ରହିଥିବା ପକ୍ଷାଘାତ ରୋଗୀଙ୍କୁ ଘରକୁ ଫେରିବାରେ ସହାୟତା କରିଛନ୍ତି ଅଭିନେତା ସବ୍ୟସାଚୀ ମିଶ୍ର। ସେ ହେଲେ ମାର୍ଶାଘାଇ ବ୍ଲକ ଗରଜଙ୍ଗା ପଞ୍ଚାୟତ କୁଆଁରପାଳ ଗ୍ରାମର କୁନାଲ ପ୍ରଧାନ(୨୪)। କୁନାଲ ଗୁରୁବାର ଭୁବନେଶ୍ୱରରେ ପହଞ୍ଚିବା ପରେ ଗ୍ରାମକୁ ନିଆଯାଇ କ୍ୱାରାଣ୍ଟାଇନ୍ କେନ୍ଦ୍ରରେ ରଖାଯାଇଛି। ସେ ରୋଜଗାର ଆଶାରେ ଗୁଜରାଟ ଯାଇ ଏକ ସୂତାକଳରେ କାମ କରୁଥିଲେ। ଲକ୍‌ଡାଉନ୍ ଯୋଗୁ ସେ ରୋଜଗାର ହରାଇଥିଲେ। କିଛିଦିନ ପରେ ସେ ପକ୍ଷାଘାତରେ ଆକ୍ରାନ୍ତ ହୋଇ ସେଠାରେ ଅସହାୟ ଅବସ୍ଥାରେ ଦିନ କାଟୁଥିଲେ। କୌଣସି ସୂତ୍ରରୁ ଖବରପାଇ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ସବ୍ୟସାଚୀ କୁଆଁରପାଳ ଗ୍ରାମରେ ତାଙ୍କ ପରିବାର ଲୋକଙ୍କ ସହ ଯୋଗାଯୋଗ କରିଥିଲେ। ଏଥିସହ କୁନାଲଙ୍କ ଆକାଉଣ୍ଟକୁ ଟଙ୍କା ପଠାଇଥିଲେ। ଟଙ୍କା ମିଳିବା ପରେ କୁନାଲଙ୍କ ସହ ରହୁଥିବା ଜଣେ ଓଡିଆ ସହଯୋଗୀ ତାଙ୍କୁ ନେଇ ଓଡ଼ିଶା ଆସିଛନ୍ତି।

## ବାଲିଘାଟରେ ସରକାରୀ ନିୟମ ଉଲ୍ଲଂଘନ

**ଧର୍ମଶାଳା, ୨୫।୬ (ଡି.ଏନ୍.ଏ.)**

### ଯାଜପୁର ଦୁର୍ନୀତି ବିରୋଧୀ ମଞ୍ଚର ଧାରଣା


ବାଲି ଘାଟରେ ଯାଜପୁର ଦୁର୍ନୀତି ବିରୋଧି ମଞ୍ଚର ଧାରଣା।

ଧର୍ମଶାଳା ତହସିଲ ଅଧୀନ ବ୍ରାହ୍ମଣୀ ନଦୀର ଜେନାପୁରଠାରେ ଥିବା ବାଲିଘାଟରେ ସରକାରୀ ନିୟମ ଉଲ୍ଲଂଘନ କରାଯାଉଥିବା ଅଭିଯୋଗରେ ଗୁରୁବାର ପୂର୍ବାହ୍ନରେ ଯାଜପୁର ଦୁର୍ନୀତି ବିରୋଧି ମଞ୍ଚ ପକ୍ଷରୁ ଲକ୍ ବଜାରଠାରେ ଧାରଣା ଦିଆଯାଇଥିଲା। ବାଲିଘାଟରେ ଶ୍ରମିକ ବଦଳରେ ମେଶିନ ଦ୍ୱାରା କାମ କରାଯାଉଥିବା ବେଳେ ଉକ୍ତ ଘାଟରୁ ହାଇୱାରେ ବାଲି ପରିବହନ ହେଉଥିବାରୁ ନଦୀବନ୍ଧ ଦୁର୍ବଳ ହେଉଥିବା ଅଭିଯୋଗ ହୋଇଛି। ଏହା ଲିଜ ଘାଟ ହୋଇଥିଲେ ବି ସରକାରୀ ନିୟମ ଅନୁସାରେ ବାଲିଘାଟ ଆଗରେ ସୂଚନା ଫଳକ ଲଗାଯାଇ ନାହିଁ ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ ହୋଇଥିଲା। ଧାରଣା ସ୍ଥଳରେ ଦୀପକ କୁମାର ବଳ, ରଞ୍ଜିତ କୁମାର ଦୋରା, ତାରିଣୀସେନ ସାହୁ, ଦେବପ୍ରସାଦ ସାମନ୍ତ, ଲମ୍ବୋଧର ଦଳେଇ, ସଞ୍ଜୟ ମଲିକ, ଜତିନ କୁମାର ପଣ୍ଡା, ଇନ୍ଦ୍ରମଣି ମଲିକ, ଜୀବନ କୁମାର ବରାଳ ଓ ସୁରେନ୍ଦ୍ର କୁମାର ସାହୁ ପ୍ରମୁଖ ବସିଥିଲେ। ଖବର ପାଇ ଧର୍ମଶାଳା ଅତିରିକ୍ତ ତହସିଲଦାର ଦେବୀ ପ୍ରସନ୍ନ ମହାନ୍ତି ଓ ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ ସେଠାରେ ପହଞ୍ଚି ଧାରଣାକାରୀଙ୍କ ସହିତ ଆଲୋଚନା କରିଥିଲେ। ଏହାର ସମାଧାନ ଲାଗି ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ମିଳିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

## ଜାଲ୍ ପ୍ରମାଣପତ୍ରରେ ଶିକ୍ଷକତା ଅଭିଯୋଗ

**କେନ୍ଦ୍ରାପଡ଼ା ଅଫିସ/ଆଳି (ଡି.ଏନ୍.ଏ.), ୨୫।୬:** କେନ୍ଦ୍ରାପଡ଼ା ଜିଲା ଆଳି ଉର୍ଦ୍ଧୁ ବାଳିକା ବିଦ୍ୟାଳୟର ଶିକ୍ଷା ସହାୟିକା ଆଫ୍ରୋଜା ପରବିନ ଜାଲ ପ୍ରମାଣପତ୍ର ଦେଇ ଶିକ୍ଷକତା କରୁଥିବା ନେଇ ପ୍ରଥମ ସ୍ୱାମୀ ଜମିଲ ଅହମ୍ମଦ ଅଭିଯୋଗ ଆଣିଛନ୍ତି। ତଦନ୍ତ କରି ଜିଲା ଶିକ୍ଷା ବିଭାଗ ଓସେପାକୁ ରିପୋର୍ଟ ପ୍ରଦାନ କରିଛି। ଜମିଲଙ୍କ ଅଭିଯୋଗ ପରେ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ବିଭାଗ ଗତ ଫେବୃୟାରୀ ୧୨ରେ ଓଡିଶା ସ୍କୁଲ ଏଡୁକେଶନ ପ୍ରୋଗ୍ରାମ ଅଥରିଟି (ଓସେପା)ର ଏସ୍‌ପିଡିଙ୍କୁ ତଦନ୍ତ କରିବାକୁ ଚିଠି (ନଂ-୩୧୯୧) କରିଥିଲେ। ଏସପିଡିଙ୍କ ନିର୍ଦ୍ଦେଶରେ ଏହି ଅଭିଯୋଗର ତଦନ୍ତ ହୋଇଥିଲା। ସୁନ୍ଦରଗଡ ଜିଲାର ଏକ ଡିଗ୍ରୀ କଲେଜରୁ ଯେଉଁବର୍ଷ ଯୁକ୍ତ ୩ କଳାରେ ଆଫ୍ରୋଜା ଉତୀର୍ଣ୍ଣ ହୋଇଥିଲେ ସେହିବର୍ଷ କଟକ ସିଟି ତାଲିମ ସ୍କୁଲର ନିୟମିତ ଛାତ୍ରୀ ଭାବେ ପାସ୍ କରିଛନ୍ତି। ଜିଲା ଶିକ୍ଷା ଅଧିକାରୀ ସଞ୍ଜୀବ ସିଂହ କହିଛନ୍ତି, ଆଫ୍ରୋଜାଙ୍କ ଦୁଇ ସାର୍ଟିଫିକେଟକୁ ନେଇ ତଦନ୍ତ ହୋଇଛି। ଏ ନେଇ ଓସେପାକୁ ରିପୋର୍ଟ ଯାଇଛି।

## ସୁନା ବ୍ୟବସାୟୀଙ୍କ ସଂସ୍ପର୍ଶରେ ଆସି ୧୦ ଆକ୍ରାନ୍ତ

- ଜାମୁସାହି କଣ୍ଟେନ୍‌ମେଣ୍ଟ ଜୋନ୍
- ସ୍ୱାବ୍ ଟେଷ୍ଟ ପାଇଁ ଡିଏଚ୍‌ଏଚ୍‌ରେ ସ୍ୱତନ୍ତ୍ର ଲାବ୍

**ନୟାଗଡ଼ ଅଫିସ,୨୫।୬:** ନୟାଗଡ଼ର ଜଣେ ସୁନା ବ୍ୟବସାୟୀଙ୍କ ସଂସ୍ପର୍ଶରେ ଆସି ୮ଦିନ ମଧ୍ୟରେ ୧୦ଜଣ କରୋନା ଆକ୍ରାନ୍ତ ହୋଇସାରିଲେଣି। ଗୁରୁବାର ଜିଲାରେ ୩ଜଣ ଆକ୍ରାନ୍ତ ହୋଇଥିବା ସରକାରୀ ଭାବେ ଘୋଷଣା କରାଯାଇଛି। ଆକ୍ରାନ୍ତଙ୍କ ମଧ୍ୟରେ ନୟାଗଡ ବ୍ଲକ ଜାମୁସାହିର ଜଣେ ଯୁବକ ଅଛନ୍ତି। ସମ୍ପୃକ୍ତ ଯୁବକ ସୁନା ବ୍ୟବସାୟୀଙ୍କ ଦୋକାନରେ କର୍ମଚାରୀ ରୂପେ କାର୍ଯ୍ୟ କରୁଥିଲେ। ସେହିପରି ନୟାଗଡ ଦେବୋତ୍ତର କଲୋନୀର ଜଣେ ଶିକ୍ଷକ ଓ ଯଦୁମଣିନଗରର ଜଣେ ଔଷଧ ଦୋକାନୀ ସଂକ୍ରମିତ ହୋଇଛନ୍ତି। ଏହି ୩ଜଣ ସୁନା ବ୍ୟବସାୟୀଙ୍କ ସଂସ୍ପର୍ଶରେ ଆସିଥିଲେ। ଏହି ଅବସରରେ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳ ପୋମା ଟୁଡୁଙ୍କ ଅଧ୍ୟକ୍ଷତାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ସୁନା ବ୍ୟବସାୟୀଙ୍କ ସଂସ୍ପର୍ଶରେ ଆସି ୧୦ ଜଣ ଆକ୍ରାନ୍ତ ହୋଇଥିବା ସୂଚନା ଦେଇଥିଲେ। ରୋଗକୁ ଦମନ ପାଇଁ ସହରର ସୁନା ଦୋକାନ ବନ୍ଦ କରାଯାଇଛି। ଦୋକାନବଜାର ଖୋଲିବା ସମୟ ବଦଳାଯାଇ ସକାଳ ୬ଟାରୁ ଅପରାହ୍ନ ୧ଟା ରଖାଯାଇଛି। ଗୁରୁବାର ୩ଜଣ କରୋନା ଆକ୍ରାନ୍ତ ଚିହ୍ନଟ ପରେ ଜାମୁସାହିକୁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ଅନ୍ୟପକ୍ଷେ ଆଉ ଭୁବନେଶ୍ୱରକୁ ସ୍ୱାବ୍ ଟେଷ୍ଟ ପାଇଁ ପଠାଯିବ ନାହିଁ। ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ରେ ଏକ ସ୍ୱତନ୍ତ୍ର ଲାବ୍ କରାଯାଇଛି। ଏଠାରେ କରୋନା ଆକ୍ରାନ୍ତଙ୍କ ସ୍ୱାବ୍ ଟେଷ୍ଟ କରାଯିବ। ସ୍ୱଳ୍ପ ଦିନରେ ଏହା କାର୍ଯ୍ୟକ୍ଷମ ହେବ ବୋଲି ଜିଲାପାଳ କହିଛନ୍ତି। ୧୮ ତାରିଖରେ ଖଣ୍ଡପଡା ରୋଡରେ ଥିବା ଜଣେ ସୁନା ବ୍ୟବସାୟୀ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ତାଙ୍କ ପରିବାର ସଦସ୍ୟଙ୍କୁ ହୋମ୍ କ୍ୱାରାଣ୍ଟାଇନ୍‌ରେ ରଖାଯାଇଥିବାବେଳେ ୬ ଜଣଙ୍କର ପଜିଟିଭ୍ ଆସିଥିଲା। ପରେ ଜଣେ ପୋଲିସ ଆକ୍ରାନ୍ତ ହୋଇଥିଲେ।

## ରାସ୍ତା କାର୍ଯ୍ୟ ତଦାରଖକରି ଅସନ୍ତୋଷ ପ୍ରକାଶ କଲେ ବିଧାୟକ

**ନୟାଗଡ଼ ଅଫିସ/ଗଣିଆ, ୨୫।୬(ଡି.ଏନ୍.ଏ.)**

ନୟାଗଡ଼ ଜିଲା ଗଣିଆ ବ୍ଲକ ବଡଶିଲିଙ୍ଗା ପଞ୍ଚାୟତର ବଡମୂଳଠାରୁ ଶିଖରଗୋଛା ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ଗ୍ରାମ ସଡକ ଯୋଜନାରେ ଚାଲିଥିବା ରାସ୍ତାକାର୍ଯ୍ୟର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିର୍ମାଣାଧୀନ ରାସ୍ତାଟି ୧୨ଫୁଟ ଓସାର ପରିବର୍ତ୍ତେ ୧୦ ଫୁଟ କରାଯାଉଥିବା ବେଳେ ତଳେ ମେଟାଲ ଦିଆ ନ ଯାଇ କେବଳ ଚିପ୍‌ସ ଗୋଳା କଂକ୍ରିଟରେ କରାଯାଉଛି। ଏ ନେଇ ଅଞ୍ଚଳବାସୀ କିଛିଦିନ ତଳେ ଦଶପଲ୍ଲା ବିଧାୟକ, ଗଣିଆ ବ୍ଲକ ଅଧ୍ୟକ୍ଷ ଓ ବିଭାଗୀୟ ଅଧିକାରୀଙ୍କୁ ଅବଗତ କରାଇଥିଲେ। ବୁଧବାର ବିଧାୟକ ରମେଶ ଚନ୍ଦ୍ର ବେହେରା, ଗଣିଆ ବ୍ଲକ ଅଧ୍ୟକ୍ଷ ଶେଷଦେବ ସ୍ୱାଇଁ, କନ୍ଧମାଳ ଏମ୍‌ପିଙ୍କ ନୟାଗଡ ଜିଲା ପ୍ରତିନିଧି ସଦାଶିବ ମିଶ୍ର, ଜିଲା ପରିଷଦ ସଭ୍ୟ ମହେଶ୍ୱର ମହାରଣା, ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀ ଯନ୍ତ୍ରୀ ଅମରେଶ ନାୟକ, ସହକାରୀ ଯନ୍ତ୍ରୀ ଅଜୟ ମହାପାତ୍ର ପ୍ରମୁଖ ରାସ୍ତାକାର୍ଯ୍ୟ ତଦାରଖ କରିବା ପାଇଁ ପହଞ୍ଚିଥିଲେ। ବିଧାୟକ ଓ ଲୋକପ୍ରତିନିଧି ରାସ୍ତା କାର୍ଯ୍ୟ ନିମ୍ନମାନର ହେଉଥିବା ଦେଖି ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। ଏଷ୍ଟିମେଟ ଅନୁଯାୟୀ କାମକରା ନ ଗଲେ ରାସ୍ତା କାର୍ଯ୍ୟ ବନ୍ଦ ରଖିବା ପାଇଁ କହିଥିଲେ। ପ୍ରକାଶଥାଉ କି ଏହି ପଞ୍ଚାୟତକୁ ପକ୍କାରାସ୍ତା ନିର୍ମାଣ ପାଇଁ ସ୍ଥାନୀୟ ଅଧିବାସୀ ଓ ଜନସଙ୍ଗଠନ କର୍ମକର୍ତ୍ତା ବିଭିନ୍ନ ସମୟରେ ପ୍ରଶାସନ ନିକଟରେ ଦାବି ଉପସ୍ଥାପନ କରିବା ସହ ଆନ୍ଦୋଳନ କରିଆସୁଥିଲେ। ୨ବର୍ଷ ତଳେ ରାସ୍ତା ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୬୨୩.୮୧ଲକ୍ଷ ଟଙ୍କା ଅନୁମୋଦନ କରାଯାଇଛି। ସେହିପରି ଏହି ରାସ୍ତାର ୫ବର୍ଷ ପାଇଁ ରକ୍ଷଣାବେକ୍ଷଣ ନିମନ୍ତେ ୫୫.୩୬ଲକ୍ଷ ଟଙ୍କା ମଞ୍ଜୁର ହୋଇଛି। ତେବେ ମେଟାଲ ପକାଇ ୧୨ଫୁଟ ଓସାରର କଂକ୍ରିଟ ରାସ୍ତା ନିର୍ମାଣ କରା ନ ଗଲେ ଅଞ୍ଚଳବାସୀ ଗଣଧାରଣା ଦେବା ପାଇଁ କହିଛନ୍ତି।

## ଆବାସ ଯୋଜନା ତାଲିକା: ପ୍ରସ୍ତୁତିରେ ଚଞ୍ଚକତା ଅଭିଯୋଗ

**ବିଞ୍ଝାରପୁର, ୨୫।୬ (ଡି.ଏନ.ଏ.)**

ବିଞ୍ଝାରପୁର ବ୍ଲକ ଅଳକୁଣ୍ଡ ପଞ୍ଚାୟତରେ ଆବାସ ଯୋଜନା ତାଲିକା ପ୍ରସ୍ତୁତିରେ ଜାଲିଆତି କରାଯାଇଛି। ପ୍ରକୃତ ହିତାଧିକାରୀଙ୍କୁ ବାଦ୍ ଦିଆଯାଇ ଦୁଇ ମହଲା କୋଠାଥିବା ପରିବାର ଓ ପୂର୍ବରୁ ଆବାସ ଯୋଜନାରେ ଘର ହାତେଇଥିବା ହିତାଧିକାରୀଙ୍କୁ ଏହି ତାଲିକାରେ ସାମିଲ କରାଯାଇଛି। ଏହି ଚଞ୍ଚକତାରେ ପିଇଓଙ୍କ ସମ୍ପୃକ୍ତି ଥିବା ଦର୍ଶାଇ ସ୍ଥାନୀୟ ଲୋକେ ଯାଜପୁର ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ଅଳକୁଣ୍ଡ ପଞ୍ଚାୟତକୁ ଫନୀ ସହାୟତା ଓ ୨୦୨୦-୨୧ ଆର୍ଥିକ ବର୍ଷରେ ଆବାସ ଯୋଜନାରେ ୫୪୫ ଘର ଆସିଥିଲା। ସେଥିମଧ୍ୟରୁ ଅଳକୁଣ୍ଡ ରାଜସ୍ୱ ଗ୍ରାମକୁ ୨୭୦ ଘର ଆସିଥିବା ବେଳେ ପିଇଓ ତ୍ରିଲୋଚନ ଦାସ ଚଞ୍ଚକତା କରି ଅଯୋଗ୍ୟ ହିତାଧିକାରୀଙ୍କୁ ତାଲିକାରେ ସାମିଲ କରିଛନ୍ତି। ତୁରନ୍ତ ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗ୍ରାମର ତ୍ରିଲୋଚନ ଜେନା, ରମାକାନ୍ତ ଦାଶ, ପ୍ରଭାତ ପତି, ନିରାକାର ମଲିକ, ବାବାଜୀ ମଲିକ, ସ୍ୱର୍ଣ୍ଣପ୍ରଭା ମଲିକ, ରମେଶ ଯେନା ପ୍ରମୁଖ ଜିଲାପାଳ ଓ ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଲିଖିତ ଭାବେ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ଏ ସମ୍ପର୍କରେ ପିଇଓ ଦାସଙ୍କୁ ପଚାରିବାରେ ଅଭିଯୋଗରେ ସତ୍ୟତା ନାହିଁ। ଫନୀ ବାତ୍ୟା ପରେ ଅନେକ ଲୋକ ଆବାସ ଯୋଜନାରେ ଘର ପାଇଁ ଆବେଦନ କରିଥିଲେ। ସେହିମାନଙ୍କ ତାଲିକା ପ୍ରସ୍ତୁତ ହୋଇଛି। ଏହାର ଯାଞ୍ଚ କରାଯାଇ ଯୋଗ୍ୟ ହିତାଧିକାରୀଙ୍କୁ ଘର ଯୋଗାଇ ଦିଆଯିବ ବୋଲି କହିଛନ୍ତି।

## ପଦନୀପାଳ ଗ୍ରାମବାସୀଙ୍କ ତହସିଲ କାର୍ଯ୍ୟାଳୟ ଘେରାଉ

**ଆଳି,୨୫।୬(ଡି.ଏନ.ଏ)**

କେନ୍ଦ୍ରାପଡା ଜିଲା ଆଳି ବ୍ଲକ ଅନ୍ତର୍ଗତ ପଦନୀପାଳ ପଞ୍ଚାୟତର ବହୁ ଗ୍ରାମବାସୀ ଗୁରୁବାର ତହସିଲ କାର୍ଯ୍ୟାଳୟ ଘେରାଉ

### ରାସ୍ତା ଅବରୋଧକୁ ବିରୋଧ


ତହସିଲ ଅଫିସ ଆଗରେ ପଦନୀପାଳ ଗ୍ରାମବାସୀଙ୍କ ବିକ୍ଷୋଭ।

କରିଛନ୍ତି। କେତେଜଣ ବାଲି ମାଫିଆ ଚକ୍ରାନ୍ତ କରି ସେମାନଙ୍କ ଯାତାୟାତ ରାସ୍ତା ଅବରୋଧ କରିଥିବା ଅଭିଯୋଗ କରିଛନ୍ତି। ରାଜକନିକା ବ୍ଲକର ନମତରା ଗ୍ରାମ ପଦନୀପାଳବାସୀଙ୍କ ଯାତାୟାତ ରାସ୍ତା ହୋଇଥିବା ବେଳେ ଏହାକୁ ବନ୍ଦ କରି ଦିଆଯିବାରୁ ପଦନୀପାଳବାସୀ ଅସୁବିଧା ଭୋଗୁଛନ୍ତି ବୋଲି ଅଭିଯୋଗ ପତ୍ରରେ ଦର୍ଶାଇଛନ୍ତି। ଏହି ସମସ୍ୟାର ତୁରନ୍ତ ସମାଧନା କରିବାକୁ ଦାବି କରି ଏକ ଦାବିପତ୍ର ତହସିଲଦାର ତପନ କୁମାର ସେନାପତିଙ୍କୁ ପ୍ରଦାନ କରିଛନ୍ତି। ସେମାନଙ୍କ ଅଭିଯୋଗ ଅନୁଯାୟୀ, ପଦନୀପାଳ ପଞ୍ଚାୟତର ପଦନୀପାଳ,ବୈତାରିପୁର ଓ କଳମଡା ଶାସନ ଆଦି ୩ ଗ୍ରାମର ଚତୁଃପାର୍ଶ୍ୱକୁ ଖରସ୍ରୋତା ଓ କାଣୀ ନଦୀ ଘେରି ରହିଛି। ନଦୀରେ ପୋଲଟିଏ ନ ଥିବାରୁ ସେମାନେ ହୁଲିଡ଼ଙ୍ଗା ସାହାଯ୍ୟରେ ନଦୀ ପାର ହୋଇଥାନ୍ତି। ଏହାପରେ ନମତରା ଗ୍ରାମ ଦେଇ ଆଳି ବ୍ଲକ ସଦର ମହକୁମା ସମେତ ଚିକିତ୍ସାଳୟ ଓ ଥାନା ଆଦିକୁ ଯାତାୟାତ କରିଥାନ୍ତି। ୨ ମାସ ପୂର୍ବେ ନମତରା ଗ୍ରାମର କେତେଜଣ ଟ୍ରାକ୍ଟର ମାଲିକ ଓ ବାଲି ମାଫିଆ ନଦୀ ପାର୍ଶ୍ୱରେ ଥିବା ପଦନୀପାଳ ଗ୍ରାମବାସୀଙ୍କ ସ୍ଥିତିବାନ ଜମିରୁ ବାଲି ଖୋଳି ନେଉଥିଲେ। ଏହାକୁ ଗ୍ରାମବାସୀ ବିରୋଧ କରିବାରୁ ସେମାନେ ପଦନୀପାଳବାସୀଙ୍କୁ ନମତରା ପଟେ ନ ଛାଡ଼ିବା ପାଇଁ ସେମାନଙ୍କ ଯାତାୟାତ ରାସ୍ତା ଖୋଳିଦେଇଥିଲେ। ଏହାସତ୍ତ୍ୱେ ପଦନୀପାଳବାସୀ ଉକ୍ତ ବାଟ ଦେଇ ଯାଉଥିଲେ। କିନ୍ତୁ ଗତ ୩ ଦିନ ହେବ ଏହି ବାଲି ମାଫିଆମାନେ ନମତରା ଗ୍ରାମବାସୀଙ୍କ ସହ ମିଶି ରାସ୍ତାକୁ ସମ୍ପୂର୍ଣ୍ଣ ଅବରୋଧ କରିଦେଇଛନ୍ତି। ଏହାକୁ ବିରୋଧ କରି ଗୁରୁବାର ପୂର୍ବାହ୍ନରେ ପଞ୍ଚାୟତର ସମିତିସଭ୍ୟ ଗୁରୁଚରଣ ଜେନା, ଗଗନ ବିହାରୀ ମଲିକ, ଭାବକିଶୋର ସାହୁ, ବସନ୍ତ କୁମାର ମହାନ୍ତି ପ୍ରମୁଖଙ୍କ ନେତୃତ୍ୱରେ ପଞ୍ଚାୟତର ୪୦୦ରୁ ଉର୍ଦ୍ଧ୍ୱ ଲୋକ ଘେରାଉରେ ସାମିଲ ହୋଇଥିଲେ। ତହସିଲଦାର ସେନାପତି ଜୁଲାଇ ୧ ତାରିଖରେ ଘଟଣାସ୍ଥଳରେ ପହଞ୍ଚି ଏହି ସମସ୍ୟାର ସମାଧାନ କରିବାକୁ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା।

ଧରିତ୍ରୀ
DHARITRI
ଶୁକ୍ରବାର, ୨୬ ଜୁନ୍, ୨୦୨୦

## ୧୯ ଦୋକାନ ସିଲ୍ କଲା ପ୍ରଶାସନ

ବାରିପଦା ଅଫିସ: କୋଭିଡ୍-୧୯ ନିୟମ ଉଲ୍ଲଂଘନ ଅଭିଯୋଗରେ ଗୁରୁବାର ବାରିପଦା ତହସିଲଦାର ରାମଚନ୍ଦ୍ର ସୋରେନ ସହରର ୧୯ଟି ଦୋକାନକୁ ସିଲ୍ କରିଛନ୍ତି। ୩ ଦିନ ତଳେ ଉକ୍ତ ଦୋକାନୀମାନଙ୍କୁ ପ୍ରଶାସନ ପକ୍ଷରୁ ତାଗିଦ୍ କରାଯାଇଥିଲେ ମଧ ସେମାନେ ନିୟମ ଉଲ୍ଲଂଘନ କରି ବ୍ୟବସାୟ ଚଳାଇଥିଲେ। ଗୁରୁବାର ତହସିଲଦାର ଚଢ଼ାଉ କରି ଏହି ଦୋକାନଗୁଡ଼ିକୁ ସିଲ୍ କରିଥିବା ସୂଚନା ଦେଇଛନ୍ତି।



**ସଂକ୍ଷେପରେ**

## ଉତ୍ତର ଓଡ଼ିଶାରେ ୧୪ ଆକ୍ରାନ୍ତ, ୧୬ ସୁସ୍ଥ

ବାରିପଦା ଅଫିସ/କେନ୍ଦୁଝର, ୨୫ା୬(ସ୍ୱ.ପ୍ର.): ଉତ୍ତର ଓଡ଼ିଶାରେ ଗୁରୁବାର ୧୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୧୬ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ମୟୂରଭଞ୍ଜ ଜିଲାରେ ୭ ନୂଆ ଆକ୍ରାନ୍ତ ଚିହ୍ନଟ ପରେ ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୭୨ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧରେ ୨ ଜଣ ସଙ୍ଗରୋଧ କେନ୍ଦ୍ରର ଓ ୫ ଲୋକାଲ କେସ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ଜିଲାରେ ଅଦ୍ୟାବଧି ୧୨୦ ଆକ୍ରାନ୍ତ ସୁସ୍ଥ ହୋଇଥିବା ବେଳେ ୫୧ ଜଣ ଚିକିତ୍ସିତ ହେଉଛନ୍ତି। କେନ୍ଦୁଝର ଜିଲାରେ ଗୁରୁବାର ଆଉ ୫ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ୪ ଜଣ ସୁସ୍ଥ ହୋଇଛନ୍ତି। ଏହାକୁ ମିଶାଇ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦୫କୁ ବୃଦ୍ଧି ପାଇଛି। ଜିଲାରେ ୭୨ ଜଣ ସୁସ୍ଥ ହୋଇ ଘରକୁ ଫେରିଥିବାବେଳେ ୩୩ ଜଣ ଚିକିତ୍ସିତ ହେଉଛନ୍ତି। ଚିହ୍ନଟ ୫ନୂଆ ଆକ୍ରାନ୍ତଙ୍କ ମଧରେ ୨ଜଣ ତାମିଲନାଡୁ ଓ ଗୁଜରାଟ,ମହାରାଷ୍ଟ୍ର ଏବଂ ଦିଲ୍ଲୀରୁ ଜଣେ ଲେଖାଏ ଫେରିଥିବା ସୂଚନା ମିଳିଛି। ଚିହ୍ନଟ ହୋଇଥିବା ଆକ୍ରାନ୍ତମାନେ ସାହାରପଡା ଏବଂ ଘସିପୁରା ବ୍ଲକ ଅଞ୍ଚଳରେ ବୋଲି ଜିଲା ପ୍ରଶାସନ ସୂଚନା ଦେଇଛି। ସେହିପରି ବାଲେଶ୍ୱର ଜିଲାରେ ୨ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ୭ ଜଣ ସୁସ୍ଥ ହୋଇଛନ୍ତି। ଭଦ୍ରକ ଜିଲାରେ ମଧ ୪ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଥିବା ସ୍ୱାସ୍ଥ୍ୟ ବିଭାଗ ସୂଚନା ଦେଇଛି।

## ଠେଙ୍ଗାରେ ପିଟି ସ୍ତ୍ରୀଙ୍କୁ ହତ୍ୟା

ଢେଙ୍କିକୋଟ, ୨୫ା୬(ଡି.ଏନ.ଏ.)- କେନ୍ଦୁଝର ଜିଲା ପଣ୍ଡାପଡ଼ା ଥାନା ଅନ୍ତର୍ଗତ ବକ୍ସିବାରିଗାଁ ଗ୍ରାମରେ ଜଣେ ବ୍ୟକ୍ତି ଠେଙ୍ଗାରେ ପିଟି ସ୍ତ୍ରୀଙ୍କୁ ହତ୍ୟା କରିଛନ୍ତି। ମୃତକ ହେଲେ କିନୀ ମୁଣ୍ଡା (୪୫)। ପୋଲିସ ଅଭିଯୁକ୍ତ ସ୍ୱାମୀ ଘାସିରାମଙ୍କୁ ଗିରଫ ପରେ କୋର୍ଟଚାଲଣ କରିଛି। ହତ୍ୟାରେ ବ୍ୟବହୃତ ଠେଙ୍ଗା ଜବତ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ବକ୍ସିବାରିଗାଁ ଗ୍ରାମର ଏହି ଦମ୍ପତି ଗାଁ ଲୋକଙ୍କ ଗୋରୁ ଚରାଇ ଦୁଃଖ କଷ୍ଟରେ ଚଳୁଥିଲେ। ବୁଧବାର ଘରୋଇ କଳିକୁ ନେଇ ଉଭୟଙ୍କ ମଧରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ଘାସିରାମ ଏକ ଠେଙ୍ଗାରେ କିନୀଙ୍କ ମୁଣ୍ଡକୁ ପିଟିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଖବରପାଇ ପଣ୍ଡାପଡ଼ା ଆଇଆଇସି ପଦ୍ମାଳୟା ସାହୁ, ସବ୍‌ଇନ୍ସପେକ୍ଟର ତପନ କୁମାର ଜେନା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଅଭିଯୁକ୍ତ ଘାସିରାମଙ୍କୁ ଗିରଫ କରିଥିଲେ। ଏନେଇ ଥାନାରେ ଏକ ହତ୍ୟା ମାମଲା (ନଂ. ୭୨/୨୦) ରୁଜୁ ହୋଇଛି।

## ବିଦ୍ୟୁତ୍ ଆଘାତରେ ଯୁବକଙ୍କ ମୃତ୍ୟୁ

ବନ୍ତ,୨୫ା୬(ଡି.ଏନ୍.ଏ.) : ଭଦ୍ରକ ଜିଲା ବନ୍ତ ବ୍ଲକ କେନ୍ଦୁଆପଦା ଫାଣ୍ଡି ଅଧୀନ ଅଣ୍ଡେଇପଲ୍ଲୀ ଗ୍ରାମରେ ବୁଧବାର ବିଦ୍ୟୁତ୍ ଆଘାତରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପ୍ରଦୀପ କୁମାର ମହାନ୍ତି। ସେ ନିଜ ଘରେ ପ୍ଲଗରେ ତାର ସଂଯୋଗ କରୁଥିବା ବେଳେ ବିଦ୍ୟୁତ୍ ଆଘାତରେ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ଚିକିତ୍ସା ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ ମଧ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଭଦ୍ରକ ଗ୍ରାମାଞ୍ଚଳ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୪୧/୨୦୨୦) ରୁଜୁ ହୋଇଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ କହିଛି।

## କ୍ଷୁଦ୍ର ଚାଷୀଙ୍କୁ ଧାନ ବିହନ ବଣ୍ଟନ

ବେତନଟୀ,୨୫ା୬(ଡି.ଏନ୍.ଏ.): ମୟୂରଭଞ୍ଜ ଜିଲା ବଡ଼ସାହି ନିର୍ବାଚନ ମଣ୍ଡଳୀର ବେତନଟୀ ବ୍ଲକ ଅଧୀନ ମହୁଲିଆ ହାଟ ନିକଟରେ କ୍ଷୁଦ୍ର ଚାଷୀଙ୍କୁ ଧାନ ବିହନ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଲୋକସଭା ଆସନର ଜାତୀୟ କଂଗ୍ରେସ ପ୍ରାର୍ଥୀ ନବଜ୍ୟୋତି ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ମୟୂରଭଞ୍ଜ ଜିଲା କଂଗ୍ରେସ ଉପସଭାପତି ଅଜିତ୍ ଜେନାଙ୍କ ଉପସ୍ଥିତିରେ ଏହି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଧୀନ ୫ଟି ଜିଲା ପରିଷଦ ଜୋନର ୭୦ ଜଣ କ୍ଷୁଦ୍ର ଚାଷୀଙ୍କୁ ଚିହ୍ନଟ କରାଯାଇ ଧାନ ବିହନ ଯୋଗାଇ ଦିଆଯାଇଥିଲା। ବେତନଟୀ ବ୍ଲକ କଂଗ୍ରେସ ଦଳ ପକ୍ଷରୁ ଉମାକାନ୍ତ ମହାନ୍ତ, ରବି ମୁର୍ମୁ, ସୁଶାନ୍ତ ବିଶ୍ୱାଳ, ହରିଶ୍ ଚନ୍ଦ୍ର ସାମଲ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ।

# ଦେଶୀ ଆମ୍ବର ମିଳୁନି ଉଚିତ ମୂଲ୍ୟ

ନରେଶ ଚନ୍ଦ୍ର ପଟ୍ଟନାୟକ

କେନ୍ଦୁଝର, ୨୫ା୬


ବନବାସୀମାନେ ଦେଶୀ ଆମ୍ବ ବିକ୍ରି କରୁଛନ୍ତି।

■ଜଳବାୟୁ ପରିବର୍ତ୍ତନ ଯୋଗୁ ଉତ୍ପାଦନ କମିଛି

■ବେପାରୀ କରୁଛନ୍ତି ଶୋଷଣ

ବଣ ପାହାଡ଼ ଘେରା କେନ୍ଦୁଝର ଜିଲାର ଆଦିବାସୀମାନେ ଜଙ୍ଗଲରୁ ବିଭିନ୍ନ ଫଳ ସଂଗ୍ରହ କରି ଖାଇବା ସହ ବଳକା ହାଟବଜାରରେ ବିକି ଗୁଜୁରାଣ ମେଣ୍ଟାଉଛନ୍ତି। ଚଳିତ ବର୍ଷ ଜଳବାୟୁରେ ପରିବର୍ତ୍ତନ ଯୋଗୁଁ ଦେଶୀ ଆମ୍ବର ଉତ୍ପାଦନ କମିଥିବାରୁ ସେମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଅନ୍ୟ ପକ୍ଷରେ କରୋନା ପ୍ରଭାବରେ ଜଙ୍ଗଲରୁ ସଂଗୃହିତ ଆମ୍ବ ବିକ୍ରି କରିବାକୁ ସେମାନେ ହାଟ ବଜାରକୁ ଆସି ପାରୁନାହାଁନ୍ତି। ଫଳରେ ଚଳିତ ବର୍ଷ ସେମାନଙ୍କ ଅର୍ଥନୈତିକ ଅବସ୍ଥା ସଙ୍କଟରେ ରହିଛି। ଏହି କାରଣରୁ ରାସ୍ତା ଘାଟ, ହାଟ ବଜାରରେ ଯେଉଁ ଭଳି ବହୁଳ ପରିମାଣର ଦେଶୀ ଆମ୍ବ ମିଳୁଥିଲା ତାହା ଦେଖିବାକୁ ମିଳୁ ନାହିଁ।

ଯେଉଁ ବନବାସୀମାନେ ବହୁ ଦୂରରୁ ଚାଲି ଚାଲି ବା ଗାଡ଼ିରେ ଆମ୍ବ ଓ ଅନ୍ୟାନ୍ୟ ଫଳ ବୋଝ ମୁଣ୍ଡାଇ ହାଟ ବଜାରକୁ ଆସୁଛନ୍ତି ସେସବୁର ଉପଯୁକ୍ତ ମୂଲ୍ୟ ପାଇପାରୁ ନାହାନ୍ତି। ଅନେକ ସମୟରେ ବେପାରୀଙ୍କ ଦ୍ୱାରା ଠକେଇର ଶିକାର ହେଉଛନ୍ତି। ଆମ୍ବ ବା ଅନ୍ୟ ଫଳର ସଂରକ୍ଷଣ ପାଇଁ ଆଦିବାସୀ ଅଞ୍ଚଳରେ ଶୀତଳ ଭଣ୍ଡାର ନାହିଁ। ଫଳରେ ବହୁ ପରିମାଣର ଆମ୍ବ ନଷ୍ଟ ହେଉଛି। ଏପରିକି ପାଚିଲା ଆମ୍ବର ପ୍ରକ୍ରିୟାକରଣ କରାଯାଇ ସେଥିରୁ ଆମ୍ବ ପେଷ୍ଟ ପ୍ରସ୍ତୁତ କରାଯାଇପାରନ୍ତା। ଉପଯୁକ୍ତ ପ୍ରୋତ୍ସାହନ ଅଭାବରୁ ବହୁ ପରିମାଣର ପାଚିଲା ଆମ୍ବ ନଷ୍ଟ ହୋଇଯାଉଛି। ଆଜିକାଲି ବିଭିନ୍ନ କିସମର ହାଇବ୍ରିଡ୍ ଆମ୍ବ ଚାଷ ଖଟାମିଠା ନିଆରା ସ୍ୱାଦଯୁକ୍ତ ଦେଶୀ ଆମ୍ବର ଚାହିଦାକୁ କମ୍ କରିଦେଉଛି। ଏଣୁ ଅନେକ ସମୟରେ ଆଦିବାସୀମାନେ କମ୍ ମୂଲ୍ୟରେ ଏହାକୁ ବିକିବା ସହ ବେଳେବେଳେ ଫିଙ୍ଗି ଦେଇ ଘରକୁ ଫେରିବାକୁ ବାଧ ହୋଇଥାନ୍ତି। ଆଦିବାସୀଙ୍କଠାରୁ ଫଳ କିଣିବା ପାଇଁ ସରକାରୀସ୍ତରରେ ମଧ କୌଣସି ବ୍ୟବସ୍ଥା ନାହିଁ। ଫଳରେ ବେପାରୀମାନେ କିଲୋ ପ୍ରତି ୫ରୁ ୧୦ ଟଙ୍କାରେ କିଣି ନେଇ ୨୦ରୁ ୩୦ଟଙ୍କାରେ ଏହାକୁ ବିକ୍ରି କରି ଲାଭବାନ ହେଉଛନ୍ତି। ବେଲପଶି ଅଞ୍ଚଳର ଆୟୁର୍ବେଦ ବିଶାରଦ ହରେକୃଷ୍ଣ ମହାନ୍ତ କୁହନ୍ତି, କଲମୀ ଆମ୍ବର ସ୍ୱାଦ ଅଧିକ ଥିଲେ ହେଁ ଦେଶୀ ଆମ୍ବର ସ୍ୱାଦ ନିଆରା। ଏହା ସ୍ୱାସ୍ଥ୍ୟ ପକ୍ଷେ ହିତକର। ପରିବେଶବିତ ରମେଶ ଚନ୍ଦ୍ର ମିଶ୍ର କହିଛନ୍ତି ଯେ, ଦେଶୀ ଆମ୍ବ ଗଛ ଅନେକଙ୍କୁ ଫଳ ଦେବା ସହ ଛାଇ, ସ୍ୱାସ୍ଥ୍ୟକର ପରିବେଶ, ବାୟୁ ଯୋଗାଇବାରେ ସହାୟକ ହୋଇଥାଏ। ଏଥିପାଇଁ ଏଭଳି ଆମ୍ବ ଗଛ ଲଗାଇବାକୁ ସେ ପରାମର୍ଶ ଦେଇଛନ୍ତି।

ଓରମାସ ମୁଖ୍ୟ ନିର୍ବାହୀ ସପନ ଗୋସ୍ୱାମୀ କହିଛନ୍ତି ଯେ, ଚାଷୀଙ୍କଠାରୁ ଆମ୍ବ ଆଣି ବିକିବା ପାଇଁ ବ୍ୟବସ୍ଥା କରାଯାଉଛି। ଏଭଳି ଜଙ୍ଗଲୀ ଫଳର କିଣିବିକା ପାଇଁ ବ୍ୟବସ୍ଥା ନାହିଁ। ଶୀତଳ ଭଣ୍ଡାର ମଧ ନାହିଁ। ଲୋକେ ନିଜେ ସଂଗ୍ରହ କରି ଏହାକୁ ବଜାରରେ ବିକିଥାନ୍ତି। ତେବେ ବିଭିନ୍ନ ସ୍ଥାନରେ ମହିଳା ଗୋଷ୍ଠୀମାନଙ୍କୁ ଆମ୍ବର ପ୍ରକ୍ରିୟାକରଣ କରିବା ନେଇ ତାଲିମ ଦିଆଯାଉଛି ବୋଲି ସେ ସୂଚନା ଦେଇଛନ୍ତି।


ଦୁର୍ଘଟଣାସ୍ଥଳରେ ଉତ୍ୟକ୍ତ ଲୋକଙ୍କୁ ପୋଲିସ ବୁଝାଶୁଝା କରୁଛି।

## ଡମ୍ଫର ଚାପାରେ ଶିଶୁ ମୃତ

ଯୋଡ଼ା ୨୫ା୬(ଡି.ଏନ.ଏ.)

**ଅଞ୍ଚଳରେ ଉତ୍ତେଜନା**

କେନ୍ଦୁଝର ଜିଲା ଯୋଡା ସହରର ସରକାରୀ ଡାକ୍ତରଖାନା ପଛପାର୍ଶ୍ୱରେ ଥିବା ମୁଣ୍ଡା ବସ୍ତିରେ ଗୁରୁବାର ଡମ୍ଫର ଚାପାରେ ଜଣେ ଶିଶୁର ମୃତ୍ୟୁ ଘଟିବା ପରେ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ଗୁରୁବାର ସନ୍ଧ୍ୟାରେ ଏକ ଡମ୍ଫରକୁ ଜଣେ ହେଲପର ଚଳାଇ ଉକ୍ତ ବସ୍ତି ରାସ୍ତା ଦେଇ ଯାଉଥିଲେ। ଏହି ସମୟରେ ବସ୍ତିରେ ଖେଳୁଥିବା ୩ ବର୍ଷର ଶିଶୁ ବିଜୁ ମୁଣ୍ଡା ଉପରେ ମାଡିଯାଇଥିଲା। ଫଳରେ ଶିଶୁଟିର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହି ଘଟଣାକୁ କେନ୍ଦ୍ର କରି ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଦୁର୍ଘଟଣା ଘଟାଇବା ପରେ ଡମ୍ଫର ହେଲପର ଫେରାର ହୋଇଯାଇଥିଲେ। ବହୁ ବିଳମ୍ବରେ ପୋଲିସ ପହଞ୍ଚି ମୃତଦେହ ଓ ଡମ୍ଫରକୁ ଜବତ କରି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ଘଟଣାସ୍ଥଳରେ ଉତ୍ୟକ୍ତ ଲୋକେ ଅଭିଯୋଗ କରିଥିଲେ ଯେ, ପୋଲିସ ବେପରୁଆ ତଥା ଦ୍ରୁତ ଗତିରେ ଗାଡି ଚାଳନାକୁ ନିୟନ୍ତ୍ରଣ କରି ପାରୁନାହିଁ। ଫଳରେ ଦୁର୍ଘଟଣା ଏକ ଦୈନନ୍ଦିନ ଘଟଣାରେ ପରିଣତ ହେଲାଣି।

# ରାଶନ ସାମଗ୍ରୀ ବଣ୍ଟନରେ ଅନିୟମିତତା


ରାଶନ ସାମଗ୍ରୀ ନ ପାଇ ଅଭିଯୋଗ କରିବାକୁ ଆସିଥିବା ହିତାଧିକାରୀ।

ଯୋଡ଼ା,୨୫ା୬(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ୩ନଂ. ୱାର୍ଡ କୁନ୍ଦୁରୁନାଲାରେ ରାଶନ ସାମଗ୍ରୀ ବଣ୍ଟନରେ ଅନିୟମିତତା ହୋଇଥିବା ଯୋଗାଣ ନିରୀକ୍ଷକଙ୍କ ନିକଟରେ ଅଭିଯୋଗ ହୋଇଛି। ଦୀର୍ଘ ୨୫ ବର୍ଷ ହେବ ଉକ୍ତ ୱାର୍ଡର ଜଣେ ବ୍ୟକ୍ତିଙ୍କୁ ସରକାରଙ୍କ ପକ୍ଷରୁ ଡିଲରସିପ୍ ଦିଆଯାଇଛି। ପୂର୍ବରୁ କେତେଜଣ ହିତାଧିକାରୀ ରାଶନ ସାମଗ୍ରୀ ନେଇଥିଲେ ହେଁ, କିଛି ଦିନ ହେବ ସମ୍ପୃକ୍ତ ପ୍ରତିନିଧି ତୁମ ରାଶନକାର୍ଡ ନମ୍ବର ନାହିଁ କହି ସାମଗ୍ରୀ ଦେଉନାହାନ୍ତି। ବହୁ ହିତାଧିକାରୀ ରାଶନ ସାମଗ୍ରୀ ଉଠାଇ ନ ଥିଲେ ମଧ କାର୍ଡରେ ଉଠାଯିବାର ଦର୍ଶାଯାଇଥିବା ଅଭିଯୋଗ ହୋଇଛି। ପଦ୍ମିନୀ ପାତ୍ର, ନମିତା ପାତ୍ର, ରେବତୀ ପାତ୍ର, ପାର୍ବତୀ ପାତ୍ର, ଗୀତା ଦାସ ପ୍ରମୁଖ ତାଙ୍କ ଅଭିଯୋଗରେ କହିଛନ୍ତି ଯେ, ନୂତନ ରାଶନକାର୍ଡ ହିତାଧିକାରୀଙ୍କ ତାଲିକା ଆସିଛି। ମାତ୍ର ତାଲିକା ନ ଦେଖାଇ ସମ୍ପୃକ୍ତ ଡିଲର ହିତାଧିକାରୀଙ୍କୁ ଗାଳିଗୁଲଜ କରୁଛନ୍ତି। ଏ ସମ୍ପର୍କରେ ବିଭିନ୍ନ ସମୟରେ ଜିଲା ପ୍ରଶାସନ ଓ ପୌର ପ୍ରଶାସନ ନିକଟରେ ଅଭିଯୋଗ ହୋଇଆସୁଥିଲେ ମଧ ଏହାର ତଦନ୍ତ କରାଯାଉନାହିଁ। ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି। ଏ ସମ୍ପର୍କରେ ଯୋଡ଼ା ପୌର ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଢଯୋଶୀଙ୍କୁ ପଚାରିବାରୁ ହିତାଧିକାରୀମାନେ ଅଫିସକୁ ଆସିଲେ ଯୋଗାଣ ବିଭାଗ ଦ୍ୱାରା ଯାଞ୍ଚ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି।

## ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ପାଟଣା,୨୫ା୬(ସ୍ୱ.ପ୍ର.)

କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା ଚେମେଣା ଗାଁର କାଜୁ ଜଙ୍ଗଲରେ ଜଣେ ୮ବର୍ଷର ନାବାଳକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି। ମୃତ ନାବାଳକ ହେଲେ ଚେମେଣା ଗ୍ରାମର ମନୋଜ ମୁଣ୍ଡା। ବୁଧବାର ସନ୍ଧ୍ୟାରୁ ସେ ନିଖୋଜ ଥିଲେ। ଗୁରୁବାର ସକାଳୁ ପରିବାର ଲୋକେ ଘରଠାରୁ ୫ଶହ ମିଟର ଦୂରରେ ଥିବା ଏକ କାଜୁ ଜଙ୍ଗଲ ମଧରେ ଗଛରେ ପୁଅର ଝୁଲନ୍ତା ମୃତଦେହ ଦେଖିବାକୁ ପାଇଥିଲେ। ମୃତଦେହକୁ ଗଛରୁ ଉଦ୍ଧାର କରି ଘରକୁ ଆଣିଥିଲେ। ତୁରୁମୁଙ୍ଗା ପୋଲିସ ପହଞ୍ଚି ଏକ ଅପମୃତ୍ୟୁ ମାମଲା (ନଂ.୧୮/୨୦) ରୁଜୁ କରି ତଦନ୍ତ ଜାରି ରଖିଛି। ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ତେବେ ଏହା ଆତ୍ମହତ୍ୟା ନା ହତ୍ୟା ତାହା ଜଣାପଡିନାହିଁ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ଥାନାଧିକାରୀ ବରେନ୍ଦ୍ର ଶିଆଳ କହିଛନ୍ତି।

## ସ୍କୁଲ ଜମି ଜବରଦଖଲ ଅଭିଯୋଗ

ଖଇରା, ୨୫ା୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ବର୍ତ୍ତନା ପଞ୍ଚାୟତ ଅଧୀନ ପଦୁନା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଜମିକୁ କେତେଜଣ ଲୋକ ବଳପୂର୍ବକ ଦଖଲ କରି ପାଚେରି ନିର୍ମାଣ କରୁଥିବା ଅଭିଯୋଗ ହୋଇଛି। ଏନେଇ ଶତାଧିକ ଗ୍ରାମବାସୀ ଖଇରା ବିଡିଓ ଦେବେନ୍ଦ୍ର ବଳ, ତହସିଲଦାର ପ୍ରଦୀପ କୁମାର ସାହୁଙ୍କ ସମେତ ସ୍ଥାନୀୟ ସରପଞ୍ଚଙ୍କୁ ଲିଖିତ ଭାବେ ଅଭିଯୋଗ କରିଛନ୍ତି। ଏ ଦିଗରେ ଦୃଷ୍ଟି ଦିଆ ନ ଗଲେ ସମୂହ ଗ୍ରାମବାସୀ ବ୍ଲକ ଏବଂ ତହସିଲ ସମ୍ମୁଖରେ ଧାରଣାରେ ବସିବେ ବୋଲି ପ୍ରଫୁଲ୍ଲ ଜେନା, ନରେନ୍ଦ୍ର ପ୍ରସାଦ, ସୂର୍ଯ୍ୟମଣି ସାହୁ ଓ ପ୍ରସନ୍ନ ମଉଗଜ ପ୍ରମୁଖ ଚେତାବନୀ ଦେଇଛନ୍ତି। ଏ ସମ୍ପର୍କରେ ତହସିଲଦାର ସାହୁଙ୍କ ମତାମତ ନେବାରେ ସେ ଅଭିଯୋଗର ତଦନ୍ତ ପାଇଁ ବର୍ତ୍ତନା ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିବାର କହିଛନ୍ତି।


ସ୍କୁଲ ଜମିରେ ନିର୍ମିତ ପାଚେରି।


ମୃତ ଚାଷୀଙ୍କ ସ୍ତ୍ରୀଙ୍କୁ ସହାୟତା ପ୍ରଦାନ କରାଯାଉଛି।

## ମୃତ ଚାଷୀଙ୍କ ପରିବାରକୁ ବୀମା ରାଶି ପ୍ରଦାନ

ଖଇରା, ୨୫ା୬(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ବ୍ଲକ ଆଳଦା ଗ୍ରାମର ଚାଷୀ ବିଜୟ ମହାରଥା ସାପ କାମୁଡାରେ ପ୍ରାଣ ହରାଇଥିଲେ। ଖଇରା ସମବାୟ ସମିତି ତରଫରୁ ସୋମବାର ମୃତ ବିଜୟଙ୍କ ପତ୍ନୀ ଜୟନ୍ତୀଙ୍କୁ ୫ଲକ୍ଷ ଟଙ୍କାର ସହାୟତା ରାଶି ଦିଆଯାଇଛି। ବାଲେଶ୍ୱର ଭଦ୍ରକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ଖଇରା ଶାଖାର ପରିଚାଳକ ସଞ୍ଜୟ କୁମାର ମହାନ୍ତିଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ପର୍ଯ୍ୟଟନ ସଂସ୍କୃତିମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ସମସ୍ତ ଚାଷୀ ବୀମା କିସ୍ତି ଦେଇ ଏହାର ସୁଫଳ ନେବାକୁ କହିଥିଲେ। ସମବାୟ ବ୍ୟାଙ୍କ ନିର୍ଦ୍ଦେଶିକା ଅସ୍ମିତା ନାୟକ, ସମବାୟ ସମିତି ସମ୍ପାଦକ ଶ୍ରୀକାନ୍ତ ପଲେଇ, ସରପଞ୍ଚ ସୁଦର୍ଶନ ସେଠୀ, ରଶ୍ମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଦିନକ ମଧରେ ଜମି ପଟ୍ଟା ପ୍ରଦାନ

ରାଇରଙ୍ଗପୁର,୨୫ା୬(ଡି.ଏନ୍.ଏ.)

ଜମି କ୍ରୟକାରୀଙ୍କୁ ୭ ଦିନ ମଧରେ ପଟ୍ଟା ପ୍ରଦାନ ଲାଗି ରାଜସ୍ୱ ବିଭାଗ ନିର୍ଦ୍ଦେଶ ଦେଇଥିବା ବେଳେ ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଉପଖଣ୍ଡ ବହଳଦା ତହସିଲ ଅଞ୍ଚଳର ଜଣେ କ୍ରେତାଙ୍କୁ ଦିନକ ମଧରେ ଜମି ପଟ୍ଟା ପ୍ରଦାନ କରାଯାଇଛି। ରାଇରଙ୍ଗପୁର ଉପ ଜିଲାପାଳ ଧର୍ମାନନ୍ଦ ବେହେରାଙ୍କ ଉପସ୍ଥିତିରେ ତହସିଲଦାର ପରମାନନ୍ଦ ଖଣ୍ଡେଇ ଗୁରୁବାର ଏହି ପଟ୍ଟା ପ୍ରଦାନ କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ବହଳଦା ତହସିଲ ଅନ୍ତର୍ଗତ ଝାଡ଼ଗାଁ ଗ୍ରାମର ବେବୀ ପତି ଓ ତାଙ୍କ ପୁତ୍ର ସତ୍ୟବ୍ରତ ପତି ସେହି ଗାଁର ଶ୍ରୀବନ୍ତ ସାମନ୍ତରାୟଙ୍କ ସ୍ତ୍ରୀ କନକଲତା ପଣ୍ଡାଙ୍କୁ ଗୁରୁବାର ତାଙ୍କର ୮ ଡିସିମିଲ ଜମି ବିକ୍ରୟ କରିଥିଲେ। ତହସିଲ ପକ୍ଷରୁ ଜମି କ୍ରେତାଙ୍କୁ ତୁରନ୍ତ ପଟ୍ଟା ପ୍ରଦାନ ପାଇଁ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

# ରାସ୍ତା ମରାମତି କଲେ ଗାଁ ଲୋକେ


ରାସ୍ତା ମରାମତି କାର୍ଯ୍ୟରେ ନିୟୋଜିତ ହୋଇଥିବା ଗ୍ରାମବାସୀ।

ବନ୍ତ, ୨୫ା୬(ଡି.ଏନ୍.ଏ./ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଡିଆ ପଞ୍ଚାୟତ ଜିରିଣା ଛକ ଠାରୁ ବରଗଡିଆ ଗ୍ରାମକୁ ଯାଇଥିବା ୮ ଶହ ମିଟର ରାସ୍ତା ଦୀର୍ଘ ୧୫ ବର୍ଷ ହେବ ମରାମତି ଅଭାବରୁ ମରଣଯନ୍ତା ପାଲଟିଛି। ରାସ୍ତାରେ ମେଟାଲ ଉଠିବା ସହ ବିଭିନ୍ନ ସ୍ଥାନରେ ଖାଲ ସୃଷ୍ଟି ହୋଇଛି। ଫଳରେ ସାଇକେଲ ବ୍ୟତୀତ ଅନ୍ୟ କୌଣସି ଯାନବାହନରେ ଯାତାୟାତ କରିବା ସମ୍ଭବପର ହେଉନାହିଁ। ଏପରିକି ଗ୍ରାମ ମଧକୁ ଜରୁରୀ ପରିସ୍ଥିତିରେ ଦମକଳ କିମ୍ବା ଆମ୍ବୁଲାନ୍ସ ଯିବା କଷ୍ଟକର ହୋଇପଡୁଛି। ଏହି ରାସ୍ତା ଉପରେ ବରଗଡିଆ, ଜିରିଣା ଆଦି ଗ୍ରାମର ଲୋକମାନେ ନିର୍ଭର କରୁଛନ୍ତି। ରାସ୍ତା ମରାମତି ନେଇ ଗ୍ରାମବାସୀ ପ୍ରଶାସନ ନିକଟରେ ବାରମ୍ବାର ଦାବି କରିଆସୁଥିଲେ ମଧ କୌଣସି ସୁଫଳ ମିଳୁ ନ ଥିଲା। ଫଳରେ ଗ୍ରାମବାସୀ ନିଜେ ଅର୍ଥ ପ୍ରଦାନ କରି ରାସ୍ତା ମରାମତି କରିଛନ୍ତି। ରାସ୍ତା ମରାମତି କାର୍ଯ୍ୟରେ ଗ୍ରାମର ଗଜେନ୍ଦ୍ର ପହି, କାଶିନାଥ ପହି, କାର୍ତ୍ତିକ ବେହେରା, ତ୍ରିନାଥ ରାଉତ, ଟିମା ରାଉତ, ମଣ୍ଟୁ ବେହେରା, ଚଗୁଲୁ ମଲ୍ଲିକ, ପିତାମ୍ବର ବେହେରା, ଚନ୍ଦ୍ରମଣି ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ଶଶୀବାଳା ସେଠୀଙ୍କୁ ପଚାରିବାରୁ ଉକ୍ତ ରାସ୍ତା ମରାମତି ପାଇଁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ୩ଲକ୍ଷର ଟଙ୍କାର ଆକ୍ସନ ପ୍ଲାନ୍ ପଠାଯାଇଛି। ମଞ୍ଜୁର ହେବା ପରେ କାମ ଆରମ୍ଭ ହେବ।

## ଚାଇନା ସାମଗ୍ରୀ ବର୍ଜନ ଲାଗି ଶୋଭାଯାତ୍ରା

ଭଦ୍ରକ ଅଫିସ, ୨୫ା୬

ଭାରତ ଓ ଚାଇନା ମଧରେ ବର୍ତ୍ତମାନ ସୃଷ୍ଟି ହୋଇଥିବା ଉତ୍ତେଜନା ମୂଳକ ପରିସ୍ଥିତି ପାଇଁ ସବୁଆଡ଼େ ଚାଇନା ବିରୋଧୀ ମନୋଭାବ ସୃଷ୍ଟି ହୋଇଛି। ଫଳରେ ଚାଇନା ସାମଗ୍ରୀ ବର୍ଜନ କରିବାକୁ ବିଭିନ୍ନ ସଂଗଠନ ପକ୍ଷରୁ ଆହ୍ୱାନ ଦିଆଯାଉଛି। ଭଦ୍ରକର ଶହୀଦ ଭଗତ ସେନା ଏନେଇ ସଚେତନତା ସୃଷ୍ଟି କରିବା ଲାଗି ଉଦ୍ୟମ ଆରମ୍ଭ କରିଛି। ସେନାର ମୁଖ୍ୟ ସୀତାଂଶୁ ମହାପାତ୍ରଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ସଦସ୍ୟ ବିଭିନ୍ନ ମୋବାଇଲ ଶୋ'ରୁମ୍‌ରେ ପହଞ୍ଚି ଚାଇନା ନିର୍ମିତ ସାମଗ୍ରୀ ବର୍ଜନ ସହିତ ବିକ୍ରି ନ କରିବାକୁ ନିବେଦନ କରିଥିଲେ। ସେହିପରି ବନ୍ତ ଛକ ନିକଟସ୍ଥ ଚାଇନା ବଜାରରେ ପହଞ୍ଚି ସେଠାରେ ମଧ ସଚେତନତା ସୃଷ୍ଟି କରିବା ସହ ସଚେତନତାମୂଳକ ପୋଷ୍ଟର ମାରିଥିଲେ।


ଶହୀଦ ଭଗତସେନାର ସଦସ୍ୟମାନେ ସଚେତନତା ସୃଷ୍ଟି କରୁଛନ୍ତି।

# ଅବଧି ସରିଲା, ସରିଲାନି ରାସ୍ତା କାମ

ବାରିପଦା ଅଫିସ, ୨୫ା୬


ଅଧାପନ୍ତରିଆ ଅବସ୍ଥାରେ ରହିଥିବା ରାସ୍ତା।

**୨ ଗ୍ରାମର ଲୋକେ ଭୋଗୁଛନ୍ତି ଦୁର୍ଦ୍ଦଶା**

ଅବଧି ସରିବାର ୯ ମାସ ବିତିଲାଣି ହେଲେ ରାସ୍ତା କାମ ସରୁନି। ଠିକାଦାର କାମ ଛାଡ଼ି ଚାଲି ଯାଇ ଥିବାରୁ ଏହା ଅଧାପନ୍ତରିଆ ଭାବେ ପଡ଼ି ରହିଛି। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ୨ଟି ଗ୍ରାମର ପ୍ରାୟ ୧୫୦୦ରୁ ଉର୍ଦ୍ଧ୍ୱ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅନ୍ତର୍ଗତ କୁଚେଇଠାରୁ ସାଲଗଡ଼ିଆ ରାସ୍ତା କାମରେ ଏହି ଭଳି ସମସ୍ୟା ଦେଖିବାକୁ ମିଳିଛି।

ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଉକ୍ତ ୧ କିଲୋମିଟର ରାସ୍ତା ପାଇଁ ୩୯ ଲକ୍ଷ ୪୮ ହଜାର ଟଙ୍କା ମଞ୍ଜୁର ହୋଇଥିଲା। ୨୦୧୯ ମାର୍ଚ୍ଚ ୨ରେ କାମ ଆରମ୍ଭ ହୋଇ ସେହି ବର୍ଷ ସେପ୍ଟେମ୍ବର ୧ରେ ଶେଷ ହେବାର ଲକ୍ଷ୍ୟ ଧାର୍ଯ୍ୟ ଥିଲା। ତେବେ ଅବଧି ସରିବାର ୯ ମାସ ବିତି ଯାଇଥିଲେ ମଧ ରାସ୍ତା କାମ ସମ୍ପୂର୍ଣ୍ଣ ହୋଇ ପାରି ନାହିଁ। କେବଳ ମୋରମ ପଡ଼ିବାରେ କାର୍ଯ୍ୟ ସୀମିତ ରହିଛି। ଉକ୍ତ ରାସ୍ତା ଉପରେ କୁଚେଇ ଓ ସାଲଗଡିଆ ଗ୍ରାମବାସୀ ନିର୍ଭର କରୁଛନ୍ତି। ବର୍ତ୍ତମାନ ବର୍ଷା ଆରମ୍ଭ ହୋଇ ଯାଇଥିବାରୁ ଉକ୍ତ ରାସ୍ତା କର୍ଦ୍ଦମାକ୍ତ ହୋଇ ପଡ଼ିଛି। ବର୍ଷା ଋତୁରେ ଆଉ କାମ କରାଯିବାର ସମ୍ଭାବନା ନ ଥିବାରୁ ଆଗାମୀ ଦିନରେ ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେବେ ବୋଲି ସାଲଗଡ଼ିଆ ଗ୍ରାମର ସୁବାଷ ମଙ୍ଗଳ କହିଛନ୍ତି। ଠିକାଦାର ରାସ୍ତା କାର୍ଯ୍ୟ ଅଧାପନ୍ତରିଆ କରି ଛାଡ଼ି ପଳାଇ ଯାଇଥିବାରୁ ୨ ଗ୍ରାମର ଲୋକେ ଦୁର୍ଦ୍ଦଶା ଭୋଗୁଥିବା ସେ ପ୍ରକାଶ କରିଛନ୍ତି। ଏ ନେଇ ବାରିପଦା ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଏନ୍.ଭି. ହରିହର ରାଓଙ୍କୁ ପଚାରିବାରୁ କ'ଣ ପାଇଁ କାମ ଅଟକିଛି ତାହା ବୁଝିକି କହିବେ ବୋଲି ପ୍ରକାଶ କରିଥିଲେ। ତେବେ ଠିକାଦାରଙ୍କ ମନମାନି ଯୋଗୁଁ ଗ୍ରାମବାସୀ ହଇରାଣ ହେଉଥିବା ବେଳେ ବିଭାଗ ପାଖରେ ଖବର ନ ଥିବା ଘଟଣା ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ସଂକ୍ଷେପରେ

### ଶଟ୍‌ଡାଉନ ଘୋଷଣା କଲେ ୨ ସରପଞ୍ଚ

ବୁଗୁଡ଼ା,୨୫।୬(ଡି.ଏନ.ଏ.)- କରୋନା ସଂକ୍ରମଣ ଚେନ୍ ଭାଙ୍ଗିବା ଉଦ୍ଦେଶ୍ୟରେ ବୁଗୁଡ଼ା ବ୍ଲକର କଳମ୍ବ ଓ ଖୋଲଖାଲି ସରପଞ୍ଚ ସେମାନଙ୍କ ପଞ୍ଚାୟତର କେତେକ ଅଞ୍ଚଳକୁ ଜିଲାପାଳ କ୍ଷମତା ପ୍ରୟୋଗ କରି ଶଟ୍‌ଡାଉନ ଘୋଷଣା କରିଛନ୍ତି। ଖୋଲଖାଲି ପଞ୍ଚାୟତ ବୁରୁଝୋଲା ଗ୍ରାମର ଜଣେ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ଅଧିକ ନ ବ୍ୟାପିବା ପାଇଁ ସରପଞ୍ଚ ସୂର୍ଯ୍ୟମଣି ଗୌଡ଼ ଜୁନ ୨୯ ଯାଏଁ ବୁରୁଝୋଲା ଗ୍ରାମକୁ ଶଟଡାଉନ ଘୋଷଣା କରିଛନ୍ତି। ସେହିପରି କଳମ୍ବ ପଞ୍ଚାୟତ ଅନ୍ତର୍ଗତ କାଦପଡ଼ା, କଳମ୍ବ ଛକ ଏବଂ କଳମ୍ବ ଗ୍ରାମକୁ କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ସରପଞ୍ଚ ପ୍ରତିଭାରାଣୀ ଜେନା ଗୁରୁବାରଠାରୁ ମଙ୍ଗଳବାର ଅର୍ଥାତ୍ ଜୁନ ୩୦ ଯାଏ ଶଟ୍‌ଡାଉନ ଘୋଷଣା କରିଛନ୍ତି। ସରପଞ୍ଚଦ୍ୱୟ ବିଡିଓ ତନ୍ମୟ ପାତ୍ରଙ୍କ ସହ ଆଲୋଚନା କରି ଏହି ପଦକ୍ଷେପ ନେଇଥିବା ଜଣାପଡ଼ିଛି।

### ରଞ୍ଜନ ଦଳାଇ ହତ୍ୟାକାଣ୍ଡ: ମୁଖ୍ୟ ଅଭିଯୁକ୍ତ ଗିରଫ

ବୁଗୁଡ଼ା,୨୫।୬(ଡି.ଏନ.ଏ.)- ବୁଗୁଡ଼ା ଥାନା କଇମ ନିକଟବର୍ତ୍ତୀ କୁବେରେଶ୍ୱର ମନ୍ଦିର ନିକଟରେ ଘଟିଥିବା ରଞ୍ଜନ ଦଳାଇ ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତଙ୍କୁ ଗୁରୁବାର ବୁଗୁଡ଼ା ପୋଲିସ ଗିରଫ କରିଛି। ସେ ହେଲେ ବୁଗୁଡ଼ା ଥାନା ଅନ୍ତର୍ଗତ ଜଗତପାଟଣା ଗ୍ରାମର ଅର୍ଜୁନ କର (ମୁନା)। ତାଙ୍କ ଠାରୁ ଗୋଟିଏ ଦେଶୀ ପିସ୍ତଲ, ୧୧ଟି ମୋବାଇଲ ଫୋନ ଓ ବାଇକ ଜବତ ହୋଇଛି। ଏନେଇ ବୁଗୁଡ଼ା ଥାନାରେ କେଶ ନଂ.୮୪/୨୦ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ଉକ୍ତ ଘଟଣାରେ ସମ୍ପୃକ୍ତ ବୁଗୁଡ଼ା ଅରବିନ୍ଦ ନଗରର ଭଗବାନ ସାହୁ ଏବଂ ଧନୁ ସାହୁଙ୍କୁ ଗତ ଏପ୍ରିଲ ୨୫ରେ ବୁଗୁଡ଼ା ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିଲା। ପ୍ରକାଶ ଯେ, ଅର୍ଜୁନଙ୍କ ଭଣଜା ଡ୍ରଗସ କାରବାରରେ ଗିରଫ ହୋଇ ଜେଲରେ ଥିଲେ। ନୟାଗଡ଼ ଜିଲା ଫତେଗଡ଼ ଥାନା ମାଣିକଗଡ଼ ଢେ଼ପସାହିର ରଞ୍ଜନ ପୋଲିସକୁ କହି ଏହି ଗିରଫ କରାଇଥିବା ଅର୍ଜୁନ ସନ୍ଦେହ କରି ଗତ ୪ ତାରିଖରେ କୌଶଳକ୍ରମେ କୁବେରେଶ୍ୱର ମନ୍ଦିର ନିକଟକୁ ନେଇ ଗୁଳିକରି ହତ୍ୟା କରିଥିଲେ।

### ରାଜପଥ କଡ଼ରେ ବିପଦସଙ୍କୁଳ ଶୁଖିଲା ଗଛ

ଖଜୁରିପଡା,(ଡି.ଏନ.ଏ.)/ ବଲସକୁମ୍ପା,୨୫।୬-ଖଜୁରିପଡା ବ୍ଲକ ଦୁଟିମେଣ୍ଡି ଏବଂ ଦୁଟିପଡ଼ା ପଞ୍ଚାୟତ ଅଧୀନରେ ଥିବା ସମ୍ବରଡେଗା, ଦୁଟିମେଣ୍ଡି ଲ୍ୟାମ୍ପ ସେସ ସାମ୍ନା, ବାରପୁଲିଆ ଏବଂ ଦୁଟିମେଣ୍ଡି ସ୍କୁଲ ସାମ୍ନା ଦେଇ ଯାଇଥିବା ୫୭ନଂ ଜାତୀୟ ରାଜପଥ କଡ଼ରେ



ବିପଦସଙ୍କୁଳ ଅବସ୍ଥାରେ ବଡ଼ ବଡ଼ ଶୁଖିଲା ଗଛ ରହିଛି। ଝଡ ତୋଫାନରେ ଏସବୁ କେତେବେଳେ ଯେ ଭାଙ୍ଗିପଡ଼ି ଯାତ୍ରୀମାନଙ୍କ ଉପରେ ପଡ଼ିବା ସମ୍ଭାବନାକୁ ଏଡାଇ ଦେଇହେବ ନାହିଁ। ଏହି ରାସ୍ତାରେ ପ୍ରତିଦିନ ଶହ ଶହ ଗାଡିମୋଟର ଯାତାୟତ କରୁଛି। ସୁରକ୍ଷା ଦୃଷ୍ଟିରେ ଏହି ଶୁଖିଲା ଗଛସବୁ କାଟି ସଫା କରିବାକୁ ଦୁଟିମେଣ୍ଡି ଉତ୍କଳମଣି ଯୁବକ ସଂଘ ଏବଂ ମା’ ଇଷ୍ଟ ଦେବୀ ଯୁବ କଳା ପରିଷଦ ବଲସକୁମ୍ପା ଯୁବକ ସଂଘ ପକ୍ଷରୁ ଦାବି କରାଯାଇଛି।

### ପାର୍କିଂ ଫି ଆଦାୟ କରିବେ କିନ୍ନର

#### ଦୁଇ କିନ୍ନର ଏସ୍‌ଏଚ୍‌ଜି ଚିହ୍ନଟ, ଜୁଲାଇରେ ନେବେ ତାଲିମ

ବ୍ରହ୍ମପୁର ଅଫିସ,୨୫।୬- ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ଚିହ୍ନଟ ପାର୍କିଂ ସ୍ଥଳରେ କିନ୍ନର ମାନେ ପାର୍କିଂ ଫି ଆଦାୟ କରିବେ। ଏନେଇ ଗୁରୁବାର ବିଏମ୍‌ସି ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଅଞ୍ଚଳରେ କିନ୍ନରଙ୍କୁ ନେଇ ଗଠିତ ୨ ସ୍ୱୟଂ ସହାୟକ ଗୋଷ୍ଠୀ(ଏସ୍‌ଏଚ୍‌ଜି)କୁ ଏହି କାର୍ଯ୍ୟ ପାଇଁ ଚୟନ କରାଯାଇଛି। ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବାକୁ ଏଭଳି ପଦକ୍ଷେପ ନିଆଯାଇଥିବା ବିଏମସି ପକ୍ଷରୁ କୁହାଯାଇଛି। ଏହି କାର୍ଯ୍ୟପାଇଁ ଚିହ୍ନଟ ତାରାତାରିଣୀ ଏସ୍‌ଏଚ୍‌ଜି ଓ ବୋହୁଚୋରା ଏସ୍‌ଏଚ୍‌ଜିର କିନ୍ନରଙ୍କୁ ଜୁଲାଇରୁ ତାଲିମ ଦିଆଯିବ। ତାଲିମ ପରେ ସେମାନେ ଫି ଆଦାୟ କରିବେ ବୋଲି ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋର ସୂଚନା ଦେଇଛନ୍ତି।

# ଗଞ୍ଜାମରେ ପ୍ରମୁଖ ଶାସନ ସଚିବଙ୍କ ସମୀକ୍ଷା

**ଛତ୍ରପୁର,୨୫।୬(ଡି.ଏନ୍.ଏ.)**



ସମୀକ୍ଷା ବୈଠକରେ ଉପସ୍ଥିତ ସଚିବ ଓ ଅନ୍ୟମାନେ।

- ରୋଟେସନରେ କାମ କରିବେ କୋଭିଡ୍ ଯୋଦ୍ଧା
- ଜିଲାରେ ୧୩,୭୫୪ ଜଣଙ୍କ ସ୍ୱାବ୍ ନମୁନା ସଂଗ୍ରହ ହେଲାଣି
- ପରୀକ୍ଷା ହୋଇଥିବା ୧୨,୩୦୬ ନମୁନାରୁ ୧୦୮୮ ପଜିଟିଭ୍

ଗଞ୍ଜାମ ଜିଲାର କୋଭିଡ ପରିଚାଳନା ସକାଶେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତ ହୋଇଥିବା ନୋଡାଲ ପ୍ରଶାସନିକ ଅଧିକାରୀ ତଥା ପ୍ରମୁଖ ଶାସନ ସଚିବ ଜି.ମାଥିଭାଥାନନ ଗୁରୁବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ସମୀକ୍ଷା କରିଛନ୍ତି। ଜିଲାରେ ଏବେ ସ୍ଥିତି କିଭଳି ଅଛି ଏବଂ ମହାମାରୀ ପରିଚାଳନାଗତ ସମସ୍ୟାକୁ କିପରି ପରିଚାଳନା କରାଗଲେ ସଂକ୍ରମଣ ରୋକାଯାଇପାରିବ ସେ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନଙ୍କ ସହ ସଚିବ ଆଲୋଚନା କରିଥିଲେ। ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ କୋଭିଡ-୧୯ ପରିଚାଳନାଗତ ସମସ୍ତ ତଥ୍ୟ ଉପସ୍ଥାପନ କରିଥିଲେ।

ଜିଲାକୁ ଏ ଯାଏ ୨୨୭ ଟ୍ରେନରେ ୧ ଲକ୍ଷ ୨୭ ହଜାର ୨୩୪ ଜଣ, ବସ ଯୋଗେ ୪୪ ହଜାର ୩୮୨ ଏବଂ ଅନ୍ୟାନ୍ୟ ବ୍ୟବସ୍ଥାରେ ୪୫, ୨୦୪ ଜଣ ଏପରି ମୋଟ ୨ ଲକ୍ଷ ୧୬ ହଜାର ୮୨୦ ଜଣ ପ୍ରବାସୀ ଫେରିଛନ୍ତି । ସମସ୍ତଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରାଯାଇଥିଲା। ଏବେ ସୁଦ୍ଧା ୧୩,୭୫୪ ଜଣଙ୍କ ସ୍ୱାବ ନମୁନା ସଂଗ୍ରହ କରାଯାଇଛି। ସେଥିମଧ୍ୟରୁ ୧୨,୩୦୬ ଜଣଙ୍କ ସାମ୍ପଲ ପରୀକ୍ଷା କରାଯାଇଥିବା ବେଳେ ୧୦୮୮ଜଣ ପଜିଟିଭ ଚିହ୍ନଟ ହୋଇଥିବା ଜିଲାପାଳ ସୂଚନା ଦେଇଥିଲେ। ଘରକୁ ଘର ବୁଲି କୋଭିଡ ଟେଷ୍ଟ କରାଯାଇଛି। ଆଗାମୀ ଦିନରେ ଆହୁରି କରାଯିବ ବୋଲି ସେ କହିଥିଲେ। କାର୍ଯ୍ୟରତ କୋଭିଡ ଯୋଦ୍ଧାମାନେ ସଂକ୍ରମିତ ଚିହ୍ନଟ ହେଲେ ପ୍ରତିକାର ସ୍ୱରୂପ କିପରି ପଦକ୍ଷେପ ନିଆଯାଉଛି ସଚିବଙ୍କୁ ଜିଲାପାଳ ସୂଚନା ଦେଇଥିଲେ। ସେହିପରି ଆଇନ ଶୃଙ୍ଖଳା ପରିଚାଳନା ଦିଗରେ ପୋଲିସ କୋଭିଡ ଯୋଦ୍ଧାମାନଙ୍କର ଭୂମିକା ସମ୍ପର୍କରେ ଉଭୟ ବ୍ରହ୍ମପୁର ଏବଂ ଗଞ୍ଜାମ ଏସ୍‌ପି ଅବଗତ କରାଇଥିଲେ। ପଞ୍ଚାୟତସ୍ତରରେ ଅଙ୍ଗନୱାଡି କର୍ମୀଙ୍କୁ ପ୍ରଶିକ୍ଷଣ ଦିଆଯାଇ କାର୍ଯ୍ୟର ପରିଚାଳନା ହେଉଥିବା କୁହାଯାଇଥିଲା। ସ୍ୱାସ୍ଥ୍ୟ ବିଭାଗର ସ୍ୱତନ୍ତ୍ର ସଚିବ ଅଜିତ ମହାନ୍ତି ଉପସ୍ଥିତ ରହି କୋଭିଡର ପରିଚାଳନାଗତ ସମସ୍ୟାର ବିଭିନ୍ନ ଦିଗ ପ୍ରତି ଆଲୋକପାତ କରିଥିଲେ । କାର୍ଯ୍ୟରତ କୋଭିଡ ଯୋଦ୍ଧା ଅଧିକାରୀ ଓ କର୍ମଚାରୀମାନଙ୍କର ମଧୁମେହ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି। ତେଣୁ ଏହାର ପ୍ରତିକାର ସକାଶେ ରୋଟେସନ ପ୍ରକାରେ ଜଣେ ୩ ଦିନ କାର୍ଯ୍ୟ କରିବେ ଏବଂ ୪ର୍ଥ ଦିନ ବିଶ୍ରାମ ନେବେ, ତାଙ୍କ ସ୍ଥାନରେ ଅନ୍ୟ ଅଧିକାରୀ ବା କର୍ମଚାରୀ ଦାୟିତ୍ୱ ବହନ କରିବେ ବୋଲି ସଚିବ ମାଥିଭାଥାନନ ଜଣାଇଥିଲେ ।

ସମୀକ୍ଷା ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବ୍ରହ୍ମପୁର ମହାନଗର ନିଗମ କମିଶନର୍ ଚକ୍ରବର୍ତ୍ତୀ ସିଂ ରାଠୋର, ବ୍ରହ୍ମପୁର ଉପଜିଲାପାଳ ସିନ୍ଧେ ଦତ୍ତାତ୍ରେୟ ଭାଉସାହେବ, ବ୍ରହ୍ମପୁର ଏସ୍‌ପି ପିନାକ ମିଶ୍ର, ଗଞ୍ଜାମ ଏସ୍‌ପି ବ୍ରିଜେଶ କୁମାର ରାଏ, ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ, ଅମୀୟ କୁମାର ସାହୁ , ଡୁଡା ପ୍ରକଳ୍ପ ନିର୍ଦ୍ଦେଶକ ସୁଦାମ ଚରଣ ମଣ୍ଡଳ, ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି ଏବଂ କୋଭିଡ ସଂପୃକ୍ତ ବିଭାଗୀୟ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

# କୋଚିଂ ସେଣ୍ଟର ସିଲ୍ କଲା ପ୍ରଶାସନ




ସିଲ୍ ହୋଇଥିବା କୋଚିଂ ସେଣ୍ଟର।

**ବ୍ରହ୍ମପୁର ଅଫିସ,୨୫।୬**

ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ କରି ଶିକ୍ଷାଦାନ କରୁଥିବା ଏକ ଘରୋଇ କୋଚିଂ ସେଣ୍ଟରକୁ ଗୁରୁବାର ପ୍ରଶାସନ ପକ୍ଷରୁ ସିଲ୍ କରାଯାଇଛି। ଶଟର ବନ୍ଦ କରି ପିଲାଙ୍କୁ ପଢାଯାଉଥିବା ଖବରପାଇ ବ୍ରହ୍ମପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଠିତ ଏକ ସ୍କ୍ୱାଡ୍ ପହଞ୍ଚି କୋଚିଂ ସେଣ୍ଟରକୁ ସିଲ କରିଛନ୍ତି। କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଉଥିବାରୁ ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଜିଲାକୁ ଲକ୍‌ଡାଉନ୍ ଘୋଷଣା କରାଯାଇଛି। ଏହାକୁ ନ ମାନି ଗଜପତି ନଗର ଛକରେ ଥିବା ଏକ ଘରୋଇ କୋଚିଂ ସେଣ୍ଟର ବାହାରୁ ଶଟର ବନ୍ଦକରି ଛାତ୍ରୀଛାତ୍ରଙ୍କୁ ପାଠପଢା ଯାଉଥିଲା। ଗୁରୁବାର ଖବର ମିଳିବା ପରେ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଠିତ ଏକ ସ୍କ୍ୱାଡ୍ କୋଚିଂ ସେଣ୍ଟର ଉପରେ ଚଢାଉ କରିଥିଲା। ଚଢାଉ ବେଳେ ବନ୍ଦ କୋଚିଂ ସେଣ୍ଟରରେ ପ୍ରାୟ ୨୦ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ଦେଖିବାକୁ ମିଳିଥିଲା। ଏହାପରେ ଲକ୍‌ଡାଉନ୍ ନିୟମ ଉଲ୍ଲଂଘନ ଅଭିଯୋଗରେ ପ୍ରଶାସନିକ ଅଧିକାରୀମାନେ କୋଚିଂ ସେଣ୍ଟରକୁ ସିଲ୍ କରିଥିବା ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି।

# ବ୍ରହ୍ମପୁରରେ ସଙ୍ଗିନ ହେଉଛି କରୋନା ସ୍ଥିତି

**ବ୍ରହ୍ମପୁର ଅଫିସ,୨୫।୬**



କମାପଲ୍ଲୀରୁ ଗୋଇଲୁଣ୍ଡି ସଂଯୋଗ ରାସ୍ତାକୁ ସିଲ୍ କରାଯାଇଛି।

**ଜନଗହଳିପୂର୍ଣ୍ଣ ରାସ୍ତା ସିଲ୍, ୧୨ରାସ୍ତା ବନ୍ଦ ନିଷ୍ପତ୍ତି**

ବ୍ରହ୍ମପୁରରେ କରୋନା ସ୍ଥିତି ଦିନକୁ ଦିନ ସଙ୍ଗିନ ହେବାରେ ଲାଗିଛି । ଏହାକୁ ଦୃଷ୍ଟିରେ ରଖି ସହରର ଭିଡ ନିୟନ୍ତ୍ରଣ କରିବା ନେଇ ବୁଧବାର ବିଳମ୍ବିତ ରାତିରୁ ପ୍ରଶାସନ ପକ୍ଷରୁ ସହରର ଜନ ଗହଳିପୂର୍ଣ୍ଣ ଗଳ ସିଲ୍ କରାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି । ସହରର ପ୍ରମୁଖ ୧୨ ରାସ୍ତାକୁ ସିଲ କରିବା ନେଇ ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ନିଷ୍ପତ୍ତି ନିଆଯାଇଥିବା ଜଣାପଡିଛି । ଗୁରୁବାର ସନ୍ଧ୍ୟା ସୁଦ୍ଧା କମାପଲ୍ଲୀରୁ ଗୋଇଲୁଣ୍ଡିକୁ ସଂଯୋଗ ରାସ୍ତା, ନୂଆବସ୍‌ଷ୍ଟାଣ୍ଡ କାଳୀମନ୍ଦିର ରାସ୍ତା, ରାମନଗର ବାଇପାସ୍ ରାସ୍ତା ସିଲ୍ କରାଯାଇଥିବା ଜଣାପଡିଛି । ଅନ୍ୟପକ୍ଷରେ ଗୁରୁବାର ମଧ୍ୟ ରାତ୍ରି ସୁଧା ଲୋହିଆ ବ୍ରଦର୍ଶ, ଅର୍ନପୂର୍ଣ୍ଣା ମାର୍କେଟ, ୱାନ ୱେ ଟ୍ରାଫିକ ରୋଡ, ଗିରିମାର୍କେଟ ଛକ, ସାନବଜାର ଛକ, ଖାସ୍ପା ସାହି ଛକ, କାଳୀ ମନ୍ଦିର ଛକ, ହରିଡାଖଣ୍ଡି ଶିବ ମନ୍ଦିର ଛକ, ତାଲୁକା ହସ୍ପିଟାଲ ଛକ ଓ ଶ୍ରୀରାମ ନଗର ଛକ ପ୍ରମୁଖ ରାସ୍ତା ସିଲ୍ କରିବା ନେଇ ବିଏମ୍‌ସି ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଥିବା ସୂଚନା ମିଳିଛି।

## ବନ୍ଦ ହେଉନି ପୋଖରୀ ଗାଧୁଆ

**ବୁଗୁଡ଼ା,୨୫।୬(ଡି.ଏନ.ଏ.)**

ବୁଗୁଡ଼ା ବ୍ଲକ ଏବଂ ଏନ୍‌ଏସିରେ କରୋନା ସଂକ୍ରମଣ ବୃଦ୍ଧି ପାଇବା ଆଶଙ୍କା କରି ପ୍ରଶାସନ ପକ୍ଷରୁ ସାମାଜିକ ଦୂରତ୍ୱ ରକ୍ଷା କରିବା, ମାସ୍କ ପିନ୍ଧିବା, ପୋଖରୀମାନଙ୍କରେ ନ ଗାଧୋଇବା ପାଇଁ ଡ଼ାକବାଜି ଯନ୍ତ୍ର ଯୋଗେ ସାହି ସାହି ବୁଲି ବାରମ୍ବାର ସଚେତନ କରାଯାଉଛି। କିନ୍ତୁ ଲୋକମାନେ ମାନୁନାହାନ୍ତି। ମୁଖ୍ୟତଃ ପୋଖରୀମାନଙ୍କରେ ମହିଳାମାନଙ୍କ ଠାରୁ ଆରମ୍ଭ କରି ପୁରୁଷ ଏବଂ ପିଲାମାନେ ସମୂହ ଭାବେ ଗାଧୋଉଥିବା ଦେଖିବାକୁ ମିଳୁଛି। ପୋଖରୀ ତୁଠରେ ଅସ୍ଥାୟୀ ବାରିକେଡ ନିର୍ମାଣ ହୋଇଥିଲେ ମଧ୍ୟ କେହି ମାନୁନାହାନ୍ତି। ଏହାକୁ ଭାଙ୍ଗି ଗାଧୋଉଛନ୍ତି। ତହସିଲଦାର ସଂଗ୍ରାମ କେଶରୀ ଜେନା, ଏନ୍‌ଏସି ନିର୍ବାହୀ ଅଧିକାରୀ ରଶ୍ମିରଞ୍ଜନ ଦାଶ ଓ ପୋଲିସ ପ୍ରଶାସନ ମିଳିତ ଭାବେ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ନ ଗାଧୋଇବା ପାଇଁ କହିବା ସହ ତାଗିଦ୍ ମଧ୍ୟ କରିଥିଲେ। କିନ୍ତୁ ଏଥିରେ କୌଣସି ସୁଫଳ ମିଳୁନାହିଁ। ତେଣୁ ପ୍ରଶାସନ ଏହାର ପ୍ରତିକାର ପାଇଁ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ଆଡ଼ପ ମଣ୍ଡପରେ ଶ୍ରୀଜଗନ୍ନାଥଙ୍କ କଚ୍ଛପ ଅବତାର

**ଆସିକା,୨୫।୬(ଡି.ଏନ୍.ଏ.)**



ଆଡ଼ପ ମଣ୍ଡପରେ କଚ୍ଛପ ଅବତାର।

ଚଳିତ ବର୍ଷ କରୋନା ଯୋଗୁ ଆସିକାର ବିଭିନ୍ନ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ପାଳିତ ହୋଇପାରିନାହିଁ। ତେବେ ସୁନାମ୍ବସାହିସ୍ଥିତ ବଡ ଜଗନ୍ନାଥ ମନ୍ଦିରରେ ଠାକୁରଙ୍କୁ ପହଣ୍ଡି କରାଯାଇ ମନ୍ଦିର ବେଢାରେ ଏକ କଲ୍ୟାଣ ମଣ୍ଡପରେ ଅସ୍ଥାୟୀ ଆଡପ ମଣ୍ଡପରେ ବିଜେ କରାଯାଇ ପୂଜାର୍ଚ୍ଚନା ଚାଲିଛି। ଗୁରୁବାର ଠାକୁରଙ୍କ କଚ୍ଛପ ଅବତାର ହୋଇଥିଲା। ଶ୍ରଦ୍ଧାଳୁଙ୍କ ଲାଗି ଦର୍ଶନ ବନ୍ଦ ରହିଛି। ପୂଜକମାନେ ନୀତିକାନ୍ତି ଚାଲୁ ରଖିଛନ୍ତି। ସେହିଭଳି ବଜାରସ୍ଥିତ ରଜାପଣ୍ଡିତ ଜଗନ୍ନାଥ ମନ୍ଦିର, ଖମ୍ବେଶ୍ୱରୀପାଟଣା ଜଗନ୍ନାଥ ମନ୍ଦିରରେ ଓ ଚିନିଶିଳ୍ପ ଜଗନ୍ନାଥ ମନ୍ଦିରରେ ବେଢା ମଧ୍ୟରେ ବିଗ୍ରହଙ୍କୁ ଆସୀନ କରାଯାଇ ପୂଜାର୍ଚ୍ଚନା ଚାଲୁରହିଛି।

# କୋଭିଡ୍ ନିୟମ ନ ମାନି ଭୋଜି, ଥାନାରେ ମାମଲା

**ହିଞ୍ଜିଳିକାଟୁ,୨୫।୬(ଡି.ଏନ୍.ଏ.)**

ହିଞ୍ଜିଳିକାଟୁ ବ୍ଲକ ଶାସନଆମ୍ବଗାଁ ଠାରେ କୋଭିଡ଼ ନିୟମ ଅବମାନନା କରି ଶୁକ୍ରବାର ସକାଳେ ବାହାଘର ଭୋଜି ପାଇଁ ପ୍ରସ୍ତୁତି ଚାଲିଥିଲା। ତହସିଲଦାର ଗୋପୀନାଥ କୁଅଁର ପୋଲିସ କର୍ମଚାରୀଙ୍କ ସହ ପହଞ୍ଚି ଏହାକୁ ବନ୍ଦ କରିଛନ୍ତି। ଏନେଇ ତହସିଲଦାର କୁଅଁର ହିଞ୍ଜିଳି ଥାନାରେ ଭଗବାନ ପ୍ରଧାନ, ରମେଶ ବରଡ଼ ଓ ପଦ୍ମ ଚରଣ ସ୍ୱାଇଁଙ୍କ ନାମରେ ଅଭିଯୋଗ କରିଛନ୍ତି। ପୋଲିସ ନଂ.୨୧୮,୨୧୯ ଓ ୨୨୦/୨୦ରେ ମାମଲା ରୁଜୁ କରିଥିବା ଥାନା ଅଧିକାରୀ ଅଭିମନ୍ୟୁ ଦାଶ କହିଛନ୍ତି।

# ପଦ୍ମନାଭପୁରକୁ ଶଟ୍‌ଡାଉନ୍ ଘୋଷଣା କଲେ ସରପଞ୍ଚ

**ଦିଗପହଣ୍ଡି,୨୫।୬(ଡି.ଏନ.ଏ.)**

ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗାଁକୁ ସ୍ଥାନୀୟ ପ୍ରଶାସନର ଅନୁମତିକ୍ରମେ ଗୁରୁବାର ସରପଞ୍ଚ ବି. କ୍ରିଷ୍ଣା ରାଓ ସୁଦ୍ଧି ସପ୍ତାହେ ପାଇଁ ଶଟ୍‌ଡାଉନ୍ ଘୋଷଣା କରିଛନ୍ତି। ସେ ଏନେଇ ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ସହ ଆଲୋଚନା କରିଥିବା କହିଛନ୍ତି। ଶଟ୍‌ଡାଉନ ସମୟରେ ଜରୁରୀ ସେବା ଯୋଗାଉଥିବା ସଂସ୍ଥା ବ୍ୟତୀତ ସମସ୍ତ ଦୋକାନ ବଜାର ବନ୍ଦ ରହିବ। କେହିବି ଘରୁ ବାହାରିବେ ନାହିଁ, ପୋଖରୀରେ ଗାଧୋଇବା ଶୌଚ ହେବାକୁ ବାରଣ କରାଯାଇଛି। ସଙ୍ଗରୋଧ କେନ୍ଦ୍ରରୁ ଫେରି ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିବା କେତେଜଣ ପ୍ରବାସୀ ଓଡ଼ିଆଙ୍କ କରୋନା ପଜିଟିଭ ପରେ ଚିକିତ୍ସା କରାଯାଉଛି। ଏନେଇ ଗୁରୁବାର ରିପୋର୍ଟ ମିଳିବା ପରେ ଏଭଳି ପଦକ୍ଷେପ ନିଆଯାଇଥିବା ଦିଗପହଣ୍ଡି ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା ତହସିଲଦାର ଅଦ୍ୱୈତ କୁମାର ସ୍ୱାଇଁ କହିଛନ୍ତି।

# ପୁରୁଷୋତ୍ତମପୁର ବଜାର, ବସ୍‌ଷ୍ଟାଣ୍ଡ ସିଲ୍



ସିଲ୍ ହୋଇଥିବା ସ୍ଥାନ।

**ପୁରୁଷୋତ୍ତମପୁର, ୨୫।୬(ଡି.ଏନ୍.ଏ.)**

ପୁରୁଷୋତ୍ତମପୁର ସହରର ବଡବଜାର, ପରିବା ମାର୍କେଟ, ବସ୍‌ଷ୍ଟାଣ୍ଡରେ ପ୍ରତିଦିନ ଜନଗହଳି ହେଉଥିବାବେଳେ ଲୋକେ ସାମାଜିକ ଦୂରତ୍ୱ ମାନୁନାହାନ୍ତି। ଏନ୍‌ଏସି ନିର୍ବାହୀ ଅଧିକାରୀ ଏ.ନାଗେଶ୍ୱର ରାଓ ଗୁରୁବାର ବିଭିନ୍ନ ସ୍ଥାନରେ ବାରିକେଡ ନିର୍ମାଣ କରି ସିଲ୍ କରିଛନ୍ତି। ବଜାର ମଧ୍ୟରେ ଯାନବାହନ ଚଳାଚଳ ଉପରେ ସମ୍ପୂର୍ଣ୍ଣ ରୋକ ଲଗାଯାଇଛି। ଏନେଇ ବିଭିନ୍ନ କଟକଣା ମଧ୍ୟ ଜାରି କରାଯାଇଛି। ଆଇନ ଉଲ୍ଲଂଘନକାରୀଙ୍କ ଠାରୁ ଜରିମାନା ଆଦାୟ ହୋଇଛି।

# ଗଞ୍ଜାମରେ କରୋନା ନେଲାଣି ୮ ଜୀବନ, ପୁଣି ୫୭ ପଜିଟିଭ

**ଛତ୍ରପୁର,୨୫।୬(ଡି.ଏନ୍.ଏ.)**

**ଆକ୍ରାନ୍ତ ସଂଖ୍ୟା ୧୦୮୮କୁ ବୃଦ୍ଧି**

ଗଞ୍ଜାମ ଜିଲାରେ ଦିନକୁ ଦିନ କରୋନା ପଜିଟିଭ୍‌ଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଗୁରୁବାର ଜିଲାରେ ପୁଣି ୫୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ଆକ୍ରାନ୍ତଙ୍କ ସଂଖ୍ୟା ୧୦୮୮ରେ ପହଞ୍ଚିଛି। ନୂଆ ପଜିଟିଭ୍‌ଙ୍କ ମଧ୍ୟରେ ୧୮ ଜଣ କରୋନା ଯୋଦ୍ଧା, ଟ୍ରାଭେଲ ହିଷ୍ଟ୍ରି ଥିବା ୧୦ ଜଣ ଏବଂ ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ୨୯ ଜଣ ସଂକ୍ରମିତ ହୋଇଛନ୍ତି। ଅପରପକ୍ଷେ ଗୁରୁବାର ୩୯ କରୋନା ଆକ୍ରାନ୍ତ ସୁସ୍ଥ ମଧ୍ୟ ହୋଇଛନ୍ତି। ବର୍ତ୍ତମାନ ସୁଦ୍ଧା ଜିଲାରେ ୧୦୮୮ ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ସେଥିରୁ ୭୬୮ ଜଣ ସୁସ୍ଥ ହୋଇଛନ୍ତି। ଏଯାବତ୍ ୩୧୨ ଆକ୍ରାନ୍ତ ଚିକିତ୍ସିତ ହେଉଥିବାବେଳେ ୮ ଜଣଙ୍କର ମୃତ୍ୟୁ ହୋଇଛି। ସଂକ୍ରମିତ କରୋନା ଯୋଦ୍ଧାଙ୍କ ମଧ୍ୟରୁ ବ୍ରହ୍ମପୁର ମହାନଗର ନିଗମ ଓ ବୁଗୁଡାରୁ ୩ ଜଣ ଲେଖାଏ, ଭଞ୍ଜନଗର, ଛତ୍ରପୁର ଓ ସାନଖେମୁଣ୍ଡିରୁ ୨ ଜଣ ଲେଖାଏ, ଚିକିଟି, ଧରାକୋଟ, କୁକୁଡାଖଣ୍ଡି , ପାତ୍ରପୁର, ପୋଲସରା ଓ ଶେରଗଡରୁ ଜଣେ ଲେଖାଏ, ସୁରଟ, ମୁମ୍ବାଇ, ବାଙ୍ଗାଲେର, ତାମିଲନାଡୁ, କର୍ଣାଟକ ଟ୍ରାଭେଲ ହିଷ୍ଟ୍ରିଥିବା ବୁଗୁଡା ଓ ଦିଗପହଣ୍ଡିରୁ ୨ ଜଣ ଲେଖାଏ, ରଙ୍ଗେଇଲୁଣ୍ଡାରୁ ୪ ଜଣ, ଶେରଗଡ ଓ ପୁରୁଷୋତ୍ତମପୁରରୁ ଜଣେ ଲେଖାଏ ରହିଛନ୍ତି। ସେହିପରି ପଜିଟିଭ୍‌ଙ୍କ ସଂସ୍ପର୍ଶରେ ଆସି ଆସିକାରୁ ୩, ବ୍ରହ୍ମପୁର ମହାନଗର ନିଗମରୁ ୫ ଜଣ, ଭଞ୍ଜନଗରରୁ ୪ ଜଣ, ବୁଗୁଡା, ହିଞ୍ଜିଳି, ପାତ୍ରପୁର, ପୁରୁଷେତ୍ତମପୁର ଓ ସୋରଡାରୁ ଜଣେ ଲେଖାଏ, ଚିକିଟି ଓ ରଙ୍ଗେଇଲୁଣ୍ଡାରୁ ୨ ଜଣ ଲେଖାଏ ଏବଂ କବିସୂର୍ଯ୍ୟନଗରରୁ ୮ ଜଣ ସଂକ୍ରମିତ ହୋଇଥିବା ଜଣାପଡିଛି।

# ବରଗାଁ ହାଇସ୍କୁଲ ପୁରସ୍କୃତ

**ଭଞ୍ଜନଗର,୨୫।୬(ଡି.ଏନ.ଏ)**

ଜଗନ୍ନାଥପ୍ରସାଦ ବ୍ଲକ ବରଗାଁ ଧରଣୀଧର ଉଚ୍ଚ ବିଦ୍ୟାଳୟ ଚାରାରୋପଣ ପାଇଁ ଭଞ୍ଜନଗର ଉପଖଣ୍ଡରେ ଶ୍ରେଷ୍ଠ ପୁରସ୍କାର ହାସଲ କରିଛି। ବିଶ୍ୱ ପରିବେଶ ଦିବସ ଅବସରରେ ଏହା ଘୋଷଣା ହୋଇଥିଲେ ମଧ୍ୟ ପୁରସ୍କାର ମିଳି ନଥିଲା। ଗୁରୁବାର ବନପାଳ ସୁରଭୀ ତ୍ରିପାଠୀ ବିଦ୍ୟାଳୟ କିରାଣି ବିଦେଶୀ ସାହୁଙ୍କୁ ମାନପତ୍ର ସହ ୧୦ ହଜାର ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ବିଦ୍ୟାଳୟର ଏହି ସଫଳତା ପାଇଁ ପ୍ରଧାନଶିକ୍ଷକ କେଦାରନାଥ ସାମଲ, ଏମ୍‌ପି ପ୍ରତିନିଧି ବିପ୍ର ବାରିକ, ବ୍ଲକ ଉପାଧ୍ୟକ୍ଷ ହିମାଂଶୁ ଶେଖର ବାରିକ, ସରପଞ୍ଚ ଉମାଶଙ୍କର ବାରିକ, ଦୟାନିଧି ଗୌଡ଼ ପ୍ରମୁଖ ଖୁସିବ୍ୟକ୍ତ କରିଛନ୍ତି ।



ପ୍ରମାଣପତ୍ର ପ୍ରଦାନ କରାଯାଉଛି ।

# ବ୍ରହ୍ମପୁରରେ ମିଶନ ଜିରୋ କୋଭିଡ୍-୧୯ ଅଭିଯାନ ଆରମ୍ଭ

**ବ୍ରହ୍ମପୁର ଅଫିସ,୨୫।୬**

**କୋଭିଡ୍ ସହ ହେବ ଟିବି, ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ପରୀକ୍ଷା**

ଗଞ୍ଜାମ ଜିଲାରେ କୋଭିଡ-୧୯ ସ୍ଥିତି ଦିନକୁ ଦିନ ସଙ୍ଗିନ ହେବାରେ ଲାଗିଛି । ଦିନକୁ ଦିନ ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ଏହାକୁ ପ୍ରତିହତ କରିବା ନେଇ ବ୍ରହ୍ମପୁର ମହାନଗର ନିଗମ(ବିଏମସି) ଅଞ୍ଚଳରେ ଗୁରୁବାରଠାରୁ ଆରମ୍ଭ ହୋଇଛି ମିଶନ୍ ଜିରୋ କୋଭିଡ-୧୯ ଅଭିଯାନ । ଏହି ଅଭିଯାନରେ ସହରର ସମସ୍ତ ୪୦ ୱାର୍ଡର ସମସ୍ତ ଜନସାଧାରଣଙ୍କ କୋଭିଡ-୧୯ ସ୍କ୍ରିନିଂ ସମେତ ଅଣସଂକ୍ରମଣ ଓ ସଂକ୍ରମଣ ରୋଗ ଯଥା ଟିବି, ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ରୋଗ ସମ୍ପର୍କୀତ ସ୍କ୍ରିନିଂ କରାଯିବାକୁ ନିଷ୍ପତ୍ତି ନିଆଯାଇଛି । ଏଥିସହ ରକ୍ତଚାପ, ମଧୁମେହ ସମ୍ପର୍କୀତ ପରୀକ୍ଷା ମଧ୍ୟ କରାଯାଇଥିବା ସୂଚନା ମିଳିଛି। କରୋନା ସଂକ୍ରମଣରେ ମୃତ୍ୟୁବରଣ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ଅନେକଙ୍କଠାରେ ସଂକ୍ରମଣ ତଥା ଅଣସଂକ୍ରମଣ ରୋଗ ଦେଖାଦେଇଥିବାରୁ ପ୍ରଶାସନ ପକ୍ଷରୁ ଏଭଳି ଅଭିଯାନ ଆରମ୍ଭ ହୋଇଥିବା କୁହାଯାଇଛି। ଏହି ଅଭିଯାନରେ ଆଶା, ଅଙ୍ଗନୱାଡି, ଏଏନଏମଙ୍କ ସମେତ ୪୦ ଆୟୁଷ ଡାକ୍ତରଙ୍କ ନିୟୋଜିତ କରାଯାଇଥିବା ବିଏମସି ପକ୍ଷରୁ ସୂଚନା ମିଳିଛି । ତେବେ ଅଭିଯାନର ପ୍ରଥମ ଦିନରେ ସମସ୍ତ ୪୦ ଟି ୱାର୍ଡରେ ସ୍କ୍ରିନିଂ ଆରମ୍ଭ ହୋଇଥିବା ବେଳେ ପ୍ରତି ପରିବାରଙ୍କୁ ଓଆରଏସ ବଣ୍ଟନ କରାଯାଇଛି । ଆସନ୍ତା ୫ ରୁ ୬ ଦିନ ମଧ୍ୟ ସହରର ସମସ୍ତ ପରିବାର ସଦସ୍ୟଙ୍କ କୋଭିଡ-୧୯ ସ୍କ୍ରିନିଂ ସହ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ, ଟିବି, ରକ୍ତଚାପ, ମଧୁମେହ ସମ୍ପର୍କୀତ ସ୍କ୍ରିନିଂ କରାଯିବାକୁ ଲକ୍ଷ୍ୟ ରଖାଯାଇଥିବା ବିଏମସି ପକ୍ଷରୁ ସୂଚାଯାଇଛି।

## ସ୍କ୍ରିନିଂ ଅନୁଧ୍ୟାନ କଲେ ରାଜ୍ୟ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଟିମ୍

**ଛତ୍ରପୁର,୨୫।୬(ଡି.ଏନ.ଏ)**



ଅନୁଧ୍ୟାନ କରୁଛନ୍ତି ଟିମ୍ ।

କୋଭିଡ୍-୧୯ ନେଇ ଗଠିତ ରାଜ୍ୟ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଟିମ୍ ଗୁରୁବାର ଗଞ୍ଜାମ ଜିଲା ଗସ୍ତରେ ଆସି ବିଭିନ୍ନ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ଅନୁଧ୍ୟାନ କରିଛନ୍ତି। ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ସ୍ୱତନ୍ତ୍ର ସଚିବ ଡା. ଅଜିତ କୁମାର ମହାନ୍ତିଙ୍କ ନେତୃତ୍ୱରେ ଉକ୍ତ ଟିମ୍‌ରେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ଡା. ବିଜୟ କୁମାର ପାଣିଗ୍ରାହୀ, ବିଭାଗୀୟ ଯୁଗ୍ମ ନିର୍ଦ୍ଦେଶକ ଡା. ଆରଗ୍ୟ ପ୍ରଧାନ ପ୍ରମୁଖ ଥିଲେ । ଟିମ୍ ସଦସ୍ୟ ଗୁରୁବାର ଛତ୍ରପୁର ବ୍ଲକ ଚମାଖଣ୍ଡି ଗାଁକୁ ଆସି ସେଠାରେ ଚାଲିଥିବା ତୃତୀୟ ପର୍ଯ୍ୟାୟ ସମୂହ ସ୍ୱାସ୍ଥ୍ୟସ୍କ୍ରିନିଂ କାର୍ଯ୍ୟକ୍ରମର ମନିଟରିଂ କରିଥିଲେ । ଏଥିସହ ଯକ୍ଷ୍ମା, ଡାଇରିଆ, ରକ୍ତଚାପ, ଡାଇବେଟିସ୍, ମ୍ୟାଲେରିଆ, ଡେଙ୍ଗୁ ନିୟନ୍ତ୍ରଣ ପାଇଁ ଚାଲିଥିବା କାର୍ଯ୍ୟକ୍ରମର ତଥ୍ୟ ସଂଗ୍ରହ କରିଥିଲେ। ଗଞ୍ଜାମ ଏଡିଏମଓ ଡା. ଜଗଦୀଶ ପଟ୍ଟନାୟକ, ଡିଏମଆରସିଏଚ୍ ଶକ୍ତି କୁମାର ଦିଗାଲ, ଜନସ୍ୱାସ୍ଥ୍ୟ ଅଧିକାରୀ ବରୁଣ କୁମାର ପାଣିଗ୍ରାହୀ, ଡା. ରାମାନୁଜ ପଟ୍ଟନାୟକ, ସୁପରଭାଇଜର ତନୁଜା ବେହେରା, ଏଏନଏମ ଲକ୍ଷ୍ମୀ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ରାଜ୍ୟ ସ୍ୱାସ୍ଥ୍ୟ ଟିମ୍‌କୁ ତଥ୍ୟ ପ୍ରଦାନ କରିଥିଲେ ।

# ସୁବର୍ଣ୍ଣପୁର : ସବୁ କରୋନା ରୋଗୀ ସୁସ୍ଥ

ସୋନପୁର,୨୫।୬(ନି.ପ୍ର.)

ସୁବର୍ଣ୍ଣପୁର ଜିଲାର ସମସ୍ତ ୩୫ କରୋନା ରୋଗୀ ସୁସ୍ଥ ହୋଇଛନ୍ତି। ସରକାରୀ ଆଇଟିଆଇସ୍ଥିତ ଜିଲା ଅସ୍ଥାୟୀ କୋଭିଡ୍ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ୪ ଆକ୍ରାନ୍ତଙ୍କୁ ଗୁରୁବାର ଡିସଚାର୍ଜ କରାଯାଇଛି। ଜିଲାର ସମସ୍ତ ୩୫ ସଂକ୍ରମିତ ସୁସ୍ଥ ହୋଇଥିବାରୁ କୋଭିଡ୍ ହସ୍ପିଟାଲର ୨୦୦ଶଯ୍ୟା ଏବେ ଖାଲି ପଡିଛି। ଗତ ୨୦ ତାରିଖରେ ବିନିକା ବ୍ଲକ ବାଙ୍କିଘିର୍ଡିର ମହିଳା ସ୍ୱାସ୍ଥ୍ୟକର୍ମୀ(ଏଏନଏମ), ୨ ଜଣ ଆଶାକର୍ମୀ ଓ ବିଲେଇବାହାଲି ଗ୍ରାମର ଜଣେ ୨୮ବର୍ଷୀୟ ପ୍ରବାସୀଙ୍କ ସ୍ୱାବ୍ ନମୁନା ରିପୋର୍ଟ ପଜିଟିଭ୍ ଆସିଥିଲା । ବାଙ୍କିଘିର୍ଡି ଅଞ୍ଚଳରେ ପୂର୍ବରୁ କୌଣସି କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିଲେ। ଗର୍ଭବତୀ ମହିଳାଙ୍କ ସହ ସମ୍ପୃକ୍ତ ସ୍ୱାସ୍ଥ୍ୟକର୍ମୀ ଓ ଅଶାକର୍ମୀ ମିଶୁଥିଲେ। ମାତ୍ର ଏଏନ୍ଏମ ଓ ଆଶାକର୍ମୀ ସଂକ୍ରମିତ ହେବା ଜଣାପଡିବା ପରେ ଅଞ୍ଚଳବାସୀ ଭୟଭୀତ ହୋଇ ପଡିଥିଲେ । ସେହିପରି ଗତ ୧୪ ତାରିଖରେ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିବା ୨ ଜଣ ଆକ୍ରାନ୍ତ ପୂର୍ବରୁ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହି ଜିଲାରେ ମେ ୨୬ ତାରିଖରେ ପ୍ରଥମ କରୋନା ସଂକ୍ରମିତ ଚିହ୍ନଟ ହୋଇଥିଲେ। ଡୁଙ୍ଗୁରିପାଲି ବ୍ଲକ ଗଜବନ୍ଧରେ ୨୬ବର୍ଷୀୟ ଯୁବକଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିଥିଲା। ଗୋଟିଏ ଦିନ ପରେ ୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହାର ଏକ ସପ୍ତାହ ପରେ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧି ପାଇ ୨୯ ଓ ପରେ ତାହା ୩୫ରେ ପହଞ୍ଚିଥିଲା। ଆକ୍ରାନ୍ତଙ୍କ ମଧ୍ୟରେ ପ୍ରବାସୀ ଶ୍ରମିକ, ଡାକ୍ତର, ମହିଳା ସ୍ୱାସ୍ଥ୍ୟକର୍ମୀ, ଅଙ୍ଗନୱାଡି କର୍ମୀ, ଆଶାକର୍ମୀ ଓ ସ୍ୱାସ୍ଥ୍ୟକେନ୍ଦ୍ରର କର୍ମଚାରୀ ବି ଥିଲେ। ଜିଲା ପ୍ରଶାସନ ପାଇଁ ଏହା ମୁଣ୍ଡ ବ୍ୟଥାର କାରଣ ପାଲଟିଥିଲା। ସମସ୍ତ ଆକ୍ରାନ୍ତ ଜିଲା କୋଭିଡ ହସ୍ପିଟାଲରେ ଚିକିତ୍ସିତ ହୋଇ ସୁସ୍ଥ ହେବା ଖୁସି ଖବର ବୋଲି ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଦିଲୀପ କୁମାର ପଣ୍ଡା କହିଛନ୍ତି।

# ଜିଲାପାଳଙ୍କ ଅଫିସ ଆଗରେ ଗର୍ଜିଲେ ଚାଷୀ

ବରଗଡ଼ ଅଫିସ୍,୨୫।୬



ଜିଲାପାଳଙ୍କ ଅଫିସ ଆଗରେ ଚାଷୀମାନେ ଧାରଣାରେ ବସିଛନ୍ତି ।

ରବିଋତୁ ସରି ଖରିଫ ଋତୁ ଆରମ୍ଭ ହେଲାଣି। ହେଲେ ବରଗଡ଼ ଜିଲାରେ ରବିଧାନ ବିକ୍ରି ହୋଇ ପାରିନାହିଁ। ଧାନ ସଂଗ୍ରହ ପ୍ରକ୍ରିୟାକୁ ଏକପ୍ରକାର ବନ୍ଦ କରି ଦିଆଯାଇଛି। ମଣ୍ଡିକୁ ଧାନ ବିକ୍ରି ପାଇଁ ଅଣାଗଲେ ତାକୁ ଆଉ ଗ୍ରହଣ କରାଯାଉନାହିଁ। ସେହିପରି ଜିଲାର ବିଭିନ୍ନ ମଣ୍ଡିରେ ବିକ୍ରି ହୋଇ ନ ପାରି ବହୁ ପରିମାଣରେ ଧାନ ପଡ଼ି ରହିଛି । ଧାନ ବିକ୍ରିବଟାରେ ଏଭଳି ଅବ୍ୟବସ୍ଥାକୁ ନେଇ ଚାଷୀ ଆନ୍ଦୋଳନ ତେଜିଛି। ଗୁରୁବାର ସକାଳୁ ଜିଲାର ଅତାବିରା ନିୟନ୍ତ୍ରିତ ବଜାର କମିଟି(ଆରଏମସି) ଅଧିନ ଭେଡ଼େନ ବ୍ଲକ ଅନ୍ତର୍ଗତ ରେଶମ, ପ୍ରଧାନପାଲି, ସାହ୍ଲେପାଲି ଅଞ୍ଚଳର ଶତାଧିକ ଚାଷୀ ଜିଲାପାଳ ଅଫିସକୁ ଆସି ଧାରଣାରେ ବସିଥିଲେ। ଅତିରିକ୍ତ ଜିଲାପାଳ ମର୍ଦ୍ଧା ଟପ୍ପୋ, ଜିଲା ଯୋଗାଣ ଅଧିକାରୀ ଦୁର୍ଗାଚରଣ ଭେସ୍ରା ସେଠାକୁ ଆସି ଚାଷୀଙ୍କ ସହ ଆଲୋଚନା କରିଥିଲେ। ମାତ୍ର ଆଲୋଚନା ଫଳପ୍ରଦ ହୋଇ ନଥିଲା ।ତେବେ ପରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନ ଆନ୍ଦୋଳନରତ ଚାଷୀଙ୍କ ସହିତ ଫୋନ୍‌ରେ ଆଲୋଚନା କରି ଆସନ୍ତା ୨୮ତାରିଖ ସୁଦ୍ଧା ସମସ୍ତ ଧାନ ଉଠାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଏହାପରେ ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଚାଷୀମାନେ ଧାରଣାରୁ ଓହରିଥିଲେ । ତେବେ ୨୮ତାରିଖ ସୁଦ୍ଧା ଧାନ ଉଠା ନଗଲେ ସେମାନେ ଧାନ ଧରି ଜିଲାପାଳଙ୍କ ଅଫିସ ନିକଟକୁ ଆସି ଗଦା କରିବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତ।

ସୂଚନା ଅନୁଯାୟୀ, ଗତ ମେ ୮ତାରିଖରୁ ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ତେବେ ବିଭିନ୍ନ ଅବ୍ୟବସ୍ଥା କାରଣରୁ ଆରମ୍ଭରୁ ଧାନ କିଣାବିକା ଅବ୍ୟବସ୍ଥିତ ହୋଇ ପଡ଼ିଥିଲା । କୃଷି ଶ୍ରମିକ ଅଭାବ ଯୋଗୁ ଧାନ ଅମଳ ବିଳମ୍ବିତ ହୋଇଥିବାବେଳେ ମଣ୍ଡିକୁ ମିଲର୍ସ ନ ଆସିବାରୁ ଦୀର୍ଘଦିନ ଧରି ଖୋଲା ଆକାଶତଳେ ପଡ଼ି ରହିଥିଲା। ସେହିପରି କାଳବୈଶାଖୀ, ବର୍ଷା ଯୋଗୁ ଧାନ ସଂଗ୍ରହ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଥିଲା। ତେବେ ଟୋକନ ସମସ୍ୟା ମଧ୍ୟ ଧାନ କିଣାବିକା ପ୍ରକ୍ରିୟାରେ ବାଧକ ସାଜିଥିଲା। ଏଭଳି ପରିସ୍ଥିତିରେ ଚାଷୀ ଧାନ ବିକ୍ରି କରି ପାରି ନଥିଲା। ଗତ ତିନିଦିନ ହେଲା, ଧାନ ସଂଗ୍ରହ ପ୍ରକ୍ରିୟାରେ ଅଙ୍କୁଶ ଲଗାଯାଇଛି। ଅନେକ ଚାଷୀଙ୍କ ଟୋକନ ଗାଏବ୍ ହୋଇଯାଇ ଥିବାବେଳେ ଧାନ କିଣାବିକା ବନ୍ଦ ପଡ଼ି ଯାଇଛି । ଏଭଳି ସ୍ଥିତିରେ ଚାଷୀ ଧାନ ବିକି ନପାରି ବହୁ ଅସୁବିଧାର ସମ୍ମୁଖୀନ ହୋଇଛି । ଖରିଫ ଚାଷ ଆରମ୍ଭ କରିବା ବଦଳର ମଣ୍ଡିରେ ବିକ୍ରି ହୋଇ ନଥିବା ଧାନକୁ ଜଗି ରହିଛି । ସେହିପରି ବାରମ୍ବାର ବର୍ଷା ଯୋଗୁ ବିକ୍ରି ହୋଇ ନଥିବା ଚାଷୀଙ୍କ ଧାନ ଭିଜି ନଷ୍ଟ ହେବାରେ ଲାଗିଛି। ଭେଡ଼େନ ବ୍ଲକ ଅନ୍ତର୍ଗତ ରେଶମ, ସାହ୍ଲେପାଲି, ପ୍ରଧାନପାଲି ସମେତ ଜିଲାର ବିଭିନ୍ନ ଅଞ୍ଚଳରେ ଏଭଳି ବହୁ ପରିମାଣରେ ଧାନ ବିକ୍ରିହୋଇ ନ ପାରି ପଡ଼ି ରହିଛି । ବାରମ୍ବାର ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରିବା ସତ୍ତ୍ୱେ କୌଣସି ସୁଫଳ ମିଳିପାରି ନାହିଁ। ଫଳରେ ଚାଷୀମାନେ ଜିଲାପାଳ ଅଫିସ ଆସି ଆନ୍ଦୋଳନକୁ ଓହ୍ଲାଇଛନ୍ତି ।

# ଗୋଟିଏ ନାମରେ ୨ ବ୍ୟକ୍ତିଙ୍କ ଯୋଗୁ ଠକେଇ

ଲୋଇସିଂହା, ୨୫।୬(ଡି.ଏନ.ଏ.)

- ୫ବର୍ଷ ପରେ ଅଭିଯୁକ୍ତ ଗିରଫ
- ଅନ୍ୟ ଆକାଉଣ୍ଟରୁ ଉଠାଇ ନେଇଥିଲେ ୧୪ଲକ୍ଷ ଟଙ୍କା

୨୦୧୩ ମସିହାରେ ବଲାଙ୍ଗୀର ଜିଲା ଲୋଇସିଂହା ଏସବିଆଇ ଶାଖାରୁ ୧୪ଲକ୍ଷ ଟଙ୍କା ଠକେଇ ହୋଇଥିଲା। ଅସଲି ଆକାଉଣ୍ଟଧାରୀଙ୍କ ଖାତାରୁ ସମାନ ନାମଧାରୀ ଅନ୍ୟ ଜଣେ ବ୍ୟକ୍ତି ଜାଲ କରି ଟଙ୍କା ଉଠାଇ ନେଇଥିଲେ। ଏନେଇ ବ୍ୟାଙ୍କ ମ୍ୟାନେଜର ୨୦୧୫ ମସିହାରେ ନକଲି ନାମଧାରୀଙ୍କ ବିରୋଧରେ ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗର ୫ବର୍ଷ ପରେ ଅଭିଯୁକ୍ତ ଆଗଲପୁର ବ୍ଲକ ପାଣ୍ଡେସରା ଗାଁର ହିମାଂଶୁ ଶେଖର ପଧାନଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ଲଳିତା ଲାକ୍ରା ସୂଚନା ଦେଇଛନ୍ତି।

ପୋଲିସ ସୂଚନାମତେ, ବଲାଙ୍ଗୀର ସହରରେ ଜଣେ ବ୍ୟକ୍ତିଙ୍କ ଘରେ ହିମାଂଶୁ ଶେଖର ପଧାନ ନାମକ ଦୁଇ ଜଣ ବ୍ୟକ୍ତି ଭଡାରେ ରହୁଥିଲେ । ଅସଲି ହିମାଂଶୁ ଶେଖର ପଧାନଙ୍କ (କନିଷ୍ଠ)ଙ୍କ ବଲାଙ୍ଗୀର ଏସ୍‌ବିଆଇ ଶାଖାରେ ଏକ ଆକାଉଣ୍ଟ ଥିଲା । ୨୦୧୩ ମସିହାରେ ପୋଷ୍ଟାଲରେ ଏକ ଚିଠି ଘର ମାଲିକଙ୍କ ମାର୍ଫତରେ ଅସଲି ହିମାଂଶୁ ଶେଖରଙ୍କ ପାଖକୁ ଆସିଥିଲା। ହେଲେ ସମାନ ନାମଧାରୀ ବ୍ୟକ୍ତି ରହୁଥିବାରୁ ଘର ମାଲିକ ନକଲି ହିମାଂଶୁ(ବରିଷ୍ଠ)ଙ୍କୁ ସେହି ଚିଠି ପ୍ରଦାନ କରିଥିଲେ। ଉକ୍ତ ଚିଠିରୁ ଅସଲି ହିମାଂଶୁଙ୍କ ଆକଉଣ୍ଟରେ ଜମା ଥିବା ୧୪ ଲକ୍ଷ ଟଙ୍କାର କାଗଜାତ ନକଲି ହିମାଂଶୁ ପାଇ ଯାଇଥିଲେ। ଏ ସମ୍ପର୍କରେ ସେ କନିଷ୍ଠ ହିମାଂଶୁଙ୍କୁ ନ ଜଣାଇ କିପରି ସମସ୍ତ ଟଙ୍କା ଉଠାଇ ନେଇ ହେବ ତା'ର ଯୋଜନା ପ୍ରସ୍ତୁତ କରିଥିଲେ । ପ୍ରଥମେ ବଲାଙ୍ଗୀର ଏସ୍‌ବିଆଇ ଶାଖାକୁ ଯାଇ ବ୍ୟାଙ୍କସେବାର ସନ୍ତୁଷ୍ଟ ନ ଥିବା କହି ଲୋଇସିଂହା ଏସ୍‌ବିଆଇକୁ ପ୍ରକୃତ ହିମାଂଶୁଙ୍କ ଆକାଉଣ୍ଟ ଟ୍ରାନ୍ସଫର ପାଇଁ ଜଣାଇଥିଲେ। ବ୍ୟାଙ୍କ କର୍ତ୍ତୃପକ୍ଷ ସଙ୍ଗେସଙ୍ଗେ ଏହି ଆକାଉଣ୍ଟକୁ ଲୋଇସିଂହା ଶାଖାକୁ ସ୍ଥାନାନ୍ତରିତ କରିଥିଲେ । ୧ ଜୁଲାଇ ୨୦୧୩ରେ ନକଲି ହିମାଂଶୁ ଲୋଇସିଂହା ଏସ୍‌ବିଆଇ ଶାଖାରେ ଆକାଉଣ୍ଟ ଓପନ କରିଥିଲେ। ମୋଟ ୧୪ଲକ୍ଷ ଟଙ୍କାରୁ ସାଢେ ୧୦ଲକ୍ଷ ଫିକ୍ସ ଡିପୋଜିଟ କରିଥିଲେ । ବାକି ସାଢେ ୩ ଲକ୍ଷ ଟଙ୍କା ଉଠାଣ କରିଦେଇଥିଲେ । ୯ ଜୁଲାଇ ୨୦୧୩ରେ ୧୦ଲକ୍ଷ ଟଙ୍କାର ଋଣ କରିଥିଲେ ନକଲି ହିମାଂଶୁ। ପରବର୍ତ୍ତୀ ସମୟରେ ଅସଲି ଆକାଉଣ୍ଟଧାରୀ ତାଙ୍କ ଆକାଉଣ୍ଟରେ ଟଙ୍କା ନ ଥିବା ଜାଣି ବ୍ୟାଙ୍କ କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ । ଏହାପରେ ଲୋଇସିଂହା ଏସ୍‌ବିଆଇରେ ଠକେଇ ହୋଇଥିବା ଜଣାପଡିଥିଲା । ଅସଲି ଆକାଉଣ୍ଟକୁ ଫିକ୍ସ ଡିପୋଜିଟ ଟଙ୍କା ବ୍ୟାଙ୍କ କର୍ତ୍ତୃପକ୍ଷ ଫେରାଇ ୧୬ ଅଗଷ୍ଟ ୨୦୧୩ରେ ନକଲିଙ୍କ ଆକଉଣ୍ଟକୁ ବନ୍ଦ କରିଦେଇଥିଲେ। ଅଭିଯୁକ୍ତ ହିମାଂଶୁ ଉଠାଇଥିବା ସାଢେ ୩ଲକ୍ଷରୁ ୨ ଲକ୍ଷ ଟଙ୍କା ଫେରାଇଥିଲେ। ବାକି ଟଙ୍କା ନ ଫେରାଇବାରୁ ଗତ ୬ ଜୁଲାଇ ୨୦୧୫ରେ ଲୋଇସିଂହା ଶାଖା ମ୍ୟାନେଜର ଗଜେନ୍ଦ୍ର ସେଠୀ ଜାଲ କରି ଟଙ୍କା ଉଠାଇଥିବା ହିମାଂଶୁଙ୍କ ବିରୋଧରେ ଲୋଇସିଂହା ଥାନାରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ଏକ ମାମଲା(ନଂ.୧୨୦/୨୦୧୫) ରୁଜୁ କରି ତଦନ୍ତ କରୁଥିଲା । ଲୋଇସିଂହା ପୋଲିସ ପକ୍ଷରୁ ଅଭିଯୁକ୍ତକୁ ଧରିବା ପାଇଁ ପ୍ରୟାସ କରାଯାଇଥିଲା ବୋଲି ଆଇଆଇସି ଲାକ୍ରା ପ୍ରକାଶ କରିଛନ୍ତି।

# ଅନାଥା ଆଶ୍ରମରେ ନାବାଳିକାଙ୍କ ଆତ୍ମହତ୍ୟା

କେଗାଁ/ଗୋଲାମୁଣ୍ଡା,(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ଥାନା ପଣ୍ଡକୁଲ ଅନାଥ ଆଶ୍ରମରେ ଜଣେ ନାବାଳିକା ବେକରେ ଓଢଣୀ ବାନ୍ଧି ଗୁରୁବାର ଆତ୍ମହତ୍ୟା କରିଛନ୍ତି। ପୋଲିସ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି । ଏ ନେଇ ପଣ୍ଡକୁଲ ଡ. ବି.ଆର.ଆମ୍ବେଡ଼କର ସେବା ଅନାଥ ଆଶ୍ରମ ପକ୍ଷରୁ ପୋଲିସକୁ ଲିଖିତ ଭାବେ ଅବଗତ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଥନଟ ଗ୍ରାମର ଭୂମି ତାଣ୍ଡି(୧୩ ) ଗୁରୁବାର ଅପରାହ୍ନରେ ଅନାଥ ଆଶ୍ରମର ନିଜ କୋଠରୀରେ ବସି ପାଠ ପଢୁଥିଲେ। ଏହାର କିଛି ସମୟ ପରେ ବାଥରୁମକୁ ଯାଇଥିଲେ । ହେଲେ ବାଥରୁମ୍‌ରୁ ସେ ଆଉ ଫେରି ନ ଥିଲେ। ଅନ୍ୟ ଦୁଇ ଝିଅ ବାଥରୁମକୁ ଯାଇ କବାଟ ବାଡେଇଥିଲେ ମଧ ସେ ଖୋଲି ନ ଥିଲେ । ଏହାପରେ ସେମାନେ ଆଶ୍ରମର ରୋଷେୟାଙ୍କୁ ଡାକିଥିଲେ । ରୋଷେୟା କବାଟ ଭାଙ୍ଗି ଯାହା ଦେଖିଥିଲେ ନିଜକୁ ବିଶ୍ୱାସ କରି ପାରି ନ ଥିଲେ । ଭୂମି ବାଥ୍‌ରୁମ୍ ଭିତରେ ଗଳାରେ ଓଢଣି ବାନ୍ଧି ଝୁଲୁଥିଲେ। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ୨୦୧୬ ଏପ୍ରିଲ ୨୩ ରୁ ଭୂମି ଏହି ଅନାଥ ଆଶ୍ରମରେ ରହି ଆସୁଥିଲେ । ସେ ଷଷ୍ଠ ଶ୍ରେଣୀର ଛାତ୍ରୀ ଥିଲେ । ଅପରପକ୍ଷେ ଭୂମିଙ୍କ ସମ୍ପର୍କୀୟମାନେ ଏହା ଏକ ହତ୍ୟା ଘଟଣା ବୋଲି ଅଭିଯୋଗ କରିଛନ୍ତି। ଏନେଇ ଦଶପୁର ଫାଣ୍ଡି ଅଧିକାରୀଙ୍କୁ ପଚାରିବାରୁ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ କାରଣ ଜଣାପଡିବ ବୋଲି କହିଛନ୍ତି ।

# ମଠରୁ ଚୋରି ଘଟଣା: ୨ ଗିରଫ

ବିନିକା,୨୫।୬(ଡି.ଏନ୍.ଏ)

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ସାହାଜବାହାଳ ଗୋପାଳଜୀ ମଠରୁ ଚୋରି ଘଟଣାରେ ପୋଲିସ ଗୁରୁବାର ୨ ଜଣଙ୍କୁ ଗିରଫ କରିଛି । ସେମାନେ ହେଲେ ଫୁଲମୁଠୀର ଗୋକୁଳାନନ୍ଦ ହୋତା ଓ ଘଣ୍ଟୋପାଲିର ବନମାଳୀ ନିଆଲ। ଏଥିସହ ଚୋରି ହୋଇଥିବା ରେଫ୍ରିଜେଟର ଓ ଅନ୍ୟାନ୍ୟ ସାମଗ୍ରୀ ଜବତ ହୋଇଛି । ଗତ ୬ ତାରିଖ ଦିନ ମଠରୁ ଚୋରି ହୋଇଥିଲା । ମଠ ସମ୍ପତ୍ତିକୁ ନେଇ ହୋଇଥିବା ବିବାଦରୁ ମଠ ମହନ୍ତ ତନ୍ମୟାନନ୍ଦ ଦାଶଙ୍କୁ ଅପହରଣ କରାଯାଇଥିଲା । ଏହି ଘଟଣାରେ ପୋଲିସ ପୂର୍ବରୁ ୬ ଜଣଙ୍କୁ ଗିରଫ କରି ଜେଲ୍ ହାଜତକୁ ପଠାଇ ସାରିଛି ।

# ପୁଣି ଜଣେ କରୋନା ପଜିଟିଭ ଚିହ୍ନଟ

ଦେବଗଡ଼,୨୫।୬,(ଡି.ଏନ.ଏ.)

ଦେବଗଡ଼ ଜିଲାରେ ଗୁରୁବାର ଜଣେ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୪୨ରେ ପହଞ୍ଚିଛି । ସେମାନଙ୍କ ମଧ୍ୟରୁ ୪୦ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଅବଶିଷ୍ଟ ୨ଜଣ ଚିକିତ୍ସାଧୀନ ଅଛନ୍ତି । ଗୁରୁବାର ଚିହ୍ନଟ କରୋନା ଆକ୍ରାନ୍ତ ସରକାରୀ କ୍ୱାରାଣ୍ଟାଇନ ସେଣ୍ଟରରେ ଥିଲେ । ସେ ତାମିଲନାଡୁ ଫେରନ୍ତା ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ମିଳିଛି । ପଜିଟିଭ ରିପୋର୍ଟ ଆସିବା ପରେ ତାଙ୍କୁ କୋଭିଡ୍ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି ।

# ବଢ଼ିଲା କରୋନା ଭୟ, ଗୋଟିଏ ଦିନରେ ୧୧ ସଂକ୍ରମଣ

ବଲାଙ୍ଗୀର ଅଫିସ, ୨୫।୬

- ବଲାଙ୍ଗୀର ସହରରେ ଦୁଇ ଲୋକାଲ କଣ୍ଟାକ୍ଟ ସଂକ୍ରମିତ ଚିହ୍ନଟ
- ସଂକ୍ରମିତଙ୍କ ମଧରେ ୨ଜଣ ଶିଶୁ
- ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୬୫କୁ ବୃଦ୍ଧି, ୧୪୩ ସୁସ୍ଥ

ବଲାଙ୍ଗୀର ଜିଲାରେ କରୋନା ସଂକ୍ରମଣ ହାର ଅପେକ୍ଷା ସୁସ୍ଥତା ହାରରେ ବୃଦ୍ଧି ପାଇଥିଲା । ଫଳରେ ଜିଲାରେ କରୋନା ସଂକ୍ରମଣକୁ ନେଇ ଲୋକେ ଆଶ୍ୱସ୍ତି ପାଇଥିଲେ। ତେବେ ଜିଲାରେ ୧୧ ସଂକ୍ରମିତ ଚିହ୍ନଟ ପରେ ପୁଣି ଥରେ ଜିଲାରେ କରୋନା ସଂକ୍ରମଣ ଭୟ ବୃଦ୍ଧି ପାଇଛି। ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ଦିଆଯାଇଥିବା ସୂଚନାରେ ୧୧ ନୂଆ ସଂକ୍ରମିତଙ୍କ ଭିତରେ ବଲାଙ୍ଗୀର ସହର ହାତୀଶାଳପଡାର ଦୁଇଜଣ ଲୋକାଲ କଣ୍ଟାକ୍ଟ ବୋଲି ଉଲ୍ଲେଖ କରାଯିବା ପରେ ସହରରେ ଭୟର ବାତାବରଣ ଦେଖାଯାଇଛି । ଏହା ସହିତ ପାଟଣାଗଡ ବ୍ଲକ ଗେର୍ଡାର ଜଣେ ଓ ସଦର ବ୍ଲକ ବିଜୁଳିମୁଣ୍ଡା ଗ୍ରାମର ଜଣେ ଦୁଇବର୍ଷର ଶିଶୁକନ୍ୟା କରୋନା ରୋଗୀ ବୋଲି ଜଣାପଡିଛି।

୧୧ ସଂକ୍ରମିତଙ୍କ ବଧରେ ବଲାଙ୍ଗୀର ସହର ହାତୀଶାଳପଡାର ଜଣେ ୩୦ ବର୍ଷର ମହିଳା ଓ ଜଣେ ୫୫ବର୍ଷର ପୁରୁଷ ରହିଛନ୍ତି। ଏହି ଦୁଇଜଣ ଲୋକାଲ କଣ୍ଟାକ୍ଟ ବୋଲି ଜଣାପଡିଛି । ସେମାନେ ହୋମ୍ କ୍ୱାରାଣ୍ଟାଇନରେ ରହିଥିଲେ। ସିଡିଏମ୍‌ଓ ଡା ଭୀମ ସାହୁଙ୍କଠାରୁ ମିଳିଥିବା ସୂଚନା ମୁତାବକ ଉଭୟ ସଂକ୍ରମିତଙ୍କ ସଂସ୍ପର୍ଶରେ ଆସିଥିବା ୭୫ କଣ୍ଟାକ୍ଟ ଟ୍ରେସିଂ କରାଯାଇଛି। ସେମାନଙ୍କଠାରୁ ସ୍ୱାବ୍ ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି। ଟିଟିଲାଗଡ ରେଲୱେ କଲୋନୀର ଜଣେ କୋଭିଡ ଯୋଦ୍ଧା ମଧ ସଂକ୍ରମିତ ହୋଇଛନ୍ତି। ଏହି କୋଭିଡ ଯୋଦ୍ଧା ଶ୍ରମିକ ସ୍ପେଶାଲ ଟ୍ରେନ୍‌ରେ ପ୍ରବାସୀମାନଙ୍କ ସହାୟତାରେ ନିୟୋଜିତ ଥିବା ଜଣାପଡିଛି । ବଲାଙ୍ଗୀର ସଦର ବ୍ଲକ ସିନ୍ଧେକଲାର ଦୁଇ ଯୁବକ, ବିଜୁଳିମୁଣ୍ଡାର ଜଣେ ଓ ଜଣେ ୨ବର୍ଷର ଶିଶୁ କରୋନା ସଂକ୍ରମିତ ହୋଇଛନ୍ତି । ତାମିଲନାଡୁ, ଆନ୍ଧ୍ରପ୍ରଦେଶରୁ ଫେରିଥିବା ଏହି ସଂକ୍ରମିତମାନେ ସରକାରୀ କ୍ୱାରାଣ୍ଟାଇନ୍‌ରେ ରହିବା ପରେ ହୋମ୍ କ୍ୱାରାଣ୍ଟାଇନ୍‌ରେ ଥିଲେ ବୋଲି ସୂଚନା ଦିଆଯାଇଛି । ଏହି ସଂକ୍ରମିତ ଆନୁଷ୍ଠାନିକ କ୍ୱାରାଣ୍ଟାଇନ୍ ସମ୍ପୂର୍ଣ୍ଣ ନ କରି ଗୋଟିଏ ଦିନ ଆଗରୁ ଘରକୁ ଫେରିଥିବା ନେଇ ଗାଁରେ ଗୁରୁବାର ଚର୍ଚ୍ଚାର ବିଷୟ ହୋଇଥିଲା । ସେଥିରୁ ଜଣେ ଯୁବକ ବୁଧବାର ଏକ ବିବାହ ଉତ୍ସବରେ ଯୋଗଦେଇଥିବା ଜଣାପଡିବା ପରେ ଗାଁରେ ଆଲୋଡନ ସୃଷ୍ଟି ହୋଇଥିଲା। ଏନେଇ ଉପଜିଲାପାଳ ସଞ୍ଜୟ କୁମାର ମିଶ୍ରଙ୍କୁ ପଚରାଯିବାରୁ ସେମାନେ ସମସ୍ତେ ସରକାରୀ କ୍ୱାରାଣ୍ଟାଇନ୍ ଅବଧି ସାରି ଘରକୁ ଫେରିଥିବା ତାଙ୍କ ପାଖରେ ସୂଚନା ରହିଛି। ତେବେ ଯଦି ଏଥିରେ କିଛି ବ୍ୟତିକ୍ରମ ହୋଇଥିବ ତେବେ ସେ ତଦନ୍ତ କରିବେ ବୋଲି କହିଛନ୍ତି। ପାଟଣାଗଡ ଡ଼ୋଲମହୁଲ, ଗଞ୍ଜାଉଡାରର ଦୁଇଜଣ ଯୁବକ ଓ ଗେର୍ଡାର ଜଣେ ଦୁଇ ବର୍ଷର ଶିଶୁ ସଂକ୍ରମିତ ହୋଇଥିବା ଜଣାପଡିଛି। ଲୋଇସିଂହା ବ୍ଲକ ବାଞ୍ଜିପାଲିର ଜଣେ ଯୁବକଙ୍କ ଶରୀରରେ କରୋନା ପଜିଟିଭ ଚିହ୍ନଟ ହୋଇଛି। ଏବେ ଜିଲାରେ ସଂକ୍ରମିତଙ୍କ ସଂଖ୍ୟା ୧୬୫କୁ ବୃଦ୍ଧି ପାଇଛି। ସେଥିରୁ ୧୧ ଜଣ ସକ୍ରିୟ ରହିଥିବାବେଳେ ଅନ୍ୟ ୧୪୩ ଜଣ ସୁସ୍ଥ ହୋଇଛନ୍ତି। ସମସ୍ତ ସଂକ୍ରମିତଙ୍କ କଣ୍ଟାକ୍ଟ ଟ୍ରେସିଂ ଜାରି ରହିଛି ବୋଲି ସିଡିଏମ୍‌ଓ ଡା ସାହୁ କହିଛନ୍ତି ।

# ପାଣିରେ ବୁଡ଼ି ଛାତ୍ର ମୃତ

ବିଜେପୁର,୨୫।୬(ଡି.ଏନ.ଏ)

ବରଗଡ଼ ଜିଲା ବିଜେପୁର ଏନଏସି ଅଧିନ ନୂଆପଡ଼ାରେ ରହୁଥିବା ଜଣେ ସପ୍ତମ ଶ୍ରେଣୀର ଛାତ୍ର ଦାମୋଦର କଟାରେ ଗୁରୁବାର ଗାଧୋଉ ଥିବାବେଳେ ପାଣିରେ ବୁଡ଼ି ଯିବାରେ ତାଙ୍କର ମୃତ୍ୟୁ ଘଟିଛି । ମୃତକ ହେଲେ ସତ୍ୟମ ମହାପାତ୍ର(୧୨) । ସବୁଦିନ ଭଳି ବଟକୃଷ୍ଣ ମହାପାତ୍ରଙ୍କ ପୁଅ ସତ୍ୟମ ମଧ୍ୟାହ୍ନରେ ଦାମୋଦର କଟାକୁ ଗାଧୋଇବାକୁ ଯାଇଥିଲେ। ଗୋଡ଼ ଖସି ଯିବାରୁ ପାଣିରେ ବୁଡ଼ି ଯାଇଥିଲେ। ପୋଖରୀ ହିଡ଼ରେ ଛେଳି ଚରାଉଥିବା ଜଣେ ବ୍ୟକ୍ତି ଏହି ଦେଖି ପାଟି କରିଥିଲେ । ଏହାଶୁଣି ପାଖରେ ଥିବା ଲୋକେ ତାଙ୍କୁ ପାଣିରୁ ଉଦ୍ଧାର କରିଥିଲେ । ପରିବାର ଲୋକେ ସେଠାରେ ପହଞ୍ଚି ସତ୍ୟମଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବରଗଡ଼ ପଠାଇଛି। ଏ ନେଇ ବିଜେପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଠିକା କାମକୁ ନେଇ ସମିତି ସଭ୍ୟାଙ୍କୁ ଠିକାଦାରଙ୍କ ମାରପିଟ

ବାଲିଶଙ୍କରା,୨୫।୬(ଡି.ଏନ.ଏ.)

**ଜାତିଆଣ ଆକ୍ଷେପ କଲେ, କୋଳ ଛୁଆକୁ ଫୋପାଡ଼ି ଦେଲେ**

ତଲସରା ଥାନା କୁରାଇ ପଞ୍ଚାୟତର ଏକ ରାସ୍ତା କାମକୁ ନେଇ ପଞ୍ଚାୟତ ସମିତି ସଭ୍ୟା ଖଗେଶ୍ୱରୀ ମାଝି ଓ ତାଙ୍କ ସ୍ୱାମୀଙ୍କୁ ଠିକାଦାର ମାଡ ମାରିବା ସହ ଜାତିଆଣ ଆକ୍ଷେପ କରିଥିବା ତଲସରା ଥାନାରେ ଅଭିଯୋଗ ହୋଇଛି । ଠିକାଦାର ପକ୍ଷରୁ ମଧ ଥାନାରେ ଏତଲା ଦିଆଯାଇଛି । ପୋଲିସ ଉଭୟ ପକ୍ଷ ଏତଲାକୁ ଗ୍ରହଣ କରି ତଦନ୍ତ ଆରମ୍ଭ କରିଛି । ସମିତି ସଭ୍ୟାଙ୍କ ଅଭିଯୋଗ ଅନୁସାରେ, ପଞ୍ଚାୟତ ସମିତି ବୈଠକରେ ତାଙ୍କୁ ପଞ୍ଚାୟତରେ କୌଣସି ଉନ୍ନୟନ କାର୍ଯ୍ୟ କରିବାକୁ ପ୍ରସ୍ତାବ ମଗାଯାଇଥିଲା । ସେ କୌଣସି ପ୍ରକଳ୍ପର ପ୍ରସ୍ତାବ ଦେବା ପୂର୍ବରୁ ଠିକାଦାର ଇନ୍ଦ୍ରମଣି ଖୁଣ୍ଟିଆ ଓ ବ୍ରହ୍ମାନନ୍ଦ ସିଂହ କୁରାଇରୁ ଲମତି ରାସ୍ତାରେ ଏକ ପୋଲ ନିର୍ମାଣ ଆରମ୍ଭ କରି ଦେଇଥିଲେ। ବୁଧବାର ସୂଚନା ପାଇଁ ସମିତି ସଭ୍ୟା ମାଝି ଓ ତାଙ୍କ ସ୍ୱାମୀ ଅଶ୍ୱିନୀ ମାଝି କାର୍ଯ୍ୟସ୍ଥଳକୁ ଯାଇ କାମ ବନ୍ଦ କରିବାକୁ କହିଥିଲେ । ଯନ୍ତ୍ରୀଙ୍କ ବିନା ଲେଆଉଟ ଓ କାର୍ଯ୍ୟାଦେଶରେ କାମ କରିବା ସରକାରୀ ନିୟମ ବିରୋଧ ବୋଲି କହିବାରୁ ଖୁଣ୍ଟିଆ ଓ ସିଂହ ତାଙ୍କୁ ଓ ସ୍ୱାମୀଙ୍କୁ ମାଡ ମାରିଥିଲେ । ଏପରି କି ଇନ୍ଦ୍ରମଣି ଏକ ଟାଙ୍ଗିଆ ଧରି ମାରିବାକୁ ଗୋଡାଇବା ସହ ଜାତିଆଣ ଆକ୍ଷେପ କରିଥିଲେ । ଏ ସମ୍ପର୍କରେ ମାଝି ସ୍ୱାମୀଙ୍କ ସହ ଦେଢ଼ ବର୍ଷର ପୁଅକୁ ଧରି ଥାନାକୁ ଏତଲା ଦେବାକୁ ଯାଇଥିଲେ । କିନ୍ତୁ ଥାନା ସମ୍ମୁଖରେ ମଧ ଇନ୍ଦ୍ରମଣିଙ୍କ ପୁଅ ଓ ୫ ଅଚିହ୍ନା ଯୁବକ ସେମାନଙ୍କୁ ଆକ୍ରମଣ କରିଥିଲେ । ଏପରି କି ଦେଢ଼ବର୍ଷର ପୁଅକୁ ଟାଣି ନେଇ ଫିଙ୍ଗି ଦେଇଥିବା ମାଝି ଏତଲାରେ ଦର୍ଶାଇଛନ୍ତି। ଠିକାଦାର ସିଂହ ଓ ଖୁଣ୍ଟିଆଙ୍କ ପକ୍ଷରୁ ମଧ ମାଝିଙ୍କ ବିରୋଧରେ ଗାଳିଗୁଲଜ, ମାରପିଟ ଅଭିଯୋଗ କରାଯାଇଛି।

# ୬୬ ଟାୱାର ବ୍ୟାଟେରି ଜବତ

ବେଦବ୍ୟାସ,୨୫।୬(ଡି.ଏନ.ଏ.)



ଗିରଫ ୯ ଅଭିଯୁକ୍ତ, ଜବତ ଚୋରି ସାମଗ୍ରୀ ।

**ଚୋରି ର୍ୟାକେଟର ୯ ସଦସ୍ୟ ଗିରଫ**

ବ୍ରାହ୍ମଣୀତରଙ୍ଗ ଥାନା ପୋଲିସ ଏକ ଟାୱାର ବ୍ୟାଟେରି ଚୋରି ର୍ୟାକେଟର ୯ ସଦସ୍ୟଙ୍କୁ ଗିରଫ କରିଛି। ସେମାନେ ହେଲେ ଛେଣ୍ଡର ଦୀପକଲାଲ ବର୍ମାନ (୨୧), ନାହୁ ଓରାମ (୨୫), ସନ୍ତୋଷ ଟପ୍ପୋ (୨୦), ଅକ୍ଷୟ କିଷାନ (୧୯), ଅବିନାଶ ଭୂୟାଁ (୨୦) ରାଉରକେଲାର ସୋନୁ ଭାରସାଗର (୪୦) ଓ ସେକ୍ଟର ୬ର ବିଜୟ କୁମାର ଭଗତ । ଅଭିଯୁକ୍ତଙ୍କ ବୟାନ ଅନୁଯାୟୀ ଧୀରଜ ସାଓ ଓ ପିଣ୍ଟୁ ରାମଙ୍କୁ ଗିରଫ କରାଯାଇଛି। ସେମାନଙ୍କଠାରୁ ପୋଲିସ ବିଭିନ୍ନ କମ୍ପାନୀର ମୋବାଇଲ ଟାୱାରରେ ବ୍ୟବହୃତ ଲକ୍ଷାଧିକ ଟଙ୍କାର ୬୬ଟି ବ୍ୟାଟେରି ଜବତ କରିଛି । ଏଥିସହିତ ଅଭିଯୁକ୍ତମାନଙ୍କଠାରୁ ଗୋଟିଏ ଟାଟା ମ୍ୟାଜିକ ଗାଡ଼ି (ଓଡି ୧୪ କ୍ୟୁ-୩୭୯୭) ଗୋଟିଏ ଅଟୋରିକ୍ସା(ଓଡି ୧୪ ଏମ- ୮୬୩୪) ଓ ୩ଟି ଲୁହା ରଡ୍ ଜବତ କରାଯାଇଛି । ଅଭିଯୁକ୍ତମାନଙ୍କ ବିରୋଧରେ ରାଉରକେଲା ଓ ସୁନ୍ଦରଗଡ଼ର ବିଭିନ୍ନ ଥାନାରେ ଏକାଧିକ ଚୋରି ମାମଲା ରହିଛି । ସମସ୍ତଙ୍କୁ ଗୁରୁବାର କୋର୍ଟ ଚାଲାଣ କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

ଗୁରୁବାର ବ୍ରାହ୍ମଣୀତରଙ୍ଗ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପାନପୋଷ ଉପଖଣ୍ଡୀୟ ଆରକ୍ଷୀ ଅଧୀକ୍ଷକ ଅସିମ ପଣ୍ଡା ଏନେଇ ସୂଚନା ଦେଇଛନ୍ତି । ଗତ ୨୩ ତାରିଖରେ ମୁଖ୍ୟ ଅଭିଯୁକ୍ତ ବିଜୟ କୁମାର ଭଗତ ଓ ଅନ୍ୟ ୬ ଅଭିଯୁକ୍ତ ମିଶି ବିରକେଲାର ବିଭିନ୍ନ ମୋବାଇଲ କମ୍ପାନୀର ଟାୱାରରୁ ବ୍ୟାଟେରି ଚୋରି କରୁଥିବା ପୋଲିସକୁ ବିଶେଷ ସୂତ୍ରରୁ ଖବର ମିଳିଥିଲା । ଏହାପରେ ବ୍ରାହ୍ମଣୀତରଙ୍ଗ ଥାନା ଭାରପ୍ରାପ୍ତ ଅଧିକାରୀ ସଂଗ୍ରାମ ବିଶ୍ୱାଳ, କଳୁଙ୍ଗା ଫାଣ୍ଡି ଅଧିକାରୀ ସୁବ୍ରତ କୁମାର ପଣ୍ଡା, ଏଏସ୍‌ଆଇ ନଟବର ବେହେରାଙ୍କ ସମେତ ସଦଳବଳ ଚଢ଼ାଉ କରି ଅଭିଯୁକ୍ତମାନଙ୍କୁ କାବୁ କରି ନେଇଥିଲେ । ସେମାନଙ୍କୁ ପଚରଉଚୁରା କଲାପରେ ମାଣ୍ଡିଆକୁଦର ଧୀରଜ ସାଓ ଓ ରାଉରକେଲା ମଧୁସୂଦନପାଲିର ପିଣ୍ଟୁ ରାମଙ୍କୁ ସେମାନେ ଚୋରି ବ୍ୟାଟେରି ବିକ୍ରି କରୁଥିଲେ ବୋଲି ସ୍ୱୀକାର କରିଥିଲେ । ଏହା ପରେ ପୋଲିସ ତନାଘନା ଆରମ୍ଭ କରି ଏହି ଚୋରି ର୍ୟାକେଟ୍‌ର ପର୍ଦ୍ଦାଫାଶ କରିଥିଲା ।

# ହାତୀଛୁଆ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ, ଶିକାରୀ ଗିରଫ

ରାଉରକେଲା ଅଫିସ,୨୫।୬



ଗିରଫ ଶିକାରୀ ଓ ଜବତ ଧନୁତୀର, ବନ୍ୟଜନ୍ତୁ ଫାସ ଓ ଅନ୍ୟାନ ସମାଗ୍ରୀ ।

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ସାନ ଡୋଲାକୁଦର ହାତୀଛୁଆ ମୃତ୍ୟୁ ଘଟଣାର ପର୍ଦ୍ଦାଫାଶ କରିଛି ରାଉରକେଲା ବନ ବିଭାଗ। ଏନେଇ ଗୁରୁବାର ଜଣେ ଶିକାରୀଙ୍କୁ ଗିରଫ କରାଯାଇଛି। ତାଙ୍କ ନାଁ ରୁପୁ ବାର୍ଲା(୩୭)। ସେ ପିତାମହଲ ଗ୍ରାମ ବାସିନ୍ଦା । ରୁପୁଙ୍କ ପାଖରୁ ବିଭିନ୍ନ ଶିକାର ଉପକରଣ ଜବତ କରାଯାଇଛି। ଗତ ୧୨ତାରିଖରେ ଡଲାକୁଦର ଅଞ୍ଚଳରୁ ଏକ ୪ ମାସର ମୃତ ହାତୀଛୁଆକୁ ଉଦ୍ଧାର କରାଯାଇଥିଲା। ଏନେଇ ବନ ବିଭାଗ ପକ୍ଷରୁ ୪ଟି ଟିମ୍ ଗଠନ କରାଯାଇ ତଦନ୍ତ ଆରମ୍ଭ କରାଯାଇଥିଲା। ପରେ ଜଣାପଡିଥିଲା ଯେ ହାତୀଛୁଆକୁ ଫାସ ପକାଇ ହତ୍ୟା କରାଯାଇଛି। ଶେଷରେ ବନ ବିଭାଗ ହାତରେ ରୁପୁ ଧରା ପଡିଥିଲେ। ତାଙ୍କ ପାଖରୁ ବନ ବିଭାଗ ବନ୍ୟଜନ୍ତୁ ଫାସ, ୧୨ଟି ଧନୁତୀର, ଛୁରି, ହରିଣ ଶିଙ୍ଗ, ବାରାହା ଦାନ୍ତ ଆଦି ଜବତ କରିଛି । ରୁପୁଙ୍କ କହିବା ଅନୁସାରେ ସେ ବାରାହା ଶିକାର ପାଇଁ ଫାସ ବସାଇଥିବା ବେଳେ ଏଥିରେ ଦୁର୍ଭାଗ୍ୟବଶତଃ ହାତୀ ଛୁଆ ଫସିଯାଇଥିଲା । ଫଳରେ ତାର ମୃତ୍ୟୁ ଘଟିଥିଲା। ଏନେଇ ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଡିଏଫ୍‌ଓ ସଞ୍ଜୀବ ସ୍ୱାଇଁ ସୂଚନା ପ୍ରଦାନ କରିବା ସହ ରୁପୁଙ୍କୁ ବନ୍ୟଜନ୍ତୁ ଶିକାର ଅଭିଯୋଗରେ କୋର୍ଟ ଚାଲାଣ କରାଯାଇଛି ବୋଲି ସେ କହିଛନ୍ତି ।

## ସଂକ୍ଷେପରେ

### ପାନୀୟ ଜଳ ପ୍ରକଳ୍ପ ଅମୃତ ଧାରା ଉଦ୍‌ଘାଟିତ

**ଲୋଇସିଂହା, ୨୫।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ରେଳ ଷ୍ଟେଶନରେ ସ୍ଥାନୀୟ ମାରୱାଡି ଯୁବା ମଞ୍ଚ ପକ୍ଷରୁ ଏକ ପାନୀୟ ଜଳ ପ୍ରକଳ୍ପ 'ଅମୃତ ଧାରା' ନିର୍ମିତ ହୋଇଛି। ବୁଧବାର ଯୁବା ମଞ୍ଚ ଅଧକ୍ଷ ଡା.ସୁଦାମ ଅଗ୍ରୱାଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ସମାରୋହରେ ଉତ୍କଳ ପ୍ରାଦେଶିକ ମାରୱାଡି ସମ୍ମେଳନ ଅଧକ୍ଷ ଗୋବିନ୍ଦ ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପ୍ରକଳ୍ପକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଜୟଦୟାଲ ଅଗ୍ରୱାଲ, ଦିନେଶ ଅଗ୍ରୱାଲ, ଭବନ୍ତୀ ଅଗ୍ରୱାଲ, ଗୌରୀଶଙ୍କର ଅଗ୍ରୱାଲ, ବିଷ୍ଣୁପ୍ରସାଦ କେଡିଆ, ମହେନ୍ଦ୍ର ଅଗ୍ରୱାଲ, ଆଶିଷ ଚୌଧୁରୀ, ବୀରେନ ଅଗ୍ରୱାଲ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

### ରାସ୍ତାକଡ ମଦ ଦୋକାନ ଉଚ୍ଛେଦ ଦାବି

**ନୂଆପଡା ଅଫିସ,୨୫।୬:** ନୂଆପଡା ସହରରେ ରାସ୍ତାକଡରେ ଥିବା ଦେଶୀ ଓ ବିଦେଶୀ ମଦ ଦୋକାନ ଉଚ୍ଛେଦ ଦାବି କରିଛି ସାମାଜିକ ସଂଗଠନ ଗରିବ ସେନା। ଏ ନେଇ ସଂଗଠନ ପକ୍ଷରୁ ପ୍ରଶାସନ ନିକଟରେ ଦାବି କରାଯାଇଛି। ସହରର ତେଲିପଡା ନିକଟରେ ଦୀର୍ଘଦିନ ଧରି ଏକ ଦେଶୀ ମଦଭାଟି ରହିଛି । ଏହି ରାସ୍ତାଦେଇ ପ୍ରତ୍ୟହ ସ୍କୁଲ, କଲେଜ ପିଲାଙ୍କ ଯିବା ଆସିବା ସହ ଗହଳି ଲାଗି ରହିଥାଏ । ସେହିଭଳି ପତୋରା ରାସ୍ତାର ୱାର୍ଡ ନମ୍ବର ୩ରେ ଏକ ବିଦେଶୀ ଅନସପ ରହିଥିବାବେଳେ ବରଗଡ ରାସ୍ତାରେ ଜିଲା କୃଷି କାର୍ଯ୍ୟାଳୟକୁ ଲାଗି ରହିଛି ଅନ୍ୟ ଏକ ଦୋକାନ । ଦିନଯାକ ଏହି ଅଞ୍ଚଳରେ ମଦ୍ୟପଙ୍କ ପ୍ରାଦୁର୍ଭାବ ଲୋକଙ୍କୁ ଅତିଷ୍ଠ କଲାଣି । ଗରିବ ସେନା ତରଫରୁ ଜିଲାପାଳ ଏବଂ ଏସ୍‌ପିଙ୍କୁ ଲିଖିତ ଭାବେ ଦାବି ଜଣାଯାଇଛି । ଏହା ଉପରେ ପଦକ୍ଷେପ ନନେଲେ ଆଗାମୀ ଦିନରେ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

### ନିଖୋଜ ଯୁବକଙ୍କ ମୃତଦେହ ପୋଖରୀରୁ ଉଦ୍ଧାର

**ଲୋଇସିଂହା,୨୫।୬(ଡି.ଏନ.ଏ):** ବଲାଙ୍ଗୀର ସଦର ଥାନା ତଥା ଲୋଇସିଂହା ବ୍ଲକ ଉପରବାହାଲ ଗାଁର କଷ୍ଟ ନାଏକ(୪୦)ନାମକ ଜଣେ ବ୍ୟକ୍ତି ଗତ ୨୩ତାରିଖରୁ ନିଖୋଜ ଥିଲେ । ଗୁରୁବାର ତାଙ୍କ ମୃତଦେହ ଗାଁ ପୋଖରୀରେ ଭାସୁଥିବା ଲୋକେ ଦେଖିବାକୁ ପାଇଥିଲେ । ସ୍ଥାନୀୟ ପୋଲିସ ଓ ଅଗ୍ନିଶମ କର୍ମଚାରୀ ପାଣିରୁ ମୃତଦେହ ଉଦ୍ଧାର କରିଥିଲେ। ବଲାଙ୍ଗୀର ଭୀମ ଭୋଇ ମେଡିକାଲ କଲେଜରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ମାଗୁରବେଡା ଫାଣ୍ଡିରେ ଏକ ଅପମୃତ୍ୟୁ ମାମଲା(ନଂ.୧୩/୨୦) ରୁଜୁ ହୋଇଛି। ଉପରବାହାଲ ଗାଁର କଷ୍ଟ ବିବାହିତ ଓ ତାଙ୍କର ୨ଟି ପିଲା ଅଛନ୍ତି । ଗତ ୨୩ ତାରିଖରୁ ନିଖୋଜ ଥିବା କଷ୍ଟଙ୍କ ବହୁ ଖୋଜାଖୋଜି ପରେ କୌଣସି ପତ୍ତା ମିଳି ନ ଥିଲା। ବୁଧବାର କଷ୍ଟ ବ୍ୟବହାର କରୁଥିବା ଚପଲ ଗାଁ ପୋଖରୀ ହୁଡାରେ ପଡିଥିବା କେତେକ ଲୋକେ ଦେଖିଥିଲେ।

### ତୈଳଦର ବୃଦ୍ଧିକୁ ବିରୋଧ

**କୁଆଁରମୁଣ୍ଡା,୨୫।୬(ଡି.ଏନ.ଏ.):** ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧିକୁ ବିରୋଧ କରି ଗୁରୁବାର କୁଆଁରମୁଣ୍ଡା ବ୍ଲକ ସମ୍ମୁଖରେ ବୀରମିତ୍ରପୁର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ପେଟ୍ରୋଲ ଓ ଡିଜେଲ ଉପରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଉତ୍ପାଦ ଶୁଳ୍କ ଓ ଭାଟ୍ ହ୍ରାସ କରିବା ପାଇଁ ଦାବି କରାଯାଇଛି। ପୂର୍ବତନ ବିଧାୟକ ଜର୍ଜ ତିର୍କୀଙ୍କ ନେତୃତ୍ୱରେ ଧୀରେନ ସେନାପତି, ରୋହିତ ଯୋଶେଫ ତିର୍କୀ, ରାମାନନ୍ଦ ଶ୍ରୀଚନ୍ଦ, ସନ୍ତୋଷ ବିଶ୍ୱାଳ, କୈଳାସ ସାହୁ, ଜ୍ଞାନେନ୍ଦ୍ର ଦାସ, ଜୟଶଙ୍କର ନନ୍ଦ, ସଞ୍ଜୟ ଜୟଶ୍ୱାଲ ପ୍ରମୁଖ ଦଳର ନେତା ଓ କର୍ମୀ ଏଥିରେ ସାମିଲ ହୋଇଥିଲେ।

### ବିଦ୍ୟୁତ୍ ଆଘାତରେ ଯୁବକ ମୃତ

**ବଲାଙ୍ଗୀର ଅଫିସ, ୨୫।୬-** ବଲାଙ୍ଗୀର ଜିଲା ଦେଓଗାଁ ଥାନା ଉପରଝର ଗ୍ରାମର ଚିତ୍ତରଞ୍ଜନ ସାହୁ (୩୦)ଙ୍କ ବିଦ୍ୟୁତ୍ ସଂସ୍ପର୍ଶରେ ମୃତ୍ୟୁ ଘଟିଛି । ଗାଧୁଆ ଘରେ ବିଦ୍ୟୁତ୍ ବୋର୍ଡ ମରାମତି କରୁଥିବାବେଳେ ଏହି ଘଟଣା ଘଟିଛି। ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି ।

# ମୁକୁଳା ପଡ଼ିଛି ୧୯୩ କି.ମି. ନଦୀବନ୍ଧ

■ଗାଁରେ ପଶୁଛି ନଦୀର ଉଦ୍‌ବୃତ୍ତ ଜଳ

■ଅଙ୍ଗନଦୀ ଦିଗଶିରା ଠାରେ କୂଳ ଖାଉଛି

**ସୋନପୁର,୨୫।୬(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାରେ ମହାନଦୀ, ତେଲନଦୀ, ସୁକତେଲ ନଦୀ, ଅଙ୍ଗନଦୀ ଓ ନିବୃତ୍ତି ଯୋର ପ୍ରବାହିତ ହେଉଛି । ଜିଲାରେ ଏହି ୫ଟି ନଦୀର ମୋଟ ୨୩୩ କିଲୋମିଟର ଲମ୍ବର ଆଡ଼ିବନ୍ଧ ରହିଛି । ବଲାଙ୍ଗୀର ଜଳସେଚନ ବିଭାଗ ପକ୍ଷରୁ ୩୦.୨୯କି.ମି. ନଦୀବନ୍ଧକୁ ପୂର୍ବରୁ ସୁଦୃଢ଼ କରାଯାଇଥିଲା । ସୁବର୍ଣ୍ଣପୁର ଜିଲାରେ ତେଲ ଜଳସେଚନ ବିଭାଗ ନୂତନ ଭାବେ ପ୍ରତିଷ୍ଠା ହେବା ପରେ ପ୍ରାୟ ୯.୯୦୦କି.ମି. ମାଟି କାମ ହୋଇଛି । ବାକି ୧୯୩ କି.ମି. ନଦୀ ବନ୍ଧ ଏବେ ବି ମୁକୁଳା ପଡିଛି। ରାଜ୍ୟରେ ଏବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି । ପଶ୍ଚିମ ଓ ଆଭ୍ୟନ୍ତରୀଣ ଓଡିଶାରେ ବର୍ଷା ଲାଗି ରହୁଛି । ଉପର ମୁଣ୍ଡରେ ବର୍ଷା ହେଲେ ତଳ ମୁଣ୍ଡରେ ଥିବା ଗ୍ରାମବାସୀଙ୍କ ଚିନ୍ତା ବଢୁଛି । ବର୍ଷାଦିନେ ହୀରାକୁଦରୁ ଉଦ୍‌ବୃତ୍ତ ପାଣି ଛଡ଼ାଗଲେ ନଦୀକୂଳିଆ ଗାଁର ଅଧିବାସୀ ଆତଙ୍କିତ ଅବସ୍ଥାରେ ରୁହନ୍ତି । ଜିଲାର ବିନିକା, ଉଲୁଣ୍ଡା ଓ ବୀରମହାରାଜପୁର ବ୍ଲକ ଅଧୀନ ୩୫ଟି ଗାଁର ପ୍ରାୟ ୫୦ ହଜାର ଲୋକ ବର୍ଷା ଦିନ ଆରମ୍ଭରୁ ପ୍ରାୟ ୪ ମାସ ପର୍ଯ୍ୟନ୍ତ ମହାନଦୀର ପାଣି ସ୍ତର ବଢିବା ଦେଖି ଡରନ୍ତି । ଏହାସତ୍ତ୍ୱେ ସରକାର ବନ୍ୟା ନିୟନ୍ତ୍ରଣ ପାଇଁ ସୁରକ୍ଷା ପାଚେରି, ସ୍ପର ନିର୍ମାଣ ସାଙ୍ଗକୁ ଆନିକଟ କରି ସ୍ଥାୟୀ ବନ୍ୟା ପ୍ରତିକାର ବ୍ୟବସ୍ଥା କରୁ ନ ଥିବା ଅଭିଯୋଗ ହେଉଛି ।

ଉଲୁଣ୍ଡା ବ୍ଲକ ଏସ.ପ୍ରତ୍ରାପାଲି ପଞ୍ଚାୟତର କେଉଟିପାଲି, ପଞ୍ଚମହଲା ପଞ୍ଚାୟତର ଜଗନ୍ନାଥପାଲି, ନିମ୍ନା ପଞ୍ଚାୟତର ନିମ୍ନା, ଦଶରାଜପୁର, ମାନମାଲ, ତେଣ୍ଡା, ବିଶିପଡା ପଞ୍ଚାୟତର ବଢିଲା, ଖଲିଆପାଲି, ନୂଆଗାଁ, ମୁଣ୍ଡୋଘାଟ ପଞ୍ଚାୟତର ମୁଣ୍ଡୋଘାଟ, ହିକୁଡି, ବିଜେପୁର, ମହଦା ପଞ୍ଚାୟତର ଝାରପଡା, ନାଚଣିପଦର, ଆପଟ ନୂଆଗଡ ଗ୍ରାମ ପ୍ରତି ବିପଦ ରହିଛି । ସେହିପରି ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତର ଖମ୍ଭେଶ୍ୱରୀପାଲି, ବାଗବର ପଞ୍ଚାୟତର ବୁରୋଘାଟ, ନୂଆପାଲି, ବିନିକା ଏନଏସିର ବେତରାପଡା, ମନହରିପଡା, ପାପକ୍ଷୟଘାଟ, ଝାରପଡା, ସିନ୍ଦୁରପୁର ପଞ୍ଚାୟତର ସିନ୍ଦୁରପୁର, ଗଣେଶପୁର ଓ ଡାଭଲା ଆଦି ଗ୍ରାମ ମହାନଦୀ କୂଳରେ ଥିବାରୁ ବର୍ଷା ଋତୁରେ ଲୋକେ ଭୟଭୀତ ଅବସ୍ଥାରେ ରହୁଛନ୍ତି । ସୋନପୁର ଓ ତରଭା ବ୍ଲକର ତେଲନଦୀ, ସୁକତେଲ ଓ ନିବୃତ୍ତି ଯୋର କୂଳରେ ରହୁଥିବା ଗ୍ରାମବାସୀଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ହୋଇନାହିଁ । ଫଳରେ ହରଡଖୋଲ ପଞ୍ଚାୟତର ବୈଦ୍ୟନାଥ, ଛେପାପାଲି, ଲକର୍ମା ଓ ତରଭା ବ୍ଲକ ଅଞ୍ଚଳର ବ୍ରାହ୍ମଣୀ, ଭୁଡାର, କର୍ଲାମୁହାଣ ଓ ମହୁଲଖୁଣ୍ଟା ଆଦି ଶତାଧିକ ଗ୍ରାମର ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ସେହିପରି ଅଙ୍ଗନଦୀ ଡୁଙ୍ଗୁରିପାଲି ବ୍ଲକର ଦିଗଶିରା ଠାରେ କୂଳ ଖାଉଛି । ବୀରମହାରାଜପୁର, ଉଲୁଣ୍ଡା, ତରଭା ଓ ସୋନପୁର ବ୍ଲକର କିଛି ଅଞ୍ଚଳରେ ବନ୍ୟା ସୁରକ୍ଷା ପାଚେରି ନିର୍ମାଣ କରା ଯାଉଥିଲେ ସୁଦ୍ଧା ତାହା ସମୁଦ୍ରକୁ ଶଙ୍ଖେ । ଗତ ବର୍ଷ ସୁକତେଲ ଓ ନିବୃତ୍ତି ଯୋରରେ ବନ୍ୟା ଆସି ତରଭା ବ୍ଲକ ଓ ତରଭା ସହରରେ ବ୍ୟାପକ କ୍ଷତି ଘଟାଇଥିଲା । ମହାନଦୀରେ ପ୍ରତ୍ୟେକ ବର୍ଷ ବନ୍ୟା ଆସି ନଦୀକୂଳିଆ ଗ୍ରାମରେ ଅଭୂତପୂର୍ବ କ୍ଷୟକ୍ଷତି ଘଟାଉଛି । ବନ୍ୟା ସୁରକ୍ଷା ପାଚେରି ନିର୍ମାଣ ହୋଇ ନ ଥିବାରୁ ଗାଁଗୁଡିକରେ କ୍ଷୟକ୍ଷତି ହେବା ସହ ଚାଷ ଜମିରେ ବନ୍ୟାପାଣି ମାଡି ଫସଲ ନଷ୍ଟ ହେଉଛି । ବନ୍ୟା ନିୟନ୍ତ୍ରଣ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଯୋଜନା କାର୍ଯ୍ୟକାରୀ କରାଯାଇଛି । ହେଲେ ଏହି ଜିଲା ବଲାଙ୍ଗୀର ଜଳସେଚନ ବିଭାଗ ଅଧୀନରେ ଦୀର୍ଘ ବର୍ଷ ଧରି ରହି ଥିବାରୁ ବିଭାଗୀୟ ଅଧିକାରୀମାନେ ଅଣଦେଖା କରି ଆସୁଥିଲେ । ଆଜି ବି ନଦୀ କୂଳରେ ଥିବା ଗାଁଗୁଡିକୁ ବନ୍ୟା ଦାଉରୁ ରକ୍ଷା କରିବା ପାଇଁ କୌଣସି ସ୍ଥାୟୀ ବ୍ୟବସ୍ଥା ହୋଇ ପାରିନାହିଁ । ନବୀନଙ୍କ ଚତୁର୍ଥ ପାଳିର ଶେଷ ଦେଢ ବର୍ଷ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ ଜଳସମ୍ପଦ ମନ୍ତ୍ରୀ ହୋଇଥିଲେ । ଏହି ସମୟରେ ଆଡିବନ୍ଧ ନିର୍ମାଣ ପାଇଁ ଅନୁଦାନ ଆସିବା ପରେ କିଛି କାମ ହୋଇଛି । ଏ ସମ୍ପର୍କରେ ତେଲ ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଇ. ଦିଲୀପ କୁମାର ପାତ୍ର କୁହନ୍ତି , ନୂତନ ଡିଭିଜନ ପ୍ରତିଷ୍ଠା ହେବା ପରେ ଜିଲାରେ ପ୍ରାୟ ୧୦ କିଲୋମିଟର ମୁକୁଳା ନଦୀ ଆଡ଼ିକୁ ସୁଦୃଢ଼ କରାଯାଇଛି । ଆଉ ୧୧୬ କିଲୋମିଟର ଦୁର୍ବଳ ଆଡିବନ୍ଧ କାମ କରିବା ପାଇଁ ୨୨୦ କୋଟି ଟଙ୍କା ପ୍ରସ୍ତାବ ସରକାରଙ୍କୁ ପଠା ଯାଇଥିଲା । ଏହା ଟିଏସିରେ ଅନୁମୋଦନ ପାଇଛି । ସେହିପରି ୬୪.୩ କି.ମି. ଆଡିବନ୍ଧ ନିର୍ମାଣ ପାଇଁ ହାଇ ପାୱାର କମିଟି ଅନୁମୋଦନ କରିଛି । ନାବାର୍ଡରୁ ଅନୁଦାନ ଆସିଲେ ମୁକୁଳା ପଡିଥିବା ନଦୀବନ୍ଧକୁ ପର୍ଯ୍ୟାୟ କ୍ରମେ ସୁଦୃଢ଼ କରାଯିବ ବୋଲି କହିଛନ୍ତି।

# ଘରକୁ ଘର ବୁଲି କରାଯାଉଛି ସ୍ୱାସ୍ଥ୍ୟ ପରୀକ୍ଷା




ଘରକୁ ଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥାର ଯାଞ୍ଚ କରାଯାଉଛି।

**ନୂଆପଡା ଅଫିସ/ଖଡିଆଲ,୨୫।୬**

ସରକାର କରୋନା ସ୍ଥିତିର ମୁକାବିଲା ଲାଗି ପରିବାରର ସବୁ ସଦସ୍ୟଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବାକୁ ପଦକ୍ଷେପ ନେଇଛନ୍ତି। ଏହି ପରିପ୍ରେକ୍ଷୀରେ ଖଡିଆଳ ଏନଏସିର ସମସ୍ତ ୱାର୍ଡରେ ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି । ପ୍ରଥମ ଦଫାରେ ସ୍ୱଚ୍ଛ ସୁପରଭାଇଜର ମମତା ମଞ୍ଜରୀ ଥପାଙ୍କ ନେତୃତ୍ୱରେ ୱାର୍ଡ ନମ୍ବର ୮ରେ ଅଙ୍ଗନୱାଡି କର୍ମୀ ରଞ୍ଜୁଲତା ସାହୁ ଓ ରୀତା ଟେଣ୍ଡକାରୀ ଏବଂ ୱାର୍ଡ ନମ୍ବର ୯ରେ ଝିଲିରାଣୀ ସାହୁ ଓ ଲଳିତା ବାଗ ପ୍ରତ୍ୟେକ ପରିବାରକୁ ଯାଇ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଛନ୍ତି। ସର୍ଦ୍ଦି, କାଶ କିମ୍ବା ଜ୍ୱର ହେଉଥିଲେ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ପରୀକ୍ଷା କରିନେବାକୁ ପରାମର୍ଶ ଦିଆଯାଇଥିଲା।

କାର୍ଯ୍ୟକ୍ରମକୁ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଫୁଲ୍ଲ କୁମାର ସାହୁ, ନୋଡାଲ ଅଧିକାରୀ ସିଦ୍ଧାର୍ଥ ଶଙ୍କର ମହାପାତ୍ର, ଗୋଷ୍ଠୀ ସଂଗଠିକା ସଂଯୁକ୍ତା ପଣ୍ଡା, ମଧୁସ୍ମିତା ମିଶ୍ର, ପ୍ରମୋଦ କୁମାର ଠାକୁର ପ୍ରମୁଖ ପରିଚାଳନା କରୁଛନ୍ତି।

## ଫଟୋରେ ଖବର..



ହୀରାକୁଦ ଡ୍ୟାମ୍‌ରୁ ଗୁରୁବାର ଚଳିତ ବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନବେଳେ ଜଣେ ଶିଶୁ ନିଜ ଅଭିଭାବକଙ୍କ ସହ ହୀରାକୁଦ ସହରର ମହାନଦୀ ବନ୍ଧରେ ଛିଡା ହୋଇ ମୋବାଇଲରେ ଫଟୋ ଉଠାଉଛନ୍ତି।

# ଠିଆନାଳକୁ ବାଲ୍ୟବିବାହ ମୁକ୍ତ ଗାଁ ଘୋଷଣା ଦାବି

**ଦେବଗଡ଼,୨୫।୬(ଡି.ଏନ୍.ଏ.)**

ରାଜ୍ୟର ୧୬ ବାଲ୍ୟବିବାହ ପ୍ରବଣ ଜିଲା ମଧ୍ୟରୁ ଦେବଗଡ଼ ନବମ ସ୍ଥାନରେ ରହିଛି । ହେଲେ ଜିଲାର ଉପାନ୍ତ ଅଞ୍ଚଳ ହିଞ୍ଜିଳି ନାଳ କୂଳରେ ଅବସ୍ଥିତ ବୁଢ଼ାପାଳ ପଞ୍ଚାୟତ ଠିଆନାଳ ଗ୍ରାମବାସୀ ବାଲ୍ୟବିବାହକୁ ବିରୋଧକରି ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି । ଗତ ଫେବୃୟାରୀରେ ଅନୁଷ୍ଠିତ ଗ୍ରାମ ସଭାରେ ଏନେଇ ଆଲୋଚନା ହୋଇଥିଲା । ସ୍ଥାନୀୟ ଅଙ୍ଗନୱାଡ଼ି କର୍ମୀ ଅମୃତି ସାହୁ ଗତ ୨ ବର୍ଷ ହେବ ଏହି ଗାଁରେ ବାଲ୍ୟ ବିବାହ ହୋଇ ନାହିଁ ବୋଲି ତଥ୍ୟ ଉପସ୍ଥାପନା କରିଥିଲେ । ଏହି ଆଧାରରେ ଠିଆନାଳ ଗ୍ରାମକୁ ବାଲ୍ୟ ବିବାହ ମୁକ୍ତ ଗାଁ ଘୋଷଣା କରିବାକୁ ଜିଲାପାଳ ଓ ବିଧାୟକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା ।

ଗୁରୁବାର ଅତିରିକ୍ତ ଜିଲାପାଳ ଧରମ ହାଁସଦାଙ୍କ ନିର୍ଦ୍ଦେଶରେ ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ର, ଆକ୍ସନଆଡ୍ ଜିଲା ସଂଯୋଜକ କୁମୁଦବନ୍ଧୁ ଶତପଥୀ ଠିଆନାଳ ଗ୍ରାମକୁ ଯାଇ ମାସ୍କ ପରିଧାନ ଓ ସାମାଜିକ ଦୂରତା ରକ୍ଷା କରି ଗ୍ରାମର ସାଧୁ ପ୍ରଧାନଙ୍କ ସଭାପତିତ୍ୱରେ ଏକ ବୈଠକ ଡାକିଥିଲେ। ଏହି ଅବସରରେ ଗ୍ରାମ୍ୟସ୍ତରୀୟ ବାଲ୍ୟ ବିବାହ ମୁକ୍ତ ମଞ୍ଚ ଗଠନ କରାଯାଇଥିଲା। ସଭାପତି ସାଧୁ ପ୍ରଧାନ,ସମ୍ପାଦକ ଅଜୟ ପ୍ରଧାନ,ସଦସ୍ୟ ଭାବେ ଅଙ୍ଗନୱାଡ଼ି କର୍ମୀ ଅମୃତି ସାହୁ, ୱାର୍ଡ଼ ମେମ୍ବର ପୁନୀ ସାହୁ, ଆଶା କର୍ମୀ ରୀନା ସାହୁ, ପ୍ରମୋଦ ସାହୁ, ଜୟଚନ୍ଦ୍ର ସାହୁ ପ୍ରମୁଖଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଗ୍ରାମର କୋଠଘରକୁ 'ବାଲ୍ୟ ବିବାହ ନିଷେଧ ପରାମର୍ଶ କେନ୍ଦ୍ର' ଭାବେ ନାମିତ କରାଯାଇଥିଲା ।




ବୈଠକରେ ଯୋଗଦେଇଥିବା ଅଧିକାରୀ ଓ ଗ୍ରାମବାସୀ ।

# ବିନା ସୂଚନା ଫଳକରେ ଚାଲିଛି ବ୍ରିଜ କାମ

**କେସିଙ୍ଗା, ୨୫।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ୍ କନ୍ତେଶିର ପଞ୍ଚାୟତ ଅଧୀନ ଗେଠିପଡା ଉଲସ୍ତିଯୋରକୁ ଜୟନ୍ତପୁର ସହିତ ସଂଯୋଗ କରିବା ପାଇଁ ଆର୍‌ଡି ବିଭାଗ ପକ୍ଷରୁ ବ୍ରିଜ କାମ ଚାଲିଛି । ଏହି ବ୍ରିଜ ନିର୍ମାଣ ହେଲେ କନ୍ତେଶିର, ମାଝିପଡା, ଗେଠିପଡା ଓ ଜୟନ୍ତପୁରର ଲୋକଙ୍କ ଗମନାଗମନ କ୍ଷେତ୍ରରେ ସୁବିଧା ହୋଇପାରିବ। କିନ୍ତୁ ଜଙ୍ଗଲ ଭିତରେ ଥିବା ଗ୍ରାମ ଜୟନ୍ତପୁରକୁ ସଂଯୋଗ କରିବା ପାଇଁ ଏହି ବ୍ରିଜ କାମ ୨୦୧୮-୧୯ ଆର୍ଥିକ ବର୍ଷରୁ ଟେଣ୍ଡର ହୋଇ ନିର୍ମାଣାଧୀନ ରହିଛି । ବିନା ସୂଚନାଫଳକରେ ଏହି ବ୍ରିଜ ନିର୍ମାଣ ଚାଲିଛି । ରାଜ୍ୟ ସରକାର ପ୍ରତ୍ୟେକ ଉନ୍ନତିମୂଳକ କାର୍ଯ୍ୟର ସମ୍ପୂର୍ଣ୍ଣ ସୂଚନା ଦେବା ପାଇଁ ନିୟମ କରିଥିଲେ ସୁଦ୍ଧା ସେଥିରେ ବ୍ୟତିକ୍ରମ ଦେଖାଯାଉଛି। ବିଭାଗୀୟ ଇଞ୍ଜିନିୟର କିମ୍ବା ଏସ୍‌ଡିଓ ଉପସ୍ଥିତ ରହୁ ନ ଥିବାରୁ କାମର ମାନ ନିର୍ଦ୍ଧାରଣ କରିବା କଷ୍ଟକର ହୋଇଛି । ଏନେଇ ଆର୍‌ଡି ବିଭାଗର ଏସ୍‌ଡିଓଙ୍କୁ ପଚାରିବାରୁ ବର୍ତ୍ତମାନ ବର୍ଷା ଋତୁ ପାଇଁ କାମ ବନ୍ଦ ରହିଛି । ବ୍ରିଜ କାମ ସମୟରେ ଜଣେ ଏସ୍‌ଡିଓ ସେଠାରେ ଦିନ ତମାମ ବସି ରହିବା ସମ୍ଭବ ନୁହେଁ ବୋଲି ସେ କହିଛନ୍ତି।



କନ୍ତେଶିର ଗ୍ରାମପଞ୍ଚାୟତ ଅଧୀନ ଉଲସ୍ତି ଯୋର ।

# ପ୍ରବାସୀ ଶ୍ରମିକଙ୍କ ସହାୟତା ପାଇଁ ହେଲ୍ପ ଲାଇନ୍ ନମ୍ବର

**ଦେବଗଡ଼,୨୫।୬,(ଡି.ଏନ.ଏ)**

ଲକ୍‌ଡାଉନ ସମୟରେ ପ୍ରବାସୀ ଶ୍ରମିକମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ଏବଂ ସେମାନଙ୍କୁ ଆବଶ୍ୟକୀୟ ସହାୟତା ଯୋଗାଇଦେବା ଉଦ୍ଦେଶ୍ୟରେ ଜିଲା ପ୍ରଶାସନ ପକ୍ଷରୁ ସହାୟତା କେନ୍ଦ୍ର ଖୋଲା ଯାଇଛି । ଏଥିସହ ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଏହି ସହାୟତା କେନ୍ଦ୍ରଗୁଡିକ ପ୍ରତ୍ୟେକ ବ୍ଲକ ସଦର ମହକୁମାରେ ଖୋଲାଯାଇଛି । ଏହାର ଦାୟିତ୍ୱରେ ଜଣେ ଲେଖାଏ କର୍ମଚାରୀଙ୍କୁ ନିୟୋଜିତ କରାଯାଇଛି । ଏହି ଡେସ୍କ ପ୍ରତିଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଖୋଲା ରହିବ। ତେବେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା କାର୍ଯ୍ୟାଳୟଠାରେ ଖୋଲାଯାଇଥିବା ସହାୟତା କେନ୍ଦ୍ରର ହେଲପ୍ ଲାଇନ ନମ୍ବର ୯୧୭୮୦୭୪୧୦୦, ବାରକୋଟ ସହାୟତା କେନ୍ଦ୍ରର ହେଲପ୍ ଲାଇନ ନମ୍ବର ୭୮୯୪୮୪୩୪୩, ରିଆମାଳ ବ୍ଲକ ହେଲପ୍ ଲାଇନ ନମ୍ବର ୯୬୬୮୬୭୩୦୭୬ ଏବଂ ତିଲେଇବଣି ବ୍ଲକର ହେଲପ୍ ଲାଇନ ନମ୍ବର ୭୮୭୩୪୯୭୧୫୪ ରହିଛି । ପ୍ରବାସୀ ଶ୍ରମିକମାନେ ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ଏବଂ ସହାୟତା ନିମନ୍ତେ ଉପରୋକ୍ତ ନମ୍ବରରେ ଯୋଗାଯୋଗ କରି ପାରିବେ ବୋଲି କୁହାଯାଇଛି।

# ବଲାଙ୍ଗୀରର ପ୍ରବାସୀ ଶ୍ରମିକଙ୍କୁ ମିଳିବ ରୋଜଗାର

**ବଲାଙ୍ଗୀର ଅଫିସ/ଲୋଇସିଂହା, ୨୫।୬ (ଡି.ଏନ୍.ଏ.)**

ପ୍ରବାସୀ ଶ୍ରମିକଙ୍କୁ ରୋଜଗାର ଦେବା ନିମନ୍ତେ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ରୋଜଗାର ଅଭିଯାନ ଆରମ୍ଭ କରାଯାଇଛି । ଏହି ଅଭିଯାନରେ ପଶ୍ଚିମ ଓଡିଶାର ବଲାଙ୍ଗୀର ଜିଲାକୁ ସାମିଲ କରାଯାଇଛି । ଜିଲାର ଗ୍ରାମୀଣ ଅଞ୍ଚଳରେ ରହୁଥିବା ପ୍ରବାସୀ ଶ୍ରମିକଙ୍କୁ ୨୫ଟି ଭିନ୍ନ ଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ରୋଜଗାର ଦିଆଯିବ ବୋଲି ଏକ ଆପ୍ ଜରିଆରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ପ୍ରଧାନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ କଲ୍ୟାଣକାରୀ ଯୋଜନା ଏବଂ ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ପାଇଁ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ କରିଥିଲେ । ମୋଦୀ ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମବର୍ଷ ପୂର୍ତ୍ତି ଅବସରରେ ଭାଜପା ପକ୍ଷରୁ ଆୟୋଜିତ ଲୋଇସିଂହା ବିଧାନସଭାସ୍ତରୀୟ ଜନସମ୍ବାଦ ରାଲିରେ ଯୋଗଦେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି ଦିଲୀରେ ଅନେକ ସରକାର ହୋଇଛି । ମାତ୍ର ୨୦୧୪ରୁ ନିର୍ବାଚିତ ହୋଇଥିବା ଭାଜପା ସରକାର ସବ୍‌କା ସାଥ୍, ସବ୍‌କା ବିକାଶ ଓ ସବକି ବିଶ୍ୱାସକୁ ମୂଳମନ୍ତ୍ର ନେଇ ଆଗକୁ ବଢୁଛି । ପୂର୍ବ ଭାରତ ଏବଂ ଓଡିଶାର ବିକାଶ ପ୍ରଧାନମନ୍ତ୍ରୀଙ୍କ ପ୍ରାଥମିକତା ବୋଲି ସେ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ଶପଥ ଗ୍ରହଣ କରିବା ପରେ ସେ ଦେଶର ପ୍ରଧାନ ସେବକର ଦାୟିତ୍ୱ ନେଲେ । ମନ କି ବାତ୍ ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଜରିଆରେ ସେ ଲୋକଙ୍କ ସହ ଯୋଡି ହୋଇଛନ୍ତି । ଜନଧନ, ଉଜ୍ଜଳା, ସୌଭାଗ୍ୟ, ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ, ଆବାସରେ ଘର, ଜଳ ଜୀବନ ମିଶନରେ ବିଶୁଦ୍ଧ ପାଣିର ବ୍ୟବସ୍ଥା କରିଛନ୍ତି । ମୋଦି ସରକାର ଭାରତବର୍ଷର ଚାଷୀଙ୍କ ଆୟକୁ ଦ୍ୱିଗୁଣିତ କରିବା ପାଇଁ ପ୍ରତିବର୍ଷ କୃଷକ ଉତ୍ପାଦିତ ସାମଗ୍ରୀରେ ଏମଏସପି ବୃଦ୍ଧି କରୁଛନ୍ତି ବୋଲି ସେ କହିଛନ୍ତି । ଏହି ଭର୍ଚୁଆଲ କାର୍ଯ୍ୟକ୍ରମ ଜିଲା ସଭାପତି ଶିବାଜୀ ମହାନ୍ତି ଅଧକ୍ଷତା କରିଥିଲେ । ଏଥିରେ ପୂର୍ବତନ ମନ୍ତ୍ରୀ ତଥା ଭାଜପା ବରିଷ୍ଠ ନେତା କନକ ବର୍ଦ୍ଧନ ସିଂଦେଓ, ଲୋଇସିଂହା ବିଧାୟକ ଡ. ମୁକେଶ ମହାଲିଙ୍ଗ, ଜିଲା ପରିଷଦ ସଭାପତି ଭାରତୀ ମହାନନ୍ଦ, ଜିଲା ପରିଷଦ ସଦସ୍ୟ ରାଜକିଶୋର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜାତୀୟ ରାଜପଥ ତଳେ ପିଏଚ୍‌ଡିର ପାଇପ ବିଛା

■ବିଭାଗୀୟ ଅଧିକାରୀଙ୍କ ନିର୍ଦ୍ଦେଶକୁ ମାନୁନାହାନ୍ତି ଠିକାଦାର

■ଆନ୍ଦୋଳନ ଧମକ ଦେଲେ ସ୍ଥାନୀୟ ଲୋକେ

**ସମ୍ବଲପୁର,୨୫।୬(ବ୍ୟୁରୋ)**

ଏବେ ସମ୍ବଲପୁର-ଅନୁଗୋଳ ଜାତୀୟ ରାଜପଥ ନିର୍ମାଣ ଚାଲିଛି । ଏହି ସୁଯୋଗରେ ଜନସ୍ୱାସ୍ଥ୍ୟ ବିଭାଗ ତାର ପାଇପ ବିଛା କାମ ଆରମ୍ଭ କରିଛି । ହେଲେ ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଜାତୀୟ ରାଜପଥ ତଳେ ବିଛାଯାଉଥିବା ପିଏଚ୍‌ଡି ପାଇପ ଲାଇନରେ ଯଦି କିଛି ତ୍ରୁଟି ଦେଖାଦିଏ ତାହା କିପରି ମରାମତି ହେବ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ସ୍ଥାନୀୟ ଲୋକଙ୍କ କହିଛନ୍ତି, ଆମ ଅଞ୍ଚଳରେ ପାନୀୟ ଜଳ ସମସ୍ୟା ଥିଲା । ଅମୃତ ଯୋଜନାରେ ପାନୀୟ ଜଳ ଯୋଗାଣ ପ୍ରକଳ୍ପ କାମ ଆରମ୍ଭ ହୋଇଛି । ଏହି ପ୍ରକଳ୍ପ ଦ୍ୱାରା ମାନେଶ୍ୱର ତଥା ଆଖପାଖ ଗାଁକୁ ଜଳ ଯୋଗାଣ ହେବ । ହେଲେ ମାନେଶ୍ୱର ଛକରେ ଜାତୀୟ ରାଜପଥ ନିର୍ମାଣ ସ୍ଥାନରେ ଠିକାଦାର ପାଇପ ବିଛାଇ ଦେଇଛନ୍ତି । ଯଦି ଭବିଷ୍ୟତରେ ପାଇପ ମରାମତି ଆବଶ୍ୟକ ପଡେ ତା'ହେଲେ ଜାତୀୟ ରାଜପଥକୁ ଖୋଳିବାକୁ ପଡିବ । ଏଥିରେ ଉଭୟେ ଜାତୀୟ ରାଜପଥ ଓ ଜନସ୍ୱାସ୍ଥ୍ୟ ବିଭାଗର କ୍ଷତି ହେବ । ତେଣୁ କାମ ଆରମ୍ଭରୁ ଜନସ୍ୱାସ୍ଥ୍ୟ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ଉଚିତ ଥିଲା। ବିଭାଗୀୟ ଜେଇ ଓ ଅଧିକାରୀଙ୍କ ଖାମଖିଆଲ ନୀତି ଯୋଗୁ ଆଜି ଏଭଳି ସମସ୍ୟା ସୃଷ୍ଟି ହୋଇଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି । କାମ ଆରମ୍ଭ ସମୟରେ ସ୍ଥାନୀୟ ଲୋକେ ଏ ନେଇ ଅଭିଯୋଗ କରିଥିଲେ । ଏହାପରେ ଜାତୀୟ ରାଜପଥ, ପିଏଚ୍‌ଡି ଓ ଠିକା କମ୍ପାନୀର ଅଧିକାରୀମାନେ ଘଟଣାସ୍ଥଳ ମିଳିତ ଭାବେ ପରିଦର୍ଶନ କରିଥିଲେ । ସେ ସମୟରେ ପିଏଚ୍‌ଡିକୁ ରାସ୍ତା ପାର୍ଶ୍ୱରେ ପାଇପ ବିଛାଯାଉ ବୋଲି କୁହାଯାଇଥିଲା। ଠିକାଦାର ସମସ୍ତଙ୍କ ସମ୍ମୁଖରେ ରାସ୍ତା ପାର୍ଶ୍ୱରେ ପାଇପ ବିଛାଯିବ ବୋଲି କହିଥିଲେ। ହେଲେ ରାସ୍ତା ନିର୍ମାଣ ହେବା ସ୍ଥାନରେ ପାଇପ ବିଛାଉଥିବା ଅଭିଯୋଗ ହୋଇଛି ।

ଗୁରୁବାର ଠିକା ସଂସ୍ଥା ପକ୍ଷରୁ ରାସ୍ତା ନିର୍ମାଣ ଆରମ୍ଭ ହୋଇଥିଲା । ହେଲେ ପାଇପ୍ ରାସ୍ତା ପାର୍ଶ୍ୱକୁ ସ୍ଥାନାନ୍ତର କରାଯାଇ ନ ଥିବାରୁ ସ୍ଥାନୀୟ ଲୋକେ ଅସନ୍ତୋଷ ପ୍ରକାଶ କରିଥିଲେ। ରାସ୍ତା କାମ ବନ୍ଦ କରି ପାଇପ ସ୍ଥାନାନ୍ତରିତ କରାଯାଉ ବୋଲି ସେମାନେ ଦାବି କରିଥିଲେ। ନ ହେଲେ ଆମେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ସ୍ଥାନୀୟ ଲୋକେ ଚେତାବନୀ ଦେଇଛନ୍ତି ।

ଏ ସମ୍ପର୍କରେ ଠିକା ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ପି.ରେଡ୍ଡି କହିଛନ୍ତି, ଯେଉଁ ସ୍ଥାନରେ ସର୍ଭେ ହୋଇଥିଲା ଅନ୍ୟ ସ୍ଥାନରେ କାମ କରାଯାଇଛି । ଏବେ ରାସ୍ତା ନିର୍ମାଣରେ ସମସ୍ୟା ହେବ । ରାତି ଅଧିଆ କାମ କରାଯାଉଛି । ବିଭାଗୀୟ ଅଧିକାରୀ ଏଥିପାଇଁ ଅନୁମତି ନେଇ ନାହାନ୍ତି । ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ବିଭାଗ ନିର୍ବାହୀଯନ୍ତ୍ରୀ ଭାଗ୍ୟଧର ମହାନ୍ତି କହିଛନ୍ତି, ପାଇପ ବିଛା କାମ ଆରମ୍ଭ ସମୟରେ ଏନେଇ ଅଭିଯୋଗ ହୋଇଥିଲା। ପରେ କାମ ବନ୍ଦ ରହିଥିଲା। ସର୍ଭେ ପରେ କାମ କରାଯାଇଛି। ଯଦି ଏଥିରେ ଠିକାଦାର ତ୍ରୁଟି କରିଥିବେ ତା'ହେଲେ ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।



ଜାତୀୟ ରାଜପଥ ନିର୍ମାଣସ୍ଥଳରେ ପିଏଚ୍‌ଡି ପକ୍ଷରୁ ପାଇପ ବିଛାଯାଉଛି।

ଧରିତ୍ରୀ
DHARITRI
ଶୁକ୍ରବାର, ଜୁନ୍ ୨୬, ୨୦୨୦



## ୪ବଖରା ପୋଡ଼ିଗଲା

କୁନ୍ଦୁରା,(ଡି.ଏନ.ଏ.) –କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଗୁଣ୍ଠାଲ ପଞ୍ଚାୟତ ପ୍ରଧାନିଗୁଡା ଗ୍ରାମର ଲଇଛନ କକଲପଡିଆଙ୍କ ଘରେ ଅଗ୍ନିକାଣ୍ଡ ଘଟି ୪ ବଖରା ପୋଡିଯାଇଛି। ଗ୍ରାମରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବାରୁ ତାଙ୍କୁ ଦେଖିବାକୁ ଘରେ କେବଳ ଜଣେ ଛୋଟ ଝିଅକୁ ଛାଡି ଲଇଛନଙ୍କ ପରିବାର ଲୋକେ ଯାଇଥିଲେ। ତେବେ ତାଙ୍କ ଝିଅ ବାହାରକୁ ଚାଲିଆସିବାରୁ ସେ ବର୍ତ୍ତି ଯାଇଥିବା ଜଣାପଡିଛି। ଘର ଜଳୁଥିବା ଗ୍ରାମର ସମସ୍ତେ ଦେଖୁଥିଲେ ମଧ୍ୟ ଘର ଭିତରେ ସିଲିଣ୍ଡର ଥିବାରୁ କେହି ସାହସ କରି ନିଆଁ ଲିଭାଇବାକୁ ଯାଇ ନ ଥିଲେ। ଖବର ପାଇ କୁନ୍ଦୁରା ତହସିଲଦାର ଆୟୁବ ମଣ୍ଡଳ ପହଞ୍ଚି ତଦନ୍ତ କରି ଫେରିଛନ୍ତି।

**ସଂକ୍ଷେପରେ**

### ନିଆଁ ଲାଗି ଶ୍ରୀଜୀଉଙ୍କ ମୂର୍ତ୍ତି ପୋଡ଼ିଗଲା



ପାପଡ଼ାହାଣ୍ଡି,୨୫।୬(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ମୋକିଆ ଗ୍ରାମର ଜଗନ୍ନାଥ ମନ୍ଦିରରେ ନିଆଁ ଲାଗି ଗୁରୁବାର ଶ୍ରୀଜୀଉଙ୍କ ମୂର୍ତ୍ତି ପୋଡ଼ିଯାଇଛି। ନିଆଁ ଲାଗିବାର କାରଣ ଜଣାପଡ଼ି ନାହିଁ। ପୂଜକ ସାଗର ପାଢ଼ୀ ସକାଳେ ପୂଜା କରିଥିଲେ। ପୂର୍ବାହ୍ନ ୯ଟା ୩୦ ସମୟରେ ମନ୍ଦିର ଭିତରୁ ଧୂଆଁ ବାହାରିବା ପୂଜକଙ୍କ ମା' ଦେଖିଥିଲେ। ସଙ୍ଗେ ସଙ୍ଗେ ଗ୍ରାମବାସୀଙ୍କୁ ଜଣାଇବା ପରେ ମନ୍ଦିର ଖୋଲିଥିଲେ। ଗ୍ରାମବାସୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ନିଆଁ ଲାଗି ତିନୋଟି ମୂର୍ତ୍ତି ପୋଡ଼ିଯାଇଛି। ମୂର୍ତ୍ତି ନିକଟରେ ଶାଢ଼ି ବନ୍ଧାଯାଇଥିଲା। ଦୀପ ସଂସ୍ପର୍ଶରେ ଆସି ଶାଢ଼ିରେ ନିଆଁ ଲାଗି ଯାଇଥିବା ସନ୍ଦେହ କରାଯାଉଛି।

### ବାଇକ ଚୋରିକରି ୩ ଅଟକ

ରାଇଘର,୨୫।୬(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ରାଇଘର ଥାନା ଅନ୍ତର୍ଗତ ଗୋନା ଗ୍ରାମରୁ ଏକ ବାଇକ ଚୋରି ଘଟଣାରେ ରାଇଘର ପୋଲିସ ୩ ଜଣଙ୍କୁ ଅଟକ ରଖିଛି। ଗୋନା ଗ୍ରାମର ଖେଦୁରାମ ହରିଜନଙ୍କ ଘର ବାରଣ୍ଡାରେ ଥିବା ବାଇକ (ସିଜି୨୩ଜେ-୦୮୮୨) ଗତ ୧୫ ତାରିଖରେ ଚୋରି ହୋଇଥିଲା। ଏ ସମ୍ପର୍କରେ ଖେଦୁରାମ ରାଇଘର ଥାନାରେ ଏତଲା ଦେଇଥିଲେ। ବୋରପଦର ଗ୍ରାମର ଟୋପିରାମ ରାଉତ (୧୬)ଙ୍କ ଘର ପଛ ପଟେ ଚୋରି ବାଇକ ଥିବା ଖବର ପାଇ ଗୁରୁବାର ପୋଲିସ ପହଞ୍ଚି ଗାଡ଼ି ଜବତ କରିଥିଲା। ଟୋପିରାମଙ୍କୁ ଥାନାକୁ ଆଣି ପୋଲିସ ଅଟକ ରଖିଥିଲା। ଏହି ଚୋରି ଘଟଣାରେ ଛତିଶଗଡ଼ର ପିତରମ ଗଣ୍ଡ (୩୦) ଓ ଅଭିରାମ ଗଣ୍ଡ (୩୫) ସାମିଲ ରହିଥିବା ପୋଲିସ ଜାଣିବାକୁ ପାଇଥିଲା। ୩ ଜଣଙ୍କୁ ଥାନାକୁ ଆଣି ପୋଲିସ ଅଟକ ରଖିଛି। ଥାନାରେ ନଂ.୮୫/୨୦ରେ ମାମଲା ରୁଜୁ ହୋଇଛି।

### ନବରଙ୍ଗପୁରରେ ଆଉ ୨ କରୋନା ପଜିଟିଭ

ନବରଙ୍ଗପୁର,୨୫।୬(ବି.ପ୍ର.)- ନବରଙ୍ଗପୁର ଜିଲାରେ ଗୁରୁବାର ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି ବୋଲି ଜିଲାପାଳ ଅଜିତ କୁମାର ମିଶ୍ର ସୂଚନା ଦେଇଛନ୍ତି। ସେମାନେ ହେଉଛନ୍ତି ମହାରାଷ୍ଟ୍ର ଫେରନ୍ତା ବିଏସ୍ଏଫ୍ ଯବାନ। ସେମାନେ ମହାରାଷ୍ଟ୍ରରୁ ଆସି କ୍ୱାରାଣ୍ଟାଇନ ସେଣ୍ଟରରେ ରହିଥିଲେ। ଏହି ୨ ଜଣଙ୍କୁ ମିଶାଇ ଜିଲାରେ ମୋଟ୍ ୯ ଜଣ ବିଏସ୍ଏଫ୍ କର୍ମଚାରୀ ଆକ୍ରାନ୍ତ ହୋଇଛନ୍ତି। ଜିଲାରେ ଆକ୍ରାନ୍ତଙ୍କ ସଂଖ୍ୟା ୧୫ରେ ପହଞ୍ଚିଥିବା ବେଳେ ୨ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଜଣଙ୍କର ରିପୋର୍ଟ ଆସିବା ପୂର୍ବରୁ ଯକୃତ ରୋଗରେ ମୃତ୍ୟୁ ଘଟିଛି। ଅନ୍ୟ ସଂକ୍ରମିତଙ୍କୁ ନବରଙ୍ଗପୁରସ୍ଥିତ କୋଭିଡ୍ ହସ୍ପିଟାଲରେ ରଖି ଚିକିତ୍ସା କରାଯାଉଛି।

### ମହିଳାଙ୍କୁ ଦୁର୍ବ୍ୟବହାର

ଡାବୁଗାଁ,୨୫।୬(ଡି.ଏନ୍.ଏ.)-ଡାବୁଗାଁ ଥାନା ଅଧୀନରେ ଥିବା ଏକ ଗ୍ରାମର ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରାଯାଇଥିବା ଥାନାରେ ଗୁରୁବାର ଅଭିଯୋଗ ହୋଇଛି। ଘୁଷୁରାବେଡା ଗ୍ରାମର କୁବେର ନାୟକ, ଦେବକିଶୋର ନାୟକ, ନିଖିଳ ରୁପଚାନ୍ଦ, ଉପେନ୍ଦ୍ର ନାୟକ, ଅନନ୍ତ ନାୟକ, ଡିକେଶ୍ୱର ନାୟକ ଏବଂ ଅନ୍ୟମାନେ ଗତ ୨୪ ତାରିଖରେ ମହିଳାଙ୍କୁ ଘରୁ ଟାଣି ଆଣି ଦୁର୍ବ୍ୟବହାର କରିଥିଲେ। ପରେ ତାଙ୍କୁ ଓ ତାଙ୍କ ସ୍ୱାମୀଙ୍କୁ ମାଡ ମାରିଥିଲେ ବୋଲି ସେ ଅଭିଯୋଗ କରିଛନ୍ତି। ଥାନାରେ ନଂ. ୧୨୬/୨୦ରେ ମାମଲା ରୁଜୁ ହୋଇଛି।

### ନବୋଦୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଛାତ୍ରୀ

ଦଶମନ୍ତପୁର,୨୫।୬ ( ଡି.ଏନ.ଏ.) - ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ଡୁମ୍ବାଗୁଡ଼ା ପଞ୍ଚାୟତର ହାତୀମୁଣ୍ଡା ପ୍ରାଥମିକ ବିଦ୍ୟାଳୟର ୫ମଶ୍ରେଣୀର ଛାତ୍ରୀ ପ୍ରିୟା ଖସଲା ନବୋଦୟ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତବର୍ଷ ବିଦ୍ୟାଳୟର ୧୦ ଜଣ ବିଦ୍ୟାର୍ଥୀ ନବୋଦୟ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ପ୍ରିୟା ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ରୀ ପ୍ରିୟାଙ୍କ ପାଇଁ ଆମେ ଗର୍ବିତ ବୋଲି ପ୍ରଧାନ ଶିକ୍ଷକ ନରେନ୍ଦ୍ର ନାଏକ କହିଛନ୍ତି।

### ୫୩ରୁ ୪୮ ସୁସ୍ଥ

ମାଲକାନଗିରି,୨୫।୬ (ଡି.ଏନ୍.ଏ.)- ମାଲକାନଗିରି ଜିଲାରେ ବର୍ତ୍ତମାନ ସୁଦ୍ଧା ୫୩ ଜଣ କରୋନା ରୋଗୀ ଚିହ୍ନଟ ହୋଇଥିଲେ। ସେମାନଙ୍କ ମଧ୍ୟରୁ ମାଲକାନଗିରି କୋଭିଡ୍-୧୯ ଚିକିତ୍ସାଳୟ ଓ ବିଇଡି କଲେଜ ସଙ୍ଗରୋଧ ଗୃହରେ ଚିକିତ୍ସିତ ହୋଇ ୪୮ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ୫ଜଣଙ୍କ ଚିକିତ୍ସା ଜାରି ରହିଛି। ଗତ ଏକ ସପ୍ତାହ ମଧ୍ୟରେ ଜିଲାରୁ କୌଣସି କରୋନା ଆକ୍ରାନ୍ତ ଚିହ୍ନଟ ହୋଇ ନ ଥିବା ଜିଲାପାଳ ମନୀଷ ଅଗ୍ରୱାଲ ସୂଚନା ଦେଇଛନ୍ତି।

# କୃଷି ଉତ୍ପାଦନ ବୃଦ୍ଧି, ଶ୍ରମିକଙ୍କୁ କାର୍ଯ୍ୟ ନେଇ ଗୁରୁତ୍ୱ

ମାଲକାନଗିରି,୨୫।୬ (ଡି.ଏନ୍.ଏ.)



ସମୀକ୍ଷା ବୈଠକରେ ମନ୍ତ୍ରୀ ଡ. ଅରୁଣ ସାହୁ ଅଧିକାରୀମାନଙ୍କ ସହ ଆଲୋଚନା କରୁଛନ୍ତି।

କୃଷି ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ ସାହୁ ଗୁରୁବାର ଦିନିକିଆ ମାଲକାନଗିରି ଜିଲା ଗସ୍ତ କରିଛନ୍ତି। ଏହି ଅବସରରେ ସେ ଡିଆର୍‌ଡିଏ ସମ୍ମିଳନୀ କକ୍ଷରେ ବିଭାଗୀୟ ଅଧିକାରୀଙ୍କୁ ନେଇ ଏକ ସମୀକ୍ଷା ବୈଠକ କରିଥିଲେ। ଚଳିତ ବର୍ଷ ଜିଲାରେ ଖରିଫ ଧାନଚାଷ ପାଇଁ ୭୮୦୨୫ ହେକ୍ଟର, ମକା ପାଇଁ ୯୪୫୦ ହେକ୍ଟର, ଡାଲିଜାତୀୟ ଶସ୍ୟ ୧୦୨୫୨ ହେକ୍ଟର, ତୈଳବୀଜ ୧୮୦୩୮ ହେକ୍ଟର, ପନିପରିବା ୧୫୪୫୨ ହେକ୍ଟର ଏବଂ ଅନ୍ୟାନ୍ୟ ଚାଷ ପାଇଁ ୧୧୮୯୩ ହେକ୍ଟର ଏପରି ମୋଟ ୧ଲକ୍ଷ ୪୩ହଜାର ୧୧୦ ହେକ୍ଟର ଜମିରେ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ଗ୍ରହଣ କରି ଧାର୍ଯ୍ୟଲକ୍ଷ୍ୟ ପୂରଣ ପ୍ରତି ଗୁରୁତ୍ୱ ଦେବାକୁ ସେ ପରାମର୍ଶ ଦେଇଥିଲେ। ମାଲକାନଗିରି ଜିଲାରେ ସ୍ଥାନୀୟ ଏବଂ ପ୍ରବାସୀ ଶ୍ରମିକଙ୍କୁ କର୍ମନିଯୁକ୍ତି ଯୋଗାଇଦେବାକୁ କୃଷି, ଉଦ୍ୟାନ, ଜଳଛାୟା ପ୍ରକଳ୍ପ, ଗୋସମ୍ପଦ ସମେତ ଅନ୍ୟବିଭାଗର ଅଧିକାରୀଙ୍କୁ ସେ ପରାମର୍ଶ ଦେଇଛନ୍ତି। ସେହିପରି ପ୍ରାଣୀସମ୍ପଦ ବିଭାଗରେ ଗୋସମ୍ପଦର ସୁରକ୍ଷା,

**ମାଲକାନଗିରି ଜିଲାରେ କୃଷିମନ୍ତ୍ରୀ**

- ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟ ମନ୍ଥର ନେଇ ଅସନ୍ତୋଷ
- ମତ୍ସ୍ୟ ଉତ୍ପାଦନ ବୃଦ୍ଧି କରିବାକୁ ପରାମର୍ଶ
- କାମ ଠିକ୍ ନ ହେଲେ କାର୍ଯ୍ୟାନୁଷ୍ଠାନ

କ୍ଷୀର ବୃଦ୍ଧି, ଗୃହପାଳିତ ପ୍ରାଣୀମାନଙ୍କ ରକ୍ଷଣାବେକ୍ଷଣ, ମତ୍ସ୍ୟଚାଷର ଅଭିବୃଦ୍ଧି ନେଇ ଏହି ଅବସରରେ ମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ। ମାଲକାନଗିରି ଜିଲାର ଜଳଭଣ୍ଡାରଗୁଡିକରୁ ଯେପରି ଅଧିକ ପରିମାଣରେ ମାଛ ଉତ୍ପାଦନ ହୋଇପାରିବ ସେନେଇ ବିଭାଗ ପକ୍ଷରୁ ପଦକ୍ଷେପ ନେବାକୁ ସେ କହିଥିଲେ। ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ ମନ୍ଥର ଗତିରେ ଚାଲୁଥିବାରୁ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ। ତୁରନ୍ତ ଏହି ଯୋଜନାରେ ଅଧିକ କାର୍ଯ୍ୟ କରି ସ୍ଥାନୀୟ ଓ ପ୍ରବାସୀ ଶ୍ରମିକଙ୍କୁ କାମ ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହା ନ ହେଲେ ସରକାର ବାଧ୍ୟ ହୋଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ପ୍ରକାଶ କରିଥିଲେ। ଜିଲାରେ ଡାଲି ଜାତୀୟ, ତୈଳବୀଜ, ମାଣ୍ଡିଆ, ଅଦା, ହଳଦୀ ଆଦି ଉତ୍ପାଦନ ହେଉଛି। ଏହାକୁ ଆହୁରି ଅଧିକ ତ୍ୱରାନ୍ୱିତ କରି ଉତ୍ପାଦନ ବୃଦ୍ଧି କରିବା, ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ, ସୁବିନିଯୋଗ ପାଇଁ ସେ ପରାମର୍ଶ ଦେଇଥିଲେ। ବୈଠକରେ ରାଜ୍ୟ କୃଷି ନିର୍ଦ୍ଦେଶକ ଏମ୍. ମୁଥୁ କୁମାର, ସ୍ୱତନ୍ତ୍ର ଶାସନ ସଚିବ ଏସ୍.କେ. ବଶିଷ୍ଟ, ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା, ମାଲକାନଗିରି ବିଧାୟକ ଆଦିତ୍ୟ ମାଢ଼ି, ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମି, ଜିଲାପାଳ ମନୀଷ ଅଗ୍ରୱାଲ, ଏସ୍‌ପି ହୃଷିକେଶ ଡି. ଖିଲାରି, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ପିଡି ବାଳମୁକୁନ୍ଦ ଭୂୟାଁ, ଜିଲା କୃଷି ଅଧିକାରୀ ରାମଚନ୍ଦ୍ର ପଟ୍ଟନାୟକଙ୍କ ସହ ବିଭିନ୍ନ ବିଭାଗର ପଦାଧିକାରୀମାନେ ଉପସ୍ଥିତ ଥିଲେ।

## ୧୬ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ୨୬ ଗିରଫ

ଜୟପୁର/କୁନ୍ଦୁରା, ୨୫।୬ (ଡି.ଏନ.ଏ./ନି.ପ୍ର.)

କୋରାପୁଟ ଜିଲା ଏବେ ଗଞ୍ଜେଇ ଚୋରାଚାଲାଣର ଚରାଭୂଇଁ ପାଲଟିଛି। ତେବେ ଜିଲା ପୋଲିସ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି। ବୁଧବାର ବିଭିନ୍ନ ସ୍ଥାନରେ ଚଢାଉ କରାଯାଇଛି। ଜିଲାର ୧୦ଟି ଥାନା ପକ୍ଷରୁ ଚଢ଼ାଉ କରାଯାଇ ୧୬ କୁଇଣ୍ଟାଲ ୭୨ କି.ଗ୍ରା. ୮୬୫ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ୨୬ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ଦିଲ୍ଲୀ, ଉତ୍ତର ପ୍ରଦେଶ, ହରିୟାଣା, ଛତିଶଗଡ଼ ଆଦି ରାଜ୍ୟର ୭ଜଣ ରହିଥିବା ଏକ ଖବରଦାତା ସମ୍ମିଳନୀରେ ଗୁରୁବାର ଏସ୍‌ପି ମୁକେଶ କୁମାର ଭାମୋ କହିଛନ୍ତି। ଯୋଜନାବଦ୍ଧ ଭାବେ ବିଭିନ୍ନ ଥାନା ପକ୍ଷରୁ ଚଢାଉ କରାଯାଇଥିଲା। ପଟ୍ଟାଙ୍ଗୀ ଥାନା ପକ୍ଷରୁ ୧୦୭ କି.ଗ୍ରା. ୪୬୦ ଗ୍ରାମ ଗଞ୍ଜେଇ ଜବତ ହୋଇଥିବା ବେଳେ ୨ଜଣଙ୍କୁ ଗିରଫ କରାଯାଇଛି। ବୈପାରିଗୁଡ଼ା ଥାନା ପକ୍ଷରୁ ୧୧୦ କି.ଗ୍ରା. ଗଞ୍ଜେଇ ଜବତ ହୋଇ ୨ଜଣ ଗିରଫ ହୋଇଥିବା ବେଳେ ଜୟପୁର ସଦରଥାନା ପକ୍ଷରୁ ୬୦ କି.ଗ୍ରା. ଜବତ କରାଯାଇ ୨ଜଣଙ୍କୁ ଗିରଫ କରାଯାଇଛି। ସେହିପରି କାକିରିଗୁମ୍ମା ପୋଲିସ ୧୪୮ କି.ଗ୍ରା. ୮୦୦ ଗ୍ରାମ ଗଞ୍ଜେଇ ଜବତ କରି ୫ଜଣ ବିହାର ଅଞ୍ଚଳର ଏବଂ ଜଣେ ସ୍ଥାନୀୟ ଲୋକଙ୍କୁ ଗିରଫ କରିଛି। ସେମିଳିଗୁଡା ପୋଲିସ ୩୫୪ କି.ଗ୍ରା. ଜବତ କରି ୨ଜଣଙ୍କୁ ଗିରଫ କରିଛି। କୁନ୍ଦୁରା ପୋଲିସ ୩୩୦ କି.ଗ୍ରା. ଗଞ୍ଜେଇ ଜବତ କରି ଜଣକୁ ଗିରଫ କରିଥିବା ବେଳେ ନନ୍ଦପୁର ପୋଲିସ ୭୧ କି.ଗ୍ରା. ଜବତ କରି ୩ ଜଣଙ୍କୁ ଗିରଫ କରିଛି। ସୁନାବେଡ଼ା ପୋଲିସ ୧୨୦ କି.ଗ୍ରା. ୪୦୦ ଗ୍ରାମ ଗଞ୍ଜେଇ ଜବତ କରି ୩ଜଣଙ୍କୁ ଗିରଫ କରିଛି। ସେହିପରି ଦାମନଯୋଡି ପୋଲିସ ୧୨୨ କି.ଗ୍ରା. ୬୦ ଗ୍ରାମ ଗଞ୍ଜେଇ ଜବତ କରି ୩ଜଣଙ୍କୁ ଗିରଫ କରିଥିବା ବେଳେ ମାଛକୁଣ୍ଡ ପୋଲିସ ୨୪୮ କି.ଗ୍ରା. ୬୦୦ ଗ୍ରାମ ଗଞ୍ଜେଇ ଜବତ କରି ରାଜସ୍ଥାନ ରାଜ୍ୟର ୨ଜଣଙ୍କୁ ଗିରଫ କରିଥିବା ଏସ୍‌ପି ସୂଚନା ଦେଇଛନ୍ତି। ଚୋରା ଚାଲାଣରେ ସମ୍ପୃକ୍ତ ୧୦ଟି ଚାରିଚକିଆ ଏବଂ ଗୋଟିଏ ଟ୍ରକ୍ ଜବତ କରାଯାଇଛି। ସୂଚନାଯୋଗ୍ୟ ଯେ, ଗତ ୧୦ ମାସ ମଧ୍ୟରେ ଜିଲାର ବିଭିନ୍ନ ଥାନା ପକ୍ଷରୁ ଚଢାଉ କରାଯାଇ ୨୫୪ କୁଇଣ୍ଟାଲ ୬୨ କି.ଗ୍ରା. ୫୧୫ ଗ୍ରାମ ଗଞ୍ଜେଇ ଜବତ ହୋଇଛି। ୧୦୨ଟି ମାମଲା ରୁଜୁ ହୋଇ ୨୦୩ ଜଣଙ୍କୁ ଗିରଫ କରାଯାଇଛି। ୧୧୨ଟି ଗାଡି ଜବତ ହୋଇଥିବା ଜଣାପଡିଛି। ଅନ୍ୟପକ୍ଷରେ ଏହି ଗଞ୍ଜେଇ କାରବାରରେ ଅଧିକ ଲାଭ ମିଳୁଥିବାରୁ କେତେକ ଅଞ୍ଚଳରେ ବେକାର ଯୁବକମାନେ ନିଜକୁ ସାମିଲ କରୁଥିବା ଦେଖିବାକୁ ମିଳୁଛି। ସେମାନେ ଧରାପଡିଗଲେ ସେମାନଙ୍କ ଭବିଷ୍ୟତ ନେଇ ପରିବାର ଲୋକେ ଚିନ୍ତାରେ ପଡୁଛନ୍ତି।

**୧୦ ମାସରେ ଜବତ ହେଲାଣି ୨୫୪ କୁଇଣ୍ଟାଲ**



ଖବରଦାତା ସମ୍ମିଳନୀରେ ଜବତ ଗଞ୍ଜେଇ ସମ୍ପର୍କରେ ଏସ୍‌ପି ସୂଚନା ଦେଉଛନ୍ତି।

## ମାଓବାଦୀ ଅଞ୍ଚଳରେ ସ୍ଥିତି ସମୀକ୍ଷା କଲେ ସିଆର୍‌ପିଏଫ୍ ଆଇଜି

ରାୟଗଡ଼ା ଅଫିସ,୨୫।୬:



ଆଇଜି ସମୀକ୍ଷା କରି ଫେରୁଛନ୍ତି।

ସିଆର୍‌ପିଏଫ୍ ଆଇଜି(ଓଡ଼ିଶା ସେକ୍ଟର) ସଂଗ୍ରାମ କେଶରୀ ମହାନ୍ତି ଗୁରୁବାର ରାୟଗଡ଼ା ଜିଲା ଗସ୍ତରେ ଆସି ଜିଲାରେ ମାଓବାଦୀ କାର୍ଯ୍ୟକଳାପର ସମୀକ୍ଷା କରିଛନ୍ତି। ନିକଟସ୍ଥ ମାଓବାଦୀପ୍ରବଣ ଅଞ୍ଚଳର ବିଭିନ୍ନ କ୍ୟାମ୍ପ ପରିଦର୍ଶନ କରିବା ସହ ଏରିଆ ଡୋମିନେଶନ ଅପରେଶନ କିପରି ଚାଲିଛି ପଚାରି ବୁଝିଥିଲେ। ବାଟାଲିଅନ ଅଧୀନରେ ୪ କମ୍ପାନୀ ଓ ଗୋଟିଏ କୋବ୍ରା ବାଟାଲିଅନ ରହିଥିବା ବେଳେ କରୋନା ଭଳି ବିପତ୍ତି ସମୟରେ ମାଓବାଦୀ ଦମନ କାର୍ଯ୍ୟକ୍ରମ କିପରି କାର୍ଯ୍ୟକାରୀ ହେଉଛି ଏବଂ କେତେଦୂର ସଫଳ ହୋଇଛି ତାହାର ସମୀକ୍ଷା କରିଥିଲେ। ରାୟଗଡ଼ାରେ ମାଓବାଦୀଙ୍କ ପ୍ରଭାବ ଅଧିକ ଲକ୍ଷ୍ୟ କରାଯାଉନାହିଁ। କଳାହାଣ୍ଡି ଏବଂ କନ୍ଧମାଳରେ ଏମାନଙ୍କ ଗତିବିଧି କିଛିଟା ପରିଲକ୍ଷିତ ହେଉଛି। ରାୟଗଡ଼ାରେ ଯବାନଙ୍କ ନିୟମିତ ପାଟ୍ରୋଲିଂ ଯୋଗୁ ମାଓବାଦୀ କାର୍ଯ୍ୟକଳାପ ନିୟନ୍ତ୍ରଣରେ ରହିଥିବା ସ୍ଥାନୀୟ ଇନ୍ଦ୍ରା ନଗରସ୍ଥିତ ୪ର୍ଥ ବାଟାଲିଅନ୍ ମୁଖ୍ୟାଳୟରେ ଆଇଜି ମହାନ୍ତି ଖବରଦାତାମାନଙ୍କୁ ସୂଚନା ଦେଇଛନ୍ତି। କେବଳ ନିୟମଗିରି ପାଦଦେଶ ଓ ପାର୍ସାଲି ଅଞ୍ଚଳରେ କେତେଜଣ ମାଓବାଦୀଙ୍କ ଗତିବିଧି ଦେଖିବାକୁ ମିଳୁଥିବାବେଳେ ତ୍ରିଲୋଚନପୁରଠାରେ ଯବାନଙ୍କ କ୍ୟାମ୍ପ ଗଠନ ହେବା ପରଠାରୁ ଏଥିରେ ସମ୍ପୂର୍ଣ୍ଣ ରୋକ୍ ଲାଗିଛି ବୋଲି କହିଛନ୍ତି। ସେହିପରି କରୋନା ମୁକାବିଲା ସକାଶେ ପ୍ରତି କମ୍ପାନୀକୁ ୧.୭୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିବାବେଳେ ଉକ୍ତ ଅର୍ଥ ସାମାଜିକ କାର୍ଯ୍ୟରେ ଖର୍ଚ୍ଚ କରାଯାଉଛି। ଚଳିତଥର ସିଆରପିଏଫ୍ ରାୟଗଡ଼ା ରେଞ୍ଜରେ ୭୦ ହଜାର ଚାରାରୋପଣ ଓ ଦିବ୍ୟାଙ୍ଗଙ୍କୁ ସହାୟତା ପ୍ରଦାନ କରାଯିବ ବୋଲି ଆଇଜି ସୂଚନା ଦେଇଛନ୍ତି।

### କାମ କରିବାକୁ ୭ ଯୁବକଙ୍କୁ ଆନ୍ଧ୍ର ନେଇଗଲେ

ମାଲକାନଗିରି,୨୫।୬ (ଡି.ଏନ୍.ଏ.)

କରୋନା ରୋଗ ପାଇଁ ସାରା ବିଶ୍ୱ ଚିନ୍ତିତ। ୫ ଲକ୍ଷରୁ ଊର୍ଦ୍ଧ୍ୱ ପ୍ରବାସୀଙ୍କୁ ନିଜ ରାଜ୍ୟକୁ ସରକାର ଫେରାଇ ଆଣି ସେମାନେ କିପରି କର୍ମନିଯୁକ୍ତି ପାଇବେ ସେନେଇ ଗୁରୁତ୍ୱ ଦେଉଛନ୍ତି। ଏପରି କ୍ଷେତ୍ରରେ ୨ଜଣ ବ୍ୟକ୍ତି ମାଥିଲି ବ୍ଲକ ସିନ୍ଧିଗୁଡା ଗ୍ରାମରେ ପହଞ୍ଚି ୭ଜଣ ଯୁବକଙ୍କୁ ପ୍ରଲୋଭିତ କରି ଗତ ୧୯ରେ ଏକ ବୋରୱେଲ କମ୍ପାନୀରେ କାମ କରିବା ପାଇଁ ବାଧ୍ୟକରି ଏକ ଗାଡି (ଏପି ୩୫ ଭି-୭୮୯୯)ରେ ଆନ୍ଧ୍ରକୁ ନେଇଯାଇଥିବା ସମ୍ପୃକ୍ତ ଯୁବକଙ୍କ ପରିବାର ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମହୁପଦର ଫାଣ୍ଡି ଅଧିକାରୀ ଆର୍.କେ ଶବର, ମହୁପଦର ସରପଞ୍ଚ ଶିବଶଙ୍କର ଦୁରୁଆଙ୍କୁ ପଚାରିବାରୁ ସେମାନେ କହିଛନ୍ତି ଯେ, ଏ ବିଷୟରେ ଅନୁଧ୍ୟାନ କରାଯାଇ ସେମାନଙ୍କୁ ଆନ୍ଧ୍ରରୁ ଫେରାଇ ଅଣାଯିବା ବ୍ୟବସ୍ଥା କରାଯିବ।

## କୃଷିଭିତ୍ତିକ ଯୋଜନାର ସମୀକ୍ଷା କଲେ ମନ୍ତ୍ରୀ

ନବରଙ୍ଗପୁର,୨୫।୬(ବି.ପ୍ର.)

କୃଷି ଓ କୃଷକ ସଶକ୍ତୀକରଣ,ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ଡ. ଅରୁଣ କୁମାର ସାହୁ ଗୁରୁବାର ନବରଙ୍ଗପୁର ଗସ୍ତରେ ଆସି ସ୍ଥାନୀୟ ସର୍କିଟ ହାଉସଠାରେ କୃଷିଭିତ୍ତିକ ଯୋଜନା ସମ୍ପର୍କରେ ସମୀକ୍ଷା କରିଥିଲେ। ଏଥିରେ ଏମ୍‌ପି ରମେଶ ଚନ୍ଦ୍ର ମାଝି, ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ନବରଙ୍ଗପୁର ବିଧାୟକ ସଦାଶିବ ପ୍ରଧାନୀ, ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝି, କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ସ୍ୱତନ୍ତ୍ର ସଚିବ ଏସ୍ .କେ. ବଶିଷ୍ଠ, କୃଷି ବିଭାଗ ନିର୍ଦ୍ଦେଶକ ଏମ୍.ମୁଥୁକୁମାର, ଜିଲାପାଳ ଅଜିତ କୁମାର ମିଶ୍ର, ଏସ୍‌ପି ନୀତିନ କୁଶଲକର ଉପସ୍ଥିତ ଥିଲେ। କୃଷି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ, ଉଦ୍ୟାନ କୃଷି ଓ ମୃତ୍ତିକା ସଂରକ୍ଷଣ, ସମବାୟ ବିଭାଗର ଅଧିକାରୀମାନେ ଯୋଗଦେଇ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ କରାଇଥିଲେ। ମହାମାରୀ କରୋନା ସମୟରେ ଲୋକଙ୍କ ଜୀବନ ଓ ଜୀବିକାକୁ ଦୃଷ୍ଟିରେ ରଖି କୃଷି ଓ ଏହାର ସହବନ୍ଧିତ ବିଭାଗକୁ ଅଧିକ ପ୍ରାଧାନ୍ୟଦେବାକୁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। ଡିଆର୍‌ଡିଏର ପ୍ରକଳ୍ପ ନିର୍ଦ୍ଦେଶକ ରମାକାନ୍ତ ନାୟକ, ଉପଜିଲାପାଳ ଭାସ୍କର ରଇତ, ସିଡିଏମ୍‌ଓ ସନ୍ତୋଷ କୁମାର ସ୍ୱାଇଁ, ଜିଲା ମୁଖ୍ୟ କୃଷି ଅଧିକାରୀ ବ୍ରଜକିଶୋର ଲେଙ୍କା, ଜିଲା ଜଳ ବିଭାଜିକା ପ୍ରକଳ୍ପର ନିର୍ଦ୍ଦେଶକ ପ୍ରଦୀପ ନାୟକ, ଉପଉଦ୍ୟାନ ନିର୍ଦ୍ଦେଶକ ପ୍ରଦୋଷ କୁମାର ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ମନ୍ତ୍ରୀ ସାହୁ ନବରଙ୍ଗପୁରରେ ପହଞ୍ଚିବା ପରେ ବିଜେଡି ନେତାମାନେ ତାଙ୍କୁ ସ୍ୱାଗତ କରିଥିଲେ।

## ଷ୍ଟାଫ ନର୍ସଙ୍କୁ ଡାକ୍ତରଙ୍କ ମାଡ଼

କୋରୁକୋଣ୍ଡା,୨୫।୬(ଡି.ଏନ.ଏ.)–

ମାଲକାନଗିରି ଜିଲା ବାଲିମେଳା ଏନଏସିସ୍ଥିତ ଡାକ୍ତରଖାନାରେ ଗୁରୁବାର ସନ୍ଧ୍ୟାରେ କାର୍ଯ୍ୟରତ ଡାକ୍ତର ମଦ୍ୟପାନ କରି ଜଣେ ନର୍ସଙ୍କୁ ମାଡ ମାରିବା ସହ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏନେଇ ନର୍ସ ଜଣକ ଥାନାରେ ଏତଲା ଦେଇଛନ୍ତି। ଖବରରୁ ଜଣାପଡିଛି ଅପରାହ୍ନ ସାଢେ ୪ଟାରେ ଡାକ୍ତର ଜଣକ ନର୍ସଙ୍କୁ ଲେବର ରୁମ୍‌କୁ ଡାକିଥିଲେ। ଡାକ୍ତର ମଦ୍ୟପାନ କରିଥିବା ଜାଣି ନର୍ସ ସେଠାକୁ ଯାଇ ନ ଥିଲେ। ନର୍ସ ଜଣକ ଡ୍ୟୁଟି ରୁମ୍‌କୁ ଯିବା ବେଳେ ଡାକ୍ତର ତାଙ୍କ ପଛରେ ଯାଇ ସେଠାରେ ତାଙ୍କୁ ଗାଳିଗୁଲଜ କରି ଚୁଟି ଘୋଷାରି ମାଡ ମାରି ତଳେ ପକାଇ ଦେଇଥିଲେ। ପରେ ଏନେଇ ନର୍ସ ଜଣକ ଓର୍କେଲ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଏକ ମାମଲା ରୁଜୁ କରି ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଘଟଣା ପରେ ଡାକ୍ତର ଜଣକ ଫେରାର ହୋଇଯାଇଥିବା ଥାନା ଅଧିକାରୀ ଜଗଦ୍ଦିଶ ବାରା କହିଛନ୍ତି। ସୂଚନାଯୋଗ୍ୟ ଯେ, ଏହି ଡାକ୍ତରଖାନାରେ ୨ଜଣ ଡାକ୍ତର କାର୍ଯ୍ୟ କରୁଥିଲେ। ଜଣେ ଡାକ୍ତର କୋଭିଡ-୧୯ ଡ୍ୟୁଟିରେ ୩ମାସ ହେଲା ମାଲକାନଗିରିରେ ଅଛନ୍ତି।

### ଗିରଫ ପ୍ରତିବାଦରେ ଥାନା ଘେରାଉ

ଦାମନଯୋଡି,୨୫।୬(ଡି.ଏନ.ଏ.)– କୋରାପୁଟ ଜିଲା ଦାମନଯୋଡି ପୋଲିସ ୩ଜଣଙ୍କୁ ଘରୁ ଉଠାଇ ନେଇ ଗିରଫ କରିଥିବାରୁ ଗୁରୁବାର ପଟ୍ଟାଙ୍ଗି ଥାନା ଅନ୍ତର୍ଗତ ମାଳିଗଗୁଡା ଗ୍ରାମର ଶତାଧିକ ଗ୍ରାମବାସୀ ଥାନା ଘେରାଉ କରିଥିଲେ। ଏନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଖବରରୁ ଜଣାପଡିଛି ୨ଦିନ ତଳେ ଏକ ଭ୍ୟାନରେ ଗଞ୍ଜେଇ ଚାଲାଣ ବେଳେ ଧରି୩ଜଣଙ୍କୁ ଗିରଫ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ମାଳିଗୁଡା ଗ୍ରାମର ସଲମନ ବାଙ୍ଗା, ପିତର ବାରିକ ଓ ପୁକାଳି ଗ୍ରାମର ସୀମାଦ୍ରି ରାଜୁ। ତେବେ ୨ ଦିନ ତଳେ ଏମାନଙ୍କୁ ପୋଲିସ ଘରୁ ଉଠାଇ ନେଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ସେମାନଙ୍କ ଲୋକଙ୍କୁ ଥାନାକୁ ଯାଇ ଖୋଜିଥିଲେ ମଧ୍ୟ ପାଇ ନ ଥିଲେ। ପରେ ସେମାନେ କୋରାପୁଟ ଏସ୍‌ପିଙ୍କୁ ଭେଟିଥିଲେ। ପରେ ଦାମନଯୋଡି ଥାନାରେ ସେମାନଙ୍କ ଲୋକମାନେ ଥିବା ଜାଣି ଗୁରୁବାର ଦାମନଯୋଡି ଆସି ପୋଲିସକୁ ପଚାରିଥିଲେ। ସେମାନଙ୍କୁ ଅଟକ ରଖାଯିବା ନେଇ ପ୍ରଶ୍ନ ଉଠାଇ ଥାନା ଘେରାଉ କରିଥିଲେ। ଗଞ୍ଜେଇ ଚୋରା ଚାଲାଣ ଯୋଗୁ ସେମାନଙ୍କୁ ଗିରଫ କରାଯାଇଛି ବୋଲି ଥାନା ଅଧିକାରୀ ସମ୍ପିତ କୁମାର ବେହେରା କହିଛନ୍ତି।

## ବିଦ୍ୟୁତ୍ ଆଘାତରେ ଜଣେ ମୃତ

ଜୟପୁର,୨୫।୬ (ଡି.ଏନ.ଏ )

ଜୟପୁର ସଦରଥାନା ମୁଣ୍ଡିଗୁଡା ଗ୍ରାମରେ ଗୁରୁବାର ବିଦ୍ୟୁତ ଆଘାତରେ ସୁତି ଖିଲ (୪୦)ଙ୍କ ମୃତ୍ୟୁ ହୋଇଛି। ଘରର ବଲବ୍ ପରିବର୍ତ୍ତନ କରୁଥିବା ବେଳେ ହଠାତ ତାଙ୍କୁ ବିଦ୍ୟୁତ ଆଘାତ ଲାଗିଥିଲା। ଏଥିରେ ସେ ଅଚେତ ହୋଇଯାଇଥିଲେ। ତାଙ୍କ ତୁରନ୍ତ ଡାକ୍ତରଖାନା ନିଆଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତାଙ୍କ ମୃତଦେହ ବ୍ୟବଚ୍ଛେଦ ନିମନ୍ତେ କୋରାପୁଟ ପଠାଯାଇଥିବା ସଦର ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ୩ କୁଇଣ୍ଟାଲ ୪୮ କେଜି ଗଞ୍ଜେଇ ଜବତ ,୨ ଗିରଫ

ପାପଡ଼ାହାଣ୍ଡି,୨୫।୬(ଡି.ଏନ୍.ଏ.)

ଏକ ଟିପ୍ପରରେ ଗଞ୍ଜେଇ ଚାଲାଣ ବେଳେ ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ପୋଲିସ ଚଢ଼ାଉକରି ୩ କୁଇଣ୍ଟାଲ ୪୮ କେଜି ଗଞ୍ଜେଇ ଜବତ କରିବା ସହ ଦୁଇ ଜଣକୁ ଗିରଫ କରିଛି। ଗିରଫ ବ୍ୟକ୍ତି ହେଲେ ଦେବଗଡ଼ ଜିଲାର ଟାଇସର ଗ୍ରାମର ନରେଶ ନାୟକ (୨୮) ଓ କନ୍ଧମାଳ ଜିଲାର ସୁରୁଗୁଜୁ ଗ୍ରାମର ନିରଞ୍ଜନ ବାଘ (୩୦)। କୋରାପୁଟ ଜିଲା କୋଟପାଡରୁ ସମ୍ବଲପୁରକୁ ଏକ ଟିପ୍ପର (ଓଆର୍୧୮ବି-୩୭୫୬)ରେ ଗଞ୍ଜେଇ ଯାଉଥିବା ପାପଡ଼ାହାଣ୍ଡି ପୋଲିସ ଖବର ପାଇ ମୃଗବିହାର ନିକଟରେ ଜଗି ରହିଥିଲେ। ପୋଲିସ ଟିପ୍ପରକୁ ଅଟକାଇବା ସମୟରେ ଡ୍ରାଇଭର ଗାଡ଼ି ନ ରଖି ଚାଲିଯାଇଥିଲେ। ପୋଲିସ ଟପ୍ପରକୁ ପିଛାକରି ପାପଡ଼ାହାଣ୍ଡି ପୁରୁଣା ଥାନା ନିକଟରେ ଅଟକାଇଥିଲା। ଗୁରୁବାର ତହସିଲଦାର ପ୍ରେମଲାଲ ହିଆଲଙ୍କ ଉପସ୍ଥିତିରେ ଓଜନ ବେଳେ ୧୪ଟି ବସ୍ତାରେ ୩ କୁଇଣ୍ଟାଲ ୪୮ କେଜି ଗଞ୍ଜେଇ ରହିଥିବା ଜଣାପଡ଼ିଛି। ପାପଡ଼ାହାଣ୍ଡି ଥାନାରେ ନଂ. ୮୮/୨୦ ମାମଲା ରୁଜୁ ହୋଇଛି। ଚଢ଼ାଉରେ ଥାନା ଅଧିକାରୀ ପ୍ରତ୍ୟୁଷ ମହାପାତ୍ର, ସବ୍‌ଇନ୍ସପେକ୍ଟର ଦିଲୀପ ପ୍ରଧାନ, ଅଶ୍ୱିନୀ ପଟ୍ଟନାୟକ, ପୀତାମ୍ବର ସାଗର, ଲଳିତମୋହନ, ଗୃହରକ୍ଷୀ କର୍ଣ୍ଣ ନାୟକ ପ୍ରମୁଖ ସାମିଲ ଥିଲେ।

## ୭୦ କେଜି ଗଞ୍ଜେଇ ଜବତ, ବାପପୁଅ ଗିରଫ

ପାରଳାଖେମୁଣ୍ଡି,୨୫।୬(ସ୍ୱ.ପ୍ର.):

ଗଞ୍ଜାମ ଜିଲାକୁ ଗଞ୍ଜେଇ ଚୋରାଚାଲାଣ ବେଳେ ଗଜପତି ଜିଲା ଅଡ଼ବା ପୋଲିସ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଶତ୍ରୁଘ୍ନ ନାୟକ(୫୦) ଏବଂ ପୁଅ ଶ୍ରୀକାନ୍ତ(୨୨)। ପୋଲିସ ଦୁହିଁଙ୍କ ନିକଟରୁ ୭୦ କେଜି ଗଞ୍ଜେଇ ଜବତ କରିଛି। ସୂଚନା ଅନୁଯାୟୀ, ଅଡ଼ବା ପୋଲିସ ରାତ୍ରି ପାଟ୍ରୋଲିଂ ସାରି ଫେରୁଥିବାବେଳେ ଭୋର ସମୟରେ ଦ୍ରୁତଗତିରେ ଯାଉଥିବା ଏକ ଅଟୋ(ଓଡି୦୭-୬୭୩୭)କୁ ସନ୍ଦେହରେ ଅଟକାଇଥିଲା। ଯାଞ୍ଚ ସମୟରେ ସେଥିରେ ୩ବସ୍ତା ଗଞ୍ଜେଇ ଥିବା ଜଣାପଡ଼ିଥିଲା। ଗଞ୍ଜେଇ ସହ ଅଟୋକୁ ଜବତ କରାଯାଇଥିବା ଏସ୍‌ଆଇ ଉତ୍କଳ ପ୍ରଧାନ ସୂଚନା ଦେଇଛନ୍ତି। ଏ ନେଇ ଅଡ଼ବା ଥାନା (ନଂ. ୪୮/୨୦)ରେ ଏକ ମାମଲା ରୁଜୁ ହୋଇଛି। ସମ୍ପୃକ୍ତ ବାପା ଓ ପୁଅଙ୍କୁ କୋର୍ଟ ଚାଲାଣ ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଜଣାପଡ଼ିଛି।

# ୪ ଡକାୟତି ଘଟଣାରେ ୧୨ ଗିରଫ

ନବରଙ୍ଗପୁର,୨୫।୬(ବି.ପ୍ର.)



ଖବରଦାତା ସମ୍ମିଳନୀରେ ଏସପି ନୀତିନ କୁଶଲକର ସୂଚନା ଦେଉଛନ୍ତି।

ନବରଙ୍ଗପୁର ଜିଲାର ୩ଟି ଥାନାରେ ରୁଜୁ ହୋଇଥିବା ୪ଟି ଡକାୟତି ଘଟଣାରେ ୧୨ ଜଣଙ୍କୁ ଗିରଫ କରାଯାଇଛି। ୪ ଜଣ ଫେରାର ରହିଛନ୍ତି। ସେମାନଙ୍କୁ ଅତିଶୀଘ୍ର ଗିରଫ କରାଯିବ ବୋଲି ଗୁରୁବାର ଏସ୍‌ପି ନୀତିନ କୁଶଲକର ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ କୋରାପୁଟ ଜିଲା କୋଟପାଡ ଥାନା ଅଧୀନ ଦାବୁଗୁଡା ଗାଁର ନରସିଂହ ହରିଜନ(୩୫), ନୂଆଗାଁର ପଦମ ହରିଜନ(୨୭), କୋଟପାଡ ଘାସିସାହିର ଚନ୍ଦନ ଖିରା(୧୯), ପାପଡାହାଣ୍ଡି ଥାନା ଅଧୀନ ସିଲକଗୁଡା ଗାଁର କୃପାସିନ୍ଧୁ ବିନ୍ଧାଣି(୩୫), ବୋରିଗୁମ୍ମା ଥାନା ଭାଟିଗାଁର ବାବୁଲା ହରିଜନ(୨୪), ଘିଲମିଲ ଗାଁର ଚନ୍ଦ୍ର ନାୟକ ଓରଫ ଖଇରୁ (୧୯), ବଙ୍ଗଲଗୁଡା ଗାଁର ଅଫିର ଇବ୍ରାହିମ ଖୋରା(୧୯), କୋଟପାଡ ମେଡିକାଲ କଲୋନୀର ଦିପକ ବାହାଦୁର(୧୯), ସିଲକଗୁଡା ଗାଁର ଅଜୟ ହରିଜନ (୨୨), ଚନ୍ଦ୍ରସିଂ ହରିଜନ(୨୫), ସୁଶାନ୍ତ ବିନ୍ଧାଣି(୧୯), ଜୟପୁର ଟାଉନ ଥାନା ଅଧୀନ ଗାନ୍ଧିଛକ ନିକଟ ଡଙ୍ଗଗୁଡା ଗାଁର ବାବୁଲି ପଟ୍ଟନାୟକ(୨୧)। ସେମାନେ କୋଟପାଡ, ନୂଆଗାଁ, ବୋରିଗୁମ୍ମା ଓ ନବରଙ୍ଗପୁର ଜିଲାର ବିଭିନ୍ନ ଅଞ୍ଚଳରେ ଡକାୟତି କରିଥିବା କହିଛନ୍ତି। ସେମାନଙ୍କଠାରୁ ନଗଦ ୧ ଲକ୍ଷ ୧୨ ହଜାର ୨ଶହ ଟଙ୍କା, ୧୫ ଗ୍ରାମ ଓଜନର ସୁନା ଅଳଙ୍କାର, ୬୦୦ ଗ୍ରାମ ଓଜନର ରୁପା ଅଳଙ୍କାର, ୩ଟି ବାଇକ, ଗୋଟିଏ ଶାବଳ, ୨ଟି କଟୁରି, ଗୋଟିଏ ଛୁରି, ଗୋଟିଏ ପିସ୍ତଲ, ୫ଟି ମୋବାଇଲ, ୨ଟି ଖଣ୍ଡା ସମେତ ବିଭିନ୍ନ ସାମଗ୍ରୀ ଜବତ କରାଯାଇଛି। ସିଲକଗୁଡା ଗାଁର କୃପାସିନ୍ଧୁ ବିନ୍ଧାଣି ଏକ ୧୫ ଜଣିଆ ଟିମ୍ କରି ବିଭିନ୍ନ ସ୍ଥାନରେ ଡକାୟତି କରାଉଥିଲେ। ଏସମସ୍ତ ଡକାୟତି ଘଟଣାରେ କୃପାସିନ୍ଧୁ ମାଷ୍ଟରମାଇଣ୍ଡ ବୋଲି ଏସ୍‌ପି କହିଛନ୍ତି।

ଡାବୁଗାଁ ଥାନା ଅଧୀନ ହଳଦୀଗୁଡା ଗାଁର ଫିରଦୋଷ ଖାନ୍‌ଙ୍କ ଘରେ ମେ ୨୫ ତାରିଖ ରାତିରେ ପ୍ରାୟ ୮ ଲକ୍ଷ ୧୫ ହଜାର ଟଙ୍କାର ବିଭିନ୍ନ ସାମଗ୍ରୀ ଡକାୟତି ହୋଇଥିଲା। ଏନେଇ ଥାନାରେ ନଂ. ୧୦୬/୨୦ ମାମଲା ରୁଜୁ ହୋଇଥିଲା। ସେହିଭଳି ଟିକିଲି ଠାରେ ଜୁନ ୧୦ ତାରିଖରେ ଅଚ୍ଚୁତ ଗୌଡଙ୍କ ଘରେ ଡକାୟତି ହୋଇଥିଲା। ଥାନାରେ ନଂ ୧୧୯/୨୦ ମାମଲା ରୁଜୁ ହୋଇଥିଲା। ନବରଙ୍ଗପୁର ଥାନା ଅଧୀନ ସିନ୍ଧିଗାଁର କାମଦେବ ଗୌଡଙ୍କ ଘରେ ଜୁନ ୧୪ ତାରିଖରେ ହୋଇଥିବା ଡକାୟତି ଘଟଣାରେ ଥାନାରେ ନଂ. ୧୪୪/୨୦ ମାମଲା ରୁଜୁ ହୋଇଥିଲା। କୋଡିଙ୍ଗା ଥାନା ଅଧୀନ ଦାନିଗୁଡା ଗାଁର ବିନୋଦ ମେହେଙ୍ଗାଙ୍କ ଘରେ ଡକାୟତି ହୋଇଥିଲା। ଏନେଇ ଥାନାରେ ନଂ ୬୪/୨୦ ମାମଲା ରୁଜୁ ହୋଇଥିଲା। ବାରମ୍ବାର ବିଭିନ୍ନ ଅଞ୍ଚଳରେ ଡକାୟତି ହେବା ଦ୍ୱାରା ଏସ୍‌ପିଙ୍କ ନେତୃତ୍ୱରେ ଡାବୁଗାଁ, ନବରଙ୍ଗପୁର, କୋଡିଙ୍ଗା ଓ ପାପଡାହାଣ୍ଡି ଥାନା ଅଧିକାରୀଙ୍କୁ ନେଇ ଏକ ଟିମ୍ ଗଠନ କରାଯାଇ ତଦନ୍ତ କରାଯାଇଥିଲା।

**ମାରଣାସ୍ତ୍ର, ପିସ୍ତଲ, ସୁନା, ରୁପା ଅଳଙ୍କାର, ୧ଲକ୍ଷ ୧୨ ହଜାର ଟଙ୍କା ଜବତ**

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୯ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଶୁକ୍ରବାର, ଜୁନ୍ ୨୬/୨୦୨୦ Balasore, Friday, June 26/2020

# ମାନୁଫାକ୍‌ଚରିଂକୁ ଉତ୍ସାହିତ କରିବେ ସରକାର

**ନୂଆଦିଲ୍ଲୀ,୨୫।୬**

କରୋନା ମହାମାରୀ ଯୋଗୁ ସାରା ବିଶ୍ୱର ଅର୍ଥ ବ୍ୟବସ୍ଥା ଉପରେ ଗଭୀର ପ୍ରଭାବ ପଡିଛି। ଚଳିତ ବର୍ଷ ଭାରତର ଜିଡିପି ୪.୫% ଖସିଯିବ ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି( ଆଇଏମ୍ଏଫ୍) ପୂର୍ବାନୁମାନ କରିଛି। ଅର୍ଥ ବ୍ୟବସ୍ଥାକୁ ଟ୍ରାକ୍‌କୁ ଆଣିବା ଲାଗି କେନ୍ଦ୍ର ସରକାର 'ଆତ୍ମନିର୍ଭର' ଭାରତ ଯୋଜନା ଉପରେ ଫୋକସ କରିଛନ୍ତି। ଚାଇନା ଭଳି ଦେଶଗୁଡିକର ନିର୍ଭରତା କମାଇବା ସହ ନିଜ ଦେଶରେ ସାମଗ୍ରୀ ଉତ୍ପାଦନ କରିବା ଉପରେ ଏବେ ଅଗ୍ରାଧିକାର ଦିଆଯାଉଛି। ଚାଇନା ସହ ଭାରତର ବାଣିଜ୍ୟ ନିଅଣ୍ଟ ସବୁବେଳେ ଅଧିକ ରହୁଛି। ଅର୍ଥାତ୍ ଭାରତ ଯେତେ ସାମଗ୍ରୀ ଚାଇନା ପଠାଉଛି ତା'ଠାରୁ ଢେର ଅଧିକ ସାମଗ୍ରୀ ସେଠାରୁ ଆଣୁଛି। ଭାରତକୁ ଚାଇନା ଭଳି ମାନୁଫାକ୍‌ଚରିଂ ହବରେ ରୂପାନ୍ତରିତ କରିବା ସହ ଅର୍ଥ ବ୍ୟବସ୍ଥାକୁ ନୂଆ ଗତି ପ୍ରଦାନ କରିବାକୁ ଯୋଜନା ରଖାଯାଇଛି। ଏହାକୁ କଥାରେ କହିବା ସହଜ କିନ୍ତୁ। କିନ୍ତୁ ପୂର୍ବର ଅନୁଭବଗୁଡିକୁ ବିଚାର କଲେ ଲକ୍ଷ୍ୟ ହାସଲ କରିବା କାଠିକର ପାଠ ବୋଲି ବିଶେଷଜ୍ଞ କୁହନ୍ତି।

କରୋନା ପାଇଁ ଯୋଗାଣ ଚେନ୍ କ୍ଷତିଗ୍ରସ୍ତ ହେବା ଯୋଗୁ ଚାଇନାରୁ କଞ୍ଚାମାଲ ଆସିବା ବାଧାପ୍ରାପ୍ତ ହୋଇଛି। ଏହି ସମୟରେ କମ୍ପାନୀ ବିଭିନ୍ନ ସମସ୍ୟା ସାମ୍ନା କରିଛନ୍ତି। ଅନେକ ଲୋକ ନିଯୁକ୍ତି ହରାଇଛନ୍ତି। ଭାରତରେ ମାନୁଫାକଚରିଂ ଦ୍ୱାରା ନିର୍ଭରତା ହ୍ରାସ ଏବଂ ଲୋକଙ୍କୁ ଚାକିରି ଦେବା ବର୍ତ୍ତମାନ ବିଶେଷ ଗୁରୁତ୍ୱ ବହନକରେ ବୋଲି ବଜାର ବିଶେଷଜ୍ଞ କହିଛନ୍ତି। ଭାରତରେ ପୂର୍ବରୁ ପିପିଇ କିଟ୍ ନିର୍ମାଣ ହେଉ ନ ଥିଲା। ଚାଇନାରୁ ଆସୁଥିବା ଏହି କିଟ୍ ଗୁଣବତ୍ତା ମାନକ ଠିକ୍ ନ ରହିବା ଯୋଗୁ ଘରୋଇ ବଜାରରେ ଏହା ପ୍ରସ୍ତୁତ ହେଉଛି। ବର୍ତ୍ତମାନ ଚାଇନା ପରେ ଭାରତ ଦ୍ୱିତୀୟ ସର୍ବବୃହତ୍ ପିପିଇ କିଟ୍ ଉତ୍ପାଦନକାରୀ ମାନ୍ୟତା ଲାଭ କରିଛି। ଏଭଳି ସ୍ଥିତିରେ ସରକାର 'ଲୋକାଲ ଫର୍ ଭୋକାଲ'କୁ ଅଧିକ ଗୁରୁତ୍ୱ ଦେବା କଥା ମଧ୍ୟ କହୁଛନ୍ତି। ସେହିଭଳି ଚାଇନାର ପ୍ରାୟ ୩୦୦ ଉତ୍ପାଦ ବର୍ଗରେ ସାମଗ୍ରୀ ଆମଦାନୀ ନ କରିବା ଲାଗି ଦେଶର ବିଭିନ୍ନ ସଂଘ ବୟକଟ ଚାଇନା ସାମଗ୍ରୀ କ୍ୟାମ୍ପେନ ଆରମ୍ଭ କରିଛନ୍ତି। ଏହାକୁ ସରକାର ମଧ୍ୟ ସମର୍ଥନ କରୁଛନ୍ତି। ବିଭିନ୍ନ ବର୍ଗରେ ସାମଗ୍ରୀରୁ ଆମଦାନୀ କମ୍ କରିବା ଲାଗି ଘରୋଇ ବଜାରରେ ପ୍ରଡକ୍ଟ ପ୍ରସ୍ତୁତି ଉପରେ ବର୍ତ୍ତମାନ ନଜର ରଖାଯାଇଛି।

## ଅର୍ଥ ବ୍ୟବସ୍ଥାକୁ ଗତି ଦେବା ଲାଗି ପ୍ରୟାସ



ଏଭଳି ସମୟରେ ଭାରତ ଆତ୍ମନିର୍ଭରତାର ପ୍ରକୃତ ଅର୍ଥକୁ ବୁଝିବାର ସମୟ ଆସିଛି ବୋଲି ବିଶେଷଜ୍ଞ ମତ ରଖନ୍ତି। ପ୍ରଧାନମନ୍ତ୍ରୀ ୨୦୧୪ରେ ମେକ୍ ଇନ୍ ଇଣ୍ଡିଆ ଯୋଜନା ଦ୍ୱାରା ଦେଶର ଅର୍ଥ ବ୍ୟବସ୍ଥାରେ ମାନୁଫାକଚରିଂର ରହିଥିବା ଯୋଗଦାନକୁ ୧୫%ରୁ ବଢାଇ ୨୦୨୦ ସୁଦ୍ଧା ୨୫% କରିବା ଲକ୍ଷ୍ୟ ରଖିଥିଲେ। ଏହାକୁ ସେତେଟା ସଫଳତା ମିଳିନାହିଁ। ବର୍ତ୍ତମାନ ସରକାର 'ଭୋକାଲ ଫର୍ ଲୋକାଲ' ଉପରେ ଜୋର ଦେଉଛନ୍ତି। ପ୍ରତି କ୍ଷେତ୍ରରେ ଭାରତୀୟ କମ୍ପାନୀଗୁଡିକୁ ଉତ୍ସାହିତ କରାଯାଉଛି। କମ୍ପାନୀଗୁଡିକୁ ବିଶେଷ ସୁବିଧା ସୁଯୋଗ ଯୋଗାଣ ଉପରେ କାର୍ଯ୍ୟକ୍ରମ ଜାରି ରହିଛି। ୨୦୦ କୋଟି ଟଙ୍କା ପର୍ଯ୍ୟନ୍ତ ସରକାରୀ କଣ୍ଟ୍ରାକ୍ଟରେ ବିଦେଶୀ କମ୍ପାନୀଙ୍କୁ ସୁଯୋଗ ବନ୍ଦ କରାଯାଇଛି। ଏମ୍ଏସ୍ଏମ୍ଇ ଲାଗି ୩ ଲକ୍ଷ କୋଟି ଟଙ୍କାର ଋଣ ଗ୍ୟାରେଣ୍ଟି ଆସିଛି। ବିନା ଗ୍ୟାରେଣ୍ଟିରେ ସରକାର ଏହି ଋଣ ପ୍ରଦାନ ବ୍ୟବସ୍ଥା କରିଛନ୍ତି। ଅର୍ଥ ବିଶେଷଜ୍ଞଙ୍କ କହିବା ମୁତାବକ ସରକାର ନିବେଶକଙ୍କୁ ଆକର୍ଷିତ କରିବା ଲାଗି ସୁବିଧା ଦେବା ଆବଶ୍ୟକ। ଭାରତ ଏ କ୍ଷେତ୍ରରେ ବହୁତ ପଛୁଆ ରହିଛି। ବିଭିନ୍ନ ଅସବିଧାକୁ ସମାଧାନ କରିବା ଉପରେ ସରକାର କାମ କରନ୍ତୁ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି।

## ଆଇଟିଆର୍ ଫାଇଲିଂ, ପାନ୍-ଆଧାର ଲିଙ୍କ୍ ଅବଧି ବଢ଼ିଲା




**ନୂଆଦିଲ୍ଲୀ,୨୫।୬:** ଆର୍ଥିକ ବର୍ଷ ୨୦୧୮-୧୯ ଲାଗି ଆୟକର ରିଟର୍ନ(ଆଇଟିଆର୍) ଫାଇଲିଂ ଏବଂ ପାନ୍ ସହ ଆଧାର ଲିଙ୍କ୍ କରାଇବାର ଅବଧିକୁ କେନ୍ଦ୍ର ସରକାର ପୁଣି ଥରେ ବଢ଼ାଇଛନ୍ତି। ଚଳିତ ବର୍ଷ ଜୁଲାଇ ଶେଷ ଯାଏ ଟିକସଦାତା ଆୟକର ପଇଠ କରିପାରିବେ। ସେହିଭଳି ଲୋକମାନେ ଆସନ୍ତା ବର୍ଷ ମାର୍ଚ୍ଚ ୩୧ ଯାଏ ପାନ୍ ସହ ଆଧାରକୁ ଲିଙ୍କ୍ କରାଇପାରିବେ ବୋଲି ଜଣାପଡ଼ିଛି। ଆଇଟିଆର୍ ଫାଇଲିଂର ସୀମା ବୃଦ୍ଧି ନେଇ କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ(ସିବିଡିଟି) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ବର୍ତ୍ତମାନ କୋଭିଡ୍ ଯୋଗୁ ଲୋକମାନେ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ଲୋକଙ୍କୁ ଆଶ୍ୱସ୍ତି ପ୍ରଦାନ କରିବା ଲାଗି ସରକାର ଏଭଳି ପଦକ୍ଷେପ ଗ୍ରହଣ କରିଥିବା ଜଣାପଡ଼ିଛି।

## ଷ୍ଟ୍ରିଟ୍ ଭେଣ୍ଡର୍ସ ଆତ୍ମନିର୍ଭର ନିଧି ଯୋଜନା ପରିଚାଳନା କରିବେ ୩୪ ଅଧିକାରୀ

**ନୂଆଦିଲ୍ଲୀ,୨୫।୬:** ପ୍ରଧାନମନ୍ତ୍ରୀ ଷ୍ଟ୍ରିଟ ଭେଣ୍ଡରର୍ସ ଆତ୍ମନିର୍ଭର ନିଧି ଯୋଜନାର ସୁପରିଚାଳନା ପାଇଁ କେନ୍ଦ୍ରସରକାର ଗୁରୁବାର ୩୪ଜଣ ବରିଷ୍ଠ ପ୍ରଶାସକଙ୍କୁ ନୋଡାଲ ଅଫିସର ଭାବେ ନିଯୁକ୍ତ କରିଛନ୍ତି।ଏହି ଅଧିକାରୀମାନେ ସମ୍ପୃକ୍ତ ରାଜ୍ୟର ରାଜ୍ୟ ସରକାରଙ୍କ ସହ ମିଳିତ ଭାବେ କାର୍ଯ୍ୟ କରିବେ। ଉକ୍ତ ଯୋଜନାର କାର୍ଯ୍ୟକାରୀ ଏବଂ ତଦାରଖ ବିଷୟରେ ଏହି ଅଧିକାରୀମାନେ ଗୁରୁଦାୟିତ୍ୱ ନିର୍ବାହ କରିବେ ବୋଲି ଗୁରୁବାର ଏ ସମ୍ପର୍କରେ ବିଭାଗୀୟ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଆସନ୍ତା ଜୁଲାଇ ୧ରୁ ଏହି ଯୋଜନା ସାରା ଦେଶରେ କାର୍ଯ୍ୟକାରୀ ହେବ। କୋଭିଡ୍-୧୯ ଏବଂ ଲକଡାଉନ ସମସ୍ୟାରେ ସମ୍ମୁଖୀନ ହୋଇଥିବା ସବୁ ବର୍ଗର ଉଠା ଦୋକାନୀମାନଙ୍କୁ ସୁଲଭ ହାରରେ ଏହି ଯୋଜନାରୁ ଋଣ ପ୍ରଦାନ କରାଯାଇପାରିବ। ଫଳରେ ସେମାନେ ଜୀବିକା ନିର୍ବାହ କରି ପାରିବେ ବୋଲି କୁହାଯାଇଛି। ଏହି ଯୋଜନା ମାଧମରେ ହିତାଧିକାରୀଙ୍କୁ ୧୦ ହଜାର ଟଙ୍କାର ସହାୟତା ଋଣ ମାଧମରେ ଯୋଗାଇଦେବାର ବ୍ୟବସ୍ଥା କରାଯାଇଛି। ଉକ୍ତ ଯୋଜନାର ସଫଳ କାର୍ଯ୍ୟକାରୀ ଓ ତଦାରଖ ଏବଂ ସମାଧାନ ପାଇଁ ଏହି ଅଧିକାରୀମାନଙ୍କୁ ନିଯୁକ୍ତ କରାଯାଇଥିବା ମନ୍ତ୍ରଣାଳୟ ମତ ଦେଇଛି।

## ୧୨ ଅଗଷ୍ଟଯାଏ ରେଗୁଲାର ଟ୍ରେନ୍ ବାତିଲ

**ନୂଆଦିଲ୍ଲୀ,୨୫।୬**

କୋଭିଡ୍-୧୦ ସଂକ୍ରମଣ ଜନିତ ସମସ୍ୟା ସାଙ୍ଗକୁ କରୋନା କଟକଣା ପାଇଁ ଅଗଷ୍ଟ ୧୨ ପର୍ଯ୍ୟନ୍ତ ସମସ୍ତ ରେଗୁଲାର ଟ୍ରେନ ଚଳାଚଳ ବନ୍ଦ ରହିବ। ଏହି ଟ୍ରେନ୍‌ଗୁଡ଼ିକର ଟାଇମ ଟେବୁଲକୁ ପରିବର୍ତ୍ତନ କରାଯିବା ସହ ପାସେଞ୍ଜର, ଏକ୍ସପ୍ରେସ ଏବଂ ଯାତ୍ରୀବାହୀ ଓ ସହରତଳି ଟ୍ରେନ୍ ସେବାକୁ ବନ୍ଦ ରଖିବା ପାଇଁ ଗୁରୁବାର ରେଲୱେ ବୋର୍ଡ ସୂଚନା ଦେଇଛି। ପରିସ୍ଥିତିର ଗଭୀରତାକୁ ନଜରରେ ରଖି ବୋର୍ଡ ଏହି ନିଷ୍ପତ୍ତି ନେଇଥିବା କହିଛି।



ସେହିପରି ଜୁଲାଇ ୧ ରୁ ଅଗଷ୍ଟ ୧୨ ପର୍ଯ୍ୟନ୍ତ ବୁକିଙ୍ଗ ହୋଇଥିବା ଏହି ସବୁ ଟ୍ରେନର ଅଗ୍ରିମ ଟିକେଟକୁ ବୋର୍ଡ ରଦ୍ଦ କରିବା ସହ ସେବା ବନ୍ଦ କରିବା ପାଇଁ ବୋର୍ଡ ପକ୍ଷରୁ କୁହାଯାଇଛି। ସ୍ୱତନ୍ତ୍ର ଟ୍ରେନଗୁଡ଼ିକ ପୂର୍ବଭଳି ଚଳପ୍ରଚଳ କରିବ ବୋଲି ରେଲୱେ ସୂଚନା ଦେଇଛି।

## ରାଣା କପୁରଙ୍କ ବିରୋଧରେ ସିବିଆଇ ଚାର୍ଜଶିଟ୍

**ମୁମ୍ବାଇ,୨୫।୬**

ଋଣ ଠକେଇ ମାମଲାରେ ୟେସ୍ ବ୍ୟାଙ୍କ ପ୍ରତିଷ୍ଠାତା ରାଣା କପୁରଙ୍କ ବିରୋଧରେ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ) ଗୁରୁବାର ଚାର୍ଜଶିଟ ଦାୟର କରିଛି। ଏହା ପୂର୍ବରୁ ଇଡି ମଧ୍ୟ ଉକ୍ତ ମାମଲାରେ ଚାର୍ଜଶିଟ୍ ଦାଖଲ କରିସାରିଛି। ମୁମ୍ବାଇର ସେସନ କୋର୍ଟରେ ଦାଖଲ ହୋଇଥିବା ଚାର୍ଜଶିଟ୍‌ରେ ମୋଟ ୧୧ ଜଣଙ୍କ ନାମ ଉଲ୍ଲେଖ ରହିଛି। ଠକେଇ, ଆପରାଧିକ ଷଡ଼ଯନ୍ତ୍ର ଦ୍ୱାରା ରାଣା କପୁର ଡିଏଚ୍ଏଫ୍ଏଲ୍ ପ୍ରମୋଟର ଧୀରଜ ଏବଂ କପିଲ ୱାଧୱାନଙ୍କୁ ଋଣ ମଞ୍ଜୁର କରିଥିବା ଚାର୍ଜଶିଟ୍‌ରେ କୁହାଯାଇଛି। ମାର୍ଚ୍ଚ ୭ରେ ପ୍ରଥମେ କପୁରଙ୍କ ବିରୋଧରେ ମାମଲା ଦାୟର କରାଯାଇଥିଲା। ୧୦୦ରୁ ଊର୍ଦ୍ଧ୍ୱ ପୃଷ୍ଠା ବିଶିଷ୍ଟ ଚାର୍ଜଶିଟ୍‌ରେ ଡିଏଚ୍ଏଫ୍ଏଲ୍, ଏହାର ପ୍ରମୋଓର ୱାଧୱାନ, ରାଣା କପୁରଙ୍କ ଝିଅଙ୍କ କମ୍ପାନୀ ଡିଓଆଇଟି ଅର୍ବାନ ଭେଞ୍ଚର ଲିମିଟେଡ୍‌ର ନାମ ରହିଛି। ପ୍ରଥମେ ଡିଏଚ୍ଏଫ୍ଏଲ୍‌କୁ ୟେସ୍ ବ୍ୟାଙ୍କ ଦ୍ୱାରା କପୁର ଋଣ ଯୋଗାଇଦେଇଥିଲେ। ପରେ କପୁରଙ୍କ ଝିଅ ଏବଂ ତାଙ୍କ ଦ୍ୱାରା ପରିଚାଳିତ ପ୍ରାୟ ୧୦୦ କମ୍ପାନୀ ଡିଏଚ୍ଏଫ୍ଏଲ୍‌ଠାରୁ ଅନୁକମ୍ପା ଲାଭ କରିଥିବା ରିପୋର୍ଟରେ ଉଲ୍ଲେଖ କରାଯାଇଛି। ସିବିଆଇ ଏହାର ଏଫ୍ଆଇଆର୍‌ରେ କହିଛି ଯେ, ୨୦୧୮ ଏପ୍ରିଲରୁ ଜୁନ ମଧ୍ୟରେ ବ୍ୟାଙ୍କକୁ କଳାକନା ବୁଲାଇବା ଆରମ୍ଭ କରିଥିଲେ। ଏହି ସମୟରେ ଋଣ ଗ୍ରସ୍ତ ଡିଏଚ୍ଏଫ୍ଏଲ୍‌ରେ



ୟେସ୍ ବ୍ୟାଙ୍କ ସ୍ୱଳ୍ପ ମିଆଦୀ ଡିବେଞ୍ଚର ଭାବେ ୩,୭୦୦ କୋଟି ଟଙ୍କା ନିବେଶ କରିଥିଲା। ଏହା ପ୍ରତି ବଦଳରେ ୱାଧୱାନ ରାଣା କପୁରଙ୍କୁ ୬୦୦ କୋଟି ଟଙ୍କା ଫେରାଇଥିଲେ। ଏହି ଅର୍ଥ ରାଣା କପୁରଙ୍କ ପାରିବାରିକ ଫାର୍ମ ଡିଓଆଇଟି ଭେଞ୍ଚରକୁ ପ୍ରଦାନ କରାଯାଇଥିଲା। ସେହିଭଳି କପିଳ ଏବଂ ଧୀରଜ ୱାଧୱାନଙ୍କ ଦ୍ୱାରା ପରିଚାଳିତ ଅନ୍ୟ ଏକ କମ୍ପାନୀକୁ ମଧ୍ୟ ୟେସ୍ ବ୍ୟାଙ୍କ ୭୫୦ କୋଟି ଟଙ୍କାର ଅନ୍ୟ ଏକ ଋଣ ମଞ୍ଜୁର କରିଥିଲା। ଏହା ଉପରେ ଏଜେନ୍ସି ବର୍ତ୍ତମାନ ଖୋଳତାଡ ଜାରି ରଖିଛି। ସେହିଭଳି କପୁରଙ୍କ ୫୦୫୦ କୋଟି ନେଣଦେଣ ଉପରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଚାର୍ଜଶିଟ୍ ଦାଖଲ କରିଥିଲେ। କର୍ପୋରେଟଗୁଡିକୁ ବେଆଇନ ଋଣ ଯୋଗାଣ, ନିଜ ପଦବୀର ଅପବ୍ୟବହାର, ବେଆଇନ ଅର୍ଥ କାରବାର ଲାଗି ଭୂତ କମ୍ପାନୀ ସ୍ଥାପନ, ବେଆଇନ ଭାବେ ସମ୍ପତ୍ତି ସୃଷ୍ଟିଭଳିଅଭିଯୋଗ କପୁରଙ୍କ ବିରୋଧରେ ରହିଛି। କପୁରଙ୍କ ବାଦ୍ ଇଡି ଚାର୍ଜଶିଟ୍‌ରେ ତାଙ୍କ ସ୍ତ୍ରୀ ବିନ୍ଦୁ, ତିନି ଝିଅ(ରାକ୍ଷୀ, ରୋଶନୀ, ରାଧା), ୩ ଫାର୍ମ (ମୋର୍ଗାନ କ୍ରେଡିଟ, ଆର୍ଏବି ଏଣ୍ଟରପ୍ରାଇଜେସ, ଡିଓଆଇଟି ଅର୍ବାନ ଭେଞ୍ଚର)ନାମ ରହିଛି।

# ତେଲ ଦର ଆକାଶ ଛୁଆଁ

**ନୂଆଦିଲ୍ଲୀ,୨୫।୬**

କୋଭିଡ୍-୧୯ ସଂକ୍ରମଣ ଜନିତ ସମସ୍ୟା ଦେଶର ସାଧାରଣ ଜନତାଙ୍କ ଅଣ୍ଟା ଭାଙ୍ଗି ଦେଇଛି। ଏହି ସମୟରେ କ୍ରମାଗତ ତୈଳ ଦର ବୃଦ୍ଧି ଗ୍ରାହକଙ୍କ ମୁଣ୍ଡରେ ଚଡକ

### ଡିଜେଲ ଦର ୮୦ ପାର



ପକାଇଛି। ଗୁରୁବାର ତୈଳ ଦର ଡିଜେଲ ଲିଟର ପିଛା ୧୪ ପଇସା ଏବଂ ପେଟ୍ରୋଲ ୧୬ ପଇସା ବୃଦ୍ଧି ଘଟିଛି। ଫଳରେ ଡିଜେଲ ଦର ବର୍ତ୍ତମାନ ଲିଟର ପିଛା ୧୦.୬୪ ଟଙ୍କା ଏବଂ ପେଟ୍ରୋଲ ୮.୬୬ ଟଙ୍କା ବଢିଛି। ଗୁରୁବାର ଦିଲ୍ଲୀରେ ପେଟ୍ରୋଲ ଦର ୭୯.୭୬ ଟଙ୍କାରୁ ବୃଦ୍ଧି ପାଇ ୭୯.୯୨ଟଙ୍କା ଏବଂ ଡିଜେଲ ଦର ୭୯.୮୮ଟଙ୍କାରୁ ୮୦.୦୨ ଟଙ୍କାକୁ ବଢିଛି। ସେହିପରି ଭୁବନେଶ୍ୱରର ପେଟ୍ରୋଲ ଲିଟର ପିଛା ୮୦.୪୭ ଟଙ୍କା ଓ ଡିଜେଲ ଲିଟର ପିଛା ୭୮.୧୮ଟଙ୍କା ରହିଛି। ଏହି ଦର ବୃଦ୍ଧି ଫଳରେ ଦିଲ୍ଲୀରେ ପ୍ରଥମ ଥର ପାଇଁ ଡିଜେଲ ଲିଟର ପିଛା ୮୦ ଟଙ୍କା ପାର କରିଛି। ପ୍ରମୁଖ ତୈଳ ବିପଣନ କମ୍ପାନୀଗୁଡିକର ସୂଚନା ଅନୁସାରେ, ଦେଶର ପ୍ରମୁଖ ୪ଟି ମେଟ୍ରୋ ସହରରେ ତେଲ ଦର ଦିଲ୍ଲୀରେ ପେଟ୍ରୋଲ ୭୯.୯୨ ଟଙ୍କା ଓ ଡିଜେଲ ୮୦.୦୨ ଟଙ୍କା, କଲିକତାରେ ପେଟ୍ରୋଲ ୮୧.୬୧ ଟଙ୍କା ଓ ଡିଜେଲ ୭୫.୧୮ ଟଙ୍କା, ମୁମ୍ବାଇରେ ପେଟ୍ରୋଲ ୮୬.୭୦ ଟଙ୍କା ଓ ଡିଜେଲ ୭୮.୩୪ ଟଙ୍କା ଏବଂ ଚେନ୍ନାଇରେ ପେଟ୍ରୋଲ ୮୩.୧୮ ଟଙ୍କା ଓ ଡିଜେଲ ୭୭.୨୯ ଟଙ୍କା ଛୁଇଁଛି। ଗତ ୧୯ ଦିନ ମଧ୍ୟରେ ତେଲ ଦର କ୍ରମଶଃ ବଢି ଚାଲିଛି। ଅନ୍ତର୍ଜାତୀୟ ତୈଳ ବଜାରର ଦର ହ୍ରାସ ନ ହେବା ପର୍ଯ୍ୟନ୍ତ ତେଲ ଦର ବୃଦ୍ଧିରେ ରୋକ ଲାଗିବା ଅସମ୍ଭବ ବୋଲି ରାଷ୍ଟ୍ରାୟତ୍ତ ତୈଳ ବିପଣନ କମ୍ପାନୀ ଗୁଡିକ ମତ ଦେଇଛନ୍ତି। ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଲାଗୁ କରାଯାଉଥିବା ବିଭିନ୍ନ ଶୁଳ୍କ ମଧ୍ୟ ତେଲ ଦର ବୃଦ୍ଧିରେ ପ୍ରମୁଖ କାରଣ ପାଲଟିଥିବା ଆଇଓସିଏଲର ଅଧକ୍ଷ ସଞ୍ଜୀବ ସିଂହ ମତ ଦେଇଛନ୍ତି। ଚଳିତ ମାସ ଜୁନ ୭ ରୁ ଆଜି ପର୍ଯ୍ୟନ୍ତ (ଗୁରୁବାର) ଦେଶର ତେଲ ଦର କ୍ରମାଗତ ଭାବରେ ବୃଦ୍ଧି ପାଇ ଚାଲିଛି। ଫଳରେ ପେଟ୍ରୋଲ ଉପରେ ୮.୬୬ ଟଙ୍କା ଏବଂ ଡିଜେଲ ୧୦.୬୪ ଟଙ୍କା ବଢ଼ି ସାରିଛି। ଏହି ତେଲ ଦର ବୃଦ୍ଧିକୁ ନେଇ ବିଭିନ୍ନ ଅନୁଷ୍ଠାନ, ସଙ୍ଗଠନ ଏବଂ ରାଜନୈତିକ ଦଳଗୁଡ଼ିକ ପକ୍ଷରୁ ବିରୋଧ ପ୍ରଦର୍ଶନ କରାଯିବା ସହ ଲୋକଙ୍କ ମଧ୍ୟରେ ଅସନ୍ତୋଷ ମଧ୍ୟ ବୃଦ୍ଧି ପାଉଛି।

## ଭାରତୀୟଙ୍କ ସୁଇସ୍ ବ୍ୟାଙ୍କ ଜମା ୬% ହ୍ରାସ

**ଜୁରିକ,୨୫।୬:** ଭାରତୀୟ ବ୍ୟକ୍ତି ବିଶେଷ ଏବଂ କମ୍ପାନୀଙ୍କ ସୁଇସ୍ ବ୍ୟାଙ୍କ ଜମାରେ ୨୦୧୯ରେ ୬% ହ୍ରାସ ଦେଖାଯାଇଛି। ଏହି ସମୟରେ ଭାରତୀୟ ମାନେ ସୁଇସ ବ୍ୟାଙ୍କ ତଥା ଭାରତ ଭିତ୍ତିକ ସୁଇସ ବ୍ୟାଙ୍କଗୁଡିକରେ ୮୯୯ ନିୟୁତ ସୁଇସ ଫ୍ରାଙ୍କ୍‌ସ ବା ୬୬୨୫ କୋଟି ଟଙ୍କା ଜମା ରଖିଛନ୍ତି। ସୁଇଜରଲାଣ୍ଡର କେନ୍ଦ୍ରୀୟ ବ୍ୟାଙ୍କ ଗୁରୁବାର ଏ ସମ୍ପର୍କରେ ସୂଚନା ଦେଇଥିବା ରିପୋର୍ଟରୁ ଏ ସମ୍ପର୍କରେ ଜଣାପଡିଛି। ଲଗାତର ଭାବେ ଦ୍ୱିତୀୟ ବର୍ଷ ଲାଗି ଭାରତୀୟଙ୍କ ମୋଟ ହାରାହାରି ଜମା ଉପରେ ହ୍ରାସ ହେଉଥିବା ଜଣାପଡ଼ିଛି। ଭାରତୀୟଙ୍କ ଜମା ଗତ ୩ ଦଶନ୍ଧି ମଧରେ ତୃତୀୟ ନିମ୍ନତମ ସ୍ତର।

## ୟୁଜରଙ୍କ ଲାଗି ଆସିଲା ସ୍ୱଦେଶୀ ଆପ୍ ଚିଙ୍ଗାରି

**ନୂଆଦିଲ୍ଲୀ,୨୫।୬:** ଚାଇନାର ଭାରତ ବିରୋଧୀ କାର୍ଯ୍ୟକଳାପ ଏବଂ ୨୦ ଯବାନ ଶହୀଦ ହେବା ଘଟଣାକୁ ନେଇ ଦେଶ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଚାଇନା ସାମଗ୍ରୀର ବୟକଟ କରିବା ନେଇ ସାରା ଦେଶରେ କ୍ୟାମ୍ପେନ ହେଉଥିବା ଦେଖାଯାଇଛି। ଏପଟେ ଚାଇନା ଆପ୍ ଟିକ୍‌ଟକ୍‌କୁ ଫୋନରୁ ହଟାଇବା ଲାଗି ଦାବି ଜୋର ଧରିଛି। ଏଭଳି ସ୍ଥିତିରେ ସ୍ୱଦେଶୀ ଆପ୍ଲିକେଶନ ଚିଙ୍ଗାରି ଆସିଛି। ଏହାକୁ ବୃହତ୍ତ ସଂଖ୍ୟାରେ ଲୋକ ଡାଉନଲୋଡ କରୁଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ବର୍ତ୍ତମାନ ପର୍ଯ୍ୟନ୍ତ ଏହାକୁ ୫ ଲକ୍ଷରୁ ଊର୍ଦ୍ଧ୍ୱ ଥର ଡାଉନଲୋଡ କରାଯାଇଥିବା ଆପ୍ଲିକେଶନର ଡେଭଲପର ଦାବି କରିଛନ୍ତି। ଗତ କିଛି ଦିନ ତଳେ ଟିକ୍‌ଟକ୍‌ର ସୁରକ୍ଷାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଏହାପରେ ବଜାରକୁ ଆସିଥିବା ମିତ୍ରୋ ଆପ୍‌ର ବ୍ୟବହାର ନେଇ କଥା ଉଠିଥିଲା। ବର୍ତ୍ତମାନ ଟିକ୍‌ଟକ୍‌କୁ ଟକ୍କର ଦେବା ଲାଗି ୟୁଜରଙ୍କ ଲାଗି ଚିଙ୍ଗାରି ଆପ୍ ଉପଲବ୍ଧ ଥିବା କୁହାଯାଉଛି। ଚିଙ୍ଗାରୀ ଏବଂ ମିତ୍ରୋ ଟିକଟକ ଭଳି ସର୍ଟ ଭିଡିଓ ଆପ୍ଲିକେଶନ।














3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ